# ଆଦିମ ଅଧିବାସୀ ଓ ଜୈବବିବିଧତା ସମ୍ମିଳନୀ

## ଏକ ଶିକ୍ଷଣ ସାଧନ ପୁସ୍ତିକା



# ଆଦିମ ଅଧିବାସୀ ଓ
# ଜୈବବିବିଧତା ସମ୍ମିଳନୀ
## ଏକ ଶିକ୍ଷଣ ସାଧନ ପୁସ୍ତିକା



ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ - ଏକ ଶିକ୍ଷଣ ସାଧନ ପୁସ୍ତିକା

( ଇଣ୍ଡିଜେନସ୍ ପିପୁଲ୍ସ ଆଣ୍ଡ ଦି କନ୍‌ଭେନ୍‌ସନ୍ ଅନ୍ ବାୟୋଲୋଜିକାଲ ଡାଇଭରସିଟି - ଆନ୍ ଏଜୁକେସନ ରିସୋର୍ସ ବୁକ୍ ର ଓଡିଆ ରୂପାନ୍ତର )

**ସତ୍ତ୍ୱ - ଟେବଟେବା ୨୦୧୦**

ସର୍ବସତ୍ତ୍ୱ ସଂରକ୍ଷିତ

ପ୍ରକାଶକଙ୍କ ବିନା ଅନୁମତିରେ ଏହି ପୁସ୍ତିକା ବା ଏହାର କୌଣସି ଅଂଶ ପୁନଃ ପ୍ରକାଶ କରାଯାଇ ପାରିବ ନାହିଁ।

ପ୍ରକାଶକ

ଟେବ୍‌ଟେବା ଫାଉଣ୍ଡେସନ୍, ନଂ – ୧, ରୋମାନ ଆଇସନ୍ ରୋଡ୍, ୨୬୦୦ ବାଗୁଇଓ ସିଟି, ଫିଲିପିନ୍ସ

ଟେଲିଫୋନ୍ – ୬୩ ୭୪ ୪୪୪୭୭୦୩, ଫାକ୍ସ – ୬୩ ୭୪ ୪୪୩୯୪୫୯

ଇମେଲ୍ – tebtebba@tebtebba.org, ୱେବ୍‌ସାଇଟ୍ – www.tebtebba.org

ଲେଖକ – ଜିଲ୍ କାରିନୋ

ଲେଖା ସଂପାଦକ ମଣ୍ଡଳୀ – ରେମଣ୍ଡ ଡି ଚାଭେଜ୍, ଜୁଡି କାରିନୋ ଏବଂ ଲେନ୍ ରେଗ୍‌ପାଲା

ସହକାରୀ – ମାର୍ଲି କାରିନୋ

ପ୍ରଚ୍ଛଦ ସଜ୍ଜା ଓ ଅଂଗସଜ୍ଜା - ପଲ୍ ମାଇକେଲ୍, କ୍ୟୁ ନିରା ଏବଂ ରେମଣ୍ଡ ଡି ଚାଭେଜ୍

ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ - ଏକ ଶିକ୍ଷଣ ସାଧନ ପୁସ୍ତିକା

ପ୍ରକାଶକ

ସାମାଜିକ ସେବାସଦନ, ଢେଙ୍କାନାଳ

ଟେଲିଫୋନ୍ – . . .. . .. . . ., ଫାକ୍ସ – . . . . . . . .

ଇମେଲ୍ – . . . . . . . . . ., ୱେବ୍‌ସାଇଟ୍ – . . . . . . . .

ପ୍ରକାଶନ ସମୟ – ଜୁନ୍ ୨୦୧୪

ପ୍ରଚ୍ଛଦ - ନିଜ ଡଙ୍ଗର ( ପାହାଡି କୃଷି କ୍ଷେତ ) ରୁ ସାମଗ୍ରୀ ସଂଗ୍ରହ କରୁଥିବା ଜଣେ ବଣ୍ଡା ଜନଜାତି ମହିଳା, ମାଲକାନଗିରି, ଓଡିଶା

# ସୂଚୀପତ୍ର


## ମୁଖବନ୍ଧ - ପୃଷ୍ଠଭୂମି, ଉଦ୍ଦେଶ୍ୟ ଏବଂ ପ୍ରଣାଳୀ

୧ - ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ ସଂପର୍କରେ ମୌଳିକ ଧାରଣା

**ମଡ୍ୟୁଲ୍ ୧**
ଆଦିମ ଅଧିବାସୀ ଏବଂ ରାଜନୈତିକ ଓକିଲାତି
ପୃଷ୍ଠା -

**ମଡ୍ୟୁଲ୍ ୨**
ଜୈବବିବିଧତା ସମ୍ମିଳନୀ ସଂପର୍କରେ ଧାରଣା (ସି.ବି.ଡି)
ପୃଷ୍ଠା -

**ମଡ୍ୟୁଲ୍ ୩**
ଜୈବବିବିଧତା ସମ୍ମିଳନୀ ସଂପର୍କରେ ଆଦିମ ଅଧିବାସୀଙ୍କ ଉଦ୍‌ବିଗ୍ନତା
ପୃଷ୍ଠା -

**ମଡ୍ୟୁଲ୍ ୪**
ଆଦିମ ଅଧିବାସୀଙ୍କ ଆନ୍ଦୋଳନ ଏବଂ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍
ପୃଷ୍ଠା -

୨ - ମୂଖ୍ୟ ବିଷୟବସ୍ତୁ ଏବଂ ସମସ୍ୟା ସମୂହ

**ମଡ୍ୟୁଲ୍ ୫**
ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ
ପୃଷ୍ଠା -

**ମଡ୍ୟୁଲ୍ ୬**
ଆନୁବଂଶିକ ସମ୍ବଳ ( ଜେନେଟିକ୍ ରିସୋର୍ସେସ୍ ) ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶରେ ଭାଗୀଦାରିତା
ପୃଷ୍ଠା -

**ମଡ୍ୟୁଲ୍ ୭**
ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସମ୍ମିଳନୀ
ପୃଷ୍ଠା -

**ମଡ୍ୟୁଲ୍ ୮**
ଆଦିମ ଅଧିବାସୀ ଏବଂ ଜୈବ ବୈଷୟିକ ଜ୍ଞାନକୌଶଳ
ପୃଷ୍ଠା -

**ମଡ୍ୟୁଲ୍ ୯**
ଆଦିମ ଅଧିବାସୀ, ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ
ପୃଷ୍ଠା -

**ମଡ୍ୟୁଲ୍ ୧୦**
ସୁରକ୍ଷିତ ଅଞ୍ଚଳ ସମୂହ ଏବଂ ଆଦିମ ଅଧିବାସୀ
ପୃଷ୍ଠା -

୩ - ଜୈବ ବିବିଧତା ସମ୍ମିଳନୀର କାର୍ଯ୍ୟକାରୀତା

**ମଡ୍ୟୁଲ୍ ୧୧**
ଜୈବବିବିଧତା ସମ୍ମିଳନୀର ଜାତୀୟ ସ୍ତରରେ କାର୍ଯ୍ୟକାରୀତା
ପୃଷ୍ଠା -

**ମଡ୍ୟୁଲ୍ ୧୨**
ଜୈବବିବିଧତା ସମ୍ମିଳନୀର ପାରିବେଶିକ କାର୍ଯ୍ୟପଦ୍ଧତି
ପୃଷ୍ଠା -

**ମଡ୍ୟୁଲ୍ ୧୩**
ଜୈବବିବିଧତା ଏବଂ ତତ୍ ସଂପର୍କିତ ପାରଂପରିକ ଜ୍ଞାନର ସଂରକ୍ଷଣ
ପୃଷ୍ଠା -

**ମଡ୍ୟୁଲ୍ ୧୪**
ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା
ପୃଷ୍ଠା -

**୪ – ଶିକ୍ଷଣ ସାମଗ୍ରୀ ଏବଂ କୌଶଳ ସମୂହ**

ପୋଷ୍ଟର ଉପସ୍ଥାପନା

ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ )

ଲିଖନ କୌଶଳ

**୫ – ଶବ୍ଦାବଳୀ ଓ ସମ୍ବଳ ସମୂହ**

ଶବ୍ଦାବଳୀ

ସମ୍ବଳ ସାମଗ୍ରୀ ଗୁଡିକର ତାଲିକା

# ମୁଖବନ୍ଧ ଏବଂ ପୃଷ୍ଠଭୂମୀ

ଜାନୁୟାରୀ ୨୦୦୫ ମସିହାରେ ତେବ୍‌ତେବା ର "ଆଦିମ ଅଧିବାସୀଙ୍କ ଦକ୍ଷତାବୃଦ୍ଧି ଓ ଜୈବବିବିଧତା ସମ୍ମିଳନୀ ସଂପର୍କିତ ଜନ ଓକିଲାତି" ପ୍ରକଳ୍ପ ଆରମ୍ଭ ହେବା ଠାରୁ ଆମ୍ଭେମାନେ ପାରଂପରିକ ଅଭ୍ୟାସ ସଂପର୍କିତ ସମସ୍ତ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରସ୍ତୁତି ଏବଂ ସଂଗ୍ରହ କରିଛୁ । ଏହି ସାମଗ୍ରୀ ଗୁଡିକ ୨୦୦୫ ମସିହାରୁ ୨୦୦୮ ମସିହା ମଧ୍ୟରେ ହୋଇଥିବା ବିଭିନ୍ନ ଜାତୀୟ, ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ କର୍ମଶାଳା ଗୁଡିକରେ ବ୍ୟବହୃତ ହୋଇଛି ।

ଏଥିରୁ କେତେକ ସାମଗ୍ରୀ ସେହି ପ୍ରକ୍ରିୟା ଭିତରେ ଉନ୍ନତ ଏବଂ ସମୟୋପଯୋଗୀ କରାଯାଇଛି । ଆନ୍ତର୍ଜାତୀୟ ଜୈବବିବିଧତା ଆଦିମ ଅଧିବାସୀ ଫୋରମ୍ ( ଆଇ.ଆଇ.ଏଫ୍.ବି ) ସହାୟତାରେ ୨୦୦୬ ମସିହା ମାର୍ଚ୍ଚ ମାସରେ ତେବ୍‌ତେବା ଆଦିମ ଅଧିବାସୀ ପ୍ରଶିକ୍ଷକ ମାନଙ୍କ ପାଇଁ ବ୍ରାଜିଲ୍‌ର କ୍ୟୁରିସିବାରେ ଏକ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲା । ଏଠାରେ ଅଂଶଗ୍ରହଣକାରୀ ମାନେ ତେବ୍‌ତେବା ଦ୍ୱାରା ଦକ୍ଷତାବୃଦ୍ଧି କର୍ମଶାଳାରେ ପୂର୍ବରୁ ବ୍ୟବହୃତ ସାମଗ୍ରୀ ଗୁଡିକର ତର୍ଜମା କରିଥିଲେ । ପାୱାର ପଏଣ୍ଟ ଉପସ୍ଥାପନା ହିସାବରେ ଥିବା ଏହିସବୁ ଶିକ୍ଷଣ ସାମଗ୍ରୀ ଗୁଡିକ ହେଲା – (୧) ଜୈବ ବିବିଧତା ସହ ସନ୍ଧି (୨) ଜୈବବିବିଧତା ସମ୍ମିଳନୀ ଏବଂ ସେ ଦିଗରେ ଆଦିମ ଅଧିବାସୀଙ୍କ ଆଗ୍ରହ (୩) ଆନ୍ତର୍ଜାତୀୟ ଜୈବବିବିଧତା ଆଦିମ ଅଧିବାସୀ ଫୋରମ୍ ( ଆଇ.ଆଇ.ଏଫ୍.ବି )

୨୦୦୬ ମସିହାର କ୍ୟୁରିସିବା କର୍ମଶାଳାରେ ଆଦିମ ଅଧିବାସୀ ପ୍ରଶିକ୍ଷକ ମାନଙ୍କ ପରାମର୍ଶ ଗୁଡିକ ଏହି ଶିକ୍ଷଣ ସାମଗ୍ରୀ ଗୁଡିକୁ ଅଧିକ ଉନ୍ନତ କରିବାରେ ସହାୟକ ହୋଇଥିଲା ଏବଂ ଜୈବବିବିଧତା ସମ୍ମିଳନୀ ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ଦକ୍ଷତାବୃଦ୍ଧି ଦିଗରେ ଏକ ପ୍ରାଥମିକ ଶିକ୍ଷଣ ସାମଗ୍ରୀ ହିସାବରେ ଏଗୁଡିକ ବ୍ୟବହୃତ ହୋଇ ପାରିଲା । ପ୍ରକୃତପକ୍ଷେ ଏହି ମଡ୍ୟୁଲ ଜୈବବିବିଧତା ସମ୍ମେଳନ କାର୍ଯ୍ୟସୂଚୀ ସଂପର୍କରେ ଆଦିବାସୀ ଅଂଶଗ୍ରହଣକାରୀ ମାନଙ୍କୁ ବିଶେଷ ଭାବେ ଅବଗତ କରାଇ ପାରିଲା ଏବଂ ଆଦିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକୁ ବିଭିନ୍ନ ନିଷ୍ପତି ନେବା କ୍ଷେତ୍ରରେ ସକ୍ରିୟ ଓ ସହଭାଗୀ କରିପାରିଲା ।

୨୦୦୬ ମସିହାର କ୍ୟୁରିସିବା ଆଦିମ ଅଧିବାସୀ ପ୍ରଶିକ୍ଷାର୍ଥୀ କର୍ମଶାଳାରେ ଅଂଶଗ୍ରହଣକାରୀ ମାନେ ଜୈବବିବିଧତା ପରଂପରାରେ ଆଦିବାସୀ ମାନଙ୍କ ଭୂମିକା ସଂପର୍କରେ ମଡ୍ୟୁଲ ପ୍ରସ୍ତୁତି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ସେମାନଙ୍କ ପ୍ରସ୍ତାବିତ ପରାମର୍ଶ ଗୁଡିକ ବିଭିନ୍ନ ବିଷୟର ସଜ୍ଞା ( ଜୈବବିବିଧତା, ସଂସ୍କୃତି, ପାରଂପରିକ ଜ୍ଞାନ ଆଦି ), ଜୈବବିବିଧତା ସମ୍ମିଳନୀର ଇତିହାସ, ଆଦିମ ଅଧିବାସୀ ମାନଙ୍କ ସମସ୍ୟା, ଆନ୍ତର୍ଜାତୀୟ ଜୈବବିବିଧତା ଆଦିମ ଅଧିବାସୀ ଫୋରମ୍ ( ଆଇ.ଆଇ.ଏଫ୍.ବି ) ଏବଂ ସମ୍ମିଳନୀର ଜାତୀୟ, ଆଂଚଳିକ ଏବଂ ଆନ୍ତର୍ଜାତୀୟ କାର୍ଯକାରିତାର ସ୍ଥିତି ଆଦି ଅତିରିକ୍ତ ବିଷୟ ହିସାବରେ ସଂଯୋଜିତ ହେଲା । ଅନ୍ୟକେତେକ ଅଂଶଗ୍ରହଣକାରୀ ମଡ୍ୟୁଲ୍‌ରେ ଲକ୍ଷ୍ୟ, ଉଦ୍ଦେଶ୍ୟ, ସୂଚୀପତ୍ର ଏବଂ ସମ୍ଭାବ୍ୟ ସଫଳତା ବିଷୟ ସଂଯୋଜିତ କରିବାକୁ ମତ ଦେଲେ ।

ଏହିସବୁ ମତାମତ ଗୁଡିକ ଶିକ୍ଷଣ ସାମଗ୍ରୀ ଗୁଡିକର ଉନ୍ନତୀରେ ସହାୟକ ହୋଇଛି ଏବଂ ତେବ୍‌ତେବା ତରଫରୁ ସେହିସବୁ ମଡ୍ୟୁଲ ଗୁଡିକୁ ଏହି "ଆଦିମ ଅଧିବାସୀ ଓ ଜୈବ ବିବିଧତା ସମ୍ମେଳନ ସଂପର୍କିତ ଶିକ୍ଷଣ ସାଧନ ପୁସ୍ତିକା" ରେ ସଂଯୋଜିତ କରାଯାଇଛି । ଏହି ଶିକ୍ଷଣ ସାଧନ ପୁସ୍ତିକାଟି ପ୍ରଶିକ୍ଷକ ମାନଙ୍କ ଦକ୍ଷତାବୃଦ୍ଧି, ଶିକ୍ଷା ଏବଂ ବିଶେଷକରି ଜୈବବିବିଧତା

ସମ୍ମିଳନୀ ଏବଂ ଆଦିବାସୀ ସମସ୍ୟା ସଂପର୍କରେ ବିଭିନ୍ନ ମଞ୍ଚରେ ଜନସଚେତନତା ସୃଷ୍ଟି ପାଇଁ ବିଶେଷ ସହାୟକ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ।

ଏହି ଶିକ୍ଷଣ ସାଧନ ପୁସ୍ତିକାର ସଂକଳନ ପରେ ତେବ୍‌ତେବା ପକ୍ଷରୁ ୨୦୦୮ ମସିହା ଜୁନ୍ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ବନ୍ ଠାରେ ଆନ୍ତର୍ଜାତୀୟ ଜୈବବିବିଧତା ଆଦିମ ଅଧିବାସୀ ଫୋରମ୍ ( ଆଇ.ଆଇ.ଏଫ୍.ବି )ର ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା କାର୍ଯ୍ୟକାରୀ ଦଳ ( ସି.ଇ.ପି.ଏ ) ସହ ମିଳିତ ଭାବରେ ଜୈବ ବିବିଧତା ସମ୍ମେଳନ ଏବଂ ଆଦିମ ଅଧିବାସୀ ସଂପର୍କରେ ତାଲିମଦାତା ଏବଂ ପ୍ରଶିକ୍ଷକ ମାନଙ୍କର ଏକ କର୍ମଶାଳା ଆୟୋଜନ କରିଥିଲା । ଏହି କର୍ମଶାଳାରେ ଅଂଶଗ୍ରହଣକାରୀ ମାନେ ମଡ୍ୟୁଲର ତର୍ଜମା ସହ ନିଜ ଅଂଚଳ ଏବଂ ଗୋଷ୍ଠୀରେ ସେମାନଙ୍କ ଅନୁଭୂତି ଓ ବ୍ୟବହାର କରୁଥିବା ବିଭିନ୍ନ କୌଶଳ ଗୁଡିକ ସଂପର୍କରେ ଆଲୋଚନା କରିଥିଲେ ଏବଂ ତାହା ମଡ୍ୟୁଲ୍କୁ ଅଧିକ ଉନ୍ନତ କରିବାରେ ସହାୟକ ହୋଇଥିଲା । ଏହି ତାଲିମଦାତା ଓ ପ୍ରଶିକ୍ଷାର୍ଥୀ କର୍ମଶାଳାର ପରାମର୍ଶ ଗୁଡିକ ଶିକ୍ଷଣ ସାଧନ ପୁସ୍ତିକାଟିକୁ ପୁଣିଥରେ ଅଧିକ ଗୁରୁତ୍ୱ ଦେଇ ସଂକଳିତ କରିବାକୁ  ସହାୟକ ହେଲା । ଏହି ସାଧନ ପୁସ୍ତିକାଟି ଜୈବ ବିବିଧତା ସମ୍ମେଳନ ଏବଂ ଆଦିମ ଅଧିବାସୀଙ୍କ ସଂପର୍କରେ ତାଲିମ୍‌ଦାତା ଓ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ଦକ୍ଷତାବୃଦ୍ଧି ଏବଂ ଅଧିକାରଗତ ସଚେତନତା ପାଇଁ ଏକ ସହାୟକ ପୁସ୍ତିକା ହିସାବରେ ବ୍ୟବହାର କରାଯାଇ ପାରିବ ।

ଏହି "ଆଦିମ ଅଧିବାସୀ ଓ ଜୈବବିବିଧତା ସମ୍ମେଳନ ସଂପର୍କିତ ଶିକ୍ଷଣ ସାଧନ ପୁସ୍ତିକା"ଟିରେ ମୁଖ୍ୟତଃ ତିନିଟି ବିଭାଗ ରହିଛି ।

ପ୍ରଥମ ବିଭାଗଟି ହେଉଛି ଆଦିମ ଅଧିବାସୀଙ୍କ ଅଧିକାରଗତ ଓକିଲାତି ସଂପର୍କରେ ମୌଳିକ ଧାରଣା ଏବଂ ଜୈବ ବିବିଧତା ପରଂପରା । ଏଥିରେ ଥିବା ୪ଟି ମଡ୍ୟୁଲ ହେଉଛି, ମଡ୍ୟୁଲ୍ ୧ - ଆଦିମ ଅଧିବାସୀ ଏବଂ ରାଜନୈତିକ ଓକିଲାତି,  ମଡ୍ୟୁଲ୍ ୨ – ଜୈବବିବିଧତା ର ସଂରକ୍ଷଣ ସଂପର୍କରେ ଧାରଣା,  ମଡ୍ୟୁଲ୍ ୩ – ଜୈବ ବିବିଧତାର ସଂରକ୍ଷଣ ଦିଗରେ ଆଦିମ ଅଧିବାସୀଙ୍କ ଉଦ୍‌ବିଗ୍ନତା ଓ ଭାଗୀଦାରିତା,  ମଡ୍ୟୁଲ୍ ୪ – ଆଦିମ ଅଧିବାସୀଙ୍କ ଆନ୍ଦୋଳନ ଏବଂ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )

ଦ୍ୱିତୀୟ ବିଭାଗଟି ହେଉଛି ସଂରକ୍ଷଣର ମୂଖ୍ୟ ବିଷୟବସ୍ତୁ ଏବଂ ସମସ୍ୟା ସମୂହ । ବିଷୟବସ୍ତୁକୁ ନେଇ ଏଥିରେ ଭିନ୍ନ ଭିନ୍ନ ମଡେଲ ମାନ ରହିଛି ।  ମଡ୍ୟୁଲ୍ ୫ – ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ, ମଡ୍ୟୁଲ୍ ୬ –ଆନୁବଂଶିକ ସମ୍ବଳ ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶରେ ଭାଗୀଦାରିତା,  ମଡ୍ୟୁଲ୍ ୭ – ଆଦିମ ଅଧିବାସୀ ମହିଳା ଏବଂ ଜୈବ ବିବିଧତା ସମ୍ମେଳନ, ମଡ୍ୟୁଲ୍ ୮ – ଆଦିମ ଅଧିବାସୀ ଏବଂ ଜୈବ ଉଦ୍ୟୋଗ, ମଡ୍ୟୁଲ୍ ୯ – ଆଦିମ ଅଧିବାସୀ, ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ, ମଡ୍ୟୁଲ୍ ୧୦ – ସୁରକ୍ଷିତ ଅଞ୍ଚଳ ସମୂହ ଏବଂ ଆଦିମ ଅଧିବାସୀ

ତୃତୀୟ ବିଭାଗଟି ହେଉଛି ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତା । ଏଥିରେ ଥିବା ମଡ୍ୟୁଲ ଗୁଡିକ ହେଲା,  ମଡ୍ୟୁଲ୍ ୧୧ – ଜୈବବିବିଧତା ସମ୍ମିଳନୀର ଜାତୀୟ ସ୍ତରରେ କାର୍ଯ୍ୟକାରୀତା , ମଡ୍ୟୁଲ୍ ୧୨ – ଜୈବବିବିଧତା ସମ୍ମିଳନୀର ପାରିବେଶିକ

ଦିଗ, ମଡ୍ୟୁଲ୍ ୧୩ – ଜୈବ ବିବିଧତାର ସଂରକ୍ଷଣ ଏବଂ ତତ୍ ସଂପର୍କିତ ପାରଂପରିକ ଜ୍ଞାନ, ମଡ୍ୟୁଲ୍ ୧୪ – ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା

ଏଥିସହ ଏଥିରେ ଆଉ କେତେକ ଉପଯୋଗୀ ଶିକ୍ଷଣ କୌଶଳ ଓ ପ୍ରଣାଳି ମଧ ସଂଯୋଜିତ ହୋଇଛି । ବିଭିନ୍ନ ବ୍ୟବହୃତ ଶବ୍ଦାବଳୀ ଗୁଡିକର ତାଲିକା ଏବଂ ଅତିରିକ୍ତ ସମ୍ବଳ ସାମଗ୍ରୀ ( ସହାୟକ ତଥ୍ୟ, ପାୱାର ପଏଣ୍ଟ ଉପସ୍ଥାପନା ଆଦିର ସିଡି ) ମଧ ଦିଆଯାଇଛି । ଏସବୁ କର୍ମଶାଳା ପରିଚାଳନାରେ ବିଶେଷ ସହାୟକ ହୋଇ ପାରିବ ।

ଏହି ଶିକ୍ଷଣ ସାଧନ ପୁସ୍ତିକାଟି ସ୍ଥାନ ବିଶେଷରେ ଆବଶ୍ୟକତା ଓ ଅଂଶଗ୍ରହଣକାରୀ ମାନଙ୍କ ବୁଝାମଣାକୁ ନେଇ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇ ପାରିବ । ଏଥିରେ ଥିବା ବିଭାଗ ଏବଂ ମଡ୍ୟୁଲ ଗୁଡିକୁ ଏକାଥରରେ ସଫଳ ଭାବେ ଆଲୋଚନା କରାଯାଇ ପାରିବ କିମ୍ବା ଏକ ବିସ୍ତୃତ ତାଲିମ  କୋର୍ସ ହିସାବରେ କିଛିଦିନ ପାଇଁ ଶିକ୍ଷା ଦାନ ମଧ କରାଯାଇ ପାରିବ । ଏହାଛଡା ସ୍ଥାନ ବିଶେଷରେ ପ୍ରଶିକ୍ଷାର୍ଥୀ ମାନଙ୍କ ଆବଶ୍ୟକତା ଓ ଆଗ୍ରହକୁ ଧରି ଏହାର ବିଭିନ୍ନ ମଡ୍ୟୁଲ ଗୁଡିକୁ ଅଲଗା ଭାବରେ ମଧ ଶିକ୍ଷାଦାନ କରିହେବ । ଏହି ମଡ୍ୟୁଲ୍ ଗୁଡିକର ବିଶେଷତ୍ୱ ହେଲା ଏହା ଜୈବବିବିଧତା ସମ୍ମେଳନ ଓ ଆଦିମ ଅଧିବାସୀ ମାନଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ଅଂଶଗ୍ରହଣକାରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଏବଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହାୟତା କରିବ ।

ଏହି ସାଧନ ପୁସ୍ତିକାରେ ଥିବା ବିଭିନ୍ନ ମଡ୍ୟୁଲ, ଶିକ୍ଷଣ କୌଶଳ ଓ ପ୍ରଣାଳୀ ଏବଂ ତଥ୍ୟପୂର୍ଣ୍ଣ ସିଡି ପ୍ରଶିକ୍ଷକଙ୍କୁ ସହାୟତା ଦେବ ଏବଂ ତାଲିମଦାତା ଏବଂ ପ୍ରଶିକ୍ଷକ ତାହାସବୁ ନିଜ ଅଞ୍ଚଳ ଏବଂ ସ୍ଥାନୀୟ ଆବଶ୍ୟକତା ହିସାବରେ ବ୍ୟବହାର କରି ପାରିବେ । ସେମାନେ ସ୍ଥାନୀୟ ଉଦାହରଣ ଏବଂ ଘଟଣାକୁ ମଧ ଏଥିସହ ଯୋଡି ପାରିବେ । ଅଂଶଗ୍ରହଣକାରୀ ମାନଙ୍କ ଆବଶ୍ୟକତା ଅନୁସାରେ ଏହାକୁ ବ୍ୟବହାର କରାଯାଇପାରିବ ।

ଏଥିରେ ଥିବା ବିଷୟ ସୂଚୀ, ଉଦାହରଣ, ତଥ୍ୟ ଏବଂ ସହାୟକ ତଥ୍ୟପୂର୍ଣ୍ଣ ସିଡି ସବୁ ଜୈବବିବିଧତା ସମ୍ମେଳନ ଏବଂ ଆଦିମ ଅଧିବାସୀ ଶିର୍ଷକ ପ୍ରକ୍ରିୟାରେ ହୋଇଥିବା ବିଭିନ୍ନ ଆଲୋଚନା, କର୍ମଶାଳା ଏବଂ କାର୍ଯ୍ୟକ୍ରମ ସହ ସଂପୃକ୍ତ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ମାନଙ୍କ ସହଭାଗୀତାରେ ପ୍ରସ୍ତୁତ ହୋଇଛି । ସେମାନଙ୍କ ମଧରେ ଅଛନ୍ତି ପଲ୍ ଓଲ୍ଡହାମ୍, ଜୋଜି କାରିନୋ, ଜେନି ଲାସିମ୍ବାଙ୍ଗ, ଜନ୍ ସ୍କଟ୍, ଏଲ୍ପଡିଓ ପେରିଆ, ମୋଣ୍ଟାନୋସା ରିସର୍ଚ୍ଚ ଆଣ୍ଡ ଡେଭଲପ୍ମେଣ୍ଟ ସେଣ୍ଟର, ଡୋରିସ୍ ଲାସିମ୍ବାଙ୍ଗ, ପାକୋସ୍ ଟ୍ରଷ୍ଟ, ଡାଟୁ ଭିକ୍ ସାୱାଏ, ଫାର୍ମର୍ସ କନ୍ସଲ୍ଟେଟିଭ୍ କାଉନ୍ସିଲ୍, ରେମୁଣ୍ଡୋ ରାଭିଲୋସ୍, ରେମଣ୍ଡ ଦି ଚାଭେଜ୍, ମାଲିଆ ନୋବ୍ରେଗା, ପଲ୍ ମାଇକେଲ୍ ନେରା ଏବଂ ଆଇ.ଆଇ.ଏଫ୍.ବି ଏବଂ ଏହାର କାର୍ଯ୍ୟକାରୀ ଦଳ ସି.ଇ.ପି.ଏ ।

ଶିକ୍ଷଣ ସାଧନ ପୁସ୍ତିକା ସଂକଳନର ଏହି ସମୁଦାୟ ପ୍ରକ୍ରିୟାରେ ସ୍ୱେଦ୍ବିଇଓ ଙ୍କ ଅକୁଣ୍ଠିତ ସହାୟତା ପାଇଁ ଟେବ୍ଟେବା ବିଶେଷ କୃତଜ୍ଞ  । ସ୍ୱେଦ୍ବିଇଓ ଜୈବବିବିଧତା ସମ୍ମେଳନ କାର୍ଯ୍ୟକାରିତାରେ ଆଦିମ ଅଧିବାସୀଙ୍କ ସାମର୍ଥ୍ୟ ବିକାଶ ଏବଂ ଓକିଲାତି ପ୍ରକଳ୍ପରେ ଟେବ୍ଟେବାର ଦୀର୍ଘଦିନର ଭାଗିଦାରୀ ଅନୁଷ୍ଠାନ ହିସାବରେ ରହିଆସିଛି ।

# ଉଦ୍ଦେଶ୍ୟ, ବିଷୟସୂଚୀ ଏବଂ ତାଲିମ୍‌ର ପଦ୍ଧତି

ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ ସଂପର୍କିତ ପ୍ରଶିକ୍ଷଣ ମଡ୍ୟୁଲ୍ ସେହିସବୁ ଆଦିବାସୀ ସାମାଜିକ କର୍ମୀ, ନେତୃତ୍ୱ ଏବଂ ପ୍ରଶିକ୍ଷକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ, ଯେଉଁମାନେ ଜୈବବିବିଧତା ସମ୍ମିଳନୀ ସଂପର୍କରେ ବିଶେଷ ଅବଗତ ନୁହଁନ୍ତି କିନ୍ତୁ ଜୈବବିବିଧତା ପରଂପରାର କାର୍ଯ୍ୟକାରିତା ରେ ଆଦିମ ଅଧିବାସୀ ମାନଙ୍କ ସ୍ୱିକୃତି ନିମନ୍ତେ ହେଉଥିବା ଏହି ପ୍ରକ୍ରିୟା ସହ ଜଡିତ ରହିବାକୁ ଆଗ୍ରହୀ ।

## ସାମଗ୍ରିକ ଉଦ୍ଦେଶ୍ୟ ସମୂହ

ତାଲିମ ପ୍ରକ୍ରିୟାର ଶେଷରେ ଅଂଶଗ୍ରହଣକାରୀମାନେ ନିମ୍ନ ବିଷୟରେ ସକ୍ଷମତା ହାସଲ କରିଥିବେ –

- ଜୈବବିବିଧତା ସମ୍ମିଳନୀ, ଏହାର ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟକ୍ରମ ଏବଂ ଆଭିମୁଖ୍ୟ, ଏବଂ ଏହି ଜୈବ ବିବିଧତା ପରଂପରା ପ୍ରକ୍ରିୟାର କାର୍ଯ୍ୟକାରୀତାରେ ଆଦିମ ଅଧିବାସୀ ମାନଙ୍କ ଗୁରୁତ୍ୱ ବିଷୟରେ ବୁଝିପାରିବେ ।
- ଆଦିମ ଅଧିବାସୀ ମାନଙ୍କ ଅଧିକାରର ସୁରକ୍ଷା ଏବଂ ଉନ୍ନତୀ ଦିଗରେ ଜୈବବିବିଧତା ସମ୍ମିଳନୀରେ ଥିବା ସୁଯୋଗ ଓ ପ୍ରତିବନ୍ଧକ ଗୁଡିକୁ ବିଶ୍ଳେଷଣ କରିବା ।
- ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତାରେ ଆଦିମ ଅଧିବାସୀ ମାନଙ୍କ ସଂପୃକ୍ତି ପାଇଁ ବିଭିନ୍ନ କାର୍ଯ୍ୟଯୋଜନା ଏବଂ କୌଶଳ ନିର୍ଦ୍ଧାରଣ କରିବା ।
- ଜୈବ ବିବିଧତା ସମ୍ମିଳନୀର ଏବଂ ଆଦିମ ଅଧିବାସୀ ମାନଙ୍କ ଆଗ୍ରହକୁ ନେଇ ଶିକ୍ଷା ଏବଂ ସଚେତନତା ସୃଷ୍ଟି କରିପାରିବା ।

## ଅଧ୍ୟାୟ ଅନୁଯାୟୀ ସାଧାରଣ ଉଦ୍ଦେଶ୍ୟ ସମୂହ –

### ଅଧ୍ୟାୟ – ୧ - ଆଦିମ ଅଧିବାସୀ ଏବଂ ଜୈବ ବିବିଧତା ସମ୍ମିଳନୀ ସଂପର୍କରେ ମୌଳିକ ଧାରଣା

୧. ଆନ୍ତର୍ଜାତୀୟ ନିଷ୍ପତ୍ତିଗତ ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କ ଭାଗିଦାରିତାକୁ ଅନ୍ତର୍ଭୁକ୍ତ କରିବା

୨. ଜୈବବିବିଧତା ସମ୍ମେଳନକୁ ଦୃଷ୍ଟିରେ ରଖି ଆଦିମ ଅଧିବାସୀ ମାନଙ୍କ ପାଇଁ ବହୁପକ୍ଷିୟ ପାରିବେଶିକ ଚୁକ୍ତିର ଯଥାର୍ଥତା ଦର୍ଶାଇବା ।

୩. ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକରିବା ପାଇଁ ଆଦିବାସୀ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ସାମର୍ଥ୍ୟ ସୃଷ୍ଟି କରିବା ।

## ଅଧ୍ୟାୟ – ୨ - ମୁଖ୍ୟ ବିଷୟବସ୍ତୁ ଏବଂ ସମସ୍ୟା ସମୂହ

୧. ଜୈବବିବିଧତା ସମ୍ମିଳନୀ ଅନ୍ତର୍ଗତ ମୁଖ୍ୟ ବିଷୟ ଏବଂ ସମସ୍ୟା ଗୁଡିକ ସଂପର୍କରେ ବୁଝାମଣାକୁ ମଜଭୁତ କରିବା
୨. ଏହିସବୁ ମୁଖ୍ୟ ସମସ୍ୟା ଗୁଡିକୁ ଆଦିମ ଅଧିବାସୀମାନେ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସେମାନଙ୍କ ଜ୍ଞାନ ଓ ଦକ୍ଷତାକୁ ଦୃଢ଼ କରିବା ।
୩. ଜୈବବିବିଧତା ସମ୍ମଳନୀର ନିଷ୍ପତ୍ତିଗତ ଏବଂ କାର୍ଯ୍ୟକାରିତାରେ ଆଦିମ ଅଧିବାସୀ ମାନଙ୍କ ଦୃଷ୍ଟିଭଙ୍ଗୀ ଏବଂ ଭୂମିକାକୁ ଉପଯୁକ୍ତ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରିବା ।
୪. ଜୈବବିବିଧତା ସମ୍ମଳନୀର ମୁଖ୍ୟ ସମସ୍ୟା ଗୁଡିକୁ କିପରି ସମାଧାନ କରିହେବ ତାହା ପାରସ୍ପରିକ ଅନୁଭୂତିରୁ ଶିକ୍ଷାଲାଭ କରିବା ।

## ଅଧ୍ୟାୟ – ୩ - ଜୈବବିବିଧତା ସମ୍ମଳନୀର କାର୍ଯ୍ୟକାରୀତା

୧. ପ୍ରତ୍ୟେକ ସ୍ତରରେ ଜୈବବିବିଧତା ସମ୍ମଳନୀର କାର୍ଯ୍ୟ ଗୁଡିକୁ କିପରି କାର୍ଯ୍ୟକାରୀ କରିହେବ ତାହା ଉଦାହରଣ ଓ ପ୍ରଣାଳୀରୁ ଶିକ୍ଷାଲାଭ କରିବା ।
୨. ଜୈବବିବିଧତା ସମ୍ମଳନୀର କାର୍ଯ୍ୟକାରୀତା ପ୍ରଣାଳୀର ରୂପରେଖ ବିଶେଷ କରି ଜାତୀୟ ରୂପରେଖ ଏବଂ ପରିବେଶ ଗତ ଦିଗ କଣ ରହିବ ତାହାକୁ ବୁଝିବା ।
୩. ସ୍ଥାନୀୟ ଏବଂ ଜାତୀୟ ପରିସ୍ଥିତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ ଯୋଜନା ଏବଂ କୌଶଳ ନିର୍ଦ୍ଧାରଣ କରିବା ଦିଗରେ ଅଂଶଗ୍ରହଣକାରୀ ମାନଙ୍କୁ ସକ୍ଷମ କରିବା ।
୪. ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମଳନୀ ସଂପର୍କରେ ଶିକ୍ଷାଦାନ ପାଇଁ ଅଂଶଗ୍ରହଣକାରୀ ମାନଙ୍କୁ ସକ୍ଷମ କରାଇବା ।

## ଅଧ୍ୟାୟ – ୪ - ଶିକ୍ଷଣ ସାମଗ୍ରୀ ଏବଂ କୌଶଳ

ତାଲିମ ଓ ଶିକ୍ଷଣ କର୍ମଶାଳା ପରିଚାଳନା ସମୟରେ ବିଷୟବସ୍ତୁକୁ ଠିକ୍ ଭାବେ ବୁଝାଇବା ଏବଂ ଉପସ୍ଥାପନା କରିବା ନିମନ୍ତେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଏବଂ କୌଶଳ ବିଷୟରେ ଶିକ୍ଷା ।

ମଡ୍ୟୁଲ୍ ଏବଂ ତାଲିମ ପଣାଳୀର ସ୍ୱତନ୍ତ୍ର ଉଦ୍ଦେଶ୍ୟ ସମୂହ

| ମଡ୍ୟୁଲ୍ ( ଆବଶ୍ୟକୀୟ ସମୟ) | ଉଦ୍ଦେଶ୍ୟ | ବ୍ୟବହୃତ କୌଶଳ |
|---|---|---|
| ଅଧ୍ୟାୟ ୧ - ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମଳନୀ ସଂପର୍କରେ ମୌଳିକ ଧାରଣା | | |
| ମଡ୍ୟୁଲ – ୧<br>ଆଦିମ ଅଧିବାସୀ ଏବଂ ରାଜନୈତିକ ଅଧିକାରଗତ ଓକିଲାତି<br>ସମୟ – ୩ ଘଣ୍ଟା | ୧- ଆଦିମ ଅଧିବାସୀ ମାନଙ୍କ ସାମାଜିକ ଆନ୍ଦୋଳନରେ ସେମାନଙ୍କ ଭୂମିକା ଓ ଲକ୍ଷ୍ୟକୁ ସ୍ୱିକୃତି ଦେବା<br>୨- ରାଜନୈତିକ ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କ ଭାଗିଦାରିତାର ଗୁରୁତ୍ୱକୁ ବୁଝିବା<br>୩- ବଭିନ୍ନ ରାଜନୈତିକ କ୍ଷେତ୍ରରେ ସଫଳ ରାଜନୈତିକ ଅଧିକାରଗତ ଦାବୀ ବା ଓକିଲାତିକୁ ବୁଝିବା | • ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ )<br>• ବିଭିନ୍ନ ବିଷୟ ଉପରେ ଆଲୋଚନା<br>• ଛୋଟଦଳରେ ଆଲୋଚନା |

| | | |
|---|---|---|
| | ୪- ବହୁପକ୍ଷିୟ ପାରିବେଶିକ ଚୁକ୍ତି ଗୁଡିକୁ ତର୍ଜମା କରିବା ଏବଂ ଆଦିମ ଅଧିବାସୀ ମାନଙ୍କ ନିମନ୍ତେ ସେଗୁଡିକର ଉପଯୋଗୀତାକୁ ତର୍ଜମା କରିବା । | • ମୁକ୍ତ ଆଲୋଚନା |
| ମଡ୍ୟୁଲ – ୨<br>ଜୈବବିବିଧତା ସଂରକ୍ଷଣ ବିଷୟରେ ବୁଝିବା<br>ସମୟ – ୩.୩୦ ମିନିଟ୍ | ୧. ଜୈବବିବିଧତା ସମ୍ମଳନୀର ଉଦ୍ଦେଶ୍ୟ ଗୁଡିକୁ ବୁଝିବା ଏବଂ ଆଦିମ ଅଧିବାସୀ ମାନଙ୍କ ପାଇଁ ଏହାର ଉପଯୋଗୀତାକୁ ବୁଝିବା<br>୨. ଜୈବବିବିଧତା ସମ୍ମଳନୀର ଇତିହାସ ବିଷୟରେ ଓ ଏହାର ବିଭିନ୍ନ ଅନୁଷ୍ଠାନ ବିଷୟରେ ଜାଣିବା । ଏହାର ବିଭିନ୍ନ ବିଭାଗ ଗୁଡିକ କିପରି କାର୍ଯ୍ୟ କରୁଛି ତାହା ଜାଣିବା<br>୩. ଜୈବବିବିଧତା ସମ୍ମଳନୀର ବିଷୟବସ୍ତୁ ଓ ସମସ୍ୟା ଗୁଡିକ ସହ ପରିଚିତ ହେବା<br>୪. ଜୈବବିବିଧତା ସମ୍ମଳନୀର ମୁଖ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟସ୍ଥଳ ସଂପର୍କରେ ଜାଣିବା<br>୫. ଏହି ସମ୍ମେଳନର ପ୍ରତିଶ୍ରୁତି ଗୁଡିକୁ ଜାତୀୟ ସରକାର ଗୁଡିକ କାର୍ଯ୍ୟକାରୀ କରିବାକୁ କିପରି କୌଶଳ ଅବଲମ୍ବନ କରୁଛନ୍ତି ଏବଂ ଆଦିମ ଅଧିବାସୀ ମାନେ ନିଜ ସମସ୍ୟା ସମାଧାନ ପାଇଁ ଏହାକୁ କିପରି ବ୍ୟବହାର କରନ୍ତି ତାହା ବୁଝିବା ।<br>୬. ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନାରେ ଗୋଷ୍ଠୀଗତ ଉଦ୍ୟମ ଗୁଡିକ କିପରି ଜୈବବିବିଧତା ସମ୍ମଳନୀର ଉଦ୍ଦେଶ୍ୟ ସହିତ ସଂପର୍କିତ ଏବଂ ସହାୟକ ତାହା ବୁଝିବା । | • ପୋଷ୍ଟର ଉପସ୍ଥାପନା<br>• ବିଭିନ୍ନ ବିଷୟ ଉପରେ ଆଲୋଚନା<br>• କର୍ମଶାଳା |
| ମଡ୍ୟୁଲ୍ – ୩<br>ଜୈବବିବିଧତା ସମ୍ମିଳନୀ ଏବଂ ଆଦିମ ଅଧିବାସୀ ମାନଙ୍କର ଉଦ୍‌ବିଗ୍ନତା<br>ସମୟ – ୪ ଘଣ୍ଟା | ୧. ଅଂଶଗ୍ରହଣକାରୀ ମାନଙ୍କ ଅଂଚଳରେ ଜୈବବିବିଧତାର ସ୍ଥିତି ଏବଂ ଜୈବବିବିଧତା ସପର୍କିତ ପାରଂପରିକ ଜ୍ଞାନ ଗୁଡିକ ପ୍ରତି ଥିବା ବିପଦ ଗୁଡିକର ଉପସ୍ଥାପନା<br>୨. ଆଦିମ ଅଧିବାସୀଙ୍କ ନିମନ୍ତେ ଜୈବବିବିଧତା ସମ୍ମଳନୀରେ ଥିବା ଉପଯୋଗୀ ବିଷୟ ଗୁଡିକୁ ଶିକ୍ଷା କରିବା<br>୩. ଆଦିମ ଅଧିବାସୀ ମାନଙ୍କ ପାଇଁ ଜୈବବିବିଧତା ସମ୍ମେଳନରେ ଥିବା ସମସ୍ୟା ଏବଂ ବିପଦ ଗୁଡିକ ବିଷୟରେ ସତର୍କ ହେବା ।<br>୪. ଜୈବବିବିଧତା ସମ୍ମଳନୀ ମାଧ୍ୟମରେ ( ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘର ଘୋଷଣାକୁ ଆଧାର କରି )ଆଦିମ ଅଧିବାସୀ ମାନଙ୍କ ଭୂମିକାକୁ ଦୃଢ କରିବାର ରାସ୍ତା ବାହାର କରିବା | • ପୋଷ୍ଟର ଉପସ୍ଥାପନା<br>• ବିଭିନ୍ନ ବିଷୟ ଉପରେ ଆଲୋଚନା<br>• ପୁସ୍ତକ ଆଲୋଚନା<br>• କର୍ମଶାଳା |
| ମଡ୍ୟୁଲ – ୪<br>ଆଦିମ ଅଧିବାସୀଙ୍କ ଆନ୍ଦୋଳନ ଏବଂ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍<br>( ଆଇ.ଆଇ.ଏଫ୍.ବି )<br>ସମୟ – ୨ ଘଣ୍ଟା | ୧. ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )ର ଇତିହାସ ସଂପର୍କରେ ଆଲୋଚନା ଏବଂ ଜୈବ ବିବିଧତା ସମ୍ମେଳନର କାର୍ଯ୍ୟରେ ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣ ସଂପର୍କରେ ଆଲୋଚନା ।<br>୨. ଆଇ.ଆଇ.ଏଫ୍.ବି. ର ଲକ୍ଷ୍ୟ ଓ ଭୂମିକା ସଂପର୍କରେ ବୁଝିବା ଏବଂ ଏହା କିପରି କାର୍ଯ୍ୟକରୁଛି | • ବିଭିନ୍ନ ବିଷୟ ଉପରେ ଆଲୋଚନା<br>• ଚଳଚ୍ଚିତ୍ର, ବୃତଚିତ୍ର ଏବଂ ଅନ୍ୟାନ୍ୟ ଦୃଶ୍ୟଚିତ୍ର |

| | | |
|---|---|---|
| | ତାହା ଜାଣିବା ।<br>୩. ଆଇ.ଆଇ.ଏଫ୍.ବି. ର ଦିଗ ଏବଂ ଭବିଷ୍ୟତ ସଂପର୍କରେ ସଚେତନ ହେବା ଏବଂ ଏଥିରେ କିପରି ଆଦିମ ଅଧିବାସୀ ମାନେ ଅଂଶ ଗ୍ରହଣ କରିବା ତାହା ଜାଣିବା । | • କର୍ମଶାଳା |

ଅଧ୍ୟାୟ – ୨ ମୁଖ୍ୟ ବିଷୟବସ୍ତୁ ଏବଂ ସମସ୍ୟା ସମୂହ

| ମଡ୍ୟୁଲ୍ ( ଆବଶ୍ୟକୀୟ ସମୟ) | ଉଦ୍ଦେଶ୍ୟ | ବ୍ୟବହୃତ କୌଶଳ |
|---|---|---|
| ମଡ୍ୟୁଲ – ୫<br>ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ<br>ସମୟ ୩.୩୦ ମିନିଟ୍ | ୧. କର୍ମଶାଳାରେ ଅଂଶଗ୍ରହଣ କରିଥିବା ଆଦିବାସୀ ଅଂଶଗ୍ରହଣକାରୀ ମାନଙ୍କ ପାରଂପରିକ ଜ୍ଞାନକୌଶଳ ଏବଂ ପ୍ରଥା ଓ ଅଭ୍ୟାସ ଗୁଡିକୁ କର୍ମଶାଳାର ଏକ ବିଷୟ ଭାବରେ ଆଲୋଚନା କରିବା ଏବଂ ସ୍ୱିକାର କରିବା ।<br>୨. ପାରଂପରିକ ଜ୍ଞାନ ସଂପର୍କରେ ଜୈବ ବିବିଧତା ସମ୍ମେଳନରେ ଥିବା ଦିଗ ଗୁଡିକୁ ଜାଣିବା ଏବଂ ବୁଝିବା<br>୩. ପରିଚ୍ଛେଦ ୮ (ଜେ) ରେଥିବା ଜୈବବିବିଧତା ସମ୍ମିଳନୀ କାର୍ଯ୍ୟକ୍ରମର ମୁଖ୍ୟ ମୌଳିକତା କଣ ଏବଂ ଜୈବବିବିଧତା ସମ୍ମିଳନୀର ପ୍ରତିଶୃତି ଗୁଡିକର ପାଳନ ପାଇଁ କଣ କାର୍ଯ୍ୟକ୍ରମ ହୋଇଛି ତାହା ବୁଝିବା ।<br>୪. ଜୈବବିବିଧତା ସମ୍ମିଳନୀର ଆଦିମ ଅଧିବାସୀ ମାନଙ୍କ ପ୍ରତିନିଧିତ୍ୱ ଏବଂ ଭାଗିଦାରିତା କିପରି ପାରଂପରିକ ଜ୍ଞାନର ଉନ୍ନତୀ ନିମନ୍ତେ ଚାଲିଥିବା କାର୍ଯ୍ୟକୁ ସହେଯାଗ କରିବ ତାହା ଜାଣିବା । | • ବିଭିନ୍ନ ବିଷୟ ଉପରେ ଆଲୋଚନା<br>• ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ )<br>• ମୁକ୍ତ ଆଲୋଚନା |
| ମଡ୍ୟୁଲ – ୬<br>ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭ ରେ ଭାଗ -<br>ସମୟ – ୨ ଘଣ୍ଟା | ୧. ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ର ସଜ୍ଞାକୁ ବୁଝିବା<br>୨. ଜୈବବିବିଧତା ସମ୍ମିଳନୀରେ ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ସଂପର୍କରେ ଥିବା ବିଷୟ ଗୁଡିକୁ ଜାଣିବା । ଏଥିସହ ଏହି ବିଷୟ ସହ ସଂପୃକ୍ତ ଜୈବ ବିବିଧତା ସମ୍ମେଳନର କାର୍ଯ୍ୟ ପ୍ରକ୍ରିୟା ଓ କୌଶଳ ଗୁଡିକୁ ବୁଝିବା<br>୩. ଆନୁବଂଶିକ ସମ୍ବଳ ( ଜେନେଟିକ୍ ରିସୋର୍ସେସ୍ ) ର କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ଦିଗରେ ଆଦିମ ଅଧିବାସୀ ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକୁ ବୁଝିବା ଏବଂ ବୌଦ୍ଧିକ ସଂପତ୍ତିଗତ ଅଧିକାର ସଂପର୍କରେ ଜାଣିବା<br>୪. ଆଦିମ ଅଧିବାସୀ ମାନଙ୍କର ଆନୁବଂଶିକ ସମ୍ବଳ ( ଜେନେଟିକ୍ ରିସୋର୍ସେସ୍ ) ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ଅଧିକାରର ମୁଖ୍ୟ ନୀୟମାବଳୀ ଗୁଡିକ ସହ ସହମତ ହେବା | • ତାଲିକାକରଣ<br>• ବିଭିନ୍ନ ବିଷୟ ଉପରେ ଆଲୋଚନା<br>• କେସ୍‌ଷ୍ଟଡି<br>• ମୁକ୍ତ ଆଲୋଚନା |

| | | |
|---|---|---|
| ମଡ୍ୟୁଲ୍ – ୭<br>ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସମ୍ମିଳନୀ<br>ସମୟ – ୩ ଘଣ୍ଟା | ୧. ମହିଳା ଏବଂ ଲିଙ୍ଗଗତ ସମାନତା ଦିଗରେ ଜୈବବିବିଧତା ସମ୍ମିଳନୀରେ ଥିବା କାର୍ଯ୍ୟକ୍ରମ ଏବଂ ବ୍ୟବସ୍ଥା ଗୁଡିକୁ ଜାଣିବା<br>୨. ଜୈବବିବିଧତା ଏବଂ ପାରଂପରିକ ଜ୍ଞାନର ସଂରକ୍ଷଣ ଦିଗରେ ମହିଳା ମାନଙ୍କ ନିର୍ଦ୍ଧିଷ୍ଟ ଦାୟିତ୍ୱ ଭୂମିକା ଗୁଡିକୁ ସ୍ୱିକୃତି ଦେବା<br>୩. ଜୈବବିବିଧତା ସମ୍ମିଳନୀର ପରିଚାଳନା ଏବଂ କାର୍ଯ୍ୟକାରୀତାରେ ଲିଙ୍ଗଗତ ସମାନତା ଆଣିବା ନିମନ୍ତେ ଉଦ୍ଦିଷ୍ଟ ପଦକ୍ଷେପ ଗୁଡିକୁ ଚିହ୍ନଟ କରିବା । | • ଗଳ୍ପ କଥନ<br>• ବିଭିନ୍ନ ବିଷୟ ଉପରେ ଆଲୋଚନା<br>• ସଫଳ କାହାଣୀ ଆଲୋଚନା<br>• ଦଳଗତ ଆଲୋଚନା |
| ମଡ୍ୟୁଲ – ୮<br>ଆଦିମ ଅଧିବାସୀ ଏବଂ ଜୈବ ବୈଷୟିକ ଜ୍ଞାନ କୌଶଳ | ୧. ଗୁଣସୂତ୍ର ପରିବର୍ତ୍ତନ, ଗୁଣସୂତ୍ର ସମ୍ମିଶ୍ରଣ, ଜେନେଟିକ୍ ଇଂଜିନିୟରିଂ ଆଦି ସଂପର୍କରେ ଜାଣିବା ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ଏହାର ପ୍ରଭାବକୁ ବୁଝିବା<br>୨. ଜୈବ ଅନୁସନ୍ଧାନ ( ବାୟୋ ପ୍ରସ୍ପେକ୍ଟିଂଗ୍) ଏବଂ ଜୈବ ଚୋରାକାରବାର ( ବାୟୋପାଇରାସି) ସଂପର୍କରେ ଜାଣିବା ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ଏହାର ପ୍ରଭାବକୁ ବୁଝିବା<br>୩. କାର୍ଟାଜେନା ସର୍ତ୍ତାବଳୀ ସଂପର୍କରେ ଜାଣିବା<br>୪. ଆଦିମ ଅଧିବାସୀ ବସତି ଅଞ୍ଚଳରୁଜୈବ ଅନୁସନ୍ଧାନ ଦ୍ୱାରା ଉପୁଜୁଥିବା ସମସ୍ୟାକୁ ସମ୍ମୁଖୀନ ହେବା ପାଇଁ ଆଦିମ ଅଧିବାସୀ ମାନେ କଣ କରିବା ଦରକାର ତାହା ନିର୍ଣ୍ଣୟ କରିବା ।<br>୫. ଗୁଣସୂତ୍ର ପରିବର୍ତ୍ତନ ଏବଂ ଜୈବ ବୈଷୟିକ କୌଶଳ ଦିଗରେ ଆଦିମ ଅଧିବାସୀ ମାନେ ଗ୍ରହଣ କରିଥିବା ପଦକ୍ଷେପ ଓ ଉଦ୍ୟମ ଗୁଡିକୁ ଆଗକୁ ଆଣିବା | • ଭିଡିଓ ପ୍ରଦର୍ଶନ<br>• ବିଷୟଗତ ଆଲୋଚନା<br>• ସଫଳ କାହାଣୀ ଆଲୋଚନା<br>• ମୁକ୍ତ ଆଲୋଚନା<br>• ସାମୂହିକ ଆଲୋଚନା |
| ମଡ୍ୟୁଲ୍ – ୯<br>ଆଦିମ ଅଧିବାସୀ , ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ | ୧. ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କ ପାରଂପରିକ ଜ୍ଞାନ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ କୁ ବୁଝିବା<br>୨. ଜଳବାୟୁ ପରିବର୍ତ୍ତନର ସାଂପ୍ରତିକ ନୀତି ନୀୟମ ଏବଂ କାର୍ଯ୍ୟକ୍ରମ ବିଷୟରେ ଆଦିମ ଅଧିବାସୀ ମାନଙ୍କ ଜ୍ଞାନକୁ ସମୃଦ୍ଧ କରିବା<br>୩. ଜଙ୍ଗଲ, ଜୈବବିବିଧତା ଏବଂ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ ( ଆର୍.ଇ.ଡି.ଡି +) ପ୍ରକ୍ରିୟାକୁ ବୁଝିବା<br>୪. ଜଳବାୟୁ ପରିବର୍ତ୍ତନ ଜନିତ ପ୍ରତିକୂଳ ଅବସ୍ଥା ଦ୍ୱାରା ଜୈବବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କ ସୁରକ୍ଷା ନିମନ୍ତ ଉପଯୁକ୍ତ ନୀୟମ ଏବଂ କାର୍ଯ୍ୟଯୋଜନା ପ୍ରସ୍ତୁତିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଆଦିବାସୀ ମାନଙ୍କୁ ଉତ୍ସାହିତ କରିବା । | • ଚଳଚିତ୍ର ପ୍ରଦର୍ଶନ<br>• ଅନୁଭୂତି ମୂଳକ ଆଲୋଚନା<br>• ବିଷୟଗତ ଆଲୋଚନା<br>• ମୁକ୍ତ ଆଲୋଚନା |
| ମଡ୍ୟୁଲ – ୧୦<br>ସୁରକ୍ଷିତ ଅଞ୍ଚଳ ଏବଂ ଆଦିମ ଅଧିବାସୀ<br>ସମୟ – ୩.୩୦ ମିନିଟ୍ | ୧. ବୈଜ୍ଞାନିକ ପଦ୍ଧତିର ସଂରକ୍ଷଣ, ଜାତୀୟ ଉଦ୍ୟାନ ଏବଂ ସୁରକ୍ଷିତ ଅଞ୍ଚଳର ଐତିହାସିକ ଉତ୍ପତିକୁ ବୁଝିବା<br>୨. ସୁରକ୍ଷିତ ଅଞ୍ଚଳ ବିଭିନ୍ନ ବିଭାଗ ଏବଂ ପ୍ରଶାସନ | ନିମ୍ନ ତଥ୍ୟ ଗୁଡିକ ମଧ ବ୍ୟବହାର କରାଯାଇ ପାରିବ ।<br>(ସଂପୂର୍ଣ୍ଣ ତାଲିକା ପାଇଁ ପୃଷ୍ଠା ୯୧ ଦେଖନ୍ତୁ ) |

| | | |
|---|---|---|
| | ବ୍ୟବସ୍ଥାକୁ ବୁଝିବା<br>୩. ସୁରକ୍ଷିତ ଅଞ୍ଚଳ ଗୁଡିକ କିପରି ଆଦିମ ଅଧିବାସୀ ମାନଙ୍କ ଅଧିକାର ଏବଂ ଜୀବନଜୀବିକା ଉପରେ କିପରି ପ୍ରଭାବ ପକାଇଛି ତାହା ବିଶ୍ଲେଷଣ କରିବା<br>୪. ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ଦୃଷ୍ଟିଭଙ୍ଗୀକୁ ଅଗ୍ରାଧିକାର ଦେଇ ଆଲୋଚନା<br>୫. ଜୈବବିବିଧତା ସମ୍ମିଳନୀରେ ସୁରକ୍ଷିତ ଅଞ୍ଚଳପାଇଁ କଣ ସବୁ ବ୍ୟବସ୍ଥା ରହିଛି ଏବଂ ସୁରକ୍ଷିତ ଅଞ୍ଚଳର ସଂରକ୍ଷଣ ଏବଂ ସଂପ୍ରସାରଣ ଦିଗରେ ଏହାର କାର୍ଯ୍ୟକ୍ରମ ସବୁ କଣ ତାହା ବୁଝାଇବା ।<br>୬. ସାଂପ୍ରତିକ ସଂରକ୍ଷଣ ଏବଂ ମାନବ ଅଧିକାର ବ୍ୟବସ୍ଥା ଗୁଡିକ ସଂପର୍କରେ ଅଂଶଗ୍ରହଣକାରୀ ମାନଙ୍କୁ ଅବଗତ କରିବା । | • ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍‌ଜର୍‌ଭସନ୍ ଇନ୍ ସୁରିନେମ୍ – ଏ ରିଭିଉ<br>• ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍‌ଜର୍‌ଭସନ୍ – ରିଭ୍ୟୁଇଙ୍ଗ୍ ଆଣ୍ଡ୍ ପ୍ରମୋଟିଙ୍ଗ୍ ପ୍ରୋଗ୍ରେସ୍ ଇନ୍ କାମେରୁନ୍<br>• ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍‌ଜର୍‌ଭସନ୍ – ରିଭ୍ୟୁ ଅଫ୍ ପଲିସି ଆଣ୍ଡ ଇମ୍ପ୍ଲିମେଣ୍ଟେସନ୍ ଇନ୍ ଦି ଜାଙ୍ଗା-ସାଙ୍ଘା ପ୍ରୋଟେକ୍ଟେଡ୍ ଏରିଆ କମ୍ପ୍ଲେକ୍ସ<br>• କଞ୍ଜରଭେସନ୍ ଆଣ୍ଡ ଇଣ୍ଡିଜେନସ୍ ପିପୁଲ୍ - ଆସେସିଙ୍ଗ ଦି ପ୍ରୋଗ୍ରେସ ସିନ୍ସ ଡର୍ବାନ୍ |
| ଅଧ୍ୟାୟ – ୩ ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତା | | |
| ମଡ୍ୟୁଲ୍ ( ଆବଶ୍ୟକୀୟ ସମୟ) | ଉଦ୍ଦେଶ୍ୟ | ବ୍ୟବହୃତ କୌଶଳ |
| ମଡ୍ୟୁଲ୍ – ୧୧<br>ଜୈବବିବିଧତା ସମ୍ମିଳନୀର ଜାତୀୟ କାର୍ଯ୍ୟକାରୀତା<br>ସମୟ – ୩ଘଣ୍ଟା | ୧. କ୍ଲିଅରିଙ୍ଗ ହାଉସ୍ କୌଶଳରେ କିପରି ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତାର ତଥ୍ୟ ହାସଲ କରିହେବ ତାହା ଶିଖିବା<br>୨. ଜୈବବିବିଧତା ସମ୍ମିଳନୀର ଅଧାରରେ ରାଷ୍ଟ୍ରଗୁଡିକ ସେମାନଙ୍କ ଜୈବବିବିଧତା ସଂରକ୍ଷଣ କୌଶଳ ଓ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରିୟ ବିବରଣୀ ପ୍ରସ୍ତୁତ ପାଇଁ ଥିବା ଆନ୍ତର୍ଜାତୀୟ ଚୁକ୍ତିବଦ୍ଧତା ସଂପର୍କରେ ବିଶେଷରେ ଜାଣିବା ।<br>୩. ଜୈବବିବିଧତା ସମ୍ମିଳନୀର ଚୁକ୍ତି ଅନୁସାରେ ସରକାର ପ୍ରକୃତରେ କାର୍ଯ୍ୟକ୍ରମ କରୁଛନ୍ତି କି ନାହିଁ ତାହା ଜାଣିବା ।<br>୪. ଅଂଶଗ୍ରହଣକାରୀମାନେ ଜୈବବିବିଧତା ସମ୍ମିଳନୀକୁ ଜାତୀୟ ଓ ଗ୍ରାମ୍ୟସ୍ତରରେ କାର୍ଯ୍ୟକାରୀ କରିବାକୁ ଉଦ୍ଦିଷ୍ଟ ବାସ୍ତବିକ କାର୍ଯ୍ୟପନ୍ଥା ଏବଂ ପ୍ରକଳ୍ପ ସଂପର୍କରେ ଆଲୋଚନା | • ତଥ୍ୟ ଆହରଣ କରିବା<br>• ବିଷୟଗତ ଆଲୋଚନା<br>• ନଥିପତ୍ର ତଦାରଖ<br>• ସଫଳ କାହାଣୀ ଆଲୋଚନା<br>• ବୌଦ୍ଧିକ ଆଲୋଚନା |
| ମଡ୍ୟୁଲ – ୧୨<br>ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତି<br>ସମୟ – ୩ଘଣ୍ଟା | ୧. ପର୍ଯ୍ୟାବରଣ ସ୍ଥାୟିତ୍ୱ ଦିଗରେ ଆଦିମ ଅଧିବାସୀ ମାନଙ୍କର କୌଳିକ ସମ୍ବଳ ପରିଚାଳନା ଏବଂ ସ୍ଥାୟୀ ବ୍ୟବହାର ଅଭ୍ୟାସ ଗୁଡିକର ଉପଯୋଗୀତାକୁ ସ୍ୱିକୃତି ଦେବା<br>୨. ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ କାର୍ଯ୍ୟପନ୍ଥା | • ପୋଷ୍ଟର ଏବଂ ଅନ୍ୟାନ୍ୟ ପ୍ରଦର୍ଶନୀ<br>• ଗଳ୍ପ କଥନ / ସଫଳ କାହାଣୀ ଉପସ୍ଥାପନା |

| | | |
|---|---|---|
| | କଣ ତାହା ବିଷୟରେ ଜାଣିବା ଏବଂ ଏହାର ନୀତି ଏବଂ କାର୍ଯ୍ୟଗତ ନୀୟମାବଳୀ କୁ ବୁଝିବା<br>୩. ଜୈବବିବିଧତା ସମ୍ମିଳନୀର ପର୍ଯାବରଣ କାର୍ଯ୍ୟପନ୍ଥାରେ ଗୋଷ୍ଠୀ ସମୂହ, ସରକାର ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ପର୍ଯାବରଣ କାର୍ଯ୍ୟ କିପରି ପରସ୍ପର ସଂପର୍କିତ ହେବ ତାହା ନିର୍ଦ୍ଧାରଣ କରିବା । | • ତଥ୍ୟଗତ ଆଲୋଚନା<br>• ତୁଳନାତ୍ମକ ଏବଂ ବୈଷମ୍ୟତା<br>• ଛୋଟ ଦଳରେ ଆଲୋଚନା |
| ମଡ୍ୟୁଲ – ୧୩<br>ଜୈବବିବିଧତା ଏବଂ ତତ୍ ସଂପର୍କିତ ପାରଂପରିକ ଜ୍ଞାନର ସୁରକ୍ଷା | ୧. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ଆଦିମ ଅଧିବାସୀ ମାନେ କଣ କରିଛନ୍ତି ତାର ସଫଳ କାହାଣି ଉପସ୍ଥାପନ କରିବା<br>୨. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ୟୁନେସ୍କୋ, ୟୁ.ଏନ୍.ଡି.ଆର୍.ଆଇ.ପି ଏବଂ ଡବ୍ଲ୍ୟୁ .ଆଇ.ପି.ଓ ଆଦି ଆନ୍ତର୍ଜାତୀୟ ସଂଗଠନ ଗୁଡିକର ଆଇନଗତ ରୂପରେଖ ଏବଂ ସ୍ୱିକୃତି କଣ ସବୁ ରହିଛି ତାହା ବୁଝିବା ।<br>୩. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ଆନ୍ତର୍ଜାତୀୟ ନୀୟମ, ଜାତୀୟ ନୀୟମ ଓ କୌଳିକ ନୀୟମ ମଧ୍ୟରେ ଥିବା ସଂପର୍କ ଗୁଡିକୁ ବୁଝିବା ।<br>୪. ଯେଉଁ ସବୁ ପ୍ରତିକୂଳ ପରିସ୍ଥିତିରେ ପଡି ଆଦିମ ଅଧିବାସୀମାନେ ପାରଂପରିକ ଜ୍ଞାନକୁ ହରାଉଛନ୍ତି ସେସବୁ ଆଲୋଚନା କରି ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ବାସ୍ତବିକ ଉପାୟ ମାନ ବାହାର କରିବା । | ନିମ୍ନ ଲିଖିତ ତଥ୍ୟ ଗୁଡିକର ସହାୟତା ନିଆଯାଇପାରିବ<br>• ରିପୋର୍ଟ ଅଫ୍ ଦି ସେକ୍ରେଟେରିଏଟ୍ ଅନ୍ ଇଣ୍ଡିଜେନସ୍ ଟ୍ରାଡିସନନାଲ ନଲେଜ୍ ଟୁ ଦି ସିକ୍ସଥ ସେସନ ଅଫ୍ ଦି ୟୁ.ଏନ୍.ଏଫ୍.ପି.ଆଇ.ଆଇ.<br>• ଷ୍ଟଡି ଅନ୍ କମ୍ପ୍ଲିଆନ୍ସ ଇନ୍ ରିଲେସନ ଟୁ ଦି କଷ୍ଟମାରି ଲ ଅଫ୍ ଇଣ୍ଡିଜେନସ ଆଣ୍ଡ ଲୋକାଲ୍ କମ୍ୟୁନିଟିଜ୍, ନେସନାଲ୍ ଲ, ଆକ୍ରସ ଜୁରିସ୍ଡିକ୍ସନ ଆଣ୍ଡ ଇଣ୍ଟରନେସନାଲ ଲ<br>• ରିପୋର୍ଟ ଅଫ୍ ଦି ଇଣ୍ଟରନେସନାଲ ସେମିନାର ଅନ୍ ସିଷ୍ଟମ୍ ଫର୍ ଦି ପ୍ରୋଟେକ୍ସନ୍ ଆଣ୍ଡ କମର୍ସିଆଲାଇଜେସନ ଅଫ୍ ଟ୍ରାଡିସିନାଲ୍ ନଲେଜ<br>• ଡୁନୋଙ୍ଗ ଏଟ୍ ବାଟାସ୍<br>• ଆଓ୍ୱାର ହାର୍ଭେଷ୍ଟ ଇନ୍ ପେରିଲ୍<br>• ପ୍ରମୋଟିଙ୍ଗ ଇଣ୍ଡିଜେନସ୍ ନଲେଜ ଫର୍ ଫୁଡ ସିକ୍ୟୁରିଟି<br>• ଇଣ୍ଡିଜେନସ୍ ପିପୁଲ୍ସ |

| | | |
|---|---|---|
| | | କନସର୍ନ ଅନ୍ ଦି ସି.ବି.ଡି - ପାଓ୍ୱାରପଏଣ୍ଟ |
| ମଡ୍ୟୁଲ୍ – ୧୪<br>ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ( ସି.ଇ.ପି.ଏ )<br>ସମୟ – ୩ ଘଣ୍ଟା | ୧. ୧ – ଜୈବବିବିଧତା ସମ୍ମଳନୀର ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ( ସି.ଇ.ପି.ଏ )ର ବିସ୍ତୃତ ରୂପରେଖ ସଂପର୍କରେ ଅବଗତ ହେବା<br>୨. ୨ - ଆଇ.ଆଇ.ଏଫ୍.ବି ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ( ସି.ଇ.ପି.ଏ )ରେ କି ପ୍ରକାର କାର୍ଯ୍ୟମାନ କରିଥାଏ ତାହା ଶିଖିବା<br>୩. ୩ - ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ଏବଂ ଆନ୍ତର୍ଜାତୀୟ ଜୈବବିବିଧତା ଦଶନ୍ଧି ବିଷୟରେ ସଚେତନତା ସୃଷ୍ଟି କରିବା<br>୪. ୪ – କେତେକ ବାସ୍ତବ ଶିକ୍ଷଣ ଶୈଳୀ, ପରାମର୍ଶ ଏବଂ କାର୍ଯ୍ୟକୁ ଉପସ୍ଥାପନ କରିବା | ନିମ୍ନ ସହାୟକ ତଥ୍ୟ ଗୁଡିକୁ ବ୍ୟବହାର କରାଯାଇ ପାରିବ<br>• ଜୈବବିବିଧତା ସମ୍ମଳନୀର ଅଷ୍ଟମ ବୈଠକରେ ଅଂଶଗ୍ରହଣକାରୀ ମାନଙ୍କ ନିଷ୍ପତ୍ତି ସବୁ<br>• ଜୈବବିବିଧତା ସମ୍ମଳନୀ ଆଧାରିତ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟକ୍ରମ - ପାଓ୍ୱାରପଏଣ୍ଟ<br>• ପରିଚ୍ଛେଦ ୧୩ ( ଜନଶିକ୍ଷା ଓ ସଚେତନତା ) ରେ ଜୈବବିବିଧତା ସମ୍ମେଳନର ଅଂଶଗ୍ରହଣକାରୀଙ୍କ ନିଷ୍ପତ୍ତି ଏବଂ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟଭୁକ୍ତ ଦଳ<br>• ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ କାର୍ଯ୍ୟକାରୀ କରିବା କାର୍ଯ୍ୟକ୍ରମ ସମୂହ<br>• ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ ସ୍ୱାଗତ କରିବା |

ପଦ୍ଧତି –

ଏହି ତାଲିମ୍ ପ୍ରଣାଳୀ ର ଉଦ୍ଦେଶ୍ୟ ହେଉଛି ଅଂଶଗ୍ରହଣକାରୀ ମାନଙ୍କୁ ଆଲୋଚନା ଏବଂ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବାକୁ ଉତ୍ସାହିତ କରିବା । ସେଥିରେ ବିଭିନ୍ନ ସାଧନ ବ୍ୟକ୍ତି ମାନଙ୍କ ବିଷୟ ଓ ସଂଜ୍ଞା ଆଧାରିତ ତାତ୍ତ୍ୱିକ ବକ୍ତବ୍ୟ ଓ ଆଲୋଚନା ମଧ୍ୟ ରହିବ । ସହଜ, ସରଳ ଓ ସମସ୍ତଙ୍କୁ ଗ୍ରହଣୀୟ ହେବାଭଳି ଅଂଶଗ୍ରହଣକାରୀ ମାନଙ୍କ ବୁଦ୍ଧି ଏବଂ ଅନୁଭୂତି ସବୁକୁ କର୍ମଶାଳା, ମୁକ୍ତ ଆଲୋଚନା, ପୋଷ୍ଟର ଉପସ୍ଥାପନା, ବୌଦ୍ଧିକ ଆଲୋଚନା, ଏବଂ ଅନ୍ୟାନ୍ୟ ସହଭାଗୀ କୌଶଳରେ ଉପସ୍ଥାପିତ କରିବାର ପ୍ରୟାସ କରାଯିବ ।  ଏହି ପ୍ରକ୍ରିୟା ଅଂଶଗ୍ରହଣକାରୀ ମାନଙ୍କୁ ବିଷୟର ମୂଳ ତତ୍ତ୍ୱ ସହିତ ଜଡିତ କରିବା ସହ ସେମାନଙ୍କ ନିଜ ଗୋଷ୍ଠୀର ଅବସ୍ଥା, ସମସ୍ୟା ଏବଂ ନିଜ ଅନୁଭୂତି ସହ ଯୋଡିବାର ପ୍ରୟାସ କରିବ ।

# ମଡ୍ୟୁଲ ୧

# ଆଦିମ ଅଧିବାସୀ ଏବଂ ରାଜନୈତିକ ଅଧିକାରଗତ ଓକିଲାତି

### ଉଦ୍ଦେଶ୍ୟ

୧ ଆଦିମ ଅଧିବାସୀ ମାନଙ୍କ ସାମାଜିକ ଆନ୍ଦୋଳନରେ ସେମାନଙ୍କ ଭୂମିକା ଓ ଲକ୍ଷ୍ୟକୁ ସ୍ୱିକୃତି ଦେବା

୨ ରାଜନୈତିକ ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କ ଭାଗିଦାରିତାର ଗୁରୁତ୍ୱକୁ ବୁଝିବା

୩ ବଭିନ୍ନ ରାଜନୈତିକ କ୍ଷେତ୍ରରେ ସଫଳ ରାଜନୈତିକ ଅଧିକାରଗତ ଦାବୀ ବା ଓକିଲାତିକୁ ବୁଝିବା

୪ ବହୁପକ୍ଷିୟ ପାରିବେଶୀକ ଚୁକ୍ତି ଗୁଡିକୁ ତର୍ଜମା କରିବା ଏବଂ ଆଦିମ ଅଧିବାସୀ ମାନଙ୍କ ନିମନ୍ତେ ସେଗୁଡିକର ଉପଯୋଗୀତାକୁ ତର୍ଜମା କରିବା ।

### ତାଲିମ ସାମଗ୍ରୀ

- ଇଣ୍ଡିଜେନସ ପିପୁଲ୍ ଆଣ୍ଡ ପଲ୍‌ଟିକାଲ ଏଡ୍‌ଭୋକେସି - ପାୱାରପଏଣ୍ଟ
- ସଷ୍ଟେନ୍‌ବୁଲ୍ ଡେଭଲପ୍‌ମେଣ୍ଟ
- ଇଣ୍ଡିଜେନସ ପିପୁଲ୍‌ସ ଆଣ୍ଡ ଦି ୱାର୍ଲ୍ଡ ସମ୍ମିଟ ଅନ୍ ସଷ୍ଟେନ୍‌ବୁଲ୍ ଡେଭଲପ୍‌ମେଣ୍ଟ
- ଓ୍ୱି ଇଣ୍ଡିଜେନସ ପିପୁଲ୍ – ଏ କମ୍ପାଇଲେସନ ଅଫ୍ ଇଣ୍ଡିଜେନସ ପିପୁଲ୍‌ସ ଡିକ୍ଲାରେସନ

### ସମୟ

୩ ଘଣ୍ଟା

## କାର୍ଯ୍ୟକ୍ରମ –

ଆଦିମ ଅଧିବାସୀ ମାନେ ବିଭିନ୍ନ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଏବଂ ପ୍ରକ୍ରିୟାରେ ବିଭିନ୍ନ ଉପାୟରେ ଜଡିତ । ବିଶ୍ୱର ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପରିବର୍ତ୍ତନରେ ଆମ ନିଜ ଗ୍ରାମ୍ୟ ଗୋଷ୍ଠି ପ୍ରଭାବିତ ହେଉଥିଲେ ମଧ ସେ ଦିଗରେ ଆମେ କିଛି କରିପାରୁନାହୁଁ । ଉଦାହରଣ ସ୍ୱରୁପ ଜୈବବିବିଧତା ସମ୍ମେଳନ ଆନ୍ତର୍ଜାତୀୟ ଚୁକ୍ତିଟି ଆମ ସରକାରଙ୍କ ମାଧମରେ କାର୍ଯ୍ୟକାରୀ ହେବା ଏବଂ ଏହାର ପ୍ରଭାବ ଆମ ଆଦିବାସୀ ମାନଙ୍କ ଦୈନନ୍ଦିନ ଜୀବନ ଉପରେ ପଡୁଥିଲେ ମଧ ଆମେ ସେ ସଂପର୍କରେ ଅଜ୍ଞ । ଏଣୁ ଆମ ଆଦିମ ଅଧିବାସୀ ଲୋକମାନେ ଏବଂ ଗୋଷ୍ଠି ଗୁଡିକ ଆମମାନଙ୍କୁ ପ୍ରଭାବିତ କରୁଥିବା ବିଷୟ ଗୁଡିକ ସଂପର୍କରେ ଭଲଭାବେ ଜାଣିବା ଓ ଜଡିତ ରହିବା ନିତାନ୍ତ ଜରୁରୀ ।



**ପ୍ରୟୋଗ – ୧**

ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) – ଗାଁ ରୁ ବିଶ୍ୱ ପର୍ଯ୍ୟନ୍ତ ସଂଯୋଗ ( ୧ ଘଣ୍ଟା )

୧. ଆଦିମ ଅଧିବାସୀ ମାନଙ୍କ ପ୍ରଧାନ ସମସ୍ୟା ଗୁଡିକୁ ଆନ୍ତର୍ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରକ୍ରିୟା ସହ ଯୋଡିବା

୨. ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ଅଂଚଳ, ଦେଶ, ବା ଗୋଷ୍ଠୀ ଅନୁସାରେ ଦଳରେ ଭାଗ କରି ଦିଅନ୍ତୁ

୩. ତାଲିମ୍ ସହାୟକ ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) ବିଷୟରେ ସମ୍ୟକ ଧାରଣା ଦିଅନ୍ତୁ ।

୪. ୩୦ ମିନିଟ୍ ମଧ୍ୟରେ ପ୍ରତ୍ୟେକ ଦଳ ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) ଅଙ୍କନ କରିବେ । ନିଜର ପ୍ରଧାନ ସମସ୍ୟା ଗୁଡିକୁ କେନ୍ଦ୍ରରେ ରଖିବା ସହ ସେଗୁଡିକୁ ଆନ୍ତର୍ଜାତୀୟ ଘଟଣା ଏବଂ ପ୍ରକ୍ରିୟା ସହ ଯୋଡିବେ ।

୫. ପ୍ରତ୍ୟେକ ଦଳ ନିଜ ଚିତ୍ରକୁ ସମସ୍ତଙ୍କୁ ବୁଝାଇବା ପାଇଁ ଜଣେ ଉପସ୍ଥାପକଙ୍କୁ ବାଛିବେ ।

୬. ତାଲିମ୍ ସହାୟକ ସମସ୍ତ ଉପସ୍ଥାପନାକୁ ବିଶ୍ଳେଷଣ କରି ଆଦିମ ଅଧିବାସୀ ମାନଙ୍କ ସ୍ଥାନୀୟ ସମସ୍ୟା ଗୁଡିକ କିପରି ଜୈବବିବିଧତା ସମ୍ମିଳନୀ ପରି ଆନ୍ତର୍ଜାତୀୟ ପ୍ରକ୍ରିୟା ସହିତ ଯୋଡି ହୋଇଛି ତାହା ଆଲୋଚନା କରିବେ ।

ବିଷୟଗତ ଆଲୋଚନା ( ୧ ଘଣ୍ଟା )

**ଚିଫ୍ ଓରେନ ଲିଓନ୍ସ – ୧୯୯୭ ମସିହାରେ ଜାତିସଂଘରେ ଆଦିମ ଅଧିବାସୀଙ୍କ ୨୦ ବର୍ଷ ଅବସରରେ ୟୁ.ଏନ୍.ଡବ୍ଲୁ.ଜି.ଆଇ.ପି ( ଆଦିମ ଅଧିବାସୀଙ୍କ ସଂପର୍କରେ ଜାତିସଂଘର କାର୍ଯ୍ୟକାରୀ ଦଳ )ରେ ଦେଇଥିବା ବକ୍ତବ୍ୟ**

ଆମେ ଆମର ନିଜ ମାତୃଭୂମୀ ସଂପର୍କରେ ନ୍ୟାୟ ମାଗିବାକୁ ଆସିଲୁ । ଆମେ ବିଶ୍ୱ ସମୁଦାୟକୁ ଆଦିମ ଅଧିବାସୀ ଦେଶ ଏବଂ ଲୋକମାନଙ୍କ ପ୍ରତି ଥିବା ଭେଦାଭେଦ, ଶୋଷଣ, ଜାତିଗତ ଆକ୍ଷେପ, ସାଂସ୍କୃତିକ ହତ୍ୟା ଓ ଗଣହତ୍ୟାର ସମତା ଭିତ୍ତିକ ସମାଧାନ ପାଇଁ ଆମର ଉଦ୍ୟମକୁ ସମର୍ଥନ କରିବାକୁ ନିବେଦନ କରିବାକୁ ଏଠାକୁ ଆସିଲୁ ।

ସରକାର ଏବଂ ପୁଞ୍ଜିପତି ଗୋଷ୍ଠୀ ଦ୍ୱାରା ଲୁଣ୍ଠନର ଶିକାର ହୋଇଚାଲିଥିବା ପ୍ରାକୃତିକ ବିଶ୍ୱ ବିଷୟରେ ଆମେ ଏଠାକୁ କହିବାକୁ ଆସିଲୁ । ଜୈବଶିକୁଳିରୁ ପଳାୟନ କରିପାରୁନଥିବା ପ୍ରସାରିତ ଡେଣାର ଗଛ ମାନଙ୍କ ନିମନ୍ତେ କହିଲୁ । ସମୁଦ୍ରରେ ନିଜ ଜନ୍ମ ବିଛଣାରେ ଜାଆଁଳ ଅବସ୍ଥାରେ ମରିଯାଉଥିବା ସାଲମନ୍ ମାଛ, ହେରିଙ୍ଗ୍, ଟୁନା ଓ ହାଡ୍ଡକ୍ ମାଛଙ୍କ ତରଫରୁ କହିଲୁ । ମାଛ, ବନ୍ୟପ୍ରାଣି ଏବଂ ପକ୍ଷୀମାନେ ରୋଗାକ୍ରାନ୍ତ ହୋଇ ଲୋପ ପାଇ ଯାଉଥିବାର ସତର୍କ ସୂଚନା ଆମେ ଚାରିଆଡୁ ପାଉଥିଲୁ । ଆଜି ଆମେ ସେମାନଙ୍କ ତରଫରୁ କହିବାର ସୁଯୋଗ ପାଇଲୁ । ବର୍ତ୍ତମାନେ ସେମାନେ ସର୍ବାପେକ୍ଷା ଅଧିକ ଭାବରେ ଲୋପପାଇ ଚାଲିଛନ୍ତି ଏବଂ କିଛି କରାନଗଲେ ସେମାନଙ୍କ ଅବସ୍ଥା ଅଧିକ ବିପଦପୂର୍ଣ୍ଣ ହେବ । ବର୍ତ୍ତମାନ ସମୟରେ ମାନବିକତାର ଜାଗୃତି ନିତାନ୍ତ ଜରୁରୀ । କେବଳ ନିଜର ବଂଚିବା ପାଇଁ ନୁହେଁ ବରଂ ଜୀବସତ୍ତା ମଧ୍ୟରେ ଯେଉଁ ପାରସ୍ପରିକ ସଦ୍ଭାବ ଓ ସଂପର୍କ ଆମକୁ ସୁରକ୍ଷା ଦେଇଆସୁଛି ସେହି ପାର୍ଥିବ ମୂଲ୍ୟବୋଧକୁ ନେଇ ସଂହତିପୂର୍ଣ୍ଣ ଜୀବନ ବଂଚିବା ନିମନ୍ତେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ ।

ଜୈବବିବିଧତା ହେଉଛି ଜଟିଳ ଭାବେ ପରସ୍ପର ସହ ଗୁନ୍ଥା ଏହି ଜୀବନ ପାଇଁ ଏକ ଭାବାବେଗହୀନ, ଯାନ୍ତ୍ରିକ ଶବ୍ଦାବଳୀ, ଯାହାକି ଆମକୁ ବଂଚାଇ ରଖିଛି । ଆମେ ଆଦିମ ଅଧିବାସୀମାନେ ଏହିପରି ଜୀବନ ବଂଚୁ ବୋଲି କହୁ, ତେଣୁ ତୁମ ପାଇଁ ଯାହା ସମ୍ବଳ ତାହା ଆମ ପାଇଁ ସମ୍ପର୍କ । ତୁମେ ତାକୁ କିପରି ଦୃଷ୍ଟିରେ ଦେଖିବ ତାହାହିଁ ମୁଖ୍ୟ ବିଷୟ ।

ଜୀବନ ବଂଚିବାର ଏହି ସମୀକରଣରେ ଆଦିମ ଅଧିବାସୀ ମାନଙ୍କୁ କିଛି ଦେବାକୁ ପଡିବ . . .ଆମ ମାନଙ୍କର ଲକ୍ଷ୍ୟ ଏବଂ ଦାୟିତ୍ୱ ହେଉଛି ସମାନ ଏବଂ ମୋ କହିବା କଥା ହେଲା ଶାନ୍ତି ସ୍ଥାପନା ପାଇଁ ପୃଥିବୀବାସୀଙ୍କ ଭିତରେ ଏକ ବିରାଟ ଆଶା ଜାଗ୍ରତ କରିଥିବା ତୁମେ ନେତୃବୃନ୍ଦ ଏବଂ ଜାତିସଂଘ, ଆମମାନଙ୍କ ବିରୁଦ୍ଧରେ ନୁହେଁ ବରଂ ଆମମାନଙ୍କ ସହ ମିଶି କାମ କରିବା ଉଚିତ । ଆମେ ଆପଣମାନଙ୍କୁ ଜଣାଇ ଦେଉଛୁ ଯେ, ଯେତେଦିନ ପର୍ଯ୍ୟନ୍ତ ଆପଣମାନେ ପୃଥିବୀ ମାତା ବିରୁଦ୍ଧରେ ଯୁଦ୍ଧ କରୁଥିବେ ସେତେଦିନ ପର୍ଯ୍ୟନ୍ତ ଶାନ୍ତି ଆସିବ ନାହିଁ ।

## ୧ – ଆନ୍ତର୍ଜାତୀୟ ଅଭିନେତା ଭାବେ ଆଦିମ ଅଧିବାସୀ ମାନଙ୍କ ପ୍ରଧାନ ଲକ୍ଷ୍ୟ କଣ ?

ଆଦିମ ଅଧିବାସୀମାନେ ବିଭିନ୍ନ ଆନ୍ତର୍ଜାତୀୟ ପ୍ରକ୍ରିୟାରେ ଅଧିକରୁ ଅଧିକ ଭାବେ ଜଡିତ ହେଉଛନ୍ତି ଏବଂ ଆନ୍ତର୍ଜାତୀୟ ଅଭିନେତା ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଆନ୍ତର୍ଜାତୀୟ ପ୍ରକ୍ରିୟାରେ ଜଡିତ ଥିବା ଆଦିମ ଅଧିବାସୀ ମାନଙ୍କ ପ୍ରଧାନ ଲକ୍ଷ୍ୟ ହେଲା –

- ଆଦିମ ଅଧିବାସୀ ମାନଙ୍କ ମାନାବାଧିକାରର ସ୍ୱିକୃତି ହାସଲ କରିବା ଏବଂ ଆନ୍ତର୍ଜାତୀୟ ନ୍ୟାୟ ଦାବୀ କରିବା
- ଆମ୍ଭମାନଙ୍କ ଜୀବନ ଓ ବଂଚିବା ପାରସ୍ପରିକ ସଂପର୍କିତ ଯୋଗସୂତ୍ରରେ ଗୁନ୍ଥା ହୋଇଥିବାରୁ  ସମସ୍ତ ରାଷ୍ଟ୍ର ଏବଂ ଲୋକ ମାନଙ୍କ ସହ ମିଶି ଶାନ୍ତି ପାଇଁ କାର୍ଯ୍ୟ କରିବା

ଏହି ଲକ୍ଷ୍ୟ ହାସଲ ପାଇଁ ଆଦିମ ଅଧିବାସୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଆମ ଭବିଷ୍ୟତକୁ ନେଇ ହେଉଥିବା ଏହି ବିରାଟ ବିତର୍କରେ ଆମେ ଅଲଗା ନରହି ଏକ ମୁଖ୍ୟ ଭୂମିକା ତୁଲାଇବା ଆବଶ୍ୟକ ।

## ୨ – ଜନପ୍ରିୟ ବହୁଳ ଅଂଶଗ୍ରହଣ

ସାମାଜିକ ବିକାଶ ପାଇଁ ଜାତିସଂଘର ଗବେଷଣା ପ୍ରତିଷ୍ଠାନ ( ୟୁ.ଏନ୍.ଆର୍.ଆଇ.ଏସ୍.ଡି ) ଜନପ୍ରିୟ ବହୁଳ ଅଂଶଗ୍ରହଣ ବା ପପୁଲାର ପାର୍ଟିସିପେସନ୍‌କୁ ଏହିପରି ବ୍ୟାଖ୍ୟା କରିଛନ୍ତି ।

ଯେଉଁସବୁ ଦଳ ବା ଆନ୍ଦୋଳନ ଗୁଡିକ ଅଦ୍ୟାବଧି ସାମାଜିକ ବ୍ୟବସ୍ଥାର ବ୍ୟବସ୍ଥିତ ଅନୁଷ୍ଠାନ ଏବଂ ସାଧନ ଗୁଡିକ ଉପରେ ନିଜ କର୍ତ୍ତୃତ୍ୱରୁ ବାଦ୍ ପଡିଛନ୍ତି ସେମାନଙ୍କର କର୍ତ୍ତୃତ୍ୱ ବୃଦ୍ଧି ପାଇଁ ସଂଗଠିତ ଉଦ୍ୟମ କରିବା ।

ଏହାଛଡା ଷ୍ଟଇଫେଲ୍ ଓ ଓଲ୍‌ଫ ଆଦିଙ୍କ ପରି ମନୀଷିମାନେ ଜନପ୍ରିୟ ବହୁଳ ଅଂଶଗ୍ରହଣ ବା ପପୁଲାର ପାର୍ଟିସିପେସନ୍‌କୁ ଏହିପରି ବ୍ୟାଖ୍ୟା କରିଛନ୍ତି ।

*ବିକାଶ ହେଉଛି ଏକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟା । ପାରଂପାରିକ ଗୋଷ୍ଠୀ ଗୁଡିକର ସଂପର୍କ ଓ ଅନୁଷ୍ଠାନ ଗୁଡିକ ଧିରେ ଧିରେ ଏବଂ ଅପରିହାର୍ଯ୍ୟ ଭାବରେ ନୂତନ, ଆଧୁନିକ ଏବଂ ବୃହତ୍ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ବ୍ୟବସ୍ଥା ଭିତରେ ଅନ୍ତର୍ଭୁକ୍ତ ହେବେ । ଏହି ପ୍ରକ୍ରିୟାରେ ପୂର୍ବ ପ୍ରଚଳିତ ଜୀବନଜୀବିକା ବ୍ୟବସ୍ଥା, ମୂଲ୍ୟବୋଧ ଏବଂ ପାରଂପରିକ ଅନୁଷ୍ଠାନ ଗୁଡିକ ସତ୍ତା ହରାଇବେ । କେତେକ ସାମାଜିକ ସଂଗଠନ ଭାଙ୍ଗିବ ଏବଂ କେତେକ ନୂଆ ସଂଗଠନ ଗଢିହେବ । ସମସ୍ତଙ୍କୁ ନୂତନ ଏବଂ ବୃହତ୍ ସାମାଜିକ ବ୍ୟବସ୍ଥାରେ ନିଜର ସ୍ଥାନ ସଂରକ୍ଷଣ ପାଇଁ ସଂଗ୍ରାମ କରିବାକୁ ପଡିବ ।*

ତେଣୁ ସହଭାଗୀ ମୂଳକ ଉଦ୍ୟମକୁ "ଅନ୍ତର୍ଭୁକ୍ତି ପାଇଁ ସଂଗ୍ରାମ" ହିସାବରେ ବୁଝାଯାଇପାରେ । ତେବେ କିଛି ବାଦ୍ ପଡିବେ ବା କିଛି ମିଶିବେ, ତାହା ସମସ୍ୟା ନୁହେଁ, ସମସ୍ୟା ହେଉଛି ଦୁର୍ବଳ ଗୋଷ୍ଠୀ ଗୁଡିକୁ ଅତି ଅସହଣୀୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉଛି । ସେମାନେ ଏହି ପ୍ରକ୍ରିୟାକୁ ପରିଚାଳିତ କରୁଥିବା ନିଷ୍ପତ୍ତିଗତ ଏବଂ ନିୟାମକ ବ୍ୟବସ୍ଥାରୁ ବାଦ୍ ପଡି ଆସୁଛନ୍ତି ଏବଂ ଏହାର ପରିଚାଳନାଗତ ବ୍ୟବସ୍ଥା ଉପରେ ସେମାନଙ୍କର କୌଣସି କର୍ତ୍ତୃତ୍ୱ ରହୁନାହିଁ ।

## ୩ – ସାମାଜିକ ଶିକ୍ଷାନବୀସ ଓ ଅଭିନେତା ହିସାବରେ ଆଦିମ ଅଧିବାସୀଙ୍କ ଭୂମିକା

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଯେ, ଆଦିମ ଅଧିବାସୀ ହିସାବରେ ଆମେ ନିଜକୁ ସାମାଜିକ ଶିକ୍ଷାନବୀସ ଓ ଅଭିନେତା ହିସାବରେ ଦେଖିବାର ସଚେତନତା । ଏଥିସହ ଆମେ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ସାମାଜିକ ଓ ପାରିବେଶିକ ସମସ୍ୟା ଗୁଡିକର ସମାଧାନ ଆବଶ୍ୟକ କରୁ । ଏହା ହେଉଛି "ଶିଖିବା ଓ କାର୍ଯ୍ୟରେ ଲଗାଇବା" ପ୍ରକ୍ରିୟା, ସାଂପ୍ରତିକ ବିଶ୍ୱର ପାରିବେଶିକ ସମସ୍ୟାକୁ ଆମର ଶିକ୍ଷାଭୁକ୍ତ ଅଂଚଳ ଯଥା ଗାଁ, ଗୋଷ୍ଠୀ, ସହର ବା କିଛି ଅନୁଷ୍ଠାନ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବା ।

## ୪ - ଆଦିମ ଅଧିବାସୀ ଏବଂ ପ୍ରଭାବଶାଳୀ ରାଜନୈତିକ ଓକିଲାତି

ରାଜନୈତିକ ଓକିଲାତି ଅର୍ଥ ହେଉଛି ଆମର ସାମାଜିକ ଓ ପାରିବେଶିକ ଭବିଷ୍ୟତ ପାଇଁ ନିଷ୍ପତ୍ତିଗତ ବ୍ୟବସ୍ଥାରେ ଆଦିମ ଅଧିବାସୀ ମାନଙ୍କ ସ୍ୱରକୁ ଦୃଢ କରିବା । ଆଦିମ ଅଧିବାସୀ ମାନଙ୍କ ସହାୟତାରେ ରାଜନୈତିକ ଭାରସାମ୍ୟରେ ପରିବର୍ତ୍ତନ ଆଣିବା ପାଇଁ କରାଯାଉଥିବା କାର୍ଯ୍ୟକ୍ରମ ଗୁଡିକ ଓକିଲାତିର ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମ ଗୁଡିକ ହେଲା ଶିକ୍ଷା, ଜନ ସଚେତନତା ସୃଷ୍ଟି, ସଚେତନା ଅଭିଯାନ, ଯୋଗାଯୋଗ, ଗବେଷଣା ଏବଂ ପ୍ରଭାବିତ କରିବା କାର୍ଯ୍ୟକ୍ରମ ସମୂହ ।

## ୫ – ରାଜନୈତିକ ମଞ୍ଚ କଣ ?

- ରାଜନୈତିକ ମଞ୍ଚ ହେଉଛି ଶାସନ ବ୍ୟବସ୍ଥା, ଭୌଗୋଳିକ ପରିବେଶ, ଭାଷା ଏବଂ ରାଜନୈତିକ ସଂସ୍କୃତିର ବିଭିନ୍ନ ସ୍ତରରେ ନିଷ୍ପତ୍ତିଗତ ପ୍ରକ୍ରିୟା ।
- ଅଧିକାଂଶ ରାଜନୈତିକ ମଞ୍ଚ ହେଉଛି ସ୍ଥାନୀୟ, ଜାତୀୟ ଏବଂ ଆଂଚଳିକ ଆଦି ଭୌଗୋଳିକ ପରିସିମା ଅନ୍ତର୍ଭୁକ୍ତ ।
- ୮ ମହାଶକ୍ତିର ବୈଠକ ପରି କେତେକ ପରିବର୍ତ୍ତନଶୀଳ ଲକ୍ଷ୍ୟ
- କେତେକ ବହୁସ୍ତରୀୟ । ଇଉରୋପୀୟ ସମଦାୟକୁ ନିଷ୍ପତ୍ତିଗତ ଢାଞ୍ଚା ହିସାବରେ ପ୍ରତିଦ୍ୱନ୍ଦିତା କରିବାକୁ ହେଲେ ଗୋଟିଏ ପାଦ ବ୍ରସେଲ୍ସ ରେ ରଖିବା ବେଳେ ଅନ୍ୟଟି ଦେଶରେ ରଖିବା ଭଳି ଅବସ୍ଥାର ସମ୍ମୁଖିନ ହେବାକୁ ହେବ, ଯାହାକି ବର୍ତ୍ତମାନ ଇଉରୋପୀୟ ସମଦାୟ କ୍ଷେତ୍ରରେ ଘଟୁଛି ।
- ଆଉ କେତେକ ବିଶ୍ୱବ୍ୟାଙ୍କ ପରି ଆନୁଷ୍ଠାନିକ ମଞ୍ଚ

ସ୍ଥାନୀୟ, ଜାତୀୟ ଓ ଆନ୍ତର୍ଜାତୀୟ ଆଦି ବିଭିନ୍ନ ମଞ୍ଚରେ ରାଜନୈତିକ ଓକିଲାତି କରାଯାଇପାରିବ । ପ୍ରତ୍ୟେକ ରାଜନୈତିକ ମଞ୍ଚର ନିଜସ୍ୱ ରାଜନୈତିକ ଦୃଷ୍ଟିଭଙ୍ଗି ରହିଛି ଏବଂ ତାହା ବିଚାରକୁ ନିଆଯିବା ଆବଶ୍ୟକ । ପ୍ରତିଟି ମଞ୍ଚର ସବଳତା, ଦୁର୍ବଳତା, ସୁଯୋଗ ଏବଂ ସମ୍ଭାବ୍ୟ ବିପଦ ଆଦିକୁ ତର୍ଜମା କରି କେଉଁ ମଞ୍ଚରେ ଆଦିମ ଅଧିବାସୀମାନେ ଜଡିତ ରହିବେ ତାହା ନିର୍ଦ୍ଧାରଣ କରାଯିବା ଆବଶ୍ୟକ ।

ଯେହେତୁ ପ୍ରତ୍ୟେକ ରାଜନୈତିକ ମଂଚର ନିଜସ୍ୱ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି, ପ୍ରଭାବଶାଳୀ ରାଜନୈତିକ ଓକିଲାତି ପାଇଁ ପୁଙ୍ଖାନୁପୁଙ୍ଖ ଜ୍ଞାନ ଏବଂ ପ୍ରକ୍ରିୟା ସଂପର୍କରେ ସୁପରିଚିତ ଉପଯୁକ୍ତ ରାଜନୈତିକ ଅଭିନେତାର ଆବଶ୍ୟକତା ରହିଛି । ଗୋଟିଏ ରାଜନୈତିକ ମଞ୍ଚର ଦାବୀ ଓ କୌଶଳ ଗୁଡିକ ଅନ୍ୟ ରାଜନୈତିକ ମଞ୍ଚରେ ପୁନରାବୃତ୍ତି କରାଯିବା ଉଚିତ ନୁହେଁ ।

ନିମ୍ନ ଟେବୁଲ୍‌ରେ ଆମେ ଜଡିତ ହେବା ପରି ସ୍ଥାନୀୟ, ଜାତୀୟ ଓ ଆନ୍ତର୍ଜାତୀୟ ରାଜନୈତିକ ମଞ୍ଚ ଗୁଡିକ ବିଷୟରେ ଉଲ୍ଲେଖ ରହିଛି । ଏହିସବୁ ସ୍ତରରେ କେଉଁଭଳି ଅଭିନେତା, ସେମାନଙ୍କର ଅଭିଜ୍ଞତା ସ୍ତର ଏବଂ କୌଶଳ ବିଷୟରେ ସୂଚନା ଦିଆଯାଇଛି ।

| ଅଭିନେତା | ଅଭିଜ୍ଞତା ସ୍ତର | ରାଜନୈତିକ ମଞ୍ଚ |
|---|---|---|
| ଆନ୍ତର୍ଜାତୀୟ<br>ଆନ୍ତର୍ଜାତୀୟ ସଂଗଠନ<br>ସରକାର<br>ଶିଳ୍ପ ସଂସ୍ଥା ସମୂହ<br>ଆଦିମ ଅଧିବାସୀ<br>ବେସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ | ଚୁକ୍ତି / ସମ୍ମେଳନ ବା ବୁଝାମଣାପତ୍ର / ଘୋଷଣାପତ୍ର<br>ନିୟାମକ<br>ମାପଦଣ୍ଡ ଓ ସୂଚକ<br>ମାର୍ଗଦର୍ଶିକା<br>କାର୍ଯ୍ୟକ୍ରମ | ମାନବାଧିକାର/ ଶାନ୍ତି<br>ସ୍ଥାୟୀ ବିକାଶ<br>ପରିବେଶ / ପର୍ଯ୍ୟାବରଣ<br>ଅର୍ଥନୀତି, ବାଣିଜ୍ୟ, ଆର୍ଥିକ |
| ଆଞ୍ଚଳିକ<br>ଆଞ୍ଚଳିକ ମଞ୍ଚ | ଆଞ୍ଚଳିକ ସହଯୋଗୀତା ଏବଂ ସଂଯୋଜନା | ଆଞ୍ଚଳିକ ଅନୁଷ୍ଠାନ ଏବଂ ପ୍ରକ୍ରିୟା |
| ଜାତୀୟ<br>ଜାତୀୟ ସ୍ତରର ସଂଯୋଜନା<br>ସଚେତନତା ଅଭିଯାନ | ଆଇନଗତ / ନିୟାମକ ବ୍ୟବସ୍ଥା | କାର୍ଯ୍ୟନିର୍ବାହୀ/ ପ୍ରଶାସକ<br>ବିଧାନ ପରିଷଦ<br>ଆଇନ ବିଭାଗ |
| ଉପ – ଜାତୀୟ/ ସ୍ଥାନୀୟ | ସଂଗଠନ ଏବଂ ଶିକ୍ଷା, ଜନ ସୂଚନା, ସମ୍ବାଦପତ୍ର ବିଭାଗ | ସମନ୍ୱୟ ସ୍ଥାପନ, ପ୍ରବର୍ତ୍ତନା<br>ଗବେଷଣା |

ଆମ୍ଭମାନେ ବିଭିନ୍ନ ଆଦିମ ଅଧିବାସୀ ସଂଗଠନ ମାନ ଗଢି ଏହିସବୁ ମଞ୍ଚ ଗୁଡିକର ବିଭିନ୍ନ ସ୍ତର ସହ ଜଡିତ ରହିଛେ । ରାଜନୈତିକ ଓକିଲାତିରେ ସକ୍ରିୟ ଥିବା କେତେକ ଆଦିମ ଅଧିବାସୀ ସଂଗଠନ ହେଲା –

- ଆଦିମ ଅଧିବାସୀଙ୍କ ବିଶ୍ୱସ୍ତରୀୟ ସଂଗଠନ ( ଯଥା - ଆଦିମ ଅଧିବାସୀ ଜୈବବିବିଧତା ଫୋରମ )
- ଆଞ୍ଚଳିକ ଆଦିମ ଅଧିବାସୀଙ୍କ ସଂଗଠନ ( ଯଥା - ଏସିଆ ଆଦିମ ଅଧିବାସୀଙ୍କ ସଂଗଠନ )
- ମହିଳା ସଂଗଠନ (ଯଥା - ଆଦିମ ଅଧିବାସୀ ମହିଳା ଜୈବ ବିବିଧତା ନେଟୱାର୍କ )
- ଜାତୀୟ ଆଦିମ ଅଧିବାସୀଙ୍କ ଫେଡେରେସନ ( ଯଥା – ଇଣ୍ଡୋନେସିଆ ର ଅମନ )
- ଆଦିମ ଅଧିବାସୀ/ ରାଷ୍ଟ୍ର
- ସ୍ଥାନୀୟ ଆଦିମ ଅଧିବାସୀଙ୍କ ସଂଗଠନ ଏବଂ ଗୋଷ୍ଠୀସ୍ତରୀୟ ସଂଗଠନ

# ୬ – ରାଜନୈତିକ ମଞ୍ଚ ହିସାବରେ ବହୁପକ୍ଷିୟ ପାରିବେଶିକ ଚୁକ୍ତି ଏବଂ ସନ୍ଧି

## ବହୁପକ୍ଷିୟ ପାରିବେଶିକ ଚୁକ୍ତିର ଇତିହାସ ଓ ପ୍ରେକ୍ଷାପଟ

ବହୁପକ୍ଷିୟ ପାରିବେଶିକ ଚୁକ୍ତି ଗୁଡିକ ଜାତିସଂଘ ଦ୍ୱାରା ଆହୁତ  ବୃହତ୍ ଆନ୍ତର୍ଜାତୀୟ ସମ୍ମିଳନୀ ଗୁଡିକ ଦ୍ୱାରା ଉପସ୍ଥାପନ କରାଯାଇଆସୁଛି, ଯଦିଓ ସମସ୍ତ ବହୁପକ୍ଷିୟ ପାରିବେଶିକ ଚୁକ୍ତି ଜାତିସଂଘରୁ ଉତ୍ପତ୍ତି ନୁହେଁ ।  ପାରିବେଶିକ ଚୁକ୍ତି ଗୁଡିକ ଉନବିଂଶ ଶତାବ୍ଦିର ଶେଷ ଭାଗରୁ ଉପସ୍ଥାପିତ ହୋଇ ଆସୁଥିଲେ ମଧ ବହୁଳ ସଂଖ୍ୟାରେ ବହୁପକ୍ଷିୟ ପାରିବେଶିକ ଚୁକ୍ତି ୧୯୭୨ ମସିହା ଜାତିସଂଘର ମାନବିକ ପରିବେଶ ସମ୍ମିଳନୀରେ ଗ୍ରହଣ କରାଯାଇଥିଲା । ଏହାକୁ ଷ୍ଟକ୍‌ହୋମ୍ ସମ୍ମିଳନୀ ବୋଲି କୁହାଯାଇପାରେ ।  ଏହି ଷ୍ଟକ୍‌ହୋମ୍ ସମ୍ମିଳନୀ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ( ୟୁ.ଏନ୍.ଇ.ପି ) କୁ ଜନ୍ମ ଦେଲା । ଏହା ଷ୍ଟକ୍‌ହୋମ୍ ଘୋଷଣାପତ୍ର ଭାବରେ ଏକ ପରିବେଶ ପାଣ୍ଠି ଏବଂ ପରିବେଶଗତ କାର୍ଯ୍ୟ ଯୋଜନା ନିର୍ଣ୍ଣୟ କରାଗଲା । ଏହି ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତ ୧୧୩ଟି ରାଷ୍ଟ୍ର ଏହାକୁ ଗ୍ରହଣ କରିନେଇଥିଲେ । ଏହା ପରିବେଶଗତ ବିଷୟକୁ ପ୍ରାଧାନ୍ୟ ଦେଇ ହୋଇଥିବା ସର୍ବପ୍ରଥମ ବିଶ୍ୱସ୍ତରୀୟ  ଘୋଷଣାପତ୍ର । ଏଥିରେ ଥିବା ୨୬ଟି ନୀୟମ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉନ୍ମୋଚନ କରିବା ସହ ପରବର୍ତ୍ତୀ ସମୟରେ ବହୁପକ୍ଷୀୟ ପାରିବେଶିକ ଚୁକ୍ତିରେ ସ୍ଥାନ ପାଇଲା ।

ଷ୍ଟକ୍‌ହୋମ୍  ଘୋଷଣାପତ୍ରର ସବୁଠାରୁ ଅଧିକ ଜଣାଶୁଣା ନୀୟମ ଟି ହେଉଛି ଏହାର ୨୧ ତମ ନୀୟମ । ଏଥିରେ ଦର୍ଶାଯାଇଛି ଯେ -

*ଜାତିସଂଘର ଅଧିନୀୟମ ଅନୁଯାୟୀ ଏବଂ ଆନ୍ତର୍ଜାତୀୟ ନୀୟମର ନୀତି ଅନୁସାରେ ରାଷ୍ଟ୍ର ଗୁଡିକ ନିଜ ପରିବେଶ ନୀୟମ ଆଧାରରେ ନିଜସ୍ୱ ସମ୍ବଳର ଆହରଣ ଅଧିକାର ପାଇବେ ଏବଂ ଏଥିସହ ସେମାନଙ୍କ ନିଜସ୍ୱ ପରିସୀମା ଭିତରେ ଏହି ଆହରଣ ଦ୍ୱାରା ଅନ୍ୟ ରାଷ୍ଟ୍ରର ବା ସେମାନଙ୍କ ଜାତୀୟ ଅଧିକୃତ ଅଂଚଳ ବାହାରେ ଥିବା ସଂପଦର ଯେପରି କୌଣସି କ୍ଷୟକ୍ଷତି ନଘଟେ ସେଥିପାଇଁ ଦାୟୀ ରହିବେ ।*

ଜାତିସଂଘର ମାନବିକ ପରିବେଶ ସମ୍ମିଳନୀ ପରେ ପରେ ଗତ ୨୦ବର୍ଷ ମଧରେ ଅନେକ ବହୁପକ୍ଷିୟ ପାରିବେଶିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେଗୁଡିକ ଭିତରୁ କେତେକ ପ୍ରଧାନ ଚୁକ୍ତି ନିମ୍ନରେ ଦିଆଗଲା –

- ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗଦାକରି ସାମୁଦ୍ରିକ ପ୍ରଦୂଷଣ ପ୍ରତିକାର ପାଇଁ ସମ୍ମିଳନୀ ( ଲଣ୍ଡନ ଡମ୍ପିଙ୍ଗ ସମ୍ମିଳନୀ - ୧୯୭୨ରେ ଗୃହିତ )
- ଲୁପ୍ତପ୍ରାୟ ପ୍ରଜାତି ଗୁଡିକର ଆନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀ ( ସି.ଆଇ.ଟି.ଇ.ଏସ୍ )
- ଜାହାଜ ଗୁଡିକ ଦ୍ୱାରା ହେଉଥିବା ପ୍ରଦୂଷଣ ରୋକିବା ପାଇଁ ଆନ୍ତର୍ଜାତୀୟ ସମ୍ମିଳନୀ, ୧୯୭୩
- ଭ୍ରମଣକାରୀ ବନ୍ୟଜୀବ ମାନଙ୍କର ସଂରକ୍ଷଣପାଇଁ ସମ୍ମିଳନୀ ( ବନ୍ ସମ୍ମିଳନୀ ଭାବରେ ଜଣାଶୁଣା – ୧୯୭୯ରେ ଗୃହୀତ )
- ସାମୁଦ୍ରିକ ନୀୟମ ସଂପର୍କିତ ଜାତିସଂଘ ସମ୍ମିଳନୀ ( ୟୁ.ଏନ୍.ସି.ଏଲ୍.ଓ.ଏସ୍ ନାମରେ ବିଖ୍ୟାତ – ୧୯୮୨ ରେ ଗୃହିତ )
- ଓଜୋନ୍ ସ୍ତର ସୁରକ୍ଷା ପାଇଁ ସମ୍ମିଳନୀ ( ୧୯୮୫ ରେ ଗୃହିତ )

- ଓଜୋନ୍ ସ୍ତରକୁ ହ୍ରାସ କରୁଥିବା ଉପାଦାନ ସଂପର୍କରେ ମଣ୍ଟ୍ରିଲ୍ ସମ୍ମିଳନୀ (ମଣ୍ଟ୍ରିଲ୍ ପ୍ରୋଟୋକଲ୍ ୧୯୮୭ରେ ଗୃହୀତ )
- ବିପର୍ଯ୍ୟୟ ସୃଷ୍ଟିକାରୀ ବର୍ଜ୍ୟ ଗୁଡିକର ଦେଶ ସୀମା ବାହାରେ ପରିବହନ ଏବଂ ନଷ୍ଟକରିବା କୁ ନିୟନ୍ତ୍ରଣ ପାଇଁ ସମ୍ମିଳନୀ ( ବାସେଲ୍ ସମ୍ମିଳନୀ – ୧୯୮୯ରେ ଗୃହିତ )

## ୧୯୯୨ ମସିହାର ରିଓ ସମ୍ମିଳନୀ

୧୯୯୨ ମସିହାରେ ରିଓ ଠାରେ ଅନୁଷ୍ଠିତ ପରିବେଶ ଏବଂ ବିକାଶ ସଂପର୍କିତ ଜାତିସଂଘ ସମ୍ମିଳନୀରେ ସ୍ଥାୟୀ ବିକାଶର ସଂଜ୍ଞାକୁ "ଭବିଷ୍ୟତ ବଂଶଧର ମାନଙ୍କର ନିଜ ଆବଶ୍ୟକତା ମେଣ୍ଟଣ ପାଇଁ ଥିବା ସାଧନର କୌଣସି କ୍ଷତି ନକରି ବର୍ତ୍ତମାନର ଆବଶ୍ୟକତା ମେଣ୍ଟଣ କୁ ବିକାଶ ବୋଲି ବୁଝାଯାଉଛି ।" ଆନ୍ତର୍ଜାତୀୟ ପାରିବେଶୀକ ନୀୟମାବଳୀ ର ମୂଖ୍ୟ ଉପାଦାନ ଭାବରେ ସ୍ଥିର କରିବା ପାଇଁ ବହୁଳ ଆନ୍ତର୍ଜାତୀୟ ସ୍ୱିକୃତି ଲାଭ କଲା । ରିଓ ସମ୍ମିଳନୀରେ ୧୦୩ଟି ଦେଶର ରାଷ୍ଟ୍ର ମୁଖ୍ୟଙ୍କ ସମେତ ୧୭୬ଟି ଦେଶର ହଜାର ହଜାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଅନେକ ବିଷୟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେଗୁଡିକ ମଧ୍ୟରୁ କେତେକ ହେଲା –

- ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତିୟ ଜାତିସଂଘର କାର୍ଯ୍ୟକ୍ରମ ( ୟୁ.ଏନ୍.ଏଫ୍.ସି.ସି.ସି.) ଗୃହିତ
- ଜୈବବିବିଧତା ସମ୍ମିଳନୀର ଗୃହିତ
- ମରୁଭୂମୀକରଣ ପ୍ରତିକାର ସମ୍ମିଳନୀ ଆୟୋଜନ ପାଇଁ ନିଷ୍ପତ୍ତି
- ଏଜେଣ୍ଡା ୨୧ କାର୍ଯ୍ୟକ୍ରମ ଗ୍ରହଣ ( ଏକବିଂଶ ଶତାବ୍ଦୀକୁ ଦୃଷ୍ଟିଟିରେ ରଖି )
- ସ୍ଥାୟୀ ବିକାଶ କମିଶନ ଗଠନ ପାଇଁ ନିଷ୍ପତ୍ତି ( ସି.ଏସ.ଡି)
- ରିଓ ସମ୍ମିଳନୀରେ ୨୭ଟି ନୀତି ରହିଛି, ସେଥି ମଧ୍ୟରୁ ଅଧିକାଂଶ ଆନ୍ତର୍ଜାତୀୟ ଏବଂ ଜାତୀୟ ନୀୟମ ଓ ନୀତିର ବିକାଶକୁ ପ୍ରଭାବିତ କରୁଛି ।

## ରିଓ ଘୋଷଣାନାମାର ନୀତି ୨୨ ଅନୁଯାୟୀ –

*ଆଦିମ ଅଧିବାସୀ, ସେମାନଙ୍କ ଗୋଷ୍ଠୀ ଏବଂ ସ୍ଥାନୀୟ ଗ୍ରାମ୍ୟ ଗୋଷ୍ଠୀ ଗୁଡିକର ନିଜସ୍ୱ ଜ୍ଞାନ ଏବଂ ପାରଂପରିକ ଅଭ୍ୟାସ ଯୋଗୁଁ ପାରିବେଶୀକ ପରିଚାଳନା ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଷ୍ଟ୍ର ଗୁଡିକ ସେମାନଙ୍କ ପରିଚୟ, ସଂସ୍କୃତି ଏବଂ ସ୍ୱାର୍ଥକୁ ସ୍ୱିକୃତି ଦେବା ସହାୟତା କରିବା ଆବଶ୍ୟକ ଏବଂ ସ୍ଥାୟୀ ବିକାଶରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ସକ୍ଷମ କରିବା ଆବଶ୍ୟକ ।*

ରିଓ ପରଠାରୁ ଅନେକ ଅନେକ ବହୁପକ୍ଷିୟ ପାରିବେଶିକ ଚୁକ୍ତି ଗ୍ରହଣ କରାଯାଇ ଆସୁଛି । ସେଗୁଡିକ ମଧରେ ରହିଛି –

- ଭୟଙ୍କର ଭାବେ ମରୁଡିର ସମ୍ମୁଖୀନ ହେଉଥିବା ବା ମରୁଭୂମି ପାଲଟିଯାଉଥିବା ଆଫ୍ରିକା ଭଳି ଦେଶ ଗୁଡିକରେ ମରୁଭୂମି ପ୍ରତିରୋଧ ପାଇଁ ଜାତିସଂଘ ସମ୍ମିଳନୀ ( ମରୁଭୂମୀ ସମ୍ମିଳନୀ – ୧୯୯୪ ଭାବରେ ଜଣାଶୁଣା )
- ଲଣ୍ଡନ ସମ୍ମିଳନୀର ଅଳିଆ ଓ ବର୍ଜ୍ୟବସ୍ତୁ ଗଦାକରିବା ସର୍ତ୍ତାବଳୀ ( ୧୯୯୬ରେ ଅଧିଗୃହିତ)

- କ୍ୟୋଟୋ ପ୍ରୋଟୋକଲ୍ ଭାବରେ ନାମିତ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଜାତିସଂଘର କାର୍ଯ୍ୟସୂଚୀ (କ୍ୟୋଟୋ ପ୍ରୋଟୋକଲ୍ – ୧୯୯୭ )
- ଆନ୍ତର୍ଜାତୀୟ ବାଣିଜ୍ୟରେ କେତେକ ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ ସୃଷ୍ଟିକାରୀ ରାସାୟନୀକ ଏବଂ କୀଟନାଶକ ପାଇଁ ଆଗୁଆ ଅନୁମତି ନେବାର ବ୍ୟବସ୍ଥା ସଂପର୍କରେ ରୋଟେର୍‌ଡାମ୍ ସମ୍ମିଳନୀ (ରୋଟେର୍‌ଡାମ୍ ସମ୍ମିଳନୀ – ୧୯୯୮ ନାମରେ ଜଣାଶୁଣା )
- ଅନ୍ୟ ଦେଶର ସୀମାରେ ବିପର୍ଯ୍ୟୟ ସୃଷ୍ଟିକାରୀ ବର୍ଜ୍ୟବସ୍ତୁ ପରିବହନ ଜନିତ ହେଉଥିବା କ୍ଷୟକ୍ଷତିର ଭରଣା ଏବଂ ଦାୟୀତ୍ୱ ନେବା ସଂପର୍କରେ ବାସେଲ ସମ୍ମିଳନୀର ସର୍ତ୍ତାବଳୀ (୧୯୯୯ରେ ଗୃହିତ)
- ଜୈବ ନିରାପତ୍ତା ସର୍ତ୍ତାବଳୀ ନିମନ୍ତେ କାର୍ଟାଗେନା ଜୈବିକ ବିବିଧତା ସମ୍ମିଳନୀ ( ଜୈବ ନିରାପତ୍ତା ସର୍ତ୍ତାବଳୀ – ୨୦୦୦ ନାମରେ ଜଣାଶୁଣା )
- ଦୃଢ଼ ଜୈବିକ ପ୍ରଦୂଷକ ସଂପର୍କରେ ଷ୍ଟକ୍‌ହୋମ୍ ସମ୍ମିଳନୀ (ଷ୍ଟକ୍‌ହୋମ୍ ସମ୍ମିଳନୀ – ୨୦୦୧ ନାମରେ ଜଣାଶୁଣା )

## ୨୦୦୨ ମସିହାରେ ଅନୁଷ୍ଠିତ ସ୍ଥାୟୀ ବିକାଶ ସଂପର୍କିତ ବିଶ୍ୱ ସମ୍ମେଳନ

୨୦୦୦ ମସିହା ଡିସେମ୍ବର ମାସରେ ଜାତିସଂଘର ମହାସଚିବ ଏକ ଇସ୍ତାହାର ୫୫/୧୯୯ ପ୍ରକାଶ କଲେ ଯେଉଁଥିରେ କି ରିଓ - ଧରିତ୍ରୀ ସମ୍ମିଳନୀର ୧୦ ବର୍ଷର ପ୍ରଭାବ ସଂପର୍କରେ ୨୦୦୨ ମସିହାରେ ତର୍ଜମା କରିବାର ପ୍ରସ୍ତାବ ରହିଲା । ଏହି ତର୍ଜମାର ଦୁଇଟି ଉଦ୍ଦେଶ୍ୟ ଥିଲା । ପ୍ରଥମଟି ହେଲା ରିଓ ଧରିତ୍ରୀ ସମ୍ମିଳନୀ ପରେ ହୋଇଥିବା ଆଗ୍ରଗତିର ସମିକ୍ଷା ଏବଂ ସ୍ଥାୟୀ ବିକାଶ ନିମନ୍ତେ ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ କରିବା ।

୨୦୦୨ ମସିହାରେ ଦକ୍ଷିଣ ଆଫ୍ରିକାର ଜୋହାନ୍‌ସବର୍ଗରେ ସ୍ଥାୟୀ ବିକାଶ ନିମନ୍ତେ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେଲା । ଏହି ସର୍ବବୃହତ୍ ଆନ୍ତଃସରକାରୀୟ କାର୍ଯ୍ୟକ୍ରମରେ ସ୍ଥାୟୀ ବିକାଶ ପ୍ରକ୍ରିୟାର କାର୍ଯ୍ୟକାରିତା ଏବଂ ଦାରିଦ୍ର୍ୟ ଦୂରୀକରଣ କୁ ମୁଖ୍ୟ ବିଷୟବସ୍ତୁ ଭାବେ ରଖାଗଲା । ଏଥିରେ ଏକ ରାଜନୈତିକ ଘୋଷଣାପତ୍ର ଗୃହିତ ହେଲା ଯେଉଁଥିରେ କି ଅର୍ଥନୈତିକ ବିକାଶ, ସାମାଜିକ ବିକାଶ ଏବଂ ପର୍ଯ୍ୟାବରଣର ବିକାଶକୁ ସ୍ଥାୟୀ ବିକାଶର ତିନି ମୁଖ୍ୟ ସ୍ତମ୍ଭ ହିସାବରେ ବିବେଚନା କରାଗଲା । ଏହି ଜୋହାନ୍ସବର୍ଗ କାର୍ଯ୍ୟଯୋଜନାକୁ ବିଭିନ୍ନ ରାଷ୍ଟ୍ରଗୁଡିକ ନିଜ ଆଂଚଳିକ ପ୍ରାଧାନ୍ୟତା ଭିତ୍ତିରେ କାର୍ଯ୍ୟକାରୀ କଲେ ।

ବହୁପକ୍ଷିୟ ପାରିବେଶିକ ଚୁକ୍ତି ଗୁଡିକରେ ଆଦିମ ଅଧିବାସୀ ମାନଙ୍କର ଉପସ୍ଥିତି ସବୁବେଳେ ଅନୁଭୂତ ହେଉଥିଲା । ରିଓ ଠାରୁ ନ୍ୟୁୟର୍କ ଏବଂ କିମ୍ବେର୍ଲି ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଯଥା - ପରିବେଶ, ଅର୍ଥନୀତି, ସାମାଜିକ ବିକାଶ, ସଂସ୍କୃତି, ଶିକ୍ଷା, ମାନବାଧିକାର ଓ ସ୍ୱାସ୍ଥ୍ୟ ଆଦିରେ ଆଦିମ ଅଧିବାସୀ ମାନେ ଭୋଗୁଥିବା ସମସ୍ୟା ଗୁଡିକୁ ନେଇ ସାମୂହିକ ଦୃଷ୍ଟିକୋଣରୁ ଉପସ୍ଥାପନା କରୁଥିଲେ । ଅନେକ ସୀମାବଦ୍ଧତା ସତ୍ତ୍ୱେ ଆଦିମ ଅଧିବାସୀ ମାନେ ଦେଖାଇଦେଲେ ଯେ ସେମାନେ ଆନ୍ତର୍ଜାତୀୟ ମଂଚ ଏବଂ ସମ୍ମିଳନୀ ଗୁଡିକରେ ପ୍ରଭାବଶାଳୀ ଢଙ୍ଗରେ ଅଂଶଗ୍ରହଣ କରିପାରନ୍ତି ଏବଂ ସେମାନଙ୍କର ସମସ୍ୟା ଓ ସ୍ୱର ଶୁଣାଯାଇପାରେ । ସି.ବି.ଡି, ଡବ୍ଲ୍ୟୁ.ଟି.ଓ, ଡବ୍ଲ୍ୟୁ.ଏସ୍.ଏସ୍.ଡି, ୟୁ.ଏନ୍.ଏଫ୍.ଏଫ୍, ୟୁ.ଏନ୍.ଏଫ୍.ସି.ସି ଆଦି ବିଭିନ୍ନ ଆନ୍ତର୍ଜାତୀୟ ଅନୁଷ୍ଠାନ ଗୁଡିକୁ ଦିଆଯାଇଥିବା ଆଦିମ ଅଧିବାସୀଙ୍କ ସମସ୍ୟା ସଂପର୍କିତ ଘୋଷଣାପତ୍ର ଗୁଡିକର ସଂକଳନ କରାଯାଇ "ଆମେ ଆଦିମ ଅଧିବାସୀ" ପୁସ୍ତକ ପ୍ରସ୍ତୁତ କରାଯାଇଛି ।

ଜୈବବିବିଧତା ସମ୍ମେଳନ ହେଉଛି ସେହିପରି ଏକ ବହୁପକ୍ଷୀୟ ପାରିବେଶିକ ଚୁକ୍ତିର ଉଦାହରଣ ଯେଉଁଥିରେ କି ଆଦିମ ଅଧିବାସୀ ମାନେ ଏକ ରାଜନୈତିକ ମଂଚ ଭାବରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଂପୃକ୍ତ ଅଛନ୍ତି । ଜୈବବିବିଧତା ସମ୍ମେଳନ ହେଉଛି ଏକ ଆନ୍ତର୍ଜାତୀୟ ଚୁକ୍ତି ଯାହାକି ସାରା ବିଶ୍ୱର ଆଦିମ ଅଧିରବାସୀ ମାନଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଛି । ଏହି ଜୈବବିବିଧତା ସମ୍ମେଳନରେ ସ୍ୱାକ୍ଷର କରି ଆମର ସରକାର ଆନ୍ତର୍ଜାତୀୟ ପ୍ରତିଶୃତିବଦ୍ଧତା ପ୍ରକାଶ କରିବା ସହ ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଜ୍ଞାନ ଓ ଜୈବବିବିଧତା ଏପରେ ଅଧିକାରକୁ ସମ୍ମାନ ଦେବାକୁ ସ୍ୱିକୃତି ପ୍ରଦାନ କରିଛନ୍ତି ।

ଏହି ବହୁପକ୍ଷିୟ ଚୁକ୍ତିର କାର୍ଯ୍ୟକାରୀତାରେ ଆମେ କିପରି ବିଶେଷଭାବେ ସଂପୃକ୍ତ ହୋଇପାରିବା ଏବଂ ଏ ଦିଗରେ ଆମ ସରକାରଙ୍କ ପ୍ରତିଶୃତିବଦ୍ଧତା ସବୁ କଣ ରହିଛି, ଯାହାକୁ କୁ ଆଦିମ ଅଧିବାସୀ ମାନଙ୍କ ଅଧିକାରଗତ ସ୍ୱିକୃତି ପାଇଁ ରାଜନୈତିକ ଓକିଲାତିରେ ବ୍ୟବହାର କରିପାରିବା ତାହା ଆଦିମ ଅଧିବାସୀ ମାନେ ଜାଣିବାର ପ୍ରୟାସ କରିବା ଉଚିତ ।



**ପ୍ରୟୋଗ – ୨**

ଆଦିମ ଅଧିବାସୀ ମାନଙ୍କ ପାଇଁ ଏହି ବହୁପକ୍ଷିୟ ଚୁକ୍ତି ଗୁଡିକ କେତେ ଉପଯୋଗୀ ? ( ୩୦ ମିନିଟ୍ )

୧ . ଅଂଶଗ୍ରହଣକାରୀ ମାନେ ରାଜନୈତିକ ପ୍ରକ୍ରିୟା ଗୁଡିକରେ ନିଜ ସଂପୃକ୍ତିର ଉଦାହରଣ ଦେବେ ।

୨ . ସେମାନେ ଦେଉଥିବା ଉଦାହରଣ ଗୁଡିକୁ ନେଇ ଏହା ସେମାନଙ୍କ ପାଇଁ କିପରି ଉପଯୋଗୀ ହୋଇଛି ସେ ସଂପର୍କରେ ନିଜେ ରାୟ ଦେବେ ।

## ୭ – ଆଦିମ ଅଧିବାସୀ ମାନଙ୍କର ମୌଳିକ ଅଧିକାର

ଆମର ରାଜନୈତିକ ଓକିଲାତିର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିମ ଅଧିବାସୀ ମାନଙ୍କର ଅଧିକାର ଗୁଡିକର ପୂର୍ଣ୍ଣ ସ୍ୱକୃତି । ଏହି ଅଧିକାର ଗୁଡିକ ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ପି )ରେ ସ୍ଥାନୀତ ହୋଇଛି । ଯେଉଁଥିପାଇଁକି ଆଦିମ ଅଧିବାସୀମାନେ ୨୫ ବର୍ଷ ଧରି ଦାବୀ ଜଣାଇ ଆସୁଥିଲେ ଏବଂ ଶେଷରେ ୨୦୦୭ ସେପ୍ଟେମ୍ବର ମାସରେ ଜାତିସଂଘ ସାଧାରଣ ପରିଷଦରେ ତାହା ଗୃହିତ ହେଲା ।

ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ପି ) ହେଉଛି ଏକ ଆନ୍ତର୍ଜାତୀୟ ମାନବାଧିକାର ଅସ୍ତ୍ର ଯାହାକି ଆଦିମ ଅଧିବାସୀ ମାନଙ୍କ ସାମୂହିକ ଅଧିକାରର ପ୍ରତିଶୃତି ପ୍ରଦାନ କରିଥାଏ । ଏହା ଆଦିମ ଅଧିବାସୀମାନେ ବହୁକାଳରୁ ଉପଭୋଗ କରିଆସୁଥିବା ସାମୁହିକ ଅଧିକାର ଗୁଡିକର ବାସ୍ତବ ରୂପରେଖ । ଏହା ରାଷ୍ଟ୍ରମାନେ ପ୍ରଦାନ କରୁଥିବା କୌଣସି ନୂଆ ଅଧରକାର ନୁହେଁ ବରଂ ଏହା ପରୁଷାନୁକ୍ରମିକ ଅଧିକାରର ସ୍ୱିକୃତି ଏବଂ ଏବଂ ଏହାକୁ ସମ୍ମାନ ଦେବା ରାଷ୍ଟ୍ରର କର୍ତ୍ତବ୍ୟ ।

ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ପି )ରେ ସ୍ଥାନୀତ ଅଦିମ ଅଧିବାସୀ ମାନଙ୍କ ମୌଳିକ ଅଧିକାର ଗୁଡିକ ଯାହା ସ୍ୱିକୃତି ପାଇବା ଉଚିତ ସେସବୁ ହେଲା –

- ନିଜେ ନିଷ୍ପତ୍ତି ନେବାର ଅଧିକାର
- ଆଦିମ ଅଧିବାସୀ ମାନଙ୍କୁ ସାମଗ୍ରିକ ଭାବେ ସ୍ୱିକୃତି ଦେବା
- ସେମାନଙ୍କ ଅଞ୍ଚଳ, ଜମିଜମା ଏବଂ ସମ୍ବଳକୁ ହସ୍ତାନ୍ତର କରାନଯିବାଅଧିକାର
- ଆଦିମ ଅଧିବାସୀ ଅଂଚଳରେ ବିକାଶ କାର୍ଯ୍ୟକ୍ରମ ପୂର୍ବରୁ ସେମାନଙ୍କର ଆଗୁଆ ଅନୁମତି ନିଆଯିବା
- ଆଦିମ ଅଧିବାସୀ ଅଂଚଳରେସେଯକୌଣସି ବିକାଶ ମୂଳକ କାର୍ଯ୍ୟରେ ସେମାନଙ୍କ କର୍ତ୍ତୃତ୍ୱ ରହିବା
- ଆଦିମ ଅଧିବାସୀ ମାନଙ୍କ ସାଂସ୍କୃତିକ ଐତିହ୍ୟ ଏବଂ ବୌଦ୍ଧିକ ସଂପତ୍ତିକୁ ସମ୍ମାନ ଦେବା
- ଆଦିମ ଅଧିବାସୀ ମାନଙ୍କ ନିଜସ୍ୱ ଅନୁଷ୍ଠାନ ଗୁଡିକୁ ସ୍ୱିକୃତି ଦେବା
- ଆଦିମ ଅଧିବାସୀ ମାନଙ୍କ ସାମାଜିକ ଓ ସାଂସ୍କୃତିକ ପ୍ରଥାରେ ଥିବା କୌଳିକ ଆଇନ୍ ଗୁଡିକୁ ପାଳନ କରିବାର ଅଧିକାର ଦେବା

ଆଦିମ ଅଧିବାସୀ ମାନଙ୍କର ଆତ୍ମ ନିଷ୍ପତ୍ତି ନେବା ଅଧିକାର, ସାମୂହିକ ଅଧିକାର, ନିଜ ଅଞ୍ଚଳରେ କର୍ତ୍ତୃତ୍ୱ, ନିଜସ୍ୱ ସମ୍ବଳ ପରିଚାଳନା, ନିଜର ରାଜନୈତିକ ଏବଂ ନ୍ୟାୟିକ ଅନୁଷ୍ଠାନ ଗୁଡିକର ସ୍ୱିକୃତି, ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ମୁକ୍ତ ଏବଂ ଅନୁମତି ନେବାର ଆବଶ୍ୟକତା ଆଦି ଅଧରକାର ଗୁଡିକ ଉପରେ ବିଶେଷ ଧାନ ଦିଆଯିବା ଆବଶ୍ୟକ ।

ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ପି )ର ୨୯ ଅନୁଚ୍ଛେଦରେ ପରିବେଶ ସଂରକ୍ଷଣ ବିଷୟରେ ଉଲ୍ଲେଖ ରହିଛି । ନିଜ ଅଞ୍ଚଳ ବା ଜମିରେ ସେମାନେ ପରିବେଶ ସଂରକ୍ଷଣ ଏବଂ ସୁରକ୍ଷା ଦେବାର ଅଧିକାର ସେମାନଙ୍କ ରହିଛି । ଏଥିରେ ଉଲ୍ଲେଖ ଅଛି ଯେ -

> ଆଦିମ ଅଧିବାସୀ ମାନଙ୍କର ନିଜ ଜମି, ଅଂଚଳ ଓ ସମ୍ବଳର ପରିବେଶ ସରଂକ୍ଷଣ ଓ ସୁରକ୍ଷା ଏବଂ ଉତ୍ପାଦନ ସକ୍ଷମତା ବଜାୟ ରଖିବାର ଅଧିକାର ରହିଛି । ରାଷ୍ଟ୍ର କୌଣସି ବିଭେଦତା ପ୍ରଦର୍ଶନ ନକରି ଏହି ସଂରକ୍ଷଣ ଓ ସୁରକ୍ଷା ପାଇଁ ସହାୟକ କାର୍ଯ୍ୟକ୍ରମ ମାନ କାର୍ଯ୍ୟକାରୀ କରିବା ଆବଶ୍ୟକ ।
>
> ଆଦିମ ଅଧିବାସୀ ମାନଙ୍କର ବିନା ଅନୁମତିରେ ଏବଂ ସେମାନଙ୍କୁ ପୂର୍ବ ସୂଚନା ନଦେଇ ବା ସେମାନଙ୍କ ଠାରୁ ସ୍ୱିକୃତି ନପାଇ ଯେପରି ସୋନଙ୍କ ଜମି ବା ଅଂଚଳରେ ବିପର୍ଯ୍ୟୟ ସୃଷ୍ଟିକାରି ବର୍ଜ୍ୟବସ୍ତୁ ଗଦା କରିବା ବା ନଷ୍ଟ କରିବାକୁ ମହଜୁଦ ରଖିବା କାର୍ଯ୍ୟ ନ ହୁଏ ସେଥିପାଇଁ ରାଷ୍ଟ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ।
>
> ଏହି ସବୁ ସାମଗ୍ରୀ ଦ୍ୱାରା ପ୍ରଭାବିତ ଆଦିମ ଅଧିବାସୀ ମାନଙ୍କର ସ୍ୱାସ୍ଥ୍ୟଗତ ସୁରକ୍ଷା, ସେ ସଂପର୍କିତ କାର୍ଯ୍ୟକ୍ରମର ତଦାରଖ ଏବଂ ପରିଚାଳନା ସଠିକ ଭାବେ କରିବା ପାଇଁ ରାଷ୍ଟ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ।

**୮ – ଶେଷକଥା**

ଆଦିମ ଅଧିବାସୀ ମାନେ ଅଗଣିତ ସମସ୍ୟା ଏବଂ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବାରୁ ସେମାନଙ୍କ ଅଧିକାର ଓ ବିକାଶ ପାଇଁ ଓକିଲାତି କରିବାକୁ ହେଲେ ସେମାନଙ୍କର ସାମର୍ଥ୍ୟ ଏବଂ ପ୍ରଭାବକୁ ଅଧିକରୁ ଅଧିକ ବଢାଇବାର ଆବଶ୍ୟକତା ରହିଛି ।

ସ୍ଥାନୀୟ, ଆଂଚଳିକ, ଜାତୀୟ ଓ ବିଶ୍ୱ ସ୍ତରରେ ଆଦିମ ଅଧିବାସୀ ମାନଙ୍କର ଲକ୍ଷ୍ୟ ଓ ଦୂରଦୃଷ୍ଟିକୁ ହାସଲ କରିବା ସମ୍ଭବ ହୋଇପାରିବ ଯେତେବେଳେ ସେମାନେ ସେମାନଙ୍କ ଅଧିକାର ଓ ବିକାଶର ଲକ୍ଷ୍ୟ ହାସଲ ପାଇଁ ସାଂପ୍ରତିକ କୌଶଳ ଓ ପ୍ରକ୍ରିୟା ଗୁଡିକ ସହିତ ଅଧିକରୁ ଅଧିକ ସଂପୃକ୍ତ ହେବେ ।



**ପ୍ରୟୋଗ – ୩**

ମୁକ୍ତ ଆଲୋଚନା ( ୩୦ ମିନିଟ୍ )

**ପ୍ରଶ୍ନ ଓ ସମସ୍ୟା ଗୁଡିକର ସ୍ପଷ୍ଟିକରଣ**

୧ - ଅଂଶଗ୍ରହଣକାରୀମାନେ ବିଷୟ ସଂପର୍କରେ ପ୍ରଶ୍ନ କରିପାରିବେ, ମତ ରଖିପାରିବେ ଏବଂ ପରାମର୍ଶ ଦେଇ ପାରିବେ

୨ - ସାଧନ ବ୍ୟକ୍ତି ସେସବୁ ପ୍ରଶ୍ନ ଓ ମତ ଗୁଡିକର ଉତ୍ତର ଦେବେ

୩ - ତାଲିମ୍ ସହାୟକ ସମୁଦାୟ ବିଷୟ ଓ ଆଲୋଚନାର ସାରାଂଶକୁ ଉପସ୍ଥାପନ କରି ଆଲୋଚନା ସମାପ୍ତ କରିବେ ।

**ମନେରଖ . . .**

# ମଡ୍ୟୁଲ ୨

# ଜୈବବିବିଧତା ସମ୍ମିଳନୀ ( ସି.ବ.ଡି )କୁ ବୁଝିବା

## ଉଦ୍ଦେଶ୍ୟ ସମୂହ

୧. ଜିବବିବିଧତା ସମ୍ମିଳନୀର ଉଦ୍ଦେଶ୍ୟ ଗୁଡିକୁ ବୁଝିବା ଏବଂ ଆଦିମ ଅଧିବାସୀ ମାନଙ୍କ ପାଇଁ ଏହାର ଉପଯୋଗୀତାକୁ ବୁଝିବା

୨. ଜିବବିବିଧତା ସମ୍ମିଳନୀର ଇତିହାସ ବିଷୟରେ ଓ ଏହାର ବିଭିନ୍ନ ଅନୁଷ୍ଠାନ ବିଷୟରେ ଜାଣିବା । ଏହାର ବିଭିନ୍ନ ବିଭାଗ ଗୁଡିକ କିପରି କାର୍ଯ୍ୟ କରୁଛି ତାହା ଜାଣିବା

୩. ଜିବବିବିଧତା ସମ୍ମିଳନୀର ବିଷୟବସ୍ତୁ ଓ ସମସ୍ୟା ଗୁଡିକ ସହ ପରିଚିତ ହେବା

୪. ଜିବବିବିଧତା ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟସ୍ଥଳ ସଂପର୍କରେ ଜାଣିବା

୫. ଏହି ସମ୍ମିଳନୀର ପ୍ରତିଶ୍ରୁତି ଗୁଡିକୁ ଜାତୀୟ ସରକାର ଗୁଡିକ କାର୍ଯ୍ୟକାରୀ କରିବାକୁ କିପରି କୌଶଳ ଅବଲମ୍ବନ କରୁଛନ୍ତି ଏବଂ ଆଦିମ ଅଧିବାସୀ ମାନେ ନିଜ ସମସ୍ୟା ସମାଧାନ ପାଇଁ ଏହାକୁ କିପରି ବ୍ୟବହାର କରନ୍ତି ତାହା ବୁଝିବା ।

୬. ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନାରେ ଗୋଷ୍ଠୀଗତ ଉଦ୍ୟମ ଗୁଡିକ କିପରି ଜୈବବିବିଧତା ସମ୍ମିଳନୀର ଉଦ୍ଦେଶ୍ୟ ସହିତ ସଂପର୍କିତ ଏବଂ ସହାୟକ ତାହା ବୁଝିବା ।

## ତାଲିମ ସାମଗ୍ରୀ

- ନେଗୋସିଏଟିଙ୍ଗ୍ ବାଇଓଡାଇଭରସିଟି – ଏ ଫିଲ୍ଡ ଗାଇଡ୍ ଟୁ ଦି କନ୍‌ଭେନ୍‌ସନ୍ ଅନ୍ ବାଇଓଲୋଜିକାଲ୍ ଡାଇଭରସିଟି - ପାୱାରପଏଣ୍ଟ
- ଜୈବ ବିବିଧତା ସମ୍ମିଳନୀର ଆଦିମ ଅଧିବାସୀ ମାନଙ୍କର ଅଂଶ ଗ୍ରହଣ ଏବଂ ପ୍ରାରମ୍ଭରୁ ମିଳିଥିବା ସମ୍ମତି
- ଜୈବ ନିରାପତ୍ତା ସଂକ୍ରାନ୍ତିୟ କାର୍ଟାଜେନା ସର୍ତ୍ତାବଳୀର କାର୍ଯ୍ୟକାରୀତା ପାଇଁ ବିକାଶଶୀଳ ରାଷ୍ଟ୍ର ଗୁଡିକରେ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ

## ସମୟ

୩ ୧/୨ ଘଣ୍ଟା



## ପ୍ରୟୋଗ – ୧

ପୋଷ୍ଟର ଉପସ୍ଥାପନା

### ଜୈବବିବିଧତା ସମ୍ମିଳନୀର ଉଦ୍ଦେଶ୍ୟକୁ ବୁଝିବା

ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଅନୁସାରେ ଅଂଶଗ୍ରହଣକାରୀମାନେ ନିମ୍ନରେ ଉଲ୍ଲିଖିତ ନିଜ ଗୋଷ୍ଠୀର ପ୍ରମୁଖ ସମସ୍ୟା ଏବଂ ସେସବୁ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଏକ ପୋଷ୍ଟର ପ୍ରସ୍ତୁତ କରିଥିବେ ।

- ଜୈବବିବିଧତାର ସଂରକ୍ଷଣ
- ଜୈବବିବିଧତାର ସ୍ଥାୟୀ ପରିଚାଳନା ବା ବ୍ୟବହାର
- ଜୈବବିବିଧତା ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶରେ ଭାଗ

୧ ସମସ୍ତ ଅଂଶଗ୍ରହଣକାରୀ ଏକାଠି ବସିବେ ଏବଂ ପ୍ରତି ଦଳ ସେମାନଙ୍କର ପୋଷ୍ଟର ପ୍ରଦର୍ଶନ କରି ସେଥିରେ କଣ ଉପସ୍ଥାପନ କରିଛନ୍ତି ତାହା ବୁଝାଇବେ ।

୨ ଅଂଶଗ୍ରହଣକାରୀ ମାନେ ଉପସ୍ଥାପନ କରୁଥିବା ସମୟରେ ତାଲିମ ସହାୟକ ଛୋଟ ଛୋଟ କାଗଜରେ ଉପସ୍ଥାପିତ ମୁଖ୍ୟ ବିଷୟ ଗୁଡିକୁ ଲେଖି ବୋର୍ଡରେ ଲଗାଇବେ । ଏକାପରି ଥିବା ବିଷୟ ଗୁଡିକୁ ଏକତ୍ରିତ କରି ରଖିବେ ।

୩ ତାଲିମ୍ ସହାୟକ ସମସ୍ତ ଉପସ୍ଥାପିତ ମତଗୁଡିକର ସାରାଂଶ ବାହାର କରିବେ ଏବଂ ତାହାକୁ ଜୈବବିବିଧତା ସମ୍ମିଳନୀ ବିଷୟବସ୍ତୁ ସହ ଯୋଡିବେ ।

## ବିଷୟଗତ ଆଲୋଚନା – (୨ଘଣ୍ଟା)

### ୧ – ଜୈବବିବିଧତା ସମ୍ମିଳନୀ କଣ, ଏହାର ଇତିହାସ ଏବଂ ଉଦ୍ଦେଶ୍ୟ

୧୯୯୨ ମସିହାରେ ରିଓ-ଡି-ଜେନେରିଓର ଧରିତ୍ରୀ ସମ୍ମିଳନୀରେ ବିଶ୍ୱ ନେତୃବୃନ୍ଦ, ଆମର ଭବିଷ୍ୟତ ବଂଶଧର ମାନଙ୍କ ସ୍ୱାସ୍ଥ୍ୟକର ଓ ଅର୍ଥପୂର୍ଣ୍ଣ ଜୀବନଧାରଣ ନିମନ୍ତେ ସ୍ଥାୟୀ ବିକାଶର ଏକ ବିସ୍ତୃତ କାର୍ଯ୍ୟଯୋଜନା ସଂପର୍କରେ ସହମତ ହୋଇଥିଲେ । ସେହି ରିଓ ସମ୍ମିଳନୀରେ ଗୃହିତ ହୋଇଥିବା ଏକ ମୁଖ୍ୟ ରାଜିନାମା ହେଲା ଜୈବବିବିଧତା ସମ୍ମିଳନୀ । ଏହି ଚୁକ୍ତି ଅନୁସାରେ ଅର୍ଥନୈତିକ ବିକାଶର ବ୍ୟବସାୟ କରୁଥିବା ପୃଥିବୀର ଅଧିକାଂଶ ରାଷ୍ଟ୍ର ପୃଥିବୀର ଜୈବବିବିଧତା ସରଂକ୍ଷଣ ଓ ସୁରକ୍ଷା ପାଇଁ ପ୍ରତିଶୃତିବଦ୍ଧ ହେଲେ ।

ଏହି ଜୈବବିବିଧତା ସମ୍ମିଳନୀ ଚୁକ୍ତି ୧୯୯୩ ମସିହା ଡିସେମ୍ବର ୨୯ ତାରିଖରେ କାର୍ଯ୍ୟକାରୀ ହେଲା । ୨୦୦୮ ମସିହା ମେ ମାସରେ ଜର୍ମାନୀର ବନ୍ ଠାରେ ରାଷ୍ଟ୍ର ଗୁଡିକର ନବନ ସମ୍ମିଳନୀରେ ୧୯୦ ଟି ରାଷ୍ଟ୍ର ଏହି ଚୁକ୍ତିରେ ଥିବା ତୃଟି ଗୁଡିକୁ ସୁଧାରିଥିଲେ । ତେବେ ଯୁକ୍ତରାଷ୍ଟ୍ର ଆମେରିକା ଏହି ଚୁକ୍ତିକୁ କୌଣସି ସଂଶୋଧନ କରି ନଥିଲା ।

ଏହି ସମ୍ମିଳନୀର ତିନିଟି ମୌଳିକ ଉଦ୍ଦେଶ୍ୟ ହେଲା –

- ଜୈବବିବିଧତାର ସଂରକ୍ଷଣ
- ଏହାର ସ୍ଥାୟୀ ବ୍ୟବହାର
- ଗୁଣସୂତ୍ରୀୟ ସମ୍ବଳ ବ୍ୟବହାର ଜନିତ ଲାଭରୁ ସମାନ ଲାଭାଂଶ ଦେବା

**୨ – ମୂଖ୍ୟ ବିଷୟ ଗୁଡିକର ର ସଂଜ୍ଞା**

**ଜୈବବିବିଧତା** ହେଉଛି ଏହି ବିଶ୍ୱରେ ଥିବା ବୃକ୍ଷଲତା, ପଶୁପକ୍ଷୀ ଓ ମଣିଷ ଆଦି ସମସ୍ତ ଜୀବସତ୍ତା ଏବଂ ଜୈବିକ ଗୁଣସୁତ୍ର ବା ଜିନ୍‌ରୁ ଆରମ୍ଭ କରି ପର୍ଯ୍ୟାବରଣ ପର୍ଯ୍ୟନ୍ତ ସମସ୍ତ ସମାହାର । ଜୈବବିବିଧତା ହେଉଛି ଆମ ଆଧାତ୍ମିକ ସୁସ୍ଥତାର ଆରାଧ ଅବତାର । ବିଶ୍ୱ ଜୈବ ବିବିଧତା ସଂପର୍କିତ ପାଶ୍ଚାତ୍ୟ ବୈଜ୍ଞାନିକ ଚିନ୍ତନରେ ବିଶାଳ ଶୁନ୍ୟସ୍ଥାନ ରହିଛି ।

**ସାଂସ୍କୃତିକ ବିବିଧତା** ହେଉଛି ବିଶ୍ୱରେ ଲୋକମାନଙ୍କର ବଂଚିବାର ବିବିଧ ଜୀବନଶୈଳୀ ଯାହାକି ଜୈବବିବିଧତାର ସଂରକ୍ଷଣ ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ । ବୈଜ୍ଞାନିକମାନେ ଜୈାବବିବିଧତା ସଂରକ୍ଷଣରେ ମାନବିକ ସାଂସ୍କୃତିକ ବିବିଧତାର ଭୂମିକାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ସାମୂହିକ ପ୍ରତି ବନ୍ଧକକୁ ଦୂର କରିବାକୁ ସମ୍ଭାବ୍ୟ ପନ୍ଥା ଓ ସୁଯୋଗ ସୃଷ୍ଟି କରିବା ଦିଗରେ ବିଶେଷ ଭୂମିକା ତୁଲାଇ ଆସୁଥିବା ପୁରାତନ ସଂସ୍କୃତି ଗୁଡିକର ବିଲୁପ୍ତି ମାନବିକ ସଭ୍ୟତାର ଏକ ସାମଗ୍ରିକ କ୍ଷତି ।

**ପାରଂପରିକ ଜ୍ଞାନ -** ପୃଥିବୀର ବିଭିନ୍ନ ଅଂଚଳରେ ବସବାସ କରୁଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ନିଜ ଅଞ୍ଚଳର ବୃକ୍ଷ ପ୍ରଜାତି, ପଶୁ ପ୍ରଜାତି ଏବଂ ଅନ୍ୟାନ୍ୟ ଜୀବ ପ୍ରଜାତି ସଂପର୍କରେ ବିସ୍ତୃତ ଏବଂ ସମୃଦ୍ଧ ଜ୍ଞାନ ରହିଛି । ପରିବେଶ ନଷ୍ଟ ହେଲେ ପାରଂପରିକ ଜୀବନଶୈଳୀ, ଭାଷା ବିବିଧତା ଏବଂ ପାରଂପରିକ ଜ୍ଞାନ ଗୁଡିକ ଲୋପ ପାଇଯିବ ।

## ୩ – ସମ୍ମିଳନୀ ଅନ୍ତର୍ଭୁକ୍ତ ପ୍ରତିଷ୍ଠାନ ସମୂହ

ଜୈବବିବିଧତା ସମ୍ମିଳନୀ ଏବଂ ଏହାର ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକର ଗଠନ ପ୍ରଣାଳୀ ସଂପର୍କରେ ଅବଗତ କରାଇବା ପାଇଁ ଏଲ୍.ସି.ଡି ବା ଅନ୍ୟାନ୍ୟ ଭିଜୁଆଲ୍ ସାମଗ୍ରୀର ବ୍ୟବହାର କରନ୍ତୁ ।

ଜୈବବିବିଧତା ସମ୍ମିଳନୀର ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକ ହେଲା, ପରିଚାଳନା ପରିଷଦ ବା କନ୍‌ଫରେନ୍‌ସ ଅଫ୍ ପାର୍ଟିସ୍ ( ସି.ଓ.ପି), ବୈଜ୍ଞାନିକ, ବୈଷୟିକ ଏବଂ ଯାନ୍ତ୍ରିକ ପରାମର୍ଶଦାତା ମଣ୍ଡଳୀ ( ଏସ୍.ବି.ଏସ୍.ଟି.ଟି.ଏ), ସଚିବାଳୟ, ଅର୍ଥ ବିଭାଗ ଏବଂ ତଥ୍ୟ ବିନିମୟ ବ୍ୟବସ୍ଥା

ପରିଚାଳନା ପରିଷଦ ବା କନ୍‌ଫରେନ୍‌ସ ଅଫ୍ ପାର୍ଟିସ୍ **( ସି.ଓ.ପି)** ହେଉଛି ଜୈବବିବିଧତା ସମ୍ମୀଳନୀର ସର୍ବୋଚ୍ଚ ନୀତିନିର୍ଦ୍ଧାରକ ମଣ୍ଡଳୀ । ଏହା ସମ୍ମିଳନୀ ସହ ସଂପୃକ୍ତ ବିଭିନ୍ନ ଦେଶ ଏବଂ ଅର୍ନ୍ତଦେଶୀୟ ସଂଗଠନ ( ୟୁରୋପୀୟ ସମୁଦାୟ ଭଳି) ବା ଅଂଶୀଦାର ମାନଙ୍କୁ ନେଇ ଗଠିତ । ଏହା ପ୍ରତି ଦୁଇବର୍ଷରେ ଥରେ ହୋଇଥାଏ । ଏଥିରେ ସ୍ୱେଚ୍ଛାସେବୀ ସଂଗଠନ, ନାଗରୀକ ସମାଜ, ଆଦିମ ଅଧିବାସୀଙ୍କ ସଂଗଠନ ଭଳି ଆଗ୍ରହୀ ସଂଗଠନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପରି ଏଥିରେ ଅଂଶୀଦାର ନଥିବା ଦେଶ ଗୁଡ଼ିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥାନ୍ତି । ୧୯୯୨ ମସିହାରୁ ୨୦୧୦ ମସିହା ମଧ୍ୟରେ ପରିଚାଳନା ପରିଷଦ ବା କନ୍‌ଫରେନ୍‌ସ ଅଫ୍ ପାର୍ଟିସ୍ ( ସି.ଓ.ପି)ର ବୈଠକ ୧୦ ଥର ଅନୁଷ୍ଠିତ ହୋଇଛି ।

- ସି.ଓ.ପି ୧ ( ୧୯୯୪) – ନାସାଉ, ବାହାମାସ୍
- ସି.ଓ.ପି ୨ ( ୧୯୯୫) – ଜାକର୍ତ୍ତା, ଇଣ୍ଡୋନେସିଆ
- ସି.ଓ.ପି ୩ ( ୧୯୯୬) –ବୁଏନୋସ୍ ଏୟାର୍‌ସ, ଆର୍ଜେଣ୍ଟିନା
- ସି.ଓ.ପି ୪ ( ୧୯୯୮) – ବ୍ରାଟିସ୍ଲାଭା, ସ୍ଲୋଭାକିଆ
- ସି.ଓ.ପି ୫ ( ୨୦୦୦) – ନାଇରୋବି, କେନିଆ
- ସି.ଓ.ପି ୬ ( ୨୦୦୨) – ଡେନ୍ ହାଗ୍, ନେଦରଲାଣ୍ଡ୍‌ସ
- ସି.ଓ.ପି ୭ ( ୨୦୦୪) – କୁଆଲାଲୁମ୍ପୁର୍, ମାଲୟେସିଆ
- ସି.ଓ.ପି ୮ ( ୨୦୦୬) – କ୍ୟୁରିସିବା, ବ୍ରାଜିଲ୍
- ସି.ଓ.ପି ୯ ( ୨୦୦୮) – ବନ୍, ଜର୍ମାନୀ
- ସି.ଓ.ପି ୧୦ ( ୨୦୧୦) – ନାଗୋୟା, ଜାପାନ

ବୈଜ୍ଞାନିକ, ବୈଷୟିକ ଏବଂ ଯାନ୍ତ୍ରିକ ପରାମର୍ଶଦାତା ମଣ୍ଡଳୀ ( ଏସ୍.ବି.ଏସ୍.ଟି.ଟି.ଏ) ପରିଚାଳନା ପରିଷଦ ବା କନ୍‌ଫରେନ୍‌ସ ଅଫ୍ ପାର୍ଟିସ୍ ( ସି.ଓ.ପି)କୁ ବିଭିନ୍ନ ପରାମର୍ଶ, ସୁପାରିଶ ଏବଂ ପ୍ରାଥମିକ ପ୍ରକଳ୍ପ ପ୍ରସ୍ତାବ ମାନ ଦେଇଥାଏ । ଏହାର ବୈଠକ ବର୍ଷକୁ ଥରେ ବସିଥାଏ । ବିଭିନ୍ନ ଦେଶ ଦ୍ୱାରା ମନୋନିତ ବିଶେଷଜ୍ଞଗଣ ଏହାର ସଭ୍ୟ ଅଟନ୍ତି । ଆଦିମ ଅଧିବାସୀ ପ୍ରତିନିଧି ଏବଂ ଅନ୍ୟାନ୍ୟ ଦେଶର ପ୍ରତିନିଧିମାନେ ଏଥିରେ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ପାରନ୍ତି ।

ସଚିବାଳୟରେ କାର୍ଯ୍ୟନିର୍ବାହୀ ସଂପାଦକ ଡ. ଅହମ୍ମଦ୍ ଝୋଗ୍ଲାଫ୍‌ଙ୍କ ନେତୃତ୍ୱରେ ୭୬ ଜଣ କର୍ମଚାରୀ କାର୍ଯ୍ୟରତ । ଏହା କାନାଡାର ମଣ୍ଟ୍ରିଲ୍‌ରେ ଅବସ୍ଥିତ । ଜୈବବିବିଧତା ସମ୍ମିଳନୀର ବିଭିନ୍ନ ବୈଠକ ଗୁଡିକର ଆୟୋଜନ କରିବା ଦାୟିତ୍ୱ କର୍ମଚାରୀ ଗୋଷ୍ଠୀର । ପାରଂପରିକ ଜ୍ଞାନ ବିଭାଗର ପ୍ରୋଗ୍ରାମ୍ ଅଫିସର ହେଉଛନ୍ତି ଜନ୍ ସ୍କଟ୍ ଏବଂ ଜୈବବିବିଧତା ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କ ସଂପୃକ୍ତି ସଂପର୍କରେ ସେ ମୁଖ୍ୟ ଦାୟିତ୍ୱ ତୁଲାଇଥାନ୍ତି । ଅନ୍ୟ କର୍ମକର୍ତ୍ତା ଏବଂ ସେମାନଙ୍କ କାର୍ଯ୍ୟ ବିଷୟରେ ଅଧିକ ତଥ୍ୟ ହାସଲ ପାଇଁ www.cbd.int କୁ ଅନୁସରଣ କରନ୍ତୁ ।

ଅର୍ଥ ବିଭାଗ ବିକାଶଶୀଳ ଦେଶ ଗୁଡିକରେ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.) କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ସମ୍ବଳ ପ୍ରଦାନ କରିଥାଏ । ବିଶ୍ୱ ପାରିବେଶିକ ସହାୟତା ବା ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ହେଉଛି ପ୍ରଧାନ ଅନ୍ତଃରାଷ୍ଟ୍ରୀୟ ଅର୍ଥବ୍ୟବସ୍ଥା ଯାହାକି ବିଶ୍ୱ ପରିବେଶଗତ ସମସ୍ୟା ଏବଂ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.)ର ଆନ୍ତର୍ଜାତୀୟ ଆର୍ଥିକ ସହାୟତାର ମୁଖ୍ୟ ବାହକ ହିସାବରେ କାର୍ଯ୍ୟ କରିଥାଏ ।

ବିଶ୍ୱ ପାରିବେଶିକ ସହାୟତା ବା ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ହେଉଛି ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.), ଜାତିସଂଘର ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ସମ୍ମିଳନୀ ( ୟୁ.ଏନ୍.ଏଫ୍.ସି.ସି ), ଜାତିସଂଘର ମରୁଭୂମୀକରଣ ପ୍ରତିରୋଧ ସମ୍ମିଳନୀ (ୟୁ.ଏନ୍.ସି.ସି.ଡି )ଏବଂ ଷ୍ଟକ୍‌ହୋମ୍ ଜୈବ ପ୍ରଦୂଷଣ ନିରୋଧ ସମ୍ମିଳନୀ ଆଦିର ଅର୍ଥ ସହାୟକାରୀ ବ୍ୟବସ୍ଥା । ଏହା ମଧ୍ୟ କାର୍ଟାଜେନା ଜୈବନିରାପତ୍ତା ଚୁକ୍ତି, ଭିଏନା ସମ୍ମିଳନୀର ଓଜୋନ୍‌ସ୍ତର ହ୍ରାସ ସଂପର୍କିତ ମଣ୍ଟ୍ରିଲ୍ ଚୁକ୍ତି ଏବଂ ଆନ୍ତର୍ଜାତୀୟ ଜଳ ବ୍ୟବସ୍ଥାର ସୁରକ୍ଷା ପାଇଁ ଥିବା ବିଭିନ୍ନ ରାଜିନାମା କୁ ସହାୟତା ପ୍ରଦାନ କରିଥାଏ ।

ବିଶ୍ୱ ପାରିବେଶିକ ସହାୟତା ବା ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ବିଶ୍ୱ ପରିବେଶ ସୁରକ୍ଷାର ନିମ୍ନ ଛଅଟି ପ୍ରମୁଖ ବିଷୟ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଦେଶ ଗୁଡିକୁ ସହାୟତା ଦେଇଥାଏ ।

- ଜୈବବିବିଧତା
- ଜଳବାୟୁ ପରିବର୍ତ୍ତନ
- ଆନ୍ତର୍ଜାତୀୟ ଜଳ ବ୍ୟବସ୍ଥା
- ଓଜୋନ୍‌ସ୍ତର ହ୍ରାସ
- ଜମି ଅବକ୍ଷୟ
- ଅବିରତ ଜୈବ ପ୍ରଦୂଷକ

ବିଶ୍ୱସ୍ତରୀୟ, ଆଂଚଳିକ ଏବଂ ଜାତୀୟସ୍ତରର ସହାୟତା ପାଇଁ ବିଶ୍ୱ ପାରିବେଶିକ ସହାୟତା ବା ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟିର ୫ ପ୍ରକାର ସହାୟତା ବ୍ୟବସ୍ଥା ଅଛି

- ସଂପୂର୍ଣ୍ଣ ପ୍ରକଳ୍ପ ( ଏକ ନିୟୁତ ଡଲାରରୁ ଅଧିକ )
- ମଧ୍ୟମ ଧରଣର ପ୍ରକଳ୍ପ ( ଅନ୍ୟୁନ ଏକ ନିୟୁତ ଡଲାର )
- ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ
- ଜାତୀୟ ସକ୍ଷମତାର ଆତ୍ମ ଆକଳନ
- କମ୍ ଅବଧିର କାର୍ଯ୍ୟକ୍ରମ

- ପ୍ରକଳ୍ପ ପ୍ରସ୍ତୁତି ସହାୟତା ( ଅନ୍ୟୁନ ଏକ ନିୟୁତ ଡଲାର )
- କ୍ଷୁଦ୍ର ସହାୟତା ( ଅନ୍ୟୁନ ୫୦୦୦୦ ଡଲାର )

ଏହି ଜୈବବିବିଧତା କୈନ୍ଦ୍ରିକ କାର୍ଯ୍ୟକ୍ରମରେ ଅଧିକାଂଶ ପ୍ରକଳ୍ପ ସହାୟତା ସଂପୂର୍ଣ୍ଣ ପ୍ରକଳ୍ପ ପାଇଁ ମିଳିତ ସହାୟତା ପ୍ରଦାନ କରାଯାଇଛି । ବିଶେଷକରି ସୁରକ୍ଷିତ ଅଂଚଳ ଗୁଡିକୁ ଏବଂ ଭିତ୍ତିଭୂମିର ବିକାଶ ପାଇଁ ଏହି ସହାୟତା ଦିଆଯାଇଛି । ୧୯୯୬ ମସିହାରୁ ୧୯୯୮ ମସିହା ମଧ୍ୟରେ ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ଅଟକଳର ଏକ ପ୍ରମୁଖ ଭାଗ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ବା ୟୁ.ଏନ୍.ଡି.ପି ମାଧ୍ୟମରେ ଦକ୍ଷତା ଓ ସାମର୍ଥ୍ୟ ବିକାଶ ପାଇଁ ଦିଆଯାଇଛି । ୧୯୯୬ ମସିହା ଠାରୁ ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ଜାତୀୟ ଜୈବବିବିଧତା କୌଶଳ ଏବଂ କାର୍ଯ୍ୟଯୋଜନା ( ଏନ୍.ବି.ଏସ୍.ଏ.ପି ) ନିମନ୍ତେ ୧୩୩ଟି ଅନୁଦାନ ପାଇଁ ସମୁଦାୟ ୨୬.୭ ନିୟୁତ ଡଲାର ସହାୟତା ପ୍ରଦାନ କରିଛି । ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟାଲ୍ ଫାସିଲିଟି ଜୈବବିବିଧତା ପୋର୍ଟଫୋଲିଓର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଲା ୨୦୦୨ ମସିହାରେ ଜୈବବିବିଧତା ସମ୍ମିଳନୀରେ ଗ୍ରହଣ କରାଯାଇଥିବା ୨୦୧୦ ଜୈବବିବିଧତା ଲକ୍ଷ୍ୟହାସଲ ପାଇଁ ସହାୟତା ପ୍ରଦାନ କରିବା, ଯେଉଁଥିରେ କି ଆସନ୍ତା ପୃଥିବୀର ସମସ୍ତ ପ୍ରାଣୀଙ୍କ ମଙ୍ଗଳ ସାଧନ ଏବଂ ଦାରିଦ୍ର୍ୟ ଦୂରିକରଣ ନିମନ୍ତେ ୨୦୧୦ ମସିହା ସୁଦ୍ଧା ବିଶ୍ୱ, ଆଂଚଳିକ ଏବଂ ଜାତୀୟ ସ୍ତରରେ ଜୈବବିଧତାର ହ୍ରାସ ହାରକୁ କମାଇବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ( ସି.ବି.ଡି ନିଷ୍ପତି ୫/୨୬)

**କ୍ଲିଅରିଙ୍ଗ୍ ହାଉସ୍ ମେକାନିଜିମ୍ ହେଉଛି** ଜୈବବିବିଧତା ସମ୍ମିଳନୀ ସଂପର୍କରେ ତଥ୍ୟ ଓ ସୂଚନାର ଆଦାନ ପ୍ରଦାନ ପାଇଁ ସମ୍ମିଳନୀ ୱେବ୍‌ସାଇଟ୍ (www.cbd.int ) ସହ ଯୋଗସୂତ୍ର ରଖି ବିଭିନ୍ନ ରାଷ୍ଟ୍ର ଏବଂ ସଂଗଠନ ଗୁଡିକ ତରଫରୁ ଖୋଲାଯାଇଥିବା ଇଣ୍ଟରନେଟ୍ ବ୍ୟବସ୍ଥା । ଏହି ୱେବ୍‌ସାଇଟ୍ ମଧ୍ୟରେ ଆଦିମ ଅଧିବାସୀ ମାନଙ୍କ ସଂପର୍କରେ ଏକ ସ୍ୱତନ୍ତ୍ର ପାରଂପରିକ ଜ୍ଞାନର ପୃଷ୍ଠା (http://www.cbd.int/tk/ ) ରଖାଯାଇଛି ।

**ପାରଂପରିକ ଜ୍ଞାନର ପୃଷ୍ଠା ବା ପୋର୍ଟାଲ୍** ଟି ସ୍ଥାନୀୟ ଗୋଷ୍ଠି ଏବଂ ଆଦିମ ଅଧିବାସୀ ମାନଙ୍କ ଭିତରେ ସଚେତନତା ସୃଷ୍ଟି ଏବଂ ପାରଂପରିକ ଜ୍ଞାନ, ନୂଆ ସୃଜନ ଏବଂ ସଂରକ୍ଷଣ ସଂପର୍କିତ ଆଦିବାସୀ ମାନଙ୍କ ପାରଂପରିକ ଅଭ୍ୟାସ, ଜୈବବିବିଧତାର ସ୍ଥାୟୀ ବ୍ୟବହାର ସଂପର୍କିତ ସେମାନଙ୍କ ଅଭ୍ୟାସ ଗୁଡିକର ବିଷୟରେ ଜାଣିବା ପାଇଁ କରାଯାଇଛି । ଏହା ବିଶେଷ କରି ଅନୁଚ୍ଛେଦ ୮ (ଜେ) ଏବଂ ତତ୍ ସଂର୍କିତ ବ୍ୟବସ୍ଥାରେ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ପାରଂପରିକ ଜ୍ଞାନ ସଂପର୍କିତ ଏପଯୋଗୀ ତଥ୍ୟ ପ୍ରଦାନ ଉଦ୍ଦେଶ୍ୟରେ କରାଯାଇଛି ।

ପାରଂପରିକ ଜ୍ଞାନ ସଂପର୍କିତ ସୂଚନା ପୋର୍ଟାଲ୍‌ଟି ଅନୁଚ୍ଛେଦ ୮ (ଜେ) ପୋର୍ଟାଲ୍ ଠାରୁ ଅନେକାଂଶରେ ଭିନ୍ନ । ଅନୁଚ୍ଛେଦ ୮ (ଜେ)ର ପୃଷ୍ଠାଟି ଅନୁଚ୍ଛେଦ ୮ (ଜେ) ଏବଂ ଜୈବବିବିଧତା ସମ୍ମିଳନୀ ପରିପ୍ରେକ୍ଷୀରେ ଥିବା ବିଷୟ ଗୁଡିକ ସଂପର୍କରେ ସୂଚନା ଦେଇଥାଏ । କିନ୍ତୁ ପାରଂପରିକ ଜ୍ଞାନ ସଂପର୍କିତ ସୂଚନା ପୋର୍ଟାଲ୍‌ଟି ହେଉଛି ପାରଂପରିକ ଜ୍ଞାନ ସଂପର୍କିତ ଗବେଷଣା ଏବଂ ନୂଆ ସୂଚନା ପ୍ରସାରଣ ବ୍ୟବସ୍ଥାର ଏକ ବୈଦୁତିକ ଯୋଗାଯୋଗ ଓ ସୂଚନା ମାଧ୍ୟମ । ଏହି ପୋର୍ଟାଲ୍ ପାରଂପରିକ ଜ୍ଞାନର ନଥିକରଣ କରେନାହିଁ । ଏହା ପାରଂପରିକ ଜ୍ଞାନ ସଂପର୍କରେ ତଥ୍ୟ ଓ ସୂଚନା ପ୍ରଦାନ କରିଥାଏ । ଏହା ସାଧନ କେନ୍ଦ୍ର, ବିଭିନ୍ନ ଘଟଣାର କ୍ୟାଲେଣ୍ଡର, ଫଟୋ ଆଲ୍‌ବମ୍, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ସଂଗଠନ ଗୁଡିକର ଚିଠିପତ୍ର, ଇଲେକ୍ଟ୍ରୋନିକ୍ସ କନ୍‌ଫରେନ୍‌ସିଙ୍ଗ ଏବଂ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ମେଲ୍ - ଆଉଟ୍ ଗୁଡିକୁ କିଣିବାର ସୁଯୋଗ ପ୍ରଦାନ କରିଥାଏ । ଏହାର ଲକ୍ଷ୍ୟହେଲା ସଚେତନତା ସୃଷ୍ଟି, ଆଲୋଚନାର ସୁଯୋଗ ସୃଷ୍ଟି କରିବା, ଆଦିବାସୀ ଏବଂ ସ୍ଥାନୀୟ

ଗୋଷ୍ଠୀ ଗୁଡିକୁ ପରିଚିତ କରାଇବା, ମିଳିତ କାର୍ଯ୍ୟକ୍ରମର ସଂଯୋଜନା କରିବା ଏବଂ ତଥ୍ୟଗତ ଆଦାନ ପ୍ରଦାନ ପାଇଁ ଆଗ୍ରହ ସୃଷ୍ଟି କରିବା ।

ଅଧିକାଂଶ ଆଦିମ ଅଧିବାସୀ ମାନେ ତଥ୍ୟ ଓ ସୂଚନା ପାଇବା ଏବଂ ଆଦାନପ୍ରଦାନ କରିବାରେ ଅସୁବିଧାର ସମ୍ମୁଖିନ ହେଉଥିବାରୁ ସେମାନଙ୍କ ନିଜ ପରିଚାଳିତ ୱେବ୍‌ସାଇଟ୍ ତିଆରି କରିବାକୁ ସ୍ୱାଧିନ ଭାବେ ଉଦ୍ୟମ କରୁଛନ୍ତି । ସେହିପରି ଏକ ୱେବ୍‌ସାଇଟ୍ ହେଲା ଇଣ୍ଡିଜେନସ୍ ପୋର୍ଟାଲ୍ ( http://www.indigenousportal.com/) । ଏହି ପ୍ରକଳ୍ପ ପୋର୍ଟାଲ୍‌ଟି ଇଣ୍ଡିଜେନସ୍ ପୋର୍ଟାଲ୍ ଦ୍ୱାରା ପରିଚାଳିତ ହେଉଛି । ଆଦିମ ଅଧିବାସୀ ମାନଙ୍କ ମାଲିକାନାରେ ଏବଂ ସେମାନଙ୍କ ଦ୍ୱାରା ପରିଚାଳିତ ସେମାନଙ୍କ ସଂପର୍କିତ ତଥ୍ୟର ଆଦାନ ପ୍ରଦାନ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରି ଆଦିମ ଅଧିବାସୀ ଗୋଷ୍ଠୀ ଗୁଡିକର ବିଶ୍ୱ ସ୍ତରୀୟ ସଂଗଠନ ସୁଦୃଢ କରିବା ନିମନ୍ତେ ବୋର୍ଡ ଲକ୍ଷ୍ୟ ରଖିଛି । ଇଣ୍ଡିଜେନସ୍ ପୋର୍ଟାଲ୍ ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିଛି ଯେ, ପୋର୍ଟାଲ୍ ହେଉଛି ୱେବ୍ ଆଲୋଚନାରୁ ଅଧିକ । ଏହା ହେଉଛି ଆମର ନିଜ ଆଦିମ ଅଧିବାସୀ ଏବଂ ଅନ୍ୟ ମାନଙ୍କ ଦ୍ୱାରା ପ୍ରେରିତ ଆଦିମ ଅଧିବାସୀ ମାନଙ୍କ ବିଷୟବସ୍ତୁ ସଂପର୍କିତ । ଆମର ପୋର୍ଟାଲ୍ ଆମ ନିଜ ସ୍ୱରରେ, ନିଜ ସଂସ୍କୃତି, ମୂଲ୍ୟବୋଧ, ଇତିହାସ ଏବଂ ଭାଷା ଏବଂ ଆମର ଭବିଷ୍ୟତ ଲକ୍ଷ୍ୟ ସଂପର୍କିତ ଚିନ୍ତାଧାରାର ଉପସ୍ଥାପନା । ( ଡବ୍ଲ୍ୟୁ.ଏସ୍.ଆଇ.ଏସ୍. ରେ ଆଦିମଅଧିବାସୀ ଙ୍କ ଇସ୍ତାହାର )

## ୪ – ନିୟନ୍ତ୍ରିତ ବିଭାଗ

ଜୈବବିବିଧତା ସମ୍ମିଳନୀ ( ସି.ବି.ଡି)ର କାର୍ଯ୍ୟରେ ସହାୟତା ପାଇଁ ଅନ୍ୟାନ୍ୟ ନିୟନ୍ତ୍ରିତ ବିଭାଗ ମାନ ରହିଛି । ସେଗୁଡିକହେଲା ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳ, ବିଶେଷଜ୍ଞ ପ୍ୟାନେଲ୍, ଅସ୍ଥାୟୀ ବୈଷୟିକ ବିଶେଷଜ୍ଞ ଦଳ ଇତ୍ୟାଦି ।

ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳ ସରକାରଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଏବଂ ବିଶେଷଜ୍ଞ ମାନଙ୍କୁ ନେଇ ଗଠିତ । ସେମାନେ ଅସ୍ଥାୟୀ କାରଣ ସେମାନେ ସ୍ଥାୟୀ ନୁହଁନ୍ତି ଏବଂ ଆବଶ୍ୟକତା ମୁତାବକ ସେମାନଙ୍କ ସହୟତା ନିଆଯାଇଥାଏ । ସେମାନେ କେବଳ କାମଟି ଶେଷ ହେବା ପର୍ଯ୍ୟନ୍ତ ନିଯୁକ୍ତ ହୋଇଥାନ୍ତି । ସେମାନେ ନିବୁଜ କାରଣ ସେମାନେ ସମସ୍ତ ଅଂଶୀଦାର ଏବଂ ପର୍ଯ୍ୟବେକ୍ଷକ ଙ୍କ ପାଇଁ ମୁକ୍ତ ବା ଖୋଲା । ଏହାଛଡା ଚାରିଟି କାର୍ଯ୍ୟଦଳ ମଧ ଗଠନ କରାଯାଇଛି । ସେଗୁଡିକହେଲା ଅନୁଚ୍ଛେଦ ୮(ଜେ) ଏବଂ ତତ୍ସଂପର୍କିତ ଲାଭାଂଶର ଭାଗ ସଂପର୍କିତ ବିଧିବ୍ୟବସ୍ଥା, ସୁରକ୍ଷିତ ଅଞ୍ଚଳ ଏବଂ ସି.ବି.ଡି କାର୍ଯ୍ୟକାରୀତାର ତର୍ଜମାକାରୀ ଦଳ । ଅନୁଚ୍ଛେଦ ୮(ଜେ)ର କାର୍ଯ୍ୟକାରୀ ଦଳରେ ଜଣେ ଆଦିମ ଅଧିବାସୀ ସହ ଅଧକ୍ଷ ରହିଛନ୍ତି ।

ବିଶେଷଜ୍ଞ ପ୍ୟାନେଲ୍ ବା ଦଳ – ବିଭିନ୍ନ ସମୟରେ ସରକାରଙ୍କ ମନୋନୀତ ବିଶେଷଜ୍ଞଙ୍କ ତାଲିକାରୁ ବ୍ୟକ୍ତି ମାନଙ୍କୁ ନେଇ ସି.ଓ.ପି ଏହି ବିଶେଷଜ୍ଞ ପ୍ୟାନେଲ୍ ଗଠନ କରିଥାଏ ।

କେତେକ ନିର୍ଦ୍ଦିଷ୍ଟ ବିଷୟରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସି.ଓ.ପି ବା ଏସ୍.ବି.ଏସ୍.ଟି.ଟି.ଏ ଏହି ଅସ୍ଥାୟୀ ବୈଷୟିକ ବିଶେଷଜ୍ଞ ଦଳ ଗଠନ କରିଥାନ୍ତି । ସେଗୁଡିକ ଜୈବବିବିଧତା, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଜୈବବିବିଧତା, ସାମୁଦ୍ରିକ ଏବଂ ଉପକୂଳ ସୁରକ୍ଷିତ ଅଂଚଳ, ଶୁଖା ଅଂଚଳ ଏବଂ ତତ୍ ସଂପର୍କିତ ପରିବେଶ, ଶିକ୍ଷା ଏବଂ ଜନ ସଚେତନତା ଆଦିକୁ ନେଇ ଗଠିତ ହୋଇଥାଏ । ସେମାନଙ୍କ ଆନ୍ତର୍ଜାତୀୟ ବିଶେଷଜ୍ଞ ତାଲିକାରୁ ବଛାଯାଇଥାଏ ଏବଂ ଛୋଟ ଛୋଟ ଦଳ ଗଠନ କରାଯାଇଥାଏ ।

## ୫ – ଜୈବବିବିଧତା ସମ୍ମିଳନୀର ନିୟନ୍ତ୍ରିତ ଚୁକ୍ତି ସମୂହ

ଜୈବବିବିଧତା ସମ୍ମିଳନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତର୍ଜାତୀୟ ଚୁକ୍ତି ଗୁଡିକର ଆଇନଗତ କାର୍ଯ୍ୟପରିସର ହେଲା ପ୍ରୋଟୋକଲ୍ । ପ୍ରୋଟୋକଲ୍ ସମ୍ମିଳନୀର ଉଭୟ ଅଂଶୀଦାର ଏବଂ ଅଣ ଅଂଶୀଦାର ମାନଙ୍କ ପାଇଁ ମୁକ୍ତ । ଏହା ସାଧିନ ଏବଂ ନିଜସ୍ୱ ଶୈଳୀର ଆଇନଗତ ପରିସରରେ ବ୍ୟବସ୍ଥିତ ।

ଜୈବବିବିଧତା ସମ୍ମିଳନୀର ଗୋଟିଏ ପ୍ରୋଟୋକଲ୍ ହେଲା କାର୍ଟାଗେନାର ଜୈବ ନିରାପତ୍ତା ପ୍ରୋଟୋକଲ୍ । ଏହା ଜିନ୍ ପରିବର୍ତ୍ତିତ ଫସଲ ଚାଷର ପ୍ରୟୋଗ ଦ୍ୱାରା ଅସୁରକ୍ଷିତ ହୋଇ ପଡିଥିବା ଆଦିମ ଅଧିବାସୀ ମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ସେହିପରି ଆଉ ଏକ ପ୍ରୋଟୋକଲ୍ ହେଲା ଲାଭାଂଶ ଉପରେ ଭାଗିଦାରିତା, ଯାହାକି ଏବେ ବୁଝାମଣା ସ୍ତରରେ ରହିଛି ।

## ୬ – କାର୍ଟାଜେନା ପ୍ରୋଟୋକଲ୍ କଣ ?

୨୦୦୦ ମସିହା ଜାନୁୟାରୀ ୨୯ ତାରିଖରେ ଜୈବବିବିଧତା ସମ୍ମିଳନୀର ଅଂଶୀଦାର ମାନଙ୍କ ସମ୍ମିଳନୀରେ କାର୍ଟାଜେନା ଜୈବ ନିରାପତ୍ତା ପ୍ରୋଟୋକଲ୍ ନାମରେ ଏକ ନିୟନ୍ତ୍ରିତ ଚୁକ୍ତି ଗୃହିତ ହେଲା । ଏହି ପ୍ରୋଟୋକଲ୍‌ରେ ଆଧୁନିକ ଜୈବ ବୈଷୟିକ କୌଶଳ ପ୍ରୟୋଗରେ ପ୍ରସ୍ତୁତ ଜିନ୍ ପରିବର୍ତ୍ତିତ ଜୈବ ସତ୍ତାର ପ୍ରଭାବରୁ ଜୈବ ବିବିଧତାକୁ ସୁରକ୍ଷିତ ରଖିବାପାଇଁ ବ୍ୟବସ୍ଥାମାନ ରହିଛି । ଏଥିରେ ଅଗ୍ରିମ ସୂଚନା ଯୋଗାଇବା ନିମନ୍ତେ ଚୁକ୍ତିଗତ ନୀୟମ ରହିଛି । ଦେଶ ଗୁଡିକ ସେମାନଙ୍କ ଅଂଚଳରୁ ସେହିସବୁ ଜୈବସତ୍ତା ଆମଦାନୀ କରିବାକୁ ସ୍ଥିର କରିବା ପୂର୍ବରୁ ଏହାକୁ ସର୍ବଜନବିଦିତ ନିଷ୍ପତ୍ତି କରିବା ପାଇଁ ଆବଶ୍ୟକୀୟ ସମସ୍ତ ସୂଚନା ଦେବାକୁ ବାଧ । ଏହି ପ୍ରୋଟୋକଲ୍‌କୁ ଏକ ସତର୍କତାମୂଳକ ବ୍ୟବସ୍ଥା ହିସାବରେ ଗ୍ରହଣ କରାଯାଇଛି ଏବଂ ରିଓ ସମ୍ମିଳନୀର ପରିବେଶ ଓ ବିକାଶ ଘୋଷଣାପତ୍ର ର ଅଧିନୀୟମ ୧୫ରେ ଥିବା ସତର୍କତା ବ୍ୟବସ୍ଥାକୁ ସୁନିଶ୍ଚିତ କରୁଛି । ଏହି ପ୍ରୋଟୋକଲ୍ ମଧ୍ୟ ଏକ ଜୈବନିରାପତ୍ତା ତଥ୍ୟ ଓ ସୂଚନା ବ୍ୟବସ୍ଥା ହିସାବରେ କାର୍ଯ୍ୟକରୁଛି । ଏହା ଜିନ୍ ପରିବର୍ତ୍ତିତ ଜୀବସତ୍ତା, ଜୀବନ୍ତ ଜୈବସତ୍ତା ସଂପର୍କରେ ବିଭିନ୍ନ ତଥ୍ୟ ଦେବା ସହ ପ୍ରୋଟୋକଲ୍‌ର କାର୍ଯ୍ୟକାରୀତା ପାଇଁ ଦେଶ ଗୁଡିକୁ ସହାୟତା ଯୋଗାଇ ଦେଉଛି ।

କାର୍ଟାଜେନା ଜୈବ ନିରାପତ୍ତା ପ୍ରୋଟୋକଲ୍ ହେଉଛି ଏକ ପ୍ରଧାନ ଆନ୍ତର୍ଜାତୀୟ ଆଇନଗତ ଚୁକ୍ତି ଯାହାକି ବୈଜ୍ଞାନିକ କୌଶଳରେ ଜିନ୍ ପରିବର୍ତ୍ତନ ଉପରେ ପ୍ରତିବନ୍ଧକ ପାଇଁ ନିତି ନିର୍ଦ୍ଧାରଣ ।ଏହା ସୂଚାଇଛି ଯେ, ଆଧୁନିକ ଜୈବବିଜ୍ଞାନ ଦ୍ୱାରା ସୃଷ୍ଟ ଜିନ୍ ପରିବର୍ତ୍ତିତ ଜୀବସତ୍ତା ଗୁଡିକର ସଠିକ ପରିବର୍ତ୍ତନ, ନିୟନ୍ତ୍ରଣ ଏବଂ ବ୍ୟବହାର କରାନଗଲେ ତାହା ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ପ୍ରତିକୁଳ ପକାଇବ ଏବଂ ମାନବିକ ସ୍ୱାସ୍ଥ୍ୟ ଏବଂ ଜୀବନ ବିପଦଗ୍ରସ୍ତ ହେବ ।

ଜୈବ ନିରାପତ୍ତା ପ୍ରୋଟୋକଲ୍ ବିଶେଷକରି ବିକାଶଶୀଳ ରାଷ୍ଟ୍ର ଗୁଡିକ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଏକ ଆନ୍ତର୍ଜାତୀୟ ଆଇନ ଯାହାକି ଜିନ୍ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରୁଛି । ଏହା ଦର୍ଶାଉଛି ଯେ ଜିନ୍ ପରିବର୍ତ୍ତିତ ଜୈବସତ୍ତା ଗୁଡିକ ଜନ୍ମଗତ ବୈଷମ୍ୟ ଏବଂ ଅନେକ ବିପଦ ଓ ବିପର୍ଯ୍ୟୟର କାରଣ । ଏଣୁ ଏଗୁଡିକର ଆନ୍ତର୍ଜାତୀୟ ନିୟନ୍ତ୍ରଣ ଜରୁରୀ । ଦେଶ ଗୁଡିକର ଜିନ୍ ପରିବର୍ତ୍ତନ କାର୍ଯ୍ୟକ୍ରମ, ଜିନ୍ ପରିବର୍ତ୍ତିତ ସାମଗ୍ରୀ ଗୁଡିକୁ ଜାତୀୟ ସ୍ତରରେ ନିୟନ୍ତ୍ରଣ କରିବାର ସାର୍ବଭୌମ ଅଧିକାର ରହିଛି । ଏହି ପ୍ରୋଟୋକଲ୍ ଏବେ ଏହାର ଏକ ଆନ୍ତର୍ଜାତୀୟ ସର୍ବ ଗ୍ରହଣୀୟ ରୂପରେଖ ପ୍ରସ୍ତୁତ କରୁଛି ।

## ୭ – କାର୍ଟାଜେନା ଜୈବ ନିରାପତ୍ତା ପ୍ରୋଟୋକଲ୍‌ର ଇତିହାସ

ଜୈବବିବିଧତା ସମ୍ମିଳନୀର ଅଂଶୀଦାର ଦଳ ମାନଙ୍କ ସମ୍ମିଳନୀ ଜୈବ ନିରାପତ୍ତା ସଂପର୍କରେ ଏକ ପ୍ରୋଟୋକଲ୍ ଚିଠା ପ୍ରସ୍ତୁତି ପାଇଁ ଏକ ମୁକ୍ତ ଅସ୍ଥାୟୀ କାର୍ଯ୍ୟଦଳ ଗଠନ କଲେ । ଏହି ପ୍ରୋଟୋକଲ୍‌ରେ ଆଧୁନିକ ଜୈବ ବିଜ୍ଞାନ ଦ୍ୱାରା ସୃଷ୍ଟ ଜିନ୍ ପରିବର୍ତ୍ତିତ ଜୈବସତ୍ତାର ବ୍ୟବହାର ଯୋଗୁଁ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବାର ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟଦଳ ସି.ଓ.ପି ର ପ୍ରଥମ ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା ପାଇଁ ଚିଠା ପ୍ରସ୍ତାବକୁ ଉପସ୍ଥାପିତ କଲେ । ଏହା ୧୯୯୯ ମସିହା ଫେବୃୟାରୀ ୨୨ ତାରିଖରେ କଲମ୍ବିଆର କାର୍ଟାଜେନାରେ ଉନ୍ମୋଚନ କରାଯାଇଥିଲା ।

ସେହି ସମ୍ମିଳନୀରେ ସି.ଓ.ପି ଏହାର କାର୍ଯ୍ୟକ୍ରମ ଗୁଡିକ ବିଷୟରେ ଚୁଡାନ୍ତ ନିଷ୍ପତ୍ତି ନେଇ ପାରିଲେ ନାହିଁ ଏବଂ ଏହି ଅଧିରବେଶନକୁ ୨୦୦୦ ମସିହା ଜାନୁଆରି ୨୪ ରୁ ୨୯ ପର୍ଯ୍ୟନ୍ତ ହୋଇଥିବା ମଣ୍ଟ୍ରିଲ୍ ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା । ୨୦୦୦ ମସିହା ଜାନୁଆରି ୨୯ ତାରିଖରେ ଜୈବନିରାପତ୍ତା ସଂପର୍କିତ କାର୍ଟାଜେନା ପ୍ରୋଟୋକଲ୍ ଗୃହୀତ ହେଲା ଏବଂ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଗଲା । ୨୦୦୯ ଅକ୍ଟୋବର ମାସ ସୁଦ୍ଧା ଏହି ପ୍ରୋଟୋକଲ୍‌ରେ ୧୫୭ଟି ଅଂଶୀଦାର ରହିଛନ୍ତି ।

## ୮ – ଜୈବବିବିଧତା ସମ୍ମିଳନୀର ବିଷୟଗତ କାର୍ଯ୍ୟକ୍ରମ

ଅଂଶୀଦାର ଦଳ ବା କନ୍‌ଫରେନ୍ସ ଅଫ୍ ପାର୍ଟିସ୍ ୭ଟି ବିଷୟଗତ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ଏକ ଦୃଷ୍ଟିଭଙ୍ଗି ରହିଛି ଏବଂ ଭବିଷ୍ୟତ କାର୍ଯ୍ୟକୁ ଦିଗ୍‌ଦର୍ଶନ ଦେବାପାଇଁ ନୀୟମାବଳୀ ମଧ୍ୟ ରହିଛି । ସେମାନେ ମଧ୍ୟ ମୁଖ୍ୟ ସମସ୍ୟାଗୁଡିକୁ ଚୟନ କରିଛନ୍ତି, ସକ୍ଷମତା ଅନୁସାରେ ଫଳାଫଳ ନିର୍ଦ୍ଧାରଣ କରିଛନ୍ତି ଏବଂ ସେଥିପାଇଁ ସମୟ ନିଧାର୍ଯ୍ୟ କରିବା ସହ ସଫଳତା ଗୁଡିକର ପରିମାପକ ସ୍ଥିର କରିଛନ୍ତି । ଏହି କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ଅଂଶୀଦାର, ସଚିବାଳୟ, ଉପଯୋଗୀ ଆନ୍ତଃରାଷ୍ଟ୍ରିୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କ ସଂପୃକ୍ତି ଉପରେ ନିର୍ଭର କରୁଛି । ସି.ଓ.ପି ଏବଂ ଏସ୍.ବି.ଏସ୍.ଟି.ଟି.ଏ ସମୟକୁ ସମୟ ଏହି କାର୍ଯ୍ୟକ୍ରମ ପରିଚାଳନାର ତର୍ଜମା କରୁଛନ୍ତି ।

ପ୍ରତ୍ୟେକ ବିଷୟଗତ କାର୍ଯ୍ୟକ୍ରମର ସବେଶେଷ ବିବରଣି ସି.ବି.ଡି ର ୱେବ୍‌ସାଇଟ୍‌ରେ ଉପଲବ୍ଧ ।

### ୧ – ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା

ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା ହେଲା ହ୍ରଦ, ନଦୀ, ଜଳାଶୟ, ଝରଣା, ଭୂତଳ ଜଳ, ଝୋଲା, ବାମ୍ଫି, ବନ୍ୟାପ୍ଲାବନ, ପାଟ, ଏବଂ ସନ୍ତସନ୍ତିଆ ଅଂଚଳ ଇତ୍ୟାଦି । ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା ବିକାଶଶୀଳ ଦେଶ ଗୁଡିକର ଗ୍ରାମାଞ୍ଚଳର ଖାଦ୍ୟ, ରୋଜଗାର ଓ ଜୀବିକାର ମୁଖ୍ୟ ଉତ୍ସ ।

ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା ମଣିଷ ମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଦୂଷିତ ହେଉଛି ଏବଂ ସବୁଠୁ ଅଧିକ ବିପଦପୂର୍ଣ୍ଣ ପରିବେଶ ହିସାବରେ ବିବେଚିତ ହୋଇଛି । ତେଣୁ ସି.ଓ.ପି ସମସ୍ତ ଅଂଶୀଦାର ମାନଙ୍କୁ ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ସେମାନଙ୍କ ଜାତୀୟ କାର୍ଯ୍ୟ ଯୋଜନାରେ ଅନ୍ତର୍ଦ୍ଦେଶୀୟ ଜଳ ଜୈବବିବିଧତା ସୁରକ୍ଷା ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ସାମିଲ କରିବା ଓ କାର୍ଯ୍ୟକାରୀ କରିବା ପାଇଁ ପ୍ରବର୍ତ୍ତାଇଲା

## ୨ – ସାମୁଦ୍ରିକ ଓ ଉପକୂଳବର୍ତ୍ତୀ ଜୈବବିବିଧତା

ଜୈବବିବିଧତା ସମ୍ମିଳନୀର ସାମୁଦ୍ରିକ ଓ ଉପକୂଳବର୍ତ୍ତୀ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଏକ କାର୍ଯ୍ୟକ୍ରମ ରହିଛି ତାହାହେଲା – ଜାକର୍ତ୍ତା ସାମୁଦ୍ରିକ ଓ ଉପକୂଳବର୍ତ୍ତୀ ଜୈବବିବିଧତା ଅଧାଦେଶ । ଏହା ସମନ୍ୱିତ ସାମୁଦ୍ରିକ ଓ ଉପକୂଳବର୍ତ୍ତୀ ଅଂଚଳ ପରିଚାଳନା, ଜୀବ ସଂପଦର ସ୍ଥାୟୀ ବ୍ୟବହାର, ସାମୁଦ୍ରିକ ଓ ଉପକୂଳବର୍ତ୍ତୀ ସୁରକ୍ଷିତ ଅଂଚଳ, ସାମୁଦ୍ରିକ ଜୀବ ଏବଂ ଅନ୍ୟାନ୍ୟ ପ୍ରଜାତିର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛି ।

"ସେଣ୍ଟର ଫର୍ ଇଣ୍ଡିଜେନସ୍ ଫିସେରିଜ୍ ଆଣ୍ଡ ବାଇଓଡାଇଭରସିଟି ନଲେଜ୍" ଅନୁଯାୟୀ ଆଦିମ ଅଧିବାସୀମାନେ ବିଶେଷକରି ଖାଦ୍ୟ ପାଇଁ ପାରଂପରିକ ଜଳଜୈବବିବିଧତା ଉପରେ ବିଶେଷ ନିର୍ଭରଶୀଳ । ପାରଂପରିକ ଜଳଜୈବବିବିଧତାରୁ ଖାଦ୍ୟ ଆହରଣ କରିବା ଆଦିମ ଅଧିବାସୀ ସଂସ୍କୃତି ଏବଂ ସାଂସ୍କୃତିକ ଅଭ୍ୟାସର ଏକ ମୁଖ୍ୟ ଅଂଗ । ତେଣୁ ଆଦିମ ଅଧିବାସୀ ମାନଙ୍କ ଜଳ ଜୈବବିବିଧତା ନିର୍ଭରଶୀଳତାକୁ ସୁରକ୍ଷା ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ଓ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ ।

## ୩ – ଜଙ୍ଗଲ ଜୈବବିବିଧତା

ଜଙ୍ଗଲ ଜୈବବିବିଧତା ହେଉଛି ସମସ୍ତ ପାର୍ଥିବ ସମ୍ପଦ ମଧ୍ୟରେ ଶ୍ରେଷ୍ଠ ଓ ସମୃଦ୍ଧ । ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲ, ପର୍ଣ୍ଣମୋଚୀ ଏବଂ ହେନ୍ତାଳ ବଣ ଗୁଡିକ ବିଭିନ୍ନ ବୃକ୍ଷ ପ୍ରଜାତି, ପଶୁଜନ୍ତୁ ଏବଂ କୀଟପତଙ୍ଗ ଆଦି ପୃଥିବୀର ଜୈବିକ ସତ୍ତାର ମୁଖ୍ୟ ଭାଗଙ୍କୁ ବିବିଧ ବାସସ୍ଥଳୀ ଯୋଗାଇ ଆସିଛି । ଏହାଛଡା ଜଙ୍ଗଲ ସାରା ପୃଥିବୀର ଆଦିମ ଅଧିବାସୀ ମାନଙ୍କ ସମେତ କୋଟି କୋଟି ଲୋକଙ୍କୁ ଜୀବିକା ଓ ରୋଜଗାରପନ୍ଥା ଯୋଗାଇଛି । ଅନେକ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଜୀବନଧାରାରେ ଜଙ୍ଗଲ ଜୈବବିବିଧତା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ।

ସ୍ଥାୟୀ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଆଦିମ ଅଧିବାସୀ ମାନଙ୍କୁ ସକ୍ରିୟ ଏବଂ ପୂର୍ଣ୍ଣ ଭାବେ ସଂପୃକ୍ତ କରି ଗୋଷ୍ଠି ପରିଚାଳିତ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ପ୍ରଚଳନ ହେବା ଆବଶ୍ୟକ । ଜଙ୍ଗଲ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନା ନିମନ୍ତେ ପରାମର୍ଶ ଦେବା ଏବଂ ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ଜୈବବିବିଧତା ସମ୍ମଳନୀର ଜଙ୍ଗଲ ଜୈବବିବିଧତା ସଂପର୍କିତ ଏକ ଅସ୍ଥାୟୀ ବୈଷୟିକ ବିଶେଷଜ୍ଞ ଦଳ ରହିଛି । ଜାତୀୟ ସ୍ତରରେ ଦେଶ ଗୁଡିକୁ ୨୦୧୦ ବିଶ୍ୱ ଜୈବବିବିଧତା ଲକ୍ଷ୍ୟ ପୂରଣ ପାଇଁ ଜଙ୍ଗଲ ଜୈବବିବିଧତା ଉନ୍ନୟନ କାର୍ଯ୍ୟକ୍ରମ ବିସ୍ତୃତଭାବେ ଗ୍ରହଣ କରିବାକୁ ଆହ୍ୱାନ ଦିଆ ଯାଇଛି ।

## ୪ – କୃଷି ଜୈବବିବିଧତା

କୃଷି ଜୈବବିବିଧତା ହେଉଛି କୃଷି ଓ ଖାଦ୍ୟ ପାଇଁ ବ୍ୟବହୃତ ସମସ୍ତ ବୃକ୍ଷ ଓ ଫସଲ, ପଶୁପ୍ରଜାତି, ଛତୁ ଓ ଶିଉଳି ପ୍ରଜାତି ଏବଂ କୀଟପତଙ୍ଗ ଓ ଅଣୁଜୀବ ଆଦିଙ୍କ ସମାହାର । କୃଷି ଜୈବବିବିଧତା କେବଳ ଖାଦ୍ୟ ଓ ରୋଜଗାରଯୋଗାଇଥାଏ ତାହା ନୁହେଁ ଏହା ବସ୍ତ୍ର, ବାସଗୃହ, ଔଷଧ ଆଦି ପାଇଁ କଞ୍ଚାମାଲ ମଧ୍ୟ ଯୋଗାଇଥାଏ । ଏହା ନୂଆ ପ୍ରଜାତି ଜନ୍ମ ଦେବାସହ ମାଟିର ଉର୍ବରତା ବୃଦ୍ଧି, ମାଟି ଓ ପାଣିର ସଂରକ୍ଷଣ ଆଦି କରିଥାଏ ।

ଜୈବବିବିଧତା ସମ୍ମିଳନୀର କୃଷି ଜୈବବିବିଧତା କାର୍ଯ୍ୟକ୍ରମ ବିଶ୍ୱର କୃଷି ଜୈବବିବିଧତାର ସ୍ଥିତି ଏବଂ ଧାରା ଉପରେ ଧ୍ୟାନ ଦେବାସହ ଏହାର ପରିଚାଳନା ପାଇଁ ଥିବା ସ୍ଥାନୀୟ ପାରଂପରିକ ଜ୍ଞାନର ସୁରକ୍ଷା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ । ଏହା କୃଷିପାଇଁ ଉପଯୋଗୀ ଜୈବ ସମ୍ବଳ ଗୁଡ଼ିକର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ । ଏହା ଜେନେଟିକ୍ ବ୍ୟବହାର ନିୟନ୍ତ୍ରଣ ବୈଷୟିକ କୌଶଳ ( ଜି.ୟୁ.ଆର୍.ଟି ) ପରି ନୂଆ କୌଶଳର ବିକାଶ ପାଇଁ ଗୁରୁତ୍ୱ ଦେଉଥିବା ସହ କୃଷି ଜୈବବିବିଧତାରେ ଏଗୁଡ଼ିକର ଉପଯୋଗୀ ବ୍ୟବହାରକୁ ଅଧ୍ୟୟନ କରିଥାଏ ।

ଜୈବବିବିଧତା ସମ୍ମିଳନୀ କୃଷି କ୍ଷେତ୍ରରେ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ସେଗୁଡ଼ିକର ବିକାଶ ଓ ପରିଚାଳନାରେ ସେମାନଙ୍କ ଜ୍ଞାନ ଏବଂ ଅଭ୍ୟାସ ଗୁଡ଼ିକର ର ପ୍ରୟୋଗ ପାଇଁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଆଦି କୃଷି ସଂପ୍ରଦାୟ ଗୁଡ଼ିକୁ ସଂଗଠିତ ଓ ସକ୍ଷମ କରାଇଥାଏ ।

## ୫ – ଶୁଷ୍କାଞ୍ଚଳ କମ୍ ଆର୍ଦ୍ର ଅଞ୍ଚଳର ଜୈବବିବିଧତା

ଶୁଷ୍କାଞ୍ଚଳ କମ୍ ଆର୍ଦ୍ର ଅଞ୍ଚଳରେ ବିଶ୍ୱର ସମୁଦାୟ ଲୋକସଂଖ୍ୟାର ୩୫ ପ୍ରତିଶତ ବା ଦୁଇଶହ କୋଟିରୁ ଅଧିକ ଲୋକ ବସବାସ କରନ୍ତି । ଏହି ଅଞ୍ଚଳର ଜୈବବିବିଧତା ବେଶ୍ ସମୃଦ୍ଧ ଏବଂ ଏଠାରେ ପୃଥିବୀର ବହୁ ଖାଦ୍ୟଶସ୍ୟ ଏବଂ ଗୃହପାଳିତ ପଶୁ ପ୍ରଜାତି ରହନ୍ତି । ଆଫ୍ରିକା ମହାଦେଶର ୭୦ ପ୍ରତିଶତ ଲୋକ ସେମାନଙ୍କ ଦୈନନ୍ଦିନ ଜୀବିକା ପାଇଁ ସିଧାସଳଖ ଏହା ଉପରେ ନିର୍ଭର କରିଥାନ୍ତି ।

ଶୁଷ୍କାଞ୍ଚଳ କମ୍ ଆର୍ଦ୍ର ଅଞ୍ଚଳର ଜୈବବିବିଧତା କୁ ନେଇଥିବା ଏକ ଅସ୍ଥାୟୀ ବିଶେଷଜ୍ଞ ଦଳ ଦୁଇଥର ବୈଠକ କରି ଏସ୍.ବି.ଏସ୍.ଟି.ଟି.ଏ ର କାର୍ଯ୍ୟପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମାନ ଦେଇଛନ୍ତି । ଶୁଷ୍କାଞ୍ଚଳ କମ୍ ଆର୍ଦ୍ର ଅଞ୍ଚଳର ଜୈବବିବିଧତା କାର୍ଯ୍ୟକ୍ରମ ଗୁଡ଼ିକ ସି.ଓ.ପି ଏବଂ ଏସ୍.ବି.ଏସ୍.ଟି.ଟି.ଏ ର ପରବର୍ତ୍ତୀ ବୈଠକ ଗୁଡ଼ିକରେ ଗଭୀର ଭାବେ ତର୍ଜମା କରାଯିବ ।

## ୬ – ପାର୍ବତ୍ୟାଞ୍ଚଳ ଜୈବବିବିଧତା

କୃଷିର ସଂପ୍ରସାରଣ, ବହୁଳଭାବେ ଜଙ୍ଗଲ ସଫା ଏବଂ ଜଙ୍ଗଲକୁ ସଂପୂର୍ଣ୍ଣ ଭାବେ ସଫାକରି ସେଥିରେ ଏକ ପ୍ରକାର ଗଛ ପ୍ରଜାତିର ଜଙ୍ଗଲ ସୃଷ୍ଟି ଦ୍ୱାରା ଯୋଗୁଁ ପାର୍ବତ୍ୟାଞ୍ଚଳ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି । ଏହାଛଡ଼ା ପର୍ଯ୍ୟଟନର ବିକାଶ, ଜଳବିଦ୍ୟୁତ ଯୋଜନା, ଖଣି, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଏବଂ ସଂକ୍ରାମକ ପ୍ରଜାତି ଗୁଡ଼ିକ ଦ୍ୱାରା ମଧ୍ୟ ପାର୍ବତ୍ୟାଞ୍ଚଳ ଜୈବବିବିଧତା ନଷ୍ଟ ହେଉଛି ।

ଜୈବବିବିଧତା ସମ୍ମିଳନୀ ପାର୍ବତ୍ୟାଞ୍ଚଳ ଜୈବବିବିଧତା ବିକାଶ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ । ଦେଶ ଗୁଡ଼ିକ ସେମାନଙ୍କ ପାର୍ବତ୍ୟାଞ୍ଚଳ ଜୈବବିବିଧତାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଇଥାଏ । ପାର୍ବତ୍ୟାଞ୍ଚଳ ଜୈବବିବିଧତା ଉପରେ ବିଶେଷଭାବେ ନିର୍ଭର କରୁଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡ଼ିକର ଉପକାର ଏବଂ ଦାରିଦ୍ର୍ୟ ଦୂରିକରଣ ପାଇଁ ଏବଂ ୨୦୧୦ ସୁଦ୍ଧା ପାର୍ବତ୍ୟାଞ୍ଚଳ ଜୈବବିବିଧତା ହ୍ରାସକୁ ରୋକିବା ପାଇଁ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଥାଏ ।

### ୭ - ଦ୍ୱୀପାଞ୍ଚଳ ଜୈବବିବିଧତା

ଦ୍ୱୀପାଞ୍ଚଳ ଜୈବବିବିଧତାରେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଅଧିକ କିସମର ଏବଂ ସ୍ୱତନ୍ତ୍ର ପ୍ରଜାତିର ଦେଶୀୟ ପ୍ରଜାତି ମାନ ଭରି ରହିଛି । କିନ୍ତୁ ସେମାନଙ୍କ ସମୃଦ୍ଧ ଜୈବବିବିଧତା ପ୍ରାକୃତିକ ଭଙ୍ଗୁରତା ଦ୍ୱାରା ବିଶେଷ ପ୍ରଭାବିତ ହୋଇଥାଏ ।

ଅନେକ ଛୋଟ ଦ୍ୱୀପାଞ୍ଚଳର ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀମାନଙ୍କ ସାଂସ୍କୃତିକ ବିଧତା, ପାରଂପରିକ ଜ୍ଞାନ ଏବଂ ଅଭ୍ୟାସ ଗୁଡିକ ସ୍ୱତନ୍ତ୍ର ଏବଂ ସେଗୁଡିକର ସୁରକ୍ଷା ନିତାନ୍ତ ଜରୁରୀ । ଜୈବବିବିଧତା ସମ୍ମିଳନୀର ଦ୍ୱୀପାଞ୍ଚଳ ଜୈବବିବିଧତା କାର୍ଯ୍ୟକ୍ରମ ଗୁଡିକର ଉଦ୍ଦେଶ୍ୟ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଏବଂ ଆଦିମ ଅଧିବାସୀ ମାନଙ୍କର ସ୍ୱାର୍ଥ ଓ ସମ୍ମାନର ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଏବଂ ସେମାନଙ୍କର ସଂପୂର୍ଣ୍ଣ ସଂପୃକ୍ତି ଏବଂ ସହମତିରେ କାର୍ଯ୍ୟକାରୀ ହେବା ଆବଶ୍ୟକ ।

## ୯ – କ୍ରସ୍ - କଟିଂ ସମସ୍ୟା ସବୁ

ସି.ଓ.ପି ତରଫରୁ ସବୁ ବିଷୟକୁ ସୁହାଇବା ପରି ମୂଖ୍ୟ ଦିଗ ଗୁଡିକ ଉପରେ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି । ସମ୍ମଳନୀର ଅନୁଚ୍ଛେଦ ୬ରୁ ୨୦ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାରେ ଗ୍ରହଣ କରାଯାଇଥିବା ସମସ୍ୟା ଗୁଡିକର ସମାଧାନ ପାଇଁ କ୍ରସ୍ - କଟିଂ ସମସ୍ୟା ସବୁର ପଦକ୍ଷେପ ଗ୍ରହଣ କରାଯାଉଛି । ଏହା ବିଭିନ୍ନ ବିଷୟଗତ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁଛି ।

ଏହି ସବୁ କ୍ରସ୍ - କଟିଂ ସମସ୍ୟାଗୁଡିକ ହେଲା –

- ଜେନେଟିକ୍ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ
- ବିକାଶ ପାଇଁ ଜୈବବିବିଧତା
- ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା,
- ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା
- ଆର୍ଥିକ, ବାଣିଜ୍ୟ ଏବଂ ପ୍ରୋତ୍ସାହନା ବ୍ୟବସ୍ଥା
- ପାରିବେଶିକ ଆଭିମୂଖ୍ୟ
- ବୃକ୍ଷ ପ୍ରଜାତିର ସରଂକ୍ଷଣ ପାଇଁ ବିଶ୍ୱସ୍ତରୀୟ ଉଦ୍ୟମ
- ବିଶ୍ୱସ୍ତରୀୟ ବିଲୁପ୍ତ ଜୀବଜଗତ ସୁରକ୍ଷା ପ୍ରଚେଷ୍ଟା
- ପ୍ରଭାବ ଆକଳନ
- ଚିହ୍ନଟିକରଣ, ତଦାରଖ, ସୂଚକ ଏବଂ ଆକଳନ
- ସଂକ୍ରାମକ ଅଗ୍ରହଣୀୟ ପ୍ରଜାତି
- କର୍ତ୍ତବ୍ୟ ଓ ପ୍ରତିକାର

- ସୁରକ୍ଷିତ ଅଂଚଳ
- ଜେବବିବିଧତାର ସ୍ଥାୟୀ ବ୍ୟବହାର
- ବୈଷୟିକ କୌଶଳ ବଦଳ ଏବଂ ସହଯୋଗ
- ପର୍ଯ୍ୟଟନ ଏବଂ ଜୈବବିବିଧତା
- ପାରଂପରିକ ଜ୍ଞାନ, ନବସୃଜନ ଏବଂ ପ୍ରଥା ବା ଅଭ୍ୟାସ

କେତେକ କ୍ରସ୍ କଟିଂ କାର୍ଯ୍ୟକ୍ରମ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ସିଧାସଳଖ ହୋଇଥାଏ । ଉଦାହରଣ ସ୍ୱରୁପ ଜୈବବିବିଧତାର ସ୍ଥିତି ଏବଂ ଧାରା ସଂପର୍କରେ ସୂଚକ କାର୍ଯ୍ୟ ବ୍ୟବସ୍ଥା ତଥ୍ୟ ପ୍ରଦାନ କରିଥାଏ । ଅନ୍ୟମାନେ ବିଷୟଗତ କାର୍ଯ୍ୟରୁ ଅଲଗା ହିସାବରେ ଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ୨୦୧୦ ମସିହାର ଜୈବବିବିଧତା ଲକ୍ଷ୍ୟ ପୁରଣ ଏବଂ ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତା ପାଇଁ ଏହି କ୍ରସ୍ କଟିଂ ସମସ୍ୟା ସଂପର୍କରେ ହେଉଥିବା କାର୍ଯ୍ୟକ୍ରମ ଗୁଡିକ ଅନେକ ନୀତିନୀୟମ, ବିଧିବ୍ୟବସ୍ଥା ମଧ୍ୟରେ କାର୍ଯ୍ୟକାରୀ ହେଉଛି ।

## ୧୦ – ଜୈବବିବିଧତା ୨୦୧୧ – ୨୦୧୨ ପାଇଁ ଯୋଜନାଗତ କାର୍ଯ୍ୟପ୍ରଣାଳୀ

### କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ

କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ କ – ସରକାର ଏବଂ ସମାଜ ଦ୍ୱାରା ଜୈବବିବିଧତାର ବହୁଳ ବ୍ୟବହାର ଯୋଗୁଁ ହେଉଥିବା ଜୈବବିବିଧତାର ନଷ୍ଟ ପଛରେ ଥିବା କାରଣ ଗୁଡିକର ସମାଧାନ

କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ ଖ – ଜୈବବିବିଧତା ଉପରେ ପ୍ରତ୍ୟକ୍ଷ ନିର୍ଭରଶୀଳତାର ଚାପ ହ୍ରାସ କରିବା ଏବଂ ସ୍ଥାୟୀ ବ୍ୟବହାର ପାଇଁ ଉତ୍ସାହିତ କରିବା

କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ ଗ - ପରିବେଶ ଚକ୍ର, ଜୈବ ପ୍ରଜାତି ଏବଂ ଜୀବସତ୍ତା ଗୁଡିକର ସୁରକ୍ଷା କରି ଜୈବବିବିଧତାର ବିକାଶ ସାଧନ କରିବା

କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ ଘ – ଜୈବବିବିଧତା ଏବଂ ପର୍ଯ୍ୟାବରଣରୁ ସମସ୍ତଙ୍କ ପାଇଁ ଉପକାରୀତାର ସୁଯୋଗ ବୃଦ୍ଧି କରିବା

କାର୍ଯ୍ୟପ୍ରଣାଳୀଗତ ଲକ୍ଷ୍ୟ ଙ – ସହଭାଗୀ ଯୋଜନା, ଜ୍ଞାନର ପ୍ରୟୋଗ ଓ ପରିଚାଳନା ଏବଂ ସାମର୍ଥ୍ୟ ଗଠନ ଜରିଆରେ କାର୍ଯ୍ୟକାରୀତା ପ୍ରକ୍ରିୟାକୁ ବଢାଇବା ।

## ୧୧ - ଅନ୍ୟାନ୍ୟ ଆନ୍ତର୍ଜାତୀୟ ସମ୍ମିଳନୀ ଗୁଡିକ ସହ ସଂପର୍କ

ଜୈବବିବିଧତା ସମ୍ମିଳନୀ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସମ୍ମିଳନୀ ଏବଂ ଚୁକ୍ତି ଗୁଡିକ ସହ ସଂପର୍କ ଜାରିରଖିଛି । ଏସବୁ ନିମ୍ନ କାର୍ଯ୍ୟ ମାଧ୍ୟମରେ ହେଉଛି –

- ସଚିବାଳୟ ଗୁଡିକ ମଧ୍ୟରେ ଯୋଗାଯୋଗ
- ସହଯୋଗର ମାନପତ୍ର ପ୍ରସ୍ତୁତି

- ମିଳିତ ବ୍ୟୁରୋ ବୈଠକ
- ସଂପୃକ୍ତ ସମ୍ମିଳନୀ ଏବଂ ଚୁକ୍ତି ଗୁଡିକ ମଧ୍ୟରେ ଯୋଗସୁତ୍ରକାରୀ ଦଳ ଗଠନ

## ୧୨ – ଜୈବବିବିଧତା ସମ୍ମିଳନୀ ( ସି.ବି.ଡି )ର ସହଯୋଗୀ ସମ୍ମିଳନୀ ସମୂହ

୧୯୯୨ ମସିହା ଧରିତ୍ରୀ ସମ୍ମିଳନୀରୁ ସୃଷ୍ଟି ହୋଇଥିବା ତିନୋଟି ରିଓ ସମ୍ମିଳନୀ – ଜୈବବିବିଧତା, ଜଳବାୟୁ ପରିବର୍ତ୍ତନ ଏବଂ ମରୁଭୂମୀକରଣ ସମ୍ମିଳନୀ । ଏହି ସମସ୍ତ ସମ୍ମିଳନୀ ଏଜେଣ୍ଡା -୨୧ ଅନ୍ତର୍ଭୁକ୍ତ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପ୍ରତିନିଧିତ୍ୱ କରିଥାନ୍ତି । ଏହି ତିନିଟି ସମ୍ମିଳନୀ ପରସ୍ପର ପରିପୁରକ ଏବଂ ସମାନ ପରିବେଶରେ ପରସ୍ପର ସମ୍ପର୍କିତ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିଥାନ୍ତି ।

ରିଓ ସମ୍ମିଳନୀର ଅଂଶୀଦାର ରାଷ୍ଟ୍ର ଗୁଡିକ ବିଭିନ୍ନ ନିଷ୍ପତ୍ତି ଗୁଡିକ ମଧ୍ୟରେ ସହଯୋଗୀତା ଓ ସମନ୍ୱୟର ଆବଶ୍ୟକତାକୁ ବିଚାର କରି କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ସମନ୍ୱୟ ସ୍ଥାପନ ଏବଂ ପୁନରାବୃତ୍ତି ରୋକିବା ନିମନ୍ତେ ଅନେକ ନିଷ୍ପତ୍ତି ଏବଂ ନୀୟମ ମାନ ପ୍ରଣୟନ କରିଛନ୍ତି । ୨୦୦୧ ମସିହା ଅଗଷ୍ଟ ମାସରେ କାର୍ଯ୍ୟକ୍ରମ ଗୁଡିକୁ ଏକତ୍ରୀକରଣ, ସମନ୍ୱୟ ଏବଂ ସହଯୋଗବୃଦ୍ଧି ପାଇଁ  ତଥ୍ୟଗତ ଆଦାନପ୍ରଦାନ ଏବଂ ସୁଯୋଗ ସୃଷ୍ଟି ନମନ୍ତେ ସମ୍ମିଳନୀ ତରଫରୁ ଏକ ଅଣଆନୁଷ୍ଠାନିକ ଯୋଗୁସୁତ୍ରକାରୀ ଦଳ ଗଠନ କରାଗଲା । ଏବେ ଅନେକ ବୈଠକ ଆଲୋଚନା, ତଥ୍ୟ ବିନିମୟ, ମିଳିତ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ମିଳିତ କାର୍ଯ୍ୟପ୍ରକ୍ରିୟା ଚାଲୁ ରହିଛି ।

## ୧୩ – ଜାତୀୟ କାର୍ଯ୍ୟକାରିତା

ଜାତୀୟ ସରକାର ବା ଅଂଶୀଦାର ସମ୍ମିଳନୀକୁ କିପରି କାର୍ଯ୍ୟକାରି କରିବାକୁ ଆଶା ରଖିଛନ୍ତି ଏବଂ ଏହି ଜାତୀୟ କାର୍ଯ୍ୟକାରୀତା ତଦାରଖି କିପରି ହେଉଛି ।

ଜୈବ ସମ୍ବଳର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରର ସମନ୍ୱିତ ବିଚାରକୁ ଜାତୀୟ ନୀତିନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାର ଆବଶ୍ୟକତା ଏବଂ ଜାତୀୟ ଅର୍ଥନୀତିର ବିଭିନ୍ନ ବିଭାଗ ଏବଂ ନିତୀନିର୍ଦ୍ଧାରଣ ବ୍ୟବସ୍ଥା ମଧ୍ୟରେ ଥିବା ମୁଖ୍ୟ ସମସ୍ୟା ଗୁଡିକ ମଧ୍ୟରେ ସମନ୍ୱୟ ଆଣିବା ସମ୍ମିଳନୀ ପାଇଁ ଏବ ଜଟିଳ ଆହ୍ୱାନ ଅଟେ ।

ସମ୍ମିଳନୀର ଅନୁଚ୍ଛେଦ ୬ରେ ଥିବା ସଂରକ୍ଷଣ ଓ ସ୍ଥାୟୀ ବ୍ୟବହାର ପାଇଁ ସାଧାରଣ ବ୍ୟବସ୍ଥା ସୂଚାଇଥାଏ ଯେ ପ୍ରତ୍ୟେକ ଅନୁବନ୍ଧିତ ଅଂଶୀଦାର ସେମାନଙ୍କର ପରିସ୍ଥିତି ଏବଂ ସକ୍ଷମତାକୁ ନେଇ –

- ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ ଯୋଜନା, କାର୍ଯ୍ୟକ୍ରମ ଏବଂ ନୀତି ନିର୍ଦ୍ଧାରଣ କରିବେ କିମ୍ବା ସମ୍ମିଳନୀ ଦ୍ୱାରା  ସଂପୃକ୍ତ ଅଂଶୀଦାର ରାଷ୍ଟ୍ର ପାଇଁ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସାରେ ସେମାନଙ୍କର ପ୍ରଚଳିତ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକୁ ବଦଳାଇବେ ।
- ଯଥା ସମ୍ଭବ ଓ ଯୁକ୍ତି ସଂଗତ ଭାବରେ ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ବିଷୟକୁ ପ୍ରାସଙ୍ଗିକ ବିଭାଗୀୟ ବା ବିଭାଗ ବହିର୍ଭୁତ ଯୋଜନା, କାର୍ଯ୍ୟକ୍ରମ ଏବଂ ନୀତି ସହ ସମନ୍ୱିତ କରିବେ ।

### କ – ଜାତୀୟ ଜୈବବିବିଧତା ନୀତି ଏବଂ କାର୍ଯ୍ୟ ଯୋଜନା

ସମ୍ମିଳନୀର ଅଂଶୀଦାର ରାଷ୍ଟ୍ର ଗୁଡିକ ଜାତୀୟ ଜୈବବିବିଧତା ଯୋଜନା ପାଇଁ ଆନୁଗତ୍ୟ ରହିଛି । ଏକ ଜାତୀୟ ଜୈବବିବିଧତା ନୀତି ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ଯେଉଁଥିରେ କି ନିଜସ୍ୱ ଜାତୀୟ ପରିସ୍ଥିତକୁ ଦୃଷ୍ଟିରେ ରଖି ସମ୍ମିଳନୀର ଉଦ୍ଦେଶ୍ୟ ଗୁଡିକର ପୁରଣ ପାଇଁ ସଂପୃକ୍ତ ଦେଶ କିପରି ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ କିପରି ଯୋଜନାଗତ ପଦକ୍ଷେପ ମାନ ଗ୍ରହଣ କରୁଛି ତାହା ପ୍ରତିଫଳିତ ହେବା ଆବଶ୍ୟକ ।

ଜାତୀୟ ସ୍ତରରେ ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତା ନିମନ୍ତେ ଅଂଶୀଦାର ରାଷ୍ଟ୍ର ଗୁଡିକ ସେମାନଙ୍କ ଜାତୀୟ ଜୈବବିବିଧତା ନୀତି ଏବଂ କାର୍ଯ୍ୟ ଯୋଜନା ଗୁଡିକୁ ଉପସ୍ଥାପିତ କରିବାପାଇଁ କୁହାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୧୬୬ଟି ଦେଶ ସେମାନଙ୍କ ଜାତୀୟ ଜୈବବିବିଧତା ନୀତି ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିସାରିଥିବାବେଳେ ବାକିଥିବା ୨୯ଟି ରାଷ୍ଟ୍ର ୨୦୧୦ ମସିହା ସୁଦ୍ଧା ଏହା ଶେଷ କରିବାକୁ କୁହାଯାଇଥିଲା ।

## ଖ – ରାଷ୍ଟ୍ରୀୟ ବିବରଣି ବା ନେସ୍‌ନାଲ୍ ରିପୋର୍ଟସ

ଅନୁଚ୍ଛେଦ ୨୬ରେ ଅଂଶୀଦାର ରାଷ୍ଟ୍ରଗୁଡିକୁ ସେମାନଙ୍କର ରାଷ୍ଟ୍ରୀୟ ବିବରଣି, ସମ୍ମିଳନୀର ବ୍ୟବସ୍ଥାରେ ନିର୍ଦ୍ଦେଶିତ କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରିବାକୁ ନେଇଥିବା ପଦକ୍ଷେପ ସଂପର୍କିତ ତଥ୍ୟ ଏବଂ ସମ୍ମୀଳନୀର ଉଦ୍ଦେଶ୍ୟ ପୁରଣ ପାଇଁ ସେମାନଙ୍କର ପ୍ରଭାବଶାଳୀ ଭୂମିକା ସଂପର୍କରେ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନୁଚ୍ଛେଦ ୧୦ ରେ ଜାତୀୟ ନିର୍ଦ୍ଧାରକ ବ୍ୟବସ୍ଥାରେ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ନୀତିକୁ ସାମିଲ କରିବା ପାଇଁ  ଦେଶ ଗୁଡ଼ିକୁ ଉତ୍ସାହିତ କରାଯାଇଥାଏ ।

ଏହି ସମ୍ମିଳନୀ ଆରମ୍ଭ ହେବା ପରଠାରୁ ଅଂଶୀଦାର ରାଷ୍ଟ୍ରଗୁଡିକ ସେମାନଙ୍କର ଚତୁର୍ଥ ରାଷ୍ଟ୍ରୀୟ ବିବରଣୀ ଉପସ୍ଥାପନ କରି ସାରିଲେଣି ଯଦିଚ ବା ସମସ୍ତ ଅଂଶୀଦାର ରାଷ୍ଟ୍ର ଏହି ବିବରଣୀ ପ୍ରସ୍ତୁତ କରିନାହାନ୍ତି ।

## ଗ – ଜାତୀୟ ଲକ୍ଷ୍ୟସାଧନ କେନ୍ଦ୍ର ବା ଫୋକାଲ୍ ପଏଣ୍ଟ

ଜୈବବିବିଧତା ସମ୍ମିଳନୀର ଅଂଶୀଦାର ଥିବା ରାଷ୍ଟ୍ର ଗୁଡିକ ସମ୍ମିଳନୀ ପାଇଁ ଏକ ଜାତୀୟ ଲକ୍ଷ୍ୟସାଧନ କେନ୍ଦ୍ର ବା ଫୋକାଲ୍ ପଏଣ୍ଟ ସ୍ଥିର କରନ୍ତି । ସାଧାରଣତଃ ପରିବେଶ ମନ୍ତ୍ରଣାଳୟ ପରି ସରକାରଙ୍କ ଅଧିନ ଏକ ଉଚ୍ଚ ବିଭାଗ ସମ୍ମିଳନୀ ସହ ଯୋଗୁତ୍ର ରଖିବା ପାଇଁ  ଏହି ଫୋକାଲ୍ ପଏଣ୍ଟ ମନୋନୀତ କରିଥାନ୍ତି ।

ଜାତୀୟ ଲକ୍ଷ୍ୟସାଧନ କେନ୍ଦ୍ର ବା ଫୋକାଲ୍ ପଏଣ୍ଟର ପ୍ରାଥମିକ କାର୍ଯ୍ୟ ହେଲା ରାଷ୍ଟ୍ର ତରଫରୁ ସମ୍ମିଳନୀ ସଚିବାଳୟ ସହିତ ଯୋଗସୂତ୍ର ରକ୍ଷା କରିବେ । ସେମାନେ ନିମ୍ନ ବିଷୟ ଗୁଡିକରେ ଦାୟୀ ରହିବେ –

- ସମ୍ମୀଳନୀ ସଂପର୍କିତ ତଥ୍ୟ ଗୁଡିକର ଆଦାନ ପ୍ରଦାନ
- ଅଂଶୀଦାର ରାଷ୍ଟ୍ର ସମ୍ମିଳନୀର ବୈଠକ ଗୁଡିକରେ ଉପସ୍ଥିତ ରହିବାର ସୁନିଶ୍ଚିତତା
- ଅସ୍ଥାୟୀ ବିଶେଷଜ୍ଞ ଦଳ ଗୁଡ଼ିକରେ ଭାଗନେବା ପାଇଁ ବିଶେଷଜ୍ଞ ବାଛିବା, ଆକଳନ ପଦ୍ଧତି ଏବଂ ସମ୍ମିଳନୀ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ପଦ୍ଧତି ଗୁଡିକ ନିର୍ଦ୍ଧାରଣ କରିବା
- ସମ୍ମିଳନୀର ଅନ୍ୟ ଅଂଶୀଦାର ରାଷ୍ଟ୍ର ଏବଂ ସଚିବାଳୟର ବିଭିନ୍ନ ଅନୁରୋଧ ଗୁଡିକର ଉତ୍ତର ଦେବା
- ସମ୍ମିଳନୀର କାର୍ଯ୍ୟକାରୀତା ସଂଯୋଜନା ପାଇଁ ଅନ୍ୟ ଦେଶ ଗୁଡିକର ରାଷ୍ଟ୍ରୀୟ ଲକ୍ଷ୍ୟସାଧନ କେନ୍ଦ୍ର ସହିତ ସହଯୋଗ କରିବା
- ସମ୍ମିଳନୀର ଜାତୀୟ ସ୍ତରର କାର୍ଯ୍ୟକାରୀତାକୁ ତଦାରଖ, ସଂଯୋଜନା କରିବା ଏବଂ ଆଗ୍ରହ ସୃଷ୍ଟି କରାଇବା

## ଘ – ଜାତୀୟ ତଥ୍ୟ ଓ ସୂଚନା ବିନିମୟ ବ୍ୟବସ୍ଥା

ଜାତୀୟ ତଥ୍ୟ ଓ ସୂଚନା ବିନିମୟ ବ୍ୟବସ୍ଥା ହେଉଛି ସଂପୃକ୍ତ ଦେଶରେ ସମ୍ମିଳନୀ ସଂପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ଥିବା ୱେବ୍‌ସାଇଟ୍ । ବିଭିନ୍ନ ଅଂଚଳର ଅଧିକ ସଂଖ୍ୟକ ଲୋକ ମାନଙ୍କ ନିକଟରେ ଅଳ୍ପ ଖର୍ଚ୍ଚରେ ପହଞ୍ଚିବା ପାଇଁ ଏଥିରେ ୱାର୍ଲଡ ୱାଇଡ୍ ୱେବ୍ (www) ପରି ଆଧୁନିକ ବୈଷୟିକ କୌଶଳର ପ୍ରୟୋଗ କରାଯାଇଛି ।

ଯଦିଓ ଅଧିକାଂଶ ଅଂଶୀଦାର ରାଷ୍ଟ୍ର  ଜାତୀୟ ତଥ୍ୟ ଓ ସୂଚନା ବିନିମୟ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ଏବଂ ଇମେଲ୍ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ କରୁଛନ୍ତି ଖୁବ୍ କମ୍ ଦେଶ ଜାତୀୟ ତଥ୍ୟ ଓ ସୂଚନା ବିନିମୟ ୱେବ୍‌ସାଇଟ୍ ଖୋଲିଛନ୍ତି ।

ଜାତୀୟ ତଥ୍ୟ ଓ ସୂଚନା ବିନିମୟ ୱେବ୍‌ସାଇଟ୍‌ରେ ଯୋଜନାକାରୀ, ଆଗ୍ରହୀ ସଂଗଠନ ଏବଂ ସମ୍ମୀଳନୀରେ ଥିବା ଆବଶ୍ୟକତା ଗୁଡିକ ବିଷୟରେ ଏବଂ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ କାର୍ଯ୍ୟକରିବାକୁ ଚାହୁଁଥିବା ସଂଗଠନ ମାନଙ୍କୁ ସହାୟତା କରିବା ପରି ସମସ୍ତ ଜାତୀୟ ଜୈବବିବିଧତା ତଥ୍ୟ ରହିବା ଆବଶ୍ୟକ ।

## ୧୪ - ଆଦିମ ଅଧିବାସୀ ମାନଙ୍କ ପାଇଁ ଜୈବବିବିଧତା ସମ୍ମିଳନୀର ପ୍ରାସଙ୍ଗିକତା ଏବଂ ଉପଯୋଗୀତା

ସରକାର ଗ୍ରହଣ କରନ୍ତୁ ବା ନକରନ୍ତୁ କିନ୍ତୁ ଏହା ସତ୍ୟ ଯେ, ଆଦିମ ଅଧରବାସୀ ମାନେ ହେଉଛନ୍ତି ଜୈବବିବିଧତାର ସ୍ଥାୟୀ ବ୍ୟବହାରକାରୀ । ସରକାରୀ ସ୍ୱିକୃତି ଥାଉ ବା ନଥାଉ ମାନବିକ ଅଧରକାର ଯେପରି ଏକ ଜନ୍ମଗତ ଅଧିକାର ସେହିପରି ସରକାର ସ୍ୱିକୃତି ଦିଅନ୍ତୁ ବା ନଦିଅନ୍ତୁ ଆଦିମ ଅଧିବାସୀ ମାନଙ୍କର ଜୈବବିବିଧତା ସଂରକ୍ଷଣ ଏବଂ ବ୍ୟବହାର ଅଭ୍ୟାସ ଜନ୍ମଗତ ଅଧିକାର ।

ଜୈବବିବିଧତାର ସଂରକ୍ଷଣ, ସ୍ଥାୟୀ ବ୍ୟବହାର ଏବଂ ଜୈବବିବିଧତାର ଲାଭାଂଶ ବଣ୍ଟନର ଉଦ୍ଦେଶ୍ୟ ହେଉଛି ସେହି ଉଦ୍ଦେଶ୍ୟ ଯାହା ଆଦିମ ଅଧିବାସୀମାନେ ନିଜ ଗୋଷ୍ଠୀରେ କାଳକାଳରୁ ପ୍ରଚଳିତ ଓ ଅଭୟାସ ଭାବେ ଗ୍ରହଣ କରି ଆସୁଛନ୍ତି । ବର୍ତ୍ତମାନ ସେହି ଉଦ୍ଦେଶ୍ୟ ଗୁଡିକୁ ଜୈବବିବିଧତା ସମ୍ମିଳନୀର ଏହି ଆନ୍ତର୍ଜାତୀୟ ଚୁକ୍ତିରେ ସଂଲଗ୍ନ କରାଯାଇଛି ଏବଂ ଏହାର ପାଳନ ଓ ଲକ୍ଷ୍ୟ ସାଧନ ପାଇଁ ରାଷ୍ଟ୍ର ଗୁଡିକୁ ଅନୁବନ୍ଧିତ କରାଯାଇଛି । ତେଣୁ ଜୈବବିବିଧତା ସମ୍ମିଳନୀର ସଫଳ କାର୍ଯ୍ୟକାରୀତା ପାଇଁ ସରକାର ଆଦିମ ଅଧିବାସୀ ଏବଂ ଗ୍ରାମଗୋଷ୍ଠୀ ଗୁଡିକ ସହ ମିଳିତ ଭାବେ କାର୍ଯ୍ୟକରିବା ବାଧତାମୂଳକ ଅଟେ ।

ଜୈବବିବିଧତା ସମ୍ମିଳନୀ ଏକ ଆଇନାନୁମୋଦିତ ଅସ୍ତ୍ର । ତେଣୁ ଜୈବବିବିଧତାର ସଂରକ୍ଷଣ ପାଇଁ ରାଷ୍ଟ୍ର ଗୁଡିକ ଏହାର କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରିବା ବାଧତାମୂଳକ । ଜୈବବିବିଧତା ସମ୍ମିଳନୀର ଉଦ୍ଦେଶ୍ୟ ଅନୁଯାୟୀ ଆଦିମ ଅଧିବାସୀ ମାନେ ନିଜ ଅଂଚଳରେ କିଛି କରୁଛନ୍ତି ଅର୍ଥ ସେମାନେ ଜୈବବିବିଧତା ସମ୍ମିଳନୀକୁ କାର୍ଯ୍ୟକାରୀ କରୁଛନ୍ତି । ତେଣୁ ଜୈବବିବିଧତା ସମ୍ମିଳନୀର ଲକ୍ଷ୍ୟ ହାସଲ ପାଇଁ ରାଷ୍ଟ୍ର ଗୁଡିକୁ ଆଦିମ ଅଧିବାସୀ ଗୋଷ୍ଠୀ ଗୁଡିକ ସହିତ ଏବଂ ଗୋଷ୍ଠୀ ଗୁଡିକ ମଧ୍ୟରେ ରହି ଏହାକୁ କାର୍ଯ୍ୟକାରୀ କରିବାକୁ ପଡିବ ।

ଏଥିସହ ଆଦିମ ଅଧିବାସୀ ସଂଗଠନ ଗୁଡିକ ଜୈବବିବିଧତା ସରଂକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ଜନିତ ସେମାନଙ୍କର ସମସ୍ୟା ଏବଂ ଅଭିଯୋଗକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ଜୈବବିବିଧତା ସମ୍ମିଳନୀକୁ ବ୍ୟବହାର କରିପାରିବେ । ଏହି ହିସାବରେ ଜୈବବିବିଧତା ସମ୍ମିଳନୀ ଆଦିମ ଅଧିବାସୀ ମାନଙ୍କର ଅଧିକାର ଓ ସ୍ୱାର୍ଥ ପାଇଁ ସଂଗ୍ରାମର ଏକ ଅସ୍ତ୍ର କହିଲେ ଠିକ୍ ହେବ । କେବଳ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନୁହେଁ ଜାତୀୟ ଓ ସ୍ଥାନୀୟ ସ୍ତରରେ କାର୍ଯ୍ୟକାରୀତା କ୍ଷେତ୍ରରେ ମଧ୍ୟ ଏହାକୁ ଯୋଡାଯାଇ ପାରିବ ।

ଏଥିପାଇଁ ଆଦିମ ଅଧିବାସୀ ସଂଗଠନ ଗୁଡିକ ସେମାନଙ୍କର ପରିସ୍ଥିତି ଏବଂ ପରିବେଶ ପାଇଁ ସି.ବି.ଡି ଅନ୍ତର୍ଭୁକ୍ତ କେଉଁ କାର୍ଯ୍ୟ ଗୁଡିକ ପ୍ରଯୁଜ୍ୟ ତାହା ଖୋଜିବା ଆରମ୍ଭ କରିବା ଏବଂ ନିଜ କାର୍ଯ୍ୟରେ ଲଗାଇବା ଆବଶ୍ୟକ । ସେମାନେ ନିଜ ସରକାରଙ୍କ ଜାତୀୟ ଜୈବବିବିଧତା କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ସହ ସେଥିରେ ସେମାନଙ୍କର ଅଧିକାର ଗୁଡିକ ସ୍ଥାନ ପାଇଛି କି ନାହିଁ ଏବଂ ଏଥିପାଇଁ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି କି ନାହିଁ ଖୋଜି ବାହାର କରିବା ଦରକାର ।



## ପ୍ରୟୋଗ – ୨

କର୍ମଶାଳା - ଆଦିମ ଅଧିବାସୀ ମାନେ ସେମାନଙ୍କ ଗୋଷ୍ଠୀର ପ୍ରମୁଖ ସମସ୍ୟା ଗୁଡିକୁ ସି.ବି.ଡି ମାଧମରେ କିପରି ମୁକାବିଲା କରିବେ ? ( ୧ ଘଣ୍ଟା )

ଆଦିମ ଅଧିବାସୀ ମାନଙ୍କ ପାଇଁ ସି.ବି.ଡି କୁ ବ୍ୟବହାର କରିବାର କେତେକ ରାସ୍ତା

ପ୍ରକ୍ରିୟା

୧ - ଅଂଶଗ୍ରହଣକାରୀ ମାନଙ୍କୁ ଦେଶ, ଗୋଷ୍ଠୀ ବା ସଂପ୍ରଦାୟ ଅନୁସାରେ ଦଳରେ ଭାଗ କରିଦିଅନ୍ତୁ । ଦଳ ଗୁଡିକୁ ଆଲୋଚନା ପାଇଁ ୩୦ ମିନିଟ୍ ଲେଖାଏଁ ସମୟ ଦିଆଯାଉ ।

୨ – ସେମାନେ ସି.ବି.ଡିର ଉଦ୍ଦେଶ୍ୟକୁ ମନେପକାନ୍ତୁ ଏବଂ ଏହା ( ନୀତିନୀୟମ, ବିଷୟଗତ କାର୍ଯ୍ୟକ୍ରମ, ବିଭିନ୍ନ ସମସ୍ୟା ସମାଧାନ ବ୍ୟବସ୍ଥା, ଜାତୀୟ ଜୈବବିବିଧତା କାର୍ଯ୍ୟ ଯୋଜନା ) ସେମାନେ ନିଜ ଗୋଷ୍ଠୀ ବା ଅଂଚଳରେ ସମ୍ମୁଖିନ ହେଉଥିବା ସମସ୍ୟାଗୁଡିକୁ କିପରି ସମାଧାନ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।

୩ - ପ୍ରତି ଦଳ ସେମାନଙ୍କର ଦଳଗତ ଆଲୋଚନାର ଫଳାଫଳ ବିବରଣୀ ୧୦ ମିନିଟିରେ ଉପସ୍ଥାପନ କରିବେ ।

୪ – ତାଲିମ୍ ସହାୟକ ସେହିସବୁ ଉପସ୍ଥାପନ ଗୁଡିକର ସାରାଂଶ ବାହାର କରି ଏକ ସାମୁହିକ ବିଚାର ଉପସ୍ଥାପନ କରିବେ ଏବଂ ଅଧିବେଶନ ସମାପ୍ତ କରିବେ ।

ଦ୍ରଷ୍ଟବ୍ୟ – ୧ - ଇଣ୍ଡିଜେନସ୍ ପିପୁଲ୍ସ ଆଣ୍ଡ ଦି ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟ ଫାସିଲିଟି ( ଜି.ଇ.ଏଫ୍ ) । ଇଣ୍ଡିଜେନସ୍ ପିପୁଲ୍ସ ଏକ୍ସପେରିଏନ୍ସ ଅଫ୍ ଜି.ଇ.ଏଫ୍ ଫଣ୍ଡେଡ୍ ବାଇଓଡାଇଭର୍‌ସିଟି କନ୍‌ଜର୍‌ଭେସନ୍ – ଏ କ୍ରିଟିକାଲ୍ ଷ୍ଟଡି ବାଇ ଥୋମାସ୍ ଗ୍ରିଫିଥ୍ସ ଫରେଷ୍ଟ ପିପୁଲ୍ସ ପ୍ରୋଗ୍ରାମ୍

୨ – ଏହି ବିଷୟଟିର ଉତ୍ସ ହେଲା www.cbd.int/biosafety/ ଏବଂ କାପାସିଟି ବିଲ୍ଡିଂ ଇନ୍ ଡେଭଲପିଙ୍ଗ୍ କଣ୍ଟ୍ରିଜ୍ ଟୁ ଫାସିଲିଟେଟ୍ ଦି ଇମ୍ପ୍ଲିମେଣ୍ଟେସନ୍ ଅଫ୍ ଦି କାର୍ଟାଗେନା ପ୍ରୋଟୋକଲ୍ ଅନ୍ ବାଇଓସେଫ୍‌ଟି – ଲିମ୍ ଲି ଲିନ୍, ଥାର୍ଡ ୱାର୍ଲଡ୍ ନେଟୱାର୍କ ।

# ମଡ୍ୟୁଲ ୩

# ଜୈବ ବିବିଧତା ସମ୍ମିଳନୀ ସଂପର୍କରେ ଆଦିମ ଅଧିବାସୀଙ୍କ ଉଦ୍‌ବିଗ୍ନତା

### ଉଦ୍ଦେଶ୍ୟ ସମୂହ

୧. ଅଂଶଗ୍ରହଣକାରୀ ମାନଙ୍କ ଅଂଚଳରେ ଜୈବବିବିଧତାର ସ୍ଥିତି ଏବଂ ଜୈବବିବିଧତା ସପର୍କିତ ପାରଂପରିକ ଜ୍ଞାନ ଗୁଡିକ ପ୍ରତି ଥିବା ବିପଦ ଗୁଡିକର ଉପସ୍ଥାପନା

୨. ଆଦିମ ଅଧିବାସୀଙ୍କ ନିମନ୍ତେ ଜୈବବିବିଧତା ସମ୍ମିଳନୀରେ ଥିବା ଉପଯୋଗୀ ବିଷୟ ଗୁଡିକୁ ଶିକ୍ଷା କରିବା

୩. ଆଦିମ ଅଧିବାସୀ ମାନଙ୍କ ପାଇଁ ଜୈବବିବିଧତା ସମ୍ମିଳନୀରେ ଥିବା ସମସ୍ୟା ଏବଂ ବିପଦ ଗୁଡିକ ବିଷୟରେ ସତର୍କ ହେବା ।

୪. ଜୈବବିବିଧତା ସମ୍ମିଳନୀ ମାଧ୍ୟମରେ ( ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘର ଘୋଷଣାକୁ ଆଧାର କରି )ଆଦିମ ଅଧିବାସୀ ମାନଙ୍କ ଭୂମିକାକୁ ଦୃଢ କରିବାର ରାସ୍ତା ବାହାର କରିବା

### ତାଲିମ ସାମଗ୍ରୀ

- "ନେଗୋସିଏଟିଙ୍ଗ୍ ବାଇଓଡାଇଭର୍‌ସିଟି ଏ ଫିଲ୍‌ଡ ଗାଇଡ୍ ଟୁ ଦି କନ୍‌ଭେନ୍‌ସନ ଅନ୍ ବାଇଓଲୋଜିକାଲ୍ ଡାଇଭର୍‌ସିଟି" - ପାୱାର୍ ପଏଣ୍ଟ
- "ଦି ବାଇଓଡାଇଭର୍‌ସିଟି କନ୍‌ଭେନ୍‌ସନ୍ - ଦି କନ୍‌ସର୍ନ ଅଫ୍ ଇଣ୍ଡିଜେନସ୍ ପିପୁଲ୍‌ସ"
- ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କରେ ଜାତିସଂଘର ଘୋଷଣାପତ୍ର

### ସମୟ

୪ ଘଣ୍ଟା

## କାର୍ଯ୍ୟକ୍ରମ



### ପ୍ରୟୋଗ – ୧

ପୋଷ୍ଟର ଉପସ୍ଥାପନା – ସ୍ଥାନୀୟ ଜୈବବିବିଧତାର ସ୍ଥିତି, ସୁଯୋଗ ଏବଂ ବିପଦ (୩୦ ମିନିଟ୍ )

୧. ଅଧିବେଶନ ଆରମ୍ଭ ପୂର୍ବରୁ ଏକ ପୂର୍ବପ୍ରସ୍ତୁତି କାର୍ଯ୍ୟ ଅନୁଯାୟୀ ଅଂଶଗ୍ରହଣକାରୀ ମାନେ ଗୋଷ୍ଠୀ ଅନୁସାରେ ଦଳରେ ବିଭକ୍ତ ହୋଇଥିବେ । ପ୍ରତି ଦଳ ସେମାନଙ୍କ ଅଂଚଳର ଜୈବବିବିଧତାର ସ୍ଥିତି, ସେଥିପ୍ରତି ଥିବା ବିପଦ ଏବଂ ଜୈବବିବିଧତାକୁ ସଂରକ୍ଷଣ ପାଇଁ ସହାୟତା ଦେଉଥିବା ସେମାନଙ୍କ ପାରଂପରିକ ଜ୍ଞାନ ଓ ଅନ୍ୟାନ୍ୟ ବିଷୟ ଗୁଡିକୁ ଦର୍ଶାଇ ପୋଷ୍ଟର ପ୍ରସ୍ତୁତ କରିଥିବେ ।

୨. ଅଧିବେଶନ ଆରମ୍ଭରେ ପ୍ରତି ଦଳ ସେମାନଙ୍କର ପୋଷ୍ଟର ଗୁଡିକ ଦେଖାଇ ଦଳରୁ ଜଣେ ଉପସ୍ଥାପକ ପୋଷ୍ଟର ସଂପର୍କରେ ବୁଝାଇବେ ଏବଂ ପୋଷ୍ଟର ତଥ୍ୟ ଉପରେ ଅନ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିବେ ।

୩. ସମସ୍ତ ଦଳ ଉପସ୍ଥାପନା କରିସାରିବା ପରେ ତାଲିମ୍ ସହାୟକ ମୁଖ୍ୟ ବିଷୟ ଗୁଡିକର ସାରାଂଶକୁ ଉପସ୍ଥାପନ କରିବେ ଏବଂ ବିଷୟବସ୍ତୁ ସଂପର୍କରେ ଆଲୋଚନା ଆରମ୍ଭ କରିବେ ।

## ବିଷୟଗତ ଆଲୋଚନା ( ୨ ଘଣ୍ଟା )

### ୧ – ଆଦିମ ଅଧିବାସୀ ଏବଂ ଜୈବବିବିଧତା ସଂପର୍କରେ ସାଧାରଣ ତଥ୍ୟ

ପୃଥିବୀର ୩୭ କୋଟି ଆଦିମ ଅଧିବାସୀ ଲୋକସଂଖ୍ୟା ମଧ୍ୟରୁ ୫ କୋଟି ଲୋକ କେବଳ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲରେ ବସବାସ କରନ୍ତି । ଆଦିମ ଅଧିବାସୀ ମାନେ ପୃଥିବୀର ସମୁଦାୟ ଜନସଂଖ୍ୟାର ୪ ପ୍ରତିଶତରୁ କମ୍ ହୋଇଥିଲେ ମଧ୍ୟ ୯୫ ପ୍ରତିଶତ ସାଂସ୍କୃତିକ ବିବିଧତାର ଅଧିକାରୀ ଅଟନ୍ତି । ଅଧିକ ଜୈବବିବିଧତା ପୂର୍ଣ୍ଣ ଅଂଚଳରେ ସେମାନଙ୍କ ପ୍ରତିଶତ ୫୦ ଭାଗରୁ ଅଧିକ । ରୁଷିଆ ରେ ସମୁଦାୟ ଅଂଚଳର ୬୦ ପ୍ରତିଶତ ଆଦିମ ଅଧିବାସୀ ମାନଙ୍କ ଅଧିକାରରେ ରହିଛି ।

ପୃଥିବୀର ୬୦୦୦ ଭାଷା ମଧ୍ୟରୁ ଆଦିମ ଅଧିବାସୀ ମାନେ ୪୦୦୦ ରୁ ୫୦୦୦ ଭାଷା ବ୍ୟବହାର କରିଥାନ୍ତି । ସମୁଦାୟ ଭାଷାରୁ ଅଧା ଭାଷା ୧୦ ହଜାରରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଗୋଷ୍ଠୀ ମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ ଏବଂ ସେଥିରୁ ଅଧା ୧ ହଜାର କିମ୍ବା ତାଠାରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଗୋଷ୍ଠୀ ମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ପ୍ରତିଟି ସ୍ୱତନ୍ତ୍ର ସଂସ୍କୃତିର ବିଲୋପ ସାମୁଦାୟିକ ଭାବେ ମାନବ ସଭ୍ୟତାର ବିରାଟ କ୍ଷତି । କାରଣ ସାମୁହିକ ପରିବର୍ତ୍ତନ ପାଇଁ ନବସୃଜନର ସମ୍ଭାବ୍ୟ ସୁଯୋଗ ଏବଂ ବାଟ ଏହିସବୁ ସଂସ୍କୃତି ଗୁଡିକ ଭିତରେ ମହଜୁଦ ରହିଛି ।

ପର୍ଯ୍ୟାବରଣର ବିଲୋପ ଯୋଗୁଁ ପାରଂପରିକ ଜୀବନଶୈଳୀ, ଭାଷାଗତ ବିବିଧତା ଏବଂ ପାରଂପରିକ ଜ୍ଞାନ ବିଲୁପ୍ତ ହୋଇଥାଏ । କାରଣ ଶହଶହ ବର୍ଷଧରି ଆଦିମ ଅଧିବାସୀ ମାନେ ବିଭିନ୍ନ ପ୍ରଜାତିର ଲାଳନପାଳନ କରିଆସୁଛନ୍ତି । ସେମାନଙ୍କ ଉଦ୍ୟମ ଯୋଗୁଁ ବର୍ତ୍ତମାନ ପରିବେଶରେ ଏତେ ସଂଖ୍ୟକ ବିବିଧତା ତିଷ୍ଠି ରହିଛି । ପାରଂପରିକ ଜ୍ଞାନ, କୌଶଳ ଏବଂ ବିଚାରଧାରା ସ୍ଥାୟୀ ବା ଚିରନ୍ତନ ନୀତି ଉପରେ ପ୍ରତିଷ୍ଠିତ । ଆଦିମ ଅଧିବାସୀମାନେ ବିଭିନ୍ନ ପ୍ରଜାତିକୁ ପାଳନ କରିବା ଏବଂ ବଢାଇବାରେ ଏତେ ସୃଜନଶୀଳ ଏବଂ ନିପୁଣ ଯେ ବନ୍ୟ ଏବଂ ଘରୋଇ ପ୍ରଜାତି ବୋଲି ଅଲଗା କରିବା ବେଳେ ବେଳେ ଅର୍ଥହୀନ ହୋଇପଡେ ।

### ୨ – ଆଦିମ ଅଧିବାସୀଙ୍କ ମୁଖ୍ୟ ଦାବୀ ସମୂହ

ଆଦିମ ଅଧିବାସୀ ମାନଙ୍କ ବିଭିନ୍ନ ଅଧିକାର ସଂପର୍କରେ ଆଲୋଚନା କଲାବେଳେ ୟୁ.ଏନ୍.ଡି.ଆର୍.ଆଇ.ପି ର କେତେକ ନିର୍ଦ୍ଦିଷ୍ଟ ବିଷୟର ସହାୟତା ନିଆଯାଇପାରେ ।

ନିମ୍ନ ଅଧିକାର ଗୁଡିକ ଆଦିମ ଅଧିବାସୀ ମାନଙ୍କ ମୌଳିକ ଅଧିକାର । ଏଗୁଡିକ ପୁରୁଷାନୁକ୍ରମିକ ଅଧିକାର ଯାହା କି ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ସ୍ୱିକୃତି ପ୍ରଦାନ କରିଛି ।

କ – ଆମ ନିଜ ଅଂଚଳରେ ମିଳିତ ମାଲିକାନାର ଅଧିକାର ( ଅନୁଚ୍ଛେଦ – ୨୬, ୨୭ )


ଖ – ଆତ୍ମ – ନିଷ୍ପତି ଅଧିକାର ( ଅନୁଚ୍ଛେଦ – ୩, ୩୨ )

ଗ – ଆମର ସାମାଜିକ ଏବଂ ସାଂସ୍କୃତିକ ପ୍ରଥା ଅନୁଯାୟୀ କୌଳିକ ନୀତିନୀୟମ କାର୍ଯ୍ୟକାରୀ ଅଧିକାର ( ଅନୁଚ୍ଛେଦ - ୫, ୧୧ )

ଘ – ଆମ ନିଜସ୍ଵ ଅନୁଷ୍ଠାନ ତରଫରୁ ଆଇନଗତ ଏବଂ ରାଜନୈତିକ ଭାବେ ପ୍ରତିନିଧିତ୍ଵ କରିବାର ଅଧିକାର ( ଅନୁଚ୍ଛେଦ - ୧୮, ୧୯ )

ଙ – ଆମ ନିଜ ଆଦିବାସୀ ଜ୍ଞାନ ଉପରେ କର୍ତ୍ତୃତ୍ଵର ଅଧିକାର ( ଅନୁଚ୍ଛେଦ - ୩୧ )

ବିବିଧ ଜ୍ଞାନର ଏକ ରେଖାଚିତ୍ର




## ୩ – ଆଦିବାସୀ ଜ୍ଞାନ ଏବଂ ଜୈବବିବିଧତା ବ୍ୟବହାରର ଜଟିଳ ନୀତିନୀୟମ

- ଆଦିମ ଅଧିବାସୀ ମାନେ ଶାସିତ ଅଞ୍ଚଳରେ ବସବାସ କରନ୍ତି । ଏହାର ଅର୍ଥହେଲା ଆଦିମ ଅଧିବାସୀ ଏବଂ ସେମାନଙ୍କର ଗୋଷ୍ଠୀ ସେଠାରେ ଥିବା ସମୁଦାୟ ପରିବେଶ ଯଥା – ମାଟି, ବାଲି, ଗଛଲତା, ପଶୁ ପକ୍ଷୀ ଆଦି ସବୁର କର୍ତ୍ତୃତ୍ଵ ଏବଂ ବ୍ୟବହାର ପାଇଁ ଦାୟୀ । ଅଞ୍ଚଳର ବିଭିନ୍ନ ସମ୍ବଳ ମଧ୍ୟରେ ହ୍ରଦ, ସମୁଦ୍ର ଉପକୂଳ, ନଦୀ, ଦ୍ଵୀପ ଏବଂ ସମୁଦ୍ରାଞ୍ଚଳ ମଧ୍ୟ ଅନ୍ତର୍ଭୁକ୍ତ ।
- ଆଦିବାସୀ ଅଞ୍ଚଳ ଗୁଡିକ ହସ୍ତାନ୍ତରଯୋଗ୍ୟ ନୁହେଁ ବୋଲି ବିଚାର କରାଯାଏ । ସେମାନେ ଗୋଷ୍ଠୀ ହିସାବରେ ଏହାର ମାଲିକାନା ଉପଭୋଗ କରିଥାନ୍ତି ଏବଂ ପୂର୍ବପୁରୁଷ ମାନଙ୍କ ଠାରୁ ବଂଶଧର ମାନଙ୍କୁ ଏହା ନିଜସ୍ଵ ଐତିହ୍ୟ ହିସାବରେ ଭୋଗହୋଇ ଆସୁଥାଏ । ନିଜେ ଆଦିମ ଅଧିବାସୀ ବା ଅଣ ଆଦିମ ଅଧିବାସୀ କେହି ମଧ୍ୟ ସେମାନଙ୍କ ଅଂଚଳକୁ ବିକ୍ରିକରିବା ବା ବେଦଖଲ କରିବାର ଅଧିକାର ନାହିଁ ।
- ଆଦିମ ଅଧିବାସୀ ମାନଙ୍କର ନିଜ ଅଂଚଳର ମାଲିକାନା ସମ୍ପର୍କରେ ନିଜସ୍ଵ ବିଚାରଧାରା ରହିଛି । ସେମାନଙ୍କର ସମ୍ବଳର ବ୍ୟବହାର ବା ବିକ୍ରି କେବଳ ସେମାନଙ୍କ ସମ୍ମତି ମୁତାବକ ହୋଇ ପାରିବ । ଏକକ ପରିବାର ଗୁଡିକ ଅଂଚଳର ସାମୁଦାୟିକ ବିଧିବ୍ୟବସ୍ଥା ଭିତରେ ନିଜସ୍ଵ ଆବଶ୍ୟକତା ଅନୁସାରେ ସ୍ଵତନ୍ତ୍ର କାମ କରିଥାନ୍ତି ।

- ଆଦିମ ଅଧିବାସୀ ଅଂଚଳ ଗୁଡିକ ପବିତ୍ର ବିଶ୍ୱ ଦର୍ଶନର ଏକ ଅଂଶ ହିସାବରେ ସେମାନେ ବିଚାର କରିଥାନ୍ତି । ସମ୍ବଳ ଉପରେ ରାଜନୈତିକ ଅଧିକାର, ଜଙ୍ଗଲ ଜୀବନର ଅଦୃଶ୍ୟ ଧାର୍ମିକ ଓ ଅଧାତ୍ମିକ ଧାରଣା ଏବଂ ଜଙ୍ଗଲକୁ ଆଦିମ ଅଧିବାସୀ କାର୍ଯ୍ୟଧାରାର ଦୃଶ୍ୟପଟ୍ଟ ହିସାବରେ ସେମାନେ ଦେଖିଥାନ୍ତି ।

**୪ – ସମ୍ମିଳନୀର ଅନୁଛେଦ ଗୁଡିକରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହ**

ଏଥିପାଇଁ ଜେବବିବିଧତା ସମ୍ମିଳନୀର ନିମ୍ନ ଲେଖା ଗୁଡିକୁ ଅଂଶଗ୍ରହଣ କାରୀ ମାନଙ୍କୁ ପଢିବା ପାଇଁ ଦିଆଯାଇପାରେ ।

## ପ୍ରସ୍ତାବନା ବା ପ୍ରିୟାମ୍ବଲ୍

ଅନେକ ଆଦିମ ଅଧିବାସୀ ଏବଂ ଗ୍ରାମ୍ୟ ଗୋଷ୍ଠୀର ଜୈବବିବିଧତା ସହ ପାରଂପରିକ ଜୀବନଶୈଳୀର ଅବିଛିନ୍ନ ସଂପର୍କକୁ ସ୍ୱିକୃତି ଦିଆଯାଉଛି ଏବଂ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ନିମନ୍ତେ ସେମାନଙ୍କ ପାରଂପରିକ ଜ୍ଞାନ, ସୃଜନ, ଅଭ୍ୟାସ ଆଦି ପାଇଁ ସମ୍ବଳରୁ ସମାନ ଲାଭାଂଶରେ ଭାଗୀଦାରିତା ସ୍ୱିକୃତି ଦିଆଯାଉଛି ।

ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ମହିଳାମାନେ ଏକ ପ୍ରମୁଖ ଭୂମିକା ନିର୍ବାହକୁ ସ୍ୱିକୃତି ଦିଆଯାଉଛି । ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ଓ ଜୈବବିବିଧତାର ସଂରକ୍ଷଣ ର ପ୍ରତ୍ୟେକ ସ୍ତରରେ ମହିଳା ମାନଙ୍କ ପୂର୍ଣ୍ଣ ସଂପୃକ୍ତିର ଆବଶ୍ୟକତା ସଂପର୍କରେ ଦୃଢ ଘୋଷଣା କରାଯାଉଛି ।

### ଅନୁଛେଦ ୮ ( ଜେ) – ପାରଂପରିକ ଜ୍ଞାନ ( ସ୍ଥିତାବସ୍ଥାର ସଂରକ୍ଷଣ )

ସମସ୍ତ ଚୁକ୍ତିବଦ୍ଧ ପକ୍ଷ, ଯେତେଦୂର ସମ୍ଭବ ଏବଂ ଯାହା ଯୁକ୍ତିଯୁକ୍ତ ତାହା କରିବେ

(ଜେ) ଏହାର ଜାତୀୟ ବିଧେୟକ ଅନୁସାରେ, ଆଦିମ ଅଧିବାସୀ ଏବଂ ଗ୍ରାମ୍ୟ ଗୋଷ୍ଠୀର ଜୈବବିବିଧତା ସହ ପାରଂପରିକ ଜୀବନଶୈଳୀରେ ଥିବା ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ନିମନ୍ତେ ପାରଂପରିକ ଜ୍ଞାନ, ସୃଜନ, ଅଭ୍ୟାସ ଆଦିକୁ ସମ୍ମାନ ଦେବା, ସଂରକ୍ଷଣ କରିବା ଏବଂ ପରିଚାଳନା କରିବା ଏବଂ ସେହିସବୁ ଜ୍ଞାନ, ସୃଜନ ଓ ଅଭ୍ୟାସ ର ଅଧିକାରୀ ମାନଙ୍କ ଅନୁମତି ଏବଂ ସଂପୃକ୍ତିରେ ସେଗୁଡିକର ବ୍ୟାପକ ପ୍ରସାର କରିବା ଏବଂ ସେହି ସବୁ ଜ୍ଞାନ, ସୃଜନ ଓ ଅଭ୍ୟାସର ବ୍ୟବହାର ଦ୍ୱାରା ହେଉଥିବା ଲାଭାଂଶରେ ସେମାନଙ୍କର ସମାନ ଭାଗ ରଖିବା ।

### ଅନୁଛେଦ ୧୦ – ସ୍ଥାୟୀ ବ୍ୟବହାର

ସମସ୍ତ ଚୁକ୍ତିବଦ୍ଧ ପକ୍ଷ, ଯେତେଦୂର ସମ୍ଭବ ଏବଂ ଯାହା ଯୁକ୍ତିଯୁକ୍ତ ତାହା କରିବେ

( ସି) ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ଆବଶ୍ୟକତାକୁ ସୁହାଉଥିବା ଜୈବ ସମ୍ବଳର ପାରଂପରିକ ବ୍ୟବହାର ପ୍ରଥା ଏବଂ ପାରଂପରିକ ସାଂସ୍କୃତିକ ପ୍ରଥା ଗୁଡିକର ସୁରକ୍ଷା ଏବଂ ଉତ୍ସାହ

ଅନୁଚ୍ଛେଦ ୧୫ - ପ୍ରାକୃତିକ ସମ୍ବଳ ଉପରେ ରାଷ୍ଟ୍ରର ସାର୍ବଭୌମତ୍ୱକୁ ସ୍ୱିକୃତି

ଜାତୀୟ ବିଧେୟକ ଅନୁସାରେ ଅଧିକର୍ତ୍ତା ଜାତୀୟ ସରକାର ଅଧିନରେ ଥିବା ଆନୁବଂଶୀୟ ସମ୍ବଳ ବା ଜେନେଟିକ୍ ରିସୋର୍ସ ଗୁଡିକର ଉପରେ କର୍ତ୍ତୃତ୍ୱ ଜାହିର କରିବା ନିଷ୍ପତ୍ତି ନେଇପାରିବେ

ପ୍ରତ୍ୟେକ ପକ୍ଷ ପାରିବେଶିକ ସୁସ୍ଥତା ବଜାୟ ରଖିବା ପାଇଁ ଆନୁବଂଶୀୟ ସମ୍ବଳ ବା ଜେନେଟିକ୍ ରିସୋର୍ସର ବ୍ୟବହାରକୁ ସହାୟତା କରିବେ ଏବଂ ସମ୍ମିଳନୀର ଉଦ୍ଦେଶ୍ୟକୁ ପୁରଣ କରୁଥିବା ବିଷୟ ଗୁଡିକ ଉପରେ ନିଷେଧାଦେଶ ଜାହିର କରିବେ ନାହିଁ ।

ଆନୁବଂଶୀୟ ସମ୍ବଳ ବା ଜେନେଟିକ୍ ରିସୋର୍ସର କର୍ତ୍ତୃତ୍ୱ ସହମତି ଭିତ୍ତିକ ହେବା ଆବଶ୍ୟକ ଏବଂ ଏହି ସମ୍ବଳ ପ୍ରଦାନ କରୁଥିବା ପକ୍ଷଙ୍କ ଆଗୁଆ ଅନୁମତି ବା ଦୃଢ଼ ସହମତି ଭିତ୍ତିରେ ହେବା ଆବଶ୍ୟକ ( ଅନୁଚ୍ଛେଦ ୧୫ (୪) ଓ ୧୫ (୫)

ଅନୁଚ୍ଛେଦ - ୧୬ – ବୈଷୟିକ କୌଶଳର ବଦଳ ଏବଂ ଆହରଣ

ବିକାଶସାଧନକୁ ଦୃଷ୍ଟିରେ ରଖି ବୌଦ୍ଧିକ ସଂପତ୍ତି ଅଧିକାରକୁ ବିଚାର କରି ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଉପଯୋଗୀ  ଜୈବବିଜ୍ଞାନ ଏବଂ ଅନ୍ୟାନ୍ୟ ବୈଷୟିକ କୌଶଳର ବଦଳ ଏବଂ ଆହରଣ କରାଯିବ ।

ଅନୁଚ୍ଛେଦ - ୧୭ - ତଥ୍ୟ ବିନିମୟ

ତଥ୍ୟ ବିନିମୟ ବା ଆଦାନପ୍ରଦାନ ମଧରେ ବୈଷୟିକ, ବୈଜ୍ଞାନିକ, ସାମାଜିକ- ଆର୍ଥିକ ଗବେଷଣା, ତାଲିମ୍ ଏବଂ କାର୍ଯ୍ୟକ୍ରମ ସଂକ୍ରାନ୍ତିୟ ସର୍ଭେ, ବିଶେଷ ସ୍ୱତନ୍ତ୍ର ଜ୍ଞାନ, ଆଦିବାସୀ ଏବଂ ପାରଂପରିକ ଜ୍ଞାନ ଏବଂ ଅନୁଚ୍ଛେଦ ୧୬ ପାରା – ୧ସହ ସଂପର୍କିତ ବୈଷୟିକ କୌଶଳ ସବୁର ତଥ୍ୟ ରହିବ । ଯେଉଁଠି ସମ୍ଭବପର ପ୍ରତିକାର ସଂପର୍କିତ ତଥ୍ୟ ମଧ ଦିଆଯାଇପାରିବ ।

ଅନୁଚ୍ଛେଦ - ୧୮ – ବୈଷୟିକ ଏବଂ ବୈଜ୍ଞାନିକ ସହଯୋଗୀତା

ଜାତୀୟ ବିଧେୟକ ଏବଂ ନୀତି ଆନୁସାରେ ବିକାଶ ଓ ବୈଷୟିକ କୌଶଳର ବ୍ୟବହାର ପାଇଁ ସହଯୋଗ ପଦ୍ଧତିର ବିକାଶ ଏବଂ ଉତ୍ସାହ ସୃଷ୍ଟି କରିବା, ସମ୍ମିଳନୀର ବ୍ୟବସ୍ଥା ମୁତାବକ ଆଦିବାସୀ ଏବଂ ପାରଂପରିକ ବୈଷୟିକ କୌଶଳର ବିକାଶ ମଧ କରିବେ । ଏଥିପାଇଁ ଚୁକ୍ତିବଦ୍ଧ ପକ୍ଷ କର୍ମକର୍ତ୍ତା ମାନଙ୍କ ତାଲିମ ପାଇଁ ମିଳିତ ଉଦ୍ୟମ ଏବଂ ବିଶେଷଜ୍ଞ ମାନଙ୍କ ବିନିମୟ କରିପାରିବେ ।

**ଅନୁଚ୍ଛେଦ - ୧୯ – ଜୈବ ବୈଷୟିକ କୌଶଳର ପରିଚାଳନା ଏବଂ ଲାଭର ବଣ୍ଟନ**

ଜୈବ ବୈଷୟିକ ଗବେଷଣାରେ ବିକାଶଶୀଳ ରାଷ୍ଟ୍ର ଗୁଡିକର ସହଭାଗୀତାକୁ ଅଗ୍ରାଧିକାର ଦିଆଯିବ ।

ଆନୁବଂଶୀକ ସାମଗ୍ରୀ ବା ଜେନେଟିକ୍ ମ୍ୟାଟେରିଆଲ୍ ଦେଉଥିବା ବିକାଶଶୀଳ ରାଷ୍ଟ୍ର ଗୁଡିକୁ ସଫଳତା ଏବଂ ଲାଭାଂଶ ହାସଲର ଅଗ୍ରାଧିକାର ଦେବା ।



**ପ୍ରୟୋଗ – ୨**

ପାଠ୍ୟ ବିଷୟର ତର୍ଜମା ( ୩୦ ମିନିଟ୍ )

୧. ଅଂଶଗ୍ରହଣକାରୀ ମାନଙ୍କୁ ୩ଟି ଦଳରେ ଭାଗ କରିଦିଅନ୍ତୁ ।

୨. ପ୍ରତି ଦଳ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି ) ର ଅନୁଚ୍ଛେଦ ୮ ( ଜେ ) ୧୦ (ସି) ୧୫ ଏବଂ ୧୮ କୁ ପଢନ୍ତୁ ।

୩. ଦଳ ଗୁଡିକ ଆଦିମ ଅଧିବାସୀ ମାନଙ୍କର ଅଧିକାର ଦୃଷ୍ଟିକୋଣରୁ ଏଥିରେ ଥିବା ସବଳତା, ଦୁର୍ବଳତା ଏବଂ ସୁଯୋଗ ଗୁଡିକ ସଂପର୍କରେ ଆଲୋଚନା କରନ୍ତୁ ।

## ୫ – ଜୈବବିବିଧତା ସମ୍ମିଳନୀ ( ସି.ବି.ଡି ) ସଂପର୍କରେ ଆଦିମ ଅଧିବାସୀ ମାନଙ୍କର ଉଦ୍‌ବିଗ୍ନତା – ସମ୍ମିଳନୀର ବିପଦ ଦିଗ ସମୂହ

ଜୈବବିବିଧତା ସମ୍ମିଳନୀ ( ସି.ବି.ଡି)ରେ ଥିବା କେତେକ ବିପଦ ବିଷୟରେ ଅବଗତ ହେବା ନିହାତି ଜରୁରୀ କାରଣ ଏଗୁଡିକ ଆଦିମ ଅଧିବାସୀ ମାନଙ୍କ ଉଦ୍‌ବିଗ୍ନତାର କାରଣ ।

### ଜୈବବିବିଧତା ସମ୍ମିଳନୀ ( ସି.ବି.ଡି ) ହେଉଛି ରାଷ୍ଟ୍ର ଗୁଡିକ ମଧ୍ୟରେ ହୋଇଥିବା ରାଜିନାମା

ଜୈବବିବିଧତା ସମ୍ମିଳନୀ (ସି.ବି.ଡି) ଜୈବସତ୍ତା ବା ଜିନ୍, ପ୍ରଜାତି ଏବଂ ପାରିବେଶୀକ ସ୍ତର ଗୁଡିକୁ ନେଇଥିବା ଜୈବବିବିଧତା ମୂଲ୍ୟବୋଧକୁ ସ୍ୱିକୃତି ଦେଇଥାଏ । ଜୈବବିବିଧତା ସମ୍ମିଳନୀ ( ସି.ବି.ଡି ) ହେଉଛି ରାଷ୍ଟ୍ର ଗୁଡିକ ମଧ୍ୟରେ ହୋଇଥିବା ଏକ ରାଜିନାମା ଯାହାକି ବିଶ୍ୱର ଦକ୍ଷିଣ ଭାଗରୁ ସମୃଦ୍ଧ ଜୀବସତ୍ତା ଉପରେ କର୍ତ୍ତୃତ୍ୱ ଜାହିର କରିବାକୁ ଚାହୁଁଥିବା ଦକ୍ଷିଣ ଓ ଉତ୍ତର ଗୋଲାର୍ଦ୍ଧର ଦେଶ ମାନଙ୍କ ମଧ୍ୟରେ ଉପୁଜିଥିବା ସ୍ୱାର୍ଥଗତ ଦ୍ୱନ୍ଦ୍ୱକୁ ସନ୍ତୁଳିତ କରିଥାଏ । ସମ୍ମିଳନୀର ହିତାଧିକାରୀ ମାନଙ୍କ ମୁଖ୍ୟ ଲକ୍ଷ୍ୟସ୍ଥଳ ହେଉଛି ରାଷ୍ଟ୍ର ଯେଉଁମାନେ କି ଜୈବବିବିଧତା ନଷ୍ଟର ମୁଖ୍ୟ ପ୍ରରୋଚକ ।

ବୌଦ୍ଧିକ ସମ୍ପତ୍ତିଗତ ଅଧିକାର ନିର୍ଦ୍ଧାରିତ ଶୃଙ୍ଖଳାକୁ ଫଳପ୍ରଦ ଭାବେ ନିୟନ୍ତ୍ରଣ କରିବାକୁ ଉତ୍ତରାଞ୍ଚଳର ସ୍ୱାର୍ଥଗୁଡିକ ଦୃଢ ପ୍ରଭାବିତ କରିଥାନ୍ତି । ଦକ୍ଷିଣାଞ୍ଚଳର ବିକାଶଶୀଳ ଦେଶ ଗୁଡିକ ସେମାନଙ୍କ ସମ୍ବଳ ଉପରେ ସାର୍ବଭୌମତ୍ୱ ସାବ୍ୟସ୍ତ କରିବାକୁ ଇଚ୍ଛା କରନ୍ତି ଏବଂ ଆନ୍ତାର୍ଜାତୀୟ ସ୍ୱାର୍ଥପାଇଁ ସେଗୁଡିକର ମୁକ୍ତ ବ୍ୟବହାରକୁ ବିରୋଧ କରନ୍ତି । ଦକ୍ଷିଣାଞ୍ଚଳ ରାଷ୍ଟ୍ର ଗୁଡିକ କେବଳ ଅଧିକ ରାଜସ୍ୱ ଆବଶ୍ୟକ କରନ୍ତି ଏବଂ ନିଜର ଆର୍ଥିକ ସ୍ୱାର୍ଥକୁ ନଜର ଦେଇଥାନ୍ତି । ଆଦିବାସୀଙ୍କ ସ୍ୱାର୍ଥକୁ ସଂପୂର୍ଣ୍ଣ ଅଣଦେଖା କରାଯାଏ ।

ଜୈବବିବିଧତା ସମ୍ମିଳନୀ (ସି.ବି.ଡି) ଦକ୍ଷିଣାଞ୍ଚଳ ଏବଂ ଉତ୍ତରାଞ୍ଚଳ ରାଷ୍ଟ୍ରଗୁଡିକ ମଧ୍ୟରେ ରହିଥିବା ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବାକୁ ଚେଷ୍ଟା କରିଥାଏ । ଏହା ସମ୍ବଳ ଉପରେ ଜତୀୟ ସାର୍ବଭୌମତ୍ୱକୁ ସ୍ୱିକୃତି ଦେଉଥିବାବେଳେ ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରର ପରିସରରେ ରହି ଏହାକୁ ବିନିଯୋଗ କରିବାକୁ ସ୍ୱିକୃତି ଦେଇଥାଏ । ଗୁଣସୁତ୍ରୀୟ ସଂବଳ ବା ଜେନେଟିକ ରିସୋର୍ସ ଗୁଡିକ ମାନବିକତାର ସାଧାରଣ ସଂପତ୍ତି ହୋଇ ରହିନାହିଁ । ଜାତୀୟ ସ୍ତରରେ ଲାଭ

ଗୁଡିକୁ ସୁରକ୍ଷିତ କରାଯାଇଥିଲେ ମଧ  ସେଗୁଡିକ ବର୍ତ୍ତମାନ ସୁଦ୍ଧା ବଡ ବ୍ୟବସାୟର ସଂପତ୍ତି ହୋଇ ରହିଛି ଏବଂ ରାଷ୍ଟ୍ର ଏପରି ଏକ ଅନୁପଯୋଗୀ ଚୁକ୍ତି କରିବା ଉଚିତ କି ? ତେଣୁ ଉଭୟ ଉତ୍ତରାଞ୍ଚଳ ଏବଂ ଦକ୍ଷିଣାଞ୍ଚଳର ଆଦିମ ଅଧିବାସୀମାନେ ବହୁଦେଶୀୟ କମ୍ପାନୀ ମାନଙ୍କର ସ୍ୱାର୍ଥ ଏବଂ ଅନ୍ୟାନ୍ୟ ଆର୍ଥିକ ଲାଭକୁ ନେଇ ଦେଶ ଗୁଡିକ ଦ୍ୱାରା ସମ୍ବଳର ମନଇଚ୍ଛା ବ୍ୟବହାର ଭିତରେ ପେଷି ହୋଇଯାଇଛନ୍ତି ।

## ବିବରଣି ପ୍ରସ୍ତୁତି ପ୍ରକ୍ରିୟା

ଧରିତ୍ରୀ ସମ୍ମିଳନୀରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ଯଦିଓ ସେଥିପାଇଁ ଅନେକ ପ୍ରସ୍ତୁତି ମୂଳକ କମିଟି ବୈଠକ ଏବଂ ପରାମର୍ଶ ବୈଠକ ମାନ ହୋଇଆସୁଥିଲା ଏହି ପ୍ରକ୍ରିୟା କେବଳ ଆଦିମ ଅଧିବାସୀ ମାନଙ୍କ ପାଇଁ ହିଁ ତ୍ୱରାନ୍ୱିତ ହେଲା ।

ଆଦିମ ଅଧିବାସୀ ମାନଙ୍କ ପାଇଁ ଏହି ପରାମର୍ଶଗତ ପ୍ରକ୍ରିୟାର ଏକ ଉପଯୋଗୀ ମଡେଲ ପ୍ରସ୍ତୁତ କରିବାକୁ ୧୩ ବର୍ଷର ଉଦ୍ୟମ ପରେ ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ପ୍ରସ୍ତୁତ ହେଲା ଏବଂ ୨୦୦୭ ମସିହା ସେପ୍ଟେମ୍ବର ୧୩ ତାରିଖରେ ଜାତିସଂଘରେ ଗୃହିତ ହେଲା ।

## ରାଷ୍ଟ୍ରୀୟ ସାର୍ବଭୌମତ୍ୱ

ଆଦିମ ଅଧିବାସୀ ମାନେ ରାଷ୍ଟ୍ରର ସୀମା ଭିତରେ ବସବାସ କରୁଥିଲେ ମଧ ରାଷ୍ଟ୍ର ଗଠନର ବହୁ ପୂର୍ବରୁ ଚଳିଆସୁଥିବା ନିଜର ସ୍ୱତନ୍ତ୍ର କୌଳିକ ଏବଂ ପୁରୁଷାନୁକ୍ରମିକ ଅଧିକାରକୁ ନେଇ ଚଳୁଛନ୍ତି । ଜୈବବିବିଧତା ସମ୍ମିଳନୀ (ସି.ବି.ଡି)ର ଜାତିସଂଘର ଆଦିମ ଅଧିବାସୀଙ୍କ ଅଧିକାର ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ପି ) ସେହିସବୁ ଆଦିମ ଅଧିବାସୀ ପୁରୁଷାନୁକ୍ରମିକ ଅଧିକାର ଗୁଡିକୁ ରାଷ୍ଟ୍ରୀୟ ନିତିରେ ସାମିଲ କାରିବା ପାଇଁ ପ୍ରଚେଷ୍ଟା କରିଛି ।

ଜୈବବିବିଧତା ସମ୍ମିଳନୀ ଏହି ସମସ୍ୟାକୁ ସମାଧାନ କରେନାହିଁ , କିନ୍ତୁ ଏ ସଂପର୍କରେ ଏକତରଫା ରାଷ୍ଟ୍ରୀୟ ସାର୍ବଭୌମତ୍ୱ ପାଇଁ ଆଶ୍ୱାସନା ଦେଇଥାଏ ।

## ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହ

ପାରଂପରିକ ଜୀବନ ଶୈଳୀକୁ ଧରି ବଂଚୁଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହ ଆପ୍ତବାକ୍ୟଟି ଆଦିମ ଅଧିବାସୀ ମାନଙ୍କ ଅଧିକାରଗତ ସ୍ୱିକୃତିକୁ ଅଯଥା ଜଟିଳ କରୁଛି କାରଣ ଏହା ଲୋକମାନଙ୍କର ସ୍ଥିତିକୁ ଅଣଦେଖା କରୁଛି ।

ପାରଂପରିକ ( ପାରଂପରିକ ଜୀବନଶୈଳୀ ଆଧାରିତ) ସଜ୍ଞାଟି ଅଧିକ ସମସ୍ୟାବହୁଳ । ଏହା ଧାରଣା ସୃଷ୍ଟି କରୁଛି ଯେ, ଅନୁଚ୍ଛେଦ ୮ (ଜେ) କେବଳ ଆଜିପର୍ଯ୍ୟନ୍ତ ପରିବର୍ତ୍ତନ ହୋଇ ପାରିନଥିବା ଏକ ସାଂସ୍କୃତିକ ଚଳଣୀରେ ବାନ୍ଧି ହୋଇ ବିଚ୍ଛିନ୍ନ ଏବଂ ପ୍ରସ୍ତରୀଭୂତ ହୋଇ ରହିଥିବା ଆଦିମ ଅଧିବାସୀମାନଙ୍କ ପାଇଁ ପ୍ରଯୁଜ୍ୟ ।

## ଆଦିମ ଅଧିବାସୀ ଏବଂ ସୁରକ୍ଷିତ ଅଞ୍ଚଳ

ଆଦିମ ଅଧିବାସୀ ମାନେ ସେମାନଙ୍କୁ ନିଜ ଜମି ଏବଂ ସମ୍ବଳ ଅଧିକାରରୁ ବଂଚିତ କରୁଥିବା ସୁରକ୍ଷିତ ଅଞ୍ଚଳର ବ୍ୟବହାରକୁ ବିରୋଧ କରନ୍ତି ।

ଆଦିମ ଅଧିବାସୀ ମାନଙ୍କ ଉଦ୍‌ବିଗ୍ନର ବିଷୟ ହେଲା, ସୁରକ୍ଷିତ ଅଂଚଳ ଗୁଡିକରେ ବସବାସ କରୁଥିବା ଅଧିକାଂଶ ଆଦିମ ଅଧିବାସୀ ମାନଙ୍କ ସ୍ୱାର୍ଥକୁ ସଂରକ୍ଷଣକାରୀ ସାମାଜିକ ଅନୁଷ୍ଠାନ, ବହୁପକ୍ଷିୟ ବିକାଶ ଅନୁଷ୍ଠାନ ଏବଂ ରାଷ୍ଟ୍ରଗୁଡିକ ବିଚାରକୁ ନେବେ ନାହିଁ।

## ସଂବଳ ଉପରେ କର୍ତ୍ତୃତ୍ୱ

ଉତ୍ପତି ହୋଇଥିବା ରାଷ୍ଟ୍ରରେ ସ୍ଥିତାବସ୍ଥାର ସଂରକ୍ଷଣ – ଏହି ବାକ୍ୟଟିକୁ, ଜାତୀୟ ସ୍ୱାର୍ଥପାଇଁ ଜାତୀୟ ଅନୁଷ୍ଠାନ ଦ୍ୱାରା ଆଦିମ ଜୈବସତ୍ତା ସମ୍ବଳ ବା ଜେନେଟିକ ରିସୋର୍ସ ଗୁଡିକୁ ନିଆଯାଇପାରିବ ଏବଂ ସେଗୁଡିକ ବିପଦଗ୍ରସ୍ତ ବୋଲି ବିବେଚନା କରି ବିକାଶ କରାଯାଇପାରିବ ଅର୍ଥରେ ବ୍ୟବହାର କରାଯାଇପାରିବ ଯଦ୍ୱାରା ସେଥିପାଇଁ କୌଣସି କ୍ଷତିପୁରଣ ଦେବାର ଆବଶ୍ୟକତା ରହିବନାହିଁ।

ଦକ୍ଷିଣାଞ୍ଚଳକୁ ସମ୍ବଳ ଉପରେ ଅଧିକାରଗତ ସ୍ୱକୃତି ଦେବା ପ୍ରତିବଦଳରେ ଯେତେବେଳେ ଉତ୍ତରାଞ୍ଚଳର ରାଷ୍ଟ୍ରଗୁଡିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଲାଭ କରନ୍ତି ସେତେବେଳେ ମୂଳବାସୀ ଅଧିକାର ଗୁଡିକୁ ଆଣଦେଖା କରାଯାଏ।

ଅନୁଚ୍ଛେଦ ୮ (ଜେ)ରେ ଥିବା ଏବଂ ପରେ ସମ୍ମିଳନୀରେ ସଂଯୁକ୍ତ ହୋଇଥିବା ବୌଦ୍ଧିକ ସଂପତ୍ତିଗତ ଅଧିକାରଟି ରାଷ୍ଟ୍ରୀୟ ସାର୍ବଭୌମତ୍ୱ ବିଷୟ ଆସିବା ବେଳକୁ ସଂକୁଚିତ ହୋଇଯାଇଥାଏ।

## ଅନୁଦାନ ବ୍ୟବସ୍ଥା

ବିଶ୍ୱ ପରିବେଶ ସହାୟତା ବା ଗ୍ଲୋବାଲ୍ ଏନ୍‌ଭରେନ୍‌ମେଣ୍ଟ ଫାସିଲିଟି ( ଜି.ଇ.ଏଫ୍) ବିକାଶଶୀଳ ଦେଶ ଗୁଡିକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସାମର୍ଥ୍ୟ ଓ ପ୍ରୋତ୍ସାହନା ରିହାତିକୁ କମାଇ କେବଳ ପରିବର୍ଦ୍ଧିତ ମୂଲ୍ୟକୁ ଆର୍ଥିକ ସହାୟତା ଦେଇଥାଏ।

ଏଥିରୁ ଏହା ମଧ୍ୟ ବୁଝାପଡେ ଯେ, ବିଶ୍ୱ ପରିବେଶ ସହାୟତା ବା ଗ୍ଲୋବାଲ୍ ଏନ୍‌ଭରେନ୍‌ମେଣ୍ଟ ଫାସିଲିଟି ( ଜି.ଇ.ଏଫ୍) ଆଦିମ ଅଧିବାସୀ ମାନଙ୍କର କେବଳ ସେହି ପ୍ରକଳ୍ପ ଗୁଡିକୁ ସହାୟତା ଦେବ ଯେଉଁଠି ବିତର୍କ ରୁ ଜଣାପଡେ ଯେ ଜାତୀୟ ଲାଭରେ ଆଦିମ ଅଧିବାସୀ ମାନଙ୍କର ସ୍ୱାର୍ଥକୁ ବିଚାର କରାଯାଉନାହିଁ ଏବଂ ରାଷ୍ଟ୍ର ସରକାର ସେମାନଙ୍କୁ ସମସ୍ୟା ଭିତରକୁ ଠେଲି ଦେଉଛନ୍ତି।

ବହୁପକ୍ଷୀୟ ବିକାଶ ବ୍ୟାଙ୍କ ଗୁଡିକ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟା ଦ୍ୱାରା ଜି.ଇ.ଏଫ୍ ଅସୁବିଧାରେ ପଡିଥାଏ ଏବଂ ପରାମର୍ଶ ଓ ସହଭାଗୀତାରେ ଦୁର୍ବଳ ଥିବା ଉପରୁ ତଳ ପର୍ଯ୍ୟନ୍ତ ସଂପୃକ୍ତ ପ୍ରକଳ୍ପ ଗୁଡିକୁ ସହାୟତା କରିଥାଏ । ( ଯେତେବେଳେ ଆଦିମ ଅଧିବାସୀ ମାନଙ୍କ ସଂପୃକ୍ତିର କର୍ତ୍ତୃତ୍ୱ ଏବଂ ଅନୁମତି ବିଚାରକୁ ନିଆଯାଇନଥାଏ।)

## ସାଧାରଣ ଉଦ୍‌ବିଗ୍ନତା

ଜାତିସଂଘର ଅନ୍ୟାନ୍ୟ ବିଭାଗ ଦ୍ୱାରା ହୋଇଥିବା ଅଗ୍ରଗତି ଗୁଡିକୁ ଏଥିରେ ଯୋଡିବା ପାଇଁ ସମ୍ମିଳନୀ ବିଫଳ ହୋଇଛି। ବିଶେଷକରି ମାନବିକ ଅଧିକାର ପରିଷଦ, ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କରେ ଜାତିସଂଘ ଘୋଷଣାପତ୍ର ଏବଂ ଆଦିମ ଅଧିବାସୀ ସମସ୍ୟା ସଂପର୍କରେ ଜାତିସଂଘର ସ୍ଥାୟୀ ଫୋରମ୍ ଦ୍ୱାରା ନିଆଯଅଇଥିବା ପଦକ୍ଷେପ ଗୁଡିକୁ ଏଥିରେ ଯୋଡାଯାଇ ପାରିନାହିଁ।

ସି.ବି.ଡି ଜମି ଓ ସମ୍ବଳ ଉପରେ ରାଷ୍ଟ୍ରର କର୍ତ୍ତୃତ୍ୱ, ସୁରକ୍ଷିତ ଅଞ୍ଚଳ ଗୁଡିକର ବିକାଶ ପ୍ରକ୍ରିୟା, ଆଦିମ ଅଧିବାସୀ ବସତି ଅଂଚଳରୁ ଜେନେଟିକ ସମ୍ବଳ ଆହରଣ ପାଇଁ ଜୈବ ପ୍ରକ୍ରିୟାକରଣ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ବୁଝାମଣାକୁ ସଂଯୋଜନା କରିବା, ଜୈବବିବିଧତାକୁ ସହାୟକ ହେଉଥିବା ଅଳ୍ପ କିଛି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଆର୍ଥିକ ବ୍ୟବସ୍ଥା ସୁବିଧା କରିବା ଆଦି ଦିଗରେ ରାଷ୍ଟ୍ରର କ୍ଷମତାକୁ ବୃଦ୍ଧି କରିଛି ।

## ସକାରାତ୍ମକ ଏବଂ ନକାରାତ୍ମକ ଦିଗ

### ସକାରାତ୍ମକ

ସ୍ୱତନ୍ତ୍ର ବିଷୟ ଏବଂ କ୍ରସ କଟିଂ ସମସ୍ୟା ଗୁଡିକ ସଂପର୍କରେ ଏହାର ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସଂପୂର୍ଣ୍ଣ ଏବଂ ସକ୍ରିୟ ସଂପୃକ୍ତି ପାଇଁ ୟୁ.ଏନ୍.ଡି.ଆର୍.ଆଇ.ପି.ର ଉଲ୍ଲିଖିତ ବିଷୟ ଆଧାରରେ ୨୦୦୮ ମସିହା ମେ ମାସରେ ଅଂଶୀଦାର ଦଳ ମାନଙ୍କ ନବମ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି କୁ କାର୍ଯ୍ୟକାରୀ କରିବା । ଆଦିମ ଅଧିବାସୀ ମାନେ ସର୍ବଦା ଏହି ବିଷୟକୁ ଧ୍ୟାନ ଦେବା ଆବଶ୍ୟକ ଏବଂ ସି.ବି.ଡି ବୁଝାମଣା, ପ୍ରକ୍ରିୟା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀତା ସମୟରେ ଆଦିମ ଅଧିବାସୀ ମାନଙ୍କୁ ପ୍ରଭାବିତ କରୁଥିବା ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ପାଇଁ ୟୁ.ଏନ୍.ଡି.ଆର୍.ଆଇ.ପି. କୁ ସର୍ବନିମ୍ନ ଆଧାର ଏବଂ ରୂପରେଖ ହିସାବରେ ଗ୍ରହଣ କରାଯାଇଛି ବୋଲି ନିଶ୍ଚିତ ହେବା ଆବଶ୍ୟକ ।

### ନକାରାତ୍ମକ

ଆମର ଜମି ଓ ସମ୍ବଳ ଉପରେ ଆଦିମ ଅଧିବାସୀ ମାନଙ୍କର ଗୋଷ୍ଠୀଗତ, ବଂଶାନୁକ୍ରମିକ, ସ୍ୱତନ୍ତ୍ର ଏବଂ ସାର୍ବଭୌମ ଅଧିକାରକୁ ସି.ବି.ଡି ସ୍ୱିକୃତି ଦିଏ ନାହିଁ । ସି.ବି.ଡି ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ସଂପୃକ୍ତି ନାହିଁ । ସି.ବି.ଡି ରାଷ୍ଟ୍ରର ଆଗୁଆ ଜ୍ଞାତସାର ଅନୁମତିକୁ ସ୍ୱିକୃତି ଦିଏ କିନ୍ତୁ କେବଳ ପାରଂପରିକ ଜ୍ଞାନ ନିମନ୍ତେ ଆଦିମ ଅଧିବାସୀ ମାନଙ୍କ ଆଗୁଆ ଜ୍ଞାତସାର ଅନୁମତିକୁ ସ୍ୱିକୃତି ଦିଏ । ସି.ବି.ଡି ଆଦିମ ଅଧିବାସୀ ମାନଙ୍କୁ ଏକ ନିର୍ଦ୍ଧାରିତ ଅଧିକାର ଉପଭୋଗ କରୁଥିବା ଗୋଷ୍ଠୀ ହିସାବରେ ସ୍ୱିକୃତି ଦିଏନାହିଁ, କିନ୍ତୁ କେବଳ ସାଧାରଣ ଉପଭୋକ୍ତା ଦଳ ହିସାବରେ ଗ୍ରହଣ କରିଥାଏ ( ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ର ସଂପର୍କିତ)

## ଜାତୀୟ କାର୍ଯ୍ୟକାରୀତା

ଯଦି ରାଷ୍ଟ୍ର ଆଦିମ ଅଧିବାସୀ ଲୋକ ଏବଂ ଆଦିମ ଅଧିବାସୀ ଅଧିକାର ଗୁଡିକୁ ସ୍ୱିକୃତି ଦିଏ ନାହିଁ ସେଥିରୁ ବୁଝାପଡେ ଯେ, ସେମାନେ ସି.ବି.ଡି କାର୍ଯ୍ୟକ୍ରକୁ ଏବଂ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବେ ଯାହାକି ଆଦିମ ଅଧିବାସୀଙ୍କୁ ବିପଦରେ ପକାଇବ । ଯେମିତିକି ଏଥିରେ ଥିବା ଆଦିମ ଅଧିବାସୀ ମାନଙ୍କ ଅଧିକାରକୁ ସମ୍ମାନ ଦେଉନଥିବା ସୁରକ୍ଷିତ ଅଂଚଳ ଏବଂ ଲାଭାଂଶ ବଣ୍ଟନରେ କର୍ତ୍ତୃତ୍ୱ ଏବଂ ଲାଭ ଆଦି କାର୍ଯ୍ୟକ୍ରମ । ସେହିପରି ଜାତୀୟ ସଂଯୋଜନା ବ୍ୟବସ୍ଥା ଏବଂ ଏନ୍.ବି.ଏସ୍.ଏ.ପି କାର୍ଯ୍ୟକାରୀତା ପରି କେତେକ ବିଷୟ ରହିଛି ଯାହା ଜାତୀୟ ସ୍ତରରେ ବିବାଦୀତ ଓ ଅନୁଗତ୍ୟତା ସୃଷ୍ଟି କରୁଛି ।

## ୬ – ଜୈବବିବିଧତା ସମ୍ମିଳନୀ ବା ସି.ବି.ଡି ରେ ଆଦିମ ଅଧିବାସୀଙ୍କ ସ୍ଥାନକୁ ସୁଦୃଢ଼ କରିବା

### ରାଷ୍ଟ୍ର ସାର୍ବଭୌମତ୍ୱ ଏବଂ ସମ୍ବଳ ଉପରେ ଅଧିକାର

ଯଦିଓ "ସେମାନଙ୍କର ନିଜ ଜୈବବିବିଧତା ସମ୍ବଳ ଉପରେ" ଆପ୍ତ ବାକ୍ୟଟି ରାଷ୍ଟ୍ର ଉଦ୍ଦେଶ୍ୟରେ କୁହାଯାଇଛି, ଏହା କୁହାଯାଇପାରେ ଯେ ସେମାନଙ୍କର ଅର୍ଥ ସଂପୃକ୍ତ ଅଂଚଳର ସମ୍ବଳ ଉପରେ ମାଲିକାନା ଥିବା ଆଦିମ ଅଧିବାସୀ ମାନେ ନୁହଁନ୍ତି ବରଂ ନିଧାର୍ଯ୍ୟ ଭାବେ ରାଷ୍ଟ୍ରର ବୋଲି କୁହାଯାଇଛି । ଅଧିକାଂଶ ରାଷ୍ଟ୍ର ଆଦିମ ଅଧିବାସୀ ଅଂଚଳ ଗୁଡ଼ିକୁ ସର୍ବସାଧାରଣ ଅଂଚଳ ବୋଲି ସୂଚୀତ କରିଛନ୍ତି । ଏହି ଆଦେଶ ଆଦିମ ଅଧିବାସୀ ଅଂଚଳ ଏବଂ ସମ୍ବଳକୁ ନଷ୍ଟ କରିବାକୁ ବ୍ୟବହାର କରାଯିବା ଉିତ ନୁହେଁ ।

ସମ୍ମିଳନୀ ରାଷ୍ଟ୍ରର ସାର୍ବଭୌମ ଅଧିକାର ବୋଲି ସୂଚନା ଦେବା ଅର୍ଥ, ଏହା ପ୍ରାଞ୍ଜଳ ଭାବେ ସୂଚୀତ କରିବା ଉଚିତ ଯେ ଆଦିମ ଅଧିବାସୀ ମାନଙ୍କ ଜମିକୁ ହସ୍ତାନ୍ତର କରିବା ବା ଜମି ମାଲିକାନାକୁ ମନୋମୁଖୀ ଭାବେ ପରିବର୍ତ୍ତନ କରିବା କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହୋଇପାରିବ ନାହିଁ । ରାଷ୍ଟ୍ରର ଆୟତରେ ରହିଥିଲେ ମଧ ଆଦିମ ଅଧିବାସୀ ମାନଙ୍କର ନିଜସ୍ୱ ସଂବଳ ଉପରେ କର୍ତ୍ତୃତ୍ୱର ସାଧିନ ଅଧିକାର ରହିଛି ।

ସମ୍ମିଳନୀର ଅନୁଚ୍ଛେଦ ୨୨ରେ ଦର୍ଶାଯାଇଛି ଯେ, ସମ୍ମିଳନୀ "କୌଣସି ଆନ୍ତର୍ଜାତୀୟ ଚୁକ୍ତି ଆଧାରିତ କୌଣସି ଅନୁବନ୍ଧିତ ପକ୍ଷର ଅଧିକାର ଏବଂ ଆନୁଗତ୍ୟକୁ ପ୍ରଭାବିତ କରିବ ନାହିଁ ।" ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ରେ ଉଲ୍ଲିଖିତ ଆଦିମ ଅଧିବାସୀ ମାନଙ୍କ ଅଧିକାର ହେଉଛି ନିର୍ଦ୍ଧାରିତ ଏବଂ ଏହାକୁ କୌଣସି ପରିସ୍ଥିତିରେ ମଧ ଉପେକ୍ଷା କରାଯିବା ଅନୁଚିତ ।

### ପାରଂପରିକ ଜୀବନଶୈଳୀକୁ ଅନୁକରଣ କରି ବଂଚୁଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହ

ଆଦିମ ଅଧିବାସୀ ଗୋଷ୍ଠୀ ଏବଂ ସ୍ଥାନୀୟ ଗୋଷ୍ଠୀ ( ଉଦାହରଣ ସ୍ୱରୂପ ଚାଷୀ ଗୋଷ୍ଠୀ )ମଧରେ ଅନେକ ପ୍ରଭେଦ ରହିଛି । ସ୍ଥାନୀୟ ଗୋଷ୍ଠୀ ରାଷ୍ଟ୍ର ସହ ସିଧାସଳଖ ସଂପୃକ୍ତ କିନ୍ତୁ ଆଦିମ ଅଧିବାସୀ ଗୋଷ୍ଠୀ ପ୍ରାଥମିକ ଭାବେ ଏବଂ ସର୍ବକାଳୀନ ଭାବେ ଆଦିମ ଅଧିବାସୀ ଲୋକ ମାନଙ୍କର ଏକ ଅଂଶ । 'ଗୋଷ୍ଠୀ' ଶବ୍ଦଟିର କେବଳ ସହାୟତା ନିଆଯାଇପାରେ କିନ୍ତୁ 'ଆଦିମ ଅଧିବାସୀ ଲୋକ' ଶବ୍ଦକୁ ଦୁର୍ବଳ କରିବା ପାଇଁ ପ୍ରୟୋଗ କରାଯିବା ଉଚିତ ନୁହେଁ । ଏହାର ସମୁଚିତ ସମାଧାନ ପନ୍ଥା ହେବ ଯେ ସମ୍ମିଳନୀ 'ଆଦିମ ଅଧିବାସୀ  ଏବଂ ସ୍ଥାନୀୟ ଗୋଷ୍ଠୀ' ବିଷୟରେ ଏକ ସହାୟକ ବ୍ୟାଖ୍ୟା ଦେବା ଉଚିତ ।

'ପାରଂପରିକ' ଶବ୍ଦଟି ପରିବର୍ତ୍ତନହୀନ ଲୋକ ଅର୍ଥରେ ବୁଝାଯିବା ଉଚିତ ନୁହେଁ । କାରଣ ସୃଜନଶୀଳ କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ଆଦିମ ଅଧିବାସୀ ମାନଙ୍କ ଯୋଗଦାନର ଗୁରୁତ୍ୱ ବିଶେଷ ଭାବେ ଲିପିବଦ୍ଧ ହୋଇଛି ।

୧୬୭ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ( ଆଇ.ଏଲ୍.ଓ)ର ସମ୍ମିଳନୀରେ ସ୍ୱିକୃତ ଆତ୍ମପରିଚୟର ନୀତି କୁ ପାରଂପରିକ ଶବ୍ଦର ବ୍ୟାଖ୍ୟା ପାଇଁ ବ୍ୟବହାର କରାଯିବା ଉଚିତ । 'ପାରଂପରିକ' ହେଉଛି –  ଯାହାକି ପ୍ରକ୍ରିୟାର ସୂଚୀ ଅପେକ୍ଷା ଧାରାବାହିକତା ବା ଅବିଚ୍ଛିନ୍ନତାକୁ ଅଧିକ ଦୃଷ୍ଟି ଦେଇଥାଏ । ଏହି ପରିପ୍ରେକ୍ଷୀରେ 'ପ୍ରଥା' ଶବ୍ଦଟି ହିଁ 'ପାରଂପରିକ' ଶବ୍ଦକୁ ଅଧିକ ପ୍ରାଞ୍ଜଳ ଭାବେ ବୁଝାଇଥାଏ ।

## ସୁରକ୍ଷିତ ଅଂଚଳ

କୌଣସି କାର୍ଯ୍ୟକ୍ରମ ବା ନୀତିର ଜୈବବିବିଧତା ଉପରେ ପ୍ରତିକୂଳ ପ୍ରଭାବ ନାହିଁ ବୋଲି ସୁନିଶ୍ଚିତ କରିବାକୁ ଆଦିମ ଅଧିବାସୀ ମାନେ ଦୃଢ଼ ସ୍ଥିତିରେ ଅଛନ୍ତି । ଯେତେବେଳେ ରାଷ୍ଟ୍ରମାନେ ଜୈବବିବିଧତାର ବିପଦ ଗୁଡିକୁ ସାମ୍ନା କରୁଛନ୍ତି, ସେମାନେ ଅନ୍ୟ ରାଷ୍ଟ୍ରକୁ ସୂଚୀତ କରିବାର ଅନୁଗତ୍ୟ ରଖିବା ଆବଶ୍ୟକ । ରାଷ୍ଟ୍ରର ଅଧିବାସୀ ମାନଙ୍କୁ ମଧ ସୂଚୀତ କରାଯିବା ଆବଶ୍ୟକ । ଅଂଶୀଦାର ଦେଶ ଗୁଡିକ ତରଫରୁ ଏକ ବ୍ୟବସ୍ଥା ରହିବା ଆବଶ୍ୟକ ଯାହାଫଳରେ ଆଦିମ ଅଧିବାସୀମାନେ ନିଜ ଅଂଚଳର ଜୈବବିବିଧତାର ସ୍ଥିତି ସଂପର୍କରେ ସେଠାରେ ଜଣାଇ ପାରନ୍ତେ ।

ଆଦିମ ଅଧିବାସୀ ମାନେ ନିଜ ଅଂଚଳର ସୁରକ୍ଷିତ ଅଂଚଳ ବା ପ୍ରୋଟେକ୍ଟେଡ୍ ଏରିଆ ଗୁଡିକରେ ସଂପୂର୍ଣ୍ଣ ମାଲିକାନା ବା ପରିଚାଳକ ହିସାବରେ ସ୍ୱିକୃତ ବୋଲି ସୁନିଶ୍ଚିତ କରାଯିବା ଆବଶ୍ୟକ । ଆଦିମ ଅଧିବାସୀ ଙ୍କ କର୍ତ୍ତୃତ୍ୱ ଏବଂ ସମ୍ମତି ଅନୁସାରେ ସ୍ଥିତାବସ୍ଥାର ସଂରକ୍ଷଣ ଏବଂ ସେମାନଙ୍କୁ ପ୍ରଭାବିତ କରୁଥିବା ଯେକୌଣସି ନିଷ୍ପତ୍ତିରେ ସେମାନଙ୍କୁ ସଂପୃକ୍ତ କରାଯିବା ଆବଶ୍ୟକ ।

## ଗୁଣସୁତ୍ରୀୟ ସଂବଳ ବା ଜେନେଟିକ ରିସୋର୍ସ ଉପରେ କର୍ତ୍ତୃତ୍ୱ

ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସଂପର୍କରେ ଯେ କୌଣସି ସଂଜ୍ଞା ଆଦିମ ଅଧିବାସୀ ମାନଙ୍କ ନିଜସ୍ୱ ସଂଜ୍ଞା ଆଧାରରେ ହେବା ଆବଶ୍ୟକ । ଆଦିମ ଅଧିବାସୀ ମାନଙ୍କର ସଂଜ୍ଞା ବିଷୟରେ ବାହାର ଲୋକମାନଙ୍କ ମତକୁ ଆଧାର କରାାଯାଇପାରିବ ନାହିଁ । ନୀତିନୀୟମରେ ଆଦିମ ଅଧିବାସୀ ମାନଙ୍କର ସାମାଜିକ ସାଂସ୍କୃତିକ ଜୀବନଶୈଳୀ ଏବଂ ସେମାନଙ୍କ ନିଜସ୍ୱ ସ୍ଥାୟୀ ସମ୍ବଳ ବ୍ୟବହାର କୌଶଳକୁ ସାମିଲ୍ କରାଯିବା ଆବଶ୍ୟକ ।

ସଂପୃକ୍ତ ସମସ୍ତ ଆଦିମ ଅଧିବାସୀ ମାନଙ୍କ ସହ ଆପୋଷ ବୁଝାମଣା ଜରିଆରେ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବା ଉଚିତ । ସୁବିଧା ସୁଯୋଗ ଗୁଡିକ ଏମିତି ପ୍ରକ୍ରିୟା ସୃଷ୍ଟି କରିବା ଉଚିତ ନୁହେଁ ଯେଉଁଠିକି ଜ୍ଞାନକୁ ଏକ କିଣାବିକା ସାମଗ୍ରୀ ହିସାବରେ ବିବେଚନା କରାଯିବ । କର୍ତ୍ତୃତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଗୁଆ ଜ୍ଞାନସାର ଅନୁମତି ବିନା କର୍ତ୍ତୃତ୍ୱକୁ ଅଗ୍ରାହ୍ୟ କରିବାର ଅଧିକାରଏବଂ ଆଦିମ ଅଧିବାସୀ ଅଂଚଳରେ କାର୍ଯ୍ୟକ୍ରମ ଗୁଡିକ ଉପରେ ନିୟନ୍ତ୍ରଣ ହିଁ ସାର୍ବଭୌମ । ଏହାକୁ ଯଦି ସମ୍ମାନ ଦିଆଯିବ ତାହେଲେ ବ୍ୟବହାର ଓ ଲାଭରେ ସହମତି ଆସିବ ।

## ଆର୍ଥିକ ପ୍ରକ୍ରିୟା

ସମ୍ମିଳନୀରେ ଆମ ଆଦିମ ଅଧିବାସୀ ଓ ଆଦିମ ଅଧିବାସୀ ମାନଙ୍କ ଅଂଚଳ ସଂପର୍କିତ ଆର୍ଥିକ ପ୍ରକ୍ରିୟା ଆମଭିତରୁ ଯେଉଁମାନେ ଏହି ସମସ୍ୟାଯୋଗୁଁ ବିଶେଷ ଭାବେ କ୍ଷତିଗ୍ରସ୍ତ ସେମାନଙ୍କୁ ଲକ୍ଷ୍ୟରଖି କରାଯିବା ଆବଶ୍ୟକ । ଜୈବବିବିଧତା ସୁରକ୍ଷା ପାଇଁ ଆଦିମ ଅଧିବାସୀ ମାନଙ୍କ ସାମର୍ଥ୍ୟର ସୁସ୍ଥ ବିକାଶ ନିମନ୍ତେ ଅତି ସତର୍କତାପୂର୍ଣ୍ଣ ବିଚାର ଓ ପ୍ରସ୍ତୁତି ଆବଶ୍ୟକ । ଗି.ଇ.ଏଫ୍ ଅନୁଦାନ ବିଷୟ ବିଚାର କରିବା ପୂର୍ବରୁ ଅତିରିକ୍ତ ଖର୍ଚ୍ଚକୁ ଉଠାଇ ଦିଆଯିବା ଆବଶ୍ୟକ କାରଣ ତାହା ରହିଲେ ଆର୍ଥିକ ପ୍ରକ୍ରିୟା କାର୍ଯ୍ୟକ୍ଷମ ହୋଇ ପାରିବ ନାହିଁ ।

## ଅନୁଚ୍ଛେଦ ୮ (ଜେ)

ଅନୁଚ୍ଛେଦ ୮ (ଜେ)ର ପ୍ରଥମ ଆପ୍ତବାକ୍ୟ 'ଜାତୀୟ ବିଧେୟକ ଆଧାରରେ' ବିଷୟଟି ସୀମାବଦ୍ଧ । ଏହାକୁ ଅଧିକ ଗଠନମୂଳକ ଭାବେ ପ୍ରକାଶ କରିହେବ ଯେ, ଜାତୀୟ ବିଧେୟକ ଏହି ଅନୁଚ୍ଛେଦର ନୀୟମ ଗୁଡିକୁ ସୁରକ୍ଷା ଦେବା ଉଚିତ ।

ବୌଦ୍ଧିକ ସଂପତ୍ତି ଅଧିକାର ଦୃଷ୍ଟିକୋଣରୁ ଅନୁଚ୍ଛେଦ ୮ (ଜେ) ବୌଦ୍ଧିକ ଶବ୍ଦର ଅର୍ଥକୁ ଅଧିକ ବ୍ୟାପକ କରି ଦେଇଛନ୍ତି । ଆଦିମ ଅଧିବାସୀଙ୍କ ସୃଜନ ଏବଂ ବ୍ୟବହାର ପ୍ରଥା କେବଳ ବୌଦ୍ଧିକ ନୁହେଁ ବରଂ ପ୍ରସ୍ତାବନାରେ ଦର୍ଶାଯାଇଥିବା ଜୈବବିବିଧତା ସମ୍ବଳ ଉପରେ ନିର୍ଭରଶୀଳତାକୁ ସୂଚାଉଛି । ପ୍ରକୃତରେ ସମ୍ମିଳନୀର ଭାଷା, ସମ୍ବଳ ଉପରେ କର୍ତ୍ତୃତ୍ୱ, ସଂସ୍କୃତି ସହ ଗୁନ୍ଥିହେବା, ବୌଦ୍ଧିକ, ବୈଜ୍ଞାନିକ ଜ୍ଞାନ ଏବଂ ଅଭ୍ୟାସଗତ ପ୍ରଥା ଆଦି ବିଷୟରେ ବ୍ୟାପକ ସଂଜ୍ଞା ନିର୍ଦ୍ଧାରଣ କରୁଛି ।

ଜାତୀୟ ବିଧେୟକ ଠାରୁ କାର୍ଯ୍ୟକାରୀତା ଆରମ୍ଭ ହେବ । ରାଷ୍ଟ୍ର ଉଭୟ ଆନ୍ତର୍ଜାତୀୟ ( ୟୁ.ଏନ.ଡି.ଆର୍.ଆଇ.ପି. ଜରିଆରେ ) ଏବଂ ଜାତୀୟ ( ବିଭିନ୍ନ ବିଧେୟକ ବ୍ୟବସ୍ଥାରେ) ଆଦିମ ଅଧିବାସୀ ମାନଙ୍କ ଅଧିକାରକୁ ସମ୍ମାନ ଦେବା ଉଚିତ । ଆଦିମ ଅଧିବାସୀ ଙ୍କ ଜ୍ଞାନ, ସୃଜନ ଏବଂ ଅଭ୍ୟାସଗତ ପ୍ରଥା ଗୁଡିକୁ ସମ୍ମାନ ଦେବା, ସଂରକ୍ଷଣ କରିବା ଏବଂ ପରିଚାଳନା କରିବା ନିମନ୍ତେ ବିଧିବ୍ୟବସ୍ଥା ହେବା ଆବଶ୍ୟକ ।

ଆଦିମ ଅଧିବାସୀ ମାନଙ୍କ ସହିତ ଆଲୋଚନା ପ୍ରକ୍ରିୟାରେ ସଚିବାଳୟ ଦ୍ୱାରା ଜାତୀୟ ବିଧେୟକର ରୂପରେଖ ପ୍ରସ୍ତୁତ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ନିଜସ୍ୱ ଶୈଳୀରେ ସ୍ୱତନ୍ତ୍ର ଅଧିକାର ବିଷୟ ଆଲୋଚନାକୁ ଆସିପାରେ । ଯଦି ଆଦିମ ଅଧିବାସୀମାନେ ଏହି ପ୍ରଣାଳୀକୁ ସମର୍ଥନ କରନ୍ତି ତାହେଲେ ନିଜସ୍ୱ ଶୈଳୀରେ ସ୍ୱତନ୍ତ୍ର ଅଧିକାର ଆଦିମ ଅଧିବାସୀ ମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବ ଏବଂ ଆଦିମ ଅଧିବାସୀ ମାନଙ୍କ ସମ୍ବଳକୁ ଲୁଣ୍ଠନ କରିବା ପାଇଁ ରାଷ୍ଟ୍ର ସରକାର ଗୁଡିକ କେବଳ କିଛି ସୁବିଧା ଯୋଗାଇ ଦିଅନ୍ତୁ ନାହିଁ ।

## ୭ – ଶେଷକଥା

ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କର ସହଭାଗୀତା ଏକ ପୂର୍ଣ୍ଣ ଏବଂ ଅର୍ଥପୂର୍ଣ୍ଣ ପ୍ରକ୍ରିୟାରେ ହେବା ଆବଶ୍ୟକ । ପକ୍ଷ ଗୁଡିକ କେବଳ ସମ୍ମିଳନୀ ଏବଂ ଆଦିମ ଅଧିବାସୀ ମାନଙ୍କର ପ୍ରଶ୍ନ ଗୁଡିକର ସମାଧାନ କରିବାକୁ ଉଦ୍ୟମ କରିବା ଅନୁଚିତ । ସେମାନେ ଏକ ପ୍ରକ୍ରିୟା ତିଆରି କରିବା ଆବଶ୍ୟକ ଯଦ୍ୱାରା ଚୁକ୍ତି ଭିତ୍ତିକ ସର୍ତ୍ତ ଗୁଡିକ ନ୍ୟାୟପୂର୍ଣ୍ଣ ଏବଂ ଗଠନମୂଳକ ଭାବେ କାର୍ଯ୍ୟକାରୀ ହୋଇପାରିବ । ଆଦିମ ଅଧିବାସୀ ମାନଙ୍କୁ ସେମାନଙ୍କ ନିଜ ବୁଝାମଣାରେ ଅଧିକାର, ଜ୍ଞାନକୌଶଳ ଏବଂ ଜୈବବିବିଧତା ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ସାହାଯ୍ୟ କରିବାକୁ ଜରୁରୀ ସହାୟତା ଆବଶ୍ୟକ ।



**ପ୍ରୟୋଗ – ୩**

କର୍ମଶାଳା – ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର (ୟୁ.ଏନ.ଡି.ଆର୍.ଆଇ.ପି.) ସହିତ ସି.ବି.ଡି ର ତୁଳନା ( ୧ ଘଣ୍ଟା )

ପ୍ରକ୍ରିୟା

୧. ଅଂଶଗ୍ରହଣକାରୀମାନେ ଛୋଟ ଦଳରେ ଭାଗ ହୋଇଯିବେ ।
୨. ଏହି ପ୍ରଶ୍ନ ଗୁଡିକର ଉତ୍ତର ରଖିବା ପାଇଁ ଦଳ ଗୁଡିକୁ ୩୦ ମିନିଟ୍ ଲେଖାଏଁ ସମୟ ଦିଆଯିବ । ସି.ବି.ଡି. ଅନ୍ତର୍ଭୁକ୍ତ ଆଦିମ ଅଧିବାସୀ ମାନଙ୍କର ସ୍ୱାର୍ଥ ବା ଉଦ୍‌ବିଗ୍ନତାକୁ ସମାଧାନ କରିବା ପାଇଁ ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ରକୁ କିପରି ବ୍ୟବହାର କରାଯାଇପାରିବ ।
୩. ଉତ୍ତର ଗୁଡିକ ଏକ କାଗଜରେ ଲିପିବଦ୍ଧ କରାଯାଏ ଏବଂ ଦଳର ଜଣେ ଲେଖାଏଁ ସଦସ୍ୟ ଏହାକୁ ଉପସ୍ଥାପନ କରନ୍ତୁ ।
୪. ତାଲିମ୍ ସହାୟକ ଆଲୋଚନାର ସାରାଂଶ ଉପସ୍ଥାପନ କରି ଅଧିବେଶନ ସମାପ୍ତ କରନ୍ତୁ ।

# ମଡ୍ୟୁଲ ୪

## ଆଦିମ ଅଧିବାସୀଙ୍କ ଆନ୍ଦୋଳନ ଏବଂ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )

**ଉଦ୍ଦେଶ୍ୟ ସମୂହ**

୧. ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )ର ଇତିହାସ ସଂପର୍କରେ ଆଲୋଚନା ଏବଂ ଜୈବ ବିବିଧତା ସମ୍ମିଳନୀର କାର୍ଯ୍ୟରେ ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣ ସଂପର୍କରେ ଆଲୋଚନା ।

୨. ଆଇ.ଆଇ.ଏଫ୍.ବି. ର ଲକ୍ଷ୍ୟ ଓ ଭୂମିକା ସଂପର୍କରେ ବୁଝିବା ଏବଂ ଏହା କିପରି କାର୍ଯ୍ୟକରୁଛି ତାହା ଜାଣିବା ।

୩. ଆଇ.ଆଇ.ଏଫ୍.ବି. ର ଦିଗ ଏବଂ ଭବିଷ୍ୟତ ସଂପର୍କରେ ସଚେତନ ହେବା ଏବଂ ଏଥିରେ କିପରି ଆଦିମ ଅଧିବାସୀ ମାନେ ଅଂଶ ଗ୍ରହଣ କରିବା ତାହା ଜାଣିବା ।

**ତାଲିମ ସାମଗ୍ରୀ**

- ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ - ପାୱାରପଏଣ୍ଟ
- www.indigenousportal.comରୁ ସଂଗୃହିତ ଫଟୋଚିତ୍ର
- ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ବକ୍ତବ୍ୟର କିଛି ନମୁନା

**ସମୟ**

୨ ଘଣ୍ଟା

## ବିଷୟଗତ ଆଲୋଚନା ( ୧.୩୦ ମିନିଟ୍)

### ୧ - ଉପକ୍ରମ

ଜୈବବିବିଧତା ସମ୍ମିଳନୀ ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କର ଅଧିକାର ସଂପର୍କରେ ଓକିଲାତି କରିବା ପାଇଁ ଆଦିମ ଅଧିବାସୀ ସଂଗଠନ ଏବଂ ଆନ୍ଦୋଳନ ଗୁଡିକ ବହୁ ବର୍ଷ ଧରି ସକ୍ରିୟ ଅଛନ୍ତି । ସେମାନେ ପ୍ରାଥମିକ ଭାବେ ଏହା ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ଜରିଆରେ କରୁଥିଲେ, ଯାହାକି ସି.ବି.ଡି ର ବୈଠକ ଗୁଡିକରେ ଅଂଶଗ୍ରହଣ କରିବା ପାଇଁ ପ୍ରତିନିଧି ବାଛିବାର ଏକ ପ୍ରଣାଳୀ ଥିଲା । ବିଗତ ବର୍ଷ ଗୁଡିକରେ ସି.ବି.ଡି ରେ ଆଦିମ ଅଧିବାସୀ ମାନଙ୍କ ଅଂସଗ୍ରହଣ କିପରି କ୍ରମ ବିକାଶ ଘଟିଛି ଏବଂ  ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ଆଦିମ ଅଧିବାସୀଙ୍କ ସମସ୍ୟା ଗୁଡିକୁ ସି.ବି.ଡି ର ପରିସର ଭୁକ୍ତ କରିବା ପାଇଁ କିପରି କାର୍ଯ୍ୟ କରିଛି  ଏହି ବିଷୟଟିରେ ତାହା ବର୍ଣ୍ଣନା କରାଯାଇଛି ।

## ୨ – ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )ର ଇତିହାସ

ନାସାଉ ରେ ଅନୁଷ୍ଠିତ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.) ର ପ୍ରଥମ ବୈଠକ ଏବଂ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଦ୍ୱିତୀୟ ବୈଠକରେ ଆଦିମ ଅଧିବାସୀଙ୍କ ଯୋଗଦାନ ଅତି ନଗଣ୍ୟ ଥିଲା । ଆଦିମ ଅଧିବାସୀ ମାନଙ୍କର ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.)ର ବିତର୍କରେ ଅଂଶଗ୍ରହଣ କରିବାର ଅଧିକାର ରହିଛି ବୋଲି ପକ୍ଷ ଗୁଡିକ ଉପରେ ଚାପପ୍ରୟୋଗ ପାଇଁ ପଦକ୍ଷେପ ଆରମ୍ଭ ହେଲା ।

୧୯୯୬ରେ ଏଇରିସ୍‌ର ବୁଏନୋସ୍ ଠାରେ ଅନୁଷ୍ଠିତ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.) ତୃତୀୟ ବୈଠକରେ ସମ୍ମିଳନୀର ଆଲୋଚନା ସୂଚୀରେ ପାରଂପରିକ ଜ୍ଞାନ ସଂପର୍କିତ ୮ (ଜେ)କୁ ସଂଯୁକ୍ତ କରାଗଲା । ଏହା ଆଦିମ ଅଧିବାସୀ ସଂଗଠନ ଗୁଡିକୁ ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କର ଅଂଶଗ୍ରହଣ ପାଇଁ ସୁଯୋଗ ଆଣିଲା । ସେମାନେ ଏହି ସମ୍ମିଳନୀ ପୂର୍ବରୁ ଜାତୀୟ ଏବଂ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ସଂଗଠନ ମାନଙ୍କର ଏକ ପ୍ରସ୍ତୁତି ବୈଠକ ଡକାଇଲେ । ଏହି ଆନ୍ତର୍ଜାତୀୟ ଆଦିମ ଅଧିବାସୀ ମହାସଭାକୁ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ବୋଲି କୁହାଗଲା ।

ଏହି ପ୍ରଥମ ଆନ୍ତର୍ଜାତୀୟ ମହାସଭାର ଆବାହକ ଥିଲେ ଆଦିମ ଅଧିବାସୀ ସଂଗଠନମାନେ ( ଯଥା – ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲର ଆଦିମ ଅଧିବାସୀ ଏବଂ ଆଦିବାସୀଙ୍କ ଆନ୍ତର୍ଜାତୀୟ ସାମୁଖ୍ୟ ) । ସେମାନେ ବିଭିନ୍ନ ଅଂଚଳ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ସହ ଆର୍ଜେଣ୍ଟିନାର ସ୍ଥାନୀୟ ଆଦିମ ଅଧିବାସୀ ସଂଗଠନ ଗୁଡିକୁ ଯୋଗାଯୋଗ କଲେ । ଏହି ଆନ୍ତର୍ଜାତୀୟ ବୈଠକରେ ଆବାହକ ମାନେ ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣକୁ ନେଇ ଆଞ୍ଚଳିକ ସନ୍ତୁଳନ ରଖିଥିଲେ ।

ସମ୍ମିଳନୀରେ ଆଦିମ ଅଧିବାସୀଙ୍କ ଜ୍ଞାନକୁ ନେଇଥିବା ବିଭିନ୍ନ ସମସ୍ୟା, ଉପାୟ ଏବଂ ଉପାଦାନ ବିଷୟରେ ସ୍ଥିର କରିବାକୁ ନେଇ ୧୯୯୭ ମସିହାରେ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.) ପାରଂପରିକ ଜ୍ଞାନ ସଂପର୍କିତ ମାଦ୍ରିଦ୍ ଠାରେ ଏକ କର୍ମଶାଳାର ଆୟୋଜନ କରିଥିଲେ । ଆଦିବାସୀ ସଂଗଠନ ଗୁଡିକ ପୁଣିଥରେ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ବୈଠକ ଡକାଇଲେ ଏବଂ ବୈଷୟିକ କୌଶଳରେ ସେମାନଙ୍କ କାର୍ଯ୍ୟଗୁଡିକୁ ସଂଯୋଜିତ କଲେ । ଏଥିରେ ସାରା ବିଶ୍ୱର ୩୦୦ ଆଦିମ ଅଧିବାସୀ ପ୍ରତିନିଧି ଯୋଗ ଦେଇଥିଲେ । ସେମାନେ ଏକ ମିଳିତ ଭାବରେ ଏକ ହୋଇ ଆଲୋଚନାରେ ସେମାନଙ୍କ ଅଂଶଗ୍ରହଣର ନିଶ୍ଚିତତା ର ଏକ କୌଶଳ ହିସାବରେ ଅନୁଚ୍ଛେଦ ୮ (ଜେ) ଏବଂ ତତ୍ ସଂପର୍କିତ ବ୍ୟବସ୍ଥା ନିମନ୍ତେ ଏକ ମୁକ୍ତ କାର୍ଯ୍ୟକାରୀ ଦଳ ଗଠନ କରିବାକୁ ପକ୍ଷ ଗୁଡିକ ନିକଟରେ ଯୁକ୍ତି ଉପସ୍ଥାପନ କଲେ ।

୧୯୯୮ ମସିହାରେ ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.)ର ଚତୁର୍ଥ ବୈଠକ ପୂର୍ବରୁ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ପୁଣି ଏକ ପ୍ରସ୍ତୁତି ବୈଠକ ଆୟୋଜନ କଲେ । କେତେକ ପକ୍ଷଭୁକ୍ତ ଦେଶର ବିରୋଧ ସତ୍ତ୍ୱେ ଆଦିମ ଅଧିବାସୀ ସଂଗଠନ ଏବଂ ସେମାନଙ୍କ ବନ୍ଧୁ ରାଷ୍ଟ୍ର ଗୁଡିକର ମିଳିତ ଉଦ୍ୟମ ଯୋଗୁଁ ଅନୁଚ୍ଛେଦ ୮ (ଜେ) ଅନୁଯାୟୀ ମୁକ୍ତ କାର୍ଯ୍ୟକାରୀ ଦଳ ଗଠନ ହେଲା । ଏହା ଜୈବବିବିଧତା ସମ୍ମିଳନୀ ( ସି.ବି.ଡି.) ସଂପର୍କରେ ଏକ ବିରାଟ ବିଜୟ ଥିଲା ।

ସେବେଠାରୁ ସମ୍ମିଳନୀ ଏବଂ ପ୍ରତ୍ୟେକ କାର୍ଯ୍ୟକାରୀ ଦଳର ବୈଠକ ପୂର୍ବରୁ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି ) ଏହାର ବୈଠକ କରୁଥିଲେ । ଆଇ.ଆଇ.ଏଫ୍.ବି ଆଦିମ ଅଧିବାସୀ ପ୍ରତିନିଧିଙ୍କ ଏକ ଛୋଟ ଦଳ କର୍ତ୍ତୃତ୍ୱ ଓ ଲାଭାଂଶ ବଣ୍ଟନ ଏବଂ ସଂରକ୍ଷଣ ସଂପର୍କିତ ଆଦିମ ଅଧିବାସୀ କମିଟି ଦ୍ୱାରା ସୁରକ୍ଷିତ ଅଂଚଳ ଗୁଡିକରେ କାର୍ଯ୍ୟକାରୀଦଳ ବୈଠକକୁ ତଦାରଖ କରନ୍ତି ।

ଆଇ.ଆଇ.ଏଫ୍.ବି ର ଏକ ଅଂଶ ହିସାବରେ ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ଗଠିତ । ଏହା ଆଇ.ଆଇ.ଏଫ୍.ବି ର ମାର୍ଚ୍ଚ ୨୦୦୦ ମସିହାରେ ସେଭିଲ ଠାରେ ଅନୁଷ୍ଠିତ ଚତୁର୍ଥ ବୈଠକରେ ଗଠିତ ହେଲା । ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ଆଇ.ଆଇ.ଏଫ୍.ବି ଦ୍ୱାରା ଆହୁତ ସମସ୍ତ ବୈଠକରେ ଅଂଶଗ୍ରହଣ କରିଥାଏ । ଏବଂ ଆଦିମ ଅଧିବାସୀ ମହିଳାଙ୍କ ଦୃଷ୍ଟିକୋଣରୁ ସମ୍ମିଳନୀର ନିଷ୍ପତି ଏବଂ ଆଲୋଚନା ଗୁଡିକରେ ଲିଙ୍ଗଗତ ପ୍ରାଧାନ୍ୟ ବିଷୟ ଗୁଡିକୁ ସନ୍ନିବେଶିତ କରିଥାଏ । ମାସାଇ ଗୋଷ୍ଠୀର ଲୁସି ମୁଲେନ୍‌କେଇ ବର୍ତ୍ତମାନ ଏହି ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କର ଅଧକ୍ଷା ଅଛନ୍ତି ।

୨୦୦୦ମସିହାରେ ନାଇରୋବି ଠାରେ ଅନୁଷ୍ଠିତ ଜୈବବିବିଧତା ସମ୍ମିଳନୀର ପଞ୍ଚମ ବୈଠକରେ ଅନୁଚ୍ଛେଦ ୫ (ଜେ)ର କାର୍ଯ୍ୟକାରୀତା ପାଇଁ  ଆଇ.ଆଇ.ଏଫ୍.ବିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କଲେ ଏବଂ ଆନୁଷ୍ଠାନିକ ସ୍ୱିକୃତି ଦେଲେ । ଏହା ଆଦିମ ଅଧିବାସୀ ମାନଙ୍କ ପାଇଁ ଏକ ବୃହତ୍ ବିଜୟ ଥିଲା ଏବଂ ଜୈବବିବିଧତା ସମ୍ମିଳନୀର ବିସ୍ତୃତ କାର୍ଯ୍ୟକ୍ରମରେ ଆଦିମ ଅଧିବାସୀ ମାନଙ୍କ ବିଶେଷ ଭାଗୀଦାରିତାକୁ ସହାୟତା ଦେଲା ।

ସମ୍ମିଳନୀର ପଞ୍ଚମ ବୈଠକର ନିଷ୍ପତି ୬/୧୬ ଦର୍ଶାଇଥାଏ ଯେ -

ସମ୍ମିଳନୀର ତୃତୀୟ ବୈଠକରୁ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି ) ଅନୁଚ୍ଛେଦ ୮ (ଜେ) ଓ ସେ ସଂପର୍କିତ ବିଷୟ ଗୁଡିକର କାର୍ଯ୍ୟକାରୀତା ନିମନ୍ତେ ଗ୍ରହଣ କରୁଥିବା ଭୂମିକାକୁ ସ୍ୱିକୃତି ଦେଉଛି ।

ଅନୁଚ୍ଛେଦ ୮ (ଜେ) ଓ ସେ ସଂପର୍କିତ ବିଷୟ ଗୁଡିକର କାର୍ଯ୍ୟକାରୀତା ନିମନ୍ତେ ସମ୍ମିଳନୀକୁ ପରାମର୍ଶ ଦେବା ନିମନ୍ତେ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି ) ଏବଂ ସେହିଭଳି ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ସଂଗଠନ ଗୁଡିକର ସଂପୃକ୍ତିକୁ ଅଂଶୀଦାର ରାଷ୍ଟ୍ର ଏବଂ ସରକାର ଗୁଡିକ ସମର୍ଥନ ଦେବାକୁ ନିମନ୍ତ୍ରଣ କରୁଛି ।

## ୩ – ଜୈବବିବିଧତା ସମ୍ମିଳନୀର କାର୍ଯ୍ୟରେ ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣ

ଜୈବବିବିଧତା ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ଆଦିମ ଅଧିବାସୀ ମାନେ କିପରି  ଅଂଶଗ୍ରହଣ କରିଛନ୍ତି ସେ ସଂପର୍କରେ ବିଭିନ୍ନ ଚିତ୍ର ଏବଂ ତଥ୍ୟଗତ ସହାୟତା ନିଅନ୍ତୁ ।

୧୯୯୪ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆଦିମ ଅଧିବାସୀମାନେ ଜୈବବିବିଧତା ସମ୍ମିଳନୀର କାର୍ଯ୍ୟରେ ଅଂଶଗ୍ରହଣ କରିଆସୁଛନ୍ତି । ଜୈବବିବିଧତା ସମ୍ମିଳନୀର କାର୍ଯ୍ୟରେ ନିମ୍ନ କ୍ରମାନ୍ୱୟରେ ଆନ୍ତର୍ଜାତୀୟ ସ୍ତରରେ ସମ୍ମିଳନୀର ପ୍ରକ୍ରିୟାରେ ଆଦିମ ଅଧିବାସୀ ପ୍ରତିନିଧିମାନେ ସେମାନଙ୍କ ସମସ୍ୟାଗୁଡିକୁ ମିଶାଇବା ପାଇଁ ବିଶେଷ ଭାବେ ସଂଗ୍ରାମ କରିଆସୁଛନ୍ତି ।

| ବର୍ଷ | ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣ ସଂପର୍କିତ ଘଟଣାବଳୀ |
|---|---|
| ୧୯୯୪ - ୧୯୯୫ | ପ୍ରଥମ ଦୁଇଟି ସମ୍ମିଳନୀ ବୈଠକରେ ଆଦିମ ଅଧିବାସୀ ମାନଙ୍କ କମ୍ ଅଂଶଗ୍ରହଣ |
| ୧୯୯୬ | ବୁଏନୋସ୍ ଏଇରେସ୍ ଠାରେ ସମ୍ମିଳନୀର ୩ୟ ବୈଠକ ପୂର୍ବରୁ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ( ଆଇ.ଆଇ.ଏଫ୍.ବି )ର ପ୍ରଥମ ବୈଠକ |
| ୧୯୯୭ | ପାରଂପରିକ ଜ୍ଞାନ ଏବଂ ଜୈବବିବିଧତା ସଂପର୍କିତ କର୍ମଶାଳା - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୧୯୯୮ | ସମ୍ମିଳନୀର ୪ର୍ଥ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୦ | ୮ (ଜେ) ସଂପର୍କିତ କାର୍ଯ୍ୟକାରୀଦଳର ପ୍ରଥମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୦ | ସମ୍ମିଳନୀର ୫ମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୧ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ପ୍ରଥମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୨ | ସମ୍ମିଳନୀର ୬ଷ୍ଠ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୩ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ଦ୍ୱିତୀୟ ବୈଠକ ଏବଂ ୮ (ଜେ) ସଂପର୍କିତ କାର୍ଯ୍ୟକାରୀଦଳର ତୃତୀୟ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୪ | ସମ୍ମିଳନୀର ୭ମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୫ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ତୃତୀୟ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୫ | ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକାରୀ ଦଳର ପ୍ରଥମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୬ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ଚତୁର୍ଥ ବୈଠକ ଏବଂ ୮ (ଜେ) ସଂପର୍କିତ କାର୍ଯ୍ୟକାରୀଦଳର ଚତୁର୍ଥ ବୈଠକ, ସମ୍ମିଳନୀର ୮ମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୭ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ଏବଂ ୮ (ଜେ) ସଂପର୍କିତ କାର୍ଯ୍ୟକାରୀଦଳର ପଞ୍ଚମ ବୈଠକ, - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୮ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ୬ଷ୍ଠ ବୈଠକ, ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକାରୀଦଳର ୨ୟ ବୈଠକ ଏବଂ ସମ୍ମିଳନୀ ଅଂଶୀଦାର ରାଷ୍ଟ୍ରଙ୍କ ୯ମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |
| ୨୦୦୯ | କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀଦଳର ୭ମ ବୈଠକ - ଆଇ.ଆଇ.ଏଫ୍.ବି ର ଆଗୁଆ ବୈଠକ |

## ୪ - ଆଇ.ଆଇ.ଏଫ୍.ବି ର ବୈଧାନିକ ଉଦ୍ଦେଶ୍ୟ ଓ କାର୍ଯ୍ୟ

ଆଇ.ଆଇ.ଏଫ୍.ବି ହେଉଛି ଆଦିମ ଅଧିବାସୀ ମାନଙ୍କର ଏକ ମୁକ୍ତ ମଂଚ । ଏହା ଜୈବବିବିଧତା ପ୍ରକ୍ରିୟାରେ ଆଦିମ ଅଧିବାସୀ ମାନଙ୍କର ଅଧିକାର ହାସଲ ପାଇଁ ସେମାନଙ୍କ ପୂର୍ଣ୍ଣ ଓ ସକ୍ରିୟ ସଂପୃକ୍ତି ପାଇଁ ବୈଧାନିକ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିଥାଏ । ଜୈବବିବିଧତା ସମ୍ମିଳନୀର ଆନୁଷ୍ଠାନିକ ବୈଠକ ପୂର୍ବରୁ ହେଉଥିବା ଆଇ.ଆଇ.ଏଫ୍.ବିର ବୈଠକରେ ଯେକୌଣସି ଆଦିମ ଅଧିବାସୀ ସଂଗଠନ କିମ୍ବା ପ୍ରତିନିଧି ଅଂଶଗ୍ରହଣ କରିପାରିବେ । ଗତ ବର୍ଷଗୁଡିକରେ

ଆଇ.ଆଇ.ଏଫ୍.ବି ଏହାର ଅନ୍ତରିଣ ଏବଂ ସହଭାଗୀ ଅନୁଷ୍ଠାନ ଗୁଡିକ ସହିତ ଯୋଗସୁତ୍ର ରଖି ଜୈବବିବିଧତା ସମ୍ମିଳନୀର ବୈଠକ ଗୁଡିକରେ ଅଂଶଗ୍ରହଣ ପକ୍ରିୟାକୁ ଦୃଢ କରିଚାଲିଛି ।

- ଜୈବବିବିଧତା ସମ୍ମିଳନୀ ପାଇଁ ଆଇ.ଆଇ.ଏଫ୍.ବିର କାର୍ଯ୍ୟ ଓ ଅଂଶଗ୍ରହଣର କେତେକ ମାଧମ ହେଲା –
- ଆଦିମ ଅଧିବାସୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ କାହାଣୀ ଗୁଡିକ ସଂପର୍କରେ ଗବେଷଣା ଏବଂ ଉପସ୍ଥାପନା
- ବୈଠକ ଗୁଡିକରେ ସହ-ଅଧକ୍ଷ, ଅନୁବନ୍ଧିତ ଦଳ, ସଂଯୋଜନା ଦଳ, ଅସ୍ଥାୟୀ ବିଶେଷଜ୍ଞ କମିଟି ଏବଂ ବାଚସ୍ପତି ଭାବରେ ଯୋଗଦାନ ।
- ଜୈବବିବିଧତା ସମ୍ମିଳନୀ ପ୍ରକ୍ରିୟାର ଅଗ୍ରଗତି ଏବଂ ଆଦିମ ଅଧିବାସୀ ମାନଙ୍କ ଉଦ୍‌ବିଘ୍ନତା ସଂପର୍କରେ ସମ୍ବାଦ ବିବରଣୀ ପ୍ରକାଶ
- ସୂଚକ, ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ଆଦି ବିଭିନ୍ନ ବିଷୟ ଏବଂ କାର୍ଯ୍ୟ ସଂପର୍କରେ କାର୍ଯ୍ୟଦଳ ଗଠନ ଏବଂ ସଂରକ୍ଷଣ ସଂପର୍କିତ ଆଦିମ ଅଧିବାସୀ ସଂଯୋଜନା କମିଟି ( ଆଇ.ପି.ସି.ସି.ସି )ଗଠନ ।
- ଗଣଯୋଗାଯୋଗ କାର୍ଯ୍ୟ
- ବିଭିନ୍ନ ଚୁକ୍ତିଗତ ଆଲୋଚନା ସମୟରେ ପ୍ରଭାବିତ କରିବା କୌଶଳ ନିର୍ଦ୍ଧାରଣ
- ସି.ବି.ଡି ବୈଠକ ସମୟରେ ବିଭିନ୍ନ ସମାନ୍ତରାଳ ବୈଠକର ଆୟୋଜନ କରିବା ।

ଆଇ.ଆଇ.ଏଫ୍.ବି ଏହାର ଅନ୍ତରିଣ ଏବଂ ଅଧିବେଶନରେ ଭାଗ ନେଉଥିବା ସଂଗଠନ ଗୁଡିକର ମଜଭୁତିକରଣ ପାଇଁ ଯୋଗାଯୋଗ ଓ ସଂଯୋଜନା କମିଟି ଆଦି ଭଳି ଆଂଚଳିକ କମିଟି ଗଠନର ବ୍ୟବସ୍ଥା ମାନ କରିବାକୁ ପଦକ୍ଷେପ ନେଇଛି, ତେବେ ତାହା ସଂପୂର୍ଣ୍ଣ ସଫଳ ହୋଇପାରିନାହିଁ । ଏହା ସୂଚକ, ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ଆଦି ବିଭିନ୍ନ ବିଷୟ ଏବଂ କାର୍ଯ୍ୟ ସଂପର୍କରେ କାର୍ଯ୍ୟଦଳ ଗଠନ ଏବଂ ସଂରକ୍ଷଣ ସଂପର୍କିତ ଆଦିମ ଅଧିବାସୀ ସଂଯୋଜନା କମିଟି ( ଆଇ.ପି.ସି.ସି.ସି )ଗଠନ ଦିଗରେ ବେଶ୍ ସଫଳତା ହାସଲ କରିଛି । ବର୍ତ୍ତମାନ ଆଇ.ଆଇ.ଏଫ୍.ବି ଜୈବବିବିଧତା ସମ୍ମିଳନୀ ପୂର୍ବରୁ ଏବଂ ସମୟରେ ଏହାର କାର୍ଯ୍ୟ ସଂଯୋଜନା କରିବା ପାଇଁ ଅସ୍ଥାୟୀ କମିଟି ମାନ ଗଠନ ସଂପର୍କରେ ବିଶେଷ କାର୍ଯ୍ୟ କରୁଛି । ଏହାର ନେତୃତ୍ୱରେ ପରିବର୍ତ୍ତନ ପ୍ରକ୍ରିୟା ଅନୁସରଣ କରିବା ପାଇଁ ଆଇ.ଆଇ.ଏଫ୍.ବି ନିଷ୍ପତ୍ତି ଗ୍ରହଣ କରିଛି ।

## ୪ – ଆଇ.ଆଇ.ଏଫ୍.ବି ସଂପର୍କରେ ବାସ୍ତବିକ ତଥ୍ୟ

ଆଇ.ଆଇ.ଏଫ୍.ବି ଜୈବବିବିଧତା ବୈଠକ ଗୁଡିକରେ ଆଦିମ ଅଧିବାସୀ ମାନଙ୍କ ସଂପର୍କିତ କୌଶଳ ନିର୍ଦ୍ଧାରଣ ଏବଂ ସଂଯୋଜନା ପାଇଁ ଆଦିମ ଅଧିବାସୀ ମାନଙ୍କର ଏକ ପ୍ରଭାବଶାଳୀ ସଂଗଠନ ହିସାବରେ ଏହା କାର୍ଯ୍ୟକରୁଛି । ସମସ୍ତ ବୈଠକ ଗୁଡିକରେ ଆଦିମ ଅଧିବାସୀ ମାନଙ୍କର ଏକ ସମ୍ମିଳିତ ସ୍ୱର ଉପସ୍ଥାପନା ପାଇଁ ଆଇ.ଆଇ.ଏଫ୍.ବି ସବୁବେଳେ ଧ୍ୟାନ ଦେଇଥାଏ । ଜୈବବିବିଧତା ସମ୍ମିଳନୀ ( ସି.ବି.ଡି )ରେ ସମସ୍ତ ଆଦିମ ଅଧିବାସୀ ମାନେ ଅଂଶଗ୍ରହଣ କରିପାରିବେ ତେବେ ଅନ୍ୟ କୌଣସି ସଂଗଠନ ହିସାବରେ ନୁହେଁ । ବିଭିନ୍ନ ଫୋରମ୍‌ର ଆବାହକ ଏବଂ ଆଲୋଚନାରେ ଅଧକ୍ଷତା କରିବା ପାଇଁ ସହ-ଅଧକ୍ଷ ମାନଙ୍କୁ ବଛାଯାଇଥାଏ । ସମ୍ମିଳନୀ ବୈଠକରେ ଆଦିମ ଅଧିବାସୀ ମାନଙ୍କ ଯୋଗଦାନର ପ୍ରସ୍ତୁତି ଏବଂ ସଂଯୋଜନା ପାଇଁ ଆଞ୍ଚଳିକ ବିହୟ ଗୁଡିକୁ ଲକ୍ଷ୍ୟରଖି ଏକ ଅସ୍ଥାୟୀ ସଂଯୋଜନା କମିଟି ଗଠନ କରାହୋଇ ଆସୁଛି ।

ତଥ୍ୟ ପ୍ରଦାନ ଏବଂ ଆଦିମ ଅଧିବାସୀଙ୍କ ସଂଯୋଜିତ ପଦକ୍ଷେପ ଗୁଡିକ ସଂପର୍କରେ ଆଇ.ଆଇ.ଏଫ୍.ବି ଅଧିନରେ ଥିବା ଜାତିସଂଘର ସ୍ଥାୟୀ ଫୋରମ୍ ଦ୍ୱାରା ଚିହ୍ନିତ ୭ ବିଶ୍ୱ ଅଂଚଳ ଯଥା – ଲାଟିନ୍ ଆମେରିକା ଏବଂ କାରିବିଏନ୍, ଆଫ୍ରିକା, ଏସିଆ, ପ୍ରଶାନ୍ତ ମହାସାଗରୀୟ, ଅମେରିକା, ସୁମେରୁ ଅଂଚଳ ଏବଂ ରୁଷିଆ  ଆଦି ଆଂଚଳିକ ପ୍ରଭାବଶାଳୀ ସଂଗଠନ ଗୁଡିକର ବୈଠକ ମଧ୍ୟ ହୋଇଥାଏ ।

ବର୍ତ୍ତମାନ ସି.ବି.ଡି ର ସ୍ୱତନ୍ତ୍ର ବିଷୟ ଗୁଡିକୁ ନେଇ ବିଭିନ୍ନ ଆଗ୍ରହୀ ଆଦିମ ଅଧିବାସୀ ସଂଗଠନ ଗୁଡିକ ଦ୍ୱାରା କାର୍ଯ୍ୟକ୍ରମ ଗ୍ରହଣ ପାଇଁ ସଂଗଠନ ମଜଭୁତ କରିବା , ନେଟ୍‌ୱାର୍କିଂ କରିବା ଏବଂ ସହାୟତା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହା ଫଳରେ ସଂରକ୍ଷଣ ସଂପର୍କିତ ଆଦିମ ଅଧିବାସୀ କମିଟି, ସୂଚକ ସଂପର୍କିତ ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳ ଏବଂ ଯୋଗାଯୋଗ, ଶିକ୍ଷା ଓ ଜନସଚେତନତା କାର୍ଯ୍ୟକାରୀ ଦଳ ମାନ ଗଠନ କରାଯାଇ ପାରିଛି ।

୨୦୧୦ ମସିହା ଜୈବବିବିଧତା ଲକ୍ଷ୍ୟ ଏବଂ ଶତାବ୍ଦୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ସି.ବି.ଡି ର କୌଶଳଗତ ଯୋଜନାରେ ସୂଚକ ନିର୍ଦ୍ଧାରଣ ପାଇଁ ଜାନୁୟାରୀ ୨୦୦୬ ମସିହାରେ ସୂଚକ ସଂପର୍କିତ ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳ ସ୍ଥାପନ କରାଗଲା । ବିଶ୍ୱର ବିଭିନ୍ନ ଅଂଚଳରୁ ଆଦିମ ଅଧିବାସୀ ସଂଗଠନ ଗୁଡିକର ଭାଗୀଦାରିତାରେ ଗଠିତ ଏହି କାର୍ଯ୍ୟକାରୀ ଦଳରେ କାର୍ଯ୍ୟ ତଦାରଖ ପାଇଁ ଏକ ସଂଯୋଜନା କମିଟି ରହିଛି । ଏହି କାର୍ଯ୍ୟକାରୀ ଦଳର ସଂପାଦନା ସେବା ତେବ୍‌ତେତା ପ୍ରଦାନ କରୁଛି । ୨୦୦୭ ମସିହା ମାର୍ଚ୍ଚ ମାସରେ ଫିଲିପିନ୍‌ସର ବାନାଉଏ ଠାରେ ସୂଚକ ସଂପର୍କିତ ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳ ଜଣେ ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କୁ ନେଇ ଆଂଚଳିକ ଏବଂ ବିଷୟଗତ କର୍ମଶାଳାର ପ୍ରକ୍ରିୟା ସଂଯୋଜନା କରିଥିଲା । ଏହି କର୍ମଶାଳାର ରିପୋର୍ଟ ୮(ଜେ) କାର୍ଯ୍ୟକାରୀ ଦଳକୁ ସମ୍ମିଳନୀର ୧୦ ମ ଅଧିବେଶନରେ ବିଶ୍ୱ ସୂଚକ ହିସାବରେ ଗ୍ରହଣ ପାଇଁ ଜାତୀୟ ପ୍ରସ୍ତାବିତ ସୂଚକ ସୁପାରିଶ ଭାବରେ ଅକ୍ଟୋବର ୨୦୦୭ ମସିହାରେ ପ୍ରଦାନ କରାଗଲା ।

ଏକ ଆଦିମ ଅଧିବାସୀ ଶିକ୍ଷକ କର୍ମଶାଳା କରାଯାଇ ସି.ଇ.ପି.ଏ ସଂପର୍କିତ  ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳ ଗଠନ ସମ୍ମିଳନୀର ୮ମ ଅଧିବେଶରେ ମାର୍ଚ୍ଚ ୨୦୦୬ ମସିହାରେ କରାଗଲା । ଏହି କର୍ମଶାଳାରେ ଆଦିମ ଅଧିବାସୀ ଏବଂ ସି.ବି.ଡି ସଂପର୍କରେ ଏକ ପ୍ରାଥମିକ ମଡ୍ୟୁଲ ଏବଂ ସି.ଇ.ପି.ଏ ସଂପର୍କିତ  କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଗଲା । ସଭ୍ୟମାନେ ଅକ୍ଟୋବର ୨୦୦୭ ମସିହା ଏବଂ ଜାନୁୟାରୀ ୨୦୦୮ ମସିହାରେ ତାଲିମଦାତା ଶିକ୍ଷକ ମାନଙ୍କ ପାଇଁ ଏକ ତାଲିମ ନିମନ୍ତେ ଜର୍ମାନୀର ବନ୍ ଠାରେ ଏକତ୍ରିତ ହେଲେ ଏବଂ ସମ୍ମିଳନୀର ୯ମ ଅଧିବେଶନ ପରବର୍ତ୍ତୀ ଏବଂ ନେଟ୍‌ୱାର୍କ କାର୍ଯ୍ୟକ୍ରମ ସଂପର୍କିତ ଆଲୋଚନା ମଧ୍ୟ କଲେ ।

ସି.ବି.ଡି.ରେ ଆଦିମ ଅଧିବାସୀ ଅଂଶଗ୍ରହଣକାରୀ ମାନଙ୍କ ଅଂଶଗ୍ରହଣ ନିମନ୍ତେ ଆର୍ଥିକ ସହାୟତା ସି.ବି.ଡି. ଅଂଶଗ୍ରହଣ ପାଇଁ ସ୍ୱେଚ୍ଛାକୃତ ଅନୁଦାନରୁ ମିଳିଲା । ଅସ୍ଥାୟୀ ସଂଯୋଜକ ଦଳ ଦ୍ୱାରା ମଧ୍ୟ ଅନ୍ୟାନ୍ୟ ସୂତ୍ରରୁ ଅନୁଦାନ ସଂଗ୍ରହ କରାଗଲା ।

## ୬ – ଆଇ.ଆଇ.ଏଫ୍.ବିର ଭବିଷ୍ୟତ ଏବଂ ଦିଗ

ବର୍ତ୍ତମାନ ଆଇ.ଆଇ.ଏଫ୍.ବିର ଭବିଷ୍ୟତ ପାଇଁ ନିମ୍ନ ନିରୂପିତ ଆବଶ୍ୟକତା ଗୁଡିକ ପାଇଁ ପଦକ୍ଷେପ ନେବା ଜରୁରୀ

- ସି.ବି.ଡି କୁ ଜାତୀୟ ଓ ଗ୍ରାମ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା, ଯଦ୍ୱାରା ଅଧିକରୁ ଅଧିକ ଆଦିମ ଅଧିବାସୀ ଏଥିସହ ସଂପୃକ୍ତ ହୋଇ ପାରିବେ । ଆସନ୍ତା ଦଶବର୍ଷ ପାଇଁ ସି.ବି.ଡି କାର୍ଯ୍ୟକାରୀତା ଜାତୀୟ ସ୍ତରରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ।

- ଆଦିମ ଅଧିବାସୀ ସଂଗଠନ ଗୁଡିକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ମାନ ଗ୍ରହଣ କରିବା ଏବଂ ଅଧିକରୁ ଅଧିକ ଶିକ୍ଷା ଓ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ଯାହାଫଳରେ ଅଧିକ ସ୍ଥାନୀୟ ସଂଗଠନ ଗୁଡିକ ସି.ବି.ଡି କାର୍ଯ୍ୟକ୍ରମ ସହିତ ସଂପୃକ୍ତ ହୋଇପାରିବେ ।
- ସ୍ଥାନୀୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଆଦିମ ଅଧିବାସୀ ମାନଙ୍କର ସ୍ଥାନକୁ ଅଧିକ ସଂଗଠିତ ଏବଂ ଉନ୍ନତ କରାଯିବା ଆବଶ୍ୟକ ।
- ଆଇ.ଆଇ.ଏଫ୍.ବି ସହ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସ୍ଥାନୀୟ ବିଶେଷଜ୍ଞ, ସ୍ଥାନୀୟ ଅଧିକାରୀ ଏବଂ ରାଜନୈତିକ ସଂଗଠନ ଗୁଡିକର ସନ୍ତୁଳିତ ପ୍ରତିନିଧିତ୍ୱ ଥାଇ ଆଂଚଳିକ କାର୍ଯ୍ୟଦଳ ଗଠନ କରାଯିବା ଆବଶ୍ୟକ ।
- ସି.ବି.ଡିର ସମସ୍ତ ପ୍ରକ୍ରିୟାରେ ସ୍ୱିକୃତି ପ୍ରାପ୍ତ ହୋଇ ଆଇ.ଆଇ.ଏଫ୍.ବି ର ଅଂଶଗ୍ରହଣ ବୃଦ୍ଧି କରିବା ।



**ପ୍ରୟୋଗ – ୧**

ମୁକ୍ତ ଆଲୋଚନା - ଆଦିମ ଅଧିବାସୀ ମାନେ ଆଇ.ଆଇ.ଏଫ୍.ବି ରେ କିପରି ଅଂଶଗ୍ରହଣ କରିବେ । ( ୩୦ ମିନିଟ୍ )

**ଆଦିମ ଅଧିବାସୀ ମାନେ ଆଇ.ଆଇ.ଏଫ୍.ବି ରେ କିପରି ଅଂଶଗ୍ରହଣ କରିବେ ସେ ସଂପର୍କରେ ଆଲୋଚନା ଏବଂ ନିଷ୍କର୍ଷ ବାହାର କରିବା**

୧ - ଆମେ ବର୍ତ୍ତମାନ ଆଇ.ଆଇ.ଏଫ୍.ବି କଣ ଏବଂ ତାହାର କାର୍ଯ୍ୟ ବିଷୟରେ ଜାଣିଲେ । ଯେଉଁ ଅଂଶଗ୍ରହଣକାରୀ ମାନଙ୍କର କିଛି ଅନୁଭୂତି ଅଛି ସେମାନେ ଆଇ.ଆଇ.ଏଫ୍.ବି ର କାର୍ଯ୍ୟ ସହିତ କିପରି ଅଂଶଗ୍ରହଣ କରିଛନ୍ତି ତାହା ଆଲୋଚନା କରିବେ ।

୨ - ଅନ୍ୟମାନେ ଅନୁଭୂତି ପ୍ରକାଶ କରୁଥିବା ଅଂଶଗ୍ରହଣକାରୀ ଏବଂ ସାଧନ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ପାରିବେ ।

୩ - ଅନ୍ୟ ଅଂଶଗ୍ରହଣକାରୀ ମାନେ ନିଜେ ଏବଂ ନିଜ ଗୋଷ୍ଠୀ ଆଇ.ଆଇ.ଏଫ୍.ବି ର ଭବିଷ୍ୟତ କାର୍ଯ୍ୟରେ କିପରି ଅଂଶଗ୍ରହଣ କରିପାରିବେ ସେ ସଂପର୍କରେ ମତ ଦେବେ ।

୪ – ତାଲିମ ସହାୟକ ଆସିଥିବା ବିଷୟ ଗୁଡିକର ସାରାଂଶ ନିର୍ଦ୍ଧାରଣ ସହ ପୂର୍ବ ଆଲୋଚନା ସହ ତାକୁ ଯୋଡିବେ ଏବଂ ଅଧିବେଶନ ସମାପ୍ତ କରିବେ ।

# ମଡ୍ୟୁଲ ୪

## ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ

### ଉଦ୍ଦେଶ୍ୟ ସମୂହ

୧. କର୍ମଶାଳାରେ ଅଂଶଗ୍ରହଣ କରିଥିବା ଆଦିବାସୀ ଅଂଶଗ୍ରହଣକାରୀ ମାନଙ୍କ ପାରଂପରିକ ଜ୍ଞାନକୌଶଳ ଏବଂ ପ୍ରଥା ଓ ଅଭ୍ୟାସ ଗୁଡ଼ିକୁ କର୍ମଶାଳାର ଏକ ବିଷୟ ଭାବରେ ଆଲୋଚନା କରିବା ଏବଂ ସ୍ୱିକାର କରିବା ।

୨. ପାରଂପରିକ ଜ୍ଞାନ ସଂପର୍କରେ ଜୈବ ବିବିଧତା ସମ୍ମିଳନୀରେ ଥିବା ଦିଗ ଗୁଡ଼ିକୁ ଜାଣିବା ଏବଂ ବୁଝିବା

୩. ପରିଚ୍ଛେଦ ୮ (ଜେ) ରେଥିବା ଜୈବ ବିବିଧତା ସମ୍ମିଳନୀ କାର୍ଯ୍ୟକ୍ରମର ମୁଖ୍ୟ ମୌଳିକତା କଣ ଏବଂ ଜୈବ ବିବିଧତା ସମ୍ମିଳନୀର ପ୍ରତିଶ୍ରୁତି ଗୁଡ଼ିକର ପାଳନ ପାଇଁ କଣ କାର୍ଯ୍ୟକ୍ରମ ହୋଇଛି ତାହା ବୁଝିବା ।

୪. ଜୈବ ବିବିଧତା ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କ ପ୍ରତିନିଧିତ୍ୱ ଏବଂ ଭାଗିଦାରିତା କିପରି ପାରଂପରିକ ଜ୍ଞାନର ଉନ୍ନତୀ ନିମନ୍ତେ ଚାଲିଥିବା କାର୍ଯ୍ୟକୁ ସହଯୋଗ କରିବ ତାହା ଜାଣିବା ।

### ତାଲିମ ସାମଗ୍ରୀ

- ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ ପାୱାର ପଏଣ୍ଟ ଉପସ୍ଥାପନା
- ଭାଲ୍ୟୁ ଇଣ୍ଡିଜେନସ୍ ନଲେଜ
- ପଞ୍ଚମା ପତ୍ରିକା

### ସମୟ

୩ ୧/୨ ଘଣ୍ଟା

## ପ୍ରକ୍ରିୟା

### ଅଧିବେଶନ ପୂର୍ବରୁ ସହଭାଗୀ କାର୍ଯ୍ୟକ୍ରମ

ସ୍ଥାନୀୟ ଆଦିମ ଅଧିବାସୀଙ୍କ ପାରଂପରିକ ଜ୍ଞାନ ଏବଂ ପ୍ରଥା ଗୁଡ଼ିକୁ ପସନ୍ଦ କରିବା

୧ - ଅଧିବେଶନ ଆରମ୍ଭ ପୂର୍ବରୁ ଜଣେ ଅଂଶଗ୍ରହଣକାରୀଙ୍କୁ ଏକ ଆଦିମ ଅଧିବାସୀ ପ୍ରାର୍ଥନା ବୋଲି ଅଧିବେଶନ ଆରମ୍ଭ କରିବାକୁ କହିବା ଏବଂ ଏହାକୁ ଅନୁବାଦ କରି ଏହାର ଅର୍ଥ ସଂପର୍କରେ ସମସ୍ତଙ୍କୁ ଅବଗତ କରିବା ।

୨ - ଅଂଶଗ୍ରହଣକାରୀ ମାନଙ୍କୁ ଦଳରେ ବିଭକ୍ତ କରି ସେମାନଙ୍କ ଚଳଣୀରେ ଥିବା ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଅଧିବେଶନରେ ପରିବେଷଣ କରିବାକୁ କହିବା । ଏଥିରୁ ସେମାନଙ୍କ ଆଦିବାସୀ ପାକପ୍ରସ୍ତୁତି ପ୍ରଣାଳୀ ଜଣାପଡିବ । ପ୍ରତି ଦଳ ନିଜ ଖାଦ୍ୟ ପ୍ରସ୍ତୁତି ପ୍ରଣାଳି ବର୍ଣ୍ଣନା କରିବେ ।

୩ - ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କ ଆଦିବାସୀ ବେଶପୋଷାକ ସାଥିରେ ଆଣି ଆସିବାକୁ କୁହାଯିବ ଏବଂ ସଂହତିପୂର୍ଣ୍ଣ ପରିବେଶରେ ରାତିରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ କୁହାଯିବ ।

## ବିଷୟଗତ ଆଲୋଚନା ( ୧.୩୦ ମିନିଟ୍ )

### ୧ – ପାରଂପରିକ ଜ୍ଞାନ କଣ

ପାରଂପରିକ ଜ୍ଞାନ ଅର୍ଥ ହେଉଛି ସାରା ବିଶ୍ୱର ଆଦିମ ଅଧିବାସୀ ବା ସ୍ଥାନୀୟ ଗୋଷ୍ଠୀ ଗୁଡ଼ିକର ଜ୍ଞାନ, ସୃଜନ ଏବଂ ଅଭ୍ୟାସ ବା ପ୍ରଥା । ସ୍ଥାନୀୟ ପରିବେଶ ଓ ସଂସ୍କୃତି ସହ ଜଡିତ ରହିବ ଏବଂ ଶହ ଶହ ବର୍ଷର ଅନୁଭୂତି ରୁ ଉପଲବ୍ଧ ଏହି ପାରଂପରିକ ଜ୍ଞାନ ଲୋକମୁଖରେ ପିଢି ପରେ ପିଢିର ବଂଶଧର ମାନଙ୍କ ପାଖକୁ ପହଞ୍ଚିଥାଏ । ଏହାକୁ ସମସ୍ତେ ଗ୍ରହଣ କରିଥାନ୍ତି ଏବଂ ଲୋକକଥା, ଗୀତ, ଢଗଢମାଳୀ, ଛଟା, ସାଂସ୍କୃତିକ ମୂଲ୍ୟବୋଧ, ବିଶ୍ୱାସ, ଚଳଣୀ, ଗୋଷ୍ଠୀ ନୀୟମ, ଦେଶୀୟ ଭାଷା, କୃଷି ପ୍ରଥା, ବୃକ୍ଷ ପ୍ରଜାତିର ପାଳନ ଏବଂ ପଶୁ ପ୍ରଜାତି ଆଦି ରୂପରେ ଏହା ପ୍ରଚଳିତ ହୋଇଥାଏ । ପାରଂପରିକ ଜ୍ଞାନ ମୁଖ୍ୟତଃ ଏକ ବାସ୍ତବ ପ୍ରକୃତି ବା ଜ୍ଞାନ ଯାହା ଚାଷବାସ, ମାଛଚାଷ, ସ୍ୱାସ୍ଥ୍ୟ, ବଗିଚା ଏବଂ ବନୀକରଣ ଆଦିରେ ବ୍ୟବହୃତ ହୋଇଥାଏ ।

### ୨ – ଏହାର ଭୂମିକା ଏବଂ ମୂଲ୍ୟ

ପାରଂପରିକର ଜ୍ଞାନର ମୂଲ୍ଯବୋଧ ପ୍ରତି ବର୍ତ୍ତମାନ ଅନେକଙ୍କର ଆଗ୍ରହ ରହିଛି । ଏହି ଜ୍ଞାନ ଯେ କେବଳ ନିଜ ଦୈନନ୍ଦିନ ଜୀବନରେ ଏହା ଉପରେ ନିର୍ଭର କରି ବଂଚୁଥିବା ଲୋକମାନଙ୍କ ପାଇଁ ମୂଲ୍ୟବାନ ତାହା ନୁହେଁ ଆଧୁନିକ ଶିଳ୍ପ ଏ କୃଷି ବ୍ୟବସ୍ଥା ପାଇଁ ମଧ ଏହା ଅଧିକ ଉପେଯାଗୀ । ବହୁଳ ଭାବେ ବ୍ୟବହୃତ ଅନେକ ଆୟୁର୍ବେଦିକ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ପାରଂପରିକ ଜ୍ଞାନରୁ ସୃଷ୍ଟି ହୋଇଛି । ପାରଂପରିକ ଜ୍ଞାନ ଅଧାରିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଗୁଡିକ ଭିତରେ ରହିଛି କୃଷି ଉପକରଣ, ଅଣକାଷ୍ଠ ଜଙ୍ଗଲଜାତ ସାମଗ୍ରୀ ଏବଂ ହସ୍ତ ଶିଳ୍ପ ଇତ୍ୟାଦି ।

ପାରଂପରିକ ଜ୍ଞାନ ସ୍ଥାୟୀ ବିକାଶ ଦିଗରେ ଏହ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରେ । ଅଧିକାଂଶ ଆଦିମ ଅଧିବାସୀ ବସବାସ କରୁଥିବା ଅଞ୍ଚଳରେ ବିଶ୍ୱର ସବୁଠୁ ଅଧିକ ବୃକ୍ଷ ପ୍ରଜାତି ଉପଲବ୍ଧ ହୋଇଥାଏ । ସେମାନଙ୍କ ମଧରୁ ଅଧିକାଂଶ ହଜାର ହଜାର ବର୍ଷଧରି ସ୍ଥାୟୀ ପ୍ରକ୍ରିୟାରେ ଜୈବବିବିଧତାର ବ୍ୟବହାର ଏବଂ କୃଷିକାର୍ଯ୍ୟ କରି ଆସୁଛନ୍ତି । ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର କୌଶଳ କ୍ଷେତ୍ରରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସ୍ଥାନ ଯେକୌଣସି ପ୍ରାକୃତିକ ସଂମ୍ବଳ ପରିଚାଳକ ଠାରୁ ବହୁ ଉର୍ଦ୍ଧ୍ୱରେ । ସେମାନଙ୍କର ଦକ୍ଷତା ଏବଂ କୌଶଳ ବିଶ୍ୱ ସମୁଦାୟକୁ ଜୈବବିବିଧତା ସଂରକ୍ଷଣ ପ୍ରକ୍ରିୟା ପାଇଁ ଅନେକ ମୂଲ୍ୟବାନ ତଥ୍ୟ ଏବଂ ଉପାଦେୟ ମଡେଲ୍ ପ୍ରଦାନ କରିଛି । ସ୍ଥାନୀୟ ପରିବେଶ ସଂପର୍କରେ ବିସ୍ତୃତ ଜ୍ଞାନ ରଖିଥିବା ଏବଂ ସେହିଠାରେ ଜୀବନଯାପନ କରୁଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀ ଗୋଷ୍ଠୀ ଗୁଡିକ ବିଶେଷ ଭାବରେ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସହ ସିଧାସଳଖ ସଂପୃକ୍ତ ।

ସ୍ଥାନୀୟ ଏବଂ ଆଦିବାସୀ ଜ୍ଞାନ ଅର୍ଥ ପ୍ରାକୃତିକ ପରିବେଶରେ ହଜାର ହଜାର ବର୍ଷଧରି ବଞ୍ଚିବାର ଅଭିଜ୍ଞତା କୁ ନେଇ ବିକଶିତ ଏବଂ ପ୍ରତିପାଳିତ ଜ୍ଞାନ, କୌଶଳ, ଅଭ୍ୟାସ ଆଦିର ଏକତ୍ରୀକୃତ ଜଟିଳ ବ୍ୟବସ୍ଥା । ଏହି ଚିନ୍ତାଶୀଳ ପ୍ରଥା ଭାଷା, ସ୍ଥାନୀୟ ସଂପର୍କ, ଅଧ୍ୟାତ୍ମିକତା ଏବଂ ବିଶ୍ୱ ଦୃଷ୍ଟିକୋଣକୁ ନେଇ କିଛି ମାତ୍ରାରେ ଜଟିଳ । ଏହି ଜ୍ଞାନକୁ ସଂପର୍କିତ କରି ବିଭିନ୍ନ ଆପ୍ତବାକ୍ୟ ବ୍ୟବହୃତ ହୋଇଥାଏ ଯଥା –

- ପାରଂପରିକ ପାରିବେଶିକ ଜ୍ଞାନ
- ଆଦିବାସୀ ଜ୍ଞାନ
- ସ୍ଥାନୀୟ ବା ଦେଶୀୟଜ୍ଞାନ

- ଗ୍ରାମାଞ୍ଚଳ ଅଧିବାସୀ/ ଚାଷୀ ଜ୍ଞାନ
- ନୃ-ଜୈବ ବିଜ୍ଞାନ, ନୃ – ଉଦ୍ଭିଦ ବିଜ୍ଞାନ, ନୃ - ପ୍ରାଣୀ ବିଜ୍ଞାନ
- ନୃ - ବିଜ୍ଞାନ
- ଲୋକ ବିଜ୍ଞାନ
- ଆଦିବାସୀ ବିଜ୍ଞାନ



## ପ୍ରୟୋଗ - ୧

### ପାରଂପରିକ ଜ୍ଞାନ - ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ )

| | |
|---|---|
| ମୁଖ୍ୟ ଉଦ୍ଦେଶ୍ୟ | ଏକ ଦଳ ହିସାବରେ ଅଂଶଗ୍ରହଣକାରୀ ମାନଙ୍କର ପାରଂପରିକ ଜ୍ଞାନ ସଂପର୍କରେ ଧାରଣାକୁ ଅନୁସନ୍ଧାନ କରିବା ପାଇଁ ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) ଏକ ଫଳପ୍ରଦ କୌଶଳ । |
| ଉଦ୍ଦେଶ୍ୟ | ଅଂଶଗ୍ରହଣକାରୀମାନେ ପାରଂପରିକ ଜ୍ଞାନ କୁ ନେଇ ସେମାନେ ଯାହା ବୁଝିଛନ୍ତି, ଜାଣିଛନ୍ତି ବା ଚିନ୍ତା କରୁଛନ୍ତି ତାହାର ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) ଅଙ୍କନ କରିବେ । ଏହାଦ୍ୱାରା ଅଂଶଗ୍ରହଣକାରୀମାନେ ପାରଂପରିକ ଜ୍ଞାନର ବିସ୍ତୃତ ସଂଜ୍ଞା, ଏହାକୁ ଗୋଷ୍ଠୀ ବା ଦେଶରେ ରେ ଅନ୍ୟନମାନେ କିପରି ବୁଝନ୍ତି, ଏବଂ ପାରଂପରିକ ଜ୍ଞାନକୁ ନେଇ ଥିବା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିପାରିବେ । |
| ଆଗୁଆ ଯୋଜନା | ତାଲିମ୍ ସହାୟକ ଏକ ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) ଦେଖାଇ ଏହାର କୌଶଳ ବୁଝାଇଦେବା ଆବଶ୍ୟକ । ସେମାନେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ଭାଗ ନେବାରେ ବାଧକ ହେଉଥିବା ଶିକ୍ଷାଗତ ପ୍ରତିବନ୍ଧକ ଯଥା – ଭାଷା, ଦଳରେ ସକ୍ରିୟ ଭାବେ କାମ କରିବାର କ୍ଷମତା ଆଦି ସହିତ ଆଗରୁ ପରିଚିତ ଥିବା ଆବଶ୍ୟକ ଏବଂ ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହା ସମାଧାନ କରିବା ଆବଶ୍ୟକ । |
| ପ୍ରକ୍ରିୟା | ଅଂଶଗ୍ରହଣକାରୀ ମାନଙ୍କୁ ଆବଶ୍ୟକତା ମୁତାବକ ଗୋଷ୍ଠୀ ବା ଦେଶ ହିସାବରେ ଦଳରେ ଭାଗ କରି ଦିଅନ୍ତୁ । ଅଂଶଗ୍ରହଣକାରୀମାନେ ଏକ ବଡ କାଗଜରେ ମଝିରେ ପାରଂପରିକ ଜ୍ଞାନ ବୋଲି ଲେଖନ୍ତୁ । ଏହାପରେ ଏହାକୁ ନେଇ ଯାହା ଯାହା ଚିନ୍ତା ବା କଥା ମନରେ ଆସୁଛି ତାହା ସବୁ ମଝିରେ ଲିଖିତ ପାରଂପରିକ ଜ୍ଞାନବିଷୟରୁ ଗାର ଟାଣି ସୂଚୀତ କରନ୍ତୁ । ସବୁ ଚିନ୍ତା ଗୁଡିକ ଉପସ୍ଥାପିତ ହେଲା ପରେ କେଉଁ ଗୁଡିକ ଚିନ୍ତା ଗୁଡିକ ଏବେ ପ୍ରଚଳିତ କି ପରିବର୍ଦ୍ଧିତ ତାହା ପରଖି ନିଅନ୍ତୁ । ଯଦି ପ୍ରଚଳିତ ଚିନ୍ତାରୁ କିଛି ଅଲଗା ରହିଛି ତାହାକୁ ଆଉ ଏକ ଗାର ଦ୍ୱାରା ସଂଯୋଜିତ କରି ଅଲଗା ଶାଖା କରନ୍ତୁ । ଯଦି କୌଣସି ଚିନ୍ତା ସଂପୂର୍ଣ୍ଣ ନୂଆ ତାହାକୁ ନୂଆ ହିସାବରେ ଚିହ୍ନିତ କରି ମଝିରୁ ଗାର ଦ୍ୱାରା ସଂଯୋଗ କରନ୍ତୁ । ସଂଯୋଗ ଗୁଡିକୁ ଲକ୍ଷ୍ୟ କରନ୍ତୁ । ସବୁ ସଂଯୋଗର ଶେଷରେ ଥିବା ବିଷୟ ଗୁଡିକ ମଧ୍ୟ ଅନ୍ୟ ସହ ସଂପର୍କିତ ହେଉଥିବ । ସମାନତା ଥିବା ବିଷୟ ଗୁଡିକ ଅକ୍ଷର, ଚିତ୍ର ବା ଗାର ଦ୍ୱାରା ଚିହ୍ନିତ କରନ୍ତୁ । ଯଦି ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ ) କୁ ଆଲୋଚନା ବା ଯୋଜନା ହିସାବରେ ବ୍ୟବହାର କରାଯାଏ ତାହେଲେ କେନ୍ଦ୍ରରୁ ଆସିଥିବା ସମସ୍ତ ମୁଖ୍ୟ ରେଖା ଗୁଡିକୁ ସଂଖ୍ୟାରେ ସୂଚୀତ କଲେ ଏହାର ଅନୁକ୍ରମ ଗୁଡିକ ବାରିହେବ । |
| ସମାପ୍ତି | ପ୍ରତିଦଳ ସେମାନଙ୍କର କାର୍ଯ୍ୟକୁ ବଡ ଦଳରେ ଉପସ୍ଥାପିତ କରିବେ । ସେମାନେ ପାରଂପରିକ ଜ୍ଞାନକୁ କେମିତି ଦର୍ଶାଇଛନ୍ତି ଏବଂ କେଉଁ ନିର୍ଦ୍ଦିଷ୍ଟ ବିଷୟ ସେମାନେ ନିଜ ଚିତ୍ରରେ ବୁଝାଇଛନ୍ତି ତାହା ଜଣାଇବେ । ଅଂଶଗ୍ରହଣକାରୀଙ୍କ ସଂଖ୍ୟାକୁ ନେଇ ଆଲୋଚନା ପାଇଁ କିଛି ସମୟ ଦିଆଯାଇପାରେ । ଅଂଶଗ୍ରହଣକାରୀମାନେ ପାରଂପରିକ ଜ୍ଞାନ ପ୍ରତି ଥିବା ବିପଦ ଏବଂ ତାହାର ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ସେହି ମ୍ୟାପ୍ ଅଙ୍କନରେ ହେଉ ବା ରେଖା ସଂଯୋଗୀକରଣ ହେଉ ପୁଣି ଥରେ ଆଲୋଚନା କରିବେ । |
| ସାମଗ୍ରୀ | ଆବଶ୍ୟକୀୟ ସାମଗ୍ରୀ -<br>ରଂଗୀନ ମାର୍କର ପେନ୍, ବଡ ସାଧା କାଗଜ ବା ଡ୍ରଇଁ ସିଟ୍<br>ଅତିରିକ୍ତ ଆବଶ୍ୟକୀୟ ସାମଗ୍ରୀ ପାଇଁ ସପ୍ଲିମେଣ୍ଟାରୀ ରିସୋର୍ସ ସିଡି ଦେଖନ୍ତୁ । |
| | |

### ୩ – ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ପାରଂପରିକ ଜ୍ଞାନ ସଂପର୍କରେ ଜୈବବିବିଧତା ସମ୍ମିଳନୀ ଅନେକ ପ୍ରାବଧାନ ରହିଛି । ନିମ୍ନରେ କେତେକ ମୁଖ୍ୟ ଅନୁଚ୍ଛେଦ ବିଷୟରେ ସୂଚୀତ ହୋଇଛି ।

ପ୍ରସ୍ତାବନା

ଅନେକ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଜୈବ ବିବିଧତା ସମ୍ବଳ ଉପରେ ନିବିଡ ନିର୍ଭରଶୀଳତା ଏବଂ ଜୈବବିବିଧତାର ସଂରକ୍ଷଣ ଏବଂ ଏହାର ସ୍ଥାୟୀ ବ୍ୟବହାର ସଂପର୍କରେ ପାରଂପରିକ ଜ୍ଞାନ, ସୃଜନ, ଅଭ୍ୟାସ ଗୁଡିକର ସମାନ ଲାଭାଂଶ ବଣ୍ଟନ ପାଇଁ ଥିବା ଆଗ୍ରହ ।

ଅନୁଚ୍ଛେଦ ୮, ପାରା ( ଜେ)

ପକ୍ଷ ଗୁଡିକ ଏହା ଗ୍ରହଣ କରିବେ –

- ଜୈବବିବିଧତାର ସଂରକ୍ଷଣ ଏବଂ ଏହାର ସ୍ଥାୟୀ ବ୍ୟବହାର ସଂପର୍କରେ ଥିବା ପାରଂପରିକ ଜ୍ଞାନ, ସୃଜନ ଓ ଅଭ୍ୟାସ ଗୁଡିକର ସମ୍ମାନ, ସଂରକ୍ଷଣ ଏବଂ ସୁପରିଚାଳନା କରିବେ ।
- ଏହି ଜ୍ଞାନଧାରୀ ମାନଙ୍କ ସ୍ୱକୃତି ଏବଂ ସଂପୃକ୍ତି ଦ୍ୱାରା ଏହାର ବିସ୍ତୃତ ବ୍ୟବହାର ପାଇଁ ବ୍ୟବସ୍ଥା
- ଲାଭାଂଶର ସମ ବଣ୍ଟନ ଓ ସମ ଭାଗ କୁ ଉତ୍ସାହିତ କରିବା

ଅନୁଚ୍ଛେଦ ୧୦ ( ସି)

ପାରଂପରିକ ସାଂସ୍କୃତିକ ପ୍ରଥାକୁ ନେଇ ଜୈବ ବିବିଧତାର ବଂଶାନୁକ୍ରିକ ବ୍ୟବହାରକୁ ସୁରକ୍ଷା ଏବଂ ଉତ୍ସାହିତ କରିବା

ଅନୁଚ୍ଛେଦ ୧୮ (୪)

ଏହାର ବିକାଶ ଏବଂ ଆଦିବାସୀ ଏବଂ ପାରଂପରିକ ଜ୍ଞାନ ସହ ବୈଷୟିକ କୌଶଳ ବ୍ୟବହାର ପାଇଁ କୌଶଳ ନିର୍ଦ୍ଧାରଣ

### ୪ - ପାରଂପରିକ ଜ୍ଞାନ ସଂପର୍କିତ ପ୍ରତିଶୃତିବଦ୍ଧତା ପୁରଣ ପାଇଁ ନିଆଯାଇଥିବା ପଦକ୍ଷେପ

ସମ୍ମିଳନୀ ଏହାର ଅନୁଚ୍ଛେଦ ନୀୟମାବଳୀ ଗୁଡିକ କାର୍ଯ୍ୟକାରୀତା ପାଇଁ ଏବଂ ପାରଂପରିକ ଜ୍ଞାନ ସଂପର୍କିତ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ଗ୍ରହଣ କରିଛି । ୧୯୯୮ ମସିହାରେ ସମ୍ମିଳନୀର ୪ର୍ଥ ଅଧିବେଶନରେ ଅନୁଚ୍ଛେଦ ୮ (ଜେ) ଏବଂ ଏହାର ସଂପର୍କିତ କାର୍ଯ୍ୟ ପାଇଁ ଏକ ଅସ୍ଥାୟୀ କାର୍ଯ୍ୟକାରୀ ଦଳ ଗଠନ ହୋଇଥିଲା । ଏହାକୁ ପାରଂପରିକ ଜ୍ଞାନ ସଂପର୍କରେ ସି.ବି.ଡିର କାର୍ଯ୍ୟକ୍ରମ ଗୁଡିକୁ ପ୍ରାଞ୍ଜଳ କରିବାକୁ କୁହାଯାଇଥିଲା ।

ପ୍ରକ୍ରିୟା –

- ୧୯୯୮ ମସିହାରେ ସମ୍ମିଳନୀର ୪ର୍ଥ ଅଧିବେଶନରେ ଅନୁଚ୍ଛେଦ ୮ (ଜେ) ଏବଂ ଏହାର ସଂପର୍କିତ କାର୍ଯ୍ୟ ପାଇଁ ଏକ ଅସ୍ଥାୟୀ କାର୍ଯ୍ୟକାରୀ ଦଳ ଗଠନ କରିଥିଲା ।
- ଏହି କାର୍ଯ୍ୟକାରୀ ଦଳରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପୂର୍ଣ୍ଣ ଅଂଶଗ୍ରହଣ ରହିଥିଲା ଏବଂ ଏହା ସମସ୍ତଙ୍କ ପାଇଁ ମୁକ୍ତ ରଖାଯାଇଥିଲା ।
- ଏହି କାର୍ଯ୍ୟକାରୀ ଦଳ ଅନୁଚ୍ଛେଦ ୮ (ଜେ)ରେ ଥିବା କାର୍ଯ୍ୟ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ଏବଂ ଏହାକୁ ୨୦୦୦ ମସିହା ସମ୍ମିଳନୀ ୫ମ ଅଧିବେଶନରେ ଗୃହୀତ କରାଯାଇଥିଲା ।

ଅନୁଚ୍ଛେଦ ୮ (ଜେ) ସଂପର୍କିତ କାର୍ଯ୍ୟକାରୀ ଦଳର ବୈଠକ ଛଅ ଥର ହୋଇଛି –

- ପ୍ରଥମ ବୈଠକ – ସେଭିଲ୍, ସ୍ପେନ୍, ମାର୍ଚ୍ଚ ୨୭ – ୩୧, ୨୦୦୦
- ଦ୍ଵିତୀୟ ବୈଠକ – ମଣ୍ଟ୍ରିଲ୍, କାନାଡା, ଫେବୃୟାରୀ ୪ – ୮, ୨୦୦୨
- ତୃତୀୟ ବୈଠକ - ମଣ୍ଟ୍ରିଲ୍, କାନାଡା, ୮ – ୧୨ ଡିସେମ୍ବର, ୨୦୦୩
- ଚତୁର୍ଥ ବୈଠକ – ଗ୍ରାନାଡା, ସ୍ପେନ୍, ଜାନୁୟାରୀ ୨୩ – ୨୭, ୨୦୦୬
- ପଞ୍ଚମ ବୈଠକ - ମଣ୍ଟ୍ରିଲ୍, କାନାଡା, ଅକ୍ଟୋବର ୧୫ – ୧୯, ୨୦୦୭
- ଷଷ୍ଠ ବୈଠକ - ମଣ୍ଟ୍ରିଲ୍, କାନାଡା, ନଭେମ୍ବର ୨ – ୬, ୨୦୦୯

କାର୍ଯ୍ୟକାରୀ ଦଳ ମଧ ପାରଂପରିକ ଜ୍ଞାନର ସ୍ଥିତି ଏବଂ ଧାରାକୁ ନେଇ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିଛନ୍ତି ।

## ୫ - ଆଇ.ଆଇ.ଏଫ୍.ବି ର ସଂପୃକ୍ତି

ଅନୁଚ୍ଛେଦ ୮ (ଜେ) ଏବଂ ଏହାର ସଂପର୍କିତ କାର୍ଯ୍ୟ ପାଇଁ ଥିବା ଅସ୍ଥାୟୀ କାର୍ଯ୍ୟକାରୀ ଦଳର କାର୍ଯ୍ୟକ୍ରମ ସହିତ ଆଇ.ଆଇ.ଏଫ୍.ବି ସକ୍ରିୟ ଭାବେ ସଂପୃକ୍ତ ହେଲା ଏବଂ ଏହାସହ ଆଦିମ ଅଧିବାସୀ ମାନଙ୍କ ସଂକ୍ରିୟ ଅଂଶଗ୍ରହଣ ପାଇଁ ଅନେକ କୌଶଳ ପ୍ରସ୍ତୁତ କଲା । ସେମାନେ କାର୍ଯ୍ୟକାରୀ ଦଳର ସହ ଅଧକ୍ଷ ଦାୟିତ୍ଵ ତୁଲାଇଲେ, ବ୍ୟୁରୋର ବନ୍ଧୁତ୍ଵ ଗଠନ କଲେ, ବିଭିନ୍ନ ଇସ୍ତାହାର ପ୍ରକାଶ କଲେ ଏବଂ ଉପସ୍ଥାପନ କଲେ, କାର୍ଯ୍ୟକାରୀ ଦଳର ଅଧିବେଶନ ବୈଠକରେ ପ୍ରାରମ୍ଭ ପ୍ରାର୍ଥନା ଗାଇଲେ ଏବଂ ସି.ବି.ଡିର ବିଭିନ୍ନ ଅଧିବେଶନ ଗୁଡିକରେ ଆଦିମ ଅଧିବାସୀ ପ୍ରତିନିଧି ମାନଙ୍କୁ ସତ୍କାର କଲେ ।

## ୬ - ଅନୁଚ୍ଛେଦ - ୮ (ଜେ) କାର୍ଯ୍ୟଯୋଜନାର ମୁଖ୍ୟ ଉପାଦାନ ଗୁଡିକ କଣ

### ୧ – ପାରଂପରିକ ଜ୍ଞାନ ସଂପର୍କତିତ ସ୍ଥିତି ଏବଂ ଧାରା

ଜୈବବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଥିବା ପାରଂପରିକ ଜ୍ଞାନ, ସୃଜନ ଏବଂ ପ୍ରଥା ଗୁଡିକର ସ୍ଥିତି ଓ ଧାରା ସଂପର୍କରେ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତି –

- ପର୍ଯ୍ୟାୟ ୧ - ଜୈବବିବିଧତା ସଂପର୍କିତ ପାରଂପରିକ ଜ୍ଞାନ ଗୁଡିକର ଏକତ୍ରୀକରଣ

- ପର୍ଯ୍ୟାୟ  ୨ - ପାରଂପରିକ ଜ୍ଞାନ ଗୁଡିକର ସୁରକ୍ଷା, ବିକାଶ ଏବଂ ସହାୟତା ପାଇଁ ବ୍ୟବସ୍ଥା ଗୁଡିକର ଚିହ୍ନଟିକରଣ ଏବଂ ଆକଳନ
- ପାରଂପରିକ ଜ୍ଞାନ ଗୁଡିକର ଏକତ୍ରୀକରଣ ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା

## କାର୍ଯ୍ୟର ସ୍ଥିତି

ପର୍ଯ୍ୟାୟ ୧ ଅନ୍ତର୍ଭୁକ୍ତ ଆଂଚଳିକ ଏବଂ ବିସ୍ତୃତ ରିପୋର୍ଟ ସମ୍ମିଳନୀର ୭ମ ଅଧିବେଶନରେ ଉପସ୍ଥାପିତ

## ୭ମ ଅଧିବେଶନର ଅନୁରୋଧ –

- ପର୍ଯ୍ୟାୟ ୧ ର କାର୍ଯ୍ୟକୁ ଜାରି ରଖାଯାଉ ଏବଂ ପରିବର୍ଦ୍ଧିତ ରିପୋର୍ଟ ଦିଆଯାଉ
- ପର୍ଯ୍ୟାୟ୨ ର କାର୍ଯ୍ୟ ଆରମ୍ଭ ପାଇଁ ପାରଂପରିକ ଜ୍ଞାନ ଗୁଡିକର ସୁରକ୍ଷା, ବିକାଶ ଏବଂ ସହାୟତା ପାଇଁ ବ୍ୟବସ୍ଥା ଗୁଡିକର ଚିହ୍ନଟିକରଣ ଏବଂ ଆକଳନ
- ରିପୋର୍ଟ ଶେଷ କରିବାରେ ସହାୟତା ପାଇଁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପ୍ରତିନିଧିତ୍ୱରେ ଏକ ପରାମର୍ଶଦାତା ମଣ୍ଡଳୀ/ ଦିଗ୍ଦର୍ଶନ କମିଟି ଗଠନ କରାଯାଉ ।

## ଅଷ୍ଟମ ଅଧିବେଶନ ପରେ କନ୍‌ଫରେନ୍‌ସ ଅପ୍ ପାର୍ଟିସ୍ ର ପରାମର୍ଶ

- ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆଗୁଆ ଜ୍ଞାତସାର ଅନୁମତି ପାଇବା ପରେ ଦଲିଲ୍ ଗୁଡିକ ଗ୍ରହଣ ହେବା ଉଚିତ ବୋଲି ପରାମର୍ଶ
- ପାରଂପରିକ ଜ୍ଞାନ, ସୃଜନ ଏବଂ ପ୍ରଥା ଗୁଡିକର ଲିପିବଦ୍ଧ ଏବଂ ନଥିକରଣ ପାଇଁ ବୈଷୟିକ ମାର୍ଗଦର୍ଶିକା ପ୍ରସ୍ତୁତି, ଏବଂ ଆଦିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପୂର୍ଣ୍ଣ ଓ ସକ୍ରିୟ ସଂପୃକ୍ତିରେ ପାରଂପରିକ ଜ୍ଞାନ, ସୃଜନ ଏବଂ ପ୍ରଥା ଗୁଡିକର ଅଧିକାରୀ ମାନଙ୍କ ଅଧିକାର ବୈଷୟିକ ଡକ୍ୟୁମେଣ୍ଟ  ପ୍ରତିଥିବା ସମ୍ଭାବ୍ୟ ବିପଦ ଗୁଡିକ ସଂପର୍କରେ ଆଲୋଚନା ପାଇଁ ଅନୁରୋଧ ।
- ଅଧିକ ଅସୁରକ୍ଷିତ ଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ସଂପର୍କରେ କାରଣ ଏବଂ ନିରାକରଣକୁ ପ୍ରାଧାନ୍ୟ ଦେଇ ଗବେଷଣା ଆରମ୍ଭ କରିବାକୁ ଅନୁରୋଧ ।
- ଅସୁରକ୍ଷିତ ଏବଂ ସ୍ୱେଚ୍ଛାକୃତ ଭାବେ ଅଲଗା ହୋଇ ରହୁଥିବା ଗୋଷ୍ଠୀ ଗୁଡିକର ପାରଂପରିକ ଜ୍ଞାନ ଏବଂ ଲାଭାଂଶ ରେ ଭାଗୀଦାରିତାକୁ ନେଇ ସେମାନଙ୍କ ଅଧିକାରକୁ ସମ୍ମାନ ଦେବା ପାଇଁ କେଉଁ ପଦକ୍ଷେପ ମାନ ଗ୍ରହଣ କରାଯାଇ ପାରିବ ସେ ସଂପର୍କରେ ଗବେଷଣା କରି ରିପୋର୍ଟ ପ୍ରଦାନ ପାଇଁ ଅନୁରୋଧ ।
- ବିସ୍ତୃତ ରିପୋର୍ଟର ପର୍ଯ୍ୟାୟ ୨ ପାଇଁ ପରାମର୍ଶ ଦେବାକୁ ପରାମର୍ଶଦାତା ମଣ୍ଡଳୀ ର କାର୍ଯ୍ୟର ନବୀକରଣ

## ୨ – ଧାର୍ମିକ ସ୍ଥଳୀ ଗୁଡିକର ବିକାଶ ପାଇଁ ପ୍ରଭାବ ଆକଳନର ତଦାରଖ ମାର୍ଗଦର୍ଶିକା

- ଆକ୍ୱେ - ସାଂସ୍କୃତିକ, ପାରିବେଶୀକ ଏବଂ ସାମାଜିକ ପ୍ରଭାବ ଆକଳନ ନିମନ୍ତେ ପ୍ରସ୍ତୁତ କୋନ୍ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା ଅନୁଯାୟୀ  ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଦ୍ୱାରା ପାରଂପରିକ ଭାବେ ଅଧିକୃତ

ବା ବ୍ୟବହୃତ ଜମି ବା ଜଳ ସଂପର୍କିତ ଧାର୍ମିକସ୍ଥଳୀ ଗୁଡିକ ଉପରେ  ପ୍ରସ୍ତାବିତ ବିକାଶ କିପରି ରୂପାୟନ ହୋଇଛି ଏବଂ ତାର କଣ ପ୍ରଭାବ ପଡିଛି

- ପ୍ରଭାବ ଆକଳନ ପ୍ରଣାଳୀର ବିକାଶ ଓ କାର୍ଯ୍ୟକାରୀତା ସଂପର୍କରେ ପକ୍ଷଗୁଡିକୁ ପରାମର୍ଶ ଦେବାପାଇଁ ୭ମ ଅଧିବେଶନରେ ନିଆଯାଇଥିବା ପ୍ରସ୍ତାବ –
- ଉଦ୍ଦେଶ୍ୟ – ସାଂସ୍କୃତିକ, ପାରିବେଶିକ, ଜୈବବିବିଧତା ସଂପର୍କିତ ଏବଂ ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସାମାଜିକ ବିଚାର କୁ ପ୍ରଭାବ ଆକଳନ ପ୍ରଣାଳୀରେ ସାମିଲ କରିବା ପାଇଁ ପରାମର୍ଶ ଦେବା ।
- ବ୍ୟବସ୍ଥିତ ପାରିବେଶିକ ଆକଳନ ପାଇଁ ସରକାର ଓ ଅନୁଷ୍ଠାନ ଗୁଡିକୁ ମାର୍ଗଦର୍ଶିକାର ବ୍ୟବହାର ଏବଂ ସେମାନଙ୍କ ନୀୟମାବଳୀରେ ଏହାକୁ ସାମିଲ୍ କରିବାକୁ ନିମନ୍ତ୍ରଣ ।

### ୩ - ପାରଂପରିକ ଜ୍ଞାନର ସୁରକ୍ଷା ଏବଂ ଲାଭାଂଶର ସମବଣ୍ଟନରେ ସ୍ୱତନ୍ତ୍ର ଅନୁପମ ବ୍ୟବସ୍ଥା

ସମ୍ମିଳନୀର ୭ମ ଅଧିବେଶନରେ ଅନୁଚ୍ଛେଦ ୮ (ଜେ) ସଂପର୍କିତ ଅସ୍ଥାୟୀ କାର୍ଯ୍ୟକାରୀ ଦଳକୁ ଅନୁରୋଧ କରାଗଲା ଯେ,

- ଅଣ ବୌଦ୍ଧିକ ସଂପତ୍ତି ଆଧାରିତ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସ୍ଥିର କରାଯାଉ
- ସ୍ୱତନ୍ତ୍ର ଅନୁପମ ବ୍ୟବସ୍ଥା ବା ସୁଇ ଜେନେରିସ୍ ସିଷ୍ଟମର ଉପାଦାନ ଗୁଡିକୁ ଅଗ୍ରାଧିକାର ଦିଆଯାଇ ବିକାଶ କରାଯାଉ
- ବନ୍ ମାର୍ଗଦର୍ଶିକାର ଯଥାର୍ଥତା ଏବଂ ଗ୍ରହଣୀୟତାକୁ ତର୍ଜମା କରାଯାଉ ।
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ପଦ୍ଧତି ପାଇଁ ସୁପାରିଶ କରାଯାଉ
- ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ତଥ୍ୟସଂରକ୍ଷଣ ବ୍ୟବସ୍ଥା ଏବଂ ଦଲିଲ ପ୍ରସ୍ତୁତି ର ଭୂମିକାକୁ ବିଚାରକୁ ନିଆଯାଉ
- ବୌଦ୍ଧିକ ସଂପତ୍ତି ସୁରକ୍ଷା ପାଇଁ ସାଂପ୍ରତିକ ଏବଂ ନୂଆ ଉପାୟ ବାହାର କରାଯାଉ ।

### ୪ - ଆଚରଣ ସଂହିତା

ଆଦିମ ଅଧିବାସୀ ସମସ୍ୟା ସଂପର୍କିତ ଜାତିସଂଘର ସ୍ଥାୟୀ ଫୋରମ୍ ର ସୁପାରିଶ ଗୁଡିକୁ ଗୁରୁତ୍ୱ ଦେଇ ସମ୍ମିଳନୀର ୭ମ ଅଧିବେଶନରେ ଅନୁରୋଧ କରାଯାଇଥିଲା ଯେ,

- ଆକ୍ବେ – ପରିବେଶ ଏବଂ ସାଂସ୍କୃତିକ ବିବିଧତା ମଧରେ ଥିବା ସଂପର୍କକୁ ବୁଝିବାକୁ ଅଧରକ ଦୃଢ କରିବା ପାଇଁ କୋନ୍ ମାର୍ଗଦର୍ଶିକା ଆଧାରରେ ସାଂସ୍କୃତିକ, ପାରିବେଶିକ ଏବଂ ସାମାଜିକ ପ୍ରଭାବ ଆକଳନ କର୍ମଶାଳାର ଆୟୋଜନ
- ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ହୁଡିକର ସାଂସ୍କୃତିକ ଏବଂ ବୌଦ୍ଧିକ ଐତିହ୍ୟ ପ୍ରତି ସମ୍ମନାକି ସୁନିଶ୍ଚିତ କରିବା ପାଇଁ ଅନୁଚ୍ଛେଦ ୮ (ଜେ)ର କାର୍ଯ୍ୟକାରୀ ଦଳ ଏକ ଆଚରଣ ସଂହିତା ପ୍ରସ୍ତୁତ କରିବା

- ଅନୁଛେଦ ୮ (ଜେ) ଏବଂ ସଂପର୍କିତ କାର୍ଯ୍ୟକାରୀ ଦଳ ଏହାର ୬ଷ୍ଟ ବୈଠକରେ ଆଚାର ସଂହିତା ସଂପୂର୍ଣ୍ଣ କଲେ ଯାହାକି ସମ୍ମିଳନୀର ୧୦ମ ଅଧିବେଶନରେ ଗୃହିତ ହେଲା ।

## ୫ – ସହଭାଗୀତା କୌଶଳ

ସମ୍ମିଳନୀର କାର୍ଯ୍ୟରେ ସହଭାଗୀତା

- ସହଭାଗୀତାକୁ ସହାୟତା ପାଇଁ ସମ୍ମିଳନୀର ୭ମ ଅଧିବେଶନରେ ଆର୍ଥିକ ଅନୁଦାନ ବ୍ୟବସ୍ଥା କରାଗଲା ।
- ତଥ୍ୟ ବିନିମୟ ପାଇଁ ତଥ୍ୟ ସମନ୍ୱୟ ଏବଂ କୌଶଳ ନିର୍ଦ୍ଧାରଣ ବ୍ୟବସ୍ଥା କରିବାକୁ କାର୍ଯ୍ୟନିର୍ବାହୀ ସଂପାଦକ ନିଯୁକ୍ତି

ଜାତୀୟ ସ୍ତରରେ ସହଭାଗୀତା

- ସମ୍ମିଳନୀ ଅନ୍ତର୍ଗତ ବୈଠକ ପ୍ରସ୍ତୁତି ପାଇଁ ଆଞ୍ଚଳିକ ବୈଠକ କରିବା ପାଇଁ ପକ୍ଷ ମାନଙ୍କୁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକୁ ସହାୟତା ଦେବାକୁ ଉତ୍ସାହିତ କରିବା
- ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଅଂଶଗ୍ରହଣ ପାଇଁ ଏବଂ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ପରାମର୍ଶଦାତା କମିଟି ପାଇଁ ଜାତୀୟ ବ୍ୟବସ୍ଥା ପ୍ରସ୍ତୁତି
- ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଓ ଏଦ୍‌ବିଧ୍ନତାକୁ ବିଚାରକୁ ନେଇ ଜାତୀୟ ଅନୁଷ୍ଠାନ ଗୁଡିକର ସାମର୍ଥ୍ୟ ବୃଦ୍ଧି
- ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀକୁ ତଥ୍ୟ ଓ ସୂଚନା ପ୍ରଦାନ ପାଇଁ ଜାତୀୟ ଲକ୍ଷ୍ୟ ନିର୍ଦ୍ଧାରଣ
- ବିଶ୍ୱ ବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନ ଗୁଡିକ ଜରିଆରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ସାମର୍ଥ୍ୟ ବିକାଶ ।

## ୬ - ଅନୁଛେଦ ୧୦ (ସି)ର କାର୍ଯ୍ୟକାରୀତା

ଅନୁଛେଦ ୮ (ଜେ) ଏବଂ ସଂପର୍କିତ କାର୍ଯ୍ୟକାରୀ ଦଳ ଏହାର ୬ଷ୍ଠ ବୈଠକରେ ସୁପାରିଶ କଲେ ଯେ, ପାରଂପରିକ ଜ୍ଞାନ ସଂପର୍କିତ ଭବିଷ୍ୟତ କାର୍ଯ୍ୟ ପାଇଁ ଅନୁଛେଦ ୧୦ (ସି)ର କାର୍ଯ୍ୟକାରୀତା ଏକ ପ୍ରମୁଖ ଉପାଦାନ ବୋଲି ସମ୍ମିଳନୀର ୧୦ମ ଅଧିବେଶନରେ ସ୍ଥିର ହେଲା ।

## ୭ - ପାରଂପରିକ ଜ୍ଞାନ ସଂପର୍କିତ ସୂଚକ ।



**ପ୍ରୟୋଗ – ୨**

ମୁକ୍ତ ଆଲୋଚନା - ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ସି.ବି.ଡି ର ପାରଂପରିକ ଜ୍ଞାନ ସଂପର୍କିତ ଚାଲୁଥିବା କାର୍ଯ୍ୟକ୍ରମ ଗୁଡିକରେ କିପରି ଅଂଶଗ୍ରହଣ ଏବଂ ସଂପୃକ୍ତ ହୋଇ ପାରିବେ ?

( ସମୟ – ୧ଘଣ୍ଟା)

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ସି.ବି.ଡି ର ପାରଂପରିକ ଜ୍ଞାନ ସଂପର୍କିତ ଚାଲୁଥିବା କାର୍ଯ୍ୟକ୍ରମ ଗୁଡିକରେ କିପରି ଅଂଶଗ୍ରହଣ ଏବଂ ସଂପୃକ୍ତ ହୋଇ ପାରିବେ ଏବଂ ସ୍ଥାନୀୟ ଅଂଚଳରେ ପାରଂପରିକ ଜ୍ଞାନକୁ ସୁରକ୍ଷା ଦେବା ପାଇଁ କିପରି ସି.ବି.ଡି କୁ ବ୍ୟବହାର କରାଯାଇ ପାରିବ ସେ ସଂପର୍କରେ ଏକ ନିର୍ଯ୍ୟାସ ବାହାର କରିବା ।

୧ - ଯେଉଁ ଅଂଶଗ୍ରହଣକାରୀ ମାନଙ୍କର ଅନୁଭୂତି ଅଛି ସେମାନେ ସି.ବି.ଡି ର ପାରଂପରିକ ଜ୍ଞାନ ସଂପର୍କିତ ଚାଲୁଥିବା କାର୍ଯ୍ୟକ୍ରମ ଗୁଡିକରେ ଯଥା - ବୈଠକରେ ଯୋଗଦେବା ବା ଘଟଣାର ବିବରଣୀ ପଠାଇବା ଆଦି କାର୍ଯ୍ୟରେ କିପରି ଅଂଶଗ୍ରହଣ କରିଛନ୍ତି ତାହା ଉପସ୍ଥାପନ କରିବେ ।

୨ -ଅନ୍ୟମାନେ କିପରି ସି.ବି.ଡି  ବା ଏହାର କୌଣସି ଅନୁଚ୍ଛେଦ ନୀୟମ ସେମାନଙ୍କର ଅଞ୍ଚଳରେ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ବ୍ୟବହୃତ ହୋଇଛି ତାହା ଆଲୋଚନା କରିପାରିବେ । ( ଗବେଷଣା, ତଥ୍ୟ ଆହରଣ, ବିବରଣୀ ସଂଗ୍ରହ, ପ୍ରଭାବିତ କରିବା ପ୍ରଣାଳୀ ଇତ୍ୟାଦି )

୩ - ଅନ୍ୟ ଅଂଶଗ୍ରହଣକାରୀମାନେ ନିଜେ ବା ନିଜ ଗୋଷ୍ଠୀ ସି.ବି.ଡି ର ପାରଂପରିକ ଜ୍ଞାନ  ସଂପର୍କିତ କାର୍ଯ୍ୟରେ କିପରି ଅଂଶଗ୍ରହଣ କରିପାରିବେ ଏବଂ ଭବିଷ୍ୟତରେ ସେମାନଙ୍କର ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ସି.ବି.ଡି କୁ କିପରି ବ୍ୟବହାର କରାଯାଇ ପାରିବ ସେ ସଂପର୍କରେ ମତ ଦେବେ ।

୪ – ତାଲିମ ସହାୟକ ଅଂଶଗ୍ରହଣର ଏକ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରିଥିବେ । ଆଲୋଚନା ପରେ ଆସିଥିବା ନିର୍ଯ୍ୟାସ ଗୁଡିକର ସାରାଂଶ ଉପସ୍ଥାପନ କରିବେ, ତାହାକୁ ସି.ବି.ଡିର ଉଦ୍ଦେଶ୍ୟ ଓ ପୂର୍ବ ଆଲୋଚନା ସହିତ ଯୋଡିବେ ଏବଂ ଅଧିବେଶନ ସମାପ୍ତ କରିବେ ।

**ଶେଷ ଦ୍ରଷ୍ଟବ୍ୟ –**


1 CBD website <www.cbd.int>.

*2* UNESCO LINKS <http://portal.unesco.org/science/en/ev.php-RL_ID=1945&URL_DO=DO_TOPIC&URL_ SECTION=201.html>.

# ମଡ୍ୟୁଲ ୬

## ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭ ରେ ଭାଗିଦାରିତା

### ଉଦ୍ଦେଶ୍ୟ ସମୂହ

୧. ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ର ସଜ୍ଞାକୁ ବୁଝିବା

୨. ଜୈବବିବିଧତା ସମ୍ମେଳନରେ ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଏବଂ ଏଥିସହ ସଂପୃକ୍ତ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ସଂପର୍କରେ ଥିବା ବିଷୟ ଗୁଡ଼ିକୁ ଜାଣିବା । ଏଥିସହ ଏହି ବିଷୟ ସହ ସଂପୃକ୍ତ ଜୈବ ବିବିଧତା ସମ୍ମିଳନୀର କାର୍ଯ୍ୟ ପ୍ରକ୍ରିୟା ଓ କୌଶଳ ଗୁଡ଼ିକୁ ବୁଝିବା

୩. ଆନୁବଂଶିକ ସମ୍ବଳ ( ଜେନେଟିକ୍ ରିସୋର୍ସେସ୍ ) ର କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ଦିଗରେ ଆଦିମ ଅଧିବାସୀ ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକୁ ବୁଝିବା ଏବଂ ବୌଦ୍ଧିକ ସଂପତ୍ତିଗତ ଅଧିକାର ସଂପର୍କରେ ଜାଣିବା

୪. ଆଦିମ ଅଧିବାସୀ ମାନଙ୍କର ଆନୁବଂଶିକ ସମ୍ବଳ ( ଜେନେଟିକ୍ ରିସୋର୍ସେସ୍ ) ଉପରେ କର୍ତ୍ତୃତ୍ୱ ଏବଂ ଲାଭରେ ଭାଗିଦାରିତା ଅଧିକାରର ମୁଖ୍ୟ ନୀୟମାବଳୀ ଗୁଡ଼ିକ ସହ ସହମତ ହେବା

### ତାଲିମ ସାମଗ୍ରୀ

- ଆନୁବଂଶିକ ସମ୍ବଳ (ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଏସବୁର ବ୍ୟବହାର ଯୋଗୁଁ ହେଉଥିବା ଲାଭରେ ସ୍ୱଚ୍ଛ ଓ ସମାନ ଭାଗିଦାରିତା - ପାୱାରପଏଣ୍ଟ
- ଜୈବବିବିଧତା ସମ୍ମିଳନୀ ( ସମସ୍ତ ସଂଯୋଜିତ ତଥ୍ୟ ସହ)
- ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଏସବୁର ବ୍ୟବହାର ଯୋଗୁଁ ହେଉଥିବା ଲାଭରେ ସ୍ୱଚ୍ଛ ଓ ସମାନ ଭାଗିଦାରିତା ସଂପର୍କିତ ବନ୍ ଗାଇଡଲାଇନ୍
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ପ୍ରଣାଳୀ ପ୍ରସ୍ତୁତି ପାଇଁ ସି.ବି.ଡି କୁ ଦିଆଯାଇଥିବା ନିର୍ଦ୍ଦେଶ ସଂପର୍କିତ ସମ୍ମିଳନୀର ୯ ୨ ୬ ତମ ନିଷ୍ପତ୍ତି
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ସପ୍ତମ ବୈଠକର ରିପୋର୍ଟ
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ଅଷ୍ଟମ ବୈଠକର ରିପୋର୍ଟ
- ସଂଜ୍ଞା, କାର୍ଯ୍ୟକାଳ, କାର୍ଯ୍ୟଗତ ସଂଜ୍ଞା ଏବଂ ଆଞ୍ଚଳିକ ପ୍ରୟୋଗ ପ୍ରଣାଳୀର ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ପ୍ରଣାଳୀ ପ୍ରସ୍ତୁତି ପାଇଁ ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ
- ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ସଂପର୍କିତ ପାରଂପରିକ ଜ୍ଞାନ ନିମନ୍ତେ ଗଠିତ ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ
- ପୃଥିବୀର ଜୀବନର ସ୍ଥାୟିତ୍ୱ – ସି.ବି.ଡି କିପରି ପ୍ରକୃତି ଏବଂ ମାନବିକ ଚଳଣୀର ବିକାଶ କରୁଛି
- ଆର୍ଥ ନେଗୋସିଏସନ୍ ବୁଲେଟିନ

### ସମୟ

9 ଘଣ୍ଟା

# ପ୍ରକ୍ରିୟା



### ପ୍ରୟୋଗ – ୧

ଜୈବିକ ଏବଂ ଆନୁବଂଶିକ ସମ୍ବଳର ଆଦିବାସୀ ଜ୍ଞାନ ( ୩୦ ମିନିଟ )

ଗୋଷ୍ଠୀରେ ଉପଲବ୍ଧ ଜୈବିକ ଏବଂ ଆନୁବଂଶିକ ସମ୍ବଳର ( ଗଛଲତା ) ଏବଂ ସେଗୁଡିକର ବ୍ୟବହାରୀକ ଜ୍ଞାନ ଗୁଡିକୁ ତାଲିକା କରିବା

୧ - ଯଦି ଗୋଷ୍ଠୀରେ କର୍ମଶାଳାର ଆୟୋଜନ କରାଯାଉଥାଏ ତାହେଲେ ଅଂଶଗ୍ରହଣକାରୀମାନେ ଗୋଷ୍ଠୀକୁ ଯାଇ ଆଖିରେ ପଡୁଥିବା ବିଭିନ୍ନ ଜୀବସତ୍ତା ଗୁଡିକୁ ତାଲିକା କରିବେ ଏବଂ ସେଗୁଡିକ କିପରି ଲୋକମାନଙ୍କ ବ୍ୟବ ହାରରେ ଆସୁଛି ତାହା ଲିପିବଦ୍ଧ କରିବେ । ନଚେତ୍ ସେମାନେ ନିଜ ଅଂଚଳରେ ଉପଲବ୍ଧ ବିଭିନ୍ନ ଜୀବସତ୍ତା ଗୁଡିକୁ ତାଲିକା କରିବେ ଏବଂ ସେଗୁଡିକ କିପରି ଲୋକମାନଙ୍କ ବ୍ୟବହାରରେ ଆସୁଛି ତାହା ଲିପିବଦ୍ଧ କରିବେ ।

୨ - ଅଂଶଗ୍ରହଣକାରୀମାନେ ସେମାନଙ୍କ ଲିଖିତ ବିବରଣୀକୁ ସମୁଦାୟ ଦଳରେ ଉପସ୍ଥାପନା କରିବେ ।

୩ – ଏଗୁଡିକର ଆଧାରରେ ତାଲିମ ସହାୟକ ଜୈବିକ ଏବଂ ଆନୁବଂଶିକ ସମ୍ବଳ ଏବଂ ସେଗୁଡିକ କିପରି ଲୋକମାନଙ୍କ ବ୍ୟବହାରରେ ଆସୁଛି ସେହି ସଂଜ୍ଞା ସଂପର୍କରେ ବୁଝାଇବେ ।

## ବିଷୟଗତ ଆଲୋଚନା – ୧ ଘଣ୍ଟା

### ୧ - ଜୈବିକ ଏବଂ ଆନୁବଂଶିକ ସମ୍ବଳ ସବୁ କଣ ଏବଂ ସେଗୁଡିକ କିପରି ଲୋକମାନଙ୍କ ବ୍ୟବହାରରେ ଆସୁଛି ?

ଜୈବିକ ଏବଂ ଆନୁବଂଶିକ ସମ୍ବଳ ହେଉଛି ଉଦ୍ଭିଦ, ପଶୁପକ୍ଷୀ, କୀଟାଣୁ ଓ ଜୀବାଣୁ, ଜୀବକୋଷ, ଜୈବବଗୁଣ ବା ଜିନ୍ ଇତ୍ୟାଦି ।

ଆମର ବଂଚିବା ପାଇଁ ପ୍ରକୃତି ଏବଂ ଏହାର ଜୈବିକ ଏବଂ ଆନୁବଂଶିକ ସଂବଳ ଗୁଡିକ କିପରି ଉପଯୋଗୀ ତାହା ଆଦିମ ଅଧିବାସୀ ମାନେ ପ୍ରକୃତି ସହ ନିଜର ନିବିଡ ସଂପର୍କ ଯୋଗୁଁ ଜାଣନ୍ତି । ପ୍ରକୃତି ଅନେକ ରୋଗ ପାଇଁ ଔଷଧ ଖଂଜି ଦେଇଛି । ଆମ ଫସଲର ରୋଗପୋକ ନିୟନ୍ତ୍ରଣ ପାଇଁ ଜଙ୍ଗଲୀ ଗଛଲତା ଗୁଡିକ କୀଟନାଶକ ଦେଇଥାନ୍ତି । ପ୍ରକୃତି ଏବଂ ଜୈବବିବିଧତାର ସନ୍ତୁଳନ ପଶୁପକ୍ଷୀ ଏବଂ କୀଟପତଙ୍କ ମାନଙ୍କ ଦ୍ୱାରା ହୋଇଥାଏ ।

ଜୈବବିବିଧତା ର ବିଭିନ୍ନ ଉପାଦାନ ଗୁଡିକ ମଧ୍ୟରେ ସଂପର୍କର ବିଶାଳ ଶୃଙ୍ଖଳ ଆମର ଗ୍ରହକୁ ମଣିଷ ସହ ଅନ୍ୟାନ୍ୟ ଜୀବ ପ୍ରଜାତିର ବାସସ୍ଥଳୀ ଭାବେ ପରିଗଣିତ କରିଛି । ଆମର ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଆମର ଅର୍ଥନୀତି ଏବଂ ମାନବିକ ସମାଜର ସମୃଦ୍ଧି ପ୍ରକୃତି ଦତ୍ତ ବିଭିନ୍ନ ପାରିବେଶିକ ସେବା ଉପରେ ବିଶେଷ ନିର୍ଭରଶୀଳ । ଏହି ସେବା ଗୁଡିକ ଅତି ଦୁର୍ମୂଲ୍ୟ ଏବଂ ସେସବୁର କୌଣସି ବିକଳ୍ପ ନାହିଁ । ଏହି ସେବା ଗୁଡିକ ଏତେ ବିସ୍ତୃତ ଯେ ତାହାକୁ ଅସୀମ ବୋଲି ବିଚାର କରାଯାଇପାରେ । ଉଦାହରଣ ସ୍ୱରୂପ ଗୋଟିଏ ଜୀବ ଅନ୍ୟ ଜୀବକୁ ଖାଇବା ଦ୍ୱାରା ହେଉଥିବା ଫସଲର ରୋଗପୋକ ନୀୟନ୍ତ୍ରଣ କିମ୍ବା ବିଭିନ୍ନ

କୀଟପତଙ୍ଗ ବା ପକ୍ଷୀଙ୍କର ଦୈନନ୍ଦିନ କାର୍ଯ୍ୟ ଦ୍ୱାରା ହେଉଥିବା ପରାଗସଂଗମ ଆଦି ପ୍ରାକୃତିକ ସେବା ଗୁଡିକୁ କୌଣସି ପ୍ରକାରେ ମଧ ପରିବର୍ତ୍ତନ କରିବା ଆଦୌ ସମ୍ଭବ ନୁହେଁ ।

ପର୍ଯ୍ୟାବରଣରୁ ମିଳୁଥିବା ସେବା ଓ ସାଧନ ଗୁଡିକ ହେଲା

- ଖାଦ୍ୟ, ଜାଳେଣୀ ଏବଂ ତନ୍ତୁର ଉପଲବ୍ଧତା
- ବାସଗୃହ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ
- ପାଣି ଏବଂ ପବନର ଶୁଦ୍ଧତା ବଜାୟ ରଖିବା
- ବର୍ଯ୍ୟବସ୍ତୁ ଗୁଡିକର ମାଟିରେ ମିଶିଯିବା ପ୍ରକ୍ରିୟା  ଏବଂ ଅମ୍ଳତ୍ୱ ରୂପାନ୍ତରୀକରଣ
- ଜଳବାୟୁର ସ୍ଥିରତା ଏବଂ ଯଥାଯଥ ନିୟନ୍ତ୍ରଣ
- ବନ୍ୟା, ମରୁଡି, ଉତ୍ତାପର ତାପମାନ ଏବଂ ପବନର ତୀବ୍ରତା ର ଯଥାଯଥ ନିୟନ୍ତ୍ରଣ
- ମାଟିର ଉର୍ବରତା ଏବଂ ପୁଷ୍ଟିଚକ୍ରର ନବୀକରଣ ଏବଂ ପରିବର୍ଦ୍ଧନ
- ବୃକ୍ଷଲତା ଏବଂ ଫସଲ ଗୁଡିକର ପରାଗସଂଗମ
- ରୋଗ ପୋକ ନିୟନ୍ତ୍ରଣ
- ଫସଲ ପ୍ରଜାତି, ଗୃହପାଳିତ ପଶୁପକ୍ଷୀ, ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀର ଆନୁବଂଶିକ ସମ୍ବଳର ପରିଚାଳନା
- ସାଂସ୍କୃତିକ ଏବଂ କଳା ସୌନ୍ଦର୍ଯ୍ୟବୋଧର ଲାଭ
- ପରିବର୍ତ୍ତନକୁ ଗ୍ରହଣ କରିବାର ସାମର୍ଥ୍ୟ

ତେଣୁ ଆମ ନିଜର ସ୍ୱାର୍ଥ ପାଇଁ ଆମେ ଜୈବବିବିଧତାର ସୁରକ୍ଷା କରିବା ଆବଶ୍ୟକ ।  ଜୈବ ସମ୍ବଳ ଗୁଡିକ ହେଉଛି ଆମ ସଭ୍ୟତାର ମୂଖ୍ୟସ୍ତମ୍ଭ । ପ୍ରାକୃତିକ ସମ୍ବଳ ଆମର କୃଷି, ପ୍ରସାଧନ ସାମଗ୍ରୀ, କାଗଜ ଓ ମଣ୍ଡ ତିଆରି, ଚାରା ଉତ୍ପାଦନ, ନିର୍ମାଣ କାର୍ଯ୍ୟ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସଂପର୍କିତ ବିଭିନ୍ନ ଶିଳ୍ପ ଗୁଡିକୁ କଞ୍ଚାମାଲ ଯୋଗାଇଥାଏ । ଜୈବବିବିଧତାର କ୍ଷୟ ଆମର ଖାଦ୍ୟ ଯୋଗାଣ, ପର୍ଯ୍ୟଟନ ଏବଂ ଆମୋଦପ୍ରମୋଦ ସୁବିଧା, ଜାଳେଣି ଉତ୍ସ, ଔଷଧ ଏବଂ ଶକ୍ତି ଉତ୍ସକୁ ପ୍ରଭାବିତ କରିବ । ଏହା ମଧ ପାରିବେଶୀକ ବ୍ୟବସ୍ଥାକୁ ହାନି ପହଞ୍ଚାଇବ ।

## ୨ – କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ସି.ବି.ଡି ର ଅନୁଚ୍ଛେଦ

ସି.ବି.ଡି ର ତିନିଟି ମୂଖ୍ୟ ଲକ୍ଷ୍ୟ ମଧରୁ ଗୋଟିଏ ହେଲା ଆନୁବଂଶିକ ସମ୍ବଳର ବିନିଯୋଗ ଦ୍ୱାରା ହେଉଥିବା ଲାଭରୁ ସୁଲଭ ଏବଂ ସମାନ ଭାଗ । ସମ୍ମିଳନୀର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଅନେକ ଅନୁଚ୍ଛେଦରେ ଏହିଲକ୍ଷ୍ୟ ପ୍ରତିଫଳିତ ହୋଇଛି । ସେହିସବୁ ଅନୁଚ୍ଛେଦ ଗୁଡିକ ନିମ୍ନରେ ଦିଆଯାଇଛି ।

**ଅନୁଚ୍ଛେଦ - ୧ – ଲାଭାଂଶର ସୁଲଭ ଏବଂ ସମାନ ଭାଗିଦାରିତା**

- ଆନୁବଂଶିକ ସମ୍ବଳର ବିନିଯୋଗ ଦ୍ୱାରା ହେଉଥିବା ଲାଭରୁ ସୁଲଭ ଏବଂ ସମାନ ଭାଗ ମଧ୍ୟରେ ରହିଛି – ଏଥିସହ ସମ୍ବଳ ଏବଂ ବୈଷୟିକ କୌଶଳ ଗୁଡିକ ଉପରେ ଥିବା ସମସ୍ତ ଅଧିକାର ଗୁଡିକୁ ବିଚାରକୁ ନେଇ ଏବଂ ସମ୍ମୁଚିତ ଅନୁଦାନ ବ୍ୟବସ୍ଥାରେ ଆନୁବଂଶିକ ସଂବଳ ଉପରେ ସମୁଚିତ କର୍ତ୍ତୃତ୍ୱ, ସମୁଚିତ ଉପାୟରେ ଉପଯୋଗୀ ବୈଷୟିକ କୌଶଳ ଗୁଡିକର ହସ୍ତାନ୍ତର ।

**ଅନୁଚ୍ଛେଦ ୧୫ – ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ**

- ପ୍ରାକୃତିକ ସମ୍ବଳ ଉପରେ ରାଷ୍ଟ୍ରର ସାର୍ବଭୌମତ୍ୱକୁ ସ୍ୱିକୃତି
- କେବଳ ଜାତୀୟ ସରକାର ଜାତୀୟ ବିଧେୟକ ମାଧମରେ ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଆଣିବାକୁ କ୍ଷମତାପ୍ରାପ୍ତ ।
- ପ୍ରତ୍ୟେକ ପକ୍ଷ ବା ରାଷ୍ଟ୍ର ପାରିବେଶିକ ସହଣିକ ବ୍ୟବହାର ପାଇଁ ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ରଖିପାରିବେ ଏବଂ ସମ୍ମିଳନୀର ଉଦ୍ଦେଶ୍ୟ ବିରୋଧ କଲାଭଳି କୌଣସି ବ୍ୟବସ୍ଥା ପ୍ରଣୟନ କରିପାରିବେ ନାହିଁ । ( ଅନୁଚ୍ଛେଦ ୧୫ (୨) )
- ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ସହମତି ଭିତ୍ତିକ ବୁଝାମଣାରେ ହେବ ଏବଂ ଏହି ସମ୍ବଳ ପ୍ରଦାନ କରୁଥିବା ପକ୍ଷଙ୍କୁ ଆଗୁଆ ଜ୍ଞାତସାର ଅନୁମତି ନେଇ ବା ତାଙ୍କର ନିର୍ଣ୍ଣୟ ଅନୁସାରେ ହେବା ଆବଶ୍ୟକ ।

**ଅନୁଚ୍ଛେଦ - ୧୬ – ବୈଷୟିକ କୌଶଳ ହସ୍ତାନ୍ତର ଉପରେ କର୍ତ୍ତୃତ୍ୱ**

- ବୌଦ୍ଧିକ ସଂପତ୍ତିଗତ ଅଧିକାର କୁ ଆଧାର କରି ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଉପଯୋଗୀ ଜୈବବିଜ୍ଞାନର ବୈଷୟିକ କୌଶଳ ହସ୍ତାନ୍ତର ଉପରେ କର୍ତ୍ତୃତ୍ୱ ର ବିକାଶକୁ ସୂଚାଉଛି ।

**ଅନୁଚ୍ଛେଦ - ୧୭ - ତଥ୍ୟ ବିନିମୟ**

- ତଥ୍ୟ ବିନିମୟ ମଧ୍ୟରେ, ବୈଷୟିକ ଫଳାଫଳର ବିନିମୟ, ବୈଜ୍ଞାନିକ ଏବଂ ସାମାଜିକ ଆର୍ଥିକ ଗବେଷଣା, ତାଲିମ ଏବଂ ସର୍ବେକ୍ଷଣ ସଂପର୍କିତ ତଥ୍ୟ, ସ୍ୱତନ୍ତ୍ର ଜ୍ଞାନ, ଆଦିବାସୀ ଏବଂ ପାରଂପରିକ ଜ୍ଞାନ ଏବଂ ଅନୁଚ୍ଛେଦ ୧୬ ସଂପର୍କିତ ସମସ୍ତ ବୈଷୟିକ କୌଶଳ ଅନ୍ତର୍ଭୁକ୍ତ । ଏଥିସହ ଯେଉଁଠି ସମ୍ଭବ ତଥ୍ୟ ପ୍ରତ୍ୟର୍ପଣକୁ ମଧ ସାମିଲ କରାଯିବ ।

**ଅନୁଚ୍ଛେଦ ୧୮ – ବୈଷୟିକ ଏବଂ ବୈଜ୍ଞାନିକ ସହଯୋଗୀତା**

- ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ, ଜାତୀୟ ବିଧେୟକ ଏବଂ ନୀତିନୀୟମ ଆଧାରରେ ଏହି ସମ୍ମିଳନୀର ସୁପାରିଶ ଅନୁଯାୟୀ ଆଦିବାସୀ ଏବଂ ପାରଂପରିକ କୌଶଳ ସମେତ ବୈଷୟିକ କୌଶଳ ଗୁଡିକର ବ୍ୟବହାର ଏବଂ ବିକାଶ ପାଇଁ ସହଯୋଗୀତା କୌଶଳର ପ୍ରଣାଳୀ ବାହାର କରିବାକୁ ଉତ୍ସାହିତ କରିବେ । ଏହି ଉଦ୍ଦେଶ୍ୟରେ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ, କର୍ମକର୍ତ୍ତା ମାନଙ୍କର ତାଲିମ ଏବଂ ବିଶେଷଜ୍ଞ ମାନଙ୍କ ବିନିମୟ ପାଇଁ ମଧ ସହଯୋଗର ବିକାଶ କରିବେ ।

**ଅନୁଚ୍ଛେଦ ୧୯ – ଜୈବ ବିଜ୍ଞାନର ପରିଚାଳନା ଏବଂ ଲାଭାଂଶର ବଣ୍ଟନ**

- ଜୈବ ବିଜ୍ଞାନଗତ ଗବେଷଣାରେ ବିକାଶଶୀଳ ରାଷ୍ଟ୍ର ଗୁଡିକର ସଂପୃକ୍ତିରେ ଉନ୍ନତୀ
- ବିକାଶଶୀଳ ରାଷ୍ଟ୍ର ଗୁଡିକର ଆନୁବଂଶିକ ସାମଗ୍ରୀକୁ ନେଇ ହେଉଥିବା ଗବେଷଣାଲବ୍ଧ ସୁଫଳ ଏବଂ ଲାଭ ଉପରେ ସେମାନଙ୍କ କର୍ତ୍ତୃତ୍ୱର ଅଗ୍ରାଧିକାର
- ତେବେ ଯାହା ହୋଇପାରିଛି ତାହା ହେଲା - ଉତ୍ତରାଞ୍ଚଳ ରାଷ୍ଟ୍ର ସମୂହ ଦକ୍ଷିଣାଞ୍ଚଳ ରାଷ୍ଟ୍ର ଗୁଡିକୁ ଜୈବବିଜ୍ଞାନର ଲାଭ ଗୋଟିଏ ସର୍ତ୍ତରେ ଦେଇ ପାରନ୍ତି ତାହା ହେଲା ଯଦି  ଦକ୍ଷିଣାଞ୍ଚଳ ରାଷ୍ଟ୍ର ଗୁଡିକ ଉତ୍ତରାଞ୍ଚଳ ରାଷ୍ଟ୍ର ଗୁଡିକୁ ପ୍ରଥମେ ଜୈବ ସମ୍ବଳ ଗୁଡିକ ଉପରେ କର୍ତ୍ତୃତ୍ୱ ଦେବେ ।

## କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ସି.ବି.ଡି ଦ୍ୱାରା ହୋଇଥିବା କାର୍ଯ୍ୟକ୍ରମ ଗୁଡିକର ଇତିହାସ ଏବଂ ସମୟ ସାରଣୀ

**ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଚତୁର୍ଥ ଅଧିବେଶନ, ୧୯୯୮**

ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଚତୁର୍ଥ ଅଧିବେଶନ, ୧୯୯୮ ... ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ସେଗୁଡିକର ବ୍ୟବହାରରୁ ହେଉଥିବା ଲାଭର ସୁଲଭ ସମବଣ୍ଟନ ସଂପର୍କିତ ସମସ୍ୟା ଗୁଡିକର ସଂଜ୍ଞା ଓ ନୀତିନୀୟମ ଗୁଡିକୁ ବୁଝାଇବା ଏବଂ ଆଗୁଆ ଜ୍ଞାତସାର ଅନୁମତି, ସହମତି ଭିତ୍ତିକ ବୁଝାମଣା ଏବଂ ଅନାନ୍ୟ ବିଷୟ ନିର୍ଦ୍ଧାରଣ ନିମନ୍ତେ ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଏକ ବିଶେଷଜ୍ଞ ପ୍ୟାନେଲ ଗଠନ କଲେ ।

**ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ପଞ୍ଚମ ଅଧିବେଶନ, ୨୦୦୦**

ସମ୍ମିଳନୀର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଗଠିତ ବିଶେଷଜ୍ଞ ପ୍ୟାନେଲର କାର୍ଯ୍ୟକୁ ବିଚାରକୁ ନେଇ ସମ୍ମିଳନୀର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ବ୍ୟବସ୍ଥା ଗୁଡିକ କାର୍ଯ୍ୟକାରୀତାରେ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକୁ ସହାୟତା କରିବା ପାଇଁ ଅଧିବେଶନରେ ଏକ ମାର୍ଗଦର୍ଶିକା ଏବଂ କୌଶଳ ନିର୍ଦ୍ଧାରଣ ନିମନ୍ତେ ଏକ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳ ଗଠନ କରାଗଲା ।

**ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଷଷ୍ଠ ଅଧିବେଶନ, ୨୦୦୨**

ଆନୁବଂଶିକ ସମ୍ବଳ ଏବଂ ସେଗୁଡିକର ବ୍ୟବହାର ଦ୍ୱାରା ହେଉଥିବା ଲାଭାଂଶର ସୁଲଭ ଏବଂ ସମବଣ୍ଟନ ସଂପର୍କରେ କାର୍ଯ୍ୟକାରୀ ଦଳ ଦ୍ୱାରା ପ୍ରସ୍ତୁତ ବନ୍ ମାର୍ଗଦର୍ଶିକା ୨୦୦୨ ମସିହାରେ ନେଦରଲାଣ୍ଡର ହଗ୍ ଠାରେ ଅନୁଷ୍ଠିତ ସମ୍ମିଳନୀର ଷଷ୍ଠ ଅଧିବେଶନରେ ଗୃହିତ ହେଲା । ଏହି ମାର୍ଗଦର୍ଶିକା ଗୁଡିକ ସମ୍ମିଳନୀର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ନୀତି ବ୍ୟବହାର ପାଇଁ ଉଭୟ ସମ୍ବଳଦାତା ଏବଂ ଆନୁବଂଶିକ ସମ୍ବଳ ବ୍ୟବହାର କାରୀ ମାନଙ୍କ ସ୍ୱେଚ୍ଛାକୃତ ମାର୍ଗଦର୍ଶନ ନିମନ୍ତେ ଉଦ୍ଦିଷ୍ଟ ଥିଲା । କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ପ୍ରଶାସନିକ, ବିଧେୟକ ଏବଂ ନୀତିନୀୟମ ପ୍ରସ୍ତୁତି ସମୟରେ କିମ୍ବା କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ରାଜିନାମା ଓ ବୁଝାମଣା କରିବା ସମୟରେ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକୁ ସହାୟତା ପାଇଁ ଏହା କରାଯାଇଥିଲା ।

ଉଦାହରଣ ସ୍ୱରୁପ ସେମାନେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ପ୍ରକ୍ରିୟାରେ ଏହାକୁ କାର୍ଯ୍ୟକାରୀ କଲେ, ସେହି ପ୍ରଣାଳୀଗତ ଅବଲମ୍ବନ ଦ୍ୱାରା  ତାହା ସମ୍ବଳ ଯୋଗାଣ କାରୀ ରାଷ୍ଟ୍ର ପାଇଁ ଆଗୁଆ ଜ୍ଞାତସାର ଅନୁମତି ହିସାବରେ ବିବେଚିତ ହୋଇଥାଏ । ସେମାନେ କର୍ତ୍ତୃତ୍ୱର ପ୍ରକାର ଏବଂ ଆନୁବଂଶିକ ସଂବଳ ବ୍ୟବହାର ସଂପର୍କରେ ବୁଝାମଣା ଭିତ୍ତିକ ରାଜିନାମାର ସର୍ତ୍ତ ଗୁଡିକର ଏକ ସୂଚୀତ ତାଲିକା ପ୍ରଦାନ କରିଥାନ୍ତି । ସେମାନେ ଆନୁବଂଶିକ ସଂବଳ ଯୋଗାଣକାରୀ ରାଷ୍ଟ୍ର ଏବଂ ବ୍ୟବହାରା କାରୀ ରାଷ୍ଟ୍ରରଭୂମିକା ଓ ଦାୟିତ୍ୱ ସଂପର୍କରେ ମଧ୍ୟ ଦିଗ୍‌ଦର୍ଶନ ଦେଇଥାନ୍ତି ।

## ସ୍ଥାୟୀ ବିକାଶ ସଂପର୍କରେ ବିଶ୍ୱ ସମ୍ମିଳନୀ ( ଡବ୍ଲୁ.ଏସ୍.ଏସ୍.ଡି)(୨୦୦୨)

୨୦୦୨ ମସିହା ସେପ୍ଟେମ୍ବର ମାସରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ଠାରେ ଅନୁଷ୍ଠିତ ସ୍ଥାୟୀ ବିକାଶ ସଂପର୍କରେ ବିଶ୍ୱ ସମ୍ମିଳନୀରେ ଆନୁବଂଶିକ ସମ୍ବଳର ବ୍ୟବହାର ଜନିତ ଲାଭାଂଶର ସୁଲଭ ଓ ସମ ବଣ୍ଟନ ପାଇଁ ଏକ ଆନ୍ତର୍ଜାତୀୟ ବୈଧାନିକ ପଦ୍ଧତି ସ୍ଥିର କରିବାକୁ ରାଷ୍ଟ୍ର ଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ସପ୍ତମ ଅଧିବେଶନ, ୨୦୦୪

୨୦୦୪ ମସିହାରେ ମାଲୟେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ସପ୍ତମ ଅଧିବେଶନରେ ଅନୁଚ୍ଛେଦ ୧୫ରେ ଥିବା ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ସମ୍ମିଳନୀର ଅନୁଚ୍ଛେଦ ୮ (ଜେ)ରେ ଥିବା ପାରଂପରିକ ଜ୍ଞାନ ସଂପର୍କିତ ବିଷୟ ଏବଂ ସମ୍ମିଳନୀର ତିନିଟି ଉଦ୍ଦେଶ୍ୟ ର ସଫଳ କାର୍ଯ୍ୟକାରୀତା ପାଇଁ ପଦକ୍ଷେପ ମାନ ଗ୍ରହଣ କରିବାକୁ ଲକ୍ଷ୍ୟରଖି ଆନୁବଂଶିକ ସମ୍ବଳର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଏକ ଆନ୍ତର୍ଜାତୀୟ ବୈଧାନିକ ପ୍ରଣାଳୀ ପ୍ରସ୍ତୁତି ନିମନ୍ତେ ସ୍ଥାୟୀ ବିକାଶ ସଂପର୍କିତ ବିଶ୍ୱ ସମ୍ମିଳନୀର ଆହ୍ୱାନର କାର୍ଯ୍ୟକାରୀତାର ବିଶ୍ଳେଷଣ ଏବଂ ଆନୁବଂଶିକ ସମ୍ବଳର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ କାର୍ଯ୍ୟକାରୀ ଦଳକୁ ଦିଆଯାଇଥିବା କାର୍ଯ୍ୟର ସମୀକ୍ଷା କରିଥିଲେ । ଅଧିବେଶନର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ କାର୍ଯ୍ୟକାରୀ ଦଳ ପାଇଁ ନିର୍ଦ୍ଧାରିତ କାର୍ଯ୍ୟବିଧି, ଏହାର ପ୍ରକ୍ରିୟା, ଗୁଣ ବା ପ୍ରକାର, ପରିସର ଏବଂ ଆନ୍ତର୍ଜାତୀୟ ବିଧାନୀକ ପ୍ରଣାଳୀର ଉପାଦାନ ଗୁଡିକୁ ଉପରେ ସହମତି ପ୍ରକାଶ କରିଥିଲେ ।

## ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଅଷ୍ଟମ ଅଧିବେଶନ, ୨୦୦୬

ବ୍ରାଜିଲର କ୍ୟୁରିସିବା ଠାରେ ଅନୁଷ୍ଠିତ ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଅଷ୍ଟମ ଅଧିବେଶନରେ ସି.ଓ.ପି କାର୍ଯ୍ୟକାରୀ ଦଳର କାର୍ଯ୍ୟକାଳ ବୃଦ୍ଧି କଲେ ଏବଂ ୨୦୧୦ ମସିହା ପୂର୍ବରୁ ଯଥା ଶିଘ୍ର କାମ ସଂପୂର୍ଣ୍ଣ କରିବାକୁ ଅନୁରୋଧ କଲେ । ସେମାନେ କାନାଡାର ଶ୍ରୀ ଟିମୋଥି ହୋଗ୍‌ସ ଏବଂ କଲମ୍ବିଆର ଫର୍ଣ୍ଣାଣ୍ଡୋ କାସାସ୍‌ଙ୍କୁ ସହ ଅଧକ୍ଷ ଭାବେ ନିଯୁକ୍ତ ଦେଲେ । ଅଷ୍ଟମ ଅଧିବେଶନ ଅନୁସାରେ ଆନ୍ତର୍ଜାତୀୟ ବୈଧାନିକ ପ୍ରଣାଳୀ ପ୍ରସ୍ତୁତିର ସମନ୍ୱୟ ପାଇଁ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ କାର୍ଯ୍ୟକାରୀ ଦଳର ଦୁଇଟି ବୈଠକ ସି.ଓ.ପି ର ନବମ ଅଧିବେଶନ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ୨୦୦୭ ମସିହା ଅକ୍ଟୋବର ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ କାନାଡାର ମଣ୍ଟ୍ରିଲ୍ ରେ ପଞ୍ଚମ ଏବଂ ୨୦୦୮ ଜାନୁଆରୀ ୨୧ ରୁ ୨୫ ପର୍ଯ୍ୟନ୍ତ ସ୍ୱିଜରଲାଣ୍ଡର ଜେନେଭାରେ ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଥିଲା ।

## ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ନବମ ଅଧିବେଶନ, ୨୦୦୮

୨୦୦୮ ମସିହା ମେ ମାସରେ ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ନବମ ଅଧିବେଶନରେ, ୨୦୧୦ ଅକ୍ଟୋବର ମାସ ଦଶମ ଅଧିବେଶନ ପୂର୍ବରୁ ଆନୁବଂଶିକ ସମ୍ବଳର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ବୈଧାନିକ ପ୍ରଣାଳୀ ର ପରିବର୍ଦ୍ଧନ ଏବଂ ସମନ୍ୱୟ ଚୁଡାନ୍ତ କରିବା ନିମନ୍ତେ ପର୍ଯ୍ୟାୟକ୍ରମିକ ଆଲୋଚନା ବୈଠକ ପାଇଁ ରାଜିହେଲେ । ସି.ଓ.ପି ନିଷ୍ପତ୍ତି ଗ୍ରହଣ କଲେ ଯେ, କାର୍ଯ୍ୟକାରୀ ଦଳର ତିନୋଟି ବୈଠକ ଏବଂ ଆନ୍ତର୍ଜାତୀୟ ବୈଧାନୀକ ପ୍ରଣାଳୀ ସମନ୍ୱୟକାରୀ ଦଳ ବୈଠକ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ଅନୁଷ୍ଠିତ ହେବ । ସି.ଓ.ପି ମଧ୍ଯ ଆନ୍ତର୍ଜାତୀୟ ବୈଧାନିକ ପ୍ରଣାଳୀର ଭବିଷ୍ୟତ ପରିବର୍ଦ୍ଧନ ଏବଂ ସମନ୍ୱୟର ଭିତ୍ତିଗତ ବିଷୟ ଗୁଡିକ ସଂମ୍ପର୍କରେ ସହମତି ପ୍ରକାଶ କଲେ । ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଯଥା - ଅଙ୍ଗୀକାରବଦ୍ଧତା, ସଂଜ୍ଞା, ଅବଧି, କାର୍ଯ୍ୟଗତ ସଂଜ୍ଞା ଓ ଆଂଚଳିକ ପ୍ରକ୍ରିୟା ଏବଂ ଆନୁବଂଶିକ ସମ୍ବଳକୁ ଧରିଥିବା ପାରଂପରିକ ଜ୍ଞାନ ସଂପର୍କରେ ଥିବା ସମସ୍ୟାଗୁଡିକୁ ସମାଧାନ କରିବା ପାଇଁ କାର୍ଯ୍ୟକାରୀ ଦଳକୁ ସହାୟତା କରିବା ନିମନ୍ତେ ବୈଷୟିକ ଓ ଆଇନ ବିଶେଷଜ୍ଞ ମାନଙ୍କର ତିନିଟି ଦଳ ଗଠନ ପାଇଁ ନିଷ୍ପତ୍ତି ନିଆଗଲା ।

ଉତ୍ସ – ସି.ବି.ଡି. ୱେବ୍‌ସାଇଟ୍ <www.cbd.int>.

## 3 – ବନ୍ ମାର୍ଗଦର୍ଶିକା

ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ୪ର୍ଥ ଅଧିବେଶନର ଏକ ବଡ ସଫଳତା ହେଉଛି ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଏହାର ବ୍ୟବହାର ଜନିତ ଲାଭର ସୁଲଭ ଏବଂ ସମ ବଣ୍ଟନ ସଂପର୍କିତ ବନ୍ ମାର୍ଗଦର୍ଶିକା । ( ନିଷ୍ପତ୍ତି ଙ/୨୪ ଦ୍ରଷ୍ଟବ୍ୟ ) ଏହି ମାର୍ଗଦର୍ଶିକା ସମ୍ମିଳନୀର ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଏହାର ଲାଭାଂଶ ବଣ୍ଟନ ସଂପର୍କିତ ଉପଯୋଗ ବ୍ୟବସ୍ଥା ଗୁଡିକର କାର୍ଯ୍ୟକାରୀତା ପାଇଁ ଏକ ଉପଯୋଗୀ ପ୍ରକ୍ରିୟାର ପ୍ରାଥମିକ ପଦକ୍ଷେପ ହିସାବରେ ସ୍ୱିକୃତି ପାଇଥିଲା । ଏହି ସ୍ୱେଚ୍ଛାକୃତ ମାର୍ଗଦର୍ଶିକାଟି ପକ୍ଷ ଗୁଡିକୁ, ବିଧେୟକ ପ୍ରସ୍ତୁତି ସମୟରେ ସରକାର ଏବଂ ଅନ୍ୟାନ୍ୟ ସଂଶ୍ଳିଷ୍ଟ ଅନୁଷ୍ଠାନ ଗୁଡିକୁ, କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ନିମନ୍ତେ ପ୍ରଶାସନିକ ଏବଂ ନୀତିନୀୟମ ପ୍ରଣୟନ ପାଇଁ ଏବଂ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ନିମନ୍ତେ ହେଉଥିବା ରାଜିନାମା ଓ ଚୁକ୍ତିରେ ସହାୟତା କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏହି ମାର୍ଗଦର୍ଶିକାଟି ମଧ ଜୈବ ଆଧାରିତ ଚୁକ୍ତି ଗୁଡିକର ରାଜିନାମା ଏବଂ କାର୍ଯ୍ୟକାରୀତା ନିମନ୍ତେ ଏକ ମାନୁଏଲ୍ ହିସାବରେ ସହାୟକ ହେଉଥିଲା । ସି.ବି.ଡି ଦ୍ୱାରା ସଂଶୋଧିତ ହେବା ପରେ ଏଥିରେ ଆନୁବଂଶିକ ସମ୍ବଳ କର୍ତ୍ତୃତ୍ୱ ବିଷୟ ଏଥିରେ ସ୍ଥାନିତ ହେଲା ଏବଂ ଏଥିରେ ବର୍ତ୍ତମାନ ସଂଗୃହିତ ଆନୁବଂଶିକ ସାମଗ୍ରି ଗୁଡିକ ମିଳିବ ନାହିଁ । ସି.ବି.ଡି ପୂର୍ବବର୍ତ୍ତୀ ସମସ୍ତ ଆନୁବଂଶିକ ସଂଗ୍ରହ ଗୁଡିକ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ର ବ୍ୟବସ୍ଥା ନଥାଇ କର୍ତ୍ତୃତ୍ୱାଧିନ ହୋଇସାରିଛି ।

୨୦୧୦ ମସିହାରେ ସମ୍ମିଳନୀର ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ଦଶମ ଅଧିବେଶନରେ ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଏଗୁଡିକ ବ୍ୟବହାରରୁ ହେଉଥିବା ଲାଭାଂଶର ସୁଲଭ ଓ ସମ ବଣ୍ଟନ ସମ୍ପର୍କିତ ନାଗୋୟା ସର୍ତ୍ତାବଳୀ ଗୃହିତ ହେଲା ।

## ୪ - ଆନନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ସଂପର୍କରେ ଆଦିମ ଅଧିବାସୀ ମାନେ ସମ୍ମୁଖିନ ହେଉଥିବା ସମସ୍ୟା

### କ – ଜୈବ ଅପହରଣ ବା ଚୋରାବ୍ୟବସାୟ

ଅପହରଣ ଅର୍ଥ ହେଉଛି ଜଣଙ୍କର ଜିନିଷ ତାର ବିନା ଅନୁମତିରେ ଏବଂ କୌଣସି ଦେୟ ନଦେଇ ନେଇଯିବା । ତେଣୁ ଜୈବ ଅପହରଣକୁ ଜୈବସମ୍ବଳର ଚୋରି ବୋଲି ବୁଝିବାକୁ ପଡିବ । ଆଦିମ ଅଧିବାସୀମାନେ ସମ୍ମୁଖୀନ ହେଉଥିବା ପ୍ରଶ୍ନଟି ହେଲା – ଜୈବ ସମ୍ବଳ ଗୁଡିକ କେଉଁଠୁ ଅପହରଣ କରାଯାଉଛି ଏବଂ ଦେୟ କଣ ପାଇଁ ଦିଆଯାଉଛି ।

### ନିମ୍ବ ବୃକ୍ଷର ଚୋରାବ୍ୟବସାୟ

ଚୋରାବ୍ୟବସାୟର ଏକ ସୁନ୍ଦର ଉଦାହରଣ ହେଉଛି ଏକ ଅନ୍ତଃରାଷ୍ଟ୍ରୀୟ କର୍ପୋରେସନ୍ ଦ୍ୱାରା ନିମ୍ବ ଗଛର ଚୋରା କାରବାର । ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ବଢୁଥିବା ଏବଂ ଶିଘ୍ର ବଢୁଥିବା ଏବଂ ସବୁବେଳେ ଘଞ୍ଚ ହୋଇ ରହୁଥିବା ଏହି ମଜଭୁତ କାଠ ବିଶିଷ୍ଟ ଏହି ନିମ୍ବ ଗଛ ଭାରତର ଶୁଷ୍କ ଅଂଚଳରେ ବହୁଳ ଭାବରେ ଦେଖାଯାଏ । ଆମେରୀକୀୟ କମ୍ପାନୀ ଗୁଡିକ ଦ୍ୱାରା ନିମ୍ବ ଗଛର ବିଭିନ୍ନ ବ୍ୟବହାର ପାଇଁ ପେଟେଣ୍ଟ ଅଧିକାର ମିଳିସାରିଛି ଏବଂ ଅଧିକାଂଶ ଚାଷୀ କ୍ରୋଧାନ୍ୱିତ ହୋଇଛନ୍ତି ଯେ, ସେମାନଙ୍କ ବୌଦ୍ଧିକତାର ଅପହରଣ ହୋଇଛି । ଗାଁର ନିମ୍ବ ଗଛ ଭାରତୀୟ ଆଦିବାସୀ ଜ୍ଞାନର ଏକ ପ୍ରତୀକ ଏବଂ କମ୍ପାନୀ ଗୁଡିକ ତାଙ୍କର ଜ୍ଞାନକୁ ନେଇ ନିଜସ୍ୱ ଲାଭରେ ବ୍ୟବହାର କରିବେ ବୋଲି ସେମାନେ ଏହାର ବିରୋଧ କରୁଛନ୍ତି ।

ନିମ୍ବଗଛର ରାସାୟନୀକ ଗୁଣ ଯୋଗୁଁ ଏହା ଅନେକ ପ୍ରକାର ବ୍ୟବହାରରେ ଆସିଥାଏ । ଏହାର ଚେର ଠାରୁ ଆରମ୍ଭ କରି ଡାଳ ପର୍ଯ୍ୟନ୍ତ ଗଛରେ ଅନେକ ପ୍ରକାରର ଔଷଧିୟ ଗୁଣ ଭରି ରହିଛି । ବିଶେଷ କରି ଏହାର ମଞ୍ଜିରୁ ଆଜାଡିରାଛଟିନ୍ ନାମକ ଏକ ପ୍ରଭାବଶାଳୀ ରାସାୟନୀୟ ପଦାର୍ଥ ମିଳୀଥାଏ । ଏଥିରେ ଥିବା ପିତା ଅଂଶ ଔଷଧ, ଶୌଚାଳୟ ସାମଗ୍ରୀ, ଗର୍ଭନିରୋଧକ, ଗଣ୍ଡିକାଠ, ଜାଳେଣୀ, ଚାଷବାସ, ରୋଗପୋକ ନିୟନ୍ତ୍ରଣ ଆଦି ବିଭିନ୍ନ ବ୍ୟବହାରରେ ଆସିଥାଏ । ଏହି ଜ୍ଞାନ ସଂପର୍କରେ ଭାରତୀୟ ମାନେ ଯୁଗ ଯୁଗରୁ ଜାଣିଛନ୍ତି ଏବଂ ଏହି ଗଛକୁ ସର୍ବରୋଗହାରୀ ଗଛ ହିସାବରେ ବିବେଚନା କରିଆସୁଛନ୍ତି ।

ବହୁ ଶତାବ୍ଦୀ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଦେଶ ଗୁଡିକ ନିମ୍ବ ଗଁ ଏବଂ ଏହାର ଗୁଣ ବିଷୟରେ ଅଜ୍ଞ ଥିଲେ । ଇଂରେଜ, ଫରାସୀ ଏବଂ ପର୍ତ୍ତୁଗୀଜ୍ ଉପନିବେଶବାସୀ ମାନେ ଭାରତୀୟ କୃଷକ ଏବଂ ବୈଦ୍ୟ ମାନଙ୍କର ଜ୍ଞାନକୁ ବିଶେଷ ଗୁରୁତ୍ୱ ଦେଉନଥିଲେ । ତେବେ ଗତ କିଛି ବର୍ଷ ପୂର୍ବରୁ ପାଶ୍ଚତ୍ୟ ଦେଶ ଗୁଡିକରେ ରାସାୟନୀକ ପଦାର୍ଥ ଗୁଡିକ ପ୍ରତି ବିଶେଷ କରି ରାସାୟନୀକ କୀଟନାଶକ ପ୍ରୟୋଗ ପ୍ରତି ବିଶେଷ ବିରୋଧ ଦେଖାଯିବାରୁ ଏହା ହଠାତ୍ ନିମ୍ବର ଔଷଧୀୟ ଗୁଣ ଉପରେ ଆଗ୍ରହ ସୃଷ୍ଟି ହେଲା ।

୧୯୭୧ ମସିହାରେ କାଠ ଆମଦାନୀ କରୁଥିବା ରବର୍ଟ ଲାର୍ସନ ଭାରତରେ ଏହି ଗଛର ବ୍ୟବହାର ପ୍ରଣାଳୀକୁ ଲକ୍ଷ୍ୟକଲେ ଏବଂ ୱିସ୍‌କନ୍‌ସିନ୍‌ରେ ଥିବା ନିଜ କାର୍ଯ୍ୟାଳୟକୁ ନିମ୍ବ ମଞ୍ଜି ଆମଦାନୀ କଲେ । ଏହାର ଏକ ଦଶନ୍ଧି ପର୍ଯ୍ୟନ୍ତ ନିମ୍ବର କୀଟନାଶକ ଗୁଣକୁ ନେଇ ପରୀକ୍ଷା ନିରିକ୍ଷା କଲେ । ଏବଂ ୧୯୮୫ ମସିହାରେ ମାଗ୍ରୋସାନ - ଓ ପ୍ରସ୍ତୁତ କରି ଏହାର ନିରାପଦତା ଏବଂ ଗୁଣ ବିଷୟରେ ପରୀକ୍ଷା ନିରିକ୍ଷା କଲେ । ତିନି ବର୍ଷ ପରେ ସେ ଏହି ପେଟେଣ୍ଟ ଆମେରିକା ପରିବେଶ ସୁରକ୍ଷା ଏଜେନ୍ସି ( ଇ.ପି.ଏ ) ଠାରୁ ଏହି ସାମଗ୍ରୀ ପାଇଁ ଅନୁମତି ପାଇଲେ । ତିନି ବର୍ଷ ପରେ ସେ ଏହି ପେଟେଣ୍ଟ କୁ ଏକ ବହୁଦେଶୀୟ ରାସାୟନୀକ କର୍ପୋରେସନ ଡବ୍ଲ୍ୟୁ.ଆର୍.ଗ୍ରେସ୍ ଏଣ୍ଡ କୋ କୁ ବିକ୍ରି କରିଦେଲେ । ୧୯୯୫ ମସିହା ଠାରୁ ଏପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଜାପାନ କମ୍ପାନୀ ଗୁଡିକ ଦ୍ୱାରା ୧୨ରୁ ଅଧିକ ନିମ୍ବ ସଂପର୍କିତ ନିମ୍ବ ଜାତ ବିଭିନ୍ନ ସାମଗ୍ରୀ ଏପରିକି ଦନ୍ତମଂଜନ ବା ପେଷ୍ଟ ପ୍ରସ୍ତୁତ ନିମନ୍ତେ ଆମେରିକୀୟ ପେଟେଣ୍ଟ ଅଧିକାର ପାଇଛନ୍ତି । ଏଥିରୁ ୪ଟି ଡବ୍ଲ୍ୟୁ.ଆର୍.ଗ୍ରେସ୍ ଏଣ୍ଡ୍, କୋ. ତିନିଟି ଅନ୍ୟାନ୍ୟ ଆମେରିକୀୟ କମ୍ପାନୀ, ଦି ନେଟିଭ୍ ପ୍ଲାଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଜାପାନିଜ୍ ଟୁରୁମୋ କର୍ପୋରେସନ ପାଇଛନ୍ତି ।

ପେଟେଣ୍ଟ ଅଧିକାର ବଳରେ ଏବଂ ଆମେରିକା ପରିବେଶ ସୁରକ୍ଷା ଏଜେନ୍ସି ( ଇ.ପି.ଏ )ର ଅନୁମତି ପାଇ ଗ୍ରେସ ଏହାର ସାମଗ୍ରୀ ଗୁଡିକର ପ୍ରସ୍ତୁତି ଏବଂ ବ୍ୟବସାୟ ପାଇଁ ଭାରତରେ ଏକ କମ୍ପାନୀ ମଧ୍ୟ ଖୋଲିଛି । ଏହି କମ୍ପାନୀ ଅନେକ ଭାରତୀୟ ପ୍ରସ୍ତୁତକର୍ତ୍ତାଙ୍କୁ ତାର ବୈଷୟିକ କୌଶଳ କିଣିବା ନିମନ୍ତେ ପ୍ରସ୍ତାବ ମାନ ଆହ୍ୱାନ କରୁଛି । ଭାରତୀୟ ପ୍ରସ୍ତୁତକର୍ତ୍ତା ମାନେ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରିବା ବନ୍ଦ କରି କମ୍ପାନୀକୁ କଞ୍ଚାମାଲ୍ ଦେବା ନିମନ୍ତେ ସେ ପ୍ରବର୍ତ୍ତାଉଛି ।

ତଥ୍ୟ – ବନ୍ଦନା ଶିବା, ଥାର୍ଡ ୱାର୍ଲଡ ନେଟ୍‌ୱାର୍କ

### ଖ – ଉସ୍ ପ୍ରମାଣପତ୍ର / ଆଇନଗତ ଉତ୍ପତ୍ତି ସ୍ଥଳ ପ୍ରମାଣପତ୍ର (*Certificate of Origin/Certificate of Legal Provenance)*

ସି.ଟି.ଡି ଏବଂ ଜାତୀୟ ବିଧେୟକ ଅନୁସାରେ ଆନୁବଂଶିକ ସମ୍ବଳ କର୍ତ୍ତୃତ୍ୱ ନିମନ୍ତେ ଏହା ହେଉଛି ଆନ୍ତର୍ଜାତୀୟ ପ୍ରମାଣପତ୍ର ବ୍ୟବସ୍ଥା । ଜାତୀୟ କର୍ତ୍ତୃତ୍ୱ ବିଧେୟକ ନିମନ୍ତେ ଥିବା ଆନ୍ତର୍ଜାତୀୟ ପ୍ରବର୍ତ୍ତନ ବ୍ୟବସ୍ଥା, ବିଶ୍ୱ ବାଣିଜ୍ୟ ସଂଗଠନର ଜାତୀୟ ପେଟେଣ୍ଟ ଆଇନ ପାଇଁ ଥିବା ଟି.ଆର୍.ଆଇ.ପି.ଏସ୍ ଚୁକ୍ତି ସହ ସମାନ । ଦେଶ ଗୁଡିକର ଏକ ଆଇନାନୁମୋଦିତ ପରିଷଦ ଦ୍ୱାରା ଏହି ପ୍ରମାଣପତ୍ର ଦିଆଯାଇଥାଏ । ଏହାର ମୁଖ୍ୟ ବ୍ୟବହାର ବୌଦ୍ଧିକ ସଂପତ୍ତିଗତ ଅଧିକାର ରେ ହୋଇପାରିବ ।

ଆଇନଗତ ଉତ୍ପତ୍ତି ସ୍ଥଳ ପ୍ରମାଣପତ୍ର (Certificate of Legal Provenance ) ପାଇଁ ପ୍ରଣାଳୀ

ଜାତୀୟ ସରକାରୀ ସଂସ୍ଥାକୁ ନେଇ ଗଠିତ ଏବଂ ସି.ଟି.ଡି ଦ୍ୱାରା ସଂଯୋଜିତ ( ପେଟେଣ୍ଟ କାର୍ଯ୍ୟାଳୟ ସଂପୃକ୍ତ ହେବ ନାହିଁ ) ଏକ ସ୍ୱୟଂଶାସିତ ସଂସ୍ଥା ଅଧିନରେ ଏକ ସାଧିନ ଦଲିଲ ପ୍ରକାଶ ପାଇବ ।

ଏକ ପେଟେଣ୍ଟ ଆବେଦନ କୁ ପରିକ୍ଷା ପାଇଁ ଗ୍ରହଣ କରାଯିବା ପୂର୍ବରୁ ଏଥିରେ ଆବଶ୍ୟକୀୟ ସମସ୍ତ ନଥି ସଂଯୋଗ ହୋଇଛିକି ନାହିଁ ତାହା ତଦାରଖ କରାଯିବ ।

ସ୍ୱିକୃତି ଦିଆଯାଇଥିବା ସମ୍ବଳ ଗୁଡିକ କଣ ହେଉଛି ତାହା ଅନୁଧ୍ୟାନ କରିବାର ସହଜ ରାସ୍ତା

ଅନ୍ୟ କାରଣ ପାଇଁ ମଧ୍ୟ ପ୍ରମାଣପତ୍ର ଦିଆଯାଇ ପାରିବ, ଯଥା – ଗବେଷଣା ଅନୁଦାନ ପାଇଁ ଆବେଦନ, ପ୍ରସ୍ତୁତ ସାମଗ୍ରୀ ଗୁଡିକର ବଜାର ବ୍ୟବସ୍ଥା ଇତ୍ୟାଦି ।

## ଗ – ଅଙ୍ଗୀକାର ପ୍ରମାଣପତ୍ର

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର କୌଳିକ ନୀୟମ ସାଧାରଣତଃ ପ୍ରାକୃତିକ ସଂବଳ, ଆନୁବଂଶିକ ସମ୍ବଳ ଏବଂ ସଂପର୍କିତ ପାରଂପରିକ ଜ୍ଞାନକୁ ନେଇ ହୋଇଥାଏ । ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଏହି ନୀୟମ ଗୁଡକ ବିଭିନ୍ନ ଦେଶ ଏବଂ ଦେଶ ମଧ୍ୟରେ ଭିନ୍ନତା ରହିଥାଏ । ସେଗୁଡିକର ଜାତୀୟ ଆଇନ୍‌ରେ ସଂପୃକ୍ତି ମଧ୍ୟ ବିଭିନ୍ନ ଦେଶ ଏବଂ ଦେଶ ମଧ୍ୟରେ ଭିନ୍ନତା ରହିଥାଏ ।

କୌଳିକ ଆଇନ୍ ଗୁଡିକର ଏକ ପ୍ରଭାବଶାଳୀ ଓ ବାସ୍ତବିକ ଗ୍ରହଣିୟତା ହେବ ଯଦି ସେଗୁଡିକୁ ଆନ୍ତର୍ଜାତୀୟ ବୈଧାନିକ ପ୍ରଣାଳିରେ ଏବଂ କର୍ତ୍ତୃତ୍ୱ ସଂପର୍କିତ ରାଜିନାମାରେ ସେଗୁଡିକର ଉପଯୁକ୍ତ ସମ୍ମାନ ପାଇଁ ଯଦି ବ୍ୟବସ୍ଥା ରଖାଯାଇପାରିବ । ଫଳରେ କେତେକ କ୍ଷେତ୍ରରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆଧରକାରଗତ ସୁରକ୍ଷା ପାଇଁ ଆଇନଗତ ପ୍ରାବଧାନ ମିଳିପାରିବ । ତେବେ  ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଏହିଭଳି ରାଜିନାମାକୁ ସମର୍ଥନ କରି ନପାରନ୍ତି ।

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଅଧିକାରକୁ ସମ୍ମାନ ଦେବା ଆଗୁଆ ଜ୍ଞାତସାର ଅନୁମତି ଏବଂ ସହମତି ଭିତ୍ତିକ ବୁଝାମଣା ପ୍ରକ୍ରିୟାର ମୂଳଭିତ୍ତି ଅଟେ । ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପ୍ରତିନିଧି ମାନଙ୍କର ସହମତି ଭିତ୍ତିକ ବୁଝାମଣା ପ୍ରକ୍ରିୟାରେ ସଂପୃକ୍ତି, ଆନୁବଂଶିକ ସମ୍ବଳ ଏବଂ ତତ୍ ସଂପର୍କିତ ପାରଂପରିକ ଜ୍ଞାନ ସଂପର୍କିତ କୌଳିକ ନୀୟମକୁ କାର୍ଯ୍ୟକ୍ଷମ କରାଇବ । ଏହି ରାଜିନାମାର ଫଳାଫଳ ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଏବଂ ବ୍ୟବହାରୀକ ଗୋଷ୍ଠୀ ବା ରାଷ୍ଟ୍ର ମଧ୍ୟରେ ସଂପର୍କକୁ କ୍ରିୟାଶୀଳ କରିବ ।

ଆନ୍ତର୍ଜାତୀୟ ବିଧେୟକ ପ୍ରଣାଳୀ ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆନୁବଂଶିକ ସମ୍ବଳ ଏବଂ ତତ୍ ସଂପର୍କିତ ପାରଂପରିକ ଜ୍ଞାନ ସଂପର୍କିତ ଅଧିକାର ସମେତ ଅନ୍ୟାନ୍ୟ ଅଧିକାରଗତ ସମସ୍ୟାର ସମାଧାନ କରିଥାଏ । ଆନ୍ତର୍ଜାତୀୟ ବିଧେୟକ ପ୍ରଣାଳୀରେ ସେମାନଙ୍କ ଅଧିକାର ଗୁଡିକର ସ୍ୱିକୃତି ପରୋକ୍ଷ ଭାବରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ବସବାସ କରୁଥିବା ରାଷ୍ଟ୍ରର ଜାତୀୟ ନୀୟମରେ କୌଳିକ ନୀୟମ ଗୁଡିକର ସ୍ୱିକୃତି ଓ ସମ୍ମାନକୁ ଦର୍ଶାଇଥାଏ ।

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର କୌଳିକ ନୀୟମ ଗୁଡିକର ଅଂଗୀକାରବଦ୍ଧତାକୁ କିପରି ବିଚାରକୁ ନିଆଯାଇପାରିବ  ? ଅଂଗୀକାରବଦ୍ଧତାର ବିକାଶ ପାଇଁ ନିମ୍ନ ସ୍ୱତନ୍ତ୍ର ପଦକ୍ଷେପ ଗୁଡିକ ନିଆଯାଇପାରେ –

କ – ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆଗୁଆ ଜ୍ଞାତସାର ଅନୁମତି ପାଇଁ ଏକ ଗ୍ରହଣୀୟ ପ୍ରକ୍ରିୟାର ପରାମର୍ଶ ନିମନ୍ତେ ଆଦିମ ଅଧିବାସୀ ଦକ୍ଷ ଅଧିକାରୀ ବ୍ୟବସ୍ଥାର ଗଠନ ବା ସ୍ୱିକୃତି ପ୍ରଦାନ

ଖ – ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସର୍ବନିମ୍ନ ତଥ୍ୟ, ଆନୁବଂଶିକ ସମ୍ବଳ ସଂପର୍କିତ ପାରଂପରିକ ଜ୍ଞାନର ଅଧିକର୍ତ୍ତାଙ୍କର ସଂପୂର୍ଣ୍ଣ ତଥ୍ୟ ଆଧାରିତ ଏକ ଆନ୍ତର୍ଜାତୀୟ ସ୍ୱିକୃତିପ୍ରାପ୍ତ ଅଂଗୀକାରବଦ୍ଧତା ପ୍ରମାଣପତ୍ର ବ୍ୟବସ୍ଥା ।

ଗ – କର୍ତ୍ତୃତ୍ୱ ଓ ଲାଭାଂଶ ବଣ୍ଟନ ପାଇଁ ଚୁକ୍ତି ନିମନ୍ତେ ସର୍ବନିମ୍ନ ଏବଂ ଗ୍ରହଣୀୟ ରାଜିନାମା ନୀତି ଅନୁଯାୟୀ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସାଂପ୍ରତିକ ଅଧିକାର ଗୁଡିକର ସ୍ୱିକୃତି, ଯାହାସବୁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର କୌଳିକ ନୀୟମ ସଂପର୍କିତ ଜାତୀୟ, ଆଇନଗତ କ୍ଷମତା ପରିସର ବାହାରେ ଏବଂ ଆନ୍ତର୍ଜାତୀୟ ଆଇନ୍ ସଂପର୍କିତ ଅଂଗୀକାରବଦ୍ଧତାର ଚିଠା ପ୍ରସ୍ତାବରେ ଉଲ୍ଲେଖି ରହିଛି ।

ଘ – ପାରଂପରିକ ଜ୍ଞାନ ଗୁଡିକର ବ୍ୟବହାର ତଦାରଖ ବ୍ୟବସ୍ଥା

ଙ – ଆଗୁଆ ଜ୍ଞାତସାର ଅନୁମତି ଏବଂ ସହମତି ଭିତ୍ତି ରାଜିନାମା ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପ୍ରତିନିଧି ମାନଙ୍କ ସାମର୍ଥ୍ୟଗଠନ ।

## ଘ – ଆଗୁଆ ଜ୍ଞାତସାର ଅନୁମତି (*Prior Informed Consent (PIC)*

ଏହି ଅନୁମତି ଆବେଦନକାରୀ ପାଇପାରିବେ – କ୍ଷମତାପ୍ରାପ୍ତ ସରକାରୀ ଅଧିକାରୀ, ସ୍ଥାନୀୟ ଗୋଷ୍ଠୀ, ଆଦିମ ଅଧିବାସୀ, ସୁରକ୍ଷିତ ଅଂଚଳ, ଜୈବ ଆଧାରିତ କାର୍ଯ୍ୟର ଉଦ୍ଦେଶ୍ୟ ପରିସରକୁ ଉନ୍ମୁକ୍ତ କରିଦେବା ପରେ ଜମିମାଲିକ, ସମସ୍ତେ ବୁଝିପାରୁଥିବା ପରି ଭାଷା ଏବଂ ପ୍ରକ୍ରିୟାରେ, କୌଣସି ନମୁନା ବା ଜ୍ଞାନର ସଗ୍ରହ ପୂର୍ବରୁ

ଆଗୁଆ ଜ୍ଞାତସାର ଅନୁମତି କଥା ସେତେବେଳେ ବିଚାରକୁ ଆସେ ଯେତେବେଳେ କର୍ତ୍ତୃତ୍ୱ ଆବେଦନ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଅର୍ପଣ କରାଯାଏ । କର୍ତ୍ତୃତ୍ୱ ଏବଂ ଲାଭାଂଶ ବର୍ଣ୍ଟନ ନୀତି ଅନୁସାରେ ଅଧିକାଂଶ ଆଗୁଆ ଜ୍ଞାତସାର ଅନୁମତି ଆନୁବଂଶିକ ସମ୍ବଳ ଏବଂ ପାରଂପରିକ ଜ୍ଞାନ ପ୍ରଦାନକାରୀଙ୍କ ନିକଟରୁ ଆବଶ୍ୟକ କରାଯାଇଥାଏ । କେତେକ କ୍ଷେତ୍ରରେ ସରକାର ଆଗୁଆ ଜ୍ଞାତସାର ଅନୁମତି ରାଜିନାମା ପାଇଁ କିଛି ମଡେଲ୍ ଚୁକ୍ତି ଓ ପରାମର୍ଶ ସହାୟତା ଦେଇଥାନ୍ତି ।

ସରକାରଙ୍କ ସୁବ୍ୟବସ୍ଥା ସହମତି ଭିତ୍ତିକ ବୁଝାମଣା ନୀୟମ, ସୁଲଭ ଓ ସମ ବଣ୍ଟନ ଏବଂ ଜ୍ଞାତସାର ଅନୁମତି କୁ ସ୍ୱଷ୍ଟ ଓ ସ୍ୱଚ୍ଛ କରିଥାଏ ।

ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆଗୁଆ ଜ୍ଞାତସାର ଅନୁମତିରେ ସଂଜ୍ଞାନିର୍ଦ୍ଧାରଣ ହୋଇନଥିବା ନୀୟମାବଳୀ ସମୂହ

କ – ଗୋଷ୍ଠୀ ଗୁଡିକର ପ୍ରତିନିଧି ଚିହ୍ନଟ ଏବଂ ସେମାନଙ୍କର ପ୍ରତିନିଧିତ୍ୱ କ୍ଷମତା ଓ ଦକ୍ଷତା ଆକଳନ

ଖ – ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ସମସ୍ତ ପକ୍ଷଙ୍କ ଚିହ୍ନଟିକରଣ

ଗ – ଜୈବ ଆଧାରିତ ପ୍ରକଳ୍ପ, ଏହାର ଆଇନଗତ ଦିଗ ଏବଂ ଲାଭ ଗୁଡିକୁ ଗୋଷ୍ଠୀରେ ସେମାନେ ବୁଝିପାରିବା ଭଳି ପ୍ରକ୍ରିୟାରେ ଉପସ୍ଥାପନ କରିବା ।

ଘ – ଗୋଷ୍ଠୀରେ ପ୍ରକଳ୍ପର ନିହିତ ଉଦ୍ଦେଶ୍ୟକୁ ଚିହ୍ନଟ କରି ଉପସ୍ଥାପନା କରିବା

ଙ – ଏକାପ୍ରକାର ଜ୍ଞାନ ପ୍ରକାଶ କରୁଥିବା ଗୋଷ୍ଠୀ ଗୁଡିକୁ ଚିହ୍ନଟ କରିବା

ଚ – ସଂପୃକ୍ତ ଜୈବସମ୍ବଳକୁ ଅଧିକାରରେ ରଖିଥିବା ବିଭିନ୍ନ ସ୍ଥାନୀୟ ଏବଂ ଜାତୀୟ ସରକାରୀ ସଂସ୍ଥା ଗୁଡିକ ଠାରୁ ଆଗୁଆ ଜ୍ଞାତସାର ଅନୁମତି ଗ୍ରହଣ କରିବା ।

ଜୈବ ଅନୁସନ୍ଧାନକାରୀ ଏହା ଜାଣି ରଖିବା ଉଚିତ ଯେ ପାରଂପରିକ ଗୋଷ୍ଠୀ ଏବଂ ସରକାର କର୍ତ୍ତୃତ୍ୱ ପ୍ରଦାନକୁ ଅଗ୍ରାହ୍ୟ କରିଦେଇ ପାରନ୍ତି । ଏହା ସି.ବି.ଡି ଏବଂ କର୍ତ୍ତୃତ୍ୱ ଓ ଲାଭାଂଶ ବଣ୍ଟନ ନୀତି ନୀୟମ ବ୍ୟବସ୍ଥା ସ୍ୱିକୃତ ଜାତୀୟ ସାର୍ବଭୌମତ୍ୱକୁ ନେଇ ଏକ ଆଇନାନୁମୋଦିତ ନିଷ୍ପତ୍ତି ।

ଙ – ଆଦିବାସୀ ଜ୍ଞାନର ସ୍ୱାତନ୍ତ୍ର୍ୟ ସୁରକ୍ଷା

ଆଦିବାସୀ ଜ୍ଞାନର ସ୍ୱାତନ୍ତ୍ର୍ୟ ସୁରକ୍ଷା ପଛରେ ଥିବା ଉଦ୍ଦେଶ୍ୟ ହେଲା, ସାଂପ୍ରତିକ ଆନ୍ତର୍ଜାତୀୟ ବୌଦ୍ଧିକ ସଂପତ୍ତି ସୁରକ୍ଷା ନୀତିରେ ଥିବା ପେଟେଣ୍ଟ, ବ୍ୟବସାୟିକ ସତ୍ୱର ଚିହ୍ନ ଏବଂ ବ୍ୟବସାୟିକ ଗୋପନୀୟତା ଆଦି ମୂଖ୍ୟ କୌଶଳ ହୋଇଥିବାବେଳେ ଏହା ପାରଂପରିକ ଜ୍ଞାନର ସୁରକ୍ଷା ଦେବ, ଏହି ପ୍ରଚଳିତ କୌଶଳ ସଂପର୍କିତ ନୂଆ ପ୍ରଣାଳୀ ଏବଂ ଆଦିମ ଅଧିବାସୀ ମାନଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରିବ ।

ବୌଦ୍ଧିକ ସଂପତ୍ତି ଅଧିକାର, ପାଶ୍ଚାତ୍ୟ ଶିଳ୍ପ ଓ ସାଂସ୍କୃତିକ ଲକ୍ଷ୍ୟକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ ପାଶ୍ଚାତ୍ୟ ଆଇନ ପ୍ରଣାଳୀ ଆଧାରରେ ହୋଇଥିବାରୁ ଏହା ଏକାକୀ କୌଳିକ ନୀତିକୁ ସମ୍ମାନ ଦେବା  ଏବଂ ପାରଂପରିକ ଜ୍ଞାନର ସୁରକ୍ଷା କରିପାରିବ ନାହିଁ ।

ସ୍ୱତନ୍ତ୍ର ପ୍ରଣାଳି ଗୁଡିକ ଏକାପରି ହେବା ଆବଶ୍ୟକ ନୁହେଁ । ଆନ୍ତର୍ଜାତୀୟ ମାର୍ଗଦର୍ଶିକାର ବ୍ୟବସ୍ଥା ଗୁଡିକ ସହ ବିଭିନ୍ନ ଆଦିବାସୀ ଗୋଷ୍ଠୀ ଗୁଡିକର ନିଜସ୍ୱ ଆବଶ୍ୟକତାକୁ ଗୁନ୍ଥି ପ୍ରତି ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ପ୍ରଣାଳୀ ପ୍ରସ୍ତୁତ ହେବ । ସ୍ୱତନ୍ତ୍ର ପ୍ରଣାଳୀ ଗୁଡିକ ଘରୋଇ ଆଇନ୍ ହିସାବରେ ବ୍ୟବହୃତ ହେବା କି ନାହିଁ କିମ୍ବା ଆଦିବାସୀ ଅଧିବାସୀ ମାନଙ୍କର ସ୍ୱତନ୍ତ୍ର ଉଦ୍ଦେଶ୍ୟ ପୁରଣ ପାଇଁ  କେବଳ ବ୍ୟବହୃତ ହେବ ଏହା ରାଷ୍ଟ୍ର ଗୁଡିକର ନିଜସ୍ୱ ନିଷ୍ପତ୍ତି ।

ଗ୍ରାହାମ୍ ଡଟ୍ଫିଲ୍ଡ ଦର୍ଶାନ୍ତି ଯେ, ସ୍ୱତନ୍ତ୍ର ପ୍ରଣାଳି ପ୍ରସ୍ତୁତିର ଏକ ପ୍ରାଥମିକ ସମସ୍ୟା ହେଲା ବାସ୍ତବିକତାକୁ ପ୍ରସାରିତ ସମସ୍ୟା ଗୁଡିକର ଅଧିକାର ଏବଂ ଅସ୍ଥାବର ସଂପତ୍ତି । ଏହି ସମସ୍ୟା ପାଇଁ ଗ୍ରାହାମ୍ ଡଟ୍ଫିଲ୍ଡ ସ୍ୱତନ୍ତ୍ର ପ୍ରଣାଳିକୁ ଦୁଇଭାଗରେ ବିଭକ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

- ଜାତୀୟ ସ୍ତରର ସ୍ୱତନ୍ତ୍ର ପ୍ରଣାଳି ବା ନୀୟମ ଯାହା ଜମି ଅଧିକାରକୁ ସୁରକ୍ଷିତ ରଖିବ
- ଗୋଷ୍ଠୀ ସ୍ତରରେ ପାରଂପରିକ ଜ୍ଞାନ ଏବଂ ଆନୁବଂଶିକ ସମ୍ବଳ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରଣାଳୀ

ଜମି ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଜାତୀୟ ସ୍ତରୀୟ ସ୍ୱତନ୍ତ୍ର ପ୍ରଣାଳି ବା ନୀୟମ ନିହାତି ଆବଶ୍ୟକ କାରଣ ଜମିଜମାର ସୁରକ୍ଷା ନକରି ପାରଂପରିକ ଜ୍ଞାନର ସୁରକ୍ଷା କରାଗଲେ ଆଦିମ ଅଧିବାସୀ ମାନଙ୍କ ପାଇଁ ତାହା ଗ୍ରହଣୀୟ ହୋଇ ପାରିବ ନାହିଁ । ଆଗୁଆ ଜ୍ଞାତସାର ଅନୁମତି ଓ ସହମତି ଭିତ୍ତିକ ବୁଝାମଣା ବ୍ୟବସ୍ଥାର ନୀୟମ ଆଧାରରେ ଜମି ଅଧିକାର ସଂପର୍କିତ ଜାତୀୟ ସ୍ୱତନ୍ତ୍ର ପ୍ରଣାଳୀ  ପ୍ରତିଷ୍ଠା ପାଇଁ ସମ୍ବଳର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ବିଧେୟକ ।

ସ୍ୱତନ୍ତ୍ର ପ୍ରଣାଳୀ ବା ସୁଇ ଜେନେରିସ୍ ସିଷ୍ଟମ୍ ରେ ପାରଂପରିକ ଜ୍ଞାନର ସାମଗ୍ରିକ ପ୍ରକୃତିକୁ ସମ୍ମାନ ମିଳିବା ଆବଶ୍ୟକ ଯେହେତୁ ଆଦିମ ଅଧିବାସୀ ମାନଙ୍କ ପକ୍ଷରେ ପାରଂପରିକ ଜ୍ଞାନକୁ ସଂପତ୍ତିରୁ ଅଲଗା କରି ଦେଖିବାର ସମସ୍ୟା ରହିଛି । ଏହି ପ୍ରଣାଳୀ କେବଳ ପାରଂପରିକ ଜ୍ଞାନର ଅଧିକାରୀ ଏବଂ ସେମାନଙ୍କର ଗୋଷ୍ଠୀ ଗୁଡିକର ଅନ୍ତରଙ୍ଗ ସହଭାଗୀତା ଦ୍ୱାରା ପ୍ରସ୍ତୁତି କରିହେବ ।

ଗୋଷ୍ଠି ସ୍ତରରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀର ଆଗୁଆ ଜ୍ଞାତସାର ଅନୁମତି ଆଧାରରେ ପ୍ରସ୍ତୁତ ସ୍ୱତନ୍ତ୍ର ପ୍ରଣାଳୀ ପାରଂପରିକ ଜ୍ଞାନ ଏବଂ ସେ ସଂପର୍କିତ ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ପାଇଁ ନୀୟମ ହିସାବରେ କାର୍ଯ୍ୟକରିବ । ନୂତନ ଅଂଗୀକାରବଦ୍ଧତା ନୀୟମରେ କେବଳ ପାରଂପରିକ ଜ୍ଞାନ ଏବଂ ଆନୁବଂଶିକ ସମ୍ବଳ ଉପରେ ଯେଉଁମାନଙ୍କର କର୍ତ୍ତୃତ୍ୱ ରହିଛି ସେମାନଙ୍କୁ ନୁହେଁ ତାସହିତ ଯେଉଁମାନେ ( ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ) ଏହା ଯୋଗାଉଛନ୍ତି ସେମାନଙ୍କୁ ମଧ ମାନିବାକୁ ପଡିବ । ଆଗୁଆ ଜ୍ଞାତସାର ଅନୁମତି ନୀୟମ ପ୍ରସ୍ତୁତି ସମୟରେ କୌଳିକ ନୀୟମକୁ ସମ୍ମାନ ଦେବା ଏବଂ ଏହାକୁ ଅତିକ୍ରମ କରିବାର ଉଦ୍ୟମକୁ ରୋକିବା ବ୍ୟବସ୍ଥା ରହିବା ଆବଶ୍ୟକ ।

## ଚ – ସର୍ବସାଧାରଣ କ୍ଷେତ୍ର / ସର୍ବସାଧାରଣରେ ପ୍ରକାଶ

୨୦୦୩ ମସିହାରେ ତୁଲାଲିପ୍ ଆଦିବାସୀ ମାନେ କହିଲେ ଯେ, ଆଦିମ ଅଧିବାସୀ ମାନେ ପାରଂପରିକ ଜ୍ଞାନର ସୁରକ୍ଷା କରି ଆସୁଛନ୍ତି ବୋଲି କୁହାଯାଉଛି, ଯାହାକୁ କି ପାଶ୍ଚାତ୍ୟ ବ୍ୟବସ୍ଥା ସର୍ବସାଧାରଣ କ୍ଷେତ୍ର ହିସାବରେ ବିବେଚିତ କରିଛି । ଯେହେତୁ ଏହି ଜ୍ଞାନ ସେମାନଙ୍କ କୌଳିକ ନୀୟମ ଦ୍ୱାରା ପରିଚାଳିତ ହୋଇ ଆସୁଛି । ସର୍ବସାଧାରଣ କ୍ଷେତ୍ର ହିସାବରେ ଏହା ରହିବା ସେମାନଙ୍କ ପାଶ୍ଚାତ୍ୟ ବୌଦ୍ଧିକ ସଂପତ୍ତି ନୀୟମରେ ଜ୍ଞାନର ସୁରକ୍ଷା ନିମନ୍ତେ ଯଥାଯଥ ପଦକ୍ଷେପ ନେବାର ବିଫଳତା କାରଣରୁ ହୋଇନାହିଁ ବରଂ ସରକାର ଏବଂ ନାଗରୀକ ମାନଙ୍କର କୌଳିକ ନୀୟମର କାର୍ଯ୍ୟକାରିତା ଏବଂ ବ୍ୟବହାରକୁ ସ୍ୱିକୃତି ଓ ସମ୍ମାନ ଦେବା ବିଫଳତା ଯୋଗୁଁ ହୋଇଛି ।

ଆଦିମ ଅଧିବାସୀ ମାନଙ୍କର ଜ୍ଞାନର ସୁରକ୍ଷା ନିମନ୍ତେ ପ୍ରସ୍ତାବିତ କୌଶଳ ଗୁଡିକ ଅନୁପଯୋଗୀ ଏବଂ ଅପର୍ଯ୍ୟାପ୍ତ । ପେଟେଣ୍ଟ ପ୍ରଣାଳୀରେ ଅଗ୍ରାଧିକାର କଳା କାର୍ଯ୍ୟକାରୀ କରିବାର ଆବଶ୍ୟକତା, ଉଦାହରଣ ସ୍ୱରୁପ ଜ୍ଞାନ ଗୁଡିକର ପ୍ରକାଶ ପାଇଁ ସର୍ବସାଧାରଣ ନଥି ବା ରେଜିଷ୍ଟର ପ୍ରସ୍ତୁତି ପାଇଁ କେହି ଜଣେ ଆଗ୍ରହ ପ୍ରକାଶ କରିବା । ସର୍ବସାଧାରଣ କ୍ଷେତ୍ରରେ ସାଧାରଣ ପ୍ରକାଶିତ ଜ୍ଞାନ ଗୁଡିକ ରହିବା ଅପେକ୍ଷା ନଥିରେ ରହିବା ବ୍ୟବସ୍ଥା ଆଦିମ ଅଧିବାସୀ ମାନଙ୍କୁ ସେମାନଙ୍କ ଜ୍ଞାନର ସୁରକ୍ଷା ଦିଗରେ ଅଧିକ ଦୃଢ଼ କରିବ । ପେଟେଣ୍ଟ ପରିକ୍ଷକ ମାନେ ସେହିସବୁ ସଂଗ୍ରହଶାଳାରୁ ଜ୍ଞାନ ସଂଗ୍ରହ କରିପାରିବେ । ସେମାନଙ୍କର ପ୍ରକାଶୀତ ଜ୍ଞାନ ଗୁଡିକ ସର୍ବସାଧାରଣ କ୍ଷେତ୍ର ହିସାବରେ ବିବେଚିତ ହୁଏ ବୋଲି ଥିବା ମତ ସହ ଆଦିମ ଅଧିବାସୀ ମାନଙ୍କର ମତାନ୍ତର ରହିଛି ।

## ହୁଡିଆ ଗଛର କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ରାଜିନାମା – ସାନ୍ ଲୋକମାନଙ୍କ ଅନୁଭୂତିର କାହାଣୀ

ଦକ୍ଷିଣ ଆଫ୍ରିକାର ସାନ୍ ଲୋକମାନେ ହୁଡିଆ ଗଛକୁ କାଳ କାଳରୁ ବ୍ୟବହାର କରିଆସୁଛନ୍ତି । ଶିକାର କରିବାକୁ ଜଙ୍ଗଲକୁ ଯିବାବେଳେ ଏବଂ ଖାଦ୍ୟର ଅଭାବ ସମୟରେ ଲୋକମାନେ ଏହାକୁ ଖାଇ ଚଳିଯାଆନ୍ତି । ବର୍ତ୍ତମାନ ଶିଳ୍ପ ଗୁଡିକ ଏହାର କ୍ଷୁଧା ଦମନ ପ୍ରଭାବକୁ ନେଇ ଅନାହାର ଦମନ ଔଷଧ ହିସାବରେ ଏକ ସାର୍ବଜନୀନ ବଜାର ସୃଷ୍ଟି କରିବାକୁ ପୋଷଣ ବଟିକା ବା ଡାଏଟ୍ ପିଲ୍ ବା ଚକୋଲେଟ୍ ହିସାବରେ ବ୍ୟବସାୟ କରି ବହୁ ଲାଭ କରିବାକୁ ଆଶା ବାନ୍ଧିଛନ୍ତି ।

କିନ୍ତୁ ସାନ୍ ମାନଙ୍କର କଣ ହେଲା ? ସେମାନେ ଜୈବ ଚୋରାକାରବାରର ଶିକାର ନୁହଁନ୍ତି କି ? ହୁଡିଆର ସକ୍ରିୟ ଉପାଦାନ ଗୁଡିକ ସେମାନଙ୍କ ଅଜାଣତରେ ବ୍ୟବହୃତ ଏବଂ ପେଟେଣ୍ଟ ହୋଇଗଲା । କିନ୍ତୁ ସେମାନେ ନିଜ ଖାଦ୍ୟ ଅଧିକାରକୁ ନେଇ ଛିଡାହେଲେ । ସେମାନଙ୍କୁ ଏହି ବ୍ୟବସାୟିକ ଲାଭରୁ ଭାଗ ଦିଆଯିବ ବୋଲି ରାଜିନାମା ହେଲା । ଏହା ଏକ ସଫଳ କାହାଣୀ । କିନ୍ତୁ ଆନ୍ତର୍ଜାତୀୟ ଚୁକ୍ତିରେ ଥିବା ସମସ୍ତ ବିଷୟ ଗୁଡିକୁ ଯଦି ଠିକ୍ ହିସାବରେ ପାଳନ କରାଯାଇଥାନ୍ତା ତାହେଲେ ଆଜି ସାନ ମାନଙ୍କର ଅବସ୍ଥା ଆହୁରି ଭଲ ଥାଆନ୍ତା ।

ଉତ୍ସ – ହୋଏରିଙ୍ଗ, ଉଏ, ୨୦୦୪, କାଲାହାରୀର ଜୈବ ଚୋରାଚାଲାଣ ? ଆଦିବାସୀ ମାନେ କିପରି ନିଜ ଅଧିକାର ପାଇଁ ଲଢେଇ କଲେ - ଦକ୍ଷିଣ ଆଫ୍ରିକାର ସାନ୍ ଲୋକମାନଙ୍କ ଅନୁଭୂତି କାହାଣୀ – ଏକ ଅଧ୍ୟୟନ, ଜର୍ମାନୀ, ଇ.ଇ.ଡି ଏବଂ ଡବ୍ଲ୍ୟୁ.ଆଇ.ଏମ୍.ଏସ୍.ଏ ।



## ପ୍ରୟୋଗ – ୨

ଧ୍ୱନୀ କାର୍ଯ୍ୟକ୍ରମ – କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସପର୍କରେ ଆଦିମ ଅଧିବାସୀ ମାନଙ୍କ ଧାରଣା ( ୩୦ ମିନିଟ୍ )

ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ନୀତି ଏବଂ ଲାଭକୁ ଉଜ୍ଜିବିତ କରିବା ।

୧ - ଅଂଶଗ୍ରହଣକାରୀ ମାନଙ୍କୁ ୩ ରୁ ୫ ଜଣିଆ ଦଳରେ ଭାଗ କରିଦିଆଯାଉ । ଛୋଟ ଦଳ ଗୁଡିକ ୧୦ ମିଟ୍ ଭିତରେ ଏହି ପ୍ରଶ୍ନର ତୁରନ୍ତ ଆଲୋଚନା କରି ଘଣ୍ଟି ବାଜିବା ମାତ୍ରେ ଉତ୍ତର ରଖିବେ । ପ୍ରଶ୍ନ - ଆଦିମ ଅଧିବାସୀ ମାନଙ୍କର ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ମୁଖ୍ୟ ନୀତି କଣ ରହିବା ଦରକାର ବୋଲି ତୁମେ ଭାବୁଛ ?

୨ - ସେମାନେ କାର୍ଡରେ ନୀତି ଗୁଡିକ ଲେଖିବେ । ପ୍ରତି ଦଳ ୫ଟି ପର୍ଯ୍ୟନ୍ତ କାର୍ଡ ବ୍ୟବହାର କରିପାରିବେ ।

୩ – ତାଲିମ ସହାୟକ କାର୍ଡ ଗୁଡିକ ସଂଗ୍ରହ କରି ସମପ୍ରକାର ଲିଖିତ କାର୍ଡ ଗୁଡିକୁ ଏକା ସ୍ଥାନରେ ବୋର୍ଡରେ ଲଗାଇବେ ।

୪ – ଶେଷରେ ତାଲିମ ସହାୟକ ଆଦିମ ଅଧିବାସୀ ମାନଙ୍କର ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ମୁଖ୍ୟ ନୀତି ଉପରେ ସେମାନଙ୍କର ମତର ସାରାଂଶକୁ ଉପସ୍ଥାପନ କରିବେ ।

ଶେଷ ଦ୍ରଷ୍ଟବ୍ୟ – ୟୁ.ଏନ୍.ଇ.ପି/ସି.ବି.ଡି/ଡବ୍ଲ୍ୟୁ.ଜି – ଏ.ବି.ଏସ୍/୩
ୟୁ.ଏନ୍.ଇ.ପି/ସି.ବି.ଡି/ ଏ.ବି.ଏସ୍/ଜି.ଟି.ଏଲ୍.ଇ/୨/ଆଇ.ଏନ୍.ଏଫ୍/୩, ୨୫

# ମଡ୍ୟୁଲ ୭

## ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସମ୍ମିଳନୀ

### ଉଦ୍ଦେଶ୍ୟ ସମୂହ

୧. ମହିଳା ଏବଂ ଲିଙ୍ଗଗତ ସମାନତା ଦିଗରେ ଜୈବ ବିବିଧତା ସମ୍ମିଳନୀରେ ଥିବା କାର୍ଯ୍ୟକ୍ରମ ଏବଂ ବ୍ୟବସ୍ଥା ଗୁଡିକୁ ଜାଣିବା
୨. ଜୈବ ବିବିଧତା ଏବଂ ପାରଂପରିକ ଜ୍ଞାନର ସଂରକ୍ଷଣ ଦିଗରେ ମହିଳା ମାନଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ ଭୂମିକା ଗୁଡିକୁ ସ୍ୱିକୃତି ଦେବା
୩. ଜୈବ ବିବିଧତା ସମ୍ମିଳନୀର ପରିଚାଳନା ଏବଂ କାର୍ଯ୍ୟକାରୀତାରେ ଲିଙ୍ଗଗତ ସମାନତା ଆଣିବା ନିମନ୍ତେ ଉଦ୍ଦିଷ୍ଟ ପଦକ୍ଷେପ ଗୁଡିକୁ ଚିହ୍ନଟ କରିବା

### ତାଲିମ୍ ସାମଗ୍ରୀ

- ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ ସିରିଜ୍ ନଂ ୬, ଏସୀୟ ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସମ୍ମିଳନୀ
- ୨୦୦୪, ଫେବୃଆରୀ ୯ରେ ମାଲୟେସିଆର କୁଆଲାଲମ୍ପୁର ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍ ପକ୍ଷ ମାନଙ୍କର ୭ମ ଅଧିବେଶନର ପ୍ରାରମ୍ଭ ବାର୍ତ୍ତା
- ବିବିଧତା ଭିନ୍ନତା ଆଣେ – ଜୈବବିବିଧତା ସମ୍ମଳନୀ କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତା ନିଶ୍ଚିତତା ପାଇଁ କାର୍ଯ୍ୟକ୍ରମ

### ସମୟ

୩ ଘଣ୍ଟା

## ତଥ୍ୟଗତ ଆଲୋଚନା – (୨୦ ମିନିଟ୍)

### ୧ – ଜୈବବିବିଧତା ସମ୍ମିଳନୀର ଲିଙ୍ଗଗତ ସମାନତା କାର୍ଯ୍ୟଯୋଜନା

ଜୈବବିବିଧତା ସମ୍ମିଳନୀର ପ୍ରସ୍ତାବନାରେ ଦର୍ଶାଯାଇଛି ଯେ, ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ମହିଳାମାନେ ଗ୍ରହଣ କରିଥିବା ମୁଖ୍ୟ ଭୂମିକାକୁ ସ୍ୱିକୃତି ଏବଂ ଜୈବବିବିଧତା ସମ୍ମିଳନୀରର କାର୍ଯ୍ୟକାରୀତା ଏବଂ ନୀତି ନିର୍ଦ୍ଧାରଣର ସମସ୍ତ ସ୍ତରରେ ମହିଳା ମାନଙ୍କ ପୂର୍ଣ୍ଣ ସଂପୃକ୍ତିକୁ ସୁନିଶ୍ଚିତ କରିବା . . .

ଏହାର ସ୍ୱିକୃତି ପାଇଁ ସି.ବି.ଡି ଲିଙ୍ଗଗତ ସମାନତା କାର୍ଯ୍ୟଯୋଜନା ପୁଙ୍ଖାନୁପୁଙ୍ଖ ଭାବେ ପ୍ରସ୍ତୁତି କରିଛି । ସମ୍ମିଳନୀ ସଚିବାଳୟ ଲିଙ୍ଗଗତ ସମାନତାରେ ଥିବା ପ୍ରତିବନ୍ଧକ ଗୁଡିକୁ ଅତିକ୍ରମ କରି ଲିଙ୍ଗଗତ ସମାନତା ଆଣିବାର ସୁଯୋଗ ଗୁଡିକୁ କାର୍ଯ୍ୟକାରୀ କରିବା ଦିଗରେ ଉଦ୍ଦୀପିତ କରିବା ଏବଂ ସହାୟତା କରିବା ପାଇଁ ସମ୍ମିଳନୀ ସଚିବାଳୟର ଭୂମିକାକୁ ନିର୍ଦ୍ଧାରଣ କରୁଛି । ଏହା ମଧ୍ୟ ବର୍ଦ୍ଧିତ ସଚେତନତାର ଏକ ପ୍ରତିଫଳନ ଯେ, ସ୍ଥାୟୀ ବିକାଶ ଏବଂ ପାରିବେଶିକ ସଂରକ୍ଷଣ ପାଇଁ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣ ହେଉଛି ସୁଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ।

ଏହି ଯୋଜନାର ଚାରିଟି କୌଶଳଗତ ଉଦ୍ଦେଶ୍ୟ ରହିଛି ।

- ସମ୍ମିଳନୀର କାର୍ଯ୍ୟକାରୀତା ଏବଂ ସଚିବାଳୟର ସମସ୍ତ କାର୍ଯ୍ୟରେ ଲିଙ୍ଗଗତ ସମାନତା ଦୃଷ୍ଟିକୋଣକୁ ସାମିଲ କରିବା
- ସମ୍ମିଳନୀର ତିନିଟି ମୁଖ୍ୟ ଏଦ୍ଦେଶ୍ୟ ହାସଲ ଏବଂ ୨୦୧୦ ଜୈବବିବିଧତା ଲକ୍ଷ୍ୟ କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତାକୁ ପ୍ରାଧାନ୍ୟ ଦେବା
- ଜୈବବିବିଧତା ସଂରକ୍ଷଣ, ଅନୁବଂଶିକ ସମ୍ପଳର ସ୍ଥାୟୀ ବ୍ୟବହାର ଏବଂ ସେସବୁର ବ୍ୟବହାରଗତ ଲାଭାଂଶ ବଣ୍ଟନରେ ଲିଙ୍ଗଗତ ସମାନତାର ସୁବିଧା ଗୁଡିକୁ ଦର୍ଶାଇବା
- ସମ୍ମିଳନୀ ସଚିବାଳୟର କାର୍ଯ୍ୟର କାର୍ଯ୍ୟକାରୀତାକୁ ବୃଦ୍ଧି କରିବା

ଏହି ଉଦ୍ଦେଶ୍ୟ ପୁରଣ ପାଇଁ ସମ୍ମିଳନୀ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମର ମୁଖ୍ୟ କୌଶଳ ହେଲା –

କ - ନୀତିନୀୟମରେ ସ୍ଥାନଦେବା

୧. ସମ୍ମିଳନୀ ନୀତି ଆଧାରରେ ଲିଙ୍ଗଗତ ସମାନତା ଏବଂ ଜୈବବିବିଧତା କୌଶଳ ପ୍ରସ୍ତୁତି
୨. ଲିଙ୍ଗଗତ ସମାନତା ଏବଂ ଜୈବବିବିଧତା କୁ ସହାୟତା ଦେବାପାଇଁ ଅନୁଦାନକାରୀ ମାନଙ୍କ ପ୍ରଚଳିତ ପ୍ରତିଶୃତି ରକ୍ଷା କରିବା
୩. ସଚିବାଳୟରେ ଲିଙ୍ଗଗତ ସମାନତା ଏବଂ ଜୈବବିବିଧତା ପାଇଁ ଉଚ୍ଚସ୍ତରୀୟ ପ୍ରତିଶୃତି ରକ୍ଷାକରିବା

ଖ – ସଂଗଠନ ପ୍ରକ୍ରିୟାରେ ସ୍ଥାନୀତ କରିବା

୧. ଲିଙ୍ଗଗତ ସମାନତା କାର୍ଯ୍ୟକୁ ସହାୟତା କରିବା ପାଇଁ ସମ୍ମିଳନୀ ସଚିବାଳୟ ସ୍ତରରେ ଏକ ପରିଷଦ ଗଠନ
୨. ସମସ୍ତ ସଚିବାଳୟ ସ୍ତରୀୟ କର୍ମକର୍ତ୍ତା ମାନଙ୍କର ଲିଙ୍ଗଗତ ସମାନତା ସଂପର୍କିତ ସାମର୍ଥ୍ୟର ବିକାଶ
୩. ମାନବ ସମ୍ପଳ ପରିଚାଳନାରେ ଲିଙ୍ଗଗତ ସମାନତାକୁ ବିଶେଷ ଗୁରୁତ୍ୱ ପ୍ରଦାନ
୪. ଲିଙ୍ଗଗତ ସମାନତା ଦିଗରେ ସମସ୍ତ କର୍ମକର୍ତ୍ତା ମାନଙ୍କର ଦାୟିତ୍ୱର ସଚେତନତା ବୃଦ୍ଧି ।
୫. ସଚିବାଳୟରେ ଲିଙ୍ଗଗତ ସମାନତା କାର୍ଯ୍ୟପ୍ରକ୍ରିୟାର ଅଗ୍ରଗତି ମାପିବା ପାଇଁ ସୁଚକ ପ୍ରସ୍ତୁତ କରିବା

ଗ - ପ୍ରଦାନ ପ୍ରକ୍ରିୟାରେ ସ୍ଥାନଦେବା

୧. ଲିଙ୍ଗଗତ ସମାନତା ଏବଂ ଜୈବବିବିଧତା ସଂପର୍କିତ ତଥ୍ୟର ସଂଗ୍ରହ ଓ ବିତରଣ
୨. ଲିଙ୍ଗଗତ ସମାନତା, ଜୈବବିବିଧତା ଏବଂ ଦାରିଦ୍ର୍ୟଦୂରୀକରଣ ମଧରେ ଯୋଗସୁତ୍ର ସ୍ଥାପନ
୩. ଲିଙ୍ଗଗତ ସମାନତା ଏବଂ ଜୈବବିବିଧତା କାର୍ଯ୍ୟକାରୀ କୌଶଳ ଏବଂ ପ୍ରଣାଳୀ ଚିହ୍ନଟ, ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବା
୪. ଜାତୀୟ ଜୈବବିବିଧତା ଯୋଜନା ପ୍ରକ୍ରିୟାରେ ଲିଙ୍ଗଗତ ସମାନତା ଦୃଷ୍ଟିଭଙ୍ଗୀ ସନ୍ନିବେଶିତ କରିବା ପାଇଁ ସମ୍ମିଳନୀର ପକ୍ଷ ମାନଙ୍କ ନିମନ୍ତେ ଏକ ଆଧାର ପ୍ରସ୍ତୁତ କରିବା

ଘ – ଗଠନ ପ୍ରକ୍ରିୟାରେ ସ୍ଥାନୀତ କରିବା

୧. ଜୈବବିବିଧତା ସମ୍ମିଳନୀରେ ଲିଙ୍ଗଗତ ସମାନତାର କାର୍ଯ୍ୟକାରୀତା ପାଇଁ ଭାଗୀଦାରିତା ଏବଂ ନେଟ୍‌ୱାର୍କ ସୃଷ୍ଟି କରିବା

୨. ଜାତିସଂଘ କାର୍ଯ୍ୟପ୍ରକ୍ରିୟା ସହ ଜୈବବିବିଧତା ସମ୍ମିଳନୀ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମର ଯୋଗସୂତ୍ର ସ୍ଥାପନ କରିବା

୩. ମହିଳା ସଂଗଠନ ଗୁଡିକ ମଧ୍ୟରେ ଜୈବବିବିଧତା ସମସ୍ୟା ଗୁଡିକର ସଚେତନତା ସୃଷ୍ଟି

୪. ଜୈବବିବିଧତା ସମ୍ମିଳନୀର କାର୍ଯ୍ୟପ୍ରକ୍ରିୟା ଏବଂ ନୀତିନିର୍ଦ୍ଧାରଣରେ ଅଂଶଗ୍ରହଣ ପାଇଁ ମହିଳା ଏବଂ ବିଶେଷକରି ଆଦିମ ଅଧିବାସୀ ମହିଳା ମାନଙ୍କ ସାମର୍ଥ୍ୟ ବୃଦ୍ଧି ।

ଜୈବବିବିଧତା ସମ୍ମିଳନୀ ସ୍ୱିକୃତି ଦିଏ ଯେ, ମହିଳା ମାନଙ୍କ ଦକ୍ଷତାର ବିକାଶ ହେଲେ ସମ୍ମିଳନୀ ପ୍ରକ୍ରିୟା ମଜଭୁତ ହୋଇପାରିବ, ବିଶେଷକରି ଜୈବବିବିଧତା ସମ୍ମିଳନୀର କାର୍ଯ୍ୟପ୍ରକ୍ରିୟା ଏବଂ ନୀତିନିର୍ଦ୍ଧାରଣରେ ଆଦିମ ଅଧିବାସୀ ମହିଳା ମାନଙ୍କର ଅଂଶଗ୍ରହଣ ହୋଇପାରିଲେ । ଏହି ସାମର୍ଥ୍ୟବିକାଶ ଏବଂ ନୀତିନିର୍ଦ୍ଧାରଣରେରେ ସଂପୃକ୍ତି ନିମନ୍ତେ ମହିଳା ବିଶେଷକରି ଆଦିମ ଅଧିବାସୀ ମହିଳା ଏବଂ ଜେଣ୍ଡର ଏକ୍ସପର୍ଟ ମାନଙ୍କ ମିଳିତ ସଂପୃକ୍ତିରେ ବିଭିନ୍ନ ବିଷୟଗୁଡିକୁ ତର୍ଜମା କରି ଦଳର ସାମର୍ଥ୍ୟ ବିକାଶ ଆବଶ୍ୟକତା ଗୁଡିକୁ ନେଇ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ଆବଶ୍ୟକତା ଆକଳନ କରାଯିବା ଦରକାର ।

ଏହି ଆବଶ୍ୟକତା ଗୁଡିକ ଆଧାରରେ ମହିଳା ମାନଙ୍କ ପାଇଁ ବିଶେଷକରି ଆଦିମ ଅଧିବାସୀ ମହିଳା ଏବଂ ମହିଳା ନେତ୍ରୀ ମାନଙ୍କ ପାଇଁ ପ୍ରସ୍ତୁତି ବୈଠକ ଏବଂ ତାଲିମ, ଜୈବବିବିଧତା ସମ୍ମିଳନୀର ସମସ୍ତ ବୈଠକ ଗୁଡିକ ପୂର୍ବରୁ କରାଯିବା ଦରକାର । ଆଦିମ ଅଧିବାସୀ ମହିଳା ସଂଗଠନ ଗୁଡିକ ଦ୍ୱାରା ଜୈବବିବିଧତା ଏବଂ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମ ପାଇଁ ସହାୟତା ବୃଦ୍ଧି କରାଯିବା ଆବଶ୍ୟକ ଏବଂ ଲିଙ୍ଗଗତ ସମାନତା କାର୍ଯ୍ୟ କରୁଥିବା ସଂଗଠନ ଓ ସାମର୍ଥ୍ୟ ବିକାଶ ପାଇଁ ଗଠିତ ବିଶେଷଜ୍ଞ ଓ ତାଲିମ ସହାୟିକା ଦଳ ଗୁଡିକୁ ମଧ୍ୟ ସହାୟତା ଦିଆଯିବା ଆବଶ୍ୟକ ।



**ପ୍ରୟୋଗ – ୧**

ଗଳ୍ପକଥନ - ୪୦ ମିନିଟ୍

ଗୋଷ୍ଠୀରେ ଆଦିମ ଅଧିବାସୀ ମହିଳା ମାନଙ୍କ ଭୂମିକାକୁ ଉଜ୍ଜିବିତ କରିବା

୧ – ଆଦିମ ଅଧିବାସୀ ମହିଳା ଅଂଶଗ୍ରହଣକାରୀ ମାନଙ୍କୁ ସଜଳ ପରିଚାଳନା, ଜୈବବିବିଧତା ସଂରକ୍ଷଣ, ସ୍ଥାୟୀ କୃଷି, ପାରଂପରିକ ଔଷଧ ଏବଂ ଗୋଷ୍ଠୀରେ ଖାଦ୍ୟନିରାପତ୍ତା ସଂପର୍କରେ ସେମାନଙ୍କ ଜ୍ଞାନ ଓ ସେମାନଙ୍କ ଭୂମିକା ସଂପର୍କିତ କାହାଣୀ କହିବାକୁ ଉତ୍ସାହିତ କରାଯାଉ । ତାଲିମ ସହାୟକ ମୁଖ୍ୟ ବିଷୟ ଗୁଡିକୁ ଲିପିବଦ୍ଧ କରନ୍ତୁ ।

୨ – ମହିଳା ଅଂଶଗ୍ରହଣକାରୀମାନେ ଉପସ୍ଥାପନ କରିସାରିବା ପରେ ତାଲିମ ସହାୟକ, ଜୈବବିବିଧତା ସଂରକ୍ଷଣରେ ଆଦିମ ଅଧିବାସୀ ମହିଳା ମାନଙ୍କ ଭୂମିକା ଏବଂ ଗୋଷ୍ଠୀ ତିଷ୍ଠି ରହିବାରେ ସେମାନେ କିପରି ଗୁରୁତ୍ୱପୂର୍ଣ୍ଣ ତାହାକୁ ନେଇ ଆଲୋଚନା ସାରାଂଶ ଗୁଡିକ ଉପସ୍ଥାପନ କରନ୍ତୁ ।

## ୨ – ଜୈବବିବିଧତା ସମ୍ବଳର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ଆଦିମ ଅଧିବାସୀ ମହିଳାଙ୍କ ଭୂମିକା

ଆଦିମ ଅଧିବାସୀ ମହିଳାମାନେ ଜୈବବିବିଧତା ସମ୍ବଳର ସଂରକ୍ଷଣ ପାଇଁ ସମୃଦ୍ଧ ଜ୍ଞାନ ଏବଂ ଅନୁଭୂତି ପ୍ରଦାନ କରିଥାନ୍ତି । ଯୁଗ ଯୁଗ ଧରି ପ୍ରକୃତି ସହ ଅଙ୍ଗାଙ୍ଗୀ ଭାବେ ଜଡିତ ରହିଆସିଥିବାରୁ ଆଦିମ ଅଧିବାସୀ ମହିଳାମାନେ ଜୈବବିବିଧତା ସମ୍ବଳର ସଂରକ୍ଷଣ ଏବଂ ପରିଚାଳନା ପାଇଁ ପାରଂପରିକ ଜ୍ଞାନର ବିକାଶ କରିଛନ୍ତି । ଆଦିମ ଅଧିବାସୀ ମହିଳାମାନଙ୍କ ଜ୍ଞାନ ଓ ଅଭ୍ୟାସ ଗୁଡିକ ହେଲା, ବିହନ ଚୟନ, ବିହନ ସଂରକ୍ଷଣ ଏବଂ ସାଇତି ରଖିବା କୌଶଳ, ପାରଂପରିକ ଚେରମୂଳୀ ଔଷଧ, ସ୍ଥାୟୀ କୃଷି ବ୍ୟବସ୍ଥା, ଚାରାରୋପଣ, ଫସଲକୁ ରୋଗପୋକ ଦାଉରୁ ସୁରକ୍ଷା ଦେବା, ଖାଦ୍ୟଭାବେ ବ୍ୟବହୃତ ଗଛ ଏବଂ କୀଟ ଗୁଡିକ ସଂପର୍କରେ ଜ୍ଞାନ, କୃଷିଜୈବବିବିଧତାର ବିକାଶ ଆଦି । ଗୋଷ୍ଠୀ ଏବଂ ପରିବାର ପାଇଁ ଫସଲ ଉତ୍ପାଦନ ଏବଂ ଖାଦ୍ୟସୁରକ୍ଷାରେ ଆଦିମ ଅଧିବାସୀ ମହିଳା ମାନଙ୍କର ଭୂମିକା ଅପରିହାର୍ଯ୍ୟ ।

ଆମ ଆଦିମ ଅଧିବାସୀ ମହିଳା ଅଂଶଗ୍ରହଣକାରୀ ମାନଙ୍କ କାହାଣୀ ଗୁଡିକ ଜୈବବିବିଧତା ସଂରକ୍ଷଣ ଏବଂ ବିଭିନ୍ନ ପରିବେଶରେ ଜୈବବିବିଧତାର ବ୍ୟବହାର, ପରିଚାଳନା, ସଂରକ୍ଷଣ ସଂପର୍କରେ ପ୍ରାଥମିକ ଧାରଣା ଦିଏ ।

ଆଦିମ ଅଧିବାସୀ ମହିଳା ମାନଙ୍କ ପାରଂପରିକ ଜ୍ଞାନ ସଂପର୍କରେ ନିମ୍ନରେ ଦିଆଯାଇଥିବା କେତେକ ଉଦାହରଣକୁ ଆଲୋଚନା କରାଯାଇପାରେ –

### ମହିଳାମାନେ ହେଉଛନ୍ତି ଜୈବବିବିଧତା ସଂରକ୍ଷକ ଏବଂ ବିହନ ତତ୍ତ୍ୱାବଧାରକ

ଖାଦ୍ୟସୁରକ୍ଷା ପାଇଁ ଜୈବବିବିଧତା ଏବଂ ବୃକ୍ଷ ବିବିଧତାର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ତ୍ତମାନ ସମସ୍ତେ ଗ୍ରହଣ କରୁଛନ୍ତି । ଧାନ ଚାଷ ସଂସ୍କୃତିରେ ମହିଳାମାନେ ବିହନ ତତ୍ତ୍ୱାବଧାରକ ଏବଂ ଜୈବବିବିଧତା ସଂରକ୍ଷକ ଭାବେ ମୁଖ୍ୟ ଭୂମିକା ତୁଲାଇଥାନ୍ତି ।

ଫିଲିପିନ୍‌ସର କୋର୍ଡିଲେରାରେ ବିହନ ଚୟନ ଆଦିମ ଅଧିବାସୀ ମହିଳାମାନଙ୍କର ପାରଂପରିକ ଦାୟିତ୍ୱ ହିସାବରେ ବିବେଚିତ । କେଉଁ ଜାତିର ବିହନ ଚାଷ କରାଯିବ ଏବଂ ବିହନ ଗୁଡିକ କିପରି କେତେପରିମାଣରେ ସାଇତି ରଖାଯିବ ତାହା ସାଧାରଣତଃ ସ୍ତ୍ରୀ, ମା ବା ଝିଅ ମାନେ ସ୍ଥିର କରିଥାନ୍ତି । ଯଦି କେହି ନଥାନ୍ତି ତାହେଲେ ଜଣେ ଫସଲ ଅମଳକାରୀ ବୟସ୍କା ମହିଳା ବିହନ ଚୟନ କର୍ତ୍ତ୍ରୀ ହିସାବରେ କାର୍ଯ୍ୟ ତୁଲାଇଥାନ୍ତି । ଫସଲ ଅମଳ ସମୟରେ ବିହନ ଚୟନ କର୍ତ୍ତ୍ରୀ ମହିଳା ଫସଲ ଅମଳ କାରୀ ଦଳ ଯିବା ପୂର୍ବରୁ ଜମିରେ ପହଞ୍ଚି ବିହନ ଚୟନ କରନ୍ତି । ବିହନ ଚୟନ ସମୟରେ ବିହନର କେତେକ ବିଶେଷ ଗୁଣ ଯଥା – ଲମ୍ବା ଓ ପରିପୁଷ୍ଟ କେଣ୍ଡା, ଅଗାଡି ନଥିବା, ପୋକ ଲାଗିନଥିବା ଓ ଭଲଭାବେ ପାଚିଥିବା ଗୁଣକୁ ନେଇ ଚୟନ କରନ୍ତି । ବିହନ ଚୟନ କର୍ତ୍ତ୍ରୀ ଦାଆରେ ଏକାଥରକେ କେଣ୍ଡାଟିକୁ କାଟି ସଂଗ୍ରହ କରିବେ । ଯେତେବେଳେ ବିହନ ପାଇଁ ଆବଶ୍ୟକୀୟ ଗୋଛାଟି ହୋଇଯିବ ସେ ଗୋଛାଟିକୁ ବାନ୍ଧିଦେବେ ଏବଂ ସେ ଚିହ୍ନଟ ପାଇଁ ଏହା ଉପରେ ପତାକା ଭଳି ଡାଳଟିଏ ଖୁଞ୍ଚିଦେବେ ଅଥବା ଲମ୍ବା ଧାନକେଣ୍ଡାଟିଏ ଲଗାଇଦେବେ । ସାଧାରଣତଃ ବିହନ ହଳା ବା ଗୋଛାଟି ସାଧାରଣ ଧାନ ଗୋଛାଠାରୁ ୫୦ରୁ ୭୦ ପ୍ରତିଶତ ବଡ ହୋଇଥାଏ ।

### ଲୁତୁହୋ ଆଦିମ ଅଧିବାସୀ ମହିଳା ମାନଙ୍କର ଜୈବବିବିଧତା ସଂପର୍କିତ ପାରଂପରିକ ଜ୍ଞାନ

ସୁଦାନରେ ଥିବା ଅନେକ ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ଲୁତୁହୋ ମାନେ ହେଉଛନ୍ତି ୫ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ଏକ ଗୋଷ୍ଠୀ । ସୁଦାନ ଏବଂ ଉଗାଣ୍ଡା ସୀମାରେ ଲମ୍ବିଥିବା ଇମାଟଙ୍ଗ ପର୍ବତମାଳାର ପାଦଦେଶରେ ସେମାନେ ବସବାସ କରନ୍ତି ଏବଂ ଚାଷ ଓ ପଶୁପାଳନରୁ ଜୀବିକା ନିର୍ବାହ କରନ୍ତି ।

ଲୁତୁହୋ ଆଦିମ ଅଧିବାସୀ ମହିଳା ମାନେ ଗୋଷ୍ଠୀଗତ ଜୀବନଶୈଳୀରେ ପରିବେଶ ଏବଂ ବିଭିନ୍ନ ଗଛଲତା ଓ ପଶୁ ପ୍ରଜାତିର ବ୍ୟବହାର ସପର୍କିତ ସମୃଦ୍ଧ ପାରଂପରିକ ଜ୍ଞାନର ଅଧିକାରୀ ଅଟନ୍ତି । ବିଭିନ୍ନ ବିହନ ଚିହ୍ନଟ କରିବା ଏବଂ ପରବର୍ତ୍ତୀ ଚାଷରେ ବ୍ୟବହାର ପାଇଁ ସେଗୁଡିକ ସାଇତି ରଖିବା ସେମାନଙ୍କର ମୂଖ୍ୟ ଦାୟିତ୍ୱ । ଯଦି କେହି ଜଣେ ରୋଗରେ ପଡେ, ସେହି ରୋଗ ପାଇଁ କେଉଁ ଗଛ ବ୍ୟବହାର କଲେ ସୁସ୍ଥ ହୋଇଯିବ ତାହା ତାକୁ ଜଣା । ଏହିପରି ଭାବରେ ସେ ନିଜ ଗୋଷ୍ଠୀକୁ ଚଳାଇବା ସହ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ପ୍ରାକୃତିକ ସଂପଦକୁ ସୁରକ୍ଷିତ ରଖିଥାଏ । ସେ ଏହିସବୁ ଜ୍ଞାନ ନିଜ ଯୁବା ବୟସରୁ ବୁଢୀମା କିମ୍ବା ମାଉସୀଙ୍କ ଠାରୁ ହାସଲ କରିଥାଏ ।

ଆଦିମ ଅଧିବାସୀ ମହିଳା ଗୋଷ୍ଠୀରେ ପାରଂପରିକ ଜ୍ଞାନର ଗୁରୁତ୍ୱକୁ ବୁଝିଥାଏ । ସେ ଯେକୌଣସି ସମସ୍ୟାର ସମାଧାନ ପାଇଁ ଏହାକୁ ବ୍ୟବହାର କରିଥାଏ । ଉଦାହରଣ ସ୍ୱରୁପ ସେ ଏକ ପ୍ରକାର ପକ୍ଷୀର ଶବ୍ଦଶୁଣି କେହିଜଣେ ଶତ୍ରୁ ଆସୁଛି ବୋଲି କହିଦେଇ ପାରେ । କେତେକ ମହିଳା ପାରଂପରିକ ଧାଇ ବା ପିଲାଜନ୍ମ ବିଷୟରେ ଦକ୍ଷତା ହାସଲ କରିଥାନ୍ତି । ନୂଆରେ ଜନ୍ମ ହୋଇଥିବା ପିଲାର ନାହି କାଟିବା ପରେ କ୍ଷତସ୍ଥାନକୁ କୌଣସି ପ୍ରକାର ସଂକ୍ରମଣରୁ ରକ୍ଷା କରିବା ପାଇଁ କଳାରେ ପ୍ରଲେପ ଦେବା କୌଶଳ ତାଙ୍କୁ ଜଣା ।

ଉତ୍ସ – ସୁଶାନ୍ ଓଦୁହୋ, ଆଫ୍ରିକା ଆଦିମ ଅଧିବାସୀ ମହିଳା ଆଂଚଳିକ ଜୈବବିବିଧତା କର୍ମଶାଳା, ପାରଂପରିକ ଜ୍ଞାନ ଏବଂ ଆଫ୍ରିକାର ମହିଳା ଅଧିକାର

## ୩ – ଜୈବବିବିଧତା ଉପରେ ମହିଳା ମାନଙ୍କର କର୍ତ୍ତୃତ୍ୱ ଏବଂ ନିୟନ୍ତ୍ରଣ

ଜୈବବିବିଧତା ମାନବିକ ଆବଶ୍ୟକତା ବିଶେଷକରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଭିତରେ ଚଳୁଥିବା ଲୋକମାନଙ୍କର ଆବଶ୍ୟକତା ପୁରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଏବଂ ଜାଳେଣୀ ଜୈବବିବିଧତାରୁ ପାଇଥାନ୍ତି । ସେମାନଙ୍କର ଜୈବବିବିଧତାର ସୁରକ୍ଷା ଏବଂ ପର୍ଯ୍ୟାବରଣର ସଂରକ୍ଷଣ ଲୋକମାନଙ୍କର ସ୍ଥାୟୀ ବିକାଶ ହାସଲର ପ୍ରଧାନ ଉପାଦାନ । ( ଜୁମା ୨୦୦୩)

ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ବିଶ୍ୱବର ୭୫ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ବିଶ୍ୱର ଗ୍ରିବ ଲୋକମାନଙ୍କ ଭିତରୁ ମହିଳା ହେଉଛନ୍ତି ୭୦ ପ୍ରତିଶତ । ( ୟୁ.ଏନ୍.ଡି.ପି ବିଶ୍ୱ ସଂରକ୍ଷଣ ସଂପର୍କରେ, ୨୦୦୨ ) । ମହିଳା ମାନେ ଆଫ୍ରିକାରେ ୮୦ ପ୍ରତିଶତ, ଏସିଆରେ ୬୦ ପ୍ରତିଶତ ଏବଂ ଲାଟିନ୍ ଆମେରିକାରେ ୪୦ ପ୍ରତିଶତ ଖାଦ୍ୟ ଉତ୍ପାଦନ କରୁଛନ୍ତି ।( ଡବ୍ଲ୍ୟୁ.ଆର୍.ଆଇ ୧୯୯୨)

ବିଭିନ୍ନ ମହାଦେଶରେ ଲକ୍ଷ୍ୟ ଲକ୍ଷ୍ୟ ମହିଳା ଗରୀବି ଭୋଗିବାର କାରଣ ହେଉଛି, ଜମି ଓ ଅନ୍ୟାନ୍ୟ ସମ୍ବଳ ଉପରେ କର୍ତ୍ତୃତ୍ୱ ପାଇଁ ସେମାନେ ସମୁଖିନ ହେଉଥିବା ପ୍ରତିବନ୍ଧକ ଯୋଗୁଁ । ମହିଳା ମାନେ ଜୈବବିବିଧତା ସମ୍ବଳର ସ୍ଥାୟୀ ବ୍ୟବହାରରେ ସିଦ୍ଧହସ୍ତ ଥିଲେ ମଧ୍ୟ ସେସବୁ ସମ୍ବଳର କର୍ତ୍ତୃତ୍ୱ ଓ ନିୟନ୍ତ୍ରଣରେ ସମାନ ଭାଗୀଦାରିତାରୁ ବଂଚିତ ହେଉଛନ୍ତି ।

ଉଦାହରଣ ସ୍ୱରୁପ ଜଙ୍ଗଲ ଅବକ୍ଷୟ ଯୋଗୁଁ ମହିଳା ମାନେ ସେମାନଙ୍କର ଗୋଷ୍ଠୀ ଏବଂ ପରିବାର ପାଇଁ ଖାଦ୍ୟ ଏବଂ ଔଷଧ ଆଦିର କର୍ତ୍ତୃତ୍ୱ ଧିରେ ଧିରେ ହରାଇଛନ୍ତି । ଏହିସବୁ ଜିନିଷ ପାଇଁ ସେମାନଙ୍କୁ ପୁରୁଷ ମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ଯାହାଫଳରେ ସେମାନଙ୍କର ପାରଂପରିକ ସାମାଜିକ ସ୍ଥାନ ହରାଇବା ସହ ଗୋଷ୍ଠୀ ଏବଂ ପରିବାର ସ୍ତରରେ ସେମାନଙ୍କ ନିଷ୍ପତ୍ତି ନେବାର ଅଧିକାର ମଧ ସଂକୁଚିତ ହୋଇଛି । ଅନ୍ୟପକ୍ଷରେ ଏହା ତାଙ୍କର କାମର ବୋଝ ଏବଂ କାମର ସମୟକୁ ବଢାଇ ଦେଇଛି । ପାରଂପରିକ ଉତ୍ପାଦନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ଦ୍ୱାରା ସେମାନେ ପୁଷ୍ଟିକର ଖାଦ୍ୟ ଉପରୁ କର୍ତ୍ତୃତ୍ୱ ଏବଂ କ୍ଷମତା ହରାଇବସିଛନ୍ତି । ଅଧିକାଂଶ ମହିଳାଙ୍କୁ ନୂଆ ଜିନିଷ ଏବଂ ଅଳ୍ପ ପ୍ରକାର ଜିନିଷ ବ୍ୟବହାର ସହିତ ସାଲିସ କରିବାକୁ ପଡୁଛି । ଗୋଟିଏ ପ୍ରକାର ଫସଲ ଚାଷ ଦ୍ୱାରା ବିବିଧ ଖାଦ୍ୟ ପଦାର୍ଥ ମିଳିପାରୁନାହିଁ । ଯାହାଫଳରେ ମହିଳା ମାନଙ୍କର ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବାରେ ଥିବା ଦକ୍ଷତା ଲୋପ ପାଇଯାଉଛି ।

ତେବେ ଜୈବବିବିଧତା କାର୍ଯ୍ୟକ୍ରମର ନୀତିନିର୍ଦ୍ଧାରଣ କ୍ଷେତ୍ରରେ ଏହି ବିଷୟଗୁଡିକୁ ଅଣଦେଖା କରାହୋଇ ଆସୁଛି ଏବଂ ମହିଳା ମାନଙ୍କର ଅଭିଜ୍ଞତା ଓ ସ୍ୱରକୁ ବିଚାରକୁ ନିଆଯାଉନାହିଁ । ତେଣୁ ସମ୍ମିଳନୀର ଉଦ୍ଦେଶ୍ୟ ସାଧନ ନିମନ୍ତେ ଆଦିମ ଅଧିବାସୀ ମହିଳା ମାନଙ୍କର ଜ୍ଞାନ ଏବଂ ଏହି ଉଦ୍ଦେଶ୍ୟ ପୁରଣ ପାଇଁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱିକୃତି ଦେବା ଜରୁରୀ ଅଟେ । ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଆଦିମ ଅଧିବାସୀ ମହିଳାମାନଙ୍କୁ ନୀତିନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାକାରୀତାରେ ସଂପୂର୍ଣ୍ଣ ଅଂଶଗ୍ରହଣ ପାଇଁ ସମସ୍ତ ସୁବିଧାସୁଯୋଗ ଦିଆଯିବା ଆବଶ୍ୟକ । ଏବଂ ଜୈବବିବିଧତାର ବ୍ୟବହାରରୁ ହେଉଥିବା ଲାଭାଂଶର ସୁଲଭ ଏବଂ ସମବଣ୍ଟନରେ ମହିଳା ମାନଙ୍କୁ ମଧ ସମାନ ଭାଗ ମିଳିବାର ଆବଶ୍ୟକତା ରହିଛି ।

### ୪ – ଜୈବବିବିଧତା ସମ୍ମୀଳନୀରେ ଆଦିମ ଅଧିବାସୀ ମହିଳା ମାନଙ୍କର ଅଂଶଗ୍ରହଣ

୧୯୯୮ ମସିହାରେ ସ୍ଲୋଭାକିଆର ବାସ୍ତିସ୍ଲାଭାରେ ଅଣୁଷ୍ଠିତ ସମ୍ମିଳନୀର ୪ର୍ଥ ଅଧିବେଶନରେ ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ( ଆଇ.ଡବ୍ଲ୍ୟୁ.ବି.ଏନ୍ ) ଗଠିତ ହେଲା । ଏହି ନେଟୱାର୍କର ମୁଖ୍ୟ ଲକ୍ଷ୍ୟ ରହିଲା, ଆନ୍ତର୍ଜାତୀୟ ପାରିବେଶିକ କ୍ଷେତ୍ରରେ ସବୁସ୍ତରରେ ଆଦିମ ଅଧିବାସୀ ମହିଳା ମାନଙ୍କର ସକ୍ରିୟ ଭାଗୀଦାରିତାକୁ ସୁନିଶ୍ଚିତ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ସେମାନେ ନେଉଥିବା ମୂଖ୍ୟଭୂମିକାର ବିକାଶ କରିବା ।

ସି.ବି.ଡିରେ ଆଦିମ ଅଧିବାସୀ ମହିଳା ମାନଙ୍କର ଅଧିକାର ଏବଂ ଉଦ୍‌ବିଗ୍ନତାର କାର୍ଯ୍ୟକାରୀତା ଏବଂ ଓକିଲାତିରେ ଥିବା ଅସୁବିଧା ଗୁଡିକୁ ପୂରଣ କରିବା ନିମନ୍ତେ ସେମାନେ ସି.ବି.ଡି ବୈଠକର ପୂର୍ବରୁ ଆଇ.ଆଇ.ଏଫ୍.ବି ର ଏକ ଅଂଶ ହିସାବରେ ଆଦିମ ଅଧିବାସୀ ମହିଳା ମାନଙ୍କ ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ପ୍ରସ୍ତୁତି ପାଇଁ ନୀୟମିତ ବୈଠକ କରିବା ପାଇଁ ନିଷ୍ପତ୍ତି ନେଲେ । ଏହା ପାରିବେଶିକ ସମସ୍ୟା ସଂପର୍କରେ କାର୍ଯ୍ୟକରୁଥିବା ଆଦିମ ଅଧିବାସୀ ମହିଳା ମାନଙ୍କର ଏକ ନେଟୱାର୍କ, ଯାହାକି ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସଂପର୍କିତ ତିନୋଟି କର୍ମଶାଳା ହେବାପରେ ଗଠିତ ହେଲା । ଏହି ନେଟୱାର୍କକୁ କେନ୍ୟାର ନାଇରୋବି ଠାରେ ଥିବା ଏକ ପାନ୍-ଆମେରିକୀୟ ଆଦିମ ଅଧିବାସୀ ମହିଳା ସଂଗଠନ "ଆଫ୍ରିକୀୟ ଆଦିମ ଅଧିବାସୀ ମହିଳା ସଂଗଠନ" ( ଏ.ଆଇ.ଡବ୍ଲୁ.ଓ ) ଏବଂ ନେଦରଲାଣ୍ଡସ୍ ସେଣ୍ଟର ଫର୍ ଅଣ୍ଟିଜେନସ ପିପୁଲ (ଏନ୍.ସି.ଆଇ.ଭି)ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ।

ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ଆଦିମ ଅଧିବାସୀ ମହିଳାମାନେ ବହୁ କମ୍ ସଂଖ୍ୟାରେ ଯୋଗ ଦେଉଥିବା ସମସ୍ତ ଆନ୍ତର୍ଜାତୀୟ ପାରିବେଶିକ ମଂଚରେ ମହିଳା ମାନଙ୍କ ପ୍ରତିନଧିତ୍ୱ ଏବଂ ଭାଗୀଦାରିତା ବଢାଇବାର ମୂଖ୍ୟ ଲକ୍ଷ୍ୟ ଆସିଅଛି । ବିଶେଷକରି ଏହା ପରିବେଶ ସୁରକ୍ଷା ଦିଗରେ ଆଦିମ ଅଧିବାସୀ ମହିଳାମାନେ ନିର୍ବାହ କରୁଥିବା ମୂଖ୍ୟ

ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଉନ୍ନତୀ ପାଇଁ କାର୍ଯ୍ୟରତ । ଆଦିମ ଅଧିବାସୀ ମହିଳା ମାନେ ସ୍ୱତନ୍ତ୍ର ପାରଂପରିକ ଜ୍ଞାନ, ସୃଜନ ଓ ଅଭ୍ୟାସ ଗୁଡିକର ସଂରକ୍ଷକ ହୋଇଥିବାରୁ ସେମାନଙ୍କର ଜମିଜମା ଏବଂ ସମ୍ବଳ ଉପରେ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣର ଅଧିକାର ରହିବା ପରିବେଶର ସ୍ଥାୟୀ ବ୍ୟବହାର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହାଛଡା ଆଦିମ ଅଧିବାସୀ ମହିଳା ମାନଙ୍କର ଟଙ୍କାପଇସା ଉପରେ କର୍ତ୍ତୃତ୍ୱ କମ୍ କିନ୍ତୁ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ଏବଂ ପିଲା ପାଳନର ବଡ ଦାୟିତ୍ୱ ରହିଛି ଯାହାଫଳରେ ଜୈବବିବିଧତା ଏବଂ ପ୍ରାକୃତିକ ସମ୍ବଳ ଉପରେ ସେମାନେ ବିଶେଷ ନିର୍ଭରଶୀଳ ଅଟନ୍ତି ।

ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ହେଉଛି ଆନ୍ତର୍ଜାତୀୟ ପରିବେଶଗତ ସମାବେଶ ଗୁଡିକରେ ଏକ ଆନୁଷ୍ଠାନିକ ଆଦିମ ଅଧିବାସୀ ସଂଗଠନ ହିସାବରେ ସକ୍ରିୟ ଥିବା ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍‌ର ଏକ ଅଂଶ । ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ ର ବୈଠକ ଗୁଡିକ ଅଲଗା ଭାବରେ ହୋଇଥାଏ ସତ କିନ୍ତୁ ଏହାର ସଦସ୍ୟା ମାନେ ଆଇ.ଆଇ.ଏଫ୍.ବି ରେ ପୂର୍ଣ୍ଣ ଏବଂ ସକ୍ରିୟ ଭାବେ ସଂଶ୍ଳିଷ୍ଟ ଏବଂ ନିଜର କାର୍ଯ୍ୟକ୍ରମ ଗୁଡିକ ବିଷୟରେ ନୀୟମିତ ଆଇ.ଆଇ.ଏଫ୍.ବିକୁ ରିପୋର୍ଟ ଦେଇଥାନ୍ତି ।

ଏହି ବିଶ୍ୱସ୍ତରୀୟ ବୈଠକ ଗୁଡିକ ସହିତ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମରେ ସେମାନେ ପରିବେଶ ସମସ୍ୟା ଓ ପ୍ରକ୍ରିୟା ଗୁଡିକୁ ସାର୍ବଜନୀନ କରିବାପାଇଁ ଆଦିମ ଅଧିବାସୀ ଆଞ୍ଚଳିକ ମହିଳା ସଂଗଠନ ମାନ ଗଠନ କରିବା ଦିଗରେ ମଧ୍ୟ ବିଶେଷ ଧ୍ୟାନ ଦେଇଥାନ୍ତି । ସେହିଭଳି ଏକ ପ୍ରଚେଷ୍ଟା ହେଉଛି ପାନାମାରେ ଲାଟିନ୍ ଆମେରିକୀୟ ଆଦିମ ଅଧିବାସୀ ମହିଳା ମାନଙ୍କର ଆଞ୍ଚଳିକ ଜୈବବିବିଧତା ନେଟ୍‌ୱାର୍କ କାର୍ଯ୍ୟକ୍ରମ । ସେମାନଙ୍କୁ ଅଂଚଳିକ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ଏବଂ ଆଗକୁ ଆସିବାକୁ ସକ୍ଷମ କରାଯାଉଛି । ସେହିପରି ଆଫ୍ରିକୀୟ ଆଦିମ ଅଧିବାସୀ ମହିଳା ସଂଗଠନ ( ଏ.ଆଇ.ଡବ୍ଲୁ.ଓ )ଏବଂ ଏସୀୟ ଆଦିମ ଅଧିବାସୀ ମହିଳା ନେଟୱାର୍କ (ଏ.ଆଇ.ଡବ୍ଲୁ. ଏନ୍ )ଜୈବବିବିଧତା ଏବଂ ଆଦିମ ଅଧିବାସୀ ମହିଳା ସପର୍କରେ ସେମାନଙ୍କର ଆଂଚଳିକ କର୍ମଶାଳା ୨୦୦୭ ମସିହାରେ କରିଥିଲେ ।

ଜୈବବିବିଧତା ସମ୍ମିଳନୀରେ ଆଦିମ ଅଧିବାସୀ ମହିଳା ମାନଙ୍କର ବର୍ଦ୍ଧିତ ଭୂମିକା ଏହି ଆଇ.ଆଇ.ଏଫ୍.ବି ର ଉଦ୍ଧୃତାଂଶଟି ଆଦିମ ଅଧିବାସୀ ମହିଳା ମାନଙ୍କର ଆଇ.ଆଇ.ଏଫ୍.ବି ଏବଂ ଜୈବବିବିଧତା ସମ୍ମିଳନୀରେ ସେମାନଙ୍କ ଭାଗିଦାରିତା ସଂପର୍କିତ ଚିନ୍ତାକୁ ବୁଝାଇଥାଏ ।

*ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍ (ଆଇ.ଆଇ.ଏଫ୍.ବି)ର ୭ମ ଅଧିବେଶନ, କୁଆଲାଲୁମ୍ପୁର, ମାଲୟସିଆ ର ପ୍ରାରମ୍ଭିକ ବକ୍ତବ୍ୟର ଉଦ୍ଧୃତାଂଶ*

୯ ଫେବୃଆରୀ ୨୦୦୪

ଆଦିମ ଅଧିବାସୀ ମହିଳାମାନେ ଆମର ସଂସ୍କୃତି, ଇତିହାସ, ସୃଷ୍ଟି ଏବଂ ପୂର୍ବପୁରୁଷର ଦୃଷ୍ଟିକୋଣ, ଜୀବନ ଏବଂ ଜଗତର ଦୃଷ୍ଟିଭଙ୍ଗୀ ଏବଂ ବଂଚିବାର ରାସ୍ତା ଦେଖାଇ ଆସୁଛନ୍ତି । ଏହି ଜୀବନ ଶୈଳୀ ଆମର ସଂସ୍କୃତିର ଚୀରସ୍ଥାୟୀକରଣ, ଏନ୍ନତୀ ଓ ବିକାଶ ଏବଂ ଜୈବବିବିଧତାର ସୁରକ୍ଷା ପାଇଁ ନିତାନ୍ତ ପ୍ରୟୋଜନୀୟ । ସମ୍ମିଳନୀର ନିଷ୍ପତ୍ତି ଚ/୧୦ ଯାହାକି ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ମହିଳା ମାନଙ୍କର ବିଶାଳ ସଂପୃକ୍ତିର ଆବଶ୍ୟକତାକୁ ଦର୍ଶାଉଛି, ଆମେ ସମସ୍ତ ପକ୍ଷଙ୍କୁ ଆହ୍ୱାନ କରୁଛୁ ଯେ ସେମାନେ କାର୍ଯ୍ୟକ୍ରମର ସମସ୍ତ କାର୍ଯ୍ୟରେ ଆଦିମ ଅଧିବାସୀ ମହିଳା ମାନଙ୍କ ପୂର୍ଣ୍ଣ ଏବଂ ସକ୍ରିୟ ସଂପୃକ୍ତି ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ । ଏହାକୁ କିପରି

ହାସଲ କରାଯାଇପାରିବ ସେଥିପାଇଁ ସ୍ଥାନୀୟ, ଜାତୀୟ, ଆଂଚଳିକ ଓ ଆନର୍ଜାତୀୟ ସ୍ତରରେ ଆଦିମ ଅଧିବାସୀ ମହିଳା ମାନଙ୍କର ମତ ନେବାର ଆବଶ୍ୟକତା ରହିଛି ।

ଆମେ ଏଠାରେ କେତେକ ମୁଖ୍ୟ ଅସୁବିଧାକୁ ଅଗ୍ରାଧିକାର ଦେଉଛୁ ଯାହାକି ଆମର ବୈଠକ ଗୁଡିକର ଆଲୋଚନାରୁ ଆସିଅଛି ଏବଂ ଏହା ପରବର୍ତ୍ତୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ନୀୟମିତ ଭାବେ ଉପସ୍ଥାପିତ ହେବ ।

ପ୍ରଥମେ ଆମେ ପକ୍ଷ ଗୁଡିକୁ ମନେପକାଇ ଦେଉଛୁ ଯେ, ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ମହିଳା ମାନଙ୍କର ମୂଖ୍ୟ ଭୂମିକା ରହିଛି । ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ସମ୍ମିଳନୀର ନିଷ୍ପତ୍ତି ୮/୧୦ ଅନୁସାରେ ସମ୍ମିଳନୀର ନିଷ୍ପତ୍ତି ଏବଂ କାର୍ଯ୍ୟକ୍ରମର ପ୍ରତ୍ୟେକ କାର୍ଯ୍ୟର ରୁପାୟନ ଓ କାର୍ଯ୍ୟକାରୀତାର ପ୍ରତ୍ୟେକ ସ୍ତରରେ ଆଦିମ ଅଧିବାସୀ ମହିଳା ମାନେ ହେଉଛନ୍ତି ସକ୍ରିୟ ଅଂଶଗ୍ରହଣକାରୀ ଏବଂ ନିଷ୍ପତ୍ତି ନିର୍ଦ୍ଧାରକ  ଏବଂ ତଦ୍ୱାରା ଆମର ସ୍ଥାନୀୟ ପରିବେଶ ସଂପର୍କିତ ଜ୍ଞାନର ସ୍ୱିକୃତି ମିଳିଲା ।

ଦ୍ୱିତୀୟତଃ ଆଦିମ ଅଧିବାସୀ ମହିଳା ମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସେମାନଙ୍କର ପାରଂପରିକ ଔଷଧ ଓ ଅଭ୍ୟାସ ଉପରେ କର୍ତ୍ତୃତ୍ୱ ଏବଂ ପରିବେଶର ସମୃଦ୍ଧି ଜହ ଜଡିତ । ଆମେ ସମସ୍ତ ପକ୍ଷଙ୍କୁ ଅନୁରୋଧ କରୁଛୁ ଯେ, ସେମାନେ ବିଶ୍ୱୀକରଣ ସମସ୍ୟା, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଆମ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ବିପଦ ପହଞ୍ଚାଉଥିବା ବିଷାକ୍ତ ଜୈବ ପ୍ରଦୂଷକ ଏବଂ ଜୈବ ଚୋରାଚାଲାଣ ଆଦି ସମସ୍ୟା ଗୁଡିକ ଉପରେ ପଦେକ୍ଷପ ଗ୍ରହଣ କରନ୍ତୁ ଏବଂ ଆମ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ସୁରକ୍ଷିତ ରଖନ୍ତୁ ।

ତୃତୀୟତଃ ଆଦିମ ଅଧିବାସୀ ମହିଳା ମାନଙ୍କୁ ସୁରକ୍ଷିତ ଅଂଚଳ ଗୁଡିକରେ ଚିହ୍ନଟିକରଣ ଏବଂ ପରିଚାଳନା କାର୍ଯ୍ୟକ୍ରମରେ ବିଶେଷ ଭାବେ ଜଡିତ କରାଯାଇ ନାହିଁ । ଯାହାକି ଆମର ଅଧିକାରକୁ ଉଲଙ୍ଘନ କରୁଛି, ଆମର ଜୀବିକା ଏବଂ ସାଂସ୍କୃତିକ ସମ୍ବଳ ଉପରେ କର୍ତ୍ତୃତ୍ୱକୁ ସଂକୁଚିତ କରୁଛି ଏବଂ ଆମର ଲୋକମାନଙ୍କୁ ଦରିଦ୍ର କରୁଛି । ତେଣୁ ସୁରକ୍ଷିତ ଅଂଚଳ ସଂପର୍କିତ ସମ୍ମିଳନୀର ନିଷ୍ପତ୍ତି ଏବଂ କାର୍ଯ୍ୟକ୍ରମ ଗୁଡିକରେ ସମାନତା ଏବଂ ଅଧିକାରକୁ ସଂଲଗ୍ନ କରାଯାଉ ।

ଅନୁଚ୍ଛେଦ ୮ (ଜେ)ର କାର୍ଯ୍ୟକାରୀ ଦଳର ସୁପାରିଶ ୨୬ ଅନୁସାରେ ଏବଂ ସେ ସଂପର୍କିତ ସୁବିଧା ( ୟୁ.ଏନ୍.ଡି.ପି/ସି.ବି.ଡି/ସି.ଓ.ପି/୭/୭) ଅନୁଯାୟୀ ଆଦିମ ଅଧିବାସୀ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଗ୍ରହଣ କରାଯାଉ ।

ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କର ସଭ୍ୟାମାନେ ବର୍ତ୍ତମାନ ସମ୍ମିଳନୀ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଏବଂ ସମ୍ମିଳନୀରେ ଆମର ସ୍ୱତନ୍ତ୍ର ଭାଗୀଦାରିତା ପାଇଁ ଅଗ୍ରସର ହେଉଛନ୍ତି ।

ଆଞ୍ଚଳିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ କୌଶଳ ପ୍ରସ୍ତୁତି ଏବଂ କାର୍ଯ୍ୟଯୋଜନାରେ ମହିଳା ମାନଙ୍କର ଅଭିଜ୍ଞତାକୁ ବିଚାର କରିବା ପାଇଁ ସମ୍ମିଳନୀ ଅନୁରୋଧ କରେ । ଏହା ଆମପାଇଁ ସଠିକ କାର୍ଯ୍ୟ ଚିହ୍ନ କରିବାରେ ଅତି ଉପଯୋଗୀ ହେବ ଯାହାଫଳରେ ଆମେ ସମ୍ମିଳନୀର ବିଭିନ୍ନ ସ୍ତରରେ କାର୍ଯ୍ୟକାରୀତା ଏବଂ ପ୍ରୟୋଗରେ ଲିଙ୍ଗଗତ ସମାନତା ଆଣିପାରିବା ।



## ପ୍ରୟୋଗ – ୨

କର୍ମଶାଳା/ ଦଳଗତ ଆଲୋଚନା ( ୧ଘଣ୍ଟା)

ସମ୍ମିଳନୀର କାର୍ଯ୍ୟକାରୀତା ଏବଂ ପ୍ରୟୋଗରେ ଲିଙ୍ଗଗତ ସମାନତା ସୁନିଶ୍ଚିତ କରିବା ପାଇଁ ଯଥୋଚିତ ପଦକ୍ଷେପ ନିର୍ଣ୍ଣୟ

୧ - ଅଂଶଗ୍ରହଣକାରୀ ମାନଙ୍କୁ ୩ଟି ଛୋଟଦଳରେ ଭାଗ କରିଦିଆଯିବ । ପ୍ରତ୍ୟେକ ଦଳ ଏହି ପ୍ରଶ୍ନର ଉତ୍ତର ରଖିବେ ଯେ - ସମ୍ମିଳନୀର କାର୍ଯ୍ୟକାରୀତା ଏବଂ ପ୍ରୟୋଗରେ ଲିଙ୍ଗଗତ ସମାନତା ସୁନିଶ୍ଚିତ କରିବା ପାଇଁ କଣ କରାଯିବା ଆବଶ୍ୟକ । ସି.ବି.ଡି.ର ସ୍ଥାନୀୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ ପାଇଁ ପ୍ରସ୍ତବ ମାନେ ଦେବେ ।

୨ - ଦଳ ଗୁଡିକ ନିମ୍ନ ଟେବୁଲ ଅନୁସାରେ ବଡ କାଗଜରେ ସେମାନଙ୍କର ପ୍ରସ୍ତାବ ଗୁଡିକ ଦେବେ ।

| କାର୍ଯ୍ୟକାରୀତା ସ୍ତର | ସମ୍ମିଳନୀରେ ଆଦିମ ଅଧିବାସୀ ମହିଳା ମାନଙ୍କର ସମ ଭାଗୀଦାରିତା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତାବ |
|---|---|
| ସ୍ଥାନୀୟ<br>ଜାତୀୟ | |
| ଆନ୍ତର୍ଜାତୀୟ | |

୩ - ପ୍ରତି ଦଳ ସେମାନଙ୍କର ଆଲୋଚନାର ନିଷ୍କତି ଜଣାଇବା ପାଇଁ ୧୦ ମିନିଟ୍ ସମୟ ନେବେ

୪ – ତାଲିମ ସହାୟକ ମୁଖ୍ୟ ପ୍ରସ୍ତାବ ଗୁଡିକର ସାରାଂଶ ବାହାର କରି ଉପସ୍ଥାପନ କରିବେ ଏବଂ ଅଧିବେଶନ ସମାପ୍ତ କରିବେ ।

**ଶେଷ ଦ୍ରଷ୍ଟବ୍ୟ –**


ସି.ବି.ଡି ପ୍ରସ୍ତାବନା, ପାରା ୧୩, ୧୯୯୬

ଫିଲିପିନି ୨୦୦୨

http://www.nciv.net/spaans/iwbn/IWBN.htm.

# ମଡ୍ୟୁଲ ୮

## ଆଦିମ ଅଧିବାସୀ ଏବଂ ଜୈବ ବୈଷୟିକ ଜ୍ଞାନକୌଶଳ

### ଉଦ୍ଦେଶ୍ୟ ସମୂହ

୧. ଗୁଣସୂତ୍ର ପରିବର୍ତ୍ତନ, ଗୁଣସୂତ୍ର ସମ୍ମିଶ୍ରଣ, ଜେନେଟିକ୍ ଇଂଜିନିୟରିଂ ଆଦି ସଂପର୍କରେ ଜାଣିବା ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ଏହାର ପ୍ରଭାବକୁ ବୁଝିବା
୨. ଜୈବ ଅନୁସନ୍ଧାନ ( ବାୟୋ ପ୍ରସ୍ପେକ୍ଟିଂଗ୍) ଏବଂ ଜୈବ ଚୋରାକାରବାର ( ବାୟୋପାଇରାସି) ସଂପର୍କରେ ଜାଣିବା ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ଏହାର ପ୍ରଭାବକୁ ବୁଝିବା
୩. କାର୍ଟାଜେନା ସର୍ତ୍ତାବଳୀ ସଂପର୍କରେ ଜାଣିବା
୪. ଆଦିମ ଅଧିବାସୀ ବସତି ଅଞ୍ଚଳରୁ ଜୈବ ଅନୁସନ୍ଧାନ ଦ୍ୱାରା ଉପୁଜୁଥିବା ସମସ୍ୟାକୁ ସମ୍ମୁଖୀନ ହେବା ପାଇଁ ଆଦିମ ଅଧିବାସୀ ମାନେ କଣ କରିବା ଦରକାର ତାହା ନିର୍ଣ୍ଣୟ କରିବା
୫. ଗୁଣସୁତ୍ର ପରିବର୍ତ୍ତନ ଏବଂ ଜୈବ ବୈଷୟିକ କୌଶଳ ଦିଗରେ ଆଦିମ ଅଧିବାସୀ ମାନେ ଗ୍ରହଣ କରିଥିବା ପଦକ୍ଷେପ ଓ ଉଦ୍ୟମ ଗୁଡିକୁ ଆଗକୁ ଆଣିବା

### ତାଲିମ୍ ସାମଗ୍ରୀ

- ହାୱାଇର ଜୈବବିବିଧତା ସୁରକ୍ଷା କର - ପାୱାର ପଏଣ୍ଟ
- ଇଣ୍ଡିଜେନସ୍ ପିପୁଲ, ଜିନ୍‌ସ ଆଣ୍ଡ ଜେନେଟିକ୍‌ସ – ହ୍ୱାଟ ଇଣ୍ଡିଜେନସ୍ ପିପୁଲ୍ ସୁଡ୍ ନୋ ଏବାଉଟ୍ ବାୟୋକୋଲୋନିଆଲିଜିମ୍ – ଏ ପ୍ରାଇମର୍ ଆଣ୍ଡ ରିସୋର୍ସ ଗାଇଡ୍
- ଜୈବନିରାପତ୍ତା ଆକଳନ ଉପକରଣ
- କୋର୍ସ ଅନ୍ ଜି.ଏମ.ଓସ୍ ଆଣ୍ଡ ଇମ୍ପ୍ଲିମେଣ୍ଟିଙ୍ଗ ଦି କାର୍ଟାଜେନା ପ୍ରୋଟୋକଲ୍
- ଜୈବ ନିରାପତ୍ତା ସଂପର୍କରେ କାର୍ଟାଜେନା ପ୍ରୋଟୋକଲ୍‌ର କାର୍ଯ୍ୟକାରୀତା ରେ ସହାୟତା ପାଇଁ ବିକାଶଶୀଳ ରାଷ୍ଟ୍ର ଗୁଡିକରେ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ।

### ସମୟ

୨
ଘଣ୍ଟା

## କାର୍ଯ୍ୟକ୍ରମ



### ପ୍ରୟୋଗ – ୧

ଭିଡିଓ ପ୍ରଦର୍ଶନ ଏବଂ ଧ୍ୱନୀ ବା ବଜର୍ ଅଧିବେଶନ

୧ – ହାୱାଇ ରେ ଜୈବ ଗୁଣସୂତ୍ର ପରିବର୍ତ୍ତନ ସଂପର୍କରେ ଏକ ବୃତ୍ତଚିତ୍ର – ଇଣ୍ଡିଜେନସ୍ ପୋର୍ଟାଲ ଦେଖାନ୍ତୁ

୨ – ଏହି ବୃତ୍ତ ଚିତ୍ର ସଂପର୍କରେ ଅଂଶଗ୍ରହଣକାରୀ ମାନଙ୍କର ପ୍ରତିକ୍ରିୟା କୁ ନେଇ ଏକ ଧ୍ୱନୀ ବା ବଜର୍ ଅଧିବେଶନ କରାଯାଉ ।

## ବିଷୟଗତ ଆଲୋଚନା

ଗୁଣସୂତ୍ର ପରିବର୍ତ୍ତିତ ଜୀବସତ୍ତା ବିଷୟରେ ବୁଝିବାକୁ ହେଲା ଏହାର କେତେକ ମୌଳିକ ସର୍ତ୍ତକୁ ବ୍ୟାଖ୍ୟା କରିବା ଜରୁରୀ ଅଟେ

### ଜୈବ ବିବିଧତା

ଜୈବ ବିବିଧତା କହିଲେ ସାଧାରଣତଃ ଭୂମି, ଜଳ ଓ ଅନ୍ୟାନ୍ୟ ଜଳ ପରିବେଶ ଆଦି ଯେ କୌଣସି ଉତ୍ସରେ ଥିବା ଜୀବନ୍ତ ଜୈବସତ୍ତା ଗୁଡିକର ବିବିଧତା ଏବଂ ସେମାନଙ୍କ ମଧ୍ୟରେ ଥିବା ପାରିବେଶିକ ନିର୍ଭରଶୀଳତା । ଏହା ସବୁ ପ୍ରଜାତି ମଧ୍ୟରେ ଏବଂ ପ୍ରଜାତି ପ୍ରଜାତି ଏବଂ ପର୍ଯ୍ୟାବରଣ ମଧ୍ୟରେ ଥିବା ବିବିଧତାକୁ ନେଇ ଗଠିତ ।

### ଜୈବ ସମ୍ବଳ

ସମସ୍ତ ଜୀବସତ୍ତାକୁ ନେଇଥିବା ଆନୁବଂଶିକ ସମ୍ବଳ, ଲୋକସଂଖ୍ୟା କିମ୍ବା ମଣିଷ ପାଇଁ ଉପକାରୀ ସ୍ପଷ୍ଟ ବା ଅନ୍ତର୍ନିହିତ ଗୁଣ ଥିବା ପର୍ଯ୍ୟାବରଣର ଯେକୌଣସି ଜୈବ ଉପାଦାନ ।

### ଜୈବମଣ୍ଡଳ

ସମସ୍ତ ଜୀବନ୍ତ ସତ୍ତା ଓ ସେମାନଙ୍କ ପରିବେଶକୁ ନେଇ ଗଠିତ ପ୍ରସ୍ତର ଆବରଣ, ଜଳ ମଣ୍ଡଳ ଏବଂ ବାୟୁମଣ୍ଡଳ, ଯାହାକି ପୃଥିବୀର ଭୂପୃଷ୍ଠରୁ ୧୫ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ।

### ଜୈବ ବୈଷୟିକ ଜ୍ଞାନକୌଶଳ

ବୃକ୍ଷ, ପଶୁପକ୍ଷୀ, ଜୀବାଣୁ, ଜୀବକୋଷ ଏବଂ ଜିନ୍ ଆଦି ଜୈବ ସମ୍ବଳକୁ ବ୍ୟବହାର କରି ହେଉଥିବା ଯେକୌଣସି ବୈଷୟିକ ବା ଯାନ୍ତ୍ରିକ ପ୍ରକ୍ରିୟା ।

### ଜୈବ ଚୋରାକାରବାର

ଜୈବ ଚୋରାକାରବାର ହେଉଛି ଜୈବ ସମ୍ବଳର ଚୋରି । ଏହା କୃଷିକାରୀ ଏବଂ ଆଦିମ ଅଧିବାସୀ ଗୋଷ୍ଠୀ ଗୁଡିକ ଦ୍ୱାରା ବ୍ୟବହୃତ  ଜ୍ଞାନ ଓ ଜେନେଟିକ୍ ବା ଜୈବସତ୍ତା ସମ୍ବଳ ଉପରେ କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନର ମନୋମୁଖି ନିୟନ୍ତ୍ରଣ (ପ୍ୟାଟେଣ୍ଟ ବା ବୌଦ୍ଧିକ ସଂପତ୍ତି )

### ଜୈବ ଦୃଷ୍ଟିଭଙ୍ଗୀ

ଜୈବ ଦୃଷ୍ଟିଭଙ୍ଗୀ  ହେଉଛି ଚମତ୍କାରିତାର ଅନ୍ୱେଷଣ ବା ବ୍ୟବସାୟିକ ସକ୍ଷମତା ରଖିଥିବା ଜୈବସତ୍ତା ବା ପ୍ରଜାତି ଗୁଡିକର ଭବିଷ୍ୟତ ବ୍ୟବହାର ପାଇଁ ଦୃଷ୍ଟିକୋଣ ।

### ଜୈବସତ୍ତା ବା ଗୁଣସୂତ୍ରୀୟ ବିବିଧତା

ବିଭିନ୍ନ ଜୈବସତ୍ତା ବା ଗୁଣସୂତ୍ରର ପ୍ରକାର

### ଜୈବସତ୍ତା ବା ଗୁଣସୂତ୍ରୀୟ ସମ୍ବଳ

ସ୍ପଷ୍ଟ ଏବଂ ଗୁଣ ଧାରଣ କରିଥିବା ଜୈବସତ୍ତା ବା ଗୁଣସୂତ୍ରୀୟ ସାମଗ୍ରୀ

### ଗୁଣସୂତ୍ରୀୟ ଯାନ୍ତ୍ରିକ ପ୍ରୟୋଗ

ବିଜ୍ଞାନାଗାରରେ ଗୁଣସୂତ୍ରୀୟ ସାମଗ୍ରୀ ଗୁଡିକର ଅପ୍ରାକୃତିକ ବ୍ୟବହାର । ପ୍ରାକୃତିକ ପ୍ରଜନନ ପ୍ରକ୍ରିୟାକୁ ଅଣଦେଖା କରି ବିଭିନ୍ନ ପ୍ରଜାତିରୁ ଅନ୍ୟ ପ୍ରଜାତିକୁ  ଜିନ୍ ଗୁଡିକର ଅଲଗାକରିବା, ନକଲ କରିବା, ବହୁଗୁଣିତ କରିବା ପ୍ରକ୍ରିୟା ।

### ଗୁଣସୂତ୍ରୀୟ ପରିବର୍ତ୍ତିତ ଜୈବସତ୍ତା

ଗୁଣସୂତ୍ରୀୟ ପରିବର୍ତ୍ତିତ ଜୈବସତ୍ତା ବା ଜେନେଟିକାଲି ମୋଡିଫାଏଡ ଅର୍ଗାନିଜମ୍ ହେଉଛି ଗଛର ଚାରା ଭିତରେ ଅନ୍ୟ ଜୀବସତ୍ତାର ଗୁଣସୂତ୍ର ଭର୍ତ୍ତି କରିବା ଯାହା ଫଳରେ ଏହା ଫସଲ ବା ଗଛରେ ପରିବର୍ତ୍ତନ ଆଣିବ । ଉଦାହରଣ ସ୍ୱରୂପ ଗୁଣସୂତ୍ରୀୟ ପରିବର୍ତ୍ତିତ ସୋୟାବିନ୍‌କୁ ତୃଣନାଶକ ସହ ପାରଂପରିକ ସୋୟାବିନ୍ ଗଛ ମାରିବା ପାଇଁ ବ୍ୟବହାର କରାଯାଇପାରେ । ସେଗୁଡିକ ଦେଖିବାକୁ, ବଢିବାକୁ ଏବଂ ସ୍ୱାଦରେ ପାରଂପରିକ ସୋୟାବିନ୍ ପରି କିନ୍ତୁ ଅଣୁଗତ ସ୍ତରରେ ସେଗୁଡିକ ଭିନ୍ନ ।

### ଜେନେଟିକ୍ ବ୍ୟବହାର ପ୍ରତିବନ୍ଧକ ବୈଷୟିକ କୌଶଳ ( ଜି.ୟୁ.ଆର୍.ଟି.ଏସ)

ଜେନେଟିକ୍ ବ୍ୟବହାର ପ୍ରତିବନ୍ଧକ ବୈଷୟିକ କୌଶଳ ( ଜି.ୟୁ.ଆର୍.ଟି.ଏସ) ହେଉଛି ଜାତିସଂଘ ଏବଂ ବୈଜ୍ଞାନିକ ମାନଙ୍କ ଦ୍ୱାରା ବ୍ୟବହୃତ ଧ୍ୱଂସକାରୀ ବୈଷୟିକ କୌଶଳର ସ୍ୱିକୃତିପ୍ରାପ୍ତ ନାଁ । ଏହା ଏକ ସାଧାରଣ ପ୍ରକାରର ବୈଷୟିକ କୌଶଳ ଯାହାକି ପୂର୍ବରୁ ପ୍ରୟୋଗ ହୋଇଥିବା ଜିନ୍‌କୁ ରାସାୟନିକ ପ୍ରୟୋଗ ବା ତତାଇବା ପରି ଶାରୀରିକ ଉତ୍ତେଜନା ସୃଷ୍ଟିକରି ବାହ୍ୟ ପ୍ରୟୋଗ ଦ୍ୱାରା ବନ୍ଦ କରିପାରେ ବା ଚାଲୁ ରଖିପାରେ । ଜେନେଟିକ୍ ବ୍ୟବହାର ପ୍ରତିବନ୍ଧକ ବୈଷୟିକ କୌଶଳ ଦୁଇ ପ୍ରକାରର । ଗୋଟିଏ ହେଲା ଚରିତ୍ର ସଂପର୍କିତ ବା ଟି. ଜି.ୟୁ.ଆର୍.ଟି.ଏସ ଏବଂ ଆଉ ଗୋଟିଏ ହେଲା ପ୍ରକାର ସଂପର୍କିତ ବା ଭି. ଜି.ୟୁ.ଆର୍.ଟି.ଏସ । ଚରିତ୍ର ସଂପର୍କିତ ବା ଟି. ଜି.ୟୁ.ଆର୍.ଟି.ଏସ ରୋଗପୋକ ପ୍ରତିରୋଧ, ମରୁଡି ସହନଶୀଳତା ଏବଂ ପୁଷ୍ଟିକାରକ ଆଦି ଚରିତ୍ରକୁ ନିୟନ୍ତ୍ରଣ କରୁଥିବାବେଳେ ପ୍ରକାର ସଂପର୍କିତ ବା ଭି. ଜି.ୟୁ.ଆର୍.ଟି.ଏସ ବିହନ ବନ୍ଧ୍ୟାତ୍ୱ ଆଦି ପ୍ରଜନନ ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ । ଚରିତ୍ର ସଂପର୍କିତ ବା ଟି. ଜି.ୟୁ.ଆର୍.ଟି.ଏସ ବୈଷୟିକ କୌଶଳକୁ ବନ୍ଦ ରଖିବା ବା ଖୋଲିବା ଦକ୍ଷତା ଉତ୍ପାଦନକାରୀକୁ ସେହି ଚରିତ୍ର ବା ବିହନର ସାଧନଯୋଗ୍ୟତା ଉପରେ ନିୟନ୍ତ୍ରଣ ଆଣିବାକୁ ସକ୍ଷମ କରିଥାଏ ।

## ୨ – ଜୈବ ଦୃଷ୍ଟିଭଙ୍ଗୀ ଏବଂ ଗୁଣସୂତ୍ରୀୟ ଯାନ୍ତ୍ରିକ ପ୍ରୟୋଗ ବା ଜିନ୍ ପରିବର୍ତ୍ତନ କୌଶଳ – ଆଦିମ ଅଧିବାସୀ ମାନଙ୍କ ପାଇଁ ବିପଦ

### କୃଷିରେ ଜିନ୍ ପରିବର୍ତ୍ତନର କେତେକ ସମସ୍ୟା – ଜୀବସତ୍ତାର ଔପନିବେଶୀକବାଦ ଏବଂ ମାଲିକାନା

ଆଧୁନିକ କୃଷି, ଖଣିଖନନ ଏବଂ ଶିଳ୍ପ ଉତ୍ପାଦନ ଆଦି ଯୋଗୁଁ କୃଷି ଜୈବବିବିଧତାର ବହୁଳ ଏବଂ ଦ୍ରୁତ ଅବକ୍ଷୟ ହୋଇଚାଲିଛି । ଖାଦ୍ୟ ଏବଂ କୃଷି ସଂଗଠନ ( ଏଫ୍.ଏ)ର ଆକଳନ ଅନୁଯାୟୀ ଗତ ଶହେ ବର୍ଷମଧ୍ୟରେ ବିଶେଷକରି ଶିଳ୍ପ ଭିତ୍ତିକ କୃଷିର ସଂପ୍ରସାରଣ ଯୋଗୁଁ ପ୍ରାୟ ୭୦ ପ୍ରତିଶତ ଫସଲ ପ୍ରଜାତି ସଂପୂର୍ଣ୍ଣ ଲୋପ ପାଇଯାଇଛନ୍ତି । ଅନ୍ତଃରାଷ୍ଟ୍ରୀୟ କୃଷିବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକ ଦ୍ୱାରା ଗୁଣସୂତ୍ରୀୟ ଯାନ୍ତ୍ରିକ ପ୍ରୟୋଗ ବା ଜିନ୍ ପରିବର୍ତ୍ତନ କୌଶଳର ବିକାଶ ହେଲା ଏବଂ ବିସ୍ତୃତ ଭାବେ ପ୍ରସାରିତ ହେଲା । ଏକ ପ୍ରକାର ଉତ୍ପାଦନ ପାଇଁ ଆନ୍ତର୍ଜାତୀୟ ବଜାର ବ୍ୟବସ୍ଥା ଧାରାର ବିକାଶ ହେବା ସହ ସମାନ ଗୁଣସୂତ୍ରୀୟ ଫସଲର ବହୁଳ ପ୍ରସାର ଏବଂ ଗ୍ରାମାଞ୍ଚଳ ଗୁଡିକରେ ଏକକ ଫସଲ ଚାଷ ପ୍ରଣାଳୀ ବହୁଳ ପ୍ରସାର ଲାଭକଲା ।

ଏହି ଧାରା ଆଦିମ ଅଧିବାସୀ ଚାଷୀ ଏବଂ ଛୋଟ ଚାଷୀମାନଙ୍କୁ ବିପଦରେ ପକାଇଥିବାବେଳେ ଜେନେଟିକ୍ ଇଂଜିନିୟରିଂ କମ୍ପାନୀ ଗୁଡିକ ବର୍ତ୍ତମାନ ଗାଁ ଗହଳର ଚାଷୀ  ଏବଂ ଛୋଟଚାଷୀ ମାନଙ୍କ ପାଖରେ ପହଞ୍ଚିବାକୁ ବିଶେଷ ବ୍ୟାକୁଳ । ବିବିଧ ଫସଲ ଚାଷ ବଦଳରେ ସେମାନଙ୍କ ଜେନେଟିକ୍ ଇଂଜିନିୟରିଂ ବିହନ ଚାଷର ପ୍ରସାର ପାଇଁ ସେମାନେ ଆଶାବାଦୀ । ବିହନ କମ୍ପାନୀ ଗୁଡିକ ବିବିଧତା ଏବଂ ବିଶେଷତ୍ୱର କେନ୍ଦ୍ରସ୍ଥଳକୁ ପହଞ୍ଚୁଛନ୍ତି, ମନସାଣ୍ଟୋ ବିହନ କମ୍ପାନୀ ଦ୍ୱାରା ଏଣ୍ଡେସ୍ ବିଶେଷତ୍ୱ ବହନ କରୁଥିବା ଆଳୁ ବିହନ ଏବେ ଉପଲବ୍ଧ ହେଲାଣି । ମେକ୍ସିକୋରେ ଏବେ ଜେନେଟିକ୍ ଇଂଜିନିୟରିଂ ମକାଚାଷର ପ୍ରସାର ହେଲାଣି, ଯେଉଁଠିକି ହଜାର ହଜାର ବର୍ଷ ପୂର୍ବରୁ ମଧ୍ୟ ଲୋକମାନେ ବିଭିନ୍ନ ପ୍ରଜାତିର ମକା ଚାଷ କରୁଥିଲେ ।

ଜେନେଟିକ୍ ଇଂଜିନିୟରିଂ କମ୍ପାନୀ ଗୁଡିକ ଦ୍ୱାରା ବୃକ୍ଷ ଏବଂ ପଶୁ ପ୍ରଜାତିର ଗୁଣସୂତ୍ର ଚୋରୀ ଅନେକ ଆଦିମ ଅଧିବାସୀଙ୍କ ଉଦ୍‌ବିଗ୍ନତାର କାରଣ । ବିକାଶଶୀଳ ଦେଶ ଗୁଡିକରେ ଆଦିମ ଅଧିବାସୀ ଏବଂ କୃଷକ ଗୋଷ୍ଠୀ ଗୁଡିକ ଅଧିନରେ ସୁରକ୍ଷିତ ହୋଇ ୯୦ ପ୍ରତିଶତ ଜୀବନର ବିବିଧତା ରହିଥିବାରୁ, ବୃକ୍ଷ ଗୁଣସୂତ୍ର ପରିବର୍ତ୍ତନ କମ୍ପାନୀ ଗୁଡିକ ଏହିସବୁ ଅଞ୍ଚଳ ଉପରେ ଆଖି ପକାଇଛନ୍ତି । ସେମାନେ ବୃକ୍ଷ ଏବଂ ପଶୁ ପ୍ରଜାତି ଏବଂ ଖାଦ୍ୟ ଓ ଔଷଧ ଭାବରେ ଏସବୁକୁ ବ୍ୟବହାର କରିବାପାଇଁ ଥିବା ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଜ୍ଞାନକୌଶଳ ଉପରେ ଅଧିକ ଆଗ୍ରହୀ ।

ଅଧିକାଂଶ କ୍ଷେତ୍ରରେ କମ୍ପାନୀ ଗୁଡିକ ସ୍ଥାନୀୟ ଗୋଷ୍ଠୀ ଏବଂ ଆଦିମ ଅଧିବାସୀ ମାନଙ୍କର ଅଜାଣତରେ ଏବଂ ବିନା ଅନୁମତିରେ ବିଭିନ୍ନ ପ୍ରଜାତିକୁ ନେଇ ଯାଉଛନ୍ତି ଏବଂ ପରେ ସେସବୁ ବୃକ୍ଷ ବା ପଶୁ ପ୍ରଜାତି ଉପରେ ବେନୀୟମ ଭାବେ ନିଜର ଆଇନଗତ ମାଲିକାନା ଦାବୀ କରୁଛନ୍ତି । ସେମାନେ ସେହି  ବୃକ୍ଷ ବା ପଶୁ ପ୍ରଜାତି ଉପରେ ପାଟେଣ୍ଟ ହାସଲ ପାଇଁ ଆବେଦନ କରୁଛନ୍ତି । ଏହି ପାଟେଣ୍ଟ ସଂପୃକ୍ତ କମ୍ପାନୀକୁ ସେହି ଜୀବସତ୍ତାର ଉଦ୍ଭାବକ ଓ ଏକମାତ୍ର ମାଲିକ ହିସାବରେ ସ୍ୱିକୃତି ଦେଉଛି । ସେହି ଜୀବସତ୍ତାର ପାଟେଣ୍ଟ ହାସଲ କରିବା ଫଳରେ, କ୍ଷେତରେ ପରିକ୍ଷୀତ ଏବଂ ଚାଷ କରାଯାଉଥିବା ସମସ୍ତ ଜେନେଟିକ୍ ଇଂଜିନିୟରିଂ ବିହନ, ଦୋକାନ ଓ ସୁପର ମାର୍କେଟରେ ଉପଲବ୍ଧ ସମସ୍ତ ଜେନେଟିକ୍ ଇଂଜିନିୟରିଂ ଖାଦ୍ୟ ସଂପୃକ୍ତ ଜେନେଟିକ୍ ଇଂଜିନିୟରିଂ କମ୍ପାନୀର ପାଟେଣ୍ଟ ନିୟନ୍ତ୍ରଣାଧିନ ହୋଇ ରହେ ।

ଜୀବସତ୍ତାର ମାଲିକାନାକୁ ନେଇଥିବା ଦୃଷ୍ଟିକୋଣ ସଂପର୍କରେ ଅନେକ ଲୋକ ପ୍ରତିବାଦ କରନ୍ତି ଯେ, ପାଟେଣ୍ଟ ବିହନ କମ୍ପାନୀ ଗୁଡିକୁ ବୃକ୍ଷପ୍ରଜାତି ଉପରେ ମନୋମୁଖି ଅଧିକାର ଦେଉଛି । ଗତ କିଛି ବର୍ଷ ମଧରେ ବିହନ ଏବଂ କୃଷିରାସାୟନୀକ କମ୍ପାନୀ ଗୁଡିକର ଦୃତ ଅଭ୍ୟୁଦୟ ପ୍ରକ୍ରିୟା ପାଇଁ କୃଷି ସଂଗଠନ ଗୁଡିକ ବିଶେଷ ଭାବେ ଉଦ୍‌ବିଗ୍ନତା ପ୍ରଦର୍ଶନ କରନ୍ତି ।


## 'ଧ୍ୱଂସକାରକ' ଏବଂ 'ପ୍ରତାରକ' ବିହନ

ନିଜସ୍ୱ ବିହନ ସଂରକ୍ଷଣ ଏବଂ ନିଜ ନିଜ ଭିତରେ ବିହନ ଅଦଳବଦଳ ଉପରେ ନିର୍ଭର କରୁଥିବା ଛୋଟ ଚାଷୀ ମାନଙ୍କ ସଂଖ୍ୟା ପୃଥିବୀରେ ପ୍ରାୟ ୧୪ କୋଟି । ନିଜସ୍ୱ ବ୍ୟବସାୟିକ ପରିସର ବୃଦ୍ଧି ଏବଂ ଚାଷୀମାନଙ୍କ ନିଜ ବିହନ ସଂରକ୍ଷଣ ଅଭ୍ୟାସକୁ ନଜରରେ ରଖି ଅନେକ କମ୍ପାନୀ ବିହନ ବନ୍ଧ୍ୟାକରଣ କୌଶଳର ବିକାଶ କରିଛନ୍ତି, ଯାହାକି ବିହନର ଜୈବିକ ଓ ରାସାୟନୀକ ବିଘଟନକୁ ବନ୍ଦ କରିଦେବ । ଏହି କୌଶଳ ଗଛକୁ ନିଜର ପ୍ରଜନନକ୍ଷମ ବିହନ ଉତ୍ପାଦନ କ୍ଷମତାକୁ ଧ୍ୱଂସ କରିଦେବ । ଏହାଦ୍ୱାରା ଚାଷୀମାନେ ପ୍ରତି ଚାଷ ଋତୁରେ ବିହନ କିଣିବା ପାଇଁ ପୁଣିଥରେ ବିହନ କମ୍ପାନୀ ମାନଙ୍କ ପାଖକୁ ଫେରିବାକୁ ବାଧ ହେବେ । ତେବେ ପରାଗସଂଗମ ମାଧମରେ ଏହି ବନ୍ଧ୍ୟାଗୁଣ ଅନ୍ୟ ପ୍ରଜାତି ଗୁଡିକୁ ମଧ ବ୍ୟାପିପାରେ ବୋଲି ଆଶଙ୍କା କରାଯାଉଛି । ଧ୍ୱଂସ କାରକ ପ୍ରକ୍ରିୟା ଭାବେ ଚିହ୍ନିତ ଏହି କୌଶଳ କୁ ବହୁଳଭାବେ ବିରୋଧ କରାଯାଇ ଆସୁଛି ଏବଂ ମାରିଲ୍ୟାଣ୍ଡରେ ଏହା ପ୍ରତିବନ୍ଧକ ଲଗାଯାଇଥିବାବେଳେ  ଭାରତରେ ଏହାକୁ ପ୍ରତିବନ୍ଧକ ଲଗାଯିବାର ପ୍ରଚେଷ୍ଟା ଚାଲିଛି । ଏହିପରି ପ୍ରବଳ ବିରୋଧ ସତ୍ତ୍ୱେ ଆମେରିକୀୟ କୃଷି ବିଭାଗ ଓ ପାଇନ୍ ଲ୍ୟାଣ୍ଡ କୋ ଏହାର ଉତ୍ପାଦନ ଜାରି ରଖିଛନ୍ତି ।

ସେହିପରି ଏହାର କିଛି ବର୍ଷପରେ ବାହାରିଥିବା ଆଉ ଏକ କୌଶଳ ହେଲା 'ପ୍ରତାରକ' କୌଶଳ । ଏହି କୌଶଳ ଏକ ବାହ୍ୟ ରାସାୟନୀକ କୌଶଳ ଯାହା ଚାରାରେ ଜିନ୍‌ଗତ ବିଶେଷତ୍ୱକୁ ବନ୍ଦ କରିପାରେ ବା ଖୋଲିପାରେ । ଉଦାହରଣ ସ୍ୱରୂପ କମ୍ପାନୀ ଗୁଡିକ ଗଛର ପ୍ରାକୃତିକ ସୁରକ୍ଷା ବା ପ୍ରତିରୋଧ ଗୁଣକୁ ବନ୍ଦ କରିଦେବେ, ଯାହାଫଳରେ ଏହାକୁ ଚାଷ କରିବା ପାଇଁ ଅଧିକ ରାସାୟନୀକ ଔଷଧ ଏବଂ ସାରର ଆବଶ୍ୟକତା ପଡିବ । ଏହି କୌଶଳର ପ୍ରୟୋଗ ବିଶେଷକରି ଚାଷରେ ରାସାୟନୀକ ନିର୍ଭରଶୀଳତା ବଢାଇବା ପାଇଁ ଉଦ୍ଦିଷ୍ଟ । ଆଉଏକ ଭୟପ୍ରଦ ବ୍ୟବହାର ହେଲା ଏହାଭିତରେ ଲୁଚିଥିବା ବିରାଟ ବିପଦ ଯାହାକି ଏକ ଜୈବଯୁଦ୍ଧ ସୃଷ୍ଟି କରିବ । ଧ୍ୱଂସକାରକ ଏବଂ ପ୍ରତାରକ ବିହନ ଗୁଡିକ ଚାରାରେ ପରସ୍ପର ସହ ପରାଗସଂଗମ ହେବେ ଏବଂ ବହୁଳ ପ୍ରଜାତିର ଅନାବଶ୍ୟକ ପ୍ରଜାତି ସୃଷ୍ଟି କରିବେ ଯାହା ଏକ ବାସ୍ତବ ବିପଦ ସୃଷ୍ଟି କରିବ ।

## ଜୈବ ଦୃଷ୍ଟିଭଙ୍ଗୀ ଏବଂ ଜେନେଟିକ୍ ଇଂଜିନିୟରିଂ କିଏ କରେ ?

- ଔଷଧ ପ୍ରସ୍ତୁତକାରୀ ଏବଂ କୃଷି ବ୍ୟବସାୟିକ କମ୍ପାନୀ ଗୁଡିକ
- ଜୈବ ବୈଷୟିକ ବା ଜୈବ ଯାନ୍ତ୍ରିକ ଫାର୍ମ ଗୁଡିକ
- ବିଶ୍ୱବିଦ୍ୟାଳୟର ଗବେଷକ ମାନେ
- ସରକାରୀ ସଂସ୍ଥା




*ହାୱାଇରେ ମୁକ୍ତ କ୍ଷେତରେ ଗୁଣସୂତ୍ର ପରିବର୍ତ୍ତୀତ ଫସଲ ପରୀକ୍ଷାମୂଳକ ଚାଷ ପାଇଁ ଅନୁମତି ପ୍ରାପ୍ତ ନିଗମ ଏବଂ ପ୍ରତିଷ୍ଠାନ ସମୂହ*

ହାୱାଇ କୃଷି ଗବେଷଣା କେନ୍ଦ୍ର, ଦକ୍ଷିଣ ଇଲିନୋଇସ୍ ବିଶ୍ୱବିଦ୍ୟାଳୟ, ଲୋୟା ରାଷ୍ଟ୍ରିୟ ବିଶ୍ୱବିଦ୍ୟାଳୟ, ଆରିଜୋନା ବିଶ୍ୱବିଦ୍ୟାଳୟ, ହାୱାଇ ବିଶ୍ୱବିଦ୍ୟାଳୟ, ଷ୍ଟାଇନ୍ ବାୟୋଟେକ୍ନୋଲୋଜି, ଆପ୍ଲାଏଡ୍ ପିଟୋଲୋଜିକ୍ସ, ୱାଇଫେଲ୍ସ ହାଇବ୍ରିଡ୍ସ, ଡି.ଏନ୍.ଏ ପ୍ଲାଣ୍ଟଟେକ୍, କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୱିସ୍କନ୍ସିନ୍ ବିଶ୍ୱବିଦ୍ୟାଳୟ, ଏଭେଣ୍ଟିସ୍, ପ୍ରୋଡିଜେନ୍, ଗାରଷ୍ଟ, ଡୁ ପୋଣ୍ଟୋ, ପାୟୋନିଅର୍, ସିନ୍‌ଜେଣ୍ଟା, ମୋନ୍‌ସାଣ୍ଟୋ, ଡେକାବ୍, ହୋଲ୍‌ଡେନ୍‌ସ, ଡୋ, ଏନ୍.ସି + ହାଇବ୍ରିଡ୍ସ, ସିବା ଗେଇଗୀ ।

## ଜୈବ ଦୃଷ୍ଟିଭଙ୍ଗୀ ବା ବାୟୋପ୍ରସ୍ପେକ୍ଟିଙ୍ଗ୍ ଏବଂ ଜେନେଟିକ୍ ଇଂଜିନିୟରିଂ କେଉଁଠାରେ କରାଯାଏ

- ଜୈବବିବିଧତା ସମୃଦ୍ଧ ଅଞ୍ଚଳ ଯେଉଁଠାରେ ବହୁ ସଂଖ୍ୟକ ଏବଂ ବହୁ ପ୍ରଜାତିର ଜୈବବିବିଧତା ଭରି ରହିଥାଏ ।
- ଆଦିମ ଅଧିବାସୀ ଅଞ୍ଚଳ ଗୁଡିକରେ

ଆଦିମ ଅଧିବାସୀ ଲୋକ ଏବଂ ଅଞ୍ଚଳ ଗୁଡିକରେ କାହିଁକି ?

- ଆଦିମ ଅଧିବାସୀ ଲୋକମାନେ ପୁରୁଷ ପୁରୁଷ ଧରି ଜୈବବିବିଧତାର ସଂରକ୍ଷଣ ଏବଂ ବିକାଶ କରି ଆସୁଛନ୍ତି ।
- ଗଛ, ପଶୁ ଏବଂ ଜୀବସତ୍ତା ସମ୍ବଳର ପାରଂପରିକ ବ୍ୟବହାର ସଂପର୍କରେ ବିସ୍ତୃତ ଜ୍ଞାନ କେବଳ ଆଦିମ ଅଧିବାସୀଙ୍କ ଜ୍ଞାନରେ ରହିଛି ।

ଆଦିମ ଅଧିବାସୀଙ୍କ ଉପରେ ଜୈବଦୃଷ୍ଟିଭଙ୍ଗୀ ବା ବାୟୋପ୍ରସ୍ପେକ୍ଟିଙ୍ଗର ପ୍ରଭାବ ସବୁ କଣ ?

- ସେମାନଙ୍କର ବିନା ଜ୍ଞାତସାରରେ ଏବଂ ବିନା ଅନୁମତିରେ ନମୁନା ଏବଂ ଜ୍ଞାନ ଗୁଡିକ ନିଆଯିବା ଦ୍ୱାରା ମୁକ୍ତ ଜ୍ଞାତସାର ଆଗୁଆ ଅନୁମତି ଅଧିକାରର ଉଲ୍ଲଂଘନ ହେଉଛି ।
- ଆଦିମ ଅଧିବାସୀ ମାନଙ୍କର ଯୋଗଦାନକୁ କୌଣସି ସ୍ୱିକୃତି ମିଳୁନାହିଁ । ଏହାର ଉତ୍ସ ସଂପର୍କରେ ସଠିକ ଭାବେ ଦର୍ଶାଯାଉନାହିଁ କିମ୍ବା ବ୍ୟବସାୟିକ ଲାଭରୁ ସେମାନଙ୍କୁ କୌଣସି ଭାଗ ମିଳୁନାହିଁ ।

୩ – ଗୁଣସୂତ୍ରୀୟ ଯାନ୍ତ୍ରିକ ପ୍ରକ୍ରିୟା (ଜେନେଟିକ୍ ଇଂଜିନିୟରିଂ ) ଏବଂ ଗୁଣସୂତ୍ର ପରିବର୍ତ୍ତିତ ଜୈବସତ୍ତା ( ଜେନେଟିକାଲ୍ ମୋଡିଫାଏଡ୍ ଅର୍ଗାନିଜମ୍ )

**ଗୁଣସୂତ୍ରୀୟ ଯାନ୍ତ୍ରିକ ପ୍ରକ୍ରିୟା (ଜେନେଟିକ୍ ଇଂଜିନିୟରିଂ ) ପ୍ରଭାବ ଗୁଡିକ କଣ ?**

ଏହାର ପ୍ରଭାବ ଗୁଡିକ ହେଲା – ସ୍ୱାସ୍ଥ୍ୟଗତ ବିପଦ, ଜୈବ ପ୍ରଦୂଷଣ, ଫସଲ ବିଷାକ୍ତ ବା ପ୍ରଦୂଷଣ ଏବଂ ଚାଷୀମାନଙ୍କ ପାଇଁ ଆନୁଗତ୍ୟ, ଇନ୍‌ସ୍ୟୁରାନ୍ସ, ଚୁକ୍ତି ଏବଂ ଆଇନଗତ ବିଶୃଙ୍ଖଳା ଆଦିଭଳି ନାନା ଆଇନଗତ ସମସ୍ୟା ରହିଛି ।

- ସ୍ୱାସ୍ଥ୍ୟଗତ ବିପଦ
  - ➢ ଆମର ଖାଦ୍ୟ ଯୋଗାଣରେ ନୂଆ ଆଲର୍ଜି କାରକର ସୃଷ୍ଟି
  - ➢ ମୌଳିକ ଜୈବ ପରିବର୍ତ୍ତନ ଯାହା ଖାଦ୍ୟ ଅମ୍ଳ ସୃଷ୍ଟିକରିବ
  - ➢ ବିଜ୍ଞାନଶାଳା ପ୍ରସ୍ତୁତ ଜିନର ଖାଦ୍ୟ ମାନବିକ ସ୍ୱାସ୍ଥ୍ୟ ପ୍ରତି ହାନୀକାରକ
  - ➢ ମଣିଷ ଏବଂ ପଶୁ ମାନଙ୍କ ଦେହରେ ଥିବା ରୋଗ ଜୀବାଣୁ ନଷ୍ଟକାରୀ ଶକ୍ତିର ପ୍ରତିରୋଧକ ଶକ୍ତି ପୁରାଇଦେବ ।
- ଜୈବ ପ୍ରଦୂଷଣ ହେବ ଏବଂ ଫସଲ ସବୁ ବିଷାକ୍ତ ହେବ ।

ହାୱାଇରେ କ୍ଷେତ୍ରସ୍ତରୀୟ ପରିକ୍ଷଣ ପାଇଁ ଅନୁମତି ଦିଆଯାଇଥିବା ଗୁଣସୂତ୍ର ପରିବର୍ତ୍ତିତ ଫସଲ ବା ଜେନେଟିକ୍ ଇଂଜିନିୟରଡ଼ କ୍ରପ୍ ଗୁଡିକର ଉଦାହରଣ - ଧାନ, ମକା, ଗହମ, ଧୁଆଁପତ୍ର, ଅମୃତଭଣ୍ଡା, ସୂର୍ଯ୍ୟମୁଖୀ, ଟମାଟୋ, କଫି, ସପୁରୀ, ଲେଟୁସ୍, କପା, ବାର୍ଲି, ଆଖୁ, ଡେଣ୍ଡ୍ରୋବିୟମ୍, ମଟର ଛୁଇଁ, ଚିନାବାଦାମ, ଆଳୁ ଏବଂ ସୋଓ

ହାୱାଇରେ କ୍ଷେତ୍ରସ୍ତରୀୟ ପରିକ୍ଷିତ ଗୁଣସୂତ୍ର ପରିବର୍ତ୍ତିତ ଫସଲ ବା ଜେନେଟିକ୍ ଇଂଜିନିୟରଡ଼ କ୍ରପ୍ ଗୁଡିକର ଉଦାହରଣ

- ଡୋ କମ୍ପାନୀ ଦ୍ୱାରା ମାନବ ଜିନ୍ ଥିବା ମକା
- ହାୱାଇ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ ଷ୍ଟେସନ୍ ଦ୍ୱାରା ମାନବ ଜିନ୍ ଥିବା ଆଖୁ
- ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ଜେଲିଫିସ୍ ଜିନ୍ ଥିବା ମକା
- ହାୱାଇ ବିଶ୍ୱବିଦ୍ୟାଳୟ ଦ୍ୱାରା ଲେଟୁସ୍ ଜିନ୍ ଥିବା ଧୁଆଁପତ୍ର
- ଆପ୍ଲାଏଡ୍ ଫିଟୋଲୋଜିକ୍‌ସ ଦ୍ୱାରା ମାନବ ଜିନ୍ ଥିବା ଧାନ
- ପ୍ରୋଡିଜେନ୍ ଦ୍ୱାରା ଯକୃତ୍ ରୋଗର ଜୀବାଣୁ ଜିନ୍ ଥିବା ମକା
- ମେରା ଫର୍ମାସିଉଟିକାଲ୍‌ସ ଦ୍ୱାରା ମାନବ ଶରୀର ପ୍ରତିରୋଧକ ଥିବା ଲାଲ୍ ଶୈବାଳ

ଅଂଶଗ୍ରହଣକାରୀ ମାନେ ଜାଣିଥିବା ଅନ୍ୟ ଉଦାହରଣ ଆଲୋଚନା କରାଯାଇପାରେ ।

## ୪ – କାର୍ଟାଜେନା ପ୍ରୋଟୋକଲ୍ କଣ ?

ଜୈବ ନିରାପତ୍ତା ସଂପର୍କିତ କାର୍ଟାଜେନା ପ୍ରୋଟୋକଲ୍ ହେଉଛି ମୁଖ୍ୟ ଆନ୍ତର୍ଜାତୀୟ ଆଇନଗତ ଚୁକ୍ତି ଯାହା ଆଧୁନିକ ଜୈବବିଜ୍ଞାନ ଦ୍ୱାରା ସୃଷ୍ଟି ହୋଇଥିବା ଜୀବନ୍ତ ଗୁଣସୂତ୍ର ପରିବର୍ତ୍ତୀତ ଜୈବସତ୍ତା, ଯେଉଁ ଗୁଡିକର ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ପ୍ରତିକୂଳ ପ୍ରଭାବ ରହିଛି ସେସବୁର ମାନବିକ ସ୍ୱାସ୍ଥ୍ୟ ପ୍ରତି ବିପଦକୁ ନଜରରେ ରଖି ନିରାପଦ ପ୍ରତିରୋପଣ, ପରିଚାଳନା ଏବଂ ବ୍ୟବହାର କରିବାର ନୀୟମ।

ଏହା ଗୁଣସୂତ୍ର ପରିବର୍ତ୍ତୀତ ଜୈବସତ୍ତା ବା ଜି.ଏମ୍.ଓ ସଂପର୍କିତ ପରିଚାଳନା ଓ ନୀତିନିର୍ଦ୍ଧାରଣରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଜୈବବିବିଧତା ଏବଂ ମାନବିକ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ପ୍ରଚେଷ୍ଟା କରିଥାଏ । ୨୦୦୦ ମସିହା ଜାନୁଆରୀ ୨୯ ତାରିଖରେ ଏହା ରାଷ୍ଟ୍ର ଗୁଡିକ ଦ୍ୱାରା ଗ୍ରହଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୫୭ଟି ରାଷ୍ଟ୍ର ଏହି କାର୍ଟାଜେନା ପ୍ରୋଟୋକଲ୍ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।

ଯଦିଓ ଏହି କାର୍ଟାଜେନା ପ୍ରୋଟୋକଲ୍ ଜି.ଏମ୍.ଓ ର ବିଭିନ୍ନ ଦେଶକୁ ପ୍ରସାରିତ ହେବାକୁ ଉତ୍ସାହିତ କରୁଛି , ଏହାର ବ୍ୟବସ୍ଥା ଗୁଡିକ ସର୍ବନିମ୍ନ ଆବଶ୍ୟକତା ଗ୍ରହଣ କରିବାକୁ ଜାତୀୟ ଓ ଆଂଚଳିକ ଜୈବନିରାପତ୍ତା ନୀତିନୀୟମକୁ ପ୍ରଭାବିତ କରିବ । ପ୍ରୋଟୋକଲ୍‌ର ଅନୁଚ୍ଛେଦ ୨ (୪) ଅନୁସାରେ ପକ୍ଷଭୁକ୍ତ ଦେଶ ଗୁଡିକ ଅଧିକ ପ୍ରଭାବଶାଳୀ ବିସ୍ତୃତ ଜାତୀୟ ଆଇନ ପ୍ରଣୟନ କରିବାର ଅଧିକାର ରହିଛି।

## ୫ – ଜୈବନିରାପତ୍ତା ପ୍ରୋଟୋକଲ୍‌ର ବିଶେଷତ୍ୱ ଏବଂ ଗୁରୁତ୍ୱ

ଜୈବନିରାପତ୍ତା ପ୍ରୋଟୋକଲ୍ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ, ଗୁଣସୂତ୍ର ପରିବର୍ତ୍ତୀତ ଜୈବସତ୍ତା ବା ଜି.ଏମ୍.ଓ ଗୁଡିକ ସଂପୂର୍ଣ୍ଣ ଭିନ୍ନ ଏବଂ ବିପଦ ଓ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି ବୋଲି ଏହା ସ୍ୱିକୃତି ଦିଏ । ତେଣୁ ସେଗୁଡିକ ଆନ୍ତର୍ଜାତୀୟ ସ୍ତରରେ ନୀୟମାନୁଯାୟୀ ନିୟନ୍ତ୍ରିତ ହେବା ଉଚିତ।

ଜାତୀୟ ସରକାର ଗୁଡିକ ନିଜ ଦେଶରେ ଗୁଣସୂତ୍ର ପରିବର୍ତ୍ତୀତ ଜୈବସତ୍ତା ବା ଜି.ଏମ୍.ଓ ଏବଂ ତାହାର ସାମଗ୍ରୀ ଗୁଡିକୁ ଆଇନାନୁଯାୟୀ ନୀୟନ୍ତ୍ରିତ କରିବାର ସାର୍ବଭୌମ ଅଧିକାର ରହିଛି । ଜାତୀୟ ଜୈବନିରାପତ୍ତା ବିଧେୟକ ରେ ଜୈବ ନିରାପତ୍ତା ନୀୟମର ଅନେକ ଦିଗକୁ ଦୃଢ ଭାବେ ପାଳନ କରାଯାଇଥିଲେ ମଧ ଦେଶ ଦେଶ ମଧରେ ଜି.ଏମ୍.ଓ ର ପ୍ରଚଳନକୁ ଘରୋଇ ନୀୟମ ମାଧମରେ ନିୟନ୍ତ୍ରଣ କରିବା ଅସମ୍ଭବ ଅଟେ । ତେଣୁ ଏଥିପାଇଁ ଏକ ଆନ୍ତର୍ଜାତୀୟ ଆଇନର ଆବଶ୍ୟକତା ଦେଖାଦେଲା।

ଜୈବନିରାପତ୍ତା ସଂପର୍କିତ କାର୍ଟାଜେନା ପ୍ରୋଟୋକଲ୍ ଜୈବନିରାପତ୍ତା ବିଧେୟକର ଆନ୍ତର୍ଜାତୀୟ ସାର୍ବଜନୀନ ପ୍ରତିବଦ୍ଧତା ପ୍ରସ୍ତୁତ କରିବା ସହ ଜି.ଏମ୍.ଓ ର ଦେଶ ଦେଶ ଗୁଡିକ ମଧରେ କାର୍ଯ୍ୟକାରୀତ ନିମନ୍ତେ ଏକ ଆନ୍ତର୍ଜାତୀୟ ନୀୟମାବଳୀ ସ୍ଥାପନ କଲା।

ଏହା ବିଶେଷକରି ବିକାଶଶୀଳ ଦେଶ ଗୁଡିକ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ କାରଣ ବିକାଶଶୀଳ ଦେଶ ଗୁଡିକ ଜି.ଏମ୍.ଓ, ଏବଂ ଏଥିରୁ ପ୍ରସ୍ତୁତ ସାମଗ୍ରୀ ଗୁଡିକର ମୁଖ୍ୟ ଆମଦାନୀକାରୀ ଅଛନ୍ତି ଏବଂ ହେବେ ଏବଂ ପ୍ରାଥମିକ ଭାବେ ଦକ୍ଷୀଣାଞ୍ଚଳ ରାଷ୍ଟ୍ର ଗୁଡିକ ଏହା ରପ୍ତାନୀ କରିବେ।

ଉତ୍ତରାଞ୍ଚଳ ରାଷ୍ଟ୍ର ଗୁଡ଼ିକର ଲୋକମାନେ ଜି.ଏମ୍.ଓ, ଏବଂ ଏଥିରୁ ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ବ୍ୟବହାରକୁ ଯଦି ପ୍ରତ୍ୟାଖ୍ୟାନ କରିଦିଅନ୍ତି ତାହେଲେ ବିକାଶଶୀଳ ଦେଶ ଗୁଡ଼ିକରେ ଜି.ଏମ୍.ଓ, ଏବଂ ଏଥିରୁ ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ବଜାର ଓ ବ୍ୟବସାୟ ସଂପୂର୍ଣ୍ଣ ବନ୍ଦ ହୋଇଯିବ । ଅଧିକାଂଶ ବିକାଶଶୀଳ ଦେଶ ଗୁଡ଼ିକରେ ଏପର୍ଯ୍ୟନ୍ତ ନିଜର ଜାତୀୟ ଜୈବନିରାପତ୍ତା ନୀୟମ ବା ବିଧେୟକ ନାହିଁ । ବିକାଶଶୀଳ ଦେଶ ଗୁଡ଼ିକ ଉତ୍ତରାଞ୍ଚଳ ରାଷ୍ଟ୍ର ଗୁଡ଼ିକ ଅପେକ୍ଷା ଅଧିକ ପାରିବେଶିକ ବିପଦରେ ରହିଛନ୍ତି କାରଣ ଅଧିକାଂଶ ଫସଲ ବିବିଧତା ଏବଂ ସେଗୁଡ଼ିକର ଉତ୍ପତିସ୍ଥଳ ଦକ୍ଷିଣରେ ହିଁ ରହିଛି ।

ପ୍ରାକୃତିକ ପ୍ରଜାତି ତୁଳନାରେ ଜି.ଏମ୍.ଓ ପ୍ରଜାତି ଗୁଡ଼ିକ ମାଡ଼ିଯାଉଥିବା ବିଦେଶୀ ପ୍ରଜାତି ପରି । ଜି.ଏମ୍.ଓ ପ୍ରଜାତି ଗୁଡ଼ିକ ପ୍ରାକୃତିକ ପ୍ରଜାତି ଗୁଡ଼ିକୁ ବିଷାକ୍ତ ବା ଅପମିଶ୍ରିତ କରିଦେବେ ଏବଂ ସେଗୁଡ଼ିକର ଗୁଣ ଥରେ ପ୍ରାକୃତିକ ପ୍ରଜାତିରେ ମିଶିଗଲେ ତାହା ପ୍ରାକୃତିକ ପ୍ରଜାତିକୁ ଦବାଇଦେବ ଏବଂ ସେତେବେଳେ ସେଗୁଡ଼ିକୁ ବାହାର କରିବା କଷ୍ଟସାଧ ହୋଇପଡ଼ିବ । ଉଦାହରଣ ସ୍ୱରୂପ ମେକ୍ସିକୋ ମକା ଉତ୍ପାଦନରେ ବିଶ୍ୱର ପ୍ରାଣକେନ୍ଦ୍ର । ଯେତେବେଳେ ପଶୁଖାଦ୍ୟ ହିସାବରେ ଜି.ଏମ୍.ଓ ପ୍ରଜାତିର ମକାଚାଷ ମେକ୍ସିକୋରେ କରାଗଲା ସେସବୁ ପ୍ରଜାତିର ଦେଶୀୟ ପ୍ରଜାତି ସହ ଅନ୍ତଃସଙ୍ଗମ ହେଲା । ଯାହାଫଳରେ ସେହିସବୁ ଦେଶୀୟ ପ୍ରଜାତି ଏବେ ସଂପୂର୍ଣ୍ଣ ଲୋପ ପାଇଯାଇଛି ।

ପ୍ରତିଷେଧକ ମୂଳକ ନୀତିନୀୟମ ଗୁଡ଼ିକ ପ୍ରୋଟୋକଲ୍‌ର ନୀତିନିର୍ଦ୍ଧାରକ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାର ଅର୍ଥହେଲା ବୈଜ୍ଞାନିକ ନିର୍ଦ୍ଦିଷ୍ଟତା ନଥିଲେ ପକ୍ଷ ଗୁଡ଼ିକ ଏହାର ପ୍ରତିକୂଳ ପ୍ରଭାବକୁ ନେଇ ଏହାକୁ ପ୍ରତିବନ୍ଧକ ଲଗାଇ ପାରିବେ, ନିଷେଧ କରିପାରିବେ ବା ନିୟନ୍ତ୍ରଣ କରିପାରିବେ । ପ୍ରୋଟୋକଲ୍‌ରେ ପ୍ରତିଷେଧକ ନୀୟମ ଗୁଡ଼ିକର ସଠିକ ଉପସ୍ଥାପନ ଯୋଗୁଁ ଏହାକୁ ଆନ୍ତର୍ଜାତୀୟ ନୀୟମର ନୀତି ହିସାବରେ ପ୍ରତିଷ୍ଠିତ କରିଛି ।

## ୬ – ଜୈବନିରାପତ୍ତା ପ୍ରୋଟୋକଲ୍‌ରେ ଥିବା କେତେକ ମୁଖ୍ୟ ଦୁର୍ବଳତା

ଜୈବନିରାପତ୍ତା ପ୍ରୋଟୋକଲ୍ ଟି ରେ ଅନେକ ବିଶେଷତ୍ୱ ଥିଲେ ମଧ୍ୟ ଅନେକ ଅଭାବ ମଧ୍ୟ ରହିଛି । ଜି.ଏମ୍.ଓ ର ଅନେକ ଶ୍ରେଣୀ ପ୍ରୋଟୋକଲ୍‌ର ସାଧାରଣ ପରିସର ଏବଂ ଉତ୍ପାଦକର ଆଗୁଆ ଜ୍ଞାତସାରା ବ୍ୟବସ୍ଥାରୁ ବାଦ୍ ପଡ଼ିଛି । କିନ୍ତୁ ସମସ୍ତ ଜି.ଏମ୍.ଓ ର ବିପଦ ତ ସମାନ, ସେଗୁଡ଼ିକ କୃଷି, ଔଷଧ, ବା ଗବେଷଣା ଯେଉଁଥିରେ ବ୍ୟବହାର କରାଯାଉନା କାହିଁକି । ସେଗୁଡ଼ିକ ସାମଗ୍ରୀ ଭାବରେ ହେଉ ବା ଔଷଧ ଭାବରେ ହେଉ ବିପଦ ନିଶ୍ଚିତ ରହିଛି ।

ଜି.ଏମ୍.ଓ ପ୍ରସ୍ତୁତ ଏକ ସାମଗ୍ରୀ ସୋୟା ପ୍ରୋଟିନ୍ ଯାହାକି ସୋୟାବିନ୍ ଜିନ୍‌ରୁ ପ୍ରସ୍ତୁତ ତାହା ପ୍ରୋଟୋକଲ୍‌ର ସାଧାରଣ ପରିସରରୁ ସଂପୂର୍ଣ୍ଣ ଭାବେ ବାଦ୍ ପଡ଼ିଛି । ସେହିପରି ଜି.ଏମ୍.ଓ ପ୍ରସ୍ତୁତ କେତେକ ସାମଗ୍ରୀ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆଇନଗତ ପରିସରକୁ ଆସିନାହିଁ । କିନ୍ତୁ ଗୁଣସୁତ୍ରୀୟ ସାମଗ୍ରୀ ହିସାବରେ ଗ୍ରହଣକାରୀ ଜୈବସତ୍ତା ମଧ୍ୟରେ ରୋପଣ କରାଯାଉଥିବା ଗୁଣସୂତ୍ର ବା ଡି.ଏନ୍.ଏ, ଟି ଜି.ଏମ୍.ଓ ପ୍ରସ୍ତୁତ ସାମଗ୍ରୀ ଭିତରେ ଜୀବିତ ରୁହେ ଏବଂ ତାହା ଅନ୍ତଃନଳୀ ବାଟେ ରକ୍ତ ସହିତ ମିଶିଥାଏ ।

ଗୁଣସୁତ୍ର ପରିବର୍ତ୍ତନ ପ୍ରଣାଳୀରେ ମଣିଷ ମାନଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ଔଷଧ ଗୁଡ଼ିକର ବିଭିନ୍ନ ଦେଶରେ ପ୍ରଚଳନକୁ ରୋକିବାକୁ ପ୍ରୋଟୋକଲ୍‌ରେ କୌଣସି ନୀୟମ ନାହିଁ ଯାହାକି ଅନ୍ୟ ଆନ୍ତର୍ଜାତୀୟ ଚୁକ୍ତି ଏବଂ ଅନୁଷ୍ଠାନ ଗୁଡ଼ିକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଅଗ୍ରୀମ ସୂଚନା ରାଜିନାମା ( ଏ.ଏ.ଆଇ)ରୁ ଜି.ଏମ୍.ଓର ପରିସରକୁ ବାଦ୍ ଦିଆଯାଇଛି । ଅଗ୍ରୀମ ସୂଚନା ରାଜିନାମା ଅନୁଯାୟୀ ଜି.ଏମ୍.ଓର ଆମଦାନୀକାରୀ ମାନଙ୍କୁ ପ୍ରଥମେ ନୋଟିସ୍ ଦିଆଯିବ ଏବଂ ସମସ୍ତ ତଥ୍ୟ ଯୋଗାଇ ଦିଆଯିବା । ଏହା

ବିପଦ ଆକଳନ ଏବଂ ପ୍ରତିଷେଧକ ନୀୟମାବଳୀର ନୀତିନିର୍ଦ୍ଧାରଣ ବ୍ୟବସ୍ଥାକୁ ସୂଚାଉଛି । ଖାଦ୍ୟ, ପଶୁଖାଦ୍ୟ ଏବଂ ପ୍ରକ୍ରିୟାକରଣ ପାଇଁ ଜି.ଏମ୍.ଓର ବ୍ୟବହାର କୁ ପ୍ରୋଟୋକଲ୍‌ର ସାଧାରଣ ପରିସରଭୁକ୍ତ କରାଯାଇଥିବାବେଳେ ସେଗୁଡ଼ିକୁ ଅଗ୍ରୀମ ସୂଚନା ରାଜିନାମା ପରିସରରୁ ବାଦ୍ ଦିଆଯାଇଛି । ଏହା ୯୦ ପ୍ରତିଶତ ଜି.ଏମ୍.ଓ ରପ୍ତାନୀକାରୀ ମାନେ ରପ୍ତାନୀ କରୁଥିବା( ସୋୟା, କାନୋଲା, ମକା ) ବ୍ୟବସାୟୀକ ଜି.ଏମ୍.ଓ ର ପରିସରକୁ ସୂଚୀତ କରୁଛି ।

ସେହିପରି ସୀମିତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଜି.ଏମ୍.ଓ ( ପ୍ରୋଟୋକଲ୍ ଅନୁସାରେ ସୀମିତ ବ୍ୟବହାର ହେଉଛି ଜି.ଏମ୍.ଓର ବାହ୍ୟ ପରିବେଶ ଉପରେ ସଂପର୍କ ଏବଂ ପ୍ରଭାବକୁ ସୀମିତ କରିଦେବା ) ଏବଂ ଚଳନଶୀଳ ଜି.ଏମ୍.ଓ ( ଯାହା ତୃତୀୟ ପକ୍ଷ ଦ୍ୱାରା ସାରା ଅଂଚଳରେ ବିସ୍ତାର ଲାଭ କରେ )କୁ ମଧ୍ୟ ଅଗ୍ରୀମ ସୂଚନା ରାଜିନାମା ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି ।

## ୭ – କାର୍ଟାଜେନା ଜୈବନିରାପତ୍ତା ପ୍ରୋଟୋକଲ୍ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁ.ଟି.ଓ) ଚୁକ୍ତି

କାର୍ଟାଜେନା ଜୈବନିରାପତ୍ତା ପ୍ରୋଟୋକଲ୍ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁ.ଟି.ଓ ) ଚୁକ୍ତି ମଧ୍ୟରେ ସଂପର୍କ ବର୍ତ୍ତମାନ ସୁଦ୍ଧା ଚୁଡାନ୍ତ ହୋଇନାହିଁ । କାର୍ଟାଜେନା ଜୈବନିରାପତ୍ତା ପ୍ରୋଟୋକଲ୍ ବଡବଡ ରପ୍ତାନୀକାରୀ ରାଷ୍ଟ୍ର ଗୁଡିକ ମଧ୍ୟରେ ଏକ ବଡ ଭୟ ସଡଷ୍ଟିକଲା ଯେ ଏହା ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁ.ଟି.ଓ ) ଚୁକ୍ତିର ବାଣିଜ୍ୟ ନୀୟମକୁ ଉଲ୍ଲଂଘନ କରିବ । ଯେତେବେଳ ପର୍ଯ୍ୟନ୍ତ ପ୍ରୋଟୋକଲ୍ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ଚୁକ୍ତି ଗୁଡିକ ମଧ୍ୟରେ ସମନ୍ୱୟ ବ୍ୟବସ୍ଥା ପ୍ରୋଟୋକଲ୍ ରେ ସ୍ଥାନୀତ ହୋଇନାହିଁ ଏହାର ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଗୁଡିକ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁ.ଟି.ଓ )ର ଆଇନଗତ ବାଧତାକୁ ଅପରିବର୍ତ୍ତିତ ରଖିଛି ।

ଅନେକ ବିକାଶଶୀଳ ରାଷ୍ଟ୍ର ଏବେ ସେମାନଙ୍କର ଜୈବନିରାପତ୍ତା ବିଧେୟକ ପ୍ରସ୍ତୁତି କରୁଛନ୍ତି । ତେଣୁ ସେମାନେ ଜେନେଟିକ୍ ଇଂଜିନିୟରିଂକୁ ନେଇଥିବା ନୀତି ଏବଂ ବିବାଦ ଗୁଡିକର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ବିକାଶଶୀଳ ରାଷ୍ଟ୍ର କୌଣସି ଜୈବନିରାପତ୍ତା ବ୍ୟବସ୍ଥା ନଥାଇ ଜୈବ ବିଜ୍ଞାନର ବିକାଶ ଓ ଗ୍ରହଣୀୟତାକୁ ସେମାନଙ୍କ  ଜୈବନିରାପତ୍ତା ବିଧେୟକରେ ସ୍ଥାନୀତ କରିବା ପାଇଁ ଅନେକ ଚାପର ସମ୍ମୁଖିନ ହେଉଛନ୍ତି । ବିକାଶଶୀଳ ରାଷ୍ଟ୍ର ଗୁଡିକ ମଧ୍ୟ ସେମାନଙ୍କର ଜୈବନିରାପତ୍ତା ବିଧେୟକ ବା ନୀୟମାବଳୀ ବାଣିଜ୍ୟ ଆଧାରିତ ହେବାକୁ ଚାହୁଁଛନ୍ତି ଯାହାଫଳରେ ସେମାନେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁ.ଟି.ଓ )ର ବିରୋଧର ସମ୍ମୁଖୀନ ହେବେନାହିଁ ଏବଂ ଇଉରୋପୀୟ ସମୁଦାୟର ଅନୁଗ୍ରହ ପାଇବେ ।

## ୮ - ଗୁଣସୂତ୍ରୀୟ ସମ୍ବଳ ବା ଜେନେଟିକ୍ ରିସୋର୍ସ ଏବଂ ଆଦିମ ଅଧିବାସୀ ଜ୍ଞାନ ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ସ୍ଥାନ କେଉଁଠି ?

ଆଦିମ ଅଧିବାସୀ ଏବଂ ପରିବେଶ ଉପରେ ଜେନେଟିକ୍ ଇଞ୍ଜିନିୟରିଂର ଗୁରୁତ୍ୱପୂର୍ଣ୍ଣ ଏବଂ ଦୀର୍ଘସ୍ଥାୟୀ ପ୍ରଭାବ ଥିବାରୁ ଏହି ସମସ୍ୟାକୁ ନେଇ ଆଦିମ ଅଧିବାସୀ ଅନୁଷ୍ଠାନ ଏବଂ ସମାଜସେବୀ ଅନୁଷ୍ଠାନ ଗୁଡିକ ଦୃଢ ଭାବରେ ଆଗେଇ ଆସିଛନ୍ତି । ସେମାନଙ୍କର ଘୋଷଣାପତ୍ର ଗୁଡିକ ନିମ୍ନରେ ସ୍ଥାନୀତ କରାଯାଇଛି ।

## ଆଦିମ ଅଧିବାସୀଙ୍କ ସମସ୍ୟା ସଂପର୍କିତ ଜାତିସଂଘର ସ୍ଥାୟୀ ଫୋରମ୍‌ର ଷଷ୍ଠ ଅଧିବେଶନରେ ଆଦିମ ଅଧିବାସୀଙ୍କ ଅଧିକାର ଆନୁବଂଶିକ ସମ୍ବଳ ଏବଂ ଆଦିମ ଅଧିବାସୀ ଜ୍ଞାନ ଉପରେ ଆଦିମ ଅଧିବାସୀଙ୍କ ଅଧିକାର

ନ୍ୟୁୟର୍କ – ମେ ୧୪-୨୫, ୨୦୦୭

ମେ ୧୪-୨୫, ୨୦୦୭ରେ ଅନୁଷ୍ଠିତ ଆଦିମ ଅଧିବାସୀଙ୍କ ସମସ୍ୟା ସଂପର୍କିତ ଜାତିସଂଘର ସ୍ଥାୟୀ ଫୋରମ୍‌ର ଷଷ୍ଠ ଅଧିବେଶନରେ ଉପସ୍ଥିତ ଏବଂ ସାକ୍ଷର କରିଥିବା ସମସ୍ତ ଆଦିମ ଅଧିବାସୀ ଏବଂ ସଂଗଠନ ଗୁଡିକ ଓନୋଣ୍ଡାଗା ଦେଶର ପାରଂପରିକ ଅଂଚଳକୁ ନେଇ ଆନୁବଂଶିକ ସମ୍ବଳ ଏବଂ ଆଦିମ ଅଧିବାସୀ ଜ୍ଞାନ ଉପରେ ଆମର ଅଧିକାର ସଂପର୍କରେ ଏହି ଘୋଷଣାପତ୍ର ଜାରି କରୁଛୁ ଯେ –

ଆମର ପାରଂପରିକ ଅଂଚଳରେ ଥିବା ସମସ୍ତ ଜୀବସତ୍ତା ସହିତ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବନା ର ସଂପର୍କକୁ ଆମେ ବିଶ୍ୱାସ କରୁଛୁ

ଆମର ଅଞ୍ଚଳ, ଜମିଜମା ଏବଂ ପ୍ରାକୃତିକ ସଂପଦର ତତ୍ତ୍ୱାବଧାରକ ଭାବେ ଆମର ମୌଳିକ ଭୂମିକା ଏବଂ ଦାୟିତ୍ୱକୁ ଆମେ ବିଶ୍ୱାସ କରୁଛୁ

ପୁରୁଷ ପୁରୁଷ ଧରି ଆମ ପୂର୍ବପୁରୁଷ ମାନଙ୍କ ଠାରୁ ପ୍ରଚଳିତ ହୋଇ ଆସିଥିବା ଆଦିମ ଅଧିବାସୀ ଜ୍ଞାନ ଗୁଡିକୁ ଆମେ ତତ୍ତ୍ୱାବଧାନ କରିଆସୁଛୁ ଏବଂ ସେହି ଜ୍ଞାନକୁ ଆମର ଲୋକ ଏବଂ ଭବିଷ୍ୟତ ବଂଶଧର ମାନଙ୍କ ଉପକାର ନିମନ୍ତେ ସୁରକ୍ଷା ଏବଂ ଚୀରସ୍ଥାୟିତ୍ୱ ଦିଗରେ ଆମର ଦାୟିତ୍ୱ ନିର୍ବାହ କରିଆସୁଛୁ ।

ଆମର ଆତ୍ମ - ନିୟନ୍ତ୍ରଣ ଅଧିକାର ଉପରେ ଆମେ ଦୃଢ ଆସ୍ଥାବାନ, ଯାହାକି ଆମର ସାଂସ୍କୃତିକ ମୂଲ୍ୟବୋଧ ଏବଂ ଆମର କୌଳିକ ନୀୟମାବଳୀ ଆଧାରରେ ଦାୟିତ୍ୱ ନିର୍ବାହ ପାଇଁ ଆମର ଦକ୍ଷତାର ମୌଳିକତାକୁ ସୂଚାଉଛି ।

ମାନବିକ ଅଧିକାର ପରିଷଦ ଦ୍ୱାରା ଗ୍ରହଣ କରାଯାଇଥିବା, ଆଦିମ ଆଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ପ୍ରତି ଆମର ପ୍ରତିଶୃତି ଗୁଡିକୁ ଆମେ ପୂର୍ଣ୍ଣ ବିଶ୍ୱାସକୁ ନେଉଛୁ । ଏହାର ଅନୁଚ୍ଛେଦ ୩ (୧)ରେ ଦର୍ଶାଯାଇଛି ଯେ-

୧. ଆଦିମ ଅଧିବାସୀ ମାନଙ୍କର ନିଜ ସାଂସ୍କୃତିକ ଐତିହ୍ୟ, ପାରଂପରିକ ଜ୍ଞାନ ଏବଂ ପାରଂପରିକ ସାଂସ୍କୃତିକ ଭାବପ୍ରକାଶର ପରିଚାଳନା, ନିୟନ୍ତ୍ରଣ, ସୁରକ୍ଷା ଓ ବିକାଶ କରିବାର ଅଧିକାର ରହିଛି । ଏଥିସହ ସେମାନଙ୍କ ପାରଂପରିକ ବିଜ୍ଞାନ, ଯାନ୍ତ୍ରିକ କୌଶଳ ଓ ସଂସ୍କୃତି, ମାନବିକ ଓ ଆନୁବଂଶୀକ ସମ୍ବଳ, ବିହନ, ଔଷଧ, ବୃକ୍ଷ ପ୍ରଜାତି ସଂପର୍କିତ ଜ୍ଞାନ, ଲୌକିକ ପରଂପରା, ସାହିତ୍ୟ, କିମ୍ବଦନ୍ତୀ, ଚିତ୍ରକାରିତା, କ୍ରିଡା ଓ ପାରଂପରିକ ଖେଳ ଏବଂ ଲୋକକଳା ଓ ବାସ୍ତୁକଳା, ହସ୍ତକଳା ଆଦିର ପରିଚାଳନା, ନିୟନ୍ତ୍ରଣ, ସୁରକ୍ଷା ଓ ବିକାଶ କରିବାର ଅଧିକାର ରହିଛି । ଏଥିସହ ସେମାନେ ସେହିସବୁ ସାଂସ୍କୃତିକ ଐତିହ୍ୟ, ପାରଂପରିକ ଜ୍ଞାନ ଏବଂ ପାରଂପରିକ ସାଂସ୍କୃତିକ ଭାବ ସଂପର୍କିତ ବୌଦ୍ଧିକ ସଂପତ୍ତିର ପରିଚାଳନା, ନିୟନ୍ତ୍ରଣ, ସୁରକ୍ଷା ଓ ବିକାଶ କରିବାର ଅଧିକାର ରହିଛି ।

୨. ଆଦିମ ଅଧିବାସୀ ମାନଙ୍କ ନିମ୍ନ ଅଧିକାର ଗୁଡିକୁ ସ୍ୱୀକୃତି ପ୍ରଦାନ ସହ ସେଗୁଡିକର ଉପଭୋଗ ପାଇଁ ରାଷ୍ଟ୍ର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ।

ଆରିଜୋନା, ଫୋଏନିକ୍ସର ୱେଷ୍ଟର୍ଣ୍ଣ ହେମିସ୍ଫିୟର୍ ଆଦିମ ଅଧିବାସୀ ମାନଙ୍କ ସଂଗଠନ ଗୁଡିକର ଘୋଷଣାପତ୍ର ( ଫେବୃୟାରୀ – ୧୯୯୫ ) ଅନୁଯାୟୀ - ଆଦିମ ଅଧିବାସୀ ହିସାବରେ ଆମର ଦାୟିତ୍ୱ ହେଉଛି, ଭିବିଷ୍ୟତ ବଂଶଧର ମାନଙ୍କ ପାଇଁ ସମସ୍ତ ଜୀବସତ୍ତାର ପ୍ରାକୃତିକ ପ୍ରବାହକୁ ସୁସ୍ଥଭାବରେ ପରିପାଳନ କରିବା । ସମସ୍ତ ଜୀବସତ୍ତାଙ୍କ ତରଫରୁ କହିବା ଏବଂ ପ୍ରାକୃତିକ ପ୍ରବାହର ବିଶେଷତ୍ୱକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ । ଆମେ ସମସ୍ତ ପ୍ରାକୃତିକ ଗୁଣସୂତ୍ରିୟ ସାମଗ୍ରୀ ଗୁଡିକର ପାଟେଣ୍ଟ ବ୍ୟବସ୍ଥାକୁ ବିରୋଧ କରୁ । ଆମେ ବୁଝୁ ଯେ, ଜୀବସତ୍ତା ଯେତେ କ୍ଷୁଦ୍ର ହେଲେ ମଧ ଏହାକୁ କ୍ରୟ, ବିକ୍ରୟ, ମାଲିକାନା, ଆବିଷ୍କାର ବା ଆୟତାଧିନ କରାଯାଇପାରିବ ନାହିଁ ।

ବେଜିଂ ଠାରେ ଅନୁଷ୍ଠିତ ଜାତିସଂଘର ଚତୁର୍ଥ ବିଶ୍ୱ ମହିଳା ମହାସମାବେଶରେ ଆଦିମ ଅଧିବାସୀ ମହିଳାଙ୍କ ସଂପର୍କିତ ଘୋଷଣାପତ୍ର ଅନୁସାରେ - ଆମର ବୌଦ୍ଧିକ ଓ ସାଂସ୍କୃତିକ ଐତିହ୍ୟ ସଂପର୍କିତ ଆମର ଅବିଚ୍ଛେଦ୍ୟ ଅଧିକାରକୁ ସ୍ୱିକୃତି ଏବଂ ସମ୍ମାନ ମିଳିବା ଆମେ ଦାବୀ କରୁ । ଆମର ଗ୍ରାମୀଣ ଆବଶ୍ୟକତା ପାଇଁ ଆମେ ଜୈବବିବିଧତାର ମୁକ୍ତ ବ୍ୟବହାର କରିଚାଲିବୁ ଏବଂ ଆମର ଜୈବବିବିଧତା ଆଧାରିତ ଗ୍ରାମ୍ୟ ଅର୍ଥନୀତିକୁ ଅବକ୍ଷୟ ହେବାକୁ ଦେବୁ ନାହିଁ । ଆମେ ଆମର ଜୈବିକ ଏବଂ ସାଂସ୍କୃତିକ ଐତିହ୍ୟକୁ ପୁନଃ ସତେଜ ପୁନଃ ତାରୁଣ୍ୟ ପ୍ରଦାନ କରିବୁ ।

୧୯୯୭ ମସିହା ନଭେମ୍ବର ୧୨ - ୧୩ ତାରିଖପର୍ଯ୍ୟନ୍ତ ହୋଇଥିବା ପାନାମାର କୁନାୟାଲା ଉକୁପ୍‌ସେନୀ ଘୋଷଣାପତ୍ର ଅନୁସାରେ – ଆମେ ବୌଦ୍ଧିକ ସଂପତ୍ତି ଉପରେ ବିଧେୟକ ପ୍ରଣୟନର ସାଂପ୍ରତିକ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରୁଛୁ । ବୌଦ୍ଧିକ ସଂପତ୍ତିଗତ ଅଧିକାର ଏବଂ ଆମଗୋଷ୍ଠୀରୁ ବା ଯେକୌଣସି ଠାରୁ ଅଣାଯାଇଥିବା ପାରଂପରିକ ଜ୍ଞାନଗୁଡିକର  ନୀୟମାନୁଗତ କରିବା ନିମନ୍ତେ  ପାଟେଣ୍ଟ ବ୍ୟବସ୍ଥାକୁ ଆମେ ବିରୋଧ କରୁଛୁ ।

୨୦୦୩ ମସିହା ସେପ୍ଟେମ୍ବର ୧୨  ତାରିଖରେ ମେକ୍ସିକୋର କ୍ୱିଷ୍ଟାନା ରୁ, କାନ୍‌କୁନ୍ ଠାରେ ଅନୁଷ୍ଠିତ ବିଶ୍ୱ ବାଣିଜ୍ୟ ସଂଗଠନର ୫ମ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କ ସଂପର୍କିତ ଆନ୍ତର୍ଜାତୀୟ କାନକୁନ ଘୋଷଣାପତ୍ର ଅନୁସାରେ – ଜୀବସତ୍ତା ଏବଂ ଜୈବ ସମ୍ବଳ ଉପରେ ଥିବା ବୌଦ୍ଧିକ ସଂପତ୍ତିଗତ ଅଧିକାର ଓ ଆଦିମ ଅଧିବାସୀ ଜ୍ଞାନକୁ ପାଟେଣ୍ଟ ଅନ୍ତର୍ଭୁକ୍ତ କରିବା ବନ୍ଦକର । ଆମେ ଆଦିମ ଅଧିବାସୀ ମାନେ ଆମର ବିହନ, ଔଷଧୀୟ ବୃକ୍ଷ ଏବଂ ଆଦିବାସୀ ଜ୍ଞାନ ଉପରେ ଆମର ଅଧିକାର ଫେରି ପାଇବାକୁ ସହାୟତା କର ।

ଜୈବବିବିଧତା ସମ୍ମିଳନୀ ଆଧାରରେ  କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ନିମନ୍ତେ ଏକ ଆନ୍ତର୍ଜାତୀୟ ନୀୟମାବଳୀ ପ୍ରସ୍ତୁତିକୁ ଦୃତ କାର୍ଯ୍ୟକ୍ଷମ କରିବା ଏବଂ ଯେଉଁ ସବୁ ସଦସ୍ୟ ରାଷ୍ଟ୍ର ଗୁଡିକ ସମ୍ମିଳନୀକୁ କାର୍ଯ୍ୟକାରୀ କରୁନାହାନ୍ତି, ଆଦିମ ଅଧିବାସୀ ମାନଙ୍କର ନିଜର ଅଂଚଳରେ ଥିବା ଜମିଜମା, ଜଳରୁ ସୃଷ୍ଟ ଆନୁବଂଶିକ ସମ୍ବଳ ଉପରେ କର୍ତ୍ତୃତ୍ୱ ଏବଂ ବ୍ୟବହାର ଗତ ଅଧିକାରକୁ କାର୍ଯ୍ୟକାରୀ କରୁନାହାନ୍ତି ସେମାନେ ଏସବୁ ଦୃତ କାର୍ଯ୍ୟକ୍ଷମ କରିବା ଆବଶ୍ୟକ ।

ତେଣୁ ଆମେ ଆଦିମ ଅଧିବାସୀ ସମସ୍ୟା ସଂପର୍କିତ ଜାତିସଂଘର ସ୍ଥାୟୀ ଫୋରମ୍ କୁ ଅନୁରୋଧ କରୁ କି

୧. ରାଷ୍ଟ୍ର, ଜନସାଧାରଣ ଓ ସାର୍ବଭୌମତ୍ୱ ଏବଂ ସେମାନଙ୍କର ସଂପର୍କ, ପରିସର ଓ କାର୍ଯ୍ୟକାରୀତା ଏବଂ ଜୈବବିବିଧତା ସମ୍ମିଳନୀର ଦେଶଗୁଡିକୁ ସଂମ୍ମିଳନୀ ସଂପର୍କିତ ସାବ୍ରଭୌମତ୍ୱକୁ ବୁଝିବାରେ ଏବଂ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଏକ ଆନ୍ତର୍ଜାତୀୟ ନୀୟମାବଳୀ ପ୍ରସ୍ତୁତିରେ ସାର୍ବଭୌମତ୍ୱର ଭୂମିକାକୁ ବୁଝିବାରେ ସହାୟତା କରିବା ନିମନ୍ତେ ଏକ ଆଇନଗତ ତର୍ଜମାର ପ୍ରସ୍ତୁତି କରିବା ।

୨. ଜୈବବିବିଧତା ସମ୍ମିଳନୀକୁ ସୁପାରିଶ କରାଯାଉ ଯେ, ଆନ୍ତର୍ଜାତୀୟ ମାନବିକ ଅଧିକାର ନୀୟମ ଆଧାରରେ ଆଦିମ ଅଧିବାସୀ ମାନଙ୍କୁ ସେମାନଙ୍କ ନିଜ ଅଂଚଳର ଜମି ଓ ଜଳରୁ ସୃଷ୍ଟ ଆନୁବଂଶିକ ସମ୍ବଳ ଏବଂ ପାରଂପରିକ ଜ୍ଞାନ ଉପରେ କର୍ତ୍ତୃତ୍ୱ ଏବଂ ଅଧିକାରକୁ ସ୍ୱିକୃତି ଦେବା ଓ ସୁରକ୍ଷା ଦେବା  ରାଷ୍ଟ୍ର ଗୁଡିକର କର୍ତ୍ତବ୍ୟ ଅଟେ । ଏହି ସ୍ୱିକୃତି ପ୍ରସ୍ତାବିତ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ନୀୟମାବଳୀ ପ୍ରସ୍ତୁତିର ଏକ ମୂଖ୍ୟ ଉପାଦାନ ହେବା ଆବଶ୍ୟକ ।

୩. ଆଦିମ ଅଧିବାସୀ ମାନଙ୍କ ଉପରେ ଆନୁବଂଶିକ ସମ୍ବଳ ଓ ପାରଂପରିକ ଜ୍ଞାନର ବ୍ୟବସାୟୀକରଣର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ପ୍ରଭାବ ସଂପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଉ ।

୪. ଏହି ଘୋଷଣାପତ୍ର ଏବଂ ଉପରଲିଖିତ ସ୍ୱିକୃତ ରିପୋର୍ଟ ଗୁଡିକୁ ସମସ୍ତ ଜାତିସଂଘ ସଂଗଠନକୁ ବିତରଣ କରାଯାଉ ।

ଆଦିମ ଅଧିବାସୀ ମାନଙ୍କ ଆନୁବଂଶିକ ସମ୍ବଳ ଏବଂ ଆଦିମ ଅଧିବାସୀ ଜ୍ଞାନ ଉପରେ ଅଧିକାର ସଂପର୍କିତ ଘୋଷଣାପତ୍ରକୁ ସହାୟତା କରୁଥିବା ଆଦିମ ଅଧିବାସୀ ଏବଂ ସଂଗଠନ ସମୂହ

- ଆଣ୍ଡେସ୍ ଚିନ୍‌ଚାସୁୟୋ, ଇକୁଆଡୋର୍
- ଟ୍ରାଡିସ୍‌ନାଲ୍ ସର୍କଲ ଅଫ୍ ଇଣ୍ଡିଆନ୍ ଏଲ୍‌ଡର୍‌ସ ଆଣ୍ଡ ୟୁଥ୍
- ଟୋନାଟିଏରା
- ରାପା ନୁଇ ପାର୍ଲିଆମେଣ୍ଟ ଆଣ୍ଡ ୪୪ ଅଦର ଆଇ.ପି.ଓସ୍

## ୯ – ଜି.ଏମ୍.ଓ ସଂପର୍କରେ ଆଦିମ ଅଧିବାସୀମାନେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

### ଟାରୋ ର ସୁରକ୍ଷା ( ହାୱାଇ)

ଆଦିମ ଅଧିବାସୀ ମାନଙ୍କ ବକ୍ତବ୍ୟ ଯାତ୍ରା – ୨୦୦୫, ମାଓରି, ପାଇଉତେ ଏବଂ ହାୱାଇର କର୍ମିମାନେ ସେମାନଙ୍କର ଗୋଷ୍ଠୀରେ ଜି.ଏମ୍.ଓର ପ୍ରଭାବ ସଂପର୍କରେ ଦେଇଥିବା ବକ୍ତବ୍ୟ –

ହାଲୋଆ ଉତ୍ସବ, ମେ ୨୦୦୫ – ମାଲୋକାଇ ଦ୍ୱିପର ହାୱାଇ କର୍ମୀ ୱାଲ୍‌ଟର ରିଟେ ଏବଂ ତାଙ୍କର ସାଥିମାନେ ହାଲୋଆ ପାଇଁ ( ଟାରୋର ସୁରକ୍ଷା ପାଇଁ ) ଏକ ଉତ୍ସବର ଆୟୋଜନ କଲେ । ହାୱାଇ ବିଶ୍ୱବିଦ୍ୟାଳୟର ଡିନ୍ ଆଣ୍ଡ୍ର୍ୟୁ ହାସିମୋଟୋଙ୍କୁ ହାୱାଇ ଟାରୋ ଉପରେ ଗୁଣସୂତ୍ର ସଂପର୍କିତ ଗବେଷଣା ବନ୍ଦ କରିବାପାଇଁ ଏକ ରାଜିନାମାରେ ସକ୍ଷର କରିବାକୁ ଚାପ ପକାଇଲେ । ବିଶ୍ୱ ବିଦ୍ୟାଳୟ ଶେଷରେ ଏକ ବାୟୋଏଥିକ୍ ପ୍ୟାନେଲ୍ ବା ଦେଶୀୟ ହାୱାଇ ପରାମର୍ଶଦାତା ବୋର୍ଡ ଗଠନ କରିବାକୁ ବୁଝାମଣା କଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ, ବିଶ୍ୱବିଦ୍ୟାଳୟ ମନୋନୀତ କରିଥିବା ବୋର୍ଡର ସଦସ୍ୟ ମାନେ ହାୱାଇ ଲୋକମାନଙ୍କ ଭିତରେ ଜିନ୍ ପରିବର୍ତ୍ତିତ ଟାରୋ ପ୍ରସାର କରୁଥିବା ଏକ କମ୍ପାନୀ ସହ ସଂପର୍କ ରଖି ଆସୁଥିଲେ ।

ହାୱାଇ ବିଶ୍ୱବିଦ୍ୟାଳୟ ସଭାପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୫୦ ବିକ୍ଷୋଭକାରୀ ଏକତ୍ରିତ ହେଲେ । ସଭାପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ୩୫୦ ବିକ୍ଷୋଭକାରୀ ଙ୍କ ସମ୍ମୁଖରେ ୱାଲ୍‌ଟର ରିଟେ, ହାୱାଇ ବିଶ୍ୱବିଦ୍ୟାଳୟକୁ ଟାରୋର ଜିନ୍ ପରିବର୍ତ୍ତନ ଏବଂ ଏହି ଗଛ ଉପରେ ଥିବା ପ୍ୟାଟେଣ୍ଟକୁ ବନ୍ଦ କରିବାକୁ ଦାବୀ କଲେ । ସାରା ଦେଶର ଲୋକମାନେ ସେମାନଙ୍କ ସଂଗୀତର ଶକ୍ତି, ହୁଲା ନାଚ ଏବଂ ହାଲୋଆ ସମ୍ମାନରେ ସେମାନେ ଗାଉଥିବା ଗୀତ ବିଷୟରେ ଚର୍ଚ୍ଚା କଲେ । ଦେଶର ସମସ୍ତ ଟେଲିଭିଜନ ଏବଂ ଖବରକାଗଜ ଗୁଡିକ ସେମାନଙ୍କର ବିରୋଧ ଖବରକୁ ପ୍ରସାର କଲେ । ଏହାଫଳରେ ସେମାନଙ୍କ କଥାକୁ ଧ୍ୟାନ ଦେବା ପାଇଁ ସାଧାରଣ ଲୋକଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ଉପରେ ପ୍ରବଳ ଚାପସୃଷ୍ଟି ହେଲା

ହାୱାଇ ବିଶ୍ୱବିଦ୍ୟାଳୟ ଟାରୋ ଉପରେ ପ୍ୟାଟେଣ୍ଟ ବନ୍ଦ କରିବା ଦାବୀରେ ଚିଠି, ୨୦୦୬ ଫେବୃୟାରୀ ୨୩ – ହାୱାଇ ମୂଳ ଅଧିବାସୀ ୱାଲ୍‌ଟର ରିଟେ ଏବଂ ଟାରୋ ଚାଷି କ୍ରିସ୍ କୋବାୟାସୀ ସେଣ୍ଟର୍ ଫର୍ ଫୁଡ୍ ସେଫ୍‌ଟିର ସହାୟତାରେ ହାୱାଇ ବିଶ୍ୱବିଦ୍ୟାଳୟକୁ ଟାରୋ ଉପରେ ପ୍ୟାଟେଣ୍ଟ ବନ୍ଦ କରିବା ଦାବୀରେ ଏକ ଚିଠି ପ୍ରଦାନ କଲେ ।

୨୦୦୬ ମେ ୧୮ ତାରିଖ ହାୱାଇ ବିଶ୍ୱବିଦ୍ୟାଳୟର ନୀତି ନିର୍ଦ୍ଧାରକ ମାନଙ୍କର ଏକ ସାକ୍ଷାତକାର ଦାବୀ କରି ହାୱାଇ ମୂଳ ଅଧିବାସୀ ମାନେ ବିଶ୍ୱବିଦ୍ୟାଳୟ ଅବରୋଧ କଲେ ।

୨୦୦୭ ମସିହାରେ ହାୱାଇ ରାଷ୍ଟ୍ର ବିଧାନପରିଷଦ ମାଧ୍ୟମରେ ଟାରୋର ଗୁଣସୂତ୍ର ପରିବର୍ତ୍ତନ କାର୍ଯ୍ୟକ୍ରମ ଉପରେ ରହିତାଦେଶ ଜାରିହେଲା – ୨୦୦୭ ମସିହାରେ ହାୱାଇ ରାଷ୍ଟ୍ର ବିଧାନପରିଷଦ ରେ ଟାରୋର ଗୁଣସୂତ୍ର ପରିବର୍ତ୍ତନ ଗବେଷଣା କାର୍ଯ୍ୟକ୍ରମ ଉପରେ ରହିତାଦେଶ ଜାରି ପାଇଁ ସଦସ୍ୟ ମାନଙ୍କ ଦ୍ୱାରା ଏକ ବିଲ୍ ପାଶ୍ କରାଗଲା । ଏହା ଲୋକମାନଙ୍କ ଭିତରେ ଏକ ବିରାଟ ଆଲୋଚନା ସୃଷ୍ଟିକଲା । ଗଣମାଧ୍ୟମରେ ଆଲୋଚନା ହେଲା ଏବଂ ହାୱାଇ ମୂଳ ଅଧିବାସୀ, ଟାରୋ ଚାଷୀ ଏବଂ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଏକ ନୂଆ ସଂପର୍କ ସୃଷ୍ଟି କଲା । ହାୱାଇ ମୂଳ ଅଧିବାସୀ, ଟାରୋ ଚାଷୀ ମାନେ ଏବଂ ନାଗରୀକ ସମାଜ କର୍ମୀମାନେ ବିଭିନ୍ନ ଦ୍ୱୀପ ଗୁଡିକୁ ଯାଇ ଲୋକମାନଙ୍କୁ ବୁଝାଇ ଏହି ବିଲ୍ ସପକ୍ଷରେ ସାକ୍ଷ୍ୟ ସଂଗ୍ରହ କଲେ, ଏହାଦ୍ୱାରା ନିର୍ବାଚିତ କର୍ମକର୍ତ୍ତା ମାନେ ଆଗରୁ ଲୋକଙ୍କୁ ବଶୀଭୂତ କରିରଖିଥିବା ମନୋଭାବର ପରିବର୍ତ୍ତନ ହେଲା । ଏସ୍.ବି ୯୫୮ ସିନେଟ୍ ଦ୍ୱାରା ପାଶ୍ ହୋଇ ଗୃହକୁ ଗଲା, ସେଠାରେ କୃଷି କମିଟିର ଅଧ୍ୟକ୍ଷ କ୍ଲିଫ୍ଟ ସୁଜି ସେହି ଅଧିବେଶନରେ ବିଲ୍ ସଂପର୍କରେ ଶୁଣାଣୀ ପାଇଁ ମନା କରିଦେଲେ । ଫଳରେ ହାୱାଇ ମୂଳ ଅଧିବାସୀ, ଟାରୋ ଚାଷୀ ମାନେ ବ୍ୟବସ୍ଥାପକ ସଭାରେ ବିରୋଧ ପ୍ରଦର୍ଶନ କଲେ ।



## ପ୍ରୟୋଗ – ୨

ମୁକ୍ତ ଫୋରମ୍ ଏବଂ ସମସ୍ତଙ୍କ ଉପସ୍ଥିତିରେ ଆଲୋଚନା ( ୩୦ ମିନିଟ)

ଜୈବଉଦ୍ୟୋଗ ଏବଂ ଜେନେଟିକ୍ ଇଞ୍ଜିନିୟରିଂ ସଂପର୍କିତ ପ୍ରଶ୍ନ, ମତ ଏବଂ ଚିନ୍ତା

୧- ଅଂଶଗ୍ରହଣକାରୀମାନେ ସାଧନ ବ୍ୟକ୍ତିଙ୍କୁ ନିଜ ମନରେ ଆସୁଥିବା ପଶ୍ନ ପଚାରିପାରିବେ କିମ୍ବା ଏହି ବିଷୟ ଉପରେ ନିଜର ମତ ରଖିପାରିବେ ।

୨- ସାଧନ ବ୍ୟକ୍ତି ସେସବୁ ପ୍ରଶ୍ନ ଏବଂ ମତ ସଂପର୍କରେ ଉତ୍ତର ରଖିବେ ।

୩- ଜୈବଉଦ୍ୟୋଗ ଏବଂ ଜେନେଟିକ୍ ଇଞ୍ଜିନିୟରିଂ ସଂପର୍କିତ ସମସ୍ୟା ଦୂରିକରଣ ପାଇଁ ଆଦିମ ଅଧିବାସୀ ମାନେ କଣ କରିବା ଦରକାର ବୋଲି ସେମାନେ ଯାହା ଭାବୁଛନ୍ତି ତାହା ଉପସ୍ଥାପନ କରିବେ ।

୪- ତାଲିମ୍ ସହାୟକ ସାଂରାଶ ଗୁଡିକୁ ଉପସ୍ଥାପନା କରିବା ସହ ଅଧିବେଶନ ସମାପ୍ତ କରିବେ ।

**ଶେଷ ଦ୍ରଷ୍ଟବ୍ୟ –**


ରୋଡ୍ରିଗୁଏଜ୍ ଭିଲାଲୋବୋସ୍, ବ୍ଲାଙ୍କୋ ଲୋବୋ, ଆଜୋଫେଇଫା କାସ୍କାଣ୍ଟେ ୨୦୦୪

ହାରି, ହାୱାଡ୍, ସେଲଡନ୍ ୨୦୦୦, ଇଣ୍ଡିଜେନସ୍ ପିପୁଲ କାଉନ୍‌ସିଲ ଅନ୍ ବାୟୋକଲୋନିଆଲିଜମ୍ - http://www.ipcb.org Jun00.

ପ୍ରୋବ୍ଲେମ୍ ୱିଥ୍ ଏଗ୍ରିକଲ୍‌ଚରାଲ୍ ଜେନେଟିକସ - http://www.ipcb.org/index.htm

ଲିମ୍ ୨୦୦୦

ଥାର୍ଡ ୱାର୍ଲଡ ନେଟୱାର୍କ

ସହାୟକ ସୂଚୀ

ହାରି ଡେବ୍ରା, ଷ୍ଟଫାନି ହାୱାର୍ଡ, ବ୍ରେ୍ ଲି ସେଲ୍‌ଡନ୍ – ୨୦୦୦, ଇଣ୍ଡିଜେନସ୍ ପିପୁଲ୍, ଜେନେସ୍ ଆଣ୍ଡ ଜେନେଟିକ୍‌ସ, ହ୍ୱାଟ୍ ଇଣ୍ଡିଜେନସ୍ ପିପୁଲ୍ ସୁଡ୍ ନୋ ଏବାଉଟ୍ ବାୟୋକଲୋନିଆଲିଜମ୍, ଏ ପ୍ରାଇମର୍ ଆଣ୍ଡ ରିସୋର୍ସ ଗାଇଡ୍, ନିକ୍ସନ୍, ଏନ୍.ଭି- ଆ.ପି.ସି.ବି

ଲିମ୍ ଲି ଲିନ୍, ୨୦୦୦ କାପାସିଟି ବିଲ୍‌ଡିଙ୍ଗ ଇନ୍ ଡେବଲପିଙ୍ଗ କଣ୍ଟ୍ରିଜ୍ ଟୁ ଫାସିଲିଟେଟ୍ ଦି ଇମ୍ପ୍ଲିମେଣ୍ଟେସନ୍ ଅଫ୍ ଦି କାର୍ଟାଜେନା ପ୍ରୋଟୋକଲ୍ ଅନ୍ ବାୟୋସେଫ୍ଟି, ମାଲୟେସିଆ, ଟି.ଡବ୍ଲୁ. ଏନ୍

ରୋଡ୍ରିଗୁଏଜ୍ ଭିଲ୍ଲାଲୋବସ୍, ଗୁଇସେଲେ ମୋଣ୍ଟେସେରାଟ୍ ବ୍ଲାଙ୍କୋ ଲୋବୋ, ଫ୍ରାନ୍ସିସ୍କୋ ଆଜୋଫେଇଫା କାସ୍କାଣ୍ଟେ ୨୦୦୪, ଡାଇଭରସିଟି ମେକ୍‌ସ ଦି ଡିଫରେନ୍ସ, ଆକ୍ସନ ଟୁ ଗାରେଣ୍ଟି ଜେଣ୍ଡର ଇକ୍ୱାଲିଟି ଇନ୍ ଦି ଆପ୍ଲିକେସନ୍ ଅଫ୍ ଦି କନ୍‌ଭେନ୍‌ସନ୍ ଅନ୍ ବାୟୋଲୋଜିକାଲ୍ ଡାଇଭରସିଟି, ଆ.ୟୁ.ସି.ଏନ୍

# ମଡ୍ୟୁଲ ୯

# ଆଦିମ ଅଧିବାସୀ, ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ

## ଉଦ୍ଦେଶ୍ୟ ସମୂହ

୧. ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କ ପାରଂପରିକ ଜ୍ଞାନ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ କୁ ବୁଝିବା

୨. ଜଳବାୟୁ ପରିବର୍ତ୍ତନର ସାଂପ୍ରତିକ ନୀତି ନୀୟମ ଏବଂ କାର୍ଯ୍ୟକ୍ରମ ବିଷୟରେ ଆଦିମ ଅଧିବାସୀ ମାନଙ୍କ ଜ୍ଞାନକୁ ସମୃଦ୍ଧ କରିବା

୩. ଜଙ୍ଗଲ, ଜୈବ ବିବିଧତା ଏବଂ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ ( ଆର୍.ଇ.ଡି.ଡି +) ପ୍ରକ୍ରିୟାକୁ ବୁଝିବା

୪. ଜଳବାୟୁ ପରିବର୍ତ୍ତନ ଜନିତ ପ୍ରତିକୂଳ ଅବସ୍ଥା ଦ୍ୱାରା ଜୈବ ବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କ ସୁରକ୍ଷା ନିମନ୍ତ ଉପଯୁକ୍ତ ନୀୟମ ଏବଂ କାର୍ଯ୍ୟଯୋଜନା ପ୍ରସ୍ତୁତିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଆଦିବାସୀ ମାନଙ୍କୁ ଉତ୍ସାହିତ କରିବା ।

## ତାଲିମ୍ ସାମଗ୍ରୀ

- ଜଳବାୟୁ ପରିବର୍ତ୍ତନ ଏବଂ ଆଦିମ ଅଧିବାସୀ ମାର୍ଗଦର୍ଶିକା
- ଆଦିମ ଅଧିବାସୀ, ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ - ପାୱାରପଏଣ୍ଟ ଉପସ୍ଥାପନା
- ଚଳଚ୍ଚିତ୍ର – ଫେଭର୍ /ଫାଇବର୍
- ବିକାଶଶୀଳ ଦେଶଗୁଡିକରେ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ କରିବା ( ଆର୍.ଇ.ଡି.ଡି)
- ଆଦିମ ଅଧିବାସୀଙ୍କ ପାଇଁ ମାର୍ଗଦର୍ଶିକା
- ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆଇ.ଆଇ.ପି.ଏଫ୍.ସି.ସି ନୀୟମାବଳୀ
- ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ତର ମେରୁ, କ୍ଷୁଦ୍ର ଦ୍ୱୀପପୁଞ୍ଜ ବହୁଳ ଦେଶ ଏବଂ ସମୁଦ୍ରପତ୍ତନରୁ ଉଚ୍ଚରେ ଥିବା ଦେଶ ଗୁଡିକର ଅଧିକ ଅସୁରକ୍ଷିତ ଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ବିବରଣୀ, କାରଣ ଓ ନିରାକରଣକୁ ପ୍ରାଧାନ୍ୟ ଦେଇ ପ୍ରସ୍ତୁତ ବିବରଣୀ ।

## ସମୟ

୩ ଘଣ୍ଟା

## କାର୍ଯ୍ୟକ୍ରମ

–



### ପ୍ରୟୋଗ – ୧

ଚଳଚ୍ଚିତ୍ର ପ୍ରଦର୍ଶନ (୩୦ ମିନିଟ)

ଜଳବାୟୁ ପରିବର୍ତ୍ତନ ଏବଂ ଆଦିମ ଅଧିବାସୀ ମାନଙ୍କର ଉଦ୍‌ବିଗ୍ନତାକୁ ନେଇ ଅଂଶଗ୍ରହଣକାରୀ ମାନଙ୍କର ବୁଝାମଣାକୁ ଉଜ୍ଜିବିତ କରିବା

୧ – ଆଦିମ ଅଧିବାସୀ ଏବଂ ଜଳବାୟୁ ପରିବର୍ତ୍ତନ ସଂପର୍କିତ ଫେଭର/ଫାଇବର ଚଳଚ୍ଚିତ୍ର ପ୍ରଦର୍ଶନ

୨- ଅଂଶଗ୍ରହଣକାରୀ ମାନଙ୍କୁ ସେହି ଚଳଚିତ୍ର ସଂପର୍କରେ ନିଜର ପ୍ରତିକ୍ରିୟା ରଖିବାକୁ କୁହନ୍ତୁ ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ  ଜଳବାୟୁର ପରିବର୍ତ୍ତନର ପ୍ରଭାବ ଓ ଜୈବବିବିଧତା ଉପରେ ଜଳବାୟୁର ପରିବର୍ତ୍ତନର ପ୍ରଭାବ ସଂପର୍କରେ ସେମାନେ ଯାହା ଚିନ୍ତା କରୁଛନ୍ତି କୁହନ୍ତୁ ।

## ବିଷୟଗତ ଆଲୋଚନା

### ୧ - ଉପକ୍ରମ

ଜଳବାୟୁର ପରିବର୍ତ୍ତନରେ ଆଦିମ ଅଧିବାସୀଙ୍କ ଭୂମିକା ଅତି ନଗଣ୍ୟ କିନ୍ତୁ ଏହାର ପ୍ରଭାବ ଯୋଗୁଁ ସେମାନେ ସବୁଠୁ ଅଧିକ କ୍ଷତିଗ୍ରସ୍ତ । ସେମାନେ ନିଜର ପରିବେଶ ଏବଂ ଜୈବବିବିଧତାକୁ ହଜାର ହଜାର ବର୍ଷ ଧରି ସ୍ଥାୟୀ ଉପାୟରେ ପରିଚାଳନା କରିଆସୁଛନ୍ତି ଏବଂ ଏବଂ ବିଶ୍ୱ ଉତ୍ତାପ ଏବଂ ଜଳବାୟୁର ପରିବର୍ତ୍ତନର କାରଣ ସାଜିଥିବା ଅଙ୍ଗାରକାମ୍ଳ ନିର୍ଗମନରେ ସେମାନଙ୍କ ଭୂମିକା ଅତି ନଗଣ୍ୟ ।

ତଥାପି କ୍ଷୀଣସ୍ଥାୟୀ ଅଧୁରଦର୍ଶୀ ବିକାଶ ପ୍ରକ୍ରିୟା ଦ୍ୱାରା ହେଉଥିବା ଜଳବାୟୁ ବିପର୍ଯ୍ୟୟ ଆଦିମ ଅଧିବାସୀ ମାନଙ୍କୁ ଅତି ଦୟନୀୟ ଭାବେ କ୍ଷତିଗ୍ରସ୍ତ କରୁଛି । ସେମାନଙ୍କର ସଂସ୍କୃତି, ମାନବିକ ଏବଂ ପାରିବେଶିକ ସ୍ୱାସ୍ଥ୍ୟ, ମାନବ ଅଧିକାର, ଚଳଣିର ସୁସ୍ଥତା, ପାରଂପରିକ ଜୀବିକା, ଖାଦ୍ୟ ବ୍ୟବସ୍ଥା ଓ ଖାଦ୍ୟ ସାର୍ବଭୌମତ୍ୱ, ସ୍ଥାନୀୟ ଭିତ୍ତିଭୂମି, ଅର୍ଥନୈତିକ ବ୍ୟବସ୍ଥା ଏବଂ ଆଦିମ ଅଧିବାସୀ ଭାବରେ ଚଳିବାର ସମସ୍ତ ସାଧନକୁ କ୍ଷତିଗ୍ରସ୍ତ କରୁଛି ।

ଜଳବାୟୁର ପରିବର୍ତ୍ତନ ହେଉଛି ବିଶ୍ୱ ପୁଞ୍ଜିବାଦର ଅସ୍ଥାୟୀ ଓ ଅଦୂରଦର୍ଶୀ ବିକାଶ ପ୍ରକ୍ରିୟାରୁ ସୃଷ୍ଟ ଏକ ପରିଣାମ ଏବଂ ଏହା କ୍ଷଣସ୍ଥାୟୀ ଉତ୍ପାଦନ ଓ ଉପଭୁକ୍ତି, ଅଧିକ ଆମୋଦପୂର୍ଣ୍ଣ ଜୀବନ ଏବଂ ଅଳ୍ପ କେତେକ ଧନୀରାଷ୍ଟ୍ର ଏବଂ ବହୁଦେଶୀୟ କମ୍ପାନୀ ହାତରେ ସମସ୍ତ ଧନ ଓ କ୍ଷମତା କେନ୍ଦ୍ରୀଭୁତ ରହିବା ବ୍ୟବସ୍ଥାକୁ ଦୃଢ଼ କରୁଛି ।

ଆମେ ହୃଦ୍‌ବୋଧ କରିବା ଆବଶ୍ୟକ ଯେ, ପୃଥିବୀ ମାତା କେବଳ ଏକ ଜଳବାୟୁର ପରିବର୍ତ୍ତନର ସାମୟିକ ସମସ୍ୟା ଭିତରେ ଗତି କରୁନାହିଁ ବରଂ ଜଳବାୟୁ ସଂକଟ ଭିତରେ ଗତି କରୁଛି । ଆଦିମ ଅଧିବାସୀ ମାନଙ୍କର ପୂର୍ବ ପୁରୁଷ ଏବଂ ବର୍ତ୍ତମାନ ବଂଶଧର ମାନେ ହଜାର ହଜାର ବର୍ଷ ଧରି ଜଳବାୟୁର ପରିବର୍ତ୍ତନ ସହ ତାଳ ଦେଇ ବଂଚି ଆସୁଛନ୍ତି । କିନ୍ତୁ ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନର ତୀବ୍ରତା ଏବଂ କୁ ପ୍ରକୃତି ସେମାନଙ୍କର ପ୍ରତିରୋଧ ଶକ୍ତି ଏବଂ ଗ୍ରହଣକରିବାର ସକ୍ଷମତାକୁ ବିପଦପୂର୍ଣ୍ଣ କରି ଦେଇଛି । ତେଣୁ ଜଳବାୟୁର ପରିବର୍ତ୍ତନ ସଂପର୍କରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ବେଳ ଆସିଛି ଏବଂ ଜୈବ ଉପାଦାନ ଗୁଡିକୁ ଧ୍ୱଂସ କରୁଥିବା ଏବଂ ଅପବିତ୍ର କରୁଥିବା ବ୍ୟବସ୍ଥା ଗୁଡିକୁ ଶେଷ କରିବା ଆବଶ୍ୟକ ।

### ୨ - ଜଳବାୟୁର ପରିବର୍ତ୍ତନ, ଜୈବବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଜ୍ଞାନ ମଧ୍ୟରେ ଅନ୍ତଃସଂପର୍କ

ପାରଂପରିକ ଜ୍ଞାନ ହେଲା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ବର୍ଷବର୍ଷଧରି ନିଜ ଅଭିଜ୍ଞତାରୁ ମିଳିଥିବା, ବିକଶିତ ହୋଇଥିବା ଏବଂ ବଣ୍ଟନ ହେଉଥିବା ଜ୍ଞାନ, ସୃଜନ ଏବଂ ଅଭ୍ୟାସ ସବୁ ଯାହା ସେମାନଙ୍କ ସାମାଜିକ ଢାଞ୍ଚା, ସଂସ୍କୃତି ଏବଂ ପରିବେଶରେ ଗ୍ରହଣୀୟ ହୋଇସାରିଛି । ଏହି ସବୁ ଜ୍ଞାନ ଗୁଡିକ ହେଲା ସାମୁହିକ ଜ୍ଞାନ । ଏହି ଜ୍ଞାନ ଗୁଡିକ ପୁଣି ବାସ୍ତବିକତାରେ ସମୃଦ୍ଧ ଏବଂ ପାରଂପରିକ ଜୀବିକା, ସ୍ୱାସ୍ଥ୍ୟ, ଔଷଧ, ଫସଲ, ପାଗ ପରିସ୍ଥିତି, ପାରିବେଶିକ ଏବଂ ଜଳବାୟୁ ପରିସ୍ଥିତିଏବଂ ପରିବେଶ ପରିଚାଳନାରେ ପ୍ରତିଫଳିତ ।

ଜଳବାୟୁର ପରିବର୍ତ୍ତନ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଜୈବବିବିଧତା ଏବଂ ସେ ସଂପର୍କିତ ଜ୍ଞାନ, ସୃଜନ ଏବଂ ଅଭ୍ୟାସ ଉପରେ କ୍ଷତିକାରକ ପ୍ରଭାବ ପକାଇଛି । ପାରଂପରିକ ଜ୍ଞାନ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସଂସ୍କୃତି, ସାମାଜିକ ଢାଞ୍ଚା, ଅର୍ଥନୀତି, ଜୀବିକା, ବିଶ୍ୱାସ, ପ୍ରଥା, କୌଳିକ ନୀୟମ, ସ୍ୱାସ୍ଥ୍ୟ ଏବଂ ସ୍ଥାନୀୟ ପରିବେଶ ସହ

ସେମାନଙ୍କର ସଂପର୍କ ଏକ ଅବିଚ୍ଛେଦ୍ୟ ଅଂଗ । ଏହା ସେମାନଙ୍କର ଜୈବବିବିଧତା ଏବଂ ସ୍ଥାୟୀ ବିକାଶ ସଂପର୍କିତ ଜ୍ଞାନ, ସୃଜନ, ଏବଂ ଅଭ୍ୟାସକୁ ସମୃଦ୍ଧ କରୁଥିବା ଉପାଦାନ ସମୂହ ।

ଜୈବବିବିଧତା ସମ୍ମିଳନୀ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ସଂପର୍କରେ ଏହି ନୀୟମ ଗୁଡିକୁ ସ୍ୱିକୃତି ପ୍ରଦାନ କରିଛନ୍ତି ।

- ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ହାନୀର ଦ୍ୱିତୀୟ କାରଣ
- ଜୈବବିବିଧତା ପରିଚାଳନା ଜଳବାୟୁ ପରିବର୍ତ୍ତନକୁ ରୋକି ପାରିବ ଏବଂ ମରୁଭୂମିକରଣର ପ୍ରତିରୋଧ କରିପାରିବ ।

ସି.ବି.ଡି ଅନ୍ତର୍ଭୁକ୍ତ ରାଷ୍ଟ୍ର ଗୁଡିକ ପୃଥିବୀର ଜୈବବିବିଧତା ସୁରକ୍ଷା ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିରୋଧ କରିବା ଏବଂ କମ୍ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ମାନ ଗ୍ରହଣ କରିବାକୁ ବାଧ୍ୟତ ଅଟନ୍ତି । ପକ୍ଷ ଗୁଡିକ ମଧ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପାରଂପରିକ ଜ୍ଞାନ ଗୁଡିକର ସମ୍ମାନ ଦେବା, ସଂରକ୍ଷଣ କରିବା ଏବଂ ପରିଚାଳନା କରିବା ନିମନ୍ତେ ବାଧ୍ୟତ ଅଟନ୍ତି । ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପାରଂପରିକ ଜ୍ଞାନ, ସୃଜନ ଏବଂ ଅଭ୍ୟାସ ଗୁଡିକ ଜଳବାୟୁ ପରିବର୍ତ୍ତନ ରୋକିବାରେ ଅତି ମୂଲ୍ୟବାନ ବୋଲି ସର୍ବ ସ୍ୱିକୃତ ।

## ୩ – ଜୈବବିବିଧତା ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କଣ ?

ଜଳବାୟୁ ପରିବର୍ତ୍ତନର ଆନ୍ତଃ ସରକାରୀୟ ପ୍ୟାନେଲ ବା ( ଆ.ପି.ସି.ସି ) କାର୍ଯ୍ୟକାରୀ ଦଳ ଜଳବାୟୁ ପରିବର୍ତ୍ତନ ଧାରା ର ନିମ୍ନ ପରିଣାମ ଏବଂ ଭବିଷ୍ୟତ ଦିଗ ଗୁଡିକ ସଂପର୍କରେ ଭବିଷ୍ୟତ ବାଣୀ କରିଛନ୍ତି ।

- ଅଧିକାଂଶ ଭୁପୃଷ୍ଠ ଅଂଚଳରେ ଅଧିକ ଗରମ ଏବଂ ଅଳ୍ପ ଥଣ୍ଡା ଅନୁଭୂତ ହେବ ।
- ଅଧିକାଂଶ ଭୁପୃଷ୍ଠ ଅଂଚଳରେ ଲଗାତର ଦିନରାତି ଅଧିକ ଗରମ ଅନୁଭୂତ ହେବ ।
- ଅଧିକାଂଶ ଭୁପୃଷ୍ଠ ଅଂଚଳରେ ଉତ୍ତପ୍ତ ପ୍ରବାହର ମାତ୍ରା ଅଧିକରୁ ଅଧିକ ହେବ ।
- ଅଧିକାଂଶ ଅଂଚଳରେ ଅଧଃକ୍ଷେପଣ ଘଟଣା ମାନ ଘଟିବ, ଅନୀୟମିତ ଭାବେ ବର୍ଷା ହେବ ।
- ଅଧିକାଂଶ ଅଂଚଳ ମରୁଡି ପ୍ରବଣ ହେବ ।
- ଭୟାବହ ବାତ୍ୟା ଦେଖାଦେବ
- ସମୁଦ୍ରରେ ଉଚ୍ଚା ଜୁଆର ଆସିବ ଏବଂ ସୁନାମୀ ସୃଷ୍ଟି ହେବ ।

ଏହି ପରିବର୍ତ୍ତନ ଜୈବବିବିଧତା ଉପରେ ଭୟାବହ ପ୍ରଭାବ ପକାଇବ । ଆ.ପି.ସି.ସି ଅନୁସାରେ ଯଦି ବିଶ୍ୱ ତାପମାତ୍ରା ୧.୫ ରୁ ୨ ଡିଗ୍ରି ସେଲ୍‌ସିୟସ ବୃଦ୍ଧି ପାଏ ତାହେଲେ ୨୦ରୁ ୩୦ ପ୍ରତିଶତ ବୃକ୍ଷପ୍ରଜାତି ଏବଂ ପଶୁ ପ୍ରଜାତି ଲୋପ ପାଇଯିବାର ସମ୍ଭାବନା ରହିଛି । ଶତାବ୍ଦୀର ପର୍ଯ୍ୟାବରଣ ଆକଳନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦଶଲକ୍ଷ ପ୍ରଜାତି ଲୋପ ପାଇଯିବାର ଆଶଙ୍କା ଦେଖାଦେଇଛି ।

ଯଦିଓ ସମସ୍ତ ପର୍ଯ୍ୟାବରଣ ( ପ୍ରବାଳ ଶ୍ରେଣୀ, ହେନ୍ତାଳ ବଣ, ଉଚ୍ଚ ପାର୍ବତ୍ୟ ପର୍ଯ୍ୟାବରଣ, ଚାରଣଭୂମି, ମେରୁ ଅଂଚଳର ବରଫାବୃତ୍ତ ପର୍ଯ୍ୟାବରଣ) ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅସୁରକ୍ଷିତ ତେବେ ସେଗୁଡିକ ଭିନ୍ନ ଭିନ୍ନ ଭାବେ ପ୍ରତିକ୍ରିୟା ଦେଖାଇଥାନ୍ତି । ଅଧିକ ଦିନ ବଂଚୁଥିବା ବୃକ୍ଷ ପ୍ରଜାତି ଗୁଡିକ ପରି କେତେକ ଅତି ଧିର ପ୍ରତିକ୍ରିୟା ଦେଖାଇଥାନ୍ତି ଏବଂ ପ୍ରବାଳ ଶ୍ରେଣୀ ପରି କେତେକ ଦୃତ ପ୍ରତିକ୍ରିୟା ଦେଖଅଇଥାନ୍ତି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ପର୍ଯ୍ୟାବରଣର ଗଠନ ପ୍ରଣାଳୀର କାର୍ଯ୍ୟ, ରୂପ, ଗଠନ ଏବଂ ଢାଞ୍ଚାରେ ପଡିବା ଆରମ୍ଭ ହୋଇସାରିଲାଣି । ଉଦାହରଣ ସ୍ୱରୂପ ମେରୁ ଅଂଚଳରେ ବରଫ ସ୍ତର କମିବା, ପ୍ରବାଳ ଶ୍ରେଣୀ ଗୁଡିକ ଧଳାପାଲଟିଯିବା, ସନ୍ତସନ୍ତିଆ ଅଂଚଳ ଗୁଡିକରେ ଲବଣାଂଶ ବୃଦ୍ଧି ଏବଂ ଲୁଣା ମାଡିଯିବା ଆଦି ପରିବର୍ତ୍ତନ ଦେଖାଦେଲାଣି ।

ପ୍ରାକୃତିକ ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁଁ ଜୀବସତ୍ତା ଗୁଡିକ ମଧ୍ୟରେ ସଂପର୍କ ପ୍ରଭାବିତ ହେବା ସହ ପରିବେଶ ସନ୍ତୁଳନ ଏବଂ ସେବାକୁ ବ୍ୟାଘାତ କରୁଛି । ଜଳବାୟୁ ପରିବର୍ତ୍ତନ ଜୀବସତ୍ତା ଗୁଡିକୁ ଗ୍ରହଣ କରିବାକୁ ବା ସ୍ଥାନାନ୍ତର ହେବାକୁ ବାଧ କରୁଛି । ଏହାଦ୍ୱାରା ନୂଆ ସୃଷ୍ଟି ହେଉଛି ଏବଂ ପରିସ୍ଥିତିକୁ ଗ୍ରହଣ କରି ନପାରି ବା ବାସସ୍ଥାନର ବିଭାଜନ ଯୋଗୁଁ ପ୍ରଜାତି ଗୁଡିକ ଲୋପ ପାଉଛି । ଏହା ମଧ ବିଭିନ୍ନ ଜାତିର ପର୍ଯ୍ୟାବରଣର କାର୍ଯ୍ୟକୁ ପ୍ରଭାବିତ କରୁଛି ।

ଆଦିମ ଅଧିବାସୀ ମାନଙ୍କ ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଗୁଡିକ ହେଉଛି

- ପ୍ରବଳ ବନ୍ୟା, ପ୍ରଚଣ୍ଡ ଝଡ, ବାତ୍ୟା, ତୋଫାନ ଏବଂ ପବନ ବଯ୍ୟାର ଦ୍ୱାରା ଗୃହ ଏବଂ ଭିତ୍ତିଭୂମୀ ( ପୋଲ, ରାସ୍ତା, ବିଦ୍ୟୁ ଯୋଗାଣ ବ୍ୟବସ୍ଥା, ନଦୀବନ୍ଧ, ଖଣି ଖନନ ), ଜଙ୍ଗଲ, ଚାଷଜମି, ଫସଲ, ଗୃହପାଳିତ ପଶୁଜନ୍ତୁ, ସାମୁଦ୍ରିକ ଏବଂ ଉପକୂଳ ସଂପଦର ବ୍ୟାପକ ଧ୍ୱଂସ ସାଧନ ।
- ପ୍ରବଳ ଭୂ ସ୍ଖଳନ, ସ୍ୱଚ୍ଛ ଜଳ ଯୋଗାଣ ବ୍ୟବସ୍ଥା, ରୋଗସୃଷ୍ଟିକାରୀ ଜୀବାଣୁ ବୃଦ୍ଧି ଏବଂ ରୋଗ ବାହକ ତତ୍ତ୍ୱ ଗୁଡିକ ବୃଦ୍ଧି, ବିଦ୍ୟୁତ ଉତ୍ପାଦନ ହ୍ରାସ ଇତ୍ୟାଦି
- ଏହାର ମାନବିକ ପ୍ରଭାବ ହେଲା, ବନ୍ୟା ଏବଂ ଭୂସଂଖଳନ ଯୋଗୁଁ ସେମାନଙ୍କର ଫସଲ ବ୍ୟବସାୟ, ଗୃହପାଳିତ ପଶୁପକ୍ଷୀ, ସାମୁଦ୍ରିକ ଏବଂ ଉପକୂଳ ଜୀବିକାରେ ପ୍ରତିବନ୍ଧକ, ପୈତୃକ ସଂପତ୍ତିର ନଷ୍ଟ ଏବଂ କ୍ଷତି, ସମ୍ବଳ ଏବଂ ଘରଦ୍ୱାରା ନଷ୍ଟ, ଖାଦ୍ୟ ଅସୁରକ୍ଷିତତା ଏବଂ ଅନାହାର ( ଫସଲ ଧ୍ୱଂସ, ପ୍ରବାଳ ଶ୍ରେଣୀର ଧ୍ୱଂସ, ହେନ୍ତାଳବଣର ବିଲୁପ୍ତି, ସ୍ଥାନୀୟ ମାଛ ପ୍ରଜାତି ଗୁଡିକର ପ୍ରଜନନ କ୍ଷମତା ହ୍ରାସ ଏବଂ ବିଲୁପ୍ତି, ଗୃହପାଳିତ ପଶୁପକ୍ଷୀନଷ୍ଟ ଏବଂ କମିଯିବା ), ସ୍ୱଚ୍ଛ ପାଣିର ଅଭାବ, ଶକ୍ତି ର ଅସୁରକ୍ଷିତତା, ସଂକ୍ରାମକ ରୋଗ ଗୁଡିକ ଦ୍ୱାରା ଆକ୍ରାନ୍ତ ହେବା ଏବଂ ହଇଜା ଆଦି ବଢିବା ।
- ନୀୟମିତ ମରୁଡି ଏବଂ ବନ୍ୟା ଯୋଗୁଁ ଆଦିବାସୀ ମାନଙ୍କୁ ସ୍ଥାୟୀ ଖାଦ୍ୟ ଯୋଗାଉଥିବା ଏବଂ ସେମାନଙ୍କ ପର୍ବପର୍ବାଣୀରେ ବ୍ୟବହୃତ ହେଉଥିବା ଗଛ ଓ ପଶୁ ପ୍ରଜାତି ଗୁଡିକ ଲୋପ ପାଇଯିବା
- ଅତ୍ୟଧିକ ଅସହଣୀୟ ଥଣ୍ଡା ଏବଂ ପରିବେଶରେ ଆର୍ଦ୍ରତାବୃଦ୍ଧି ନାନା ସ୍ୱାସ୍ଥ୍ୟଗତ ସମସ୍ୟା ବିଶେଷ କରି ପିଲା ଏବଂ ବୃଦ୍ଧ ବୟସର ଲୋକମାନଙ୍କୁ ଆକ୍ରମଣ କରୁଥିବା ରୋଗ ଯଥା – ଥଣ୍ଡା, ଶ୍ୱାସନଳୀ ସଂକ୍ରମଣ ଏବଂ ଫୁସ୍‌ଫୁସ୍ ସଂକ୍ରମଣ ରୋଗ ସୃଷ୍ଟି କରିବ ।

- ଜଳସ୍ତର ହ୍ରାସ, ମରୁଡି, ଜମି ମରୁଭୂମୀ ପାଲଟିଯିବା ଏବଂ ଲୁଣାପାଲଟିଯିବା ଆଦି ଅଧିକ ଅନାହାର ଏବଂ ଦାରିଦ୍ର୍ୟ ସୃଷ୍ଟି କରିବ । ଜଳ ଏବଂ ଖାଦ୍ୟ ଅସୁରକ୍ଷିତତା ବୃଦ୍ଧି ପାଇବ ।
- ପର୍ଯ୍ୟାୟକ୍ରମିକ ଚାଷ, ଶୀକାର, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଗୋ ମେଷାଦି ପାଳନ,ଗୃହପାଳିତ ପଶୁପକ୍ଷୀ, କୃଷିରୁ ଉତ୍ପାଦନ, ସାମୁଦ୍ରି ଓ ଉପକୂଳରେ ମାଛଧରା, ନଦୀ ନାଳ ଓ ଝରଣାରେ ମାଛଧରା, ଚାଷଜମିରେ ବନୀକରଣରୁ ଜୀବିକା ଆଦି ବିଭିନ୍ନ ଜୀବିକା ଉତ୍ସ ଗୁଡିକ ଜଳବାୟୁ ପରିବର୍ତ୍ତନ ଯୋଗୁଁ କ୍ଷତିଗ୍ରସ୍ତ ହେବ ।
- ପାରଂପରିକ ଜୀବିକା ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ଯୋଗୁଁ  ସେ ସଂପର୍କିତ ଜୀବିକା ସାଧନ ଏବଂ ସଂରକ୍ଷଣ ପାଇଁ ଥିବା ପାରଂପରିକ ଜ୍ଞାନ, ସୃଜନ ଏବଂ ପ୍ରଥାର କ୍ଷତି ହେବ
- ରାଜସ୍ୱ ହାନୀ, ଆର୍ଥିକ ସୁଯୋଗ ଏବଂ ପାରଂପରିକ ସଂସ୍କୃତିର କ୍ଷତି ଆଦିମ ଅଧିବାସୀ ମାନଙ୍କ ଉପରେ ସାମାଜିକ ଓ ସାଂସ୍କୃତିକ ଚାପ ସୃଷ୍ଟି କରିବ । ଆଦିମ ଅଧିବାସୀ ଯୁବଗୋଷ୍ଠୀ କାମ ଓ ରୋଜଗାର ଅନ୍ୱେଷଣରେ ଦେଶାନ୍ତର ହେଉଛନ୍ତି କାରଣ ସେମାନଙ୍କ ନିଜ ଅଂଚଳରେ ଜୀବିକା ଅର୍ଜନ ପନ୍ଥା ଗୁଡିକ ଲୋପ ପାଇ ଚାଲିଛି, ତେବେ ଏହାଦ୍ୱାରା ଆଦିବାସୀ ଅର୍ଥନୀତି ଏବଂ ସଂସ୍କୃତିର ଅଧୋପତନ ହେବ ।
- ଆଦିମ ଅଧିବାସୀ ପାରିବେଶିକ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବ କାରଣ ସେମାନଙ୍କ ଜମି ସବୁ ଜଳମଗ୍ନ ହେବା ବା ଭୂସ୍ଖଳନ ଯୋଗୁଁ ପୋତି ହେବାଦ୍ୱାରା ଜୀବିକାର୍ଜନ ଏବଂ ବାସଚ୍ୟୁତ ହୋଇ ସେମାନେ ଅନ୍ୟ ସ୍ଥାନରେ ମୁଣ୍ଡ ଗୁଞ୍ଜିବେ ।
- ଆଦିମ ଅଧିବାସୀ ମହିଳାମାନେ ବିହନ ସଂରକ୍ଷକ, ଜଳ ସଂଗ୍ରାହକ, ସଂସ୍କୃତି ଓ ଭାଷାର ବାହକ ଆଦି ହିସାବରେ ରଖିଥିବା ସାମର୍ଥ୍ୟ ଗୁଡିକ ଲୋପପାଇଯିବ ।
- ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ପ୍ରଜାତି ଗୁଡିକ ଲୋପପାଇଯିବା ବା ଅନ୍ୟତ୍ର ଚାଲିଯିବା ଦ୍ୱାରା ଗୋଷ୍ଠୀର ବୟୋଜ୍ୟେଷ୍ଠ ମାନେ ସେସବୁକୁ ନେଇ ଆହରଣ କରିଥିବା ପାରଂପରିକ ଜ୍ଞାନ ଓ ଅଭ୍ୟାସ ପରବର୍ତ୍ତୀ ବଂଶଧର ମାନଙ୍କ ପାଖକୁ ପରିବର୍ତ୍ତିତ କରିବାରେ ସମସ୍ୟା ଦେଖାଦେବ ।

**୪ - ଜୈବବିବିଧତା ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଆଦିମ ଅଧିବାସୀ ମାନଙ୍କ ପାରଂପରିକ ଜ୍ଞାନକୁ କାହିଁକି ଅଧିକ ଗୁରୁତ୍ୱ ଦିଆଯାଉଛି ।**

ପାରଂପରିକ ଜ୍ଞାନ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସଂସ୍କୃତି, ସାମାଜିକ ଢାଞ୍ଚା, ଆର୍ଥିକ ବ୍ୟବସ୍ଥା, ଜୀବିକା, ବିଶ୍ୱାସ, ପରଂପରା, ପ୍ରଥା, କୌଳିକ ନୀୟମ, ସ୍ୱାସ୍ଥ୍ୟ ଏବଂ ସ୍ଥାନୀୟ ପରିବେଶ ସହ ସେମାନଙ୍କର ସଂପର୍କର ଏକ ଅବିଚ୍ଛେଦ୍ୟ ଅଂଗ । ଏହା ସେହି ସବୁ ଉପାଦାନ ଗୁଡିକର ସମାହାର ଯାହା ସେମାନଙ୍କ ଜ୍ଞାନ, ସୃଜନ ଏବଂ ଅଭ୍ୟାସ ଗୁଡିକୁ ଜୈବବିବିଧତା ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରେରିତ କରିଥାଏ । ( ୟୁ.ଏନ୍.ପି.ଏଫ୍.ଆଇ.ଆଇ ୨୦୦୮, ୫)

ଆଦିମ ଅଧିବାସୀ ମାନେ ସ୍ଥାୟୀଭାବରେ ପରିବେଶକୁ ପରିଚାଳନା କରୁଥିବା ବହୁ ପ୍ରମାଣିତ । ଜୈବବିବିଧତାର ଯତ୍ନ ଓ ପରିଚାଳନାକୁ ସେମାନେ ନିଜର ଦାୟିତ୍ୱ ବୋଲି ବିଚାର କରିଥାନ୍ତି । ସେମାନଙ୍କର ପାରଂପରିକ ବିଶ୍ୱ ଦୃଷ୍ଟିଭଙ୍ଗୀ ଅନୁସାରେ ପଶୁପୋକ୍ଷୀ, ଗଛ ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉପାଦାନ ସେମାନଙ୍କର ବଂଧୁ ବା ଧାର୍ମିକ ସତ୍ୱ । ଲୋକମାନେ ତାହା ଉପରେ ପାରସ୍ପରିକ ଭାବେ ନିର୍ଭରଶୀଳ, ତାର ଦାବୀ ଅନୁସାରେ ଯତ୍ନ ନେଲେ ସେ ତାର ପ୍ରତିବଦଳରେ ସୁଫଳ ଦେବ ।

ଟୋଲେଡୋ କହିଛନ୍ତି ଯେ, ଜୈବବିବିଧତା ସଂରକ୍ଷଣ, କ୍ଷେତ୍ରର ବୈଜ୍ଞାନିକ ମାନେ ଭାଷା ଏବଂ ସାଂପ୍ରତିକ ସଂସ୍କୃତିର ନୃତତ୍ତ୍ୱ, ନୃ – ଜୈବବିଜ୍ଞାନ, ନୃ- ପରିବେଶ ବିଜ୍ଞାନ ଆଦି ଏକ ଅଂସଗ୍ରହଣ ନୀୟମାବଳୀରେ ଏକତ୍ରୀ କରଣରୁ ସୃଷ୍ଟି ହୋଇଛି । ସାଂସ୍କୃତିକ ବିବିଧତା ଗୁଡିକୁ ସଂରକ୍ଷିତ କରାଯାଇପାରିଲେ ବିଶ୍ୱର ଜୈବବିବିଧତା ସଠିକ୍ ଭାବେ ସଂରକ୍ଷିତ ହୋଇପାରିବ ଏବଂ ବିଶ୍ୱର ଜୈବବିବିଧତା ସଠିକ୍ ଭାବେ ସଂରକ୍ଷିତ ହୋଇପାରିଲେ ସାଂସ୍କୃତିକ ବିବିଧତା ଗୁଡିକୁ ସଂରକ୍ଷିତ କରାଯାଇପାରିବ । ଚାରିଟି ପ୍ରମାଣ ଏହି ସାଧାରଣ ବକ୍ତବ୍ୟକୁ ପରିପୃଷ୍ଟ କରୁଛି ।

- ବିଶ୍ୱର ସର୍ବାଧିକ ଜୈବବିବିଧତା ପରିପୂର୍ଣ୍ଣ ଅଂଚଳରେ ଅଧିକ ଭାଷା ବିବିଧତା ଭରି ରହିଛି ।
- ବିଶ୍ୱର ସର୍ବାଧିକ ସମୃଦ୍ଧ ଜୈବବିବିଧତା ପରିପୂର୍ଣ୍ଣ ଅଂଚଳ ହେଉଛି ଆଦିମ ଅଧିବାସୀ ଅଂଚଳ
- ପ୍ରାକୃତିକ ଆବାସସ୍ଥଳି ଗୁଡିକର ମୂଖ୍ୟ ପରିଚାଳକ ଏବଂ ନିର୍ଭରଶୀଳ ହିସାବରେ ଭଲ ଭାବେ ସଂରକ୍ଷିତ କରି ରଖିବା ଦିଗରେ ଆଦିମ ଅଧିବାସୀ ମାନଙ୍କ ପ୍ରାଧାନ୍ୟ ସ୍ୱିକୃତ
- ଆଦିମ ଅଧିବାସୀ ମାନଙ୍କ ମଧରେ ସଂରକ୍ଷଣ ମୂଲ୍ୟବୋଧ ଏବଂ ଆଚରଣକୁ ସ୍ୱକୃତି ଆଧୁନିକତାର ବହୁପୂର୍ବରୁ ସେମାନଙ୍କ ବିଶ୍ୱାସ ଏବଂ ଅଭ୍ୟାସରେ ରହିଛି ।

ଜୈବବିବିଧତାର ତତ୍ତ୍ୱାବଧାରକ ହିସାବରେ ନାନା ଉପଶମ ଏବଂ ସୁରକ୍ଷା ପ୍ରଚେଷ୍ଟାରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସ୍ୱତନ୍ତ୍ର ଅବଦାନ ରହିଛି । କେତେକ ଉପଶମ ବ୍ୟବସ୍ଥା ହେଲା, ଜୈବଜାଳେଣୀ ଗୁଡିକ ପ୍ରତ୍ୟକ୍ଷ ବା ପରୋକ୍ଷ ଦୃଷ୍ଟିରୁ ଆପତ୍ତିଜନକ ଭାବେ ଗ୍ରହଣ କରାଯାଏ । ଏକକ ଫସଲ ଚାଷର ପ୍ରସାର ଏବଂ ତତ୍ ସଂପର୍କିତ ବ୍ୟବସ୍ଥା ଗୁଡିକ ଦ୍ୱାରା ଜୈବବିବିଧତା ଏବଂ ଖାଦ୍ୟ ସୁରକ୍ଷାରେ ହ୍ରାସ ଘଟୁଛି । ରାଜ୍ୟ ଗୁଡିକ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ବା ଯୋଜନା ଗୁଡିକ ଯେପରି ଅସୁରକ୍ଷିତ ଗୋଷ୍ଠୀକୁ ପ୍ରଭାବିତ କରିବନାହିଁ ସେଥିପାଇଁ ବ୍ୟବସ୍ଥାରେ ଆଦିମ ଅଧିବାସୀ ମାନଙ୍କର ସକ୍ରିୟ ସଂପୃକ୍ତି ଅତି ଜରୁରୀ ।

## ୫ – ଜୈବବିବିଧତାର ଜଳବାୟୁ ପରିବର୍ତ୍ତନକୁ ଆଦିମ ଅଧିବାସୀ ମାନେ କିପରି ପ୍ରତିକାର କରୁଛନ୍ତି

ପୃଥିବୀ ଇତିହାସରେ ପୂର୍ବତନ ଜଳବାୟୁ ପରିବର୍ତ୍ତନ ଗୁଡିକୁ ଜୈବବିବିଧତା ଗ୍ରହଣ କରିନେଇଛି । ତେବେ ବର୍ତ୍ତମାନ ଦେଖାଦେଇଥିବା ଭିନ୍ନତା ହେଉଛି ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନକୁ ଜୈବବିବିଧତା ଗ୍ରହଣ କରିନେବା ଦିଗରେ କଷ୍ଟର ଦୁଇଟି ପ୍ରମୁଖ କାରଣ ହେଉଛି –

- ଜଳବାୟୁର ଦୃତ ପରିବର୍ତ୍ତନ ଘଟୁଛି
- ପ୍ରାକୃତିକ ଆବାସସ୍ଥଳି ଗୁଡିକର ବହୁଳଭାବେ ଅବକ୍ଷୟ ପ୍ରାକୃତିକ ଗ୍ରହଣୀୟତାର ସୁଯୋଗ ଗୁଡିକୁ ହ୍ରାସ କରିଛି । ଉଦାହରଣ ସ୍ୱରୂପ ଯଦି ଏକ ଜଙ୍ଗଲକୁ ଫାଙ୍କା ପଡିଆ ବା ସହରୀ ମେଲା ସ୍ଥାନ ଘେରି ରହିଥାଏ ତାହେଲେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସେମାନଙ୍କ ମୂଳ ସ୍ଥାନରେ ରହିବା ଅସମ୍ଭବ ହେଲେ ଅଧିକାଂଶ ପଶୁପକ୍ଷୀ ସେମାନଙ୍କ ବାସୋପଯୋଗୀ ସ୍ଥାନ ପାଇବା କଷ୍ଟସାଧ ହେବ ।



## ପ୍ରୟୋଗ – ୨

ଅନୁଭୂତି ଆଦାନପ୍ରଦାନ (୩୦ ମିନିଟ)

ଆଦିମ ଅଧିବାସୀମାନେ ନିଜ ଅଂଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କିପରି ପ୍ରତିରୋଧ କରିବାକୁ ସକ୍ଷମ ହେବେ

୧. କିଛି ବଛାବଛା ଅଂଶଗ୍ରହଣକାରୀଙ୍କୁ ସେମାନେ ନିଜ ଅଂଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କିପରି ପ୍ରତିରୋଧ କରିଛନ୍ତି ସେ ବିଷୟରେ ନିଜ ଅନୁଭୂତି ବାଣ୍ଟିବାକୁ କୁହନ୍ତୁ ।

୨. ତାଲିମ ସହାୟକ ସାରାଂଶକୁ ଉପସ୍ଥାପନ କରିବେ ଏବଂ ପରବର୍ତ୍ତୀ ବିଷୟବସ୍ତୁ ସହ ଯୋଡିବେ

ପରିବେଶର ସ୍ଥାୟିତ୍ୱ ଏବଂ ପରିଚାଳନା ପାଇଁ ପାରଂପରିକ ଜ୍ଞାନ ଏବଂ ଅଭ୍ୟାସ ଗୁଡିକ ଅଧିକ ଗୁରୁତ୍ୱପୂର୍ଣ୍ଣ । ଜୈବବିବିଧତାର ରୋଷ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସାମ୍ନା କରିବା ପାଇଁ ଆଦିମ ଅଧିବାସୀ ମାନଙ୍କୁ ଅନେକ କୌଶଳ ଜଣା । ସେସବୁ ହେଲା ସ୍ଥାନାନ୍ତର, ଜଳସେଚନ, ଜଳ ସଂରକ୍ଷଣ ପଦ୍ଧତି, ଜମି ଚାଷୋପଯୋଗୀକରଣ, କେଉଁ ଫସଲ ବା ଗଛ କେଉଁ ଉଚ୍ଚତାରେ ଲଗାଯିବ, ଜୀବିକା ଗ୍ରହଣ ଆଦି ବ୍ୟବସ୍ଥା ।

ତେବେ ସ୍ଥାନୀୟ ବ୍ୟବସ୍ଥା ଗୁଡିକୁ ଏକତ୍ରିତ କରିବା ଏବଂ ଅନ୍ୟାନ୍ୟ କୌଶଳ ଗ୍ରହଣ କରିବା ଆଦିକୁ ଆଦିମ ଅଧିବାସୀମାନେ ସ୍ୱିକୃତି ଦେବାର ଆବଶ୍ୟକତା ରହିଛି ଯଥା – ବିପର୍ଯ୍ୟୟ ପ୍ରସ୍ତୁତି, ଜମି ବ୍ୟବହାର ଯୋଜନା, ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପାଇଁ ଜାତୀୟ ଯୋଜନାକୁ ଗ୍ରହଣ କରିବା ଆବଶ୍ୟକ । ଏଥିସହ ପୁଞ୍ଜି, ଶ୍ରମ ଏବଂ ସମୟ ବିନିଯୋଗ କରି ଦୀର୍ଘସୂତ୍ରୀ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ପୃଥିବୀର ଅନେକ ଆଦିମ ଅଧିବାସୀ ଅଂଚଳରେ ସମ୍ବଳର ବିଶେଷ ଅଭାବ ରହିଛି ଏବଂ ଆବଶ୍ୟକୀୟ ଯାନ୍ତ୍ରିକ କୌଶଳ ଉପରେ କର୍ତ୍ତୃତ୍ୱ ନାହିଁ ।

ଜଳବାୟୁ ପରିବର୍ତ୍ତନର ପ୍ରମୁଖ ଅସୁରକ୍ଷିତ ଗୋଷ୍ଠୀ ହିସାବରେ ଆଦିମ ଅଧିବାସୀ ମାନଙ୍କୁ ପ୍ରଭାବିତ କରୁଥିବା ଜଳବାୟୁ ପରିବର୍ତ୍ତନର ପ୍ରତ୍ୟେକ କାର୍ଯ୍ୟକ୍ରମ ଏବଂ ନୀତିନିଷ୍ପତ୍ତିରେ ସେମାନଙ୍କର ସକ୍ରିୟ ଓ ଅର୍ଥପୂର୍ଣ୍ଣ ଭାଗୀଦାରିତା ରହିବାକୁ ଉଦ୍ୟମ ହେବା ଆବଶ୍ୟକ । ଆଦିମ ଅଧିବାସୀ ମାନଙ୍କ ପାଇଁ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଏବଂ ନୀତିନିଷ୍ପତ୍ତି ଗୁଡିକ ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ଆଇ.ପି )କୁ ମୌଳିକ ଆଧାର ହିସାବରେ ଗ୍ରହଣ କରି ଏବଂ ଆଦିମ ଅଧିବାସୀ ଅଧିକାର ଗୁଡିକର ସର୍ବନିମ୍ନ ଆନ୍ତର୍ଜାତୀୟ ସ୍ତରକୁ ବିଚାରକୁ ନେଇ କରାଯିବା ଉଚିତ ।

ତେବେ ଜଳବାୟୁ ପରିବର୍ତ୍ତନକୁ ରୋକିବାର ଏକ ଶ୍ରେଷ୍ଠ ଉପାୟ ହେଲା ବର୍ତ୍ତମାନ ସାରା ବିଶ୍ୱକୁ ଅଧିନ କରି ରଖିଥିବା ଅସ୍ଥାୟୀ ଉତ୍ପାଦନ ଏବଂ ଉପଭୁକ୍ତିରେ ପରିବର୍ତ୍ତନ । ଜଳବାୟୁ ପରିବର୍ତ୍ତନକୁ ରୋକିବାର ଏକ ଶ୍ରେଷ୍ଠ ଉପାୟ ମଧ୍ୟରେ ରହିଛି ସ୍ଥାୟୀ ଏବଂ କମ୍ ଅଙ୍ଗାରକ ଉତ୍ପନ୍ନ କରୁଥିବା ବିକାଶ କୌଶଳକୁ ଆପଣେଇବା ଏବଂ ବ୍ୟକ୍ତିଗତ ଓ ସାମୂହିକ ଭାବରେ ଜୀବନଶୈଳୀର ପରିବର୍ତ୍ତନ କରିବା ।

### ୬ – ଜଳବାୟୁ ପରିବର୍ତ୍ତନର ସମାଧାନ ଉପାୟ ହିସାବରେ ଜୈବବିବିଧତାକୁ କିପରି ବ୍ୟବହାର କରାଯାଇପାରିବ ?

**ଜଳବାୟୁ ପରିବର୍ତ୍ତନର ପ୍ରତିକାର -** ପୃଥିବୀର ବାୟୁମଣ୍ଡଳ ଓ ଓଜୋନ୍ ସ୍ତର ଉପରେ ପ୍ରଭାବ ପକାଉଥିବା ଅଙ୍ଗାରକାମ୍ଳ ଆଦି ଗ୍ୟାସ୍‌ର ବା ସବୁଜ ଗୃହ ଗ୍ୟାସ ନିର୍ଗମନ ହ୍ରାସ ପ୍ରକ୍ରିୟା

**ଜଳବାୟୁ ପରିବର୍ତ୍ତନର କାର୍ଯ୍ୟକ୍ରମ –** ବାସ୍ତବିକ ବା ଆନୁମାନିକ ଜଳବାୟୁ ଉତ୍ତେଜନା ଏବଂ ସେଗୁଡିକର ପ୍ରଭାବ ସହ ଖାପଖୋଇବା ପାଇଁ ନିଆଯାଉଥିବା ପାରିବେଶିକ, ସାମାଜିକ ଓ ଆର୍ଥିକ ପ୍ରକ୍ରିୟା ।

ଜୈବବିବିଧତା ଉଭୟ ଉପଶମ ଓ ଉପଯୋଗୀକରଣ କାର୍ଯ୍ୟ କରିଥାଏ । ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକାରୀତାର ଏକ ମୁଖ୍ୟ କାର୍ଯ୍ୟ ହିସାବରେ ଜୈବବିବିଧତାର ସୁକ୍ଷା କରାଯିବା ଆବଶ୍ୟକ । ଜଙ୍ଗଲ ଧ୍ୱଂସ ଏବଂ ଜଙ୍ଗଲ ଅବକ୍ଷୟ କମାଇବା ଦ୍ୱାରା ଅଙ୍ଗାରକାମ୍ଳ ଗ୍ୟାସ ବା ସବୁଜ ଗୃହ ଗ୍ୟାସ ନିର୍ଗମନ କୁ ହ୍ରାସ କରାଯାଇପାରିବ । ଏହା ଆନୁବଂଶୀୟ ସମ୍ବଳ ଗୁଡିକୁ ବଢିବା ପାଇଁ ଏକ ସୁରକ୍ଷା ବଳୟ ଯୋଗାଇବ । ଏହା ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଠାରୁ ସୁରକ୍ଷା ଦେବ ।

- ନିର୍ଗମନ ହ୍ରାସ – ଜଙ୍ଗଲ ବିଶ୍ୱର ଅର୍ଦ୍ଧାଧିକ ଅଙ୍ଗାରକକୁ ଏହାର ଗଛଲତା ଏବଂ ଜମିରେ ସଂଗୃହିତ କରି ରଖୁଛି ।
- ଜୈବବିବିଧତା ନିରାପତ୍ତା ବ୍ୟବସ୍ଥା – ଜମି ଅନୁଯାୟୀ ହେଉଥିବା କେତେକ ଫସଲ ମରୁଡି ସହଣିକ ଫସଲ ପ୍ରଜାତି ପ୍ରସ୍ତୁତି ନିମନ୍ତେ ଜିନ୍ ସାମଗ୍ରୀ ଯୋଗାଉଛନ୍ତି ।
- ଜୈବସୁରକ୍ଷା ଢାଲ – ଉପକୂଳ ସୁରକ୍ଷା ହିସାବରେ ହେନ୍ତାଳବଣର ହେକ୍ଟର ପ୍ରତି ମୂଲ୍ୟ ହେଉଛି ୨୫ ରୁ ୫୦ ଆମେରିକୀୟ ଡଲାର ।

### ୭ - ଅଂଗାରକ ବ୍ୟବସାୟ ଏବଂ ବଜାର ଭିତ୍ତିକ କୌଶଳ କଣ ?

ଜଳବାୟୁ ପରିବର୍ତ୍ତନ ସଂପର୍କରେ ଜାତିସଂଘ କାର୍ଯ୍ୟଯୋଜନା ସମ୍ମିଳନୀ (ୟୁ.ଏନ୍.ଏଫ୍.ସି.ସି.ସି ର)ର ୩ୟ ଅଧିବେଶନରେ ଗ୍ରହଣ କରାଯାଇଥିବା କ୍ୟୋଟା ପ୍ରୋଟୋକଲ୍ ଅନୁଯାୟୀ ଶିଳ୍ପସମୃଦ୍ଧ ରାଷ୍ଟ୍ର ଗୁଡିକ ସେମାନଙ୍କର ପ୍ରଦୂଷଣ ହ୍ରାସ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା ଏବଂ ସେହି ଲକ୍ଷ୍ୟରେ ସେମାନେ କିପରି ପହଞ୍ଚବେ ସେଥିପାଇଁ ସେମାନଙ୍କୁ କୋହଳମନୋଭାବ ଦେଖାଇଥାଏ ।

ସେହି ଦେଶ ଗୁଡିକ ଆଇନାନୁବନ୍ଧିତ ଲକ୍ଷ୍ୟରେ ପହଞ୍ଚିବା ପାଇଁ କୋହଳ ମନୋଭାବ ସ୍ୱରୁପ ପ୍ରୋଟୋକଲ୍‌ରେ ସୃଜନଶୀଳ କୌଶଳ ମାନ ସୃଷ୍ଟି କରାଯାଇଛି । ଏହି ତଥାକଥିତ ବଜାର ଭିତ୍ତିକ କୌଶଳ ବିକାଶଶୀଳ ପକ୍ଷ ଗୁଡିକୁ ବିକଶୀତ ରାଷ୍ଟ୍ର ବା ବିକାଶଶୀଳ ଦେଶଗୁଡିକରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ମାଧମରେ ନିର୍ଗମନ ଋଣ ବିକ୍ରିକରି ରୋଜଗାର କରିପାରିବେ, ଯାହାଫଳରେ ସେମାନେ ନିଜ ପ୍ରତିଶୃତି ପୁରଣ ପାଇଁ ଏହାକୁ ବ୍ୟବହାର କରିପାରିବେ । ସେଗୁଡିକ ହେଲା –

- ନିର୍ଗମନ ବ୍ୟବସାୟ
- ମିଳିତ କାର୍ଯ୍ୟକାରିତା
- ନିର୍ମଳ ବିକାଶ କୌଶଳ

**ନିର୍ଗମନ ବ୍ୟବସାୟ** ହେଲା ଅଙ୍ଗାରକ ନିର୍ଗମନ ବ୍ୟବସାୟ, ଯାହାକି ବଜାରରେ ଜିନିଷ ବିକ୍ରିକରିବା ପରି ବ୍ୟବସ୍ଥା। ନିର୍ଗମନ ବ୍ୟବସାୟ ମାଧମରେ ଦେଶ ଦେଶ ଗୁଡିକ ମଧରେ ନିର୍ଗମନ ଅଦଳବଦଳ କରିବାକୁ ଏହା ଅନୁମତି ଦେଇଥାଏ।

**ମିଳିତ କାର୍ଯ୍ୟକାରିତା** ହେଉଛି ଏକ କୌଶଳ ଯେଉଁଥିରେ ଏକ ବିକଶୀତ ରାଷ୍ଟ୍ର ନିର୍ଗମନ ହ୍ରାସ ବ୍ୟବସ୍ଥା ମାନ ଗ୍ରହଣ କରିବ ଯେତେବେଳେ ଏହା ଅନ୍ୟ ବିକଶୀତ ରାଷ୍ଟ୍ରରେ ମୋଟ ନିର୍ଗମନକୁ ହ୍ରାସ କରିବା ପାଇଁ ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ଦେବ। ( ଅର୍ଥନୈତିକ ପରିବର୍ତ୍ତିତ ଦେଶ ବିଶେଷ କରି ପୂର୍ବ ୟୁରୋପୀୟ ରାଷ୍ଟ୍ର ଗୁଡିକରେ )

**ନିର୍ମଳ ବିକାଶ କୌଶଳ** ବିକଶୀତ ଦେଶକୁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରିବା ବା ବିକାଶଶୀଳ ଦେଶ ଗୁଡିକରେ ଅଙ୍ଗାରକ ବାଜ୍ୟାପ୍ତିକରଣ ଦ୍ୱାରା ସବୁଜଗୃହ ଗ୍ୟାସକୁ ବନ୍ଦ କରିବା ନିମନ୍ତେ ଅନୁମତି ଦେଇଥାଏ। ଏହି ଫଳଦାୟୀ ନିର୍ଗମନ ହ୍ରାସ ସ୍ୱିକୃତି ସି.ଇ.ଆର୍ ଭାବରେ ଜଣାଶୁଣା ( ଏହା ୧ ମେଟ୍ରିକ୍ ଟନ ଅଙ୍ଗାରକାମ୍ଳ ସହ ସମାନ ) ଏଗୁଡିକ ବିକଶୀତ ରାହ୍ଟ୍ର ଗୁଡିକରେ ନିର୍ଗମନ ହ୍ରାସ ଲକ୍ଷ୍ୟ ପୁରଣ ପାଇଁ କରାଯାଇପାରେ।

ଆଦିମ ଅଧିବାସୀମାନେ ଏହି ବଜାର ଭିତ୍ତିକ କୌଶଳକୁ ସଂପୂର୍ଣ୍ଣ ବୁଝିବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏ ସପର୍କରେ ଅଧିକ ତଥ୍ୟ ପାଇଲେ ସେମାନେ ଏହାର ବିପଦ ଏବଂ ସୁଯୋଗ ଗୁଡିକୁ ତର୍ଜମା କରିପାରିବେ। ଯାହାଫଳରେ ସେମାନଙ୍କୁ ଏହି ନିର୍ଗମନର ବଜାର ଭିତ୍ତିକ କୌଶଳକୁ ଗ୍ରହଣ କରିବେ କି ନାହିଁ ସେ ନିଷ୍ପତ୍ତିନେବାକୁ ସୁଯୋଗ ମିଳିବ।

## ୮ – ଜଳବାୟୁ ପରିବର୍ତ୍ତନର ଉପଶମ ନିମନ୍ତେ ଜୈବବିବିଧତା ସଂରକ୍ଷଣ ପାଇଁ କଣ କରାଯାଇପାରିବ ?

ଜଳବାୟୁ ପରିବର୍ତ୍ତନର ଉପଶମ ଏବଂ ଗ୍ରହଣୀୟତା ନିମନ୍ତେ ଜୈବବିବିଧତା ସଂରକ୍ଷଣ, ବିଶେଷକରି ଜଙ୍ଗଲ ପରିବେଶ ସଂରକ୍ଷଣର ଏକ ଉଦାହରଣ ହେଲା – ଜଙ୍ଗଲ ଧ୍ୱଂସ ଏବଂ ଜଙ୍ଗଲ ଅବକ୍ଷୟ ରୋକିବା ଜରିଆରେ ନିର୍ଗମନ ହ୍ରାସ ବା ଆର୍.ଇ.ଡି.ଡି. ପ୍ଲସ୍। ଏହା ଜଙ୍ଗଲ ଧ୍ୱଂସ ଏବଂ ଜଙ୍ଗଲ ଅବକ୍ଷୟ ଦ୍ୱାରା ଜଙ୍ଗଲ ହ୍ରାସକୁ କମାଇବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସୂଚାଇଥାଏ। ଯାହା ଫଳରେ ୨୦ ପ୍ରତିଶତ ସବୁଜଗୃହ ଗ୍ୟାସ ନିର୍ଗମନ ରୋକାଯାଇପାରିବ। ପ୍ଲସ୍ ବା ଯୋଗ ଅର୍ଥ ହେଲା ଅଙ୍ଗାରକ ମହଜୁଦିକରଣକୁ ବଢାଇବା, ଜଙ୍ଗଲର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନା କରିବା।

ଜଙ୍ଗଲ ଧ୍ୱଂସ ଏବଂ ଜଙ୍ଗଲ ଅବକ୍ଷୟ ରୋକିବା ଜରିଆରେ ନିର୍ଗମନ ହ୍ରାସ ବା ଆର୍.ଇ.ଡି.ଡି. ପ୍ଲସ୍ ଏକ ପ୍ରତିକାର ମୂଳକ ପଦକ୍ଷେପ ହିସାବରେ ୨୦୧୦ ମସିହାରେ କାନ୍କୁନ ଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସଂପର୍କରେ ଜାତିସଂଘ କାର୍ଯ୍ୟଯୋଜନା ସମ୍ମିଳନୀ (ୟୁ.ଏନ୍.ଏଫ୍.ସି.ସି.ସି ର )ର ୧୬ତମ ଅଧିବେଶନରେ ଗୃହିତ ହୋଇଥିଲା। ତେବେ ଏହା ଗୃହିତ ହେବା ପୂର୍ବରୁ ଗ୍ରୀଷ୍ମ ମଣ୍ଡଳୀୟ ଏବଂ ଅର୍ଦ୍ଧ ଗ୍ରୀଷ୍ମ ମଣ୍ଡଳୀୟ ଦେଶ ଗୁଡିକରେ ପରୀକ୍ଷାମୂଳକ ଭାବେ ଆର୍.ଇ.ଡି.ଡି. ପ୍ଲସ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏହାର ଆର୍ଥିକ ଅନୁଦାନ ପାଇଁ ଆନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନ, ବେସରକାରୀ କମ୍ପାନୀ, ସରକାରୀ ଏବଂ ସଂରକ୍ଷଣ ଅନୁଷ୍ଠାନ ଗୁଡିକୁ ନେଇ ବହୁପକ୍ଷୀୟ ବ୍ୟବସ୍ଥା କରାହୋଇ ଆସୁଛି।

ବର୍ତ୍ତମାନ ଆର୍.ଇ.ଡି.ଡି. ପ୍ଲସ୍ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ଯୋଗାଉଥିବା ମୁଖ୍ୟ ଉତ୍ସ ଗୁଡିକ ହେଲା –

- ବିଶ୍ୱ ବ୍ୟାଙ୍କର ଫରେଷ୍ଟ କାର୍ବନ ପାର୍ଟନରସିପ୍ ଫାସିଲିଟି ( ଏଫ୍.ସି.ପି.ଏଫ୍ )ପରି ବିଶ୍ୱସ୍ତରୀୟ ଏବଂ ଆଂଚଳିକ ଆନୁଦାନ ବ୍ୟବସ୍ଥା ।
- ସଂଯୋଜିତ ପୃଷ୍ଠାରେ ଉଲ୍ଲିଖିତ ରାଷ୍ଟ୍ର ସମୂହ ଯେଉଁମାନେ ଦେଶ ଗୁଡିକୁ ସିଧାସଳଖ ଏବଂ ବିଭିନ୍ନ ମାଧମରେ ଅନୁଦାନ ଦେଇଥାନ୍ତି ।
- ବେସରକାରୀ ସଂସ୍ଥା, କମ୍ପାନୀ ଇତ୍ୟାଦି
- ସେଛାକୃତ ଅଙ୍ଗାରକ ବଜାର ବ୍ୟବସ୍ଥା

ଜଙ୍ଗଲରେ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିମ ଅଧିବାସୀମାନେ ଜଙ୍ଗଲ ସହିତ ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଛନ୍ତି ଏବଂ ସେମାନେ ଜଙ୍ଗଲକୁ ଏକ ପବିତ୍ର ଦୃଷ୍ଟିରେ ଦେଖି ଆସୁଛନ୍ତି । ସେମାନଙ୍କ ପାଇଁ ଜଙ୍ଗଲକୁ ଅଙ୍ଗାରକାମ୍ଳ ହ୍ରାସର ମାଧମ ବୋଲି କୁହାଯିବାର କୌଣସି ଅର୍ଥ ନାହିଁ ।

ଆଦିମ ଅଧିବାସୀଙ୍କ ବସତି ଅଂଚଳରେ ଗ୍ରୀଷ୍ମ ମଣ୍ଡଳୀୟ ଏବଂ ଅର୍ଦ୍ଧ ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲର ଏକ ବଡ ଭାଗ ରହିଛି । ଜଙ୍ଗଲ ଉପରେ ନିର୍ଭର କରି ବଂଚୁଥିବା ଆଦିମ ଅଧିବାସୀ ମାନଙ୍କ ଦୃଷ୍ଟିରୁ ଦେଖିଲେ ଆର୍.ଇ.ଡି.ଡି. ପ୍ଲସ୍ କାର୍ଯ୍ୟକ୍ରମର ସଂଜ୍ଞା ଏବଂ ଯେଉଁ ଉଦ୍ଦେଶ୍ୟ ନେଇ ଏହା କରାହୋଇଛି ଏବଂ ଏହାର କାର୍ଯ୍ୟକାରୀତା ଯେଉଁ କେତେକ ସମସ୍ୟା ସୃଷ୍ଟି କରୁଛି ତାହାକୁ ଗୁରୁତ୍ୱର ସହ ବିଚାର କରି ପ୍ରତିକାର କରାଯିବା ଦରକାର ।

ଆଦିମ ଅଧିବାସୀ ମାନେ ଭୟ କରୁଛନ୍ତି ଯେ, ଅତୀତରେ ଜଙ୍ଗଲ ସୁରକ୍ଷା ଅଂଚଳ ଗଠନ କରାଯାଇ ଯେମିତି ସେମାନଙ୍କୁ ଜଙ୍ଗଲରୁ ଅଲଗା କରି ଦିଆଯାଉଥିଲା ପୁଣିଥରେ ସେମିତି ଜଙ୍ଗଲରୁ ଅଲଗା କରିଦିଆଯିବ । ଯଦି ସେମାନଙ୍କ ଜଙ୍ଗଲ ଅଙ୍ଗାରକ ଜଙ୍ଗଲ ହିସାବରେ ଚିହ୍ନିତ ହୁଏ ଏବଂ ନିର୍ଗମନ ବ୍ୟବସାୟ ପାଇଁ ବ୍ୟବହୃତ ହୁଏ ତାହେଲେ ସେଥିରେ ସେମାନଙ୍କର ପୁରୁଣା ଜଙ୍ଗଲ ପରିଚାଳନା ପ୍ରଥା ଅନୁସାରେ ଚଳିବାକୁ ସେମାନଙ୍କୁ ବାରଣ କରାଯିବ ଏବଂ ସେମାନେ ପର୍ବପର୍ବାଣୀ, ପୋଡୁଚାଷ, କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଜଡିବୁଟି, ବା କୃଷିକ୍ଷେତ୍ର ବନୀକରଣ ପାଇଁ ଜଙ୍ଗଲର ବ୍ୟବହାରକୁ ବାରଣ କରାଯିବ । ଆର୍.ଇ.ଡି.ଡି. ପ୍ଲସ୍ ଅଧିନରେ ଜଙ୍ଗଲ ଗୁଡିକୁ ଅଙ୍ଗାରକ ଜଙ୍ଗଲ ହିସାବରେ ଗ୍ରହଣ କରାଯିବା ବ୍ୟବସ୍ଥାରେ ଆଦିମ ଅଧିବାସୀ ମାନଙ୍କ ସ୍ଥାୟୀ ଜଙ୍ଗଲ ପରିଚାଳନା ପ୍ରଥାକୁ ଅଣଦେଖା କରାଯାଇଛି ଏବଂ ଜଙ୍ଗଲ ଉପରେ ଆଦିମ ଅଧିବାସୀ ମାନଙ୍କର କର୍ତ୍ତୃତ୍ୱ ଏବଂ ନିୟନ୍ତ୍ରଣ ପାଇଁ ଥିବା ଅଧିକାରକୁ କ୍ଷୁର୍ଣ୍ଣ କରୁଛି ।

### ୯ – ଜଳବାୟୁ ପରିବର୍ତ୍ତନ ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ଉଦ୍‌ବିଗ୍ନତା ସବୁ କଣ ?

ଆଦିମ ଅଧିବାସୀ ମାନେ ସେମାନଙ୍କର ଉଦ୍‌ବିଗ୍ନତା ସବୁକୁ ଜଳବାୟୁ ପରିବର୍ତ୍ତନ ସଂପର୍କରେ ଜାତିସଂଘ କାର୍ଯ୍ୟଯୋଜନା ସମ୍ମିଳନୀ (ୟୁ.ଏନ୍.ଏଫ୍.ସି.ସି.ସି ର) ସମେତ ବିଭିନ୍ନ ମଞ୍ଚ ଓ ବୈଠକ ଗୁଡିକରେ ବାରମ୍ବାର ଉପସ୍ଥାପନ କରିଆସୁଛନ୍ତି । ସେମାନଙ୍କର ଉଦ୍‌ବିଗ୍ନତା ଗୁଡିକ ଏକ ନୀୟମାବଳୀ ବା ପଲିସି ପେପର୍ ହିସାବରେ ୨୦୦୯ ମସିହା ସେପ୍ଟେମ୍ବର ୨୬ ରୁ ୨୭ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସଂପର୍କରେ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଫୋରମ୍ ବା ଆଇ.ଆଇ. ଏଫ୍.ସି.ସି.ସି ଆଲୋଚିତ ହୋଇ ଚୁଡାନ୍ତ ହୋଇଥିଲା । ତାହା ନିମ୍ନରେ ଦିଆଗଲା ।

## ଜଳବାୟୁ ପରିବର୍ତ୍ତନ ସଂପର୍କରେ ନୀତିଗତ ପ୍ରସ୍ତାବ

ପୃଥିବୀ ମାତା ଜଳବାୟୁ ପରିବର୍ତ୍ତନର ସମୟ ଭିତରେ ଗତିକରୁନାହିଁ ବରଂ ଜଳବାୟୁ ସଂକଟ ଭିତରେ ଗତିକରୁଛି । ପୃଥିବୀ ମାତାକୁ ସୁରକ୍ଷା ଦେବା ଏବଂ ଆରୋଗ୍ୟ ରଖିବାରେ ଆଦିମ ଅଧିବାସୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଜଳବାୟୁ ପରିବର୍ତ୍ତନ ସଂପର୍କିତ ସମସ୍ତ ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟ ଗୁଡିକରେ ସମ୍ମାନ ଦିଆଯିବା ଆବଶ୍ୟକ ।

ଆଙ୍କୋରେଜ୍ ଡିକ୍ଲାରେସନ୍ ୨୦୦୯

ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆଦିମ ଅଧିବାସୀ ମାନଙ୍କ ବିଶ୍ୱ ସମ୍ମିଳନୀ

**ଜଳବାୟୁ ପରିବର୍ତ୍ତନ ଐତିହାସିକ ପରିବର୍ତ୍ତନକୁ ( ରୂପାନ୍ତରୀକରଣ )ଆହ୍ୱାନ କରୁଛି**

୧ – ସାଂପ୍ରତିକ ବିଶ୍ୱ ଅର୍ଥବ୍ୟବସ୍ଥା, ଅର୍ଥନୀତି, ପାରିବେଶିକ ଏବଂ ଖାଦ୍ୟ ସଂକଟ ଆଦି ରୂପରେ ଜଳବାୟୁ ପରିବର୍ତ୍ତନ, ମାନବିକତା ନିକଟରେ ବିଶ୍ୱ ଅର୍ଥନୀତି, ରାଜନୈତିକ, ସାମାଜିକ, ଓ ସାଂସ୍କୃତିକ ସଂପର୍କ କୁ ପରିବର୍ତ୍ତନ କରି ପୃଥିବୀମାତା ସହ ସନ୍ତୁଳନ ରକ୍ଷାକରି ବଂଚିବା ପାଇଁ ଏକ ଅପ୍ରତ୍ୟାଶିତ ଆହ୍ୱାନ ଏବଂ ସୁଯୋଗ ସୃଷ୍ଟି କରୁଛି । ଦେଶ ଗୁଡିକ ମଧରେ ସାମାଜିକ ଐକ୍ୟର ବିକାଶ, ପାରିବେଶିକ ସଂହତିକୁ ବଜାୟ ରଖିବା, ଜଳବାୟୁ ଏବଂ ପାରିବେଶିକ ସମସ୍ୟାକୁ ସମାଧାନ କରିବା ଏବଂ ଜୀବାଶ୍ମ ଜାଳେଣୀ ଉପରୁ ନିର୍ଭରଶୀଳତା କମାଇ ସବୁଜ ଅର୍ଥନୀତିକୁ ଆପଣାଇବା ଦିଗରେ ବିକଶିତ ରାଷ୍ଟ୍ର ଗୁଡିକର ଐତିହାସିକ ଦାୟିତ୍ୱକୁ ସମ୍ମାନ ଜଣାଇବା, ପରିବେଶ ସନ୍ତୁଳନ ଏବଂ ନ୍ୟାୟରେ ପହଞ୍ଚିବା ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ସ୍ଥାୟୀ ବିକାଶ, ଜୈବବିବିଧତା, ମାନବିକ ଅଧିକାର ଆଦି ଦିଗରେ ଥିବା ଆନ୍ତର୍ଜାତୀୟ ପ୍ରତଶୃତିବଦ୍ଧତାକୁ ସମ୍ମାନ ଜଣାଇବା ଆବଶ୍ୟକ । ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଏବଂ ଅସୁରକ୍ଷିତ ଗୋଷ୍ଠୀ ମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ଭାଗୀଦାରିତା ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ସମନ୍ୱୟରେ ନ୍ୟାୟୋଚିତ ସମାନ ସୁଫଳ ଆଣିବାରେ ମୁଖ୍ୟ ଅଟେ ।

୨ – ଜଳବାୟୁ ବିଜ୍ଞାନ, ଅଦିମ ଅଧିବାସୀ ଏବଂ ପାରଂପରିକ ଜ୍ଞାନ, ଆନ୍ତର୍ଜାତୀୟ ସଂହତି, ସମାନତା ଏବଂ ମାନବିକ ଅଧିକାର, ବିସ୍ତୃତ ସାମାଜିକ ସଚେତନତା ଏବଂ ଦୃଢ ରାଜନୈତିକ ନେତୃତ୍ୱ ଆଦି ସମସ୍ତ ଦିଗରେ ଅବହେଳା କୋପେନ୍‌ହେଗେନ୍ ଓ ପରବର୍ତ୍ତୀ ସୁଫଳତା ହାସଲ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି ।

୩ –ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଶାସନ, ଅନୁଷ୍ଠାନ ଓ ସଂଗଠନର ସମସ୍ତ କାର୍ଯ୍ୟରେ ସେମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଥିବା ଅଧିକାରକୁ ସ୍ୱିକୃତି ଦେବାନିମନ୍ତେ ଜଳବାୟୁ ପରିବର୍ତ୍ତନର ପ୍ରଶାସନ ବ୍ୟବସ୍ଥା ସରକାରୀ ବ୍ୟବସ୍ଥା ଠାରୁ ଅଧିକ ଗ୍ରହଣୀୟ ହେବା ଆବଶ୍ୟକ । ଏହା ମଧ ଶିଶୁ ଓ ଯୁବଗୋଷ୍ଠୀ ନିକଟରୁ , ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଆଦି ଗୁଡିକ ଠାରୁ ଭିନ୍ନ ଭିନ୍ନ ସ୍ୱଷ୍ଟ ଏବଂ ମୂଲ୍ୟବାନ ସଂପୃକ୍ତିକୁ ସ୍ୱିକୃତି ଦେଇ ବିବିଧ ଏବଂ ଆନ୍ତଃ ସାଂସ୍କୃତିକ ସହଯୋଗୀତାକୁ ଗ୍ରହଣ କରିବା ଆବଶ୍ୟକ । ଜଳବାୟୁ ପ୍ରଶାସନ ଏବଂ ନୀତିନିର୍ଦ୍ଧାରଣରେ ସମସ୍ତଙ୍କ ସ୍ୱର ମିଶିବା ଆବଶ୍ୟକ – ମାନବ ସୃଷ୍ଟ ଜଳବାୟୁ ପରିବର୍ତ୍ତନରେ ଆମେ ସମସ୍ତ ଶିକ୍ଷାନବିସ ଏବଂ ଶିକ୍ଷକ ଏକତ୍ର ହେବା ।

**ଆଦିମ ଅଧିବାସୀମାନେ ହିଁ ଅଧିକାରପ୍ରାପ୍ତ**

୪ -ଆମେ ଆମର ଜମି, ଅଂଚଳ ଏବଂ ସମ୍ବଳ ଉପରେ ଅବିଛିନ୍ନ ସାମୂହିକ ଅଧିକାର ସାବ୍ୟସ୍ତ କରିଆସୁଛୁ । ବର୍ତ୍ତମାନ ପ୍ରଚଳିତ ନୀତିନାୟମ ଏବଂ କାର୍ଯ୍ୟ ଗୁଡିକ ଆମର ପାରଂପରିକ ଅଂଚଳ, ଜମି, ସମୁଦ୍ର, ଜଳ, ବରଫ, ବୃକ୍ଷଲତା, ଜଙ୍ଗଲ କୁ ପ୍ରଭାବିତ କରିବା ସହ ସମଗ୍ର ବିଶ୍ୱରେ ବିଭିନ୍ନ ଅଂଚଳରେ ବସବାସ କରୁଥିବା ୩୭ କୋଟି ଲୋକଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି । ତେବେ ଆମର ଉଦ୍‌ବିଗ୍ନତା ଏବଂ ଦୃଷ୍ଟିଭଙ୍ଗୀକୁ ଜଳବାୟୁ କାର୍ଯ୍ୟକାରୀ ପ୍ରକ୍ରିୟାରେ କୌଣସି ଗୁରୁତ୍ୱର ସହ ବିଚାରକୁ ନିଆଯାଉନାହିଁ । ଆମ ଆଦିମ ଅଧିବାସୀ ମହିଳା ଏବଂ ଯୁବଗୋଷ୍ଠୀକୁ ଅତି କମ୍ ବିଚାରକୁ ନିଆଯାଉଛି । ଆଂଚଳିକ ଓ ଆନ୍ତର୍ଜାତୀୟ ମାନବିକ ଅଧିକାର, ବିଶେଷକରି ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ରରେ ଉଲ୍ଲିଖିତ ନୀତିଆଦର୍ଶ ଏବଂ ବ୍ୟବସ୍ଥା ଗୁଡିକ ସମସ୍ତ ରାଷ୍ଟ୍ର ଏବଂ ଜାତିସଂଘ ବ୍ୟବସ୍ଥାରେ ପୁନରାବୃତ୍ତି ହେବା ଆମେ ଚାହୁଁ । ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ରରେ ଥିବା ଅଧିକାରଗତ ବ୍ୟବସ୍ଥା ଗୁଡିକ ସମସ୍ତ ଜଳବାୟୁ ପରିବର୍ତ୍ତନ ଏବଂ କାର୍ଯ୍ୟ ପ୍ରକ୍ରିୟାରେ ସମ୍ମାନ ଏବଂ ସୁରକ୍ଷିତ ରହିବା ଆବଶ୍ୟକ । ତେଣୁ ଜମିଜମା, ଚୁକ୍ତି, ରାଜିନାମା ଓ ବୁଝାମଣା ଆଦିରେ ଉଲ୍ଲିଖିତ ସାମୁହିକ ଅଧିକାର ପ୍ରାପ୍ତ, ସାର୍ବଭୌମ ଏବଂ ବଂଶାନୁକ୍ରମିକ ଅଧିକାର ପ୍ରାପ୍ତକୁ ଆମେ ସାବ୍ୟସ୍ତ କରିଆସୁଛୁ । ଏହି ଅଧିକାର ଗୁଡିକର ସୁରକ୍ଷା ଜଳବାୟୁ ପରିବର୍ତ୍ତନର ପ୍ରତିକାର ପାଇଁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ସକ୍ଷମତା ଓ ସଂଗଠନକୁ ଦୃଢ କରିବ ।

୫ – ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଗୁଡିକର ମାନବିକ ଅଧିକାରକୁ ସମ୍ମାନ ଦେବା ଆମର ପାରଂପରିକ ଜ୍ଞାନ ଓ ସୃଜନକୁ ମୁଲ୍ୟ ଦେବା ଏବଂ ଆମର ସ୍ଥାନୀୟ ଗ୍ରହଣଶୀଳତା ଏବଂ ପ୍ରତିକାର କୌଶଳକୁ ସହଯୋଗ କରିବା, ଜଳବାୟୁ ପରିବର୍ତ୍ତନର ସୁସ୍ଥ ସମାଧାନ ପନ୍ଥା ନିମନ୍ତେ ଜରୁରୀ ଏବଂ ଅମୂଲ୍ୟ ଅଟେ । ଆମର ସ୍ଥାନୀୟ କୌଶଳ ଏବଂ ପ୍ରାଧାନ୍ୟ ଗୁଡିକ ଜାତୀୟ ଉପଯୁକ୍ତ ପ୍ରତିକାର କାର୍ଯ୍ୟ ( ଏନ୍.ଏ.ଏମ୍.ଏ ) ଏବଂ ଜାତୀୟ ଗ୍ରହଣୀୟ କାର୍ଯ୍ୟକ୍ରମ ( ଏନ୍.ଏ.ପି.ଏ ) ରେ ସ୍ଥାନୀତ ହେବା ଆବଶ୍ୟକ ଯାହାଫଳରେ ଆମେ ପୂର୍ଣ୍ଣ ଏବଂ ସକ୍ରିୟ ଭାବେ ଅଂଶଗ୍ରହଣ କରିପାରିବୁ । ଆଦିମ ଅଧିବାସୀ ମହିଳା ଏବଂ ଯୁବଗୋଷ୍ଠୀ ଗୁଡିକର ଭୂମିକା ଏବଂ ଦାୟିତ୍ୱର ସତନ୍ତ୍ରତାକୁ କାର୍ଯ୍ୟଯୋଜନା ଏବଂ ନୀତିନିର୍ଦ୍ଧାରଣ କ୍ଷେତ୍ରରେ ଗୁରୁତ୍ୱ ଦେବା ଆମେ ଚାହୁଁ ।

୬ - ନୀତି ନିର୍ଦ୍ଧାରଣ, ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରୀତା, ସୁରକ୍ଷିତତା, ଥଇଥାନ, ଲାଭାଂଶ ବଣ୍ଟନ ଏବଂ ଦ୍ୱନ୍ଦ ସମାଧାନ ଆଦି ପ୍ରକଳ୍ପ କାର୍ଯ୍ୟ ସମୟର ବିଭିନ୍ନ ସ୍ତରରେ ଆମର ଆତ୍ମ ନିଷ୍ପତ୍ତି ଏବଂ ସ୍ୱଚ୍ଛ ଆଗୁଆ ଜ୍ଞାତସାର ଅନୁମତି ଅଧିକାର ଆମ ସ୍ୱାର୍ଥ ଏବଂ ଅଧିକାରକୁ ସୁରକ୍ଷା ଦେବାର ସର୍ବନିମ୍ନ ସ୍ତର ହେବା ଆବଶ୍ୟକ ।

୭ - ଆମର ପରିଚାଳନା ପରିଷଦ ସେହିସବୁ ଆଇନ ଏବଂ ନୀତି ଗୁଡିକୁ କାର୍ଯ୍ୟକାରି କରିବାର ଅଧିକାର ଅଛି ଯାହା ସବୁ ସେମାନଙ୍କର ଆଇନଗତ କ୍ଷମତା ଭିତରେ କାର୍ଯ୍ୟକାରୀ ଯୋଜନାରେ ପ୍ରତିକାର ପାଇଁ ଉପଯୁକ୍ତ ଓ ଗ୍ରହଣୀୟ ହୋଇଥିବ, ଯେହେତୁ ଜଳବାୟୁ ପରିବର୍ତ୍ତନ ସଂପର୍କରେ ସେମାନଙ୍କର ଗୋଷ୍ଠୀରେ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ସାଂସ୍କୃତିକ ଉନ୍ନୟନର ସୁରକ୍ଷା ଓ ବିକାଶ ପାଇଁ ସେମାନେ ବଦ୍ଧପରିକର । ବର୍ତ୍ତମାନ ସମୟର ବୈଜ୍ଞାନିକ ସଫଳତା, ଗ୍ରାମୀଣ ଲୋକ ବିଜ୍ଞାନ ଏବଂ ପରଂପରାଗତ ବିଜ୍ଞାନ ଗୁଡିକୁ ବିଚାର କରି କାର୍ଯ୍ୟକାରୀ କରିବାକୁ  ପ୍ରତ୍ୟେକ ଆଦିମ ଅଧିବାସୀ ପରିଚାଳନା ପରିଷଦ କ୍ଷମତାପ୍ରାପ୍ତ । ସେମାନଙ୍କର ସାଂସ୍କୃତିକ ଆବଶ୍ୟକତାକୁ ଆଧାରକରି ସେମାନଙ୍କର ଜମିଜମା ଅଂଚଳ ଏବଂ ଅନ୍ୟାନ୍ୟ ସମ୍ବଳ ବ୍ୟବହାର ଏବଂ ବିକାଶ ନିମନ୍ତେ ନିଷ୍ପତ୍ତି ନେବାର ଅଧିକାର, ଅଗ୍ରାଧିକାରଣ ଏବଂ କୌଶଳ ନିର୍ଦ୍ଧାରଣ ସ୍ଥିର କରିବା ।

**ପରିବେଶ ଆଧାରିତ ପ୍ରତିକାର ଏବଂ ଗ୍ରହଣୀୟତା ଦିଗରେ ଆଦିମ ଅଧିବାସୀ ମାନଙ୍କର ସହଯୋଗୀତା**

୮ - ଜଳବାୟୁ ସଂକଟ ଦୂରୀକରଣ ଏବଂ ପ୍ରକୃତି ଓ ମଣିଷ ମଧ୍ୟରେ ସଂପର୍କର ନବୀକରଣ ଦିଗରେ ଆମ୍ଭମାନଙ୍କର ଅନ୍ତର୍ନିହିତ ଭାଗିଦାରିତା ରହିଛି । ପୁରୁଷ ପୁରୁଷ ଧରି ଆମ୍ଭେମାନେ ପରିବେଶର ବିଶେଷତ୍ୱ ଏବଂ ଜଟିଳତାକୁ ସ୍ଥାୟୀ ଭାବରେ ଏବଂ ସାଂସ୍କୃତିକ ବିବିଧତାରେ ପରିଚାଳିତ କରି ଆସୁଛୁ । ଆମର ପରଂପରାଗତ ସମ୍ବଳ ପରିଚାଳନା ପ୍ରଥା ପରିବେଶ ସହଣିକ ଏବଂ ଅଙ୍ଗାରକ ଅର୍ଥନୀତି ମୁକ୍ତ ବୋଲି ପ୍ରମାଣିତ ହୋଇ ଆସିଛି । ସେଗୁଡିକ ହେଲା ଶୁଷ୍କାଞ୍ଚଳ ଏବଂ ତୃଣଭୂମି ଅଂଚଳରେ ପରିବର୍ତ୍ତନଶୀଳ ଚାରଣ ବ୍ୟବସ୍ଥା, ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲରେ ପରିବର୍ତ୍ତିତ ଚାଷ ପ୍ରାଣାଳୀ ବା ପାରିବେଶୀକ କୃଷି ଏବଂ ହେନ୍ତାଳବଣ, ତୃଣଭୂମୀ, ସନ୍ତସନ୍ତିଆ ଜମି, ବରଫାବୃତ୍ତ ପରିବେଶ ଏବଂ ଦ୍ୱୀପାଞ୍ଚଳ ପର୍ଯ୍ୟାବରଣ ଆଦି ବ୍ୟବସ୍ଥା । ପାରଂପରିକ ଜ୍ଞାନ, ସୃଜନ ଏବଂ କାର୍ଯ୍ୟଗତ ଅଭ୍ୟାସ, ପରିବର୍ତ୍ତିତ ପରିବେଶରେ ସ୍ଥାନୀୟ କାର୍ଯ୍ୟ ପରିଚାଳନାକୁ ବାସ୍ତବ ରୂପ ଦେଉଛି ଏବଂ ବୈଜ୍ଞାନିକ ଗବେଷଣା, ଅନୁଶୀଳନ ଏବଂ ତର୍ଜମାକୁ ସହଯୋଗ କରୁଛି ।

୯ – ଜଳବାୟୁ ସଂକଟ ଆମର ବଂଚିବା ପ୍ରତି ବିପଦ ସୃଷ୍ଟି କରିଛି । ଆମର ଜଙ୍ଗଲ ଉପରେ ନିର୍ଭରଶୀଳ ଜୀବନ, ବରଫାବୃତ୍ତ ଅଂଚଳରେ ବଂଚୁଥିବା ଲୋକମାନେ, ଛୋଟ ଦ୍ୱୀପାଞ୍ଚଳ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଆଦିମ ଅଧିବାସୀ ମାନଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି ହୋଇଛି । ଏହି ଅସୁରକ୍ଷିତତାକୁ ସମାଧାନ କରିବାକୁ ହେଲେ ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଜ୍ଞାନର ସ୍ୱିକୃତି, ସମ୍ମାନ ଏବଂ ବିକାଶ କରଯିବା ଆବଶ୍ୟକ ଏବଂ ଜଳବାୟୁ ପରିବର୍ତ୍ତନକୁ ପ୍ରତିକାର କରିବା ପଇଁ ପାରିବେଶୀକ ସଂହତି ଏବଂ ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଗ୍ରହଣ କରିବାର ସକ୍ଷମତାକୁ ଦୃଢ କରାଯିବା ଆବଶ୍ୟକ । ଆଦିମ ଅଧିବାସୀ ମାନଙ୍କ ପବିତ୍ର ପରଂପରା ଏବଂ ଅଧିକାର ଆଧାରିତ ପରିବେଶ କାର୍ଯ୍ୟକ୍ରମ ଆଦିମ ଅଧିବାସୀ ମାନଙ୍କୁ ଏବଂ ଆଦିମଅଧିବାସୀ ଅଂଚଳକୁ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଆର୍ଥିକ ମୂଲ୍ୟବୋଧ ପ୍ରଦାନ କରିପାରିବ  । ରୂପରେଖ ପ୍ରସ୍ତୁତି, କାର୍ଯ୍ୟକାରୀତା, ତଦାରଖ ଏବଂ ସମୀକ୍ଷା ଆଦିରେ ଆଦିମ ଅଧିବାସୀ ମାନଙ୍କର ପୂର୍ଣ୍ଣ ସହଭାଗୀତାରେ ଏହାକୁ ଯୋଜନା ଧ୍ୟାନ ଦିଆଯିବା ଆବଶ୍ୟକ । ଜଳବାୟୁ ପରିବର୍ତ୍ତନର ସଫଳ କାର୍ଯ୍ୟକାରୀତା କୌଶଳ ଗ୍ରହଣପାଇଁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ସଶକ୍ତିକରଣ ଅତି ଗୁରୁତ୍ୱପୂର୍ଣ୍ଣ ।

୧୦ - ଆମର ବିଶ୍ୱ ସଂପର୍କିତ ଦୃଷ୍ଟିଭଙ୍ଗୀ, ଜୀବନଶୈଳୀ ଏବଂ ପାରଂପରିକ ପ୍ରଥା କାହିଁ କେତେ ଯୁଗରୁ ପ୍ରଚଳିତ ହୋଇ ଆସୁଛି । ସୁମାକ୍
କାୱ୍ୱାସେ, ପେଙ୍କେର ପୁଜୁଷ୍ଟିନ୍ ଏବଂ ଅନ୍ୟାନ୍ୟ ଆଦିମ ଅଧିବାସୀ ଦର୍ଶନ ଓ ମୂଲ୍ୟବୋଧ ପ୍ରକୃତି ସହ ସଂହତିପୂର୍ଣ୍ଣ, ସମ୍ମାନିତ, ଦାୟିତ୍ୱପୂର୍ଣ୍ଣ
ଏବଂ ସନ୍ତୁଳିତ ଜୀବନଶୈଳୀର ମାର୍ଗ ଦେଖାଇଛନ୍ତି ଏବଂ ବିଶ୍ୱର ମଙ୍ଗଳ ପାଇଁ ଐକ୍ୟ ଓ ସଂହତିର ବାର୍ତ୍ତା ଦେଇଛନ୍ତି । ଆଦିମ ଅଧିବାସୀଙ୍କ
ବିଶ୍ୱ ଦୃଷ୍ଟିଭଙ୍ଗୀ ଏକ ସଂଗଠିତ, ସ୍ଥାୟୀ ଓ ପ୍ରଗତିଶୀଳ ଅର୍ଥନୀତି ବ୍ୟବସ୍ଥାର ଏବଂ ରାଜନୈତିକ, ସାମାଜିକ – ସାଂସ୍କୃତିକ ଓ ପାରିବେଶିକ
ଅଧିକାରର ପରିଚାୟକ ଅଟେ । ଏହା ଏକ ସାମାଜିକ ବ୍ୟବସ୍ଥିତ ଗଣତନ୍ତ୍ରର ନ୍ୟାୟସଂଗତିକୁ ପ୍ରମାଣିତ କରେ ଯାହା ପ୍ରଚଳିତ ଗଣତନ୍ତ୍ର
ବ୍ୟବସ୍ଥାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଏବଂ ଯେଉଁଠାରେ ଲୋକମାନଙ୍କର ବିକାଶ ପାଇଁ ମାନବିକତା, ସଂହତି ଏବଂ ମାଟି ମାଆର ସମ୍ମାନ
ତୁଳନାରେ ଅର୍ଥନୀତି ଏକ ଗୌଣ କାର୍ଯ୍ୟକ୍ରମ ବୋଲି ବିବେଚିତ ହୋଇଥାଏ ।

**ଆଦିମ ଅଧିବାସୀ ମାନଙ୍କ ଅଂଚଳର ସୁରକ୍ଷା**

୧୧ - ବିଶ୍ୱ ଅର୍ଥନୀତି ବ୍ୟବସ୍ଥାକୁ ସ୍ଥାୟୀ ଏବଂ ସ୍ୱଚ୍ଛ ଅଙ୍ଗାରକ ନିର୍ଗମନ କରିବା ପାଇଁ ସ୍ଥାନୀୟ ବିବିଧତାପୂର୍ଣ୍ଣ ଆର୍ଥନୀତିର ପୁନରୁଦ୍ଧାର ଏବଂ
ଆଦିମ ଅଧିବାସୀ ମାନଙ୍କର ସ୍ୱ-ନିର୍ବାଚିତ ବିକାଶକୁ ସହାୟତା ଦିଆଯିବା ଆବଶ୍ୟକ । ଜଳବାୟୁ ପରିବର୍ତ୍ତନ ପରିଚାଳନା ପାଇଁ ଗ୍ରହଣ
କରାଯାଉଥିବା ଆର୍ଥିକ ଯୋଜନାରେ ପର୍ଯ୍ୟାବରଣ ଆଧାରିତ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ଏବଂ ଆଦିମ ଅଧିବାସୀ ଓ
ସ୍ଥାନୀୟ ଗୋଷ୍ଠୀ ଗୁଡିକର ଅଧିକାର ଓ ସ୍ୱାର୍ଥକୁ ପୂର୍ଣ୍ଣ ସମ୍ମାନ  ଦିଆଯିବା ଉଚିତ । ଆମର ପୂର୍ବପୁରୁଷଙ୍କ ଜମିରେ, ଜଙ୍ଗଲ ଉପରେ, ଜଳ
ଏବଂ ସମ୍ବଳ ଗୁଡିକ ଉପରେ ଆମର ଅଧିକାର ଆମକୁ ସ୍ଥାୟୀ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଏବଂ ଅର୍ଥନୈତିକ ବିକାଶ ଦେବା ସହ
ଜଳବାୟୁ ପରିବର୍ତ୍ତନ ଜନିତ ଅସୁରକ୍ଷିତତାରୁ କ୍ଷତିପୂରଣ ଦେଇଥାଏ । ଏହା ମଧ୍ୟ ପାରିବେଶିକ ପ୍ରଶାସନ, ସଂହତି ଏବଂ ସେବାର ବିକାଶ
ନିମନ୍ତେ ନିତାନ୍ତ ଜରୁରୀ ।

୧୨ - ଅଧିକାଂଶ ଜଙ୍ଗଲ ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଜମି ଏବଂ ଅଂଚଳରେ ରହିଛି । ବିଶ୍ୱର ସମସ୍ତ ଆଦିମ ଅଧିବାସୀ ମାନେ
ସେମାନଙ୍କ ଜୀବନଧାରଣ ପାଇଁ ଜଙ୍ଗଲ ଉପରେ ସବୁସମୟରେ ନିର୍ଭରଶୀଳ ଏବଂ ଜଙ୍ଗଲ ଏବଂ ଜମିକୁ ନେଇ ନିଜ ମୌଳିକ ଅଧିକାରକୁ
ଉପଭୋଗ କରିଥାନ୍ତି । ସେମାନେ ଆମପାଇଁ ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ଆଧାତ୍ମିକ ବିଶେଷତ୍ୱ ବହନ କରନ୍ତି ଏବଂ ମାନବ
ଜାତି ପ୍ରତି ଲାଭଦାୟକ ଅଟନ୍ତି । ଆମେ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ କରିବା ( ଆର୍.ଇ.ଡି.ଡି) ପ୍ରଚେଷ୍ଟା ବା
କାର୍ଯ୍ୟକ୍ରମ ଗ୍ରହଣ କରିବା ପୂର୍ବରୁ ଆଦିମ ଅଧିବାସୀ ମାନଙ୍କର ଜମିଜମା, ସମ୍ବଳ ଆଦି ସମସ୍ତ ଅଧିକାର ଗୁଡିକୁ ସ୍ଥାନୀୟ, ଜାତୀୟ ଏବଂ
ଆନ୍ତର୍ଜାତୀୟ ସ୍ତରରେ ସ୍ୱିକୃତି ଏବଂ ସମ୍ମାନ ଦିଆଯିବା ଆବଶ୍ୟକ । ଆମର ଆଧରକାରଗତ ସ୍ୱିକୃତି ଆନ୍ତର୍ଜାତୀୟ ମାନବିକ ଅଧିକାର
ଆଇନ ଏବଂ ୟୁ.ଏନ୍.ଡି.ଆର୍.ଆଇ.ପି, ଆନ୍ତର୍ଜାତୀୟ ଶ୍ରମିକ ସଂଗଠନ ସମ୍ମିଳନୀ ଏବଂ ଅନ୍ୟାନ୍ୟ ମାନବିକ ଅଧିକାର ଆଇନର ମାନ
ଅନୁଯାୟୀ ହେବା ଆବଶ୍ୟକ । ଯଦି ସେଥିରେ ଆଦିମ ଅଧିବାସୀ ମାନଙ୍କ ଅଂଚଳ, ଜମିଜମା ଓ ସମ୍ବଳ ଅଧିକାରକୁ ସ୍ୱିକୃତି ଓ ସୁରକ୍ଷା ନାହିଁ
ଏବଂ ଯଦି ପ୍ରଭାବିତ ହେଉଥିବା ଆମ ଆଦିମ ଅଧିବାସୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ପ୍ରତି ସମ୍ମାନ ଏବଂ
ସ୍ୱିକୃତି ନାହିଁ ଆମେ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ କରିବା ( ଆର୍.ଇ.ଡି.ଡି), ଆର୍.ଇ.ଡି.ଡି ପ୍ଲସ୍ ଏବଂ ସି.ଡି.ଏମ୍
ପ୍ରକଳ୍ପ ସମେତ ସବୁ ଅଙ୍ଗାରକ ଦମନ ପ୍ରକଳ୍ପକୁ ବିରୋଧ କରିବୁ । ଆର୍.ଇ.ଡି.ଡି, ଓ  ଆର୍.ଇ.ଡି.ଡି ପ୍ଲସ୍, ନିର୍ମଳ ବିକାଶ ବ୍ୟବସ୍ଥା, ଜମି
ବ୍ୟବହାର ଜମି ବ୍ୟବହାର ପରିବର୍ତ୍ତନ ଏବଂ ଜଙ୍ଗଲ ( ଏଲ୍. ୟୁ. ଏଲ୍.ୟୁ.ସି.ଏଫ୍), କୃଷି ଜଙ୍ଗଲ ଏବଂ ଅନ୍ୟାନ୍ୟ ଜମି ବ୍ୟବହାର (
ଏ.ଏଫ୍.ଓ.ଏଲ୍.ୟୁ ) ଏବଂ ଅନ୍ୟାନ୍ୟ ପରବେଶ ଆଧାରିତ ପ୍ରତିକାର ବ୍ୟବସ୍ଥା ଏବଂ ପ୍ରକଳ୍ପ ଗୁଡିକର ନୀତିନିର୍ଦ୍ଧାରଣରେ ମୁକ୍ତ ଆଗୁଆ
ଜ୍ଞାତସାର ଅନୁମତି ବ୍ୟବସ୍ଥା ରହିବା ନିତାନ୍ତ ଜରୁରୀ ।

୧୩ - ଆଦିବାସୀ ପରିଚାଳନା ପରିଷଦ ଅଧିନସ୍ଥ ଅଂଚଳ ଗୁଡିକରେ ଜଳବାୟୁ ପରିବର୍ତ୍ତନ ପ୍ରଭାବର ପ୍ରତିକାର ବ୍ୟବସ୍ଥାରେ ଥିବା ସମସ୍ତ ବିପଦ,
ମୂଲ୍ୟ ଏବଂ ଲାଭ ଗୁଡିକର କାର୍ଯ୍ୟକାରୀତା ପାଇଁ ଆମର ଆଇନ, ନୀତିନୀୟମ ଏବଂ ଯୋଜନା ଗୁଡିକ କ୍ଷମତାପ୍ରାପ୍ତ ଓ ସ୍ୱିକୃତ ଭାବେ
ସ୍ୱିକୃତ ହେବା ଆବଶ୍ୟକ ।

ଆମର ସାମୁହିକ ଅଧିକାର ଗୁଡିକର ଉପଭୋଗ ଏବଂ ଆମର ଦର୍ଶନ, ଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ ସଂକଟର ସମାଧାନ ପାଇଁ ଆମର
ଅଂଶଗ୍ରହଣ କୁ ଅନୁଭବ କରି ଆଇ.ଆଇ.ପି.ଏଫ୍.ସି.ସି ଆମର ବିଶ୍ୱ ଏକତା ଏବଂ ସଂହତିକୁ ଦୃଢ ସମର୍ଥନ ଦେବେ ବୋଲି ଆମେ ଆଶାକରୁ ।



**ପ୍ରୟୋଗ – ୩**

ମୁକ୍ତ ଆଲୋଚନା (୩୦ ମିନିଟ)

*ଆଦିମ ଅଧିବାସୀ ମାନେ କଣ ଆବଶ୍ୟକ କରନ୍ତି ଏବଂ ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ କଣ କରିପାରିବେ ସେ ସଂପର୍କରେ ପ୍ରଶ୍ନ, ମତ ଏବଂ ନିଜ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିବେ ।*

୧- ଅଂଶଗ୍ରହଣକାରୀ ମାନେ ସାଧନ ବ୍ୟକ୍ତିଙ୍କୁ ବିଷୟ ସଂପର୍କରେ ପ୍ରଶ୍ନ ପଚାରିପାରିବେ, ନିଜର ମତାମତ ଓ ପ୍ରତିକ୍ରିୟା ଦେଇପାରିବେ ।

୨- ଆଦିମ ଅଧିବାସୀ ମାନଙ୍କ ଆବଶ୍ୟକତା କଣ ଏବଂ ଜଳବାୟୁ ପରିବର୍ତ୍ତନର ଜୈବବିବିଧତା ଓ ଆଦିମ ଅଧିବାସୀ ମାନଙ୍କ ଉପରେ ପ୍ରତିକୁଳ ପ୍ରଭାବକୁ ନେଇ ଉପଯୁକ୍ତ ନୀତିନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ରମ ଯୋଜନାରେ ଆଦିମ ଅଧିବାସୀ ମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ସେମାନେ କଣ କରିପାରିବେ ସେ ସଂପର୍କରେ ଅଂଶଗ୍ରହଣକାରୀ ମାନେ ନିଜର ଅନୁଭୂତି ଓ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିବେ ।

**ଶେଷ ଦ୍ରଷ୍ଟବ୍ୟ**


ଜନ୍ ହେନ୍‌ରିକ୍‌ସେନ ରିପୋର୍ଟ ଟୁ ଡବ୍ଲୁ.ଜି ଅନ୍ ଆର୍ଟିକିଲ୍ ୮ (ଜେ)

ସି.ବି.ଡି ୨୦୦୮

ସି.ବି.ଡି ସେକ୍ରେଟେରିଏଟ୍ ୨୦୦୮

ଟର୍ଣ୍ଣର ୨୦୦୭

ୟୁ.ଏନ୍.ପି.ଏଫ୍.ଆଇ.ଆଇ. ୨୦୦୮, ୭ ଏବଂ ସି.ବି.ଡି ୨୦୦୮

# ମଡ୍ୟୁଲ ୨୦

## ସୁରକ୍ଷିତ ଅଂଚଳ ଏବଂ ଆଦିମ ଅଧିବାସୀ ମାନେ

### ଉଦ୍ଦେଶ୍ୟ ସମୂହ

୧. ବୈଜ୍ଞାନିକ ପଦ୍ଧତିର ସଂରକ୍ଷଣ, ଜାତୀୟ ଉଦ୍ୟାନ ଏବଂ ସୁରକ୍ଷିତ ଅଞ୍ଚଳର ଐତିହାସିକ ଉତ୍ପତିକୁ ବୁଝିବା
୨. ସୁରକ୍ଷିତ ଅଞ୍ଚଳ ବିଭିନ୍ନ ବିଭାଗ ଏବଂ ପ୍ରଶାସନ ବ୍ୟବସ୍ଥାକୁ ବୁଝିବା
୩. ସୁରକ୍ଷିତ ଅଞ୍ଚଳ ଗୁଡିକ କିପରି ଆଦିମ ଅଧିବାସୀ ମାନଙ୍କ ଅଧିକାର ଏବଂ ଜୀବନଜୀବିକା ଉପରେ କିପରି ପ୍ରଭାବ ପକାଇଛି ତାହା ବିଶ୍ଳେଷଣ କରିବା
୪. ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ଦୃଷ୍ଟିଭଙ୍ଗୀକୁ ଅଗ୍ରାଧିକାର ଦେଇ ଆଲୋଚନା
୫. ଜୈବ ବିବିଧତା ସମ୍ମିଳନୀ ରେ ସୁରକ୍ଷିତ ଅଞ୍ଚଳପାଇଁ କଣ ସବୁ ବ୍ୟବସ୍ଥା ରହିଛି ଏବଂ ସୁରକ୍ଷିତ ଅଞ୍ଚଳର ସଂରକ୍ଷଣ ଏବଂ ସଂପ୍ରସାରଣ ଦିଗରେ ଏହାର କାର୍ଯ୍ୟକ୍ରମ ସବୁ କଣ ତାହା ବୁଝାଇବା ।
୬. ସାଂପ୍ରତିକ ସଂରକ୍ଷଣ ଏବଂ ମାନବ ଅଧିକାର ବ୍ୟବସ୍ଥା ଗୁଡିକ ସଂପର୍କରେ ଅଂଶଗ୍ରହଣକାରୀ ମାନଙ୍କୁ ଅବଗତ କରିବା

### ତାଲିମ୍ ସାମଗ୍ରୀ

- ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍ଜରଭସନ୍ ଇନ୍ ସୁରିନେମ୍ – ଏ ରିଭିଉ
- ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍ଜରଭସନ୍ – ରିଭ୍ୟୁଇଙ୍ଗ୍ ଆଣ୍ଡ୍ ପ୍ରମୋଟିଙ୍ଗ୍ ପ୍ରୋଗ୍ରେସ୍ ଇନ୍ କାମେରୁନ୍
- ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍ସ ରାଇଟ୍ସ ଇନ୍ କନ୍ଜରଭସନ୍ – ରିଭ୍ୟୁ ଅଫ୍ ପଲିସି ଆଣ୍ଡ ଇମ୍ପ୍ଲିମେଣ୍ଟେସନ୍ ଇନ୍ ଦି ଜାଙ୍ଗା-ସାଙ୍ଘା ପ୍ରୋଟେକ୍ଟେଡ୍ ଏରିଆ କମ୍ପ୍ଲେକ୍ସ
- କଞ୍ଜରଭେସନ୍ ଆଣ୍ଡ ଇଣ୍ଡିଜେନସ୍ ପିପୁଲ୍ - ଆସେସିଙ୍ଗ ଦି ପ୍ରୋଗ୍ରେସ ସିନ୍ସ ଡର୍ବାନ୍
- ଆଇ.ସି.ୟୁ.ଏନ୍ ରିଜୋଲୁସନ୍ସ ଆଣ୍ଡ ରେକମେଣ୍ଡେସନ୍ ଅନ୍ ଇଣ୍ଡିଜେନସ୍ ପିପୁଲ୍ – ଏ କମ୍ପାରେଟିଭ ଟେବୁଲ
- କଞ୍ଜରଭେସନ ଆଣ୍ଡ ହ୍ୟୁମାନ ରାଇଟ୍ସ
- ସାଲ୍ଭେଜିଙ୍ଗ ନେଚର - ଇଣ୍ଡିଜେନସ୍ ପିପୁଲ୍, ପ୍ରୋଟେକ୍ଟେଡ୍ ଏରିଆଜ୍ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ୍
- ଗାଇଡ୍ଲାଇନ୍ ଫର୍ ଆପ୍ଲାଇଙ୍ଗ ପ୍ରୋଟେକ୍ଟେଡ୍ ଏରିଆଜ୍ ମ୍ୟାନେଜ୍ମେଣ୍ଟ କାଟେଗୋରିଜ୍

### ସମୟ

୩ ୧/୨ ଘଣ୍ଟା

# ତଥ୍ୟଗତ ଆଲୋଚନା

## ୧- ଉପକ୍ରମ

## ସୁରକ୍ଷିତ ଅଂଚଳ ସଂପର୍କରେ ବିଶ୍ୱ ସଂରକ୍ଷଣ ସଂଘ ( ଆଇ,ୟୁ.ସି.ଏନ ) ର ସଂଜ୍ଞା

ସୁରକ୍ଷିତ ଅଂଚଳ ହେଉଛି ଏକ ନିର୍ଦ୍ଧିଷ୍ଟ ଭୌଗୋଳିକ ଅଂଚଳ, ଯାହାକି ପରିବେଶ ସହାୟକ ସେବା ଏବଂ ସାଂସ୍କୃତିକ ମୂଲ୍ୟବୋଧରେ ପର୍ଯ୍ୟାବରଣର ଦୀର୍ଘସ୍ଥାୟୀ ସଂରକ୍ଷଣ ଲକ୍ଷ୍ୟ ହାସଲ ପାଇଁ ଆଇନାନୁଯାୟୀ ଏବଂ ବିଧିବ୍ୟବସ୍ଥା ଅନୁସାରେ ସ୍ୱିକୃତି ପ୍ରାପ୍ତ, ଉତ୍ସର୍ଗୀକୃତ ଏବଂ ପରିଚାଳିତ ।

ସୁରକ୍ଷିତ ଅଂଚଳ ଗୁଡିକ ସେଗୁଡିକର ପାରିବେଶିକ, ସାଂସ୍କୃତିକ ବା ସେହିଭଳି ମୂଲ୍ୟବୋଧ ପାଇଁ ସୁରକ୍ଷା ପାଇଥାନ୍ତି । ଦେଶ ଗୁଡିକରେ ବହୁବର୍ଷ ଧରି ସୁରକ୍ଷିତ ଅଂଚଳ ବ୍ୟବସ୍ଥା ମାନ ରହିଛି । ଏହି ସବୁ ବ୍ୟବସ୍ଥା ସେମାନଙ୍କର ଜାତୀୟ ସ୍ୱାର୍ଥ ଏବଂ ଅଗ୍ରାଧିକାରକୁ ନେଇ ଦେଶ ଦେଶ ମଧରେ ଭିନ୍ନତା ରହିଛି । ସେହିପରି ଏହାର ନୀୟମାବଳୀ, ଅନୁଷ୍ଠାନ ଏବଂ ଆର୍ଥିକ ସହାୟତାରେ ମଧ ଭିନ୍ନତା ରହିଛି । ସୁରକ୍ଷିତ ଅଂଚଳ ଗୁଡିକର ଚିହ୍ନଟ ବିଭିନ୍ନ ପରିବେଶ ଯଥା – ସର୍ବୋଚ୍ଚ ପର୍ବତମାଳାରୁ ଆରମ୍ଭକରି ଗଭୀରତମ ସମୁଦ୍ର, ଜଙ୍ଗଲ, ମରୁଭୂମୀ, ହ୍ରଦ ଏପରିକି ଜାତୀୟ ସୀମାକୁ ମଧ ନିଆଯାଇଛି ।

## ବିଶ୍ୱ ସଂରକ୍ଷଣ ସଂଘ ( ଆଇ.ୟୁ.ସି.ଏନ )ର ସୁରକ୍ଷିତ ଅଂଚଳ ପରିଚାଳନା/ ପ୍ରକାର ଏବଂ ପ୍ରଶାସନିକ ବ୍ୟବସ୍ଥା ସବୁ   କଣ ?

ସମଗ୍ର ବିଶ୍ୱରେ ୧ ଲକ୍ଷ୍ୟରୁ ଅଧିକ ସୁରକ୍ଷିତ ଅଂଚଳ ରହିଛି । ସେଗୁଡିକର ଭିନ୍ନ ଭିନ୍ନ ଉପାଧି ରହିଛି ଏବଂ ଭିନ୍ନ ଉଦ୍ଦେଶ୍ୟ ନେଇ ପରିଚାଳିତ ହେଉଛନ୍ତି । ସେଗୁଡିକର ସଂଗଠନକୁ ସଂଯୋଜନା କରିବା ଏବଂ ଆନ୍ତର୍ଜାତୀୟ ସ୍ତରରେ ଏକ ସାଧାରଣ ନୀୟମ ପ୍ରଚଳନ କରିବା ନିମନ୍ତେ ଆଇ,ୟୁ.ସି.ଏନ୍ ଏକ ବିଶ୍ୱସ୍ତରୀୟ ବିଭାଗୀକରଣ ବ୍ୟବସ୍ଥା ପ୍ରଚଳନ କରିଛି । ୧୯୯୪ ମସିହାରେ ଆଇ,ୟୁ.ସି.ଏନ୍ ର ସଦସ୍ୟମାନେ ସଂରକ୍ଷିତ ଅଂଚଳ ପରିଚାଳନା ଉଦ୍ଦେଶ୍ୟ ଅନୁଯାୟୀ ଛଟି ବିଭାଗକୁ ସ୍ୱିକୃତି ଦେଇଥିଲେ । ସେଗୁଡିକ ହେଲା –

- କ - ନୀୟମନିଷ୍ଠ ପ୍ରାକୃତିକ ସଂରକ୍ଷଣ/ ବନ୍ୟ ସୁରକ୍ଷା ଅଂଚଳ – ବିଶେଷକରି ବିଜ୍ଞାନ ବା ବନ୍ୟସୁରକ୍ଷା ନିମନ୍ତେ ସୁରକ୍ଷିତ ଅଂଚଳ ପରିଚାଳନା
- ଖ – ଜାତୀୟ ପାର୍କ – ବିଶେଷକରି ପର୍ଯାବରଣ ସୁରକ୍ଷା ଏବଂ ଆମୋଦପ୍ରମୋଦ ସ୍ଥଳ ନିମନ୍ତେ ସୁରକ୍ଷିତ ଅଂଚଳ ପରିଚାଳନା
- ଗ – ଜାତୀୟ ସ୍ମାରକୀ - ବିଶେଷକରି ସ୍ୱତନ୍ତ୍ର ପ୍ରାକୃତିକ ଦୃଶ୍ୟପଟ୍ଟର ସଂରକ୍ଷଣ ନିମନ୍ତେ ସୁରକ୍ଷିତ ଅଂଚଳ ପରିଚାଳନା
- ଘ - ପ୍ରାକୃତିକ ଆବାସ ସ୍ଥଳୀ/ପ୍ରଜାତି ପରିଚାଳିତ ଅଂଚଳ - ବିଶେଷକରି ପରିଚାଳନାଗତ କାର୍ଯ୍ୟକ୍ରମ ପାଇଁ ସଂରକ୍ଷଣ ନିମନ୍ତେ ସୁରକ୍ଷିତ ଅଂଚଳ ପରିଚାଳନା
- ଙ – ସୁରକ୍ଷିତ ଭୂମିରୂପ/ ସମୁଦ୍ର – ବିଶେଷକରି ଭୂମିରୂପ/ ସମୁଦ୍ର ପର୍ଯାବରଣର ସଂରକ୍ଷଣ ଏବଂ ଅବସର ବିନୋଦନ ନିମନ୍ତେ ସୁରକ୍ଷିତ ଅଂଚଳ ପରିଚାଳନା
- ଚ – ସମ୍ବଳ ସୁରକ୍ଷିତ ଅଂଚଳ ପରିଚାଳନା – ବିଶେଷକରି ପ୍ରାକୃତିକ ପରିବେଶର ସ୍ଥାୟୀ ବ୍ୟବହାର ପାଇଁ ସୁରକ୍ଷିତ ଅଂଚଳ ପରିଚାଳନା

ଯେକୌଣସି ବୋର୍ଡ ଯେକୌଣସି ପରିଚାଳନା ଉଦ୍ଦେଶ୍ୟ ସହ ଜଡିତ ରହିଥାଉନା କାହିଁକି, ଆଇ,ୟୁ.ସି.ଏନ୍ ୪ଟି ପ୍ରଶାସନିକ ବୋର୍ଡକୁ ସ୍ୱିକୃତି ପ୍ରଦାନ କରିଛି,

କ – ସରକାରୀ ପ୍ରଶାସନ - ଏକ ସରକାରୀ ବିଭାଗ ( ସରକାରୀ ମନ୍ତ୍ରଣାଳୟ ବା କୌଣସି ଏଜେନ୍ସି ଯିଏ ସରକାରଙ୍କୁ ସିଧାସଳଖ ରିପୋର୍ଟ ପ୍ରଦାନ କରୁଥିବ ) ସଂରକ୍ଷିତ ଅଂଚଳର ପରିଚାଳନା, ଏହାର ସଂରକ୍ଷଣ ଉଦ୍ଦେଶ୍ୟକୁ ନିର୍ଣ୍ଣୟ କରୁଥିବେ, ଏହାର ପରିଚାଳନା ଯୋଜନାର ପ୍ରସ୍ତୁତି ଏବଂ କାର୍ଯ୍ୟକାରୀତା କରୁଥିବେ ଏବଂ ତାସହିତ ସଂରକ୍ଷିତ ଅଂଚଳର ଜମି, ଜଳ ଏବଂ ସମ୍ବଳ ଉପରେ ମାଲିକାନା ହାସଲ କରିଥିବେ, ସେ ଏହାର କ୍ଷମତା, ଦାୟିତ୍ୱ ଏବଂ ପରିଚାଳନା ଗତ ଉତ୍ତରଦାୟୀ ହେବେ ।

ଖ – ମିଳିତ ପ୍ରଶାସନ - ଏକାଧିକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକୁ ନେଇ ପରିଚାଳନାଗତ କ୍ଷମତା ଏବଂ ଦାୟିତ୍ୱ ତୁଲାଇବା ପାଇଁ ମିଳିତ ଆନୁଷ୍ଠାନିକ ପ୍ରକ୍ରିୟା ଓ କୌଶଳ ।

ଗ – ବେସରକାରୀ ପ୍ରଶାସନ - ଅଣ ଲାଭ ଭିତ୍ତିକ ବା ଲାଭ ଭିତ୍ତିକ ବ୍ୟକ୍ତିଗତ, ସମବାୟ ଭିତ୍ତିକ, ସ୍ୱେଚ୍ଛାସେବୀ ସଂଗଠନ ବା କର୍ପୋରେଟ ସଂସ୍ଥା ପରିଚାଳିତ ବ୍ୟବସ୍ଥା ଗୁଡିକ ବେସରକାରୀ ପ୍ରଶାସନ ବ୍ୟବସ୍ଥା ଭିତରେ ଆସୁଛି ।

ଘ - ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଦ୍ୱାରା ପ୍ରଶାସିତ – ଏଥିରେ ଦୁଇଟି ମୁଖ୍ୟ ବିଷୟ ରହିଛି

୧- ଆଦିମ ଅଧିବାସୀ ଅଂଚଳ ଏବଂ ଆଦିମ ଅଧିବାସୀ ମାନଙ୍କ ଦ୍ୱାରା ସ୍ଥାପିତ ଏବଂ ପରିଚାଳିତ ଅଂଚଳ ।

୨- ସ୍ଥାନୀୟ ଗୋଷ୍ଠୀ ଗୁଡିକ ଦ୍ୱାରା ପରିଚାଳିତ ଗୋଷ୍ଠୀ ସଂରକ୍ଷିତ ଅଂଚଳ ।

## ୨ – ଆଦିମ ଅଧିବାସୀ ଅଂଚଳ ଏବଂ ସୁରକ୍ଷିତ ଅଂଚଳ

ଲାଟିନ୍ ଆମେରିକା, ଉତ୍ତର ଆମେରିକା, ଓସିନିଆ, ଆଫ୍ରିକା, ଏସିଆ ଏବଂ ସୁମେରୁ ଅଂଚଳ ମୁଖ୍ୟତଃ ସୁରକ୍ଷିତ ଅଂଚଳ ଭାବେ ଚିହ୍ନିତ । ତାସହ ଆଦିମ ଅଧିବାସୀ ମାନଙ୍କର ପୈତୃକ ଜମି ଏବଂ ଜଳ ଉତ୍ସ ଏବଂ ଗୋଷ୍ଠୀର ସଂସ୍କୃତି ମଧ୍ୟ ଏହାର ଅନ୍ତର୍ଭୁକ୍ତ ।

ଆଇ,ୟୁ.ସି.ଏନ୍ ଆଦିମ ଅଧିବାସୀ ମାନଙ୍କର ଅଧିକାର ଓ ସ୍ୱାର୍ଥକୁ ସମ୍ମାନ ଦେଇ ସଂରକ୍ଷିତ ଅଂଚଳ ନୀତିନୀୟମ ଏବଂ ପ୍ରସ୍ତୁତି ଏବଂ ଗ୍ରହଣ କରିଥିଲା । ସେଗୁଡିକର ସ୍ୱିକୃତି ଏବଂ କାର୍ଯ୍ୟକାରିତାରେ ସହାୟତା ପାଇଁ ବିଭିନ୍ନ କୌଶଳ ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିଥିଲା । ଏହାର ନୀତିନୀୟମ ସହ ସମନ୍ୱୟ ରଖି ଆଇ,ୟୁ.ସି.ଏନ୍ ନିମ୍ନ ସୁସ୍ଥ ପ୍ରଶାସନିକ ବ୍ୟବସ୍ଥା ମାନ ସଂରକ୍ଷିତ ଅଂଚଳ ପାଇଁ କରିଥିଲେ ମଧ ତାହା ଆଦିମ ଅଧିବାସୀ ମାନଙ୍କର ପାରଂପରିକ ଜମି, ଜଳ ଏବଂ ସମ୍ବଳ ସହ ସଂପର୍କିତ ଅଟେ ।

- ଆଦିମ ଅଧିବାସୀଙ୍କ ଜମି, ଅଂଚଳ ଏବଂ ସମ୍ବଳରେ ସ୍ଥାପିତ ସଂରକ୍ଷିତ ଅଂଚଳ ପାରଂପରିକ ଅଧିକାରୀ, ସତ୍ୱାଧିକାରୀ, ସେହି ସମ୍ବଳର ବ୍ୟବହାରକାରୀ, ଅଂଚଳ ବା ସମ୍ବଳ ଗୁଡିକୁ ବ୍ୟବହାର କରୁଥିବା ଗୋଷ୍ଠୀର ଅଧିକାରକୁ ସମ୍ମାନ ଦେବା ଉଚିତ ।
- ସୁରକ୍ଷିତ ଅଂଚଳ ପରିଚାଳନା ମଧ ଆଦିମ ଅଧିବାସୀ ମାନଙ୍କ ଅନୁଷ୍ଠାନ ଏବଂ କୌଳିକ ନୀତିନୀୟମକୁ ସମ୍ମାନ ଦେବା ଆବଶ୍ୟକ ।

- ତେଣୁ ଆଦିବାସୀ ମାଲିକ ବା ତତ୍ତ୍ୱାବଧାରକ ସେହି ଅଂଚଳର ସତ୍ତ୍ୱାଧିକାରୀ ହିସାବରେ ସ୍ୱିକୃତି ପାଇବା ଉଚିତ ଏବଂ ଆଦିମ ଅଧିବାସୀ ମାନଙ୍କର ସେହି ଅଂଚଳ ଉପରେ କର୍ତ୍ତୃତ୍ୱ ଏବଂ ନିୟନ୍ତ୍ରଣକୁ ସମ୍ମାନ ଦିଆଯିବା ଏବଂ ଦୃଢ କରାଯିବା ଆବଶ୍ୟକ ।

ଗତବର୍ଷ ଗୁଡିକରେ ଆଦିମ ଅଧିବାସୀ ମାନଙ୍କ ଜମି, ଜଳ ଓ ସମ୍ବଳକୁ ନେଇ ସଂରକ୍ଷିତ ଅଂଚଳ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି । ପ୍ରଥମତଃ ଆଇ.ୟୁ.ସି.ଏନ୍ ଏହାର  ବିଶ୍ୱ ସଂରକ୍ଷଣ କଂଗ୍ରେସରେ ସଂରକ୍ଷିତ ଅଂଚଳ ଏବଂ ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କରେ ସ୍ୱତନ୍ତ୍ର ନୀତିନୀୟମ ମାନ ଗ୍ରହଣ କରିଛି । ଦ୍ୱିତୀୟତଃ ଜାତୀୟ ସ୍ତରରେ ଅନେକ ଦେଶ ଆଦିମ ଅଧିବାସୀ ମାନଙ୍କ ଅଧିକାରକୁ ସୁହାଇବା ପରି ଅନେକ ନୂଆ ନୀତିନୀୟମ ଏବଂ ଆଇନ୍ ମାନ ପ୍ରଣୟନ କରି କାର୍ଯ୍ୟକାରୀ କରିଛନ୍ତି । ଆନ୍ତର୍ଜାତୀୟ ସ୍ତରରେ ସଂରକ୍ଷିତ ଅଂଚଳ ପାଇଁ ସି.ବି.ଡି କାର୍ଯ୍ୟକ୍ରମ, ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ଆଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏସବୁ ଆଦିମ ଅଧିବାସୀ ଏବଂ ସଂରକ୍ଷିତ ଅଂଚଳ ସଂପର୍କରେ ରାଜନୈତିକ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଦେଇଛି ।

## ୩ – ସଂରକ୍ଷିତ ଅଂଚଳର ଇତିହାସ ଏବଂ ଉତ୍ପତ୍ତି

ମାନବ ସମାଜ ପାରିବେଶିକ ଏବଂ ସାଂସ୍କୃତିକ ଆବଶ୍ୟକତା ପୁରଣ ପାଇଁ ବହୁ ପୂର୍ବରୁ ପ୍ରାକୃତିକ ପରିବେଶ ପୂର୍ଣ୍ଣ ସ୍ୱତନ୍ତ୍ର ଅଂଚଳ ଗୁଡିକୁ  ସୁରକ୍ଷିତ ରଖିଆସିଛି । ସେହି ଅଂଚଳ ଗୁଡିକ ମୌଳବାଦ ସମ୍ବଳ ଅଂଚଳ ହିସାବରେ ପରିଗଣିତ ଏବଂ ଉପାସନା ସ୍ଥଳୀର ବୃକ୍ଷ ଏବଂ ତୋଟା ଆଦି, ଶିକାର କିମ୍ବା ଅବସର ବିନୋଦନ ପାଇଁ, ସାମାଜିକ ଆମୋଦପ୍ରମୋଦ ପାଇଁ ଅନେକ ଅଂଚଳ ସଂରକ୍ଷିତ ଭାବେ ଚିହ୍ନିତ । ତେବେ ୟେଲୋଷ୍ଟୋନ୍ ଠାରେ ବିଶ୍ୱର ପ୍ରଥମ ଜାତୀୟ ଉଦ୍ୟାନ ପ୍ରତିଷ୍ଠା ହେବା ପରଠାରୁ ସଂରକ୍ଷିତ ଅଂଚଳ ପରିଚାଳନାର ଆଧୁନିକ ଯୁଗ ଆରମ୍ଭ ହେଲା ବୋଲି ବୁଝିବାକୁ ହେବ । ୧୮୭୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର କ୍ରୋ, ବ୍ଲାକ୍‌ଫିଟ୍ ଏବଂ ସୋସୋନ୍ – ବ୍ୟାନୋକ୍ ଅଂଚଳରେ ପ୍ରତିଷ୍ଠିତ ଏହି ୟେଲୋଷ୍ଟୋନ୍‌କୁ ଏହାର ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରାକୃତିକ ପରିବେଶ ପାଇଁ ସ୍ଥିର କରାଯାଇଥିଲା । ବର୍ତ୍ତମାନ ସାରା ବିଶ୍ୱରେ ଅନେକ ସୁରକ୍ଷିତ ଅଂଚଳ ସ୍ଥାପିତ ହୋଇଛି ଏବଂ ଏହା ବିଶ୍ୱର ଭୂଭାଗର ଶତକଡା ୧୦ ଭାଗରୁ ଅଧିକ ହେବ ।

ସବୁଦେଶରେ ସୁନ୍ଦର ଭାବେ ଲିଖିତ ଭୂମିକା ଓ ଦାୟିତ୍ୱ ସଂପର୍କିତ ପାରିବେଶିକ ତତ୍ତ୍ୱାବଧାନ ବ୍ୟବସ୍ଥା ଥିଲେ ମଧ୍ୟ ଆଦିମ ଅଧିବାସୀମାନେ ଗତ ଜୈବବିବିଧତା ସଂରକ୍ଷଣ ବ୍ୟବସ୍ଥା ଗୁଡିକରେ ଅବହେଳିତ ହୋଇ ଆସୁଛନ୍ତି । ସଂରକ୍ଷଣକାରୀ ଏବଂ ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ସବୁବେଳେ ଦ୍ୱନ୍ଦ ଲାଗି ରହିଛି । ୧୯ଶ ଶତାବ୍ଦୀ ପରଠାରୁ କ୍ରିଡା ସଂରକ୍ଷଣ ଅଂଚଳ, ଜାତୀୟ ଉଦ୍ୟାନ ଏବଂ ଅନ୍ୟାନ୍ୟ ସଂରକ୍ଷିତ ଅଂଚଳ ମାଧ୍ୟମରେ  ଆଦିବାସୀ ଅଂଚଳଗୁଡିକରୁ ଅଲଗା କରାହୋଇ ଆସୁଛି । ମୂଖ୍ୟତଃ ଆଫ୍ରିକା ଏବଂ ଏସିଆର କିଛି ଅଂଚଳ ଯେଉଁଠାରେ କି ଆଦିମ ଅଧିବାସୀ ମାନଙ୍କ ଆଇନଗତ ଅଧିକାର ଅଧିକ ଅସ୍ୱଷ୍ଟ ରହିଛି ସେଠାରେ ଛିନ୍ନ କରିବା ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି ।

ଆମ୍ଭେମାନେ ଏହି ସମସ୍ୟାକୁ ଏକ ଜଣାଶୁଣା ଉଦାହରଣ ମାଧ୍ୟମରେ ସ୍ପଷ୍ଟ କରିପାରିବୁ । ୟେଲୋଷ୍ଟୋନକୁ ଏକ ବନାନୀ ସମୃଦ୍ଧ ଅଂଚଳ ହିସାବରେ ଘୋଷଣା କରାଗଲା ଏବଂ ୧୮୭୧ ମସିହାରେ ଶୋଶୋନ - ବାନୋକ୍ ଅଂଚଳର ବାସିନ୍ଦା ମାନଙ୍କୁ ଓ୍ୱିଣ୍ଡ ନଦୀ ଅଂଚଳରେ ଥଇଥାନ କରାଗଲା । ସେମାନଙ୍କର ସ୍ଥାନାନ୍ତର ସଂପର୍କରେ ମିଶ୍ର ପ୍ରତିକ୍ରିୟା ଥିବାର ଐତିହାସିକ ତଥ୍ୟ ଥିଲେ ମଧ୍ୟ ୧୮୭୭ ମସିହାରେ ଆଦିବାସୀ ଗୋଷ୍ଠୀ ଏବଂ ସରକାରୀ ପର୍ଯ୍ୟବେକ୍ଷକ ମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଥିଲା । ଏଥିରେ ପ୍ରାୟ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୮୮୬ ମସିହାରେ ପାର୍କର ପ୍ରଶାସନିକ କ୍ଷମତା ଆମେରିକୀୟ ସେନାବାହିନୀ ହାତକୁ ହସ୍ତାନ୍ତର କରାଗଲା ।

ଇତିହାସରେ ୟେଲୋଷ୍ଟୋନ ମଡେଲ୍‌ର ସଂରକ୍ଷିତ ଅଂଚଳ ବ୍ୟବସ୍ଥା ଗ୍ରହଣ ଯୋଗୁଁ ଅନେକ ଅଂଚଳରେ ଆଦିମ ଅଧିବାସୀ ମାନଙ୍କୁ ବଳପୂର୍ବକ ନିଜ ବାସସ୍ଥାନରୁ ସ୍ଥାନାନ୍ତର କରାଯାଇଛି । ଉଗାଣ୍ଡାର କିଡେପୋ ଜାତୀୟ ଉଦ୍ୟାନ ସ୍ଥାପନ ପାଇଁ ଇକ୍ ଆଦିମ ଅଧିବାସୀ ମାନଙ୍କୁ ଏବଂ ସୁଲାଓ୍ୱେସିର ଡୋମୋଙ୍ଗା- ବୋନ୍ ଜାତୀୟ ଉଦ୍ୟାନ ସ୍ଥାପନ ପାଇଁ ମୋଙ୍ଗୋଣ୍ଡ୍ୱୋ ଆଦିମ ଅଧିବାସୀ ମାନଙ୍କୁ ବିତାଡିତ କରିବା ଏହାର ଅନ୍ତର୍ଭୁକ୍ତ ।  ସ୍ଥାନୀୟ ଅଧିବାସୀ ମାନଙ୍କ ବିନା ସୁରକ୍ଷିତ ଅଂଚଳ ପ୍ରତିଷ୍ଠା କରିବା ଯୋଜନା ଉଭୟ କ୍ଷତିଗ୍ରସ୍ତ ଲୋକ ଏବଂ ସରକାର ଓ ସଂରକ୍ଷଣବାଦୀ ସଂସ୍ଥା ଦ୍ୱାରା ସୁରକ୍ଷା ପାଇଁ ଚେଷ୍ଟା କରାଯାଉଥିବା ଅଂଚଳ ପାଇଁ ଅନିଚ୍ଛାକୃତ । ବର୍ତ୍ତମାନ ଅଧିକାଂଶ ଏହିସବୁ ଅଂଚଳରେ କ୍ଷତିଗ୍ରସ୍ତ ଏବଂ ସମ୍ଭାବ୍ୟ କ୍ଷତିଗ୍ରସ୍ତ ଲୋକମାନଙ୍କ ସହ ସରକାର ଓ ସଂରକ୍ଷଣକାରୀ ସଂସ୍ଥା ଗୁଡିକ ମଧ୍ୟରେ ବିଶୃଙ୍ଖଳା ଲାଗି ରହିଛି ।

ଆକଳନରୁ ଜଣାପଡିଛି ଯେ ବିଶ୍ୱର ୮୫ ପ୍ରତିଶତ ସୁରକ୍ଷିତ ଅଂଚଳ ହେଉଛି ଆଦିମ ଅଧିବାସୀଙ୍କ ବସତି ଅଂଚଳ । ଏହି ତଥ୍ୟକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଏହି ଜଟିଳତାକୁ ୨୦୦୩ ମସିହାର ବିଶ୍ୱ ଉଦ୍ୟାନ କଂଗ୍ରେସରେ ଗୃହିତ କରାଯାଇଛି । କଂଗ୍ରେସର ୨୪ତମ ସୁପାରିଶରେ ଦର୍ଶାଯାଇଛି ଯେ, ଅନେକ ସୁରକ୍ଷିତ ଅଂଚଳ ଆଦିମ ଅଧିବାସୀ ମାନଙ୍କ ଜମି, ଅଂଚଳ ଏବଂ ସମ୍ବଳ ଉପରେ ପ୍ରତିଷ୍ଠା କରାଯାଇଛି । ଏଥିରେ ମଧ ଦର୍ଶାଯାଇଛି ଯେ, ସୁରକ୍ଷିତ ଅଂଚଳ ପ୍ରତିଷ୍ଠା ଯୋଗୁଁ ଆଦିମ ଅଧିବାସୀ ମାନଙ୍କର ଅଧିକାର, ସ୍ୱାର୍ଥ ଏବଂ ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି ଏବଂ ତାହାଦ୍ୱାରା ଅନେକ ବିଶୃଙ୍ଖଳା ସୃଷ୍ଟି ହୋଇଆସୁଛି ।

ଏହି ସୁପାରିଶରେ ଏହା ମଧ ଦର୍ଶଅଯାଇଛି ଯେ, ସଂରକ୍ଷିତ ଅଂଚଳ ଗୁଡିକର ଭିତରେ ବା ଚାରିପଟେ ବସବାସ କରୁଥିବା ଆଦିମ ଅଧିବାସୀ ମାନଙ୍କର ଅଧିକାରକୁ ସଂରକ୍ଷିତ ଅଂଚଳ ଉଦ୍ଦେଶ୍ୟରେ ଯଦି ହାନୀ ପହଞ୍ଚା ନଯାଆନ୍ତା ତାହେଲେ ସୁବ୍ୟବସ୍ଥିତ  ଓ ସ୍ଥାୟୀ ସଂରକ୍ଷଣ ହୋଇପାରନ୍ତା । ତେଣୁ ଏହା ସର୍ବସ୍ୱିକୃତ ଯେ, ସଂରକ୍ଷଣ କାର୍ଯ୍ୟକ୍ରମର ସୁ କାର୍ଯ୍ୟକାରୀତା ଆଦିମ ଅଧିବାସୀ ମାନଙ୍କର ସହଯୋଗ ଓ ସମ୍ମତି ଦ୍ୱାରା ହିଁ ଫଳପ୍ରଦ ହୋଇପାରିବ କାରଣ ସେମାନଙ୍କର ସଂସ୍କୃତି, ଜ୍ଞାନ ଏବଂ ବସତି ଅଂଚଳ ଏହି ସଂରକ୍ଷିତ ଅଂଚଳକୁ ଦୀର୍ଘକାଳ ଧରି ସମୃଦ୍ଧ କରିଆସିଛି । ଏହି ସୁପାରିଶରେ ଆହୁରି ମଧ ଦର୍ଶାଯାଇଛି ଯେ, ସଂରକ୍ଷିତ ଅଂଚଳ ସୃଷ୍ଟି  ଏବଂ ବାହ୍ୟ ବିପଦରୁ ଆଦିମ ଅଧିବାସୀ ମାନଙ୍କର ଜମି, ଅଂଚଳ ଏବଂ ସମ୍ବଳକୁ ସୁରକ୍ଷା ଯୋଗାଇବାର ଆବଶ୍ୟକତା ଭିତରେ ଏକ ଉଦ୍ଦେଶ୍ୟଗତ ସାମଞ୍ଜସ୍ୟତା ରହିଛି ।

୧୯୯୬ ମସିହାରେ ମଣ୍ଟ୍ରିଲ ଠାରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ସଂରକ୍ଷଣ କଂଗ୍ରେସରେ ଆଇ.ୟୁ.ସି.ଏନ୍ ସଭ୍ୟ ମାନଙ୍କ ଦ୍ୱାରା ଗୃହିତ ସଂକଳ୍ପନାମା ଉପରେ ବିଶ୍ୱ ପାର୍କ କଂଗ୍ରେସ ତରଫରୁ ଗ୍ରହଣ କରାଯାଇଥିବା ରିଜୋଲୁସନ ନିମ୍ନ ଲିଖିତ ନୀତିନୀୟମ ଗୁଡିକୁ ଦର୍ଶାଉଅଛି –

୧ – ସଂରକ୍ଷିତ ଅଂଚଳ ମଧ୍ୟରେ ଆସୁଥିବା ଆଦିମ ଅଧିବାସୀ ମାନଙ୍କର ଜମି, ଅଂଚଳ ଏବଂ ସମ୍ବଳ ଗୁଡିକ ଉପରେ ଅଧିକାରକୁ ସ୍ୱିକୃତି

୨- ଆଦିମ ଅଧିବାସୀ ମାନଙ୍କ ବସତି ଅଂଚଳରେ ସଂରକ୍ଷିତ ଅଂଚଳ ସ୍ଥାପନ ପୂର୍ବରୁ ସେମାନଙ୍କ ସହ ରାଜିନାମାର ଆବଶ୍ୟକତାକୁ ସ୍ୱିକୃତି

ଆଦିମ ଅଧିବାସୀ ମାନଙ୍କ ଜମି ବା ଅଂଚଳରେ ସଂରକ୍ଷିତ ଅଂଚଳ ସ୍ଥାପନର ପରିଚାଳନାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ସଂପର୍କିତ ଅଧିକାରକୁ ସ୍ୱିକୃତି ଏବଂ ସେହି ଜମି ବା ଅଂଚଳରେ କୌଣସି କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କର ଅଧିକାର ଏବଂ ସ୍ୱାର୍ଥ ବାଧାପ୍ରାପ୍ତ ହେଉଥିଲେ ସେଥିପାଇଁ ସେମାନଙ୍କ ଅନୁମତି ନେବା ଜରୁରୀ ।



**ପ୍ରୟୋଗ – ୧**

ତୁଳନା ଏବଂ ବୈଷମ୍ୟତା ( ୩୦ ମିନିଟ)

ଜଙ୍ଗଲ ସଂରକ୍ଷଣ ନିମନ୍ତେ ପରସ୍ପର ବିରୋଧି କାର୍ଯ୍ୟପନ୍ଥା ଗୁଡ଼ିକୁ ବୁଝିବା

୧- ଅଂଶଗ୍ରହଣକାରୀ ମାନଙ୍କୁ ଜଙ୍ଗଲ ସଂରକ୍ଷଣ ଏବଂ ସୁରକ୍ଷା ଦିଗରେ ଥିବା ସେମାନଙ୍କର କିଛି ପାରଂପରିକ ପ୍ରଥା ବିଷୟରେ ଉପସ୍ଥାପନ କରିବାକୁ କୁହନ୍ତୁ ।

୨- ବିଭିନ୍ନ ଦେଶ ବା ଗୋଷ୍ଠୀରେ ସରକାର ବା ବେସରକାରୀ ସଂସ୍ଥା ଦ୍ୱାରା ସ୍ଥାପିତ ହୋଇଥିବା ସୁରକ୍ଷିତ ଅଂଚଳ ବିଷୟରେ ଅନ୍ୟ କେତେକ ଅଂଶଗ୍ରହଣକାରୀ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରନ୍ତୁ ।

୩- ଅଂଶଗ୍ରହଣକାରୀ ମାନେ ସାମୁହିକ ଭାବେ ଉତ୍ତର ଦେବା ପାଇଁ ଏହି ପ୍ରଶ୍ନ ପଚାରନ୍ତୁ – ଆଦିମ ଅଧିବାସୀ ଲୋକମାନେ ଏବଂ ସରକାରୀ ପ୍ରତିଷ୍ଠିତ ସଂରକ୍ଷିତ ଅଂଚଳ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କଣ ପ୍ରଭେଦ ରହିଛି ?

୪- ତାଲିମ ସହାୟକ ଆଦିମ ଅଧିବାସୀ ଲୋକମାନେ ଏବଂ ସରକାରୀ ପ୍ରତିଷ୍ଠିତ ସଂରକ୍ଷିତ ଅଂଚଳ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ପ୍ରଭେଦ ଗୁଡ଼ିକର ସାରାଂଶ ଉପସ୍ଥାପନ କରିବେ ।

ଆଦିମ ଅଧିବାସୀ ମାନେ ପରିବେଶ ଓ ଜମି ସହ ସେମାନଙ୍କ ସଂପର୍କକୁ ଯେପରି ବୁଝନ୍ତି ସେଥିରୁ ଜଣାପଡେ ଯେ, ସଂରକ୍ଷଣ ସେମାନଙ୍କର ବିଶ୍ୱଦୃଷ୍ଟିଭଙ୍ଗୀ ଏବଂ ଦୈନନ୍ଦିନ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଂଶ । ଏହାର କାରଣ ହେଉଛି ସେମାନଙ୍କର ବିଶ୍ୱଦୃଷ୍ଟିଭଙ୍ଗୀ ଜମି ଏବଂ ସଂରକ୍ଷଣ ସହ ଅନ୍ତରଙ୍ଗ ଭାବେ ଜଡିତ ଏବଂ ସେମାନଙ୍କ ମୂଲ୍ୟବୋଧର ଏକ ଅଂଶ । ଆଦିମ ଅଧିବାସୀ ମାନଙ୍କ ଅନୁଯାୟୀ, ପୃଥିବୀକୁ ତୁମେ ବ୍ୟବହାର କରୁଛ ଅର୍ଥ ତୁମେ ତାକୁ ସୁରକ୍ଷା ଦେଉଛ ।

ସଂରକ୍ଷିତ ଅଂଚଳର ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ହେଲା, ପ୍ରକୃତିକୁ ବ୍ୟବସାୟିକ ଲାଭ ପାଇଁ ମନଇଚ୍ଛା ଆଦାୟ ଏବଂ ବ୍ୟବହାର, ଯାହାକି ଜଙ୍ଗଲର ପ୍ରଚୁର ଶୋଷଣ ଏବଂ ଅବକ୍ଷୟ ପାଇଁ ବିଶେଷ ଭାବେ ଦାୟୀ । ଏଥିପାଇଁ ପରିବେଶବିତ୍ ମାନେ ସଂରକ୍ଷିତ ଅଂଚଳର ଆବଶ୍ୟକତା ବିଷୟରେ ଚିନ୍ତା କଲେ । ତେବେ ସେମାନଙ୍କର ସଂରକ୍ଷଣ ସଂପର୍କିତ ଚିନ୍ତାଧାରା ହେଲା ସଂରକ୍ଷିତ ଅଂଚଳ ଘୋଷଣା ମାଧ୍ୟମରେ ଜଙ୍ଗଲକୁ ମାନବିକ ବ୍ୟବହାର ମୁକ୍ତ କରିବା ।

## ୪ – ସଂରକ୍ଷିତ ଅଂଚଳ ସଂପର୍କରେଜୈବବିବିଧତା ସମ୍ମିଳନୀ (ସି.ବି.ଡି) ର କାର୍ଯ୍ୟକ୍ରମ

## ସି.ବି.ଡିର ୱେବ୍‌ସାଇଟ ଅନୁଯାୟୀ

ସଂରକ୍ଷିତ ଅଂଚଳ ଗୁଡିକ ହେଉଛି ଜୈବବିବିଧତା ସଂରକ୍ଷଣର ଭିତ୍ତିପ୍ରସ୍ତର । ସେଗୁଡିକ ପ୍ରାକୃତିକ, ସାଂସ୍କୃତିକ ଏବଂ ସାମାଜିକ ପୁଞ୍ଜି ସଂଗ୍ରହ କରିବା, ସାମାଜିକ ସୁଫଳ ଏବଂ ଜୀବିକା ସୁରକ୍ଷା ପାଇଁ ଅର୍ଥନୈତିକ ମୂଲ୍ୟବାନ ସାମଗ୍ରୀ ଏବଂ ସେବା ଆହରଣ କରିବାରେ ମୁଖ୍ୟ ଭୂମିକା ନେବେ ଯାହାକି ଶତାବ୍ଦୀର ବିକାଶ ଲକ୍ଷ ହାସଲ କରିବାପାଇଁ ବିଶେଷ ସହାୟକ ହେବ । ବିଶେଷକରି ସଂରକ୍ଷିତ ଅଂଚଳ ଗୁଡିକ ଆସନ୍ନ ଜଳବାୟୁ ପରିବର୍ତ୍ତନର ଅଚାନକ ପ୍ରଭାବକୁ ପ୍ରତିହତ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ।  ସଂରକ୍ଷିତ ଅଂଚଳ ସଂପର୍କରେଜୈବବିବିଧତା ସମ୍ମିଳନୀ (ସି.ବି.ଡି) ର କାର୍ଯ୍ୟକ୍ରମ, ସାରା ବିଶ୍ୱରେ ବିସ୍ତୃତ ଓ ବ୍ୟବସ୍ଥିତ ଭାବେ ପରିଚାଳିତ ଏବଂ ସ୍ଥାୟୀ ଆର୍ଥିକ ସହାୟତା ପ୍ରାପ୍ତ ଜାତୀୟ ଏବଂ ଆଂଚଳିକ ସଂରକ୍ଷିତ ଅଂଚଳ ବ୍ୟବସ୍ଥା ପାଇଁ ସାରା ବିଶ୍ୱର ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେଲାଭଳି ଏକ କାର୍ଯ୍ୟଯୋଜନା ।

## ସି.ବି.ଡି ରେ ସଂରକ୍ଷିତ ଅଂଚଳ ବ୍ୟବସ୍ଥା

ଜୈବବିବିଧତା ସମ୍ମିଳନୀ ବା ସି.ବି.ଡି ହେଉଛି ସଂରକ୍ଷିତ ଅଂଚଳ ନିମନ୍ତେ ଏକ ମୁଖ୍ୟ ଆନ୍ତର୍ଜାତୀୟ ଆଇନ୍ । ସଂରକ୍ଷିତ ଅଂଚଳ ଶବ୍ଦଟି ସମ୍ମିଳନୀର ଅନୁଛେଦ ୨ରେ ବର୍ଣ୍ଣନା କରାଯାଇଛି ଯେ, ଏକ ଭୌଗୋଳିକ ଚିହ୍ନିତ ଅଂଚଳ, ଯାହାକି ସ୍ୱତନ୍ତ୍ର ସଂରକ୍ଷଣ ଉଦ୍ଦେଶ୍ୟ ହାସଲ ନିମନ୍ତେ ସ୍ଥିରିକୃତ, ଆଇନାନୁମୋଦିନ ଏବଂ ପରିଚାଳିତ । ସମ୍ମିଳନୀର ଅନୁଛେଦ ୮ ସଂରକ୍ଷିତ ଅଂଚଳ ସଂପର୍କରେ ପକ୍ଷଭୂକ୍ତ ରାଷ୍ଟ୍ର ଗୁଡିକର ପାଳନ ନିମନ୍ତେ ନିମ୍ନ ବିଷୟ ଗୁଡିକୁ ସୂଚୀତ କରୁଛି –

- ଜୈବବିବିଧତା ସଂରକ୍ଷଣ ପାଇଁ ଯେଉଁଠାରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି ସେଠାରେ ସଂରକ୍ଷିତ ଅଂଚଳ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିବ ।
- ଜୈବବିବିଧତା ସଂରକ୍ଷଣ ପାଇଁ ଯେଉଁଠାରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି ସେଠାରେ ସଂରକ୍ଷିତ ଅଂଚଳ ଚିହ୍ନଟ ପାଇଁ ପ୍ରତିଷ୍ଠା ଓ ପରିଚାଳନା ପାଇଁ ସ୍ୱତନ୍ତ୍ର ନୀୟମ ବା ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଉ ।
- ସଂରକ୍ଷିତ ଅଂଚଳ ଭିତରେ ହେଉ ବା ବାହାରେ ହେଉ ଜୈବବିବିଧତା ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରକୁ ଦୃଷ୍ଟିରେ ରଖି ସେଗୁଡିକର ପରିଚାଳନା ଏବଂ ଅଭିବୃଦ୍ଧି କରିବା ।
- ସଂରକ୍ଷିତ ଅଂଚଳ ପାର୍ଶ୍ୱବର୍ତ୍ତୀ ଅଂଚଳ ଗୁଡିକର ସୁସ୍ଥ ପରିବେଶ ସମୃଦ୍ଧ ସ୍ଥାୟୀ ବିକାଶ କରିବା ଯେପରିକି ଆଗକୁ ସେଗୁଡିକ ଏହି ଅଂଚଳ ସହ ସଂଯୁକ୍ତ ହୋଇପାରିବେ ।
- ବିକାଶଶୀଳ ରାଷ୍ଟ୍ର ଗୁଡିକରେ ସଂରକ୍ଷଣ ପାଇଁ ଆର୍ଥିକ ସହାୟତା ଏବଂ ଅନ୍ୟଅନ୍ୟ ସହାୟତା ପ୍ରଦାନ ।

ସି.ବି.ଡି ସଂରକ୍ଷିତ ଅଂଚଳ ଗୁଡିକ ପାଇଁ ଏକ କାର୍ଯ୍ୟେଯାଜନା ପ୍ରସ୍ତୁତ କରିଛି ଯାହାକି ଆଦିମ ଅଧିବାସୀ ପ୍ରଶାସନର ସମସ୍ୟାର ଏକ ଅଂଶ ଅଟେ । ସି.ବି.ଡି ଗୃହିତ କରିଛି ଯେ, ଆଦିମ ଅଧିବାସୀ ମାନେ ସଂରକ୍ଷିତ ଅଂଚଳ ପ୍ରାଶାସନର ଏକ ଅଂଶ ହେବେ, ଏବଂ ଯଦି ନୂଆ ସଂରକ୍ଷିତ ଅଂଚଳ ସ୍ଥାପିତ ହୁଏ ତାହେଲେ କ୍ଷତିଗ୍ରସ୍ତ ଆଦିମ ଅଧିବାସୀ ମାନଙ୍କ ଠାରୁ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ନିଆଯିବ ।

ସି.ବି.ଡି ର ୭ମ ଅଧିବେଶନରେ ସଂରକ୍ଷିତ ଅଂଚଳ ସଂପର୍କରେ ନିଆଯାଇଥିବା ନିଷ୍ପତ୍ତି ୭ମ ୨୮ ଅନୁଯାୟୀ –

*୨୩. ଅନୁଛେଦ ୮ (ଜେ) ଏବଂ ସେ ସଂପର୍କିତ ବ୍ୟବସ୍ଥା ଅନୁଯାୟୀ, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ପ୍ରତି ପକ୍ଷଭୁକ୍ତ ଦେଶ ଗୁଡିକର ପ୍ରତିବଦ୍ଧତାକୁ ସ୍ମରଣ କରାଯାଉ, ସଂରକ୍ଷିତ ଅଂଚଳ ଗୁଡିକର ପ୍ରତିଷ୍ଠା, ପରିଚାଳନା ଏବଂ ଯୋଜନାରେ ଜାତୀୟ ଆଇନ୍ ଓ ଆନ୍ତର୍ଜାତୀୟ ପ୍ରତିବଦ୍ଧତାକୁ ନେଇ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ଏବଂ ସେମାନଙ୍କ ଅଧିକାରଗୁଡିକୁ ପୂର୍ଣ୍ଣ ସମ୍ମାନ ପ୍ରଦାନ କରାଯିବ ।*

ସଂରକ୍ଷିତ ଅଂଚଳ ସଂପର୍କିତ ସି.ବି.ଡି କାର୍ଯ୍ୟେଯାଜନା ଚାରିଟି ଉପାଦାନକୁ ନେଇ ଗଠିତ

୧ – ସଂରକ୍ଷିତ ଅଂଚଳ ବ୍ୟବସ୍ଥା ଏବଂ ସ୍ଥାନର ଯୋଜନା, ଚିହ୍ନଟ, ସ୍ଥାପନା, ଦୃଢୀକରଣ ଏବଂ ପରିଚାଳନା ପାଇଁ ସିଧାସଳଖ କାର୍ଯ୍ୟକ୍ରମ ।

୨ - ପ୍ରଶାସନ, ଅଂଶଗ୍ରହଣ, ସମତା ଏବଂ ଲାଭାଂଶ ବଣ୍ଟନ - ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା, ୬ଟି ପ୍ରକାରର ସଂରକ୍ଷିତ ଅଂଚଳ ଏବଂ ବିଶ୍ୱ ଐତିହ୍ୟ ସ୍ଥଳ

୩ – ସଂରକ୍ଷିତ ଅଂଚଳ ଗୁଡିକ ପାଇଁ କାର୍ଯ୍ୟକ୍ଷମ ନୀତି, ଅନୁଷ୍ଠାନ ଏବଂ ସାମାଜିକ - ଅର୍ଥନୈତିକ ପରିବେଶ ପ୍ରଦାନ

୪ – ସ୍ତର ନିର୍ଦ୍ଧାରଣ, ଆକଳନ ଏବଂ ତଦାରଖ ବ୍ୟବସ୍ଥା

ଆଦିମ ଅଧିବାସୀ ମାନଙ୍କୁ କେନ୍ଦ୍ରିତ କରି ଉପାଦାନ ୨, ଲକ୍ଷ୍ୟ ୨.୨ ଏବଂ ଏହା ସଂପର୍କିତ ଲକ୍ଷ୍ୟ

**ମୁଖ୍ୟ ଲକ୍ଷ୍ୟ ୨.୨** - ଆଦିମ ଅଧିବାସୀ, ସ୍ଥାନୀୟ ଗୋଷ୍ଠୀ ଏବଂ ଉପଯୁକ୍ତ ହିତାଧିକାରୀ ମାନଙ୍କ ସଂପୃକ୍ତି ବୃଦ୍ଧି ଏବଂ ସୁରକ୍ଷା ନିମନ୍ତେ

**କାର୍ଯ୍ୟଗତ ଲକ୍ଷ୍ୟ** – ୨୦୦୮ ମସିହା ସୁଦ୍ଧା ଜାତୀୟ ଆଇନ ଏବଂ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ଅନୁସାରେ ଆଦିମ ଅଧିବାସୀ ମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ଏବଂ ସେମାନଙ୍କ ଅଧିକାର ଗୁଡିକୁ ପୂର୍ଣ୍ଣ ସମ୍ମାନ ଓ ସେମାନଙ୍କ ଦାୟିତ୍ୱ ଗୁଡିକୁ ସ୍ୱିକୃତି । ବର୍ତ୍ତମାନର ସୁରକ୍ଷିତ ଅଂଚଳ ଗୁଡିକର ପରିଚାଳନା ଏବଂ ନୂଆ ସୁରକ୍ଷିତ ଅଂଚଳ ପ୍ରତିଷ୍ଠା ନିମନ୍ତେ ଉପଯୁକ୍ତ ହିତାଧିକାରୀଙ୍କ ସଂପୃକ୍ତି ପାଇଁ ଯୋଜନା ।

## ୬ – ସୁରକ୍ଷିତ ଅଂଚଳ ଏବଂ ଅନ୍ୟାନ୍ୟ ସି.ବି.ଡି କାର୍ଯ୍ୟକ୍ରମ

ସୁରକ୍ଷିତ ଅଂଚଳ ଏହି ବିଷୟ ଅନ୍ତର୍ଭୁକ୍ତ କାର୍ଯ୍ୟର ମୁଖ୍ୟ ଉପାଦାନ ଏବଂ ସମ୍ମିଳନୀ ଅନ୍ତର୍ଭୁକ୍ତ ପକ୍ଷ ଗୁଡିକ ଏହାର ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବେ । ନିମ୍ନରେ ଦର୍ଶାଯାଇଥିବା ପ୍ରତିଟି କାର୍ଯ୍ୟକ୍ରମ ସଂରକ୍ଷିତ ଅଂଚଳ ବ୍ୟବସ୍ଥାରେ ରଖାଯାଇଛି ।

୧ – ସାମୁଦ୍ରିକ ଏବଂ ଉପକୂଳବର୍ତ୍ତୀ ଜୈବବିବିଧତା ନିମନ୍ତେ କାର୍ଯ୍ୟ ଯୋଜନା - ସାମୁଦ୍ରିକ ଏବଂ ଉପକୂଳବର୍ତ୍ତୀ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ସାମୁଦ୍ରିକ ଏବଂ ଉପକୂଳବର୍ତ୍ତୀ ସୁରକ୍ଷିତ ଅଂଚଳ ଅତି ଜରୁରୀ ବୋଲି ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ ନିଷ୍ପତ୍ତି ୭ମ/୫, ୨୦୦୪ ଅନୁସାରେ ରାଜି ହୋଇଛନ୍ତି । ଏଥିସହ ସାମୁଦ୍ରିକ ଏବଂ ଉପକୂଳବର୍ତ୍ତୀ ସଂରକ୍ଷିତ ଅଂଚଳର ଏକ ଜାତୀୟ କାର୍ଯ୍ୟକ୍ରମ ଯୋଜନା ପ୍ରଣୟନ ହେବା ଆବଶ୍ୟକ ଯେଉଁଥିରେ ବିଭିନ୍ନ ସ୍ତରର ସୁରକ୍ଷା ବ୍ୟବସ୍ଥା ରହିବ ଏବଂ ଉଭୟ ଅଂଚଳର ଶୋଷଣଗତ ବ୍ୟବହାରକୁ ବିରୋଧ ସହ ସ୍ଥାୟୀ ବ୍ୟବହାର କରିବାର ଲକ୍ଷ୍ୟ ରହିବ ।

୨ – ଅନ୍ତର୍ଦ୍ଦେଶୀୟ ଜଳ ପର୍ଯ୍ୟାବରଣ ପାଇଁ କାର୍ଯ୍ୟକ୍ରମ – ସମନ୍ୱିତ ଜଳଧାରକ/ ଜଳଛୟା/ ନଦୀ ଶଯ୍ୟା ପରିଚାଳନା କାର୍ଯ୍ୟକ୍ରମ ମାଧମରେ ଏକ ବିସ୍ତୃତ, ପର୍ଯ୍ୟାପ୍ତ ଏବଂ ପ୍ରତିନିଧି ମୂଳକ ସୁରକ୍ଷିତ ଅନ୍ତର୍ଦ୍ଦେଶୀୟ ଜଳ ପର୍ଯ୍ୟାବରଣ ସୁରକ୍ଷାର ସ୍ଥାପନା ଏବଂ ପରିଚାଳନା ନିମନ୍ତେ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ ନିଷ୍ପତ୍ତି ୭ମ/୪, ୨୦୦୪ ଅନୁସାରେ ରାଜି ହୋଇଛନ୍ତି ।

୩ – ଶୁଷ୍କ ଏବଂ ଅର୍ଦ୍ଧ ଆର୍ଦ୍ର ଜମି ଗୁଡିକ ପାଇଁ କାର୍ଯ୍ୟକ୍ରମ - ନିଷ୍ପତ୍ତି ୫ମ/ ୨୩ ଅନୁସାରେ ଅତିରିକ୍ତ ସୁରକ୍ଷିତ ଅଂଚଳ ପ୍ରତିଷ୍ଠା ଏବଂ ବ୍ୟବହାର ଏବଂ ବର୍ତ୍ତମାନ ଚିହ୍ନିତ ହୋଇଥିବା ସୁରକ୍ଷିତ ଅଂଚଳ ଗୁଡିକରେ କେତେକ ଆବଶ୍ୟକୀୟ ଲକ୍ଷ୍ୟ ପୁରଣ ନିମନ୍ତେ କାର୍ଯ୍ୟକ୍ରମ ଗୁଡିକରେ ଦୃଢତା ଆଣିବା ।

୪ – ଜଙ୍ଗଲ ଜୈବବିବିଧତା ସଂପର୍କିତ କାର୍ଯ୍ୟକ୍ରମ - ନିଷ୍ପତ୍ତି ୫ମ/ ୨୨ ଅନୁସାରେ ଏଥିରେ ସୁରକ୍ଷିତ ଅଂଚଳ ନିମନ୍ତେ ଅନେକ କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ଅବକ୍ଷୟ ରୋକିବା ଏବଂ ସବୁଜଗୃହ ଗ୍ୟାସ ନିର୍ଗମନକୁ ଏଡେଇବା ପାଇଁ ଜଙ୍ଗଲ ସୁରକ୍ଷିତ ଅଂଚଳ ଗୁଡିକର ଫଳପ୍ରଦ ବିକାଶ ଏବଂ ନୂଆ ଜଙ୍ଗଲ ସୁରକ୍ଷିତ ଅଂଚଳ ପ୍ରତିଷ୍ଠା କାର୍ଯ୍ୟକ୍ରମ ମାନ ରହିଛି ।

୫ – ପାର୍ବତ୍ୟାଞ୍ଚଳ ଜୈବବିବିଧତା ପାଇଁ କାର୍ଯ୍ୟକ୍ରମ – ନିଷ୍ପତ୍ତି ୭ମ/ ୨୭ ଅନୁସାରେ ପାର୍ବତ୍ୟାଞ୍ଚଳ ପର୍ଯ୍ୟାବରଣ ଏବଂ ଏହାଚାରିପାଖରେ ଥିବା ଅଂଚଳରେ ସୁରକ୍ଷିତ ଅଂଚଳ ପରିଚାଳନା ପାଇଁ କିପରି ଯୋଜନା, ସ୍ଥାପନା ଏବଂ ପରିଚାଳନା କରାଯିବ ତାହାର ବ୍ୟବସ୍ଥା ଏହି କାର୍ଯ୍ୟକ୍ରମ ମଧ୍ୟରେ ରହିଛି । ଏକ ଫଳପ୍ରଦ ଜାତୀୟ, ଆଂଚଳିକ ଏବଂ ଆନ୍ତର୍ଜାତୀୟ ପାର୍ବତ୍ୟାଞ୍ଚଳ ସୁରକ୍ଷିତ ଅଂଚଳ ନେଟୱାର୍କ ପ୍ରତିଷ୍ଠା ଏବଂ ସମନ୍ୱିତ ଆନ୍ତଃସୀମା ସହଯୋଗ ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ କାର୍ଯ୍ୟକ୍ରମ ରହିଛି ।

୬ – ପାରଂପରିକ ଜ୍ଞାନ ସଂପର୍କିତ କାର୍ଯ୍ୟକ୍ରମ –ଅନୁଚ୍ଛେଦ ୮ (ଜେ) କାର୍ଯ୍ୟକ୍ରମରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଦ୍ୱାରା ସୁରକ୍ଷିତ ଅଂଚଳର ପରିଚାଳନା ସଂପର୍କରେ ଏକ ବ୍ୟବସ୍ଥା (ନିଷ୍ପତ୍ତି ୬ଷ୍ଠ/ ୧୦ )ରହିଛି । ନୂଆ ସୁରକ୍ଷିତ ଅଂଚଳ ପ୍ରତିଷ୍ଠା ସମୟରେ ସେମାନଙ୍କର ଅଧିକାରକୁ ସମ୍ମାନ ଦେବାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାର ବ୍ୟବସ୍ଥା ରହିଛି । (ନିଷ୍ପତ୍ତି ୭ମ/ ୧୬)

୭ - ପର୍ଯ୍ୟଟନ ଏବଂ ଜୈବବିବିଧତା କାର୍ଯ୍ୟକ୍ରମ - ନିଷ୍ପତ୍ତି ୭ମ/ ୧୪ ଅନୁଯାୟୀ ସୁରକ୍ଷିତ ଅଂଚଳରେ ଏବଂ ଚାରିପଟେ କିପରି ସ୍ଥାୟୀ ବ୍ୟବହାର ଏବଂ ସମତା କୌଶଳ ଯୋଡିହେବ ସେ ସଂପର୍କିତ ପରାମର୍ଶ ମାନ ରହିଛି ।

୮ – ବିଶ୍ୱ ଜୀବ ଶ୍ରେଣୀ ବର୍ଗୀକରଣ ପ୍ରଚେଷ୍ଟା – ନିଷ୍ପତ୍ତି ୬ଷ୍ଠ/ ୮ ଅନୁଯାୟୀ ସୁରକ୍ଷିତ ଅଂଚଳ ସ୍ଥାନ ଚିହ୍ନଟ ସହାୟତା ପାଇଁ ଜୀବ ଶ୍ରେଣୀ ବର୍ଗୀକରଣ ତଥ୍ୟକୁ ବିଶ୍ୱ ଜୀବ ଶ୍ରେଣୀ ବର୍ଗୀକରଣ ପ୍ରଚେଷ୍ଟାର କାର୍ଯ୍ୟକ୍ରମ ହିସାବରେ ସ୍ୱିକୃତି ଦିଆଯାଇଛି ।

୯ – ବୃକ୍ଷ ପ୍ରଜାତି ସଂରକ୍ଷଣ ପାଇଁ ବିଶ୍ୱସ୍ତରୀୟ ପଦ୍ଧତି – ଏହି ପଦ୍ଧତିରେ ସି.ଓ.ପି ଲକ୍ଷ୍ୟ ୪ ଓ ୫ ଗ୍ରହଣ କରିଛନ୍ତି ଯେଉଁଥିରେ ନିର୍ଦ୍ଧାରଣ କରାଯାଇଛି ଯେ ୨୦୧୦ ମସିହା ସୁଦ୍ଧା, (କ) ବିଶ୍ୱର ୧୦ ଶତାଂଶ ପରିବେଶ ଅଂଚଳ ଫଳପ୍ରଦ ଭାବେ ସୁରକ୍ଷିତ ହୋଇଥିବ, ଯେଉଁଥିରେ ବିଭିନ୍ନ ପରିବେଶ ଭୁକ୍ତ ଅଂଚଳ ଗୁଡିକୁ ସୁରକ୍ଷିତ ଅଂଚଳ ମଧ୍ୟରେ ପ୍ରତିନିଧିତ୍ୱ କରୁଥିବେ ଏବଂ ସୁରକ୍ଷିତ ଅଂଚଳ ଗୁଡିକର ଫଳପ୍ରଦତା ବୃଦ୍ଧି ପାଇଥିବ ।(ଖ) ବୃକ୍ଷ ପ୍ରଜାତି ବିବିଧତା ଥିବା ଗୁରୁତ୍ୱପୂର୍ଣ୍ଣ ଅଂଚଳ ଗୁଡିକର ୫୦ ପ୍ରତିଶତ ଅଂଚଳ ସୁରକ୍ଷିତ ହୋଇଥିବ ।

## ୭ – ସି.ବି.ଡି. ସଂରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ସମୟ ସାରଣୀ

| ତାରିଖ ଏବଂ ସ୍ଥାନ | କାର୍ଯ୍ୟକ୍ରମ | ଫଳାଫଳ |
|---|---|---|
| ମୋଣ୍ଟେକାଟିନି, ଜୁନ୍ ୨୦୦୫ | ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକାରୀ ଦଳର ପ୍ରଥମ ବୈଠକ | କାର୍ଯ୍ୟକାରୀତା ପାଇଁ ସାମଗ୍ରୀ<br>ସମୀକ୍ଷା ପ୍ରକ୍ରିୟା, ୨୦୦୭ ମଧ୍ୟରେ ଆଂଚଳିକ ବୈଠକ ଏବଂ ସମ୍ମିଳନୀର ୯ମ ଅଧିବେଶନରେ ସମୀକ୍ଷା<br>ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ପାଇଁ ଆର୍ଥିକ ସମ୍ବଳ |
| ରୋମ୍, ଫେବୃୟାରୀ ୨୦୦୮ | ଡବ୍ଲୁ.ଜି.ପି.ଏ ର ଦ୍ୱିତୀୟ ବୈଠକ | କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ପାଇଁ ଆର୍ଥିକ ସମ୍ବଳ ବନ୍ଦୋବସ୍ତର ସମୀକ୍ଷା |
| ଇନ୍ ୨୦୦୮ | ସମ୍ମିଳନୀର ୯ମ ଅଧିବେଶନ | ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରୀତା ପାଇଁ ଆର୍ଥିକ ସମ୍ବଳ |

| | | |
|---|---|---|
| | | ବନ୍ଦୋବସ୍ତର ସମୀକ୍ଷା( ନିଷ୍ପତ୍ତି ୯ମ/୧୮) |
| ବନ୍ ୨୦୦୯ - ୨୦୧୦ | ଏସ୍.ବି.ଏସ୍.ଟି.ଟି.ଏ କୁ ସହାୟତା ପାଇଁ ସୁରକ୍ଷିତ ଅଂଚଳ ସଂପର୍କିତ ସି.ବି.ଡି ବୈଠକ | |
| ନାଗୋୟା, ଅକ୍ଟୋବର ୨୦୧୦ | ସୁରକ୍ଷିତ ଅଂଚଳ କାର୍ଯ୍ୟକ୍ରମ ସଂପର୍କିତ ସମ୍ମିଳନୀର ୧୦ମ ଅଧିବେଶନରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା | |

ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ସମୀକ୍ଷା ପାଇଁ ସମ୍ମିଳନୀର ୯ମ ଅଧିବେଶନରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା ।

ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମର କାର୍ଯ୍ୟକାରୀତାର ପ୍ରତ୍ୟେକ ସ୍ତରରେ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପୂର୍ଣ୍ଣ ଏବଂ ଫଳପ୍ରଦ ଅଂଶଗ୍ରହଣ ପାଇଁ ପଦକ୍ଷେପ ନିଆଯିବାକୁ ପକ୍ଷ ଗୁଡିକରେ ବୈଠକରେ ସ୍ୱିକୃତି ଦିଆଯାଇଥିଲା । ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ରକୁ ଆଧାର କରି ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକୁ ପରାମର୍ଶ ଦେଇଥିଲା ଯେ,

(୪ଗ) ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମର ଉପାଦାନ - ୨ ର କାର୍ଯ୍ୟକାରୀତାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଅ

(୫ଖ) କାର୍ଯ୍ୟକ୍ରମ କାର୍ଯ୍ୟକାରୀତାରେ ସହାୟତା ପାଇଁ ସରକାରୀ ବିଭାଗ ବା ଏଜେନ୍ସି, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକୁ ନେଇ ବହୁ- ଉପଭୋକ୍ତା ଗୋଷ୍ଠୀ ସଂଯୋଜନା କମିଟି ସ୍ଥାପନ କର

(୬ଖ) ଜାତୀୟ ସୁରକ୍ଷିତ ଅଂଚଳ ପ୍ରଣାଳୀ ଭିତରେ ଆସୁଥିବା ମିଳିତ ଭାବେ ପରିଚାଳିତ ସୁରକ୍ଷିତ ଅଂଚଳ, ବେସରକାରୀ ସୁରକ୍ଷିତ ଅଂଚଳ, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଦ୍ୱାରା ସଂରକ୍ଷିତ ଅଞ୍ଚଳ ଗୁଡିକୁ ଜାତୀୟ ବିଧେୟକ ବା ଅନ୍ୟ ଫଳପ୍ରଦ ନୀୟମ ଅନ୍ତର୍ଭୁକ୍ତ କରି ସେମାନଙ୍କ ଯୋଗଦାନକୁ ସ୍ୱିକୃତି ଦିଅନ୍ତୁ ।

(୬ଖ) ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ପାଇଁ ଜାତୀୟ ଆଇନ ଏବଂ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ଅନୁସାରେ ସଂରକ୍ଷିତ ଅଂଚଳ ପ୍ରଶାସନରେ ସେମାନଙ୍କ ଅଧିକାରକୁ ସମ୍ମାନ ଦେଇ ଏବଂ ସେମାନଙ୍କ ଦାୟିତ୍ୱକୁ ସ୍ୱିକୃତି ଦେଇ ଫଳପ୍ରଦ ପ୍ରକ୍ରିୟା ପ୍ରସ୍ତୁତ କର ।

( ୬ଡ) ସଂରକ୍ଷିତ ଅଂଚଳ ସ୍ଥାପନା ଏବଂ ପରିଚାଳନାରୁ ମିଳୁଥିବା ଦେୟ ଓ ଲାଭର ସମବଣ୍ଟନ ପାଇଁ ବ୍ୟବସ୍ଥା ପ୍ରସ୍ତୁତ କରି କାର୍ଯ୍ୟକାରୀ କର ଏବଂ ସଂରକ୍ଷିତ ଅଂଚଳ ଗୁଡିକୁ ଜାତୀୟ ଆଇନ ଏବଂ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ଅନୁସାରେ ସ୍ଥାନୀୟ ଏବଂ ବିଶ୍ୱ ବିକାଶ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ହିସାବରେ ତିଆରି କର ।

୧୯ - ସଂରକ୍ଷିତ ଅଂଚଳ ପରିପ୍ରେକ୍ଷୀରେ ସଂରକ୍ଷଣ ଏବଂ ବିକାଶ କାର୍ଯ୍ୟକ୍ରମ ଦାରିଦ୍ର୍ୟ ଦୂରୀକରଣ କରି ସ୍ଥାୟୀ ବିକାଶ କରିବାରେ ସହାୟକ ହେବା ଦିଗରେ ଦେଶ ଗୁଡିକ ଧ୍ୟାନ ଦିଅନ୍ତୁ ଏବଂ ସଂରକ୍ଷିତ ଅଂଚଳ ସ୍ଥାପନା ଏବଂ ପରିଚାଳନାରୁ ମିଳୁଥିବା ଲାଭର ସମବଣ୍ଟନ ଜାତୀୟ ଆଇନ ଏବଂ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ଅନୁସାରେ କରାଯିବା ବ୍ୟବସ୍ଥା କରନ୍ତୁ । ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ନିଜସ୍ୱ ପରିଚାଳନା ପଦ୍ଧତି ଏବଂ କୌଳିକ ପ୍ରଥାକୁ ବିଚାରକୁ ନେଇ ସେମାନଙ୍କର ପୂର୍ଣ୍ଣ ଏବଂ ସକ୍ରିୟ ଅଂଶଗ୍ରହଣ ବ୍ୟବସ୍ଥା କରନ୍ତୁ ।

ସମ୍ମିଳନୀର ୯ମ ଅଧିବେଶନରେ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସମ୍ବଳ ବନ୍ଦୋବସ୍ତ ସଂପର୍କରେ ନିମ୍ନ ନିଷ୍ପତ୍ତି ଗୁଡିକ ଗ୍ରହଣ କରିଛନ୍ତି –

(୨) ସୃଜନଶୀଳ କୌଶଳ ଏବଂ ବଜାରଭିତ୍ତିକ ପଦ୍ଧତିକୁ ସଂଯୋଜିତ କରାଯାଇପାରିବ କିନ୍ତୁ ସର୍ବସାଧାରଣ ଅନୁଦାନ ଏବଂ ବିକାଶ ମୂଳକ ସହାୟତା ପରିବର୍ତ୍ତେ ତାହା ଗ୍ରହଣ କରାଯାଇ ପାରିବ ନାହିଁ ।

(୩ଗ) – ସୁରକ୍ଷିତ ଅଂଚଳ ଗୁଡିକରୁ ମିଳୁଥିବା ପରବେଶ ସାମଗ୍ର ଓ ସେବାର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ବିଶେଷକରି ଆଦିମ ଅଧିବାସୀ, ସ୍ଥାନୀୟ ଗୋଷ୍ଠୀ ଏବଂ ଉପଯୁକ୍ତ ଉପଭୋକ୍ତା ଗୋଷ୍ଠୀଗୁଡିକର ସାମାଜିକ ଆର୍ଥିକ ଦେୟ ଓ ଲାଭକୁ ବିଚାରକୁ ନିଆଯିବ, ସଂରକ୍ଷଣ ଏବଂ ବିକାଶ ପ୍ରକ୍ରିୟାର ଏକ ଭଲ ସମନ୍ୱୟ ବ୍ୟବସ୍ଥା ସ୍ଥାପନା, ଦାରିଦ୍ର୍ୟ ଦୂରୀକରଣ ପାଇଁ ଏବଂ ଶତାବ୍ଦୀର ବିକାଶ ଲକ୍ଷ୍ୟ ହାସଲ ପାଇଁ ସୁରକ୍ଷିତ ଅଂଚଳ ଗୁଡିକର ଯୋଗଦାନକୁ ସହାୟତା ପାଇଁ ସୁରକ୍ଷିତ ଅଂଚଳ ଗୁଡିକର ଅଧରକ ଅନୁଦାନ ବନ୍ଦୋବସ୍ତ କରାଯିବ ।

(୩ଜ) ଜଳବାୟୁ ପରିବର୍ତ୍ତନ ପ୍ରତିକାରକୁ ଦୃଷ୍ଟିରେ ରଖି ସୁରକ୍ଷିତ ଅଂଚଳ ରୂପରେଖ ପ୍ରସ୍ତୁତି, ସ୍ଥାପନା ଏବଂ ସମ୍ମିଳନୀର ନିଷ୍ପତ୍ତି ୮ମ/୩୦ ଅନୁସାରେ ଜୈବବିବିଧତା ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ଭାବେ ଜଙ୍ଗଲ କ୍ଷୟକୁ ରୋକିବା ନିମନ୍ତେ ଫଳପ୍ରଦ ପଦକ୍ଷେପ ନେବା ନିମନ୍ତେ ଅନୁଦାନ ସୁଯୋଗ ଗୁଡିକୁ ଗ୍ରହଣ କରିବା ।

(୬ଝ) ସୁରକ୍ଷିତ ଅଂଚଳ ପରିଚାଳନାରେ ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ପାରଂପରିକ ଜ୍ଞାନ ଗୁଡିକର ସଂରକ୍ଷଣ ଏବଂ ପରିଚାଳନା ନିମନ୍ତେ ସହାୟତା ଦେବା ।

## ସୁରକ୍ଷିତ ଅଂଚଳ ଗୁଡିକ କିପରି କାର୍ଯ୍ୟକାରୀ ହେଉଛି ଏବଂ ଆଦିମ ଅଧିବାସୀ ମାନଙ୍କ ଉପରେ ସେଗୁଡିକର ପ୍ରଭାବ କଣ ରହିଛି ?

ବିଭିନ୍ନ ଦେଶରେ ସୁରକ୍ଷିତ ଅଂଚଳ ଗୁଡିକ କିପରି କାର୍ଯ୍ୟକାରୀ ହେଉଛି ଫରେଷ୍ଟ ପିପୁଲ୍ସ ପ୍ରୋଗ୍ରାମ ତାର ଏକ ଅଧ୍ୟୟନ କରିଛି । ସେଥିରେ ଥିବା ଅନୁଧ୍ୟାନ ବିବରଣୀ ବା କେସ୍‌ଷ୍ଟଡି ଗୁଡିକରୁ ସ୍ପଷ୍ଟ ବୁଝାପଡୁଛି ଯେ, ସେମାନଙ୍କର ପ୍ରାକୃତିକ ପରିବେଶର ସମ୍ଭାବନା ଏବଂ ସୀମାବଦ୍ଧତା ଭିତରେ ମାନବିକ ଅଧିକାର ଏବଂ ଆବଶ୍ୟକତାର ପୁନର୍ମିଳନ, ସାଧାରଣ ଭାବେ ମାନବ ଜାତି ସମ୍ମୁଖୀନ ହେଉଥିବା ଏବଂ ସାଧାରଣ ସଂରକ୍ଷଣ ବ୍ୟବସ୍ଥାଠାରୁ ଅଧିକ କଷ୍ଟକର ଏବଂ ଦୁଃସାଧ୍ୟ ।



**ପ୍ରୟୋଗ – ୨**

କେସ୍ ଷ୍ଟଡିର ତର୍ଜମା ( ୩୦ ମିନିଟ)

୧- ନିମ୍ନରେ ଦିଆଯାଇଥିବା କେସ୍‌ଷ୍ଟଡି ଗୁଡିକ ପଢି ଆଲୋଚନା କରିବାକୁ ଅଂଶଗ୍ରହଣକାରୀ ମାନଙ୍କୁ ଛୋଟ ଛୋଟ ଦଳରେ ଭାଗ କରିଦିଆଯାଉ

୨- ପ୍ରତି ଦଳ ସୁରକ୍ଷିତ ଅଂଚଳ କାର୍ଯ୍ୟକାରୀତାରେ ଦୁର୍ବଳତା ଗୁଡିକ ଏବଂ ପ୍ରତ୍ୟେକ କେସ୍‌ଷ୍ଟଡିରେ ଆଦିମ ଅଧିବାସୀ ମାନଙ୍କ ଉପରେ ପଡୁଥିବା ପ୍ରଭାବ ଗୁଡିକ ଚିହ୍ନଟ କରନ୍ତୁ । ଏହାପରେ ବଡଦଳରେ ସେମାନଙ୍କ ଆଲୋଚନାର ଫଳାଫଳ ଉପସ୍ଥାପନ କରନ୍ତୁ ।

୩- ଏହାପରେ ତାଲିମ ସହାୟକ ମୁଖ୍ୟ ବିଷୟ ଗୁଡିକୁ ଉପସ୍ଥାପନ କରନ୍ତୁ ।

କେସ୍ ଷ୍ଟଡି – ଉଗାଣ୍ଡା

ଏହି ଅଧ୍ୟୟନ ବ୍ୱିନ୍ଦି, ମଗାହିଙ୍ଗା ସୁରକ୍ଷିତ ଅଂଚଳ ଏବଂ ଇହୁୟା ସଂରକ୍ଷିତ ଜଙ୍ଗଲ ପ୍ରତିଷ୍ଠା ଯୋଗୁଁ ନିଜର ବାସସ୍ଥାନ ଓ ଜମିରୁ ବାସଚ୍ୟୁତ ହୋଇଥିବା ଦକ୍ଷିଣ ପଶ୍ଚିମ ଉଗାଣ୍ଡାର ବଡ୍ୱା ଲୋକଙ୍କ ପରିସ୍ଥିତି ସଂପର୍କରେ ସୂଚନା ଦେଇଥାଏ । ଏହି ଲୋକମାନଙ୍କର ପରିସ୍ଥିତି ସଂପର୍କରେ ଉଦ୍‌ବିଗ୍ନତାକୁ ନେଇ ୧୯୯୦ ମସିହାରୁ ସ୍ୱର ଉତ୍ତୋଳନ ହୋଇ ଆସୁଛି । ତେବେ ଏସବୁ ସତ୍ତ୍ୱେ ବାସଚ୍ୟୁତ ବଡ୍ୱା ମାନଙ୍କୁ ଛୋଟ ଛୋଟ ଜମି ଖଣ୍ଡି ଖଣ୍ଡିଏ ମାତ୍ର ଯୋଗାଇ ଦିଆଯାଇ କ୍ଷତିପୁରଣ କାର୍ଯ୍ୟକ୍ରମକୁ ତୁରନ୍ତ ବନ୍ଦ କରି ଦିଆଯାଇଛି ।

ବଡ୍ୱା ମାନଙ୍କୁ ଏହାର ପରିଚାଳନା କାର୍ଯ୍ୟକ୍ରମରେ ସଂପୃକ୍ତ କରାଯାଇ ନାହିଁ । ସେମାନଙ୍କ ନିକଟରେ ଲାଭାଂଶ ବର୍ଣ୍ଟନର ସହାୟତା ଯୋଜନା ପହଞ୍ଚିନାହିଁ ଏବଂ ବହୁ ବ୍ୟବହାରିକ ଅଂଚଳରୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବ୍ୟବହାର ପାଇଁ ସେମାନଙ୍କ ଅଧିକାରକୁ ଅତି ସୀମିତ କରିଦିଆଯାଅଇଛି, ଏପରିକି ସେମାନେ ନିଜର ପ୍ରଭାବଶାଳୀ ପଡୋଶୀମାନଙ୍କ ଠାରୁ ମଧ କମ୍ ଲାଭ ପାଉଛନ୍ତି । ବଡ୍ୱା ମାନେ ଦରିଦ୍ର ଏବଂ ଅସୁରକ୍ଷିତ ଗୋଷ୍ଠୀ ହିସାବରେ ବଂଚୁଛନ୍ତି । ଦକ୍ଷିଣ ପଶ୍ଚିମ ଉଗାଣ୍ଡାର ୪୫ ପ୍ରତିଶତ ବଡ୍ୱା ଭୂମିହୀନ ଅଟନ୍ତି ଏବଂ ଅନ୍ୟମାନେ ନିଜର ଅଳ୍ପ କିଛି ଜମିରୁ ଜୀବିକା ନିର୍ବାହ କରିଥାନ୍ତି ।

ଉଗାଣ୍ଡାର ୟୁନାଇଟେଡ୍ ଅର୍ଗଅନାଇଜେସନ୍ ଫର୍ ବଡ୍ୱା ଡେଭଲପ୍‌ମେଣ୍ଟ ଫରେଷ୍ଟ ପିପୁଲ୍‌ସ ପ୍ରୋଗ୍ରାମ ସହାୟତାରେ ଏହି କେସ୍ ଷ୍ଟଡି ନିଅଯାଇଥିଲା । ଏଥିରେ ପ୍ରଶ୍ନ କରାଯାଇଛି ଯେ, ସଂରକ୍ଷଣ ଅଣୁଷ୍ଠାନ ଏବଂ ସରକାର ଗୋଷ୍ଠୀଗତ ଅଧିକାର ସୁରକ୍ଷା ପାଇଁ କଣ ପ୍ରତିଶୃତି ଦେଇଛନ୍ତି, ଯଦିଚ ବା ସେମାନେ କିଛି ମଧ କାର୍ଯ୍ୟକାରୀ କରିନାହାନ୍ତି ? ଏହି ଅଧ୍ୟୟନରେ କୁହାଯାଇଛି ଯେ, ଏଥିପାଇଁ ଯୋଜନାର ରୂପରଖେ ରହିଥିଲେ ମଧ, ସୁରକ୍ଷିତ ଅଂଚଳ ସଂପର୍କରେ ଗୋଷ୍ଠୀଗତ ଅଧିକାରକୁ ସେଥିରେ ପ୍ରାଧାନ୍ୟ ଦିଆଯାଇଥିଲେ ମଧ, ସମାନତା ଦୃଷ୍ଟିରୁ ବଡ୍ୱା ମାନଙ୍କର ସାଧାରଣ ସଂପୃକ୍ତି ଉଗାଣ୍ଡାରେ ଅତି ଦୟନୀୟ ହୋଇଛି । ସରକାରୀ ଅଧିକାରୀ ମାନେ ଗୋଷ୍ଠୀ ପ୍ରତି ଦାୟିତ୍ୱ ସଂକୋଚନ ମନୋଭାବ ପ୍ରଦର୍ଶନ କରିଛନ୍ତି । ବଡ୍ୱା ଗୋଷ୍ଠୀକୁ ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକାରୀତାରେ ସକ୍ରିୟ ସହଯୋଗୀ ଭାବେ ନେବାକୁ ସଶକ୍ତିକରଣ କରିବା ଛାଡି ଅଳ୍ପ କେତେକ ମାତ୍ର ଦାୟିତ୍ୱ ଦେଇ ଦେଇଛନ୍ତି ।

ସୁରକ୍ଷିତ ଅଂଚଳ ପରିଚାଳନାରେ ବଡ୍ୱା ମାନେ ବିଭିନ୍ନ ଭାବରେ ଅବହେଳିତ ହୋଇଛନ୍ତି । ସେମାନେ କେବଳ ସେମାନଙ୍କ ପୈତୃକ ସ୍ଥାନରୁ ବଳପୂର୍ବକ ବାସଚ୍ୟୁତ ହୋଇ ନାହାନ୍ତି, ସେମାନେ ଅନ୍ୟାୟର ଶିକାର ହୋଇଛନ୍ତି ଏବଂ ଏବେ ସୁରକ୍ଷିତ ଅଂଚଳ ପରିଚାଳନାକୁ ଅଧିକ ଗୋଷ୍ଠୀ ଅଭିମୁଖି କରିବାର ବର୍ତ୍ତମାନର ଉଦ୍ୟମରେ ସେମାନେ ସରକାରଙ୍କର ଅତି କମ୍ ଅନୁଗ୍ରହ ପାଉଛନ୍ତି । ଏହି ସମୀକ୍ଷାରୁ ଜଣାପଡୁଛି ଯେ, ଏକ ନୂଆ ସଂରକ୍ଷଣ ନୀୟମ ଆହ୍ୱାନ ସତ୍ତ୍ୱେ ଏବଂ ଏହି ଆହ୍ୱାନର କାର୍ଯ୍ୟକାରୀତା ପଇଁ ଅନେକ ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ ବାସ୍ତବିକ କ୍ଷେତ୍ରରେ ଦକ୍ଷିଣ ପଶ୍ଚିମ ଉଗାଣ୍ଡାର ସୁରକ୍ଷିତ ଅଂଚଳ ପରିଚାଳକ ମାନେ ତଥାପି ଆଦିମ ଅଧିବାସୀ ମାନଙ୍କୁ ସଂରକ୍ଷଣରୁ ଦୂରେଇ ରଖୁଛନ୍ତି । ଯାହା ଫଳରେ ଡର୍ବାନ୍ କାର୍ଯ୍ୟଯୋଜନା ଏବଂ ସି.ବି.ଡି ର ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମ କ୍ଷେତ୍ର ସ୍ତରରେ ସାଧାରଣରୁ ଆହୁରି ନମ୍ନରେ ରହିଛି ।

ଉଗାଣ୍ଡା ସରକାର, ଉଗାଣ୍ଡା ବନ୍ୟଜୀବ ବିଭାଗ ଏବଂ ନାଗରୀକ ସମାଜ ଏହି ଅନ୍ୟାଅୟକୁ ପ୍ରତିକାର ପାଇଁ ଏବଂ ଡର୍ବାନ୍ କାର୍ଯ୍ୟଯୋଜନା ଏବଂ ସି.ବି.ଡି ର ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମର ସଫଳତା ପାଇଁ ତୁରନ୍ତ ଉପଯୁକ୍ତ ଉଦ୍ୟମ କରିବା ଆବଶ୍ୟକ ।

## କେସ୍ ଷ୍ଟଡି – କାମେରୁନ୍

ଏହି ସମୀକ୍ଷାରେ କାମେରୁନ୍‌ର ଦକ୍ଷିଣ ଜଙ୍ଗଲ ଅଂଚଳ, ବିଶେଷ କରି ଲୋବେକେ, ବୋଉମ୍ବା ବେକ୍, ନିକି ଓ କାମ୍ପୋମାନ୍ ଜାତୀୟ ଉଦ୍ୟାନ ଚାରିପଟେ ଥିବା ବକା, ବକୋଲା ଓ ବାଗେଲି ଏବଂ ବିଶ୍ୱ ଐତିହ୍ୟର ମାନ୍ୟତା ପାଇଥିବା ଜା ବନ୍ୟଜନ୍ତୁ ଆଶ୍ରୟସ୍ଥଳୀ ନିକଟରେ ବସବାସ କରୁଥିବା ଆଦିମ ଅଧିବାସୀ ମାନଙ୍କ ପ୍ରଗତି ସଂପର୍କରେ ଦର୍ଶାଯାଇଛି ।

ଏହି କେସ୍ ଷ୍ଟଡିଟି ଓକାନିର ପିଗ୍‌ମୀ ସଂଗଠନ ଫରେଷ୍ଟ ପିପୁଲ ପ୍ରୋଗ୍ରାମ ସହାୟତାରେ ସଂଗ୍ରହ କରିଛି । ଆଫ୍ରିକାରେ ନୂଆ ସଂରକ୍ଷଣ ଢାଞ୍ଚାରେ ଥିବା ଗୋଷ୍ଠୀଗତ ଅଧିକାର କ୍ଷେତ୍ର ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ତାହାର ନଥିକରଣ ଏବଂ ସ୍ଥାନୀୟ ଗୋଷ୍ଠୀ ଏବଂ ଆଦିମ ଅଧିବାସୀ ମାନଙ୍କୁ ପ୍ରଭାବିତ କରୁଥିବା ସଂରକ୍ଷଣ ପ୍ରକଳ୍ପ ଗୁଡିକରେ ଏହାକୁ ପ୍ରଚଳିତ କରିବା ପାଇଁ ୨୦୦୦ ମସିହାରୁ ଫରେଷ୍ଟ ପିପୁଲ ପ୍ରୋଗ୍ରାମ ଏବଂ ସ୍ଥାନୀୟ ସହାୟକ ସଂଗଠନ ମଧ୍ୟରେ ହେଉଥିବା ଉଦ୍ୟମ ହିସାବରେ ଏହା ସଂଗୃହିତ । ଏହି କାମେରୁନ୍ କେସ୍‌ଷ୍ଟଡି ପାଇଁ ହୋଇଥିବା ଅଧ୍ୟୟନ ଉପର ଲିଖିତ ଅଂଚଳ ଗୁଡିକରେ ଗୋଷ୍ଠୀଗତ ଅଧିକାର ବିଷୟକୁ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦ୍ଧତିର ଫଳାଫଳ, ଅନୁଦାନକାରୀ ସଂସ୍ଥା, ଅଭ୍ୟାସକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ଗୋଷ୍ଠୀ ପ୍ରତିନିଧି ମାନଙ୍କୁ ନେଇ ଆନ୍ତର୍ଜାତୀୟ ପ୍ରତିଶୃତି ଏବଂ କ୍ଷେତ୍ରସ୍ତରୀୟ ବାସ୍ତବିକ ପ୍ରଗତି ମଧ୍ୟରେ ଥିବା ଅସାମଞ୍ଜସ୍ୟତା କୁ କିପରି ସମାଧାନ କରିହେବ ସେ ସଂପର୍କରେ ଲୋକମତ ଜାଣିବା ପାଇଁ ଆୟୋଜିତ ଆଂଚଳିକ ବୈଠକର ଆଲୋଚନା ଆଧାରରେ ପ୍ରସ୍ତୁତ ହୋଇଛି । ଆଇ.ସି.ୟୁ.ଏନ୍ କର୍ମକର୍ତ୍ତା, କାମେରୁନ୍ ସରକାରଙ୍କ ମନ୍ତ୍ରଣାଳୟ. ସୁରକ୍ଷିତ ଅଂଚଳ ନିର୍ଦ୍ଦେଶକ, ଜାତୀୟ ଉଦ୍ୟାନ କର୍ମଚାରୀ ଏବଂ ସମଗ୍ର କାମେରୁନରେ ଜଙ୍ଗଲ ଗୋଷ୍ଠୀ ଗୁଡିକ ସହ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକର ମତ ମଧ୍ୟ ଗ୍ରହଣ କରାଯାଇଛି ।

ଏହି ସମୀକ୍ଷାରେ ମାନବିକ ଅଧିକାର ସୁରକ୍ଷା ପାଇଁ ଉତ୍ସାହିତ କାର୍ଯ୍ୟକ୍ରମ ୨୦୦୪ ମସିହା ଠାରୁ ଗ୍ରହଣ କରାଯାଇଥିବା କେତେକ ସକାରାତ୍ମକ ଉଦ୍ୟମକୁ ସ୍ଥାନୀତ କରାଯାଇଛି ଏବଂ କାମ୍ପୁ ମା' ନର ଘଟଣା ମଧ୍ୟ ଦର୍ଶାଯାଅଇଛି । ତେବେ ଏ ସମସ୍ତ କାର୍ଯ୍ୟ ସଂରକ୍ଷଣ କାର୍ଯ୍ୟ କରୁଥିବା ସ୍ୱଚ୍ଛାସେବୀ ସଂଗଠନ ଏବଂ କାମେରୁନ୍ ସରକାରଙ୍କ ଅପେକ୍ଷା ନାଗରିକ ସମାଜ ଅନୁଷ୍ଠାନ ଗୁଡିକ ଦ୍ୱାରା ହିଁ ହୋଇଛି ।

ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଦୁର୍ଭାଗ୍ୟବଶତଃ କାମେରୁନ୍‌ରେ ଜଙ୍ଗଲ ଗୋଷ୍ଠୀ ଗୁଡିକର ଅଧିକାରର ସୁରକ୍ଷା ଦିଗରେ ବିଶେଷ ପ୍ରଗତି ହୋଇନାହିଁ । ସଂରକ୍ଷଣ ଅନୁଷ୍ଠାନ ଏବଂ ଅନୁଦାନକାରୀ ସଂସ୍ଥା ଏବଂ ସରକାର ସେମାନଙ୍କରସଂରକ୍ଷଣ ପ୍ରକଳ୍ପ ଗୁଡିକରେ ଗୋଷ୍ଠୀଗତ ଅଧିକାରର ସୁରକ୍ଷା ନିମନ୍ତେ ସେମାନଙ୍କର ଆନ୍ତର୍ଜାତୀୟ ପ୍ରତିଶୃତି ଦିଗରେ ବିଶେଷ ଧ୍ୟାନ ଦେଇ ନାହାନ୍ତି । ସେମାନେ ସ୍ୱିକାର କରୁଥିବା ଅନେକ ନୂଆ ବ୍ୟବସ୍ଥା ବିଷୟରେ ଲୋକମାନଙ୍କର କୌଣସି ଧାରଣା ନାହିଁ । ସରକାରୀ କର୍ମଚାରୀମାନେ ଏହି ନୂଆ ବ୍ୟବସ୍ଥା ଗୁଡିକ ସଂପର୍କରେ ଲୋକମାନଙ୍କୁ ଜଣାଇବା କଥା ଏବଂ ସେଗୁଡିକର କାର୍ଯ୍ୟକାରିତା ପାଇଁ ସହାୟତା ଦେବା କଥା । ତେବେ ସେମାନେ ଏହି ନୂଆ ବ୍ୟବସ୍ଥା ଗୁଡିକ ସଂପର୍କରେ କୌଣସି ସୂଚନା ଜାଣିନାହାନ୍ତି ଏବଂ ସରକାରଙ୍କ ଆନ୍ତର୍ଜାତୀୟ ପ୍ରତିଶୃତିବଦ୍ଧତାକୁ ବିରୋଧ କରୁଥିବା କେତେକ ପୁରୁଣା ନୀୟମକୁ କାର୍ଯ୍ୟକାରୀ କରିବାରେ ଲାଗିପଡିଛନ୍ତି ।

ସରକାର, ସଂରକ୍ଷଣ ସଂସ୍ଥା ଏବଂ ଅନୁଦାନକାରୀ ସଂସ୍ଥା ମାନେ ପୂର୍ବ ଆଲୋଚନାର କୌଣସି କାର୍ଯ୍ୟକାରୀତା ନଥାଇ କେବଳ କର୍ମଶାଳା ଏବଂ ସମ୍ମିଳନୀ କରିବାରେ ଏବଂ ତାଲିମ୍ ଦେବାରେ ଲାଗିପଡିଛନ୍ତି ବୋଲି ରିପୋର୍ଟ ଦର୍ଶାଇଛି । ସଂରକ୍ଷଣ ସଂସ୍ଥା ଗୁଡିକ ଦାବୀ କରୁଥିବା ସଫଳତା ଗୁଡିକର ଗୋଷ୍ଠୀ ସ୍ତରରେ ବହୁତ କମ୍ ପ୍ରଭାବ ରହିଛି ଏବଂ ଅଧିକାଂଶ ଲୋକମାନେ ଯେଉଁମାନେ କି ମୁଖ୍ୟ ହିତାଧିକାରୀ ସେମାନେ ଜାଣି ନାହାନ୍ତି ।

## କେସ୍ ଷ୍ଟଡି – ମାଲୟେସିଆ

ମାଲୟେସିଆର ଏହି ଅଧ୍ୟୟନଟି ନର୍ଥ ବୋର୍ଣ୍ଣିଓ ସ୍ଥିତ ମାଲୟେସିୟ ରାଜ୍ୟ ସାବାହ ଠାରେ ଥିବା ଆଦିମ ଅଧିବାସୀ ସଂଗଠନ ପାକୋସ୍( ପି.ଏ.ସି.ଓ.ଏସ୍ ) ଦ୍ୱାରା କରାଯାଇଛି । ଏହି ଅଧ୍ୟୟନରେ ସୁରକ୍ଷିତ ଅଂଚଳ ଏବଂ ଆଦିମ ଅଧିବାସୀଙ୍କ ସଂପର୍କିତ ଜାତୀୟ ନୀତି ଏବଂ ଆଇନର ସମୀକ୍ଷା କରାଯାଇଛି ଏବଂ ଜାତୀୟସ୍ତରୀୟ ପରିସ୍ଥିତି ଓ କୁକୁର ରେଞ୍ଜ ନେସନାଲ ପାର୍କର ସାବାହ ଅଂଚଳ ଉପରେ ପ୍ରଭାବର ତର୍ଜମା କରାଯାଇଛି ।

ମାଲୟେସିୟ ଉପଦ୍ୱୀପର ଆଦିମ ଅଧିବାସୀ ମାନଙ୍କୁ ଓରାଙ୍ଗ ଅସ୍‌ଲି କୁହାଯାଇଥାଏ । ଏବେ ସେମାନେ ସଂଖ୍ୟାଲଘୁ ହୋଇଗଲେଣି ଏବଂ ପ୍ରଚଳିତ ଆଇନ ଅନୁସାରେ ସେମାନଙ୍କ ଜମି ଉପରେ ଅତିକମ୍ ଅଧିକାର ଅଛି । ସାରାଓ୍ୱାକ୍ ଏବଂ ସାବାହରେ ଦାୟାକ, କାଡାଜାନଦୁଶୁନ୍ ଏବଂ ମୁରୁଟ ମାନେ ସଂଖ୍ୟାବହୁଳ । ସେମାନଙ୍କ ଅଧିକାର ଗୁଡିକ ୧୯୬୦ ମସିହାରେ ବ୍ରିଟିଶ୍ ଉପନିବେଶବାଦ ଶାସକଙ୍କ ଦ୍ୱାରା ପ୍ରଚଳିତ ନୀୟମରେ ଆଂଶିକ ଭାବେ ମୂଳ ଅଧିବାସୀ କୌଳିକ ଅଧରକାର ହିସାବରେ ସ୍ୱିକୃତି ପାଇଥିଲା ତେବେ ସୁରକ୍ଷିତ ଅଂଚଳ ବିଜ୍ଞପ୍ତିରେ ପ୍ରଶାସନ ଦ୍ୱାରା ସେସବୁ ଅଧିକାର ଗୁଡିକୁ ମୂଳପୋଛ କରିଦିଆଯାଇଛି ।

ଉପଦ୍ୱୀପ ମାଲୟେସିଆ ଏବଂ ଦୁଇ ବୋର୍ଣ୍ଣିଓ ରାଜ୍ୟ ସରଓ୍ୱାକ ଏବଂ ସୁବାହରେ ଆଦିମ ଅଧିବାସୀ ମାନେ ସେମାନଙ୍କ କୌଳିକ ଅଂଚଳରେ ବ୍ୟବହାର କରିଆସୁଛନ୍ତି, ଯଦିଚ ବା ସେଗୁଡିକ ସୁରକ୍ଷିତ ଅଂଚଳ ହିସାବରେ ଘୋଷଣା କରାଯାଇଛି । ବୋର୍ଣ୍ଣିଓରେ ଗୋଷ୍ଠୀ ଗୁଡିକର ଥଇଥାନ କାର୍ଯ୍ୟକ୍ରମ ଅତି ଦୁର୍ବଳ ଏବଂ ଲୋକମାନେ ଏହାକୁ ବିରୋଧ କରିଆସୁଛନ୍ତି । ସାବାହରେ ସ୍ଥାନୀୟ ଲୋକମାନଙ୍କୁ ପ୍ରଶାସନ ଅନେକ ଅଣଆନୁଷ୍ଠାନିକ ଏବଂ ଅର୍ଦ୍ଧ ସରକାରୀ ପ୍ରକ୍ରିୟାରେ ସାମିଲ କରାଯାଇଛି । ଉଦାହରଣ ସ୍ୱରୂପ କକର ରେଞ୍ଜ ନେସନାଲ ପାର୍କରେ ଗ୍ରହଣ କରାଇଥିବା କେତେକ ବ୍ୟବସ୍ଥା ହେଲା ସଂରକ୍ଷିତ ଜଙ୍ଗଲରେ ଗୋଷ୍ଠୀ ଗୁଡିକର ବସବାସ ପାଇଁ ପରମିଟ ବା ଅନୁମତି ଆବେଦନର ବ୍ୟବସ୍ଥା, ସୁରକ୍ଷିତ ଅଂଚଳ ସଂପ୍ରସାରଣ ପାଇଁ ଗୋଷ୍ଠୀ ସହ ଆଲୋଚନା, ସ୍ଥାନୀୟ ଲୋକମାନଙ୍କୁ ସମ୍ମାନୀତ ପାର୍କ ରେଞ୍ଜର ହିସାବରେ ନିଯୁକ୍ତି ଏବଂ ଗୋଷ୍ଠୀ ବ୍ୟବହୃତ ଅଂଚଳ ପ୍ରତିଷ୍ଠା ଆଦି ବ୍ୟବସ୍ଥାମାନ କରାଯାଇଛି । ଆଦିମ ଅଧିବାସୀଙ୍କ ଅଧିକାର ଗୁଡିକୁ ଉପଯୁକ୍ତ ସ୍ୱିକୃତି ଦିଆଯାଇ ନଥିବାବେଳେ ଏହି ବ୍ୟବସ୍ଥାଗୁଡିକ ଦ୍ୱାରା ପ୍ରଶାସନ ଏବଂ ସରକାର ସ୍ଥାନୀୟ ଗୋଷ୍ଠୀ ଗୁଡିକର ଅଧିକାର ପାଇଁ ସଠିକ ପଦକ୍ଷେପ ନେଉଛନ୍ତି ବୋଲି ଦେଖେଇହେବାକୁ ଚାହୁଁଛନ୍ତି ।

ବୋର୍ଣ୍ଣିଓ ରାଜ୍ୟ ଗୁଡିକର ଅନେକ ଆଇନଗତ ବ୍ୟବସ୍ଥାରେ ପ୍ରଥାକୁ ଆଇନ ଏବଂ ଅଧିକାର ଗୁଡିକର ମୁଳଉସ୍ ହିସାବରେ ଗ୍ରହଣ କରାଯାଇଛି ଏବଂ ଦେଶୀୟ କୋର୍ଟ ଗୁଡିକ ସେସବୁ ପାଳନ କରିଆସୁଛନ୍ତି । ସାବାହରେ ସୁରକ୍ଷିତ ଅଂଚଳ ବାହାରେ କେତେକ କ୍ଷେତ୍ରରେ ଏହାକୁ ଅନୁମତି ମିଳିଛି । ଯେମିତିକି ଜମିଜମା ବ୍ୟବହାର ଏବଂ ସଂରକ୍ଷଣ ସଂପର୍କିତ କୌଳିକ ନୀୟମ ଏବଂ ନଦୀ ଓ ମତ୍ସ୍ୟ ସଂପଦ ପରିଚାଳନା ପାଇଁ ଟାଗାଲ୍ ପ୍ରଥା ଅନ୍ତର୍ଭୁକ୍ତ । ଗୋଷ୍ଠୀଗତ ମାଛଧରାର ନିୟନ୍ତ୍ରଣ ଏବଂ ପ୍ରାକୃତିକ ମାଛ ବିଷ ପ୍ରୟୋଗକୁ ସୀମିତ କରବା ପାଇଁ ଥିବା ଟାଗାଲ ପ୍ରଥା ଅନ୍ତର୍ଦେଶୀୟ ମାଛଚାଷ ଏବଂ ସାମୁଦ୍ରିକ ଉତ୍ପାଦନ ଆଇନ ୨୦୦୩ ଅଧିନରେ ଆନୁଷ୍ଠାନିକ ଭାବେ ସ୍ୱିକୃତି ଦିଆଯାଇଛି । ସାବାହରେ ଆଉଏକ ଉତ୍ସାହପ୍ରଦ ବିଷୟ ହେଲା ଆଦିମ ଅଧିବାସୀ ମାନେ ସେମାନଙ୍କ ପାରଂପରିକ ଜ୍ଞାନ ଅଧରକାର ଏବଂ ଏହାର ବ୍ୟବହାରଗତ ଲାଭ ସଂପର୍କିତ ଆଇନର ପ୍ରସ୍ତୁତିରେ ସାମିଲ ଅଛନ୍ତି ।

## କେସ୍ ଷ୍ଟଡି - ଫିଲିପିନ୍‌ସ

ଫିଲିପିନ୍‌ସର ପରିସ୍ଥିତି ଅନ୍ୟଦେଶ ଗୁଡିକ ଠାରୁ ଭିନ୍ନ । ଏଠାରେ ସମ୍ବିଧାନ ଆଦିମ ଅଧିବାସୀ ମାନଙ୍କର ଅଧିକାରକୁ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି । ଜମି ଅଧିକାର କିପରି ସ୍ୱିକୃତି ପାଇବା ଆବଶ୍ୟକ ସେଥିପାଇଁ ଅନେକ ଆଇନ କାର୍ଯ୍ୟକାରୀ ହେଉଛି ଏବଂ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ନୀୟମ ଜାତୀୟ ଆଇନରେ ପ୍ରତିଫଳିତ ଏବଂ କାର୍ଯ୍ୟକାରୀ ହେଉଛି । ଏହି ଅଧ୍ୟୟନ ଦି ଇଣ୍ଡିଜେନସ୍ ପିପୁଲ୍‌ସ ଇଣ୍ଟରନେସନାଲ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଆଣ୍ଡ ଏଜୁକେସନ, ତେବ୍‌ତେବା ଦ୍ୱାରା କରାଯାଇଛି । ଏଥିରେ ଆଦିମ ଅଧିବାସୀଙ୍କ ଅଧିକାରକୁ ନେଇ ଜାୟୀୟ ଆଇନ ଏବଂ କାର୍ଯ୍ୟକାରୀତା ବ୍ୟବସ୍ଥାର ସମୀକ୍ଷା କରାଯାଇଛି ଏବଂ ବାଓାନ ଜାତୀୟ ଉଦ୍ୟାନ ଦ୍ୱାରା କ୍ଷତିଗ୍ରସ୍ତ ଐତା ଆଦିମ ଅଧିବାସୀ ମାନଙ୍କର ସାମଗ୍ରିକ ପରିସ୍ଥିକୁ ଆଲୋଚନା କରାଯାଇଛି ।

ଆଇନରେ ଥିବା ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନାରେ ଆଦିମ ଅଧିବାସୀ ମାନଙ୍କର ଜୈବବିବିଧତା ସଂପର୍କିତ ଜ୍ଞାନର ମୂଲ୍ୟବୋଧକୁ ସ୍ୱିକୃତି ଦିଆଯାଇଛି । ଜାତୀୟ ସମନ୍ୱିତ ସୁରକ୍ଷିତଅଂଚଳ ଆଇନ( ଆଇ.ପି.ଆର୍.ଏ ) ରେ ସୁରକ୍ଷିତ ଅଂଚଳ ସ୍ଥାପନ ପାଇଁ ଅଂଶଗ୍ରହଣର ଆବଶ୍ୟକତା, ଆଦିମ ଅଧିବାସୀ ସାଂସ୍କୃତିକ କମିଟି ଗୁଡିକର ସ୍ୱିକୃତି ଆବଶ୍ୟକତାଆଦିବାସୀ ଗୋଷ୍ଠୀ ଗୁଡିକ ସୁରକ୍ଷିତ ଅଂଚଳ ପରିଚାଳନା ପରିଷଦ ଆଗରେ ଉପସ୍ଥାପନା କରିଥିବା ସେମାନଙ୍କର ମାଲିକାନା ସୁରକ୍ଷା ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ । ଆଦିମ ଅଧିବାସୀ ସୁରକ୍ଷା ଆଇନ ଆଦିମ ଅଧିବାସୀ ମାନଙ୍କର ପୈତୃକ ସଂପତ୍ତି ଏବଂ ଅଧିକୃତ ଅଂଚଳ ଉପରେ ସେମାନଙ୍କ ଅଧିକାରର ସ୍ୱଷ୍ଟ ସ୍ୱିକୃତି ଏବଂ ସେଗୁଡିକ ଉପରେ ଯେ କୌଣସି କାର୍ଯ୍ୟ ଉପରେ ନିୟନ୍ତ୍ରଣ ଅଧିକାର ଦେଇଛି । ସୁରକ୍ଷିତ ଅଂଚଳ ପରିଚାଳନା ଏବଂ ଆଦିମ ଅଧରବାସୀ ମାନଙ୍କ ଜମି ଅଧିକାର ମଧରେ ସମନ୍ୱୟ ଆଣିବା ପାଇଁ ବିଭିନ୍ନ ବ୍ୟବସ୍ଥା ସଂପର୍କରେ ଏକ ମିଳିତ ଅଧିସୂଚନା ଜାରି କରାଯାଇଛି ଯାହାକି ଆଦିମ ଅଧିବାସୀ ମାନଙ୍କୁ ଜମି ମାଲିକ ହିସାବରେ ସେହି ଅଂଚଳର ପ୍ରାଥମିକ ଦାୟିତ୍ୱ ଅର୍ପଣ କରିଛି ।

ଏହି ବ୍ୟବସ୍ଥା ଗୁଡିକର କାର୍ଯ୍ୟକଲାରୀତାରେ ଭିନ୍ନତା ରହିଛି । ଦାବୀ ଉପସ୍ଥାପନ କରାଯାଇଥିବା ଅଧାରୁ କମ୍ ଆଦିମ ଅଧିବାସୀ ଜମି ଏବେସୁଦ୍ଧା ମାଲିକାନା ପ୍ରମାଣପତ୍ର ମିଳିନାହିଁ । ଏପରିକି ଯେଉଁଠି ଆଦିମ ଅଧିବାସୀ ଜମି ଏବଂ ସୁରକ୍ଷିତ ଅଂଚଳ ଜମି ମଧରେ କିଛି ବିବାଦ ରହିଛି ସେଗୁଡିକୁ ବିଚାରକୁ ନିଆଯାଇଛି । ପରିଚାଳନା ଦାୟିତ୍ୱ ହସ୍ତାନ୍ତର ଏପର୍ଯ୍ୟନ୍ତ ହୋଇପାରିନାହିଁ । ଏହିପରି ବିବାଦ ଥିବା ୯୬ଟି ସୁରକ୍ଷିତ ଅଂଚଳ ମଧରୁ ମାତ୍ର ୧୮ଟିରେ ପୈତୃକ ଅଧିକାରଗତ ସ୍ଥାୟୀ ବିକାଶ କାର୍ଯ୍ୟକାରୀ କରାଯାଇଛି ଏବଂ ସୁରକ୍ଷା ଯୋଜନା ପ୍ରସ୍ତୁତି କରିବା ବାକିଅଛି । କେବଳ ୬ଟି ଅଂଚଳରେ ଆଦିମ ଅଧିବାସୀ ମାନେ ସୁରଯିତ ଅଂଚଳ ପରିଚାଳନା ପରିଷଦରେ ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଏହିସବୁ ଅଂଚଳର ଲୋକମାନେ ପରିଷଦ ବୈଠକରେ ଉପସ୍ଥିତ ହେବାକୁ ସମସ୍ୟାର ସମ୍ମୁଖିନ ହେଉଥିବା ଜଣାଯାଇଛି । ଗ୍ଲୋବାଲ୍ ଏନ୍‌ଭରେନ୍‌ଫାସିଲିଟି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଆଦିମ ଅଧିବାସୀ ମାନଙ୍କ ସାମର୍ଥ୍ୟ ବିକାଶରେ ଅଭାବ ରହିଛି ।

୧୬ଶ ଶତାବ୍ଦୀରେ ଫିଲିପିନ୍‌ସରେ ସ୍ପେନିସ୍ ଉପନିବେଶ ସ୍ଥାପନର ବହୁପୂର୍ବରୁ ପଶ୍ଚିମ ଲୁଜୋନ୍ ଅଂଚଳର ନେଗ୍ରିତୋ ଲୋକ ଐତା ମାନେ ବେଓାନ୍ ଅଂଚଳରେ ବସବାସ କରି ଚଳୁଥିଲେ । ୧୯୩୪ ମସିହାରେ ପ୍ରଥମେ ଏହି ଅଂଚଳ ସୁରକ୍ଷିତ ଅଂଚଳ ଘୋଷଣା ହେବା ସମୟରେ ମଧ ସେମାନେ ନିଜ ପୈତୃକ ମାଲିକାନା ଭୋଗ କରିଆସୁଥିଲେ । ୧୯୮୭ ମସିହାରେ ସୁରକ୍ଷିତ ଅଂଚଳର ମଧବର୍ତ୍ତୀ ୪୧ ହେକ୍ଟର ପରିମିତ ଏକ ଛୋଟ ଅଂଚଳକୁ ସଂରକ୍ଷିତ କରାଯାଇ ଐତା ମାନଙ୍କୁ ସେଠାରୁ ସ୍ଥାନାନ୍ତର କରିଦିଆଗଲା । ୨୦୦୪ ମସିହାରେ ଐତା ମାନେ ଜାତୀୟ ସମନ୍ୱିତ ସୁରକ୍ଷିତ ଅଂଚଳ ଆଇନ ବଳରେ ୧୦୦୦୦ ହେକ୍ଟର ଅଂଚଳରେ ସେମାନଙ୍କର ପୈତୃକ ମାଲିକାନା ସ୍ୱିକୃତି ନିମନ୍ତେ ଦାବି କଲେ, ଯେଉଁଥିରେ କି ବେଓାନ ଜାତୀୟ ଉଦ୍ୟାନର ଅଧାଅଂଶ ରହିଥିଲା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦାବି ସଂପର୍କରେ କୌଣସି ଅଗ୍ରଗତି ହୋଇନାହିଁ । ତେବେ ସୁରକ୍ଷିତ ଅଂଚଳ ପରିଚାଳନା ପରିଷଦ ଐତା ମାନଙ୍କ ନିମନ୍ତେପରିଷଦରେ ୨ଟି ସ୍ଥାନ ପ୍ରଦାନ କଲେ । କିନ୍ତୁ ସୁରକ୍ଷିତ ଅଂଚଳଅଧିକାରୀ ହିସାବରେ ସକ୍ରିୟ ଭାବେ କାର୍ଯ୍ୟକରିବାକୁ ସେମାନଙ୍କ ପାଇଁ କୌଣସି ତାଲିମ ବା ସାମର୍ଥ୍ୟ ବିକାଶ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ ।

## ୯ – ସୁରକ୍ଷିତ ଅଂଚଳର ସଂରକ୍ଷଣ ନୀତି ଓ ଆଇନ ଏବଂ ଏହାର କାର୍ଯ୍ୟକାରୀତାରେ ଆଦିମ ଅଧିବାସୀ ମାନଙ୍କର ଦାବି

ପର୍ଯ୍ୟାବରଣ ଓ ପ୍ରଜାତି ଗୁଡିକର ସୁରକ୍ଷା ଓ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ର ପ୍ରତିକାର ନିମନ୍ତେ ପଦକ୍ଷେପ ଏବଂ ଆଦିମ ଅଧିବାସୀ ମାନଙ୍କର ମାନବିକ ଅଧିକାରକୁ ସମ୍ମାନ ଦେଇ ସ୍ଥାୟୀ ବିକାଶ ବ୍ୟବସ୍ଥା କରିବା ପାଇଁ ଆଦିମ ଅଧିବାସୀମାନେ ବହୁଦିନରୁ ଦାବି ଜଣାଇ ଆସୁଛନ୍ତି । ଆଇନରେ ଏହା ସୁନିଶ୍ଚିତ କରାଯିବା ଉଚିତ ଯେ, ଯେଉଁମାନଙ୍କ ସ୍ୱରକୁ କାଳକାଳ ଧରି ଅବହେଳା ଓ ଅଣଦେଖା କରାହୋଇ ଆସୁଛି, ସେମାନଙ୍କ ଉପରେ ପ୍ରକୃତିର ମାନବିକ ବ୍ୟବହାରକୁ ସଂକୁଚିତ କରୁଥିବା ନୀତି ଏବଂ ଆଇନ ଅସଦ୍ ଉପାୟରେ ଲଦି ଦିଆଯିବା ଉଚିତ ନୁହେଁ, ।

ମାନବିକ ଅଧିକାର ସଂପୂର୍ଣ୍ଣ ସାଧିନ । ଗୋଟିଏ ଅଧିକାରକୁ ଭାଂଗିବା ଅର୍ଥ ତାହା ଅନେକ ଗୁଡିଏ ଅଧିକାରକୁ ଭାଂଗିବାକୁ ସୁଯୋଗ ଦେବ । ତେଣୁ ଆଦିମ ଅଧିବାସୀ ମାନଙ୍କର ଜମି ଏବଂ ସମ୍ବଳ ଉପରେ ଅଧିକାରକୁ ଅଣଦେଖା କରି ଯଦି ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହୁଏ ଏହା ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପରି ହେବ ।

- ସଂରକ୍ଷଣ ସଂପର୍କରେ ଆଦିମ ଅଧିବାସୀ ମାନଙ୍କର କିଛି ମୂଖ୍ୟ ଅଧିକାର ଏବଂ ଦାବି
- ଆତ୍ମ ନିଷ୍ପତ୍ତିର ଅଧିକାର
- ଜମି, ଅଂଚଳ ଏବଂ ସମ୍ବଳ ଅଧିକାର
- ଅଂଶଗ୍ରହଣ, ପରାମର୍ଶ ଏବଂ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ଅଧିକାର
- ସାଂସ୍କୃତିକ ଏବଂ ପାଂପରିକ ପ୍ରଥାର ଅଧିକାର
- ଅଣ ଇଚ୍ଛାକୃତ ପୁନର୍ବାସରୁ ମୁକ୍ତ ହେବାର ଅଧିକାର
- ପାରଂପରିକ ଜ୍ଞାନର ଅଧିକାର
- ସାସ୍ଥ୍ୟ ଏବଂ ସାସ୍ଥ୍ୟକର ପରିବେଶର ଅଧିକାର
- ପ୍ରତ୍ୟର୍ପଣ ଏବଂ କ୍ଷତିପୁରଣ ଅଧିକାର

## ୧୦ – ସଂରକ୍ଷଣ ଏବଂ ମାନବିକ ଅଧିକାର ସଂପର୍କିତ ପ୍ରଚେଷ୍ଟା ଏବଂ ସାଂପ୍ରତିକ ସ୍ଥିତି

### ୧ - ଆଦିମ ଅଧିବାସୀ ଏବଂ ଗୋଷ୍ଠୀଗତ ସଂରକ୍ଷିତ ଅଂଚଳ

ଉଭୟ ସ୍ଥାୟୀ ଏବଂ ଭ୍ରମଣକାରୀ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଅନେକ ପ୍ରକାର ପ୍ରାକୃତିକ ପରିବେଶ ଏବଂ ପ୍ରଜାତିର ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛନ୍ତି । ସେମାନେ ଏସବୁ ଆର୍ଥିକ, ସାଂସ୍କୃତିକ, ଆଧାତ୍ମିକ ଏବଂ ସୌନ୍ଦର୍ଯ୍ୟବୋଧ ଆଦି ବିଭିନ୍ନ କାରଣ ପାଇଁ କରିଛନ୍ତି । ବର୍ତ୍ତମାନ ସାରା ବିଶ୍ୱରେ ହଜାର ହଜାର ସଂଖ୍ୟାରେ ଆଦିମ ଅଧିବାସୀ ଏବଂ ଗୋଷ୍ଠୀ ସଂରକ୍ଷିତ ଅଂଚଳ ରହିଛି ( ଆଇ.ସି.ସି.ଏ) । ସେଗୁଡିକ ମଧ୍ୟରେ ଜଙ୍ଗଲ, ନିମ୍ନଭୂମି, ଭୂଭାଗ ଦୃଶ୍ୟ, ଗ୍ରାମ୍ୟ ଜଳାଶୟ, ହ୍ରଦ, ନଦୀ ଏବଂ ସାମୁଦ୍ରିକ ଓ ଉପକୂଳ ଅଂଚଳ ରହିଛି । ଏହିସବୁ ଅଂଚଳ ଗୁଡିକର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ବ୍ୟବସ୍ଥା ସରକାରୀ ପରିଚାଳିତ ସୁରକ୍ଷିତ ଅଂଚଳ ଠାରୁ ବହୁ ପୁରୁଣା ହୋଇଥିଲେ ମଧ୍ୟ ସେଗୁଡିକୁ ଆନୁଷ୍ଠାନିକ ସଂରକ୍ଷଣ ବ୍ୟବସ୍ଥାରେ ସ୍ୱିକୃତି ମିଳିନାହିଁ ଏବଂ ଅବହେଳା କରାହୋଇ ଆସୁଛି । ସେଗୁଡିକ ମଧ୍ୟରୁ ଅନେକ ସଂକଟଜନକ ପରିସ୍ଥିତିରେ ରହିଛନ୍ତି ।

ସୌଭାଗ୍ୟବଶତଃ ଜୈବବିବିଧତା ସଂରକ୍ଷଣରେ ଆଦିମ ଅଧିବାସୀ ଏବଂ ଗୋଷ୍ଠୀ ସଂରକ୍ଷିତ ଅଂଚଳ ( ଆଇ.ସି.ସି.ଏ) ଏବଂ ସେମାନଙ୍କ ଭୂମିକା ପ୍ରତି ସମର୍ଥନ ବଢୁଛି । ୫ମ ବିଶ୍ୱ ପାର୍କ କଂଗ୍ରେସ ଓ ସି.ବି.ଡି ର ସୁରକ୍ଷିତ ଅଂଚଳ ସଂପର୍କିତ କାର୍ଯ୍ୟକ୍ରମ ସେଗୁଡିକୁ ଆଇନାନୁମୋଦିତ ସଂରକ୍ଷଣ ସ୍ଥଳ ହିସାବରେ ଗ୍ରହଣ କରିଛନ୍ତି ଯାହାଫଳରେ ସେସବୁ ଜାତୀୟ ଓ ଆନ୍ତର୍ଜାତୀୟ ବ୍ୟବସ୍ଥାରେ ମିଶିବା ସହ ସହାୟତା ପାଇପାରିବ । କେତେକ ରାଷ୍ଟ୍ର ଏଥିପାଇଁ ପିଟିସନ୍ କରିଛନ୍ତି । ଅନ୍ୟ ରାଷ୍ଟ୍ରଗୁଡିକ ସେମାନଙ୍କ ସରକାରୀ ସୁରକ୍ଷିତ ଅଂଚଳ ବ୍ୟବସ୍ଥା ସହ ଏହାକୁ ସାମିଲ କରିଦେଲେଣି ।

### ୨ – ମାନବିକ ଅଧିକାର ସଂରକ୍ଷଣ ଉଦ୍ୟମ ( ସି.ଆଇ.ଏଚ୍.ଆର୍.)

ମାନବିକ ଅଧିକାର ସଂରକ୍ଷଣ ଉଦ୍ୟମ ( ସି.ଆଇ.ଏଚ୍.ଆର୍.) ଆନ୍ତର୍ଜାତୀୟ ସଂରକ୍ଷଣବାଦୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ଏକ ସଂଗଠନ । ସଂରକ୍ଷଣ ନୀତି ଏବଂ କାର୍ଯ୍ୟକାରୀତାରେ ମାନବିକ ଅଧିକାରକୁ ସମନ୍ୱିତ କରି ସଂରକ୍ଷଣ ବ୍ୟବସ୍ଥାରେ ବିକାଶ କରିବା ଦିଗରେ ଏହା କାର୍ଯ୍ୟ କରିଥାଏ । ମାନବିକ ଅଧିକାର ସଂରକ୍ଷଣ ଉଦ୍ୟମର ସଭ୍ୟମାନେ ଗୋଟିଏ ଉଦ୍ଦେଶ୍ୟକୁ ନେଇ ଏକାଠି ହୋଇଛନ୍ତି । ସଂରକ୍ଷଣ ଏବଂ ଲୋକମାନଙ୍କର ଜୀବିକା ସୁରକ୍ଷା, ସୁସ୍ଥ ଓ ଉତ୍ପାଦନକ୍ଷମ ପରିବେଶରେ ଚଳିବାର ଅଧିକାରଗତ ସୁରକ୍ଷା ଭିତରେ ଏକ ସକାରାତ୍ମକ ସଂପର୍କ ସ୍ଥାପନ କରି ଏକ ଆତ୍ମସମ୍ମାନବୋଧ ଜୀବନ ବଂଚିବା ଦିଗରେ ସେମାନେ କାର୍ଯ୍ୟକରୁଛନ୍ତି ।

"ମାନବିକ ଅଧିକାର ସଂରକ୍ଷଣ ଉଦ୍ୟମ" ସଂଗଠନରେ ସଂରକ୍ଷଣ ସି.ଇ.ଓ.ର ଫୋରମ୍‌ରେ ଅଂଶ ଗ୍ରହଣ କରିଥିବା ଆନ୍ତର୍ଜାତୀୟ ସଂରକ୍ଷଣ ଅନୁଷ୍ଠାନ ଗୁଡିକ ସଭ୍ୟ ଅଛନ୍ତି । ଏହି ଅନୁଷ୍ଠାନ ଗୁଡିକ ମଧ୍ୟରେ ରହିଛି ବାର୍ଡ ଲାଇଫ୍ ଇଣ୍ଟରନେସ୍‌ନାଲ୍, କନ୍‌ଜର୍‌ଭେସନ୍ ଇଣ୍ଟରନେସ୍‌ନାଲ୍, ଫାଉନା ଏଣ୍ଡ ଫ୍ଲୋରା ଇଣ୍ଟରନେସ୍‌ନାଲ୍, ଆଇ.ସି.ୟୁ.ଏନ୍, ଦି ନେଚର୍ କଞ୍ଜର୍‌ଭାନ୍ସି, ୱେଟଲାଣ୍ଡ ଇଣ୍ଟରନେସ୍‌ନାଲ୍,, ୱାଇଲ୍ଡ ଲାଇଫ୍ କନ୍‌ଜର୍‌ଭେସନ୍ ସୋସାଇଟି ଏବଂ ଡବ୍ଲ୍ୟୁ.ଡବ୍ଲ୍ୟୁ.ଏଫ୍ ଆଦି ଅନୁଷ୍ଠାନ ।

"ମାନବିକ ଅଧିକାର ସଂରକ୍ଷଣ ଉଦ୍ୟମ" ସଂଗଠନର ମୁଖ୍ୟ ଲକ୍ଷ୍ୟ ହେଲା ଭାଗୀଦାର ଅନୁଷ୍ଠାନ ଗୁଡିକ ନିଜ କାର୍ଯ୍ୟରେ ମାନବିକ ଅଧିକାରକୁ ଗୁରୁତ୍ୱ ଦେଇ ସଂରକ୍ଷଣ କାର୍ଯ୍ୟକ୍ରମର ବିକାଶ କରିବା । ପ୍ରତ୍ୟେକ ଭାଗୀଦାର ଅନୁଷ୍ଠାନ ସେମାନଙ୍କ କାର୍ଯକାରିତା ଦକ୍ଷତା ବୃଦ୍ଧି ନିମନ୍ତେ କେତେକ ମାନବିକ ଅଧିକାର ନୀତି ନୀୟମ ମାନିବା ବାଧ୍ୟତାମୂଳକ ଅଟେ ଏବଂ ସେମାନେ ଏସବୁ ନିମନ୍ତେ ଥିବା ଉତ୍ତରଦାୟିତ୍ୱ ତୁଲାଇବେ । ପ୍ରତ୍ୟେକ ଅନୁଷ୍ଠାନ ସେମାନଙ୍କର ଶିକ୍ଷଣୀୟ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକାରୀତା ରିପୋର୍ଟ ଗୁଡିକ ପରସ୍ପର ଭିତରେ ଆଦାନପ୍ରଦାନ କରିବେ ।



**ପ୍ରୟୋଗ – ୩**

ମତବିନିମୟ ଏବଂ ଆଲୋଚନା ( ୩୦ ମିନିଟ)

ସୁରକ୍ଷିତ ଅଂଚଳ ଗୁଡିକରେ ଆଦିମ ଅଧିବାସୀ ମାନଙ୍କ ଅଧିକାର ସୁରକ୍ଷାର ପରବର୍ତ୍ତୀ ପଦକ୍ଷେପ

୧ - ଅଂଶଗ୍ରହଣକାରୀମାନେ ସେମାନଙ୍କ ଗୋଷ୍ଠୀରେ ବା ଅଂଚଳରେ ସୁରକ୍ଷିତ ଅଂଚଳ ସ୍ଥାପନାରେ ସେମାନଙ୍କର ଅଧିକାରର ସୁରକ୍ଷା କିପରି କରିବେ ଏବଂ ସେମାନେ ଘରକୁ ଫେରିବା ପରେ ସଂରକ୍ଷିତ ଅଂଚଳରେ ସେମାନଙ୍କ ଅଧିକାରଗତ ସୁରକ୍ଷା ନିମନ୍ତେ ସେମାନେ କେଉଁ କାର୍ଯ୍ୟକ୍ରମ ଗୁଡିକ କରିବେ ସେ ସଂପର୍କରେ ନିଜ ଅଭିମତ ଦେବେ ।

୨ – ତାଲିମ ସହାୟକ ସମସ୍ତ ବିଷୟର ସାରାଂଶ ଉପସ୍ଥାପନ କରି ଅଧିବେଶନ ସମାପ୍ତ କରିବେ ।

ଶେଷ ଦ୍ରଷ୍ଟବ୍ୟ –

ଆଇ.ସି.ୟୁ.ଏନ୍. ୱେବ୍‌ସାଇଟ୍ <www.iucn.org>.

ଆଇ.ସି.ୟୁ.ଏନ୍. ଗାଇଡ୍‌ଲାଇନ୍ ଫର୍ ଆପ୍ଲାଇଙ୍ଗ ପ୍ରୋଟେକ୍ଟେଡ୍ ଏରିଆ ମ୍ୟାନେଜମେଣ୍ଟ କାଟେଗୋରିଜ୍ ଏଡିଟେଡ୍ ବାଇ ନିଗେଲ୍ ଡୁଡ୍‌ଲେ

କ୍ଲାଉଡିଆ ସୋବ୍ରେଭିଲ୍ଲା, ୨୦୦୮

ବ୍ରେଚିନ୍ ଏଟ୍ ଅଲ୍ ୨୦୦୩, ନେଉମାନ ୧୯୯୮, କୋଲ୍‌ଚେଷ୍ଟର ୧୯୯୭

ଆଇ.ସି.ୟୁ.ଏନ୍./ ଡବ୍ଲ୍ୟୁ.ସି.ପି.ଏ ୨୦୦୦, ୨୦୦୪

ମାଉରିଜିଓ ପାୱାରପଏଣ୍ଟ,

ଫରେଷ୍ଟ ପିପୁଲ ପ୍ରୋଗ୍ରାମ୍

ଆଇ.ସି.ସି.ଏ ୱେବ୍‌ସାଇଟ୍ <www.iccaforum.org>.

**ସହାୟକ ତଥ୍ୟ –**

ଡୁଡ୍‌ଲେ, ନିଗେଲ୍ ୨୦୦୮ ଗାଇଡ୍‌ଲାଇନ୍ ଫର୍ ଆପ୍ଲାଇଙ୍ଗ ପ୍ରୋଟେକ୍ଟେଡ୍ ଏରିଆ ମ୍ୟାନେଜମେଣ୍ଟ କାଟେଗୋରିଜ୍ ଗ୍ଲାଉଡ୍, ଆଇ.ସି.ୟୁ.ଏନ୍.

ସୋବ୍ରେଭିଲ୍ଲା କ୍ଲାଉଡିଆ ୨୦୦୮, ଦି ରୋଲ୍ ଅଫ୍ ଇଣ୍ଡିଜେନସ୍ ପିପୁଲ ଇନ୍ ବାୟୋଡାଇଭରସିଟି କନ୍‌ଜରଭେସନ୍, ଦି ନାଚୁରାଲ୍ ଅଫନ୍ ଫରଗେଟନ୍ ପାର୍ଟନରସ୍, ୱାର୍ଲଡବ୍ୟାଙ୍କ

# ମଡ୍ୟୁଲ ୧୧

## ଜୈବବିବିଧତା ସମ୍ମିଳନୀର ଜାତୀୟ କାର୍ଯ୍ୟକାରୀତା

### ଉଦ୍ଦେଶ୍ୟ ସମୂହ

୧. କ୍ଲିଅରିଙ୍ଗ ହାଉସ୍ କୌଶଳରେ କିପରି ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତାର ତଥ୍ୟ ହାସଲ କରିହେବ ତାହା ଶିଖିବା

୨. ଜୈବବିବିଧତା ସମ୍ମିଳନୀର ଅଧାରରେ ରାଷ୍ଟ୍ରଗୁଡିକ ସେମାନଙ୍କ ଜୈବବିବିଧତା ସଂରକ୍ଷଣ କୌଶଳ ଓ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରିୟ ବିବରଣୀ ପ୍ରସ୍ତୁତ ପାଇଁ ଥିବା ଆନ୍ତର୍ଜାତୀୟ ଚୁକ୍ତିବଦ୍ଧତା ସଂପର୍କରେ ଜାଣିବା ।

୩. ଜୈବବିବିଧତା ସମ୍ମିଳନୀର ଚୁକ୍ତି ଅନୁସାରେ ସରକାର ପ୍ରକୃତରେ କାର୍ଯ୍ୟକ୍ରମ କରୁଛନ୍ତି କି ନାହିଁ ତାହା ଜାଣିବା ।

୪. ଅଂଶଗ୍ରହଣକାରୀମାନେ ଜୈବବିବିଧତା ସମ୍ମିଳନୀକୁ ଜାତୀୟ ଓ ଗ୍ରାମ୍ୟସ୍ତରରେ କାର୍ଯ୍ୟକାରୀ କରିବାକୁ ଉଦ୍ଦିଷ୍ଟ ବାସ୍ତବିକ କାର୍ଯ୍ୟପନ୍ଥା ଏବଂ ପ୍ରକଳ୍ପ ସଂପର୍କରେ ଆଲୋଚନା

### ତାଲିମ୍ ସାମଗ୍ରୀ

- ସି.ବି.ଡି କାର୍ଯ୍ୟକାରୀତାର ସମୀକ୍ଷା - ପାୱାରପଏଣ୍ଟ
- ଏନ୍.ବି.ଏସ.ଏ.ପି
- ଫିଲିପିନ୍ସ ପଦ୍ଧତି ଏବଂ କାର୍ଯ୍ୟକ୍ରମ
- ରିପବ୍ଲିକ୍ ଅଫ୍ ଫିଲିପିନ୍ସ, ଆସେସିଙ୍ଗ ପ୍ରୋଗ୍ରେସ୍ ଟୁୱାର୍ଡସ ଦି ୨୦୧୦ ବାୟୋଡାଇଭରସିଟି ଟାର୍ଗେଟ - ଦି ଫୋର୍ଥ ନେସନାଲ ରିପୋର୍ଟ ଟୁ ଦି ସି.ବି.ଡି, ୨୦୦୯
- ପ୍ରୋଟେକ୍ଟିଙ୍ଗ ଆଣ୍ଡ ଏନ୍‌କରେଜିଙ୍ଗ ଟ୍ରାଡିସିନାଲ୍ ସଷ୍ଟେନେବୁଲ୍ ୟୁଜ୍ ଇନ୍ କାମେରୁନ୍
- କଷ୍ଟମାରୀ ସଷ୍ଟେନେବୁଲ୍ ୟୁଜ୍ ଅଫ୍ ବାୟୋଡାଇଭର୍‌ସିଟି ବାଇ ଇଣ୍ଡିଜେନସ୍ ପିପୁଲ ଆଣ୍ଡ ଲୋକାଲ୍ କମ୍ୟୁନିଟି – ଏକଜାମ୍ପଲ୍‌ସ, ଚାଲେଞ୍ଜେସ୍ ଆଣ୍ଡ ରେକମେଣ୍ଡେସନ୍ସ ରିଲେଟିଙ୍ଗ ଟୁ ସି.ବି.ଡି, ଆର୍ଟିକିଲ୍ ୧୦ (ସି)

### ସମୟ

୩ ଘଣ୍ଟା

## କାର୍ଯ୍ୟକ୍ରମ



### ପ୍ରୟୋଗ ୧

ଜୈବବିବିଧତା ସମ୍ମିଳନୀର ଜାତୀୟ କାର୍ଯ୍ୟକାରୀତା ସଂପର୍କରେ ତଥ୍ୟ ସଂଗ୍ରହ ( ୩୦ ମିନିଟ)

୧- କମ୍ପ୍ୟୁଟର ଏବଂ ଇଣ୍ଟରନେଟ ସୁବିଧା ଥିବା ଗୋଟିଏ ଜାଗାରେ ଅଂଶଗ୍ରହଣକାରୀମାନେ ସି.ବି.ଡି ୱେବ୍‌ସାଇଟ୍ (http://www.cbd.int) ଖୋଲିବେ ।

୨- ୱେବ୍‌ସାଇଟ୍‌ରୁ ଏନ୍.ବି.ଏସ.ଏ.ପି, ଜାତୀୟ ରିପୋର୍ଟ, ନେସନାଲ୍ ଫୋକାଲ୍ ପଏଣ୍ଟ ଏବଂ ନେସନାଲ କ୍ଲିୟରିଙ୍ଗ ହାଉସ୍ ମେକାନିଜିମ୍ ଆଦି ବିଷୟ ଗୁଡିକ ଖୋଜିବେ ।

ବିଷୟଗତ ଆଲୋଚନା ( ୧ଘଣ୍ଟା)

୧ – ଉପକ୍ରମ

ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ( ୟୁ.ଏନ୍.ଇ.ପି ) ଦ୍ୱାରା ୧୯୯୩ ମସିହା ପରଠାରୁ ସମ୍ମିଳନୀ କାର୍ଯ୍ୟକ୍ଷମ ହେବା ପରଠାରୁ ଜୈବବିବିଧତା ସମ୍ମିଳନୀର କାର୍ଯ୍ୟକାରୀତାର ଏକ ସମୀକ୍ଷା କରାଯାଇ ମୁଖ୍ୟ ସଫଳତା ଗୁଡିକ ଚିହ୍ନଟ କରାଗଲା । ସେହିସବୁ ମୁଖ୍ୟ ସଫଳତା ଗୁଡିକ ନିମ୍ନରେ ଦିଆଗଲା –

୨ – ସଫଳତା

- ସମ୍ମିଳନୀର ବ୍ୟବସ୍ଥା ଗୁଡିକର ଉଦ୍ଦେଶ୍ୟଗତ ଏବଂ ବାଦ୍ ପଡିଥିବା ବିଷୟ ଗୁଡିକ ପରିମାପକ ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟକ୍ରମରେ ଫଳପ୍ରଦ ରୂପାନ୍ତରୀକରଣ
- ଜୈବବିବିଧତା ନୀୟମାବଳୀ ବା ପ୍ରୋଟୋକଲ୍ ଗ୍ରହଣ
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କରେ ଆନ୍ତର୍ଜାତୀୟ ନୀୟମାବଳୀ ପ୍ରସ୍ତୁତି
- ଅନ୍ତଃରାଷ୍ଟ୍ରିୟ ବୈଜ୍ଞାନିକ ପରିଷଦ ହିସାବରେ ବୈଜ୍ଞାନିକ, ବୈଷୟିକ ଓ ଯାନ୍ତ୍ରିକ ପରାମର୍ଶ ସହାୟକ ପରିଷଦ ( ଏସ୍.ବି.ଏସ୍.ଟି.ଟି.ଏ )ର ଉତ୍ପତ୍ତି ।
- ଗ୍ଲୋବାଲ୍ ବାୟୋଡାଇଭରସିଟି ଆଉଟ୍ଲୁକ୍ ର ୩ଟି ସଂସ୍କରଣ ପ୍ରକାଶ ଏବଂ ସମ୍ମିଳନୀ ସହାୟକ ପୁସ୍ତିକା ଓ ବୈଷୟିକ ଧାରାବାହିକ ସି.ବି.ଡି ନ୍ୟୁଜ୍ର ପ୍ରକାଶ ।
- ଉପଯୁକ୍ତ ସଂଗଠନ ଗୁଡିକ ସହ ଦୃଢ ସହଭାଗୀତା ଓ ସହଯୋଗୀତା
- ସମ୍ମିଳନୀକୁ ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଏକ ଫୋରମ୍ ରୂପେ ପ୍ରତିଷ୍ଠିତ କରିବା
- ସ୍ଥାୟୀ ବିକାଶ ସଂପର୍କିତ ବିଶ୍ୱ ସମ୍ମିଳନୀରେ ଜୈବବିବିଧତା ଏବଂ ସମ୍ମିଳନୀ ସଂପର୍କରେ ପ୍ରାଧାନ୍ୟ, ସାଧାରଣ ପରିଷଦ ଏବଂ ସ୍ଥାୟୀ ବିକାଶ କମିଶନରେ ସକ୍ରିୟ ଭାଗିଦାରୀତା
- ସେହି ଉଦ୍ୟମ ଗୁଡିକର ସ୍ୱିକୃତି ସ୍ୱରୁପ ସଚିବାଳୟକୁ ବର୍ଷକୁ ବର୍ଷ ଆର୍ଥିକ ସହାୟତା ବୃଦ୍ଧି ପାଉଛି ଏବଂ ଅଳ୍ପ କିଛି କାର୍ଯ୍ୟାଳୟ ଓ ଅଳ୍ପ କର୍ମଚାରୀ ରୁ ପକ୍ଷ ଗୁଡିକର ଆବଶ୍ୟକତାକୁ ପୁରଣ କଲାଭଳି ଏକ ପୂର୍ଣ୍ଣ ସକ୍ଷମ ଓ ଉତ୍ସର୍ଗୀକୃତ ଦଳ ସୃଷ୍ଟି ହୋଇ ପାରିଛି ।

୩ – ଆହ୍ୱାନ ବା ଚାଲେଞ୍ଜ

ଏଥିସହ କିଛି ଆହ୍ୱାନ ମଧ୍ୟ ସୃଷ୍ଟି ହୋଇଛି ।

- ୨୦୧୦ର ଲକ୍ଷ୍ୟକୁ ଜାତୀୟ ଲକ୍ଷ୍ୟ ହିସାବରେ ପରିଣତ କରିବା
- ସମସ୍ତ ଆର୍ଥିକ କ୍ଷେତ୍ରରେ ଜୈବବିବିଧତାକୁ ସଂପୃକ୍ତ କରିବା
- ସମସ୍ତ ନାଗରୀକ ସମାଜ, ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ ଆଦି ସମସ୍ତ ଉପଭୋକ୍ତା ଗୋଷ୍ଠୀକୁ ଏବଂ ବେସରକାରୀ କ୍ଷେତ୍ରକୁ ଏଥିରେ ନିୟୋଜିତ କରିବା

- ଜାତୀୟ ରିପୋର୍ଟର ଫଳପ୍ରଦତାରେ ଉନ୍ନତୀ କରିବା
- ନିର୍ଦ୍ଧାରିତ କୌଶଳଗତ ଯୋଜନାର କାର୍ଯ୍ୟକାରୀତାରେ ଥିବା ପ୍ରତିବଂଧକ ଗୁଡିକୁ ଦୂର କରିବା
- ପକ୍ଷ ଗୁଡିକର ଦକ୍ଷତାବୃଦ୍ଧି ଆବଶ୍ୟକତାକୁ ପୁରଣ କରିବା
- ଫଳପ୍ରଦ କାର୍ଯ୍ୟକାରୀତା ପାଇଁ ଆବଶ୍ୟକୀୟ ଅତିରିକ୍ତ ଆର୍ଥିକ ସମ୍ବଳ ଏବଂ ରାଜନୈତିକ ଇଚ୍ଛାଶକ୍ତି ସଗ୍ରହ କରିବା

ଏପରିସ୍ଥଳେ ସମ୍ମିଳନୀର ଜାତୀୟ କାର୍ଯ୍ୟକାରୀତାକୁ  ପରୀକ୍ଷା କରିବାର ଆବଶ୍ୟକତା ରହିଛି । ଜାତୀୟ ସ୍ତରରେ ସି.ବି.ଡି ର ଲକ୍ଷ ପୁରଣ ପାଇଁ ଆନ୍ତର୍ଜାତୀୟ ସ୍ତରରେ ସଂଯୋଜିତ ବ୍ୟବସ୍ଥା ଗୁଡିକ କ୍ଷେତ୍ର ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ତାହାର ତର୍ଜମାର ଆବଶ୍ୟକତା ରହିଛି ।

## ୪ – ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନା ସବୁ କଣ ? ( ଏନ୍.ବି.ଏସ୍.ଏ.ପି )

ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନା ହେଉଛି ଏକ ପକ୍ଷଭୁକ୍ତ ରାଷ୍ଟ୍ରର ନିଜ ଜୈବବିବିଧତା ସୁରକ୍ଷା ପାଇଁ ଯୋଜନାର ଭିତ୍ତିପ୍ରସ୍ତର । ଏଥିରେ ନିଜ ଜାତୀୟ ପରିବେଶ ସମସ୍ୟାକୁ ଆଧାରକରି ଅଗ୍ରାଧିକରଣ ଭିତିକ ଲକ୍ଷ୍ୟ ନିର୍ଦ୍ଧାରଣ ପଦ୍ଧିତି ତିଆରି କରାଯାଇଥାଏ । ଏହି ପଦ୍ଧତି ସହ ପଦ୍ଧତିରେ ସ୍ଥିର କରାଯାଇଥିବା ଲକ୍ଷଗୁଡିକର ପୁରଣ ପାଇଁ ଏକ କାର୍ଯ୍ୟଯୋଜନା ରହିବା ଆବଶ୍ୟକ ଏବଂ ଏହା ସମ୍ମିଳନୀର ତିନିଟି ମୂଖ୍ୟ ଉଦ୍ଦେଶ୍ୟକୁ ଉପଲକ୍ଷ୍ୟ କରି ହେବା ଦରକାର । ଆବଶ୍ୟକତା ଅନୁସାରେ ଏଥିରେ ପରିବର୍ତ୍ତନ ପାଇଁ ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନାକୁ ନୀୟମିତ ସମୀକ୍ଷାର ଆବଶ୍ୟକତା ରହିଛି । ତେବେ ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ମିଳନୀ ଅଧିନରେ ଏକମାତ୍ର ନୀୟମାନୁବର୍ତ୍ତୀ କାର୍ଯ୍ୟ ।

ସମ୍ମିଳନୀର ଅନୁଚ୍ଛେଦ ୬ ଅନୁଯାୟୀ ଜାତୀୟ ଜୈବବିବିଧତା ଯୋଜନା ପ୍ରସ୍ତୁତି ନିମନ୍ତେ ଆଇନ ରହିଛି । ନିଜର ସ୍ବତନ୍ତ୍ର ଜାତୀୟ ପରିସ୍ଥିତି ଆଧାରରେ ସମ୍ମିଳନୀର ଉଦ୍ଦେଶ୍ୟକୁ ରାଷ୍ଟ୍ର କିପରି ପୁରଣ କରିବାକୁ ଚାହୁଁଛି ତାହା ଜାତୀୟ ପଦ୍ଧତିରୁ ପ୍ରତିଫଳିତ ହେବ ।

ସମ୍ମିଳନୀର ଅନୁଚ୍ଛେଦ ୬ ଅନୁଯାୟୀ, ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ସାଧାରଣ ବ୍ୟବସ୍ଥା ଗୁଡିକୁ ସମସ୍ତ ରାଷ୍ଟ୍ରଗୁଡିକ ନିଜ ପରିସ୍ଥିତି ଏବଂ ସକ୍ଷମତା ମୁତାକ ନିମ୍ନମତେ କାର୍ଯ୍ୟକାରୀ କରିବେ –

- ଜୈବବିବିଧତାର ସଂରକ୍ଷଣ ଓ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ କୌଶଳ, ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତି କିମ୍ବା ନିଜର ଥିବା କୌଶଳ, ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକ ସଂପୃକ୍ତ ରାଷ୍ଟ୍ର ପାଇଁ ନିର୍ଦ୍ଧାରିତ ସମ୍ମଳନୀ ଉଦ୍ଦେଶ୍ୟ ପୁରଣ ପାଇଁ ବିନିଯୋଗ କରିବା ।
- ଜୈବବିବିଧତାର ସଂରକ୍ଷଣ ଓ ସ୍ଥାୟୀ ବ୍ୟବହାର ପଦ୍ଧତିକୁ ବିଭାଗ ଏବଂ ଉପ ବିଭାଗ ଗୁଡିକର ଯୋଜନା, କାର୍ଯ୍ୟକ୍ରମ ଏବଂ ନୀତି ସହ ଯଥାସମ୍ଭବ ଓ ଯଥୋଚିତ ଭାବେ ସମନ୍ୱିତ କରିବା ।

  ବର୍ତ୍ତମାନ ସୁଦ୍ଧା ୧୬୬ଟି ଦେଶ  ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନା ( ଏନ୍.ବି.ଏସ୍.ଏ.ପି ) ପ୍ରସ୍ତୁତ କରିଛନ୍ତି ଏବଂ ୨୦୧୦ ମସିହା ସୁଦ୍ଧା ଅନ୍ୟ ୨୫ଟି ଦେଶକୁ ସମ୍ମିଳନୀର ୯ମ ଅଧିବେଶନରେ ପରାମର୍ଶ ଦିଆଯାଇଛି ।

## ୫ – ଜାତୀୟ ବିବରଣୀ ବା ରିପୋର୍ଟିଂ

ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ ନିଷ୍ପତିଗତ ନୀତି ନିର୍ଦ୍ଧାରଣ ପାଇଁ ଆବଶ୍ୟକୀୟ ସମସ୍ତ ତଥ୍ୟ ସମ୍ବଳିତ ରିପୋର୍ଟ ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକ ସମ୍ମିଳନୀକୁ ପ୍ରଦାନ କରିବେ । ଜାତୀୟ ବିବିରଣୀରେ ଥିବା ତଥ୍ୟ ଗୁଡିକ ମଧ ବିଶ୍ୱସ୍ତରୀୟ ଜୈବବିବିଧତା ଅଗ୍ରାଧିକରଣ ନିର୍ଣ୍ଣୟରେ ସହାୟକ ହେବ । ସେଗୁଡିକ ଗ୍ଲୋବାଲ୍ ବାୟୋଡାଇଭରସିଟି ଆଉଟ୍‌ଲୁକ୍ ଏବଂ ଅନ୍ୟାନ୍ୟ ପୁସ୍ତିକା ପ୍ରକାଶନ ପାଇଁ ଆବଶ୍ୟକୀୟ ଉତ୍ସ୍ ହିସାବରେ ଗ୍ରହଣ କରାଯିବ । ତେଣୁ ନୀତି ନିର୍ଦ୍ଧାରଣ ଏବଂ ସମ୍ମିଳନୀର ସଫଳତା ନିର୍ଦ୍ଧାରଣ ନିମନ୍ତେ ସେସବୁ ଅତି ଆବଶ୍ୟକୀୟ ଉପାଦାନ । ସ୍ୱଚ୍ଛ ଏବଂ ନିର୍ଭୁଲ ତଥ୍ୟ ଆଧାରରେ ପ୍ରସ୍ତୁତ ଦେଶର ଜାତୀୟ ଜୈବବିବିଧତା ନୀତି ପାଇଁ ସମ୍ମିଳନୀର ଆର୍ଥିକ ବିଭାଗ ଗ୍ଲୋବାଲ ଏନ୍‌ଭରେନ୍‌ମେଣ୍ଟ ଫାସିଲିଟି ( ଜି.ଇ.ଏଫ୍ ) ଏହାର କାର୍ଯ୍ୟକାରୀ ସଂସ୍ଥା ଜରିଆରେ ପକ୍ଷଭୁକ୍ତ ବିକାଶଶୀଳ ଦେଶ ଗୁଡିକୁ ସହାୟତା ଯୋଗାଇଥାନ୍ତି ।

ସମ୍ମିଳନୀର ଅନୁଚ୍ଛେଦ ଅନୁସାରେ ଜାତୀୟ ବିବରଣୀର ଉଦ୍ଦେଶ୍ୟ ହେଉଛି, ସମ୍ମିଳନୀର କାର୍ଯ୍ୟକାରୀତା ପାଇଁ ଗ୍ରହଣ ଯାଇଥିବା ବ୍ୟବସ୍ଥା ଗୁଡିକ ଏବଂ ସେଗୁଡିକର ଫଳପ୍ରଦ କାର୍ଯ୍ୟକାରୀତା ସଂପର୍କିତ ତଥ୍ୟ ।

ଆନ୍ତର୍ଜାତୀୟ ସଂସ୍ଥା, ବେସରକାରୀ ସଂସ୍ଥା, କୌଶଳ ପ୍ରସ୍ତୁତ କରୁଥିବା ବୈଜ୍ଞାନିକ ମଣ୍ଡଳୀ ଏବଂ ସି.ବି.ଡି ର କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ନିମନ୍ତେ ଏହି ଜାତୀୟ ବିବରଣୀ ସାଧାରଣରେ ଉପଲବ୍ଧ ହୋଇଥାଏ । ତାହା ମଧ ଦେଶ ଓ ଦେଶ ପୁଞ୍ଜ ଗୁଡିକୁ ସାଧାରଣ ସମସ୍ୟା ଚିହ୍ନଟ କରିବାରେ ସହାୟକ ହୋଇଥାଏ ଯାହାଫଳରେ କାର୍ଯ୍ୟକ୍ରମ କାର୍ଯ୍ୟକାରୀତାରେ ଖର୍ଚ୍ଚ କମିବା ଏବଂ ଆଂଚଳିକ ସ୍ତରରେ ଦେଶ ଗୁଡିକ ମଧରେ ପାରସ୍ପରିକ ସହାୟତା ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

ସମ୍ମିଳନୀ ସଭ୍ୟରାଷ୍ଟ୍ର ମାନଙ୍କ ୫ମ ବୈଠକରେ ସମସ୍ତେ ଏକମତ ହେଲେ ଯେ, ଜାତୀୟ ରିପୋର୍ଟ ପ୍ରତି ଚାରିବର୍ଷ ଅନ୍ତରରେ ପ୍ରଦାନ କରାଯିବ ଏବଂ ଗୋଟିଏ ଲେଖାଏଁ ବୈଠକ ଅନ୍ତରରେ ଏହା ଆଲୋଚନା କରାଯିବ । ୨୦୦୬ ମସିହା ସୁଦ୍ଧା ୪ଟି ରିପୋର୍ଟ ପ୍ରଦାନ ପାଇଁ ସମ୍ମିଳନୀ ସଭ୍ୟରାଷ୍ଟ୍ର ମାନଙ୍କ ବୈଠକରେ ଅନୁରୋଧ କରାଯାଇଛି । ଚତୁର୍ଥ ରିପୋର୍ଟଟି ୨୦୦୯ ମସିହା ମାର୍ଚ୍ଚମାସ ସୁଦ୍ଧା ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଛି । ( ନିଷ୍ପତ୍ତି ୮ମ/୧୪ ) । ୨୦୧୦ ମସିହା ଜୈବବିବିଧତା ଲକ୍ଷ୍ୟ ପୁରଣ ପାଇଁ ସେଗୁଡିକରେ ଆବଶ୍ୟକୀୟ ତଥ୍ୟ ଦିଆଯିବ । ଜାତୀୟ ସ୍ତରରେ ଜୈବବିବିଧତାର ସାଂପ୍ରତିକ ସ୍ଥିତି ଏବଂ ଧାରା, ସମ୍ମିଳନୀର କାର୍ଯ୍ୟକାରୀତା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଭବିଷ୍ୟତରେ ଆଉ କଣ ପଦକ୍ଷେପ ନିଆଯିବା ଆବଶ୍ୟକ ତାର ତଥ୍ୟ ମଧ ଏଥିରେ ରହିବ ।

## ୬ – ଜାତୀୟ ସଂଯୋଜନା କେନ୍ଦ୍ର ବା ଫୋକାଲ୍ ପଏଣ୍ଟ କଣ ଏବଂ ସେଗୁଡିକ କଣ କରିଥାନ୍ତି ?

ଜାତୀୟ ସଂଯୋଜନା କେନ୍ଦ୍ର ବା ଫୋକାଲ୍ ପଏଣ୍ଟ ହେଲା ସମ୍ମିଳନୀର କାର୍ଯ୍ୟ ନିମନ୍ତେ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ନୀୟମିତ ବୈଠକରେ ପ୍ରତିନିଧିତ୍ୱ ଓ ସଚ୍ଚିବାଳୟ ସ୍ତରୀୟ ଯୋଗାଯୋଗ ପାଇଁ ସରକାରଙ୍କ ଦ୍ୱାରା ବଛାଯାଇଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ । ଏହି ଯୋଗାଯୋଗ ଭିତରେ ରହିଛି ନୀୟମିତ ସଂପର୍କ, ତଥ୍ୟ ଆଦାନ ପ୍ରଦାନ, ବୈଠକ ଗୁଡିକରେ ପ୍ରତିନିଧିତ୍ୱ, ବିଭିନ୍ନ ଅନୁରୋଧର ଉତ୍ତର ଦେବା, ଅନ୍ୟ ଉପଭୋକ୍ତା ଗୋଷ୍ଠୀ ଗୁଡିକୁ ସହାୟତା ଏବଂ ସମ୍ମିଳନୀର ଜାତୀୟ କାର୍ଯ୍ୟକାରୀତାର ସଂଯୋଜନା ଏବଂ ବିକାଶ ।

ସମ୍ମିଳନୀର ସମସ୍ତ ସଭ୍ୟଭୁକ୍ତ ରାଷ୍ଟ୍ରମାନେ ଏକ ଜାତୀୟ ସଂଯୋଜନା କେନ୍ଦ୍ର ସ୍ଥାପନ କରିବେ । ସାଧାରଣତଃ ଏହି ଜାତୀୟ ସଂଯୋଜନା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଭଳି ଏକ ଉଚ୍ଚ ସରକାରୀ ବିଭାଗ ଦ୍ୱାରା ସମ୍ମିଳନୀ ସଂପର୍କିତ ଯୋଗାଯୋଗ ପାଇଁ ମନୋନୀତ ହେବ । ଏହି ମୂଖ୍ୟ ଜାତୀୟ ସଂଯୋଜନା କେନ୍ଦ୍ର ଛଡା ସ୍ୱତନ୍ତ୍ର କାର୍ଯ୍ୟପାଇଁ ଅତିରିକ୍ତ ସଂଯୋଜନା କେନ୍ଦ୍ର

ମଧ୍ୟ ସ୍ଥାପିତ ହୋଇ ପାରିବ । ଅତିରିକ୍ତ ସଂଯୋଜନା କେନ୍ଦ୍ର ନଥିଲେ ମୁଖ୍ୟ ଜାତୀୟ ସଂଯୋଜନା କେନ୍ଦ୍ର ସମ୍ମିଳନୀ ସଂପର୍କିତ ସମସ୍ତ ଦାୟିତ୍ୱ ନିର୍ବାହ କରିବ ।

ମୁଖ୍ୟ ଜାତୀୟ ସଂଯୋଜନା କେନ୍ଦ୍ର ନିମ୍ନ ବିଷୟ ଗୁଡିକ ଦାୟିତ୍ୱ ନେବେ –

- ସମ୍ମିଳନୀ ସଂପର୍କିତ ତଥ୍ୟ ସଂଗ୍ରହ ଓ ବଣ୍ଟନ କରିବେ
- ଦେଶ ସମ୍ମିଳନୀ ବୈଠକରେ ପ୍ରତିନିଧିତ୍ୱ କରୁଛି ବୋଲି ସୁନିଶ୍ଚିତ କରିବେ
- ଅସ୍ଥାୟୀ ବୈଷୟିକ ବିଶେଷଜ୍ଞ କମିଟି ଏବଂ ସମ୍ମିଳନୀ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଆକଳନ ବ୍ୟବସ୍ଥାରେ ଅଂଶଗ୍ରହଣ ପାଇଁ ବିଶେଷଜ୍ଞ ବାଛିବେ ।
- ସମ୍ମିଳନୀ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଦେଶ ଏବଂ ସଚିବାଳୟର ତଥ୍ୟ ପାଇଁ ଅନୁରୋଧର ଉତ୍ତର ଦେବେ
- ସମ୍ମିଳନୀର କାର୍ଯ୍ୟକାରୀତା ପାଇଁ ଅନ୍ୟ ଦେଶର ଜାତୀୟ ସଂଯୋଜନା କେନ୍ଦ୍ର ଗୁଡିକ ସହ ସହଯୋଗ କରିବେ ।
- ସମ୍ମିଳନୀର ଜାତୀୟ ସ୍ତରୀୟ କାର୍ଯ୍ୟକାରୀତାର ତଦାରଖ, ବିକାଶ ଏବଂ ସଂଯୋଜନା କରିବା

## ୭ – ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍

### ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍ କଣ ?

ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍ ହେଲା ସଂପୃକ୍ତ ରାଷ୍ଟ୍ରରେ ସମ୍ମିଳନୀ ସଂପର୍କିତ ଆବଶ୍ୟକୀୟ ତଥ୍ୟ ପାଇଁ ଥିବା ୱେବ୍‌ସାଇଟ୍ ।

ଅଧିକାଂଶ ରାଷ୍ଟ୍ର ସେମାନଙ୍କର ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍ ପ୍ରତିଷ୍ଠା କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଇ-ମେଲ୍ ଜରିଆରେ ତଥ୍ୟ ହାସଲ କରୁଛନ୍ତି ଏବଂ ଅଳ୍ପ କେତେକ ରାଷ୍ଟ୍ର ନିଜସ୍ୱ ୱେବ୍‌ସାଇଟ୍ ଖୋଲିଛନ୍ତି ।

### ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍ ୱେବ୍‌ସାଇଟ୍ କେଉଁସବୁ ତଥ୍ୟ ପ୍ରଦାନ କରିବ ?

ସାଧାରଣତଃ ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା ବା ନେସ୍‌ନାଲ କ୍ଲିୟରିଂ ହାଉସ୍ ମେକାନିଜିମ୍ ୱେବ୍‌ସାଇଟ୍‌ରେ ନୀତି ପ୍ରଣୟନକାରୀ ମାନଙ୍କୁ ସହାୟତା କଲାଭଳି ଜାତୀୟ ଜୈବବିବିଧତା ସଂପର୍କିତ ତଥ୍ୟ ରହିବ ଏବଂ ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ନିମନ୍ତେ ଆଗ୍ରହୀ ଉପଭୋକ୍ତା ମାନଙ୍କୁ ସମ୍ମିଳନୀ ସଂପର୍କିତ ତଥ୍ୟ ମିଳିପାରିବ । ସେଥିରେ ତଥ୍ୟ ସଂଗ୍ରହ ଓ ତଥ୍ୟ ବିତରଣ ପାଇଁ ନାନା ପ୍ରକାର ବ୍ୟବସ୍ଥାମାନ ରହିବ । ସାଧାରଣତଃ ଏଥିରେ ସମ୍ମିଳନୀ, ଜାତୀୟ ତଥ୍ୟ ବିନିମୟ ବ୍ୟବସ୍ଥା, ଜାତୀୟ ଅଂଶଗ୍ରହଣ, ସହଭାଗୀତା, ଯୋଗସୂତ୍ର, ଏବଂ ସମ୍ବାଦ ଆଦି ବିଭିନ୍ନ ବିଭାଗ ରଖାଯାଇପାରେ ।



### ପ୍ରୟୋଗ ୨

ନଥିପତ୍ର ତର୍ଜମା ( ୩୦ ମିନିଟ୍ )

ତୁମର ସରକାରଙ୍କର ପ୍ରତିଶୃତିବଦ୍ଧତା ଏବଂ ସମ୍ମିଳନୀକୁ ଦିଆଯାଇଥିବା ବିବିରଣୀ ବିଷୟରେ ଜାଣିବା

୧. ସରକାରଙ୍କ ତରଫରୁ ସି.ବି.ଡି କୁ ଦିଆଯାଇଥିବା ଶେଷ ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନା (ଏନ୍.ବି.ଏସ୍.ଏ.ପି ) ଏବଂ ବିବିରଣୀ ସଂଗ୍ରହ କରି ଅଂଶଗ୍ରହଣକାରୀ ମାନଙ୍କୁ ଦିଆଯିବ ।

୨. ଅଂଶଗ୍ରହଣକାରୀମାନେ ୧୫ ମିନିଟ ସେଗୁଡିକୁ ପଢିବେ ଏବଂ ନିଜ ସରକାରଙ୍କ ପ୍ରତିଶୃତି ଗୁଡିକ ସଂପର୍କରେ ଅବଗତ ହେବେ ।

୩. ଅଂଶଗ୍ରହଣକାରୀମାନେ ରିପୋର୍ଟରେ ସରକାରଙ୍କ ଦ୍ୱାରା ଉଲ୍ଲିଖିତ ସତନ୍ତ୍ର ପ୍ରତିଶୃତି ଏବଂ କାର୍ଯ୍ୟ ଗୁଡିକ ଚହ୍ନଟ କରିବେ ।

୪. ଅଂଶଗ୍ରହଣକାରୀମାନେ ନିଜ ଜ୍ଞାନ ଏବଂ ଅଭିଜ୍ଞତାରୁ ଜାତୀୟ ଜୈବବିବିଧତା ପଦ୍ଧତି ଏବଂ କାର୍ଯ୍ୟଯୋଜନାର କାର୍ଯ୍ୟକାରୀତାରେ ଥିବା ଦୁର୍ବଳତା ଗୁଡିକ ଚିହ୍ନଟ କରିବେ ଏବଂ ଜାତୀୟ ରିପୋର୍ଟରେ ଆଦିମ ଅଧିବାସୀ ଅଧିକାର ଏବଂ ଦେଶର ଅନ୍ୟ ମୁଖ୍ୟ ସମସ୍ୟା ସଂପର୍କିତ ପଦକ୍ଷେପର ଦୁର୍ବଳତା ଗୁଡିକ ଚିହ୍ନଟ କରିବେ ।

## ୮ – ଜାତୀୟ ଓ ଆଂଚଳିକ ସ୍ତରରେ ସି.ବି.ଡି ର କାର୍ଯ୍ୟକାରୀତା ନିମନ୍ତେ ଆଦିମ ଅଧିବାସୀ ମାନଙ୍କ ଉଦ୍ୟମ

ନିଜ ଦେଶରେ ସି.ବି.ଡି ର କାର୍ଯ୍ୟକାରୀତା ନିମନ୍ତେ ଆଦିମ ଅଧିବାସୀ ମାନେ କିପରି ଉଦ୍ୟମ କରିଛନ୍ତି ନିମ୍ନରେ ଦିଆଯାଇଥିବା କେସ୍‌ଷ୍ଟଡି ଗୁଡିକରେ ତାର ବର୍ଣ୍ଣନା କରାଯାଇଛି ।

### *ଟାଗାଲ୍ ପଦ୍ଧତି – ମାଲୟେସିଆର ସାବାହ ଅଂଚଳରେ ମତ୍ସ୍ୟ ସମ୍ବଳ ପରିଚାଳନାର ଏକ ଉପଯୋଗୀ ପ୍ରଥା*

ସାବାହର ଅଧିକାଂଶ ଆଦିମ ଅଧିବାସୀ ଗୋଷ୍ଠୀ ଗୁଡିକ ମଧ୍ୟରେ ଜଳ ସମ୍ବଳ ଏବଂ ସେଥିରେ ଥିବା ଜୈବବିବିଧତାର ସୁରକ୍ଷା ଏବଂ ସ୍ଥାୟୀ ପରିଚାଳନା ପାଇଁ ନିଜର ପାରଂପରିକ ପ୍ରଥା ବା ଆଦତ୍ ରହିଛି । ସେଥିମଧ୍ୟରୁ ଗୋଟିଏ ହେଲା ଟାଗାଲ ପ୍ରଥା । ଏହାକୁ ସେହି ଅଂଚଳରେ କେହି କେହି ବଂବୁନ୍ ବୋଲି ମଧ୍ୟ କହିଥାନ୍ତି । ସାବାହର କାଦାଜାନ୍ ଦୁଶୁନ୍ ଏବଂ ମୁରୁଟ୍ ଆଦିମ ଅଧିବାସୀ ସଂପ୍ରଦାୟ ପୁରୁଷ ପୁରୁଷ ଧରି ମାନି ଆସୁଛନ୍ତି ।

କାଦାଜାନ୍ ଦୁଶୁନ୍ ଭାଷାରେ ଟାଟାଲ୍ ଅର୍ଥହେଲା ନିଷେଧ । ଏହି ପ୍ରଥା ପଛର ଉଦ୍ଦେଶ୍ୟ ହେଲା ସାମୁହିକ ମାଲିକାନା ଓ ଦାୟିତ୍ୱ, ସମ୍ବଳର ସ୍ଥାୟୀ ବ୍ୟବହାର ଏବଂ ଜୀବମାନଙ୍କ ସନ୍ତୁଳନ ରକ୍ଷା । ଏହା ଗୋଷ୍ଠୀରେ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଯଥା – ଜଳବିଭାଜିକା, ଫଳନ୍ତି ଗଛ, ବନ୍ୟଜନ୍ତୁ, ନଦୀ ଆଦିର ପରିଚାଳନାରେ ବ୍ୟବହାର କରାଯାଇଥାଏ । ତେବେ ମତ୍ସ୍ୟ ସମ୍ପଦ ପରିଚାଳନାରେ ଏହାର ବ୍ୟବହାର ବେଶ ଫଳପ୍ରଦ । ବିଶେଷ କରି ନଦୀରେ ଜଳଜୀବ ମାନଙ୍କୁ ମନଇଚ୍ଛା ଅଧିକ ମାତ୍ରାରେ ଧରିବା ରେ ପ୍ରତିବନ୍ଧକ ଲଗାଇବା ଏବଂ ନଦୀ ପ୍ରଦୂଷଣ ରୋକିବାରେ ଏହା ଫଳପ୍ରଦ ହୋଇଛି ।

୧୯୭୦ ମସିହା ପରେ ନଦୀଗୁଡିକର ଉପର ମୁଣ୍ଡରେ ପାଣି ଜମିରହିବା ଫଳରେ ମାଛ ମାନଙ୍କ ପ୍ରଜନନ ସ୍ଥଳ ଗୁଡିକ ନଷ୍ଟ ହୋଇଗଲା । ଯାହାଫଳରେ ମାଛ ବଂଶ ବୃଦ୍ଧି ପାଇଲା ନାହିଁ ଏବଂ ସଖ୍ୟା ହ୍ରାସ ପାଇଲା । ତାସହ କେକ ମାଛ

ପ୍ରଜାତି ମଧ୍ୟ ଲୋପ ପାଇବାକୁ ବସିଲେ । ଧ୍ୱଂସକାରକ ମାଛଧରା ପଦ୍ଧତିର ବହୁଳ ବ୍ୟବହାର ଯୋଗୁଁ ମଧ୍ୟ ମାଛ ବଂଶ ଲୋପ ପାଇ ଆସିଲେ । ଏହାକୁ ଅନୁଭବ କରି କେତେକ ଗୋଷ୍ଠୀ ଟାଗାଲ୍ ପ୍ରଥା ପ୍ରଚଳନ କଲେ । ଏହା ପାରଂପରିକ ପଦ୍ଧତି ଏବଂ ଆଧୁନିକ ସଂରକ୍ଷଣ କୌଶଳ ଗୁଡିକର ଏକ ମିଶ୍ରିତ ବ୍ୟବସ୍ଥା । ଟାଗାଲ୍ ପ୍ରଥା ନଦୀଗୁଡ଼ିକୁ ପ୍ରଦୂଷଣରୁ ସୁରକ୍ଷା ଦେଇଥାଏ, ଲୋପ ପାଇ ଆସୁଥିବା ମାଛ ମାନଙ୍କ ବଂଶକୁ ସଂରକ୍ଷିତ କରିଥାଏ, ପୁଷ୍ଟିକର ଖାଦ୍ୟର ଏକ ମୁଖ୍ୟ ଉତ୍ସ ହିସାବରେ ମାଛ ଉତ୍ପାଦନ ବଢ଼ାଇଥାଏ । ଏହା ବିସ୍ଫୋରଣ, ବିଦ୍ୟୁତ ପ୍ରୟୋଗ ଏବଂ ବିଷଦେଇ ମାଛ ମାରିବା ପରି ଧ୍ୱଂସକାରୀ କୌଶଳ ଗୁଡିକୁ ବନ୍ଦ କରିଥାଏ ଏବଂ ଲୋକମାନଙ୍କର ରୋଜଗାର ବୃଦ୍ଧି ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ ।

ଟାଗାଲ୍ ପ୍ରଥା କୁଳ ମୁଖ୍ୟଙ୍କ ଅନୁମୋଦନ ପ୍ରାପ୍ତ ହୋଇ ଗାଁ ମୁଖିଆଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ଟାଗାଲ୍ ପ୍ରଥାର ନୀତିନୀୟମ ତିଆରି କରିବା ପାଇଁ ପ୍ରତି ଗାଁରେ ଏକ ଟାଗାଲ୍ କମିଟି ଗଠନ କରାଯାଏ ଏବଂ ସମସ୍ତ ଗାଁ ଲୋକେ ଏହାକୁ ମାନିଥାନ୍ତି । ଗୋଷ୍ଠି ଟାଗାଲ୍ ପ୍ରଥା ଜରିଆରେ ପରିଚାଳନା ପାଇଁ ନଦୀର ସୀମା ସ୍ଥିର କରିଥାନ୍ତି ଏବଂ ନାଲି, ନାରଙ୍ଗୀ ଓ ନୀଳ ଆସି ରଂଗରେ ଏହାକୁ ଚିହ୍ନିତ କରିଥାନ୍ତି । ନାଲି ଚିହ୍ନିତ ଅଂଚଳରେ ମାଛ ଧରା ସଂପୂର୍ଣ୍ଣ ନିଷେଧ ଅଟେ ଏବଂ ଏହାକୁ ମାଛ ମାନଙ୍କ ପ୍ରଜନନ ସ୍ଥଳି ରୂପେ ବ୍ୟବହାର କରାଯାଇଥାଏ । ନାରଙ୍ଗୀ ଚିହ୍ନିତ ଅଂଚଳରେ ଗୋଷ୍ଠୀର ସହମତିରେ ବର୍ଷକୁ ଥରେ ମାଛ ଧରାଯାଏ । ନୀଳ ଚିହ୍ନିତ ଅଂଚଳରେ ଗ୍ରାମବାସୀ ମାନେ ଟାଗାଲ୍ କମିଟିର ଅନୁମତି ନେଇ ମାଛ ମାରିଥାନ୍ତି । କେବଳ ନିର୍ଦ୍ଧାରିତ ପ୍ରଜାତିର ଏବଂ ନିର୍ଦ୍ଧାରିତ ଆକାରର ମାଛ ଧରିବାକୁ ଅନୁମତି ମିଳିଥାଏ । ଜନ୍ମଦିନ ଅବଂ ବିଭିନ୍ନ ଉତ୍ସବ ପାଇଁ ଟାଗାଲ୍ କମିଟିର ଅନୁମତି ନେଇ ମାଛ ଧରାଯାଇପାରେ । ଗୋଷ୍ଠିର ଲୋକମାନଙ୍କୁ ଏହି ପ୍ରଥାରୁ ଲାଭବାନ ହେବା ଏବଂ ସନ୍ତୁଷ୍ଟ ରଖିବା ଦିଗରେ ଟାଗାଲ୍ କମିଟିର ଯତ୍ନବାନ ଥାଏ । ଏହାଛଡ଼ା ଅମଳ ସମୟରେ ସମସ୍ତ ସଭ୍ୟମାନେ ଟାଗାଲ୍ ଅଂଚଳରୁ ମାଛ ଧରିବାର ଅଧିକାର ପାଇଥାନ୍ତି ।

ମତ୍ସ୍ୟ ସଂପଦ ପରିଚାଳନା ଏବଂ ଗୋଷ୍ଠୀର ସ୍ଥାୟୀ ବ୍ୟବହାର ମାଧ୍ୟମରେ ନଦୀର ସଂରକ୍ଷଣ କରିବା ଦିଗରେ ଟାଗାଲ୍ ପ୍ରଥା ଏକ ସର୍ବୋତ୍କୃଷ୍ଟ ଫଳପ୍ରଦ ପ୍ରଥା ବୋଲି ପ୍ରମାଣିତ ହୋଇଛି । ଗୋଷ୍ଠୀ ସ୍ତରରେ ଏହି ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ ହେଉଥିବା କଥା ଯେତେବେଳେ ସାବାହ ସରକାରଙ୍କ ମତ୍ସ୍ୟ ବିଭାଗ ଦେଖିଲେ ସେମାନେ ଏହାକୁ ନିଜ ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କଲେ ଏବଂ ୨୦୦୩ ମସିହାରେ ଏହା ସୁବାହ ଆନ୍ତର୍ଦ୍ଦେଶୀୟ ମତ୍ସ୍ୟ ଏବଂ ଜଳଜୀବ କୃଷି ଆଇନରେ ସ୍ଥାନ ପାଇଲା । ଏହା ଟାଗାଲ୍ ପ୍ରଥାକୁ ଅଧିକ ମଜବୁତ କଲା ଏବଂ ଏହାକୁ ମାନୁନଥିବା ଲୋକମାନଙ୍କୁ ଆଇନ ଅଦାଲତରେ ଦଣ୍ଡିତ କରାଯାଇ ପାରିଲା । ଯେଉଁମାନେ ଏହି ପ୍ରଥାକୁ ଅବମାନନା କଲେ ସେମାନଙ୍କୁ ଅର୍ଥ ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇ ପାରିଲା ।

ସରକାର ଏବଂ ଗୋଷ୍ଠୀର ମିଳିତ ସହଯୋଗରେ ପ୍ରାକୃତିକ ସମ୍ବଳ ସଂରକ୍ଷଣ ପାଇଁ ଏକା ଏକ ଉତ୍ତମ ପ୍ରଥା ଏବଂ ଜୈବବିବିଧତା ସଂରକ୍ଷଣର ସ୍ୱତନ୍ତ୍ର ସର୍ବୋତ୍ତମ ପ୍ରଣାଳୀର ଏକ ସୁନ୍ଦର ଉଦାହରଣ । ଏଥିରୁ ବୁଝାପଡୁଛି ଯେ, ଆଦିମ ଅଧିବାସୀ ମାନଙ୍କର ପାରଂପରିକ ପରିଚାଳନା ପ୍ରଥାକୁ ସ୍ୱିକୃତି ଦିଆଗଲେ ତାହା ସୁଦୁରପ୍ରସାରୀ ପ୍ରଭାବ ସୃଷ୍ଟି କରିବ । ଏହାର ବହୁଳ ସଫଳତା ଯୋଗୁଁ ସୁବାହର ବାହାରେ ଅନ୍ୟରାଜ୍ୟ ସରକାର ଗୁଡିକ ଏହି ବ୍ୟବସ୍ଥାକୁ ପ୍ରଚଳନ କରିବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ଟାଗାଲ୍ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଛି ।

## ଫିଲିପିନ୍ସ ପାରଂପରିକ ଜ୍ଞାନ ନେଟୱାର୍କ

ଫିଲିପିନ୍ସରେ ଆଦିମ ଅଧିବାସୀ ଗୋଷ୍ଠୀ ଗୁଡିକ ସେମାନଙ୍କର ସ୍ଥାନୀୟ କାର୍ଯ୍ୟ ଗୁଡିକର ନଥିକରଣ, ନବୀକରଣ, ସୁରକ୍ଷା, ସେମାନଙ୍କ ପାରଂପରିକ ଜ୍ଞାନ, ଭାଷା, ପାରଂପରିକ ବୃତ୍ତି ଏବଂ ଜମି ବ୍ୟବହାର ପ୍ରଣାଳୀର ବିକାଶ ଏବଂ ଉନ୍ନତୀ କରି ନିଜ ସାମୁହିକ ଆତ୍ମ ନିଷ୍ପତି ଅଧିକାରକୁ ମଜଭୁତ କରିଛନ୍ତି । ଫିଲିପିନ୍ସ ପାରଂପରିକ ଜ୍ଞାନ ନେଟୱାର୍କ ହେଲା ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଥିବା ଆଦିମ ଅଧିବାସୀ ଜ୍ଞାନର ଅଧିକାରୀ ଏବଂ ଗୋଷ୍ଠୀ ଗୁଡିକର ଏକ ମୁକ୍ତ ନେଟୱାର୍କ । ଏହି ନେଟୱାର୍କ ଆଦିମ ଅଧିବାସୀ ମାନଙ୍କୁ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିକ୍ଷାଲାଭର ସୁଯୋଗ ଦେଇ ଲୋକଙ୍କ ଉଦ୍ୟମ ଗୁଡିକୁ ସମୃଦ୍ଧ କରିବାକୁ ଚାହୁଁଛି । ଏହି ନେଟୱାର୍କ ବାର୍ଷିକ ଦୁଇଥର ବୈଠକ ହୋଇଥାଏ ଏବଂ ଜାତୀୟ ଏବଂ ଗ୍ରାମ୍ୟ ସ୍ତରରେ ଆଦିମ ଅଧିବାସୀ ଅଧିକାର, ପାରଂପରିକ ଜ୍ଞାନର ଅଗ୍ରଗତି ନିମନ୍ତେ କୌଶଳ ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥାଏ ।

ନେଟୱାର୍କର ସଭ୍ୟମାନଙ୍କ ଦ୍ୱାରା ନିଆଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି ପାରସ୍ପରିକ ପରିଦର୍ଶନ, ଯେଉଁଠିକି ସଭ୍ୟମାନେ ପରସ୍ପରର କାର୍ଯ୍ୟକୁ ଦେଖି ସିଧା ଗୋଷ୍ଠୀରୁ ଅଭିଜ୍ଞତା ହାସଲ କରିଥାନ୍ତି । ନେଟୱାର୍କ ସଭ୍ୟ ଗୋଷ୍ଠୀ ଅତିଥି ପରିଦର୍ଶନକାରୀ ମାନଙ୍କୁ ଆତିଥ୍ୟ ଦେଇଥାନ୍ତି । ଏହାଦ୍ୱାରା ଗୋଷ୍ଠୀର ପାରଂପରିକ ଜ୍ଞାନ, ସଂରକ୍ଷଣ ଏବଂ ପାରଂପରିକ ସମ୍ବଳ ପରିଚାଳନା ଓ ସ୍ଥାୟୀ ବ୍ୟବହାର କୌଶଳ ଆଦିରେ ଉନ୍ନତ ପ୍ରଥାକୁ ଆଗ୍ରାଧିକାର ଦିଆଯାଇଥାଏ ।

ବର୍ତ୍ତମାନ ସୁଦ୍ଧା ୪ଟି ଗୋଷ୍ଠୀ ଏହି ପରିଦର୍ଶନ କାର୍ଯ୍ୟକ୍ରମକୁ ନିର୍ବାହ କରୁଛନ୍ତି । ୧ – ବୁକିଡ୍‌ନୋନ୍‌ର ଟାଲାଣ୍ଡିଙ୍ଗ ଗୋଷ୍ଠୀ, ୨ – ବୁଗିଓ ସହର, ଲୋଆକାନ୍‌ର ଇବାଲୋଇ ଗୋଷ୍ଠୀ,୩ - ବାଉାନ୍, ମୋରଙ୍ଗ୍‌ର ମାଗ୍‌ବୁକୁନ୍ ଐତା ଗୋଷ୍ଠୀ, ୪ – ସିବୁଗେ, ଜାମ୍ବୋଗାର ସୁବାନେନ୍ ଗୋଷ୍ଠୀ । ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଆଦିମ ଅଧିବାସୀ ନେତୃତ୍ୱ ଗୁଡିକର ସମାବେଶ, ଆଲୋଚନା ଏବଂ ଅନୁଭୂତି ବଣ୍ଟନ ଦିଗରେ ଏକ ମୂଲ୍ୟବାନ ସୁଯୋଗ ସୃଷ୍ଟି କରୁଛି ।

ଏହି ନେଟୱାର୍କ ମଧ ବିଭିନ୍ନ ବିଷୟ ଯଥା - ପାରଂପରିକ ଜ୍ଞାନ ଏବଂ ଆନୁବଂଶିକ ସମ୍ବଳ, କୌଳିକ ନୀୟମ ଏବଂ ପ୍ରଶାସନ, ଜଳବାୟୁ ପରିବର୍ତ୍ତନ ଏବଂ ଖାଦ୍ୟ ସୁରକ୍ଷା, ସୁରକ୍ଷିତ ଅଂଚଳ, ପାରଂପରିକ ଜ୍ଞାନ ସଂପର୍କିତ ସାମଗ୍ରୀ ଗୁଡିକର ମୂଲ୍ୟ ଏବଂ ମାନ, ସହରୀ ବର୍ଜ୍ୟବସ୍ତୁ ପରିଚାଳନାରେ କ୍ଷେତ୍ରସ୍ତରୀୟ ଉଦ୍ୟମ ପାଇଁ ପାରଂପରିକ ଜ୍ଞାନ ଆଦି ବିଷୟରେ କର୍ମଶାଳା ଓ ସମ୍ମିଳନୀ ମାନ ଆୟୋଜନ କରୁଛି । ସରକାରୀ ବିଭାଗ ଗୁଡିକର ଭାଗୀଦାରିତାରେ ଜାତୀୟ ଗୋଲ୍‌ଟେବୁଲ୍ ବୈଠକ ମାନ ମଧ ହେଉଛି ।

ନେଟୱାର୍କର ଅନ୍ୟାନ୍ୟ କାର୍ଯ୍ୟକ୍ର ଗୁଡିକ ମଧରେ ରହିଛି ପାରଂପରିକ ଜ୍ଞାନ ସଂପର୍କିତ ସଂଗୀତ ଆଲ୍‌ବମ୍ ( ଟୁୱାସୀ ) ସହରୀ ଗରିବ ଗୋଷ୍ଠୀ ଗୁଡିକ ପାଇଁ ଆଦିମ ଅଧିବାସୀ ପ୍ରାକ୍ – ବିଦ୍ୟାଳୟ, ସହରୀ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ( ବାୟୋଗ୍ୟାସ୍, ଜିଆଚାଷ, ସହରାଞ୍ଚଳରେ ବାଧତାମୂଳକ ଶିକ୍ଷା, ମିଶନାରୀ ବିଦ୍ୟାଳୟ ), ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ ପାଇଁ ଶିଶୁ/ଯୁବ ଗ୍ରୀଷ୍ମକାଳୀନ ଜୈବବିବିଧତା ଶିବିର ଏବଂ ଇବାଲୋଇ ଭାଷା ଶିକ୍ଷା ଏବଂ ଭାଷା ସଂରକ୍ଷଣ ।

## *ଇଫୁଗାଓର ଟିନୋକ୍‌ରେ ପାରିବେଶିକ ପ୍ରଣାଳୀ*

ଇଫୁଗାଓର ଟିନୋକ୍ ଅଞ୍ଚଳର ୫ ବରାଙ୍ଗାୟସ୍‌ର କାଲାଙ୍ଗୁୟା ଆଦିମ ଅଧିବାସୀ ମାନେ ପାରିବେଶିକ ପ୍ରଣାଳୀ କାର୍ଯ୍ୟକ୍ରମର ପରିକ୍ଷାମୂଳକ ପ୍ରକଳ୍ପରେ ସଂପୃକ୍ତ ହେବାକୁ ରାଜିହେଲେ । ଫିଲିପିନ୍‌ସ୍‌ର କୋର୍ଡିଲେରାର ଏହି ଅଂଚଳରେ ବିଲୁପ୍ତ ହୋଇ ଯାଉଥିବା ମୋସି ଜାତୀୟ ଜଙ୍ଗଲ ଦେଖାଯାଏ । ଜଳବିଭାଜିକାରୁ ଧାନ ଜମିଗୁଡିକୁ ଜଳସେଚନ, ଘରୋଇ ବ୍ୟବହାର, ଖରାଦିନିଆ ପରିବା ଚାଷ, ମଗତ ମଲିଙ୍ଗ ସିଫୁ ନଦୀକୁ ଏବଂ ମଗତ ନଦୀବନ୍ଧକୁ ଜଳ ଆସିଥାଏ । ଆଗରୁ ଏହି ଅଞ୍ଚଳ କାଲାଙ୍ଗୁୟା ଲୋକମାନଙ୍କ ଶିକାର ଏବଂ ଫଳମୂଳ ସଂଗ୍ରହ ଅଂଚଳ ହୋଇ ରହିଥିଲା । ଜଳସେଚିତ ଧାନଚାଷ ଏବଂ ପୋଡୁଚାଷ ସେମାନଙ୍କ ମୁଖ୍ୟ ଜୀବିକା ଥିଲା । ଅନ୍ୟ ପାରଂପରିକ ବୃତ୍ତି ଗୁଡିକ ହେଲା ବଗିଚା, ନିଜ ଜମିରେ ଏବଂ ପଡିଆରେ ପଶୁପାଳନ, କାଠକାମ, ଲୁହା କାମ, ବାଉଁଶ ହସ୍ତକାରିଗରୀ, ଆଖୁଚାଷ, ଶିକାର, ମାଛଧରା ଏବଂ ଲୁଣ

ଉତ୍ପାଦନ ଆଦି । ୧୯୯୦ ମସିହାରେ ଅଧିକ ଖର୍ଚ୍ଚରେ ବ୍ୟବସାୟିକ ଭାବେ ପନିପରିବା ଚାଷ ପାଇଁ ବଡବଡ ପରିବାଚାଷ ଫାର୍ମ ମାନ ପ୍ରତିଷ୍ଠା କରାଗଲା । ଏହାଦ୍ୱାରା ଅଧିକ ଭାବେ ଜଙ୍ଗଲ ଜମି ଅକ୍ତିଆର କରାଯିବାରୁ ଜଙ୍ଗଲ ନଷ୍ଟ ହେଲା ଏବଂ ଜୈବବିବିଧତା ହ୍ରାସ ପାଇଲା । କାଲାଙ୍ଗୁୟା ମାନଙ୍କର ଚାଷବାସ, ଜଙ୍ଗଲ, ନଦୀ କୂଳ ପରିଚାଳନା, ଚେରମୂଳୀ ଔଷଧ, ସଂମ୍ବଳ ସଂରକ୍ଷଣ ଆଦି ବିଷୟରେ ସମୃଦ୍ଧ ପାରଂପରିକ ଜ୍ଞାନ ରହିଛି । ତେବେ ଏହିସବୁଥିରୁ ଅଧିକାଂଶ ଜ୍ଞାନକୌଶଳ ଗୁଡିକର ବ୍ୟବହାର ନଥିଲା ।

ପାରିବେଶିକ  ପ୍ରଣାଳୀର ପ୍ରକ୍ରିୟାରେ ଏହି ସ୍ତର ଗୁଡିକୁ ପ୍ରାଧାନ୍ୟ ଦିଆଗଲା – ଜାଗା ଚିହ୍ନଟ, ବାରାଙ୍ଗୟ ଲୋକ ଏବଂ ନଗରନିଗମ କର୍ମକର୍ତ୍ତା ମାନଙ୍କ ଜରିଆରେ ପ୍ରକଳ୍ପ ଆରମ୍ଭ, ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ହାସଲ, ସହାଭାଗୀ ଭିତ୍ତିକ କାର୍ଯ୍ୟଗତ ଗବେଷଣା ଏବଂ ତଥ୍ୟ ସଂଗ୍ରହ, ସଚେତନତା ସୃଷ୍ଟି, ପାରଂପରିକ ଜ୍ଞାନ ଏବଂ ବିଜ୍ଞାନ ଏବଂ ଗୋଷ୍ଠୀ ବିକାଶ ଯୋଜନା ପ୍ରସ୍ତୁତି ।

ପ୍ରକଳ୍ପର ଅନ୍ୟା କାର୍ଯ୍ୟ ଗୁଡିକ ମଧ୍ୟରେ ଜୈବବିବିଧତା ଏବଂ ଜମି ବ୍ୟବହାରର ପ୍ରାଥମିକ ସ୍ଥିତି ଏବଂ ଧାରା ଆକଳନ ଓ ପାରଂପରିକ ବୃତ୍ତିର ତର୍ଜମା, ପାରଂପରିକ ଜ୍ଞାନ ଏବଂ କୌଳିକ ନୀୟମ ଗୁଡିକର ପ୍ରାଥମିକ ନଥିକରଣ, କାର୍ଯ୍ୟପରିଚାଳନା ପାଇଁ ନେତୃତ୍ୱ ଚିହ୍ନଟ, ପାରଂପରିକ ଜ୍ଞାନର ବ୍ୟବହାର ଏବଂ ଆଦିମ ଅଧିବାସୀ ରାଜନୈତିକ ବ୍ୟବସ୍ଥାର ବିକାଶ ଓ ଦୃଢ଼ିକରଣ ।

ଏହି କାର୍ଯ୍ୟକ୍ରମ ଫଳରେ ଗୋଷ୍ଠିର ଲୋକମାନେ ପାରଂପରିକ ଜ୍ଞାନ ଗୁଡିକୁ ଅଧିକ ଆଦର କରିବାକୁ ଲାଗିଲେ । ସେମାନେ ପାରଂପରିକ ଜ୍ଞାନର ପୁନରୁଦ୍ଧାର ପାଇଁ ଏକ ଆନ୍ଦୋଳନ ଆରମ୍ଭ କଲେ ଏବଂ ପାରଂପରିକ ବିହନର ବ୍ୟବହାର, ବିହନ ଅଦଳବଦଳ, ଚାଷର ବାର୍ଷିକ ପଞ୍ଜିକା ଆଦି ମାଧ୍ୟମରେ ସେହି ଜ୍ଞାନ ଗୁଡିକର ବ୍ୟବହାର କଲେ । ସରକାର ମଧ ଏହି ପ୍ରକଳ୍ପକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶୃତି ଦେଇଛନ୍ତି ।

ପରବର୍ତ୍ତୀ କାର୍ଯ୍ୟକ୍ରମ ହିସାବରେ ସାଂସ୍କୃତିକ ନବୀକରଣ, ପାରଂପରିକ ଜ୍ଞାନର ପୁନରୁଦ୍ଧାର ଏବଂ ଗୋଷ୍ଠୀସ୍ତରୀୟ ନେତୃତ୍ୱ, ପାରଂପରିକ ଜ୍ଞାନ ଅଧିକାରୀ ଏବଂ କୌଳିକ ନୀୟମର ଅଧରକାରୀ ମାନଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ପାରିବେଶିକ  ପ୍ରଣାଳୀର ବିକାଶରେ ସକ୍ରିୟ ନେତୃତ୍ୱ ଦେବା ପାଇଁ ଗୋଷ୍ଠି ଯୋଜନା କରିଛି । ପାରଂପରିକ ବୃତ୍ତି ଗୁଡିକର ପୁନରୁଦ୍ଧାର ଏବଂ ବିକାଶ ପାଇଁ ମଧ ସହାୟତା ଦିଆଯିବ । ଏହି ପ୍ରକଳ୍ପକୁ କୁଲାଙ୍ଗୁୟା ଅଂଚଳରେ ପାରଂପରିକ ଜ୍ଞାନ, ପ୍ରଥା ଏବଂ ଜୈବବିବିଧତା ରୋକିବା ଦିଗରେ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଛି ।

## *ଅନୁଚ୍ଛେଦ ୧୦ (ଗ)ର ଜଙ୍ଗଲ ଅଧିବାସୀ କାର୍ଯ୍ୟକ୍ରମ ( ଏଫ୍.ପି.ପି )*

ସମ୍ମିଳନୀର ଅନୁଚ୍ଛେଦ ୧୦ (ଗ) ର କାର୍ଯ୍ୟକାରୀତା ରେ ସହାୟତା ପାଇଁ ଆଦିମ ଅଧିବାସୀ ମାନଙ୍କ ଦ୍ୱାରା ଜୈବବିବିଧତାର ସ୍ଥାୟୀ ବ୍ୟବହାର ସଂପର୍କିତ ସଫଳ ଅଧ୍ୟୟନ ବା କେସ୍‌ଷ୍ଟଡି ସି.ବି.ଡି ଆହ୍ୱାନ କରିଅଛି । ଏହି ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଜଙ୍ଗଲ ଅଧିବାସୀ କାର୍ଯ୍ୟକ୍ରମ ( ଏଫ୍.ପି.ପି ) ୫ଟି ଆଦିମ ଅଧିବାସୀ ସଂଗଠନ ସହ ମିଶି ଭେନେଜୁଆଲା, ଗୁୟାନା, ସୁରିନାମ, କାମେରୁନ୍ ଓ ଥାଇଲାଣ୍ଡ ରୁ ୫ଟି କେସ୍‌ଷ୍ଟଡି ବା ଅଧ୍ୟୟନ କରିଅଛି । ସେମାନଙ୍କ ଦ୍ୱାରା ନିଜର ପ୍ରଥା ଗୁଡିକର କୌଳିକ ବ୍ୟବହାର, ପାରଂପରିକ ସାଂସ୍କୃତିକ ପ୍ରଥା ଗୁଡିକର ତର୍ଜମା, ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ  ସେମାନଙ୍କ ଯୋଗଦାନକୁ ଆକଳନ କରିବା, ଏବଂ କେଉଁ କେଉଁ ସ୍ଥାନରେ ସରକାରୀ ନୀତି ଏବଂ ଜାତୀୟ ଆଇନ ଏହି ପାରଂପରିକ କାର୍ଯ୍ୟ ଗୁଡିକୁ ସୁରକ୍ଷା ଏବଂ ଉତ୍ସାହିତ କରୁଛି ସେସବୁର ନଥିକରଣ କରିବାର ବ୍ୟବସ୍ଥା କରାଯାଇଛି ।

ସମସ୍ତ ୫ଟି ଯାକ ଅଧ୍ୟୟନ ସ୍ମରଣୀୟ ବ୍ୟବହାର ଏବଂ କୌଳିକ ସମ୍ବଳର ବିଭିନ୍ନ ବ୍ୟବହାର, ଯାହାକି ସ୍ଥାନୀୟ ପ୍ରଶାସନ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସଂରକ୍ଷଣକାରୀ ଅନୁଷ୍ଠାନ ଗୁଡିକରର ଦୃଷ୍ଟି ଗୋଚର ହୋଇନଥିଲା

ତାହାକୁ ଲିପିବଦ୍ଧ କରିବାକୁ ସକ୍ଷମ ହୋଇପାରିଛି । ଯେଉଁ ଲୋକମାନେ ଜାତୀୟ ଗତାନୁଗତିକ ଭାବନାରେ ପଛୁଆ, ବିଛିନ୍ନ ଓ ଅଜ୍ଞ ବୋଲି ବିବେଚିତ ହୋଇଥାନ୍ତି, ସେମାନେ ବହୁ ପ୍ରଚଳିତ ପାରଂପରିକ ଚତୁର ପାରିବେଶିକ ବ୍ୟବହାର କୌଶଳ ଜାଣନ୍ତି ଏବଂ ସେସବୁ ତାଙ୍କର ସଂସ୍କୃତି ଏବଂ ସ୍ଥାନୀୟ ପରିବେଶ ଓ ପରିସ୍ଥିତି ସହ ବହୁ ଦିନରୁ ଓତଃପ୍ରୋତ ଜଡିତ ।

ଅନୁଚ୍ଛେଦ ୧୦ (ଗ)ରେ ଥିବା "ପାରଂପରିକ ସାଂସ୍କୃତିକ ପ୍ରଥା" କୁ ଗୋଷ୍ଠୀର କୌଳିକ ନୀୟମ ହିସାବରେ ଅଧ୍ୟୟନରେ ଦର୍ଶାଯାଇଛି । ସେସବୁ ବହୁ ଦିନରୁ ପାଳନ ହୋଇ ଆସୁଛି ଏବଂ ସାମାଜିକ ବ୍ୟବସ୍ଥା ଓ ଆଇନ ଅନୁସାରେ କାର୍ଯ୍ୟକାରୀ ହେଉଛି । ଅଧ୍ୟୟନ ସହ ଜଡିତ ଗୋଷ୍ଠିର ଲୋକ ମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ କୌଳିକ ନୀୟମ ଗୁଡିକର ଆନୁଷ୍ଠାନିକ ବ୍ୟବସ୍ଥାକୁ ଲେଖିବାକୁ ସକ୍ଷମ ହୋଇଥିଲେ । ତେବେ ସମସ୍ତେ ଅଣଆନୁଷ୍ଠାନିକ ଭାବେ ସାଧାରଣତଃ ପ୍ରଥା ଓ ସାମାଜିକ ବ୍ୟବସ୍ଥାଗତ ଆଦେଶ ଗୁଡିକ ଜାଣନ୍ତି ।

ଏହି ଅଧନ ପ୍ରକ୍ରିୟା ସାଧାରଣ ନଥିକରଣ ଠାରୁ ଅନେକ ଭିନ୍ନ ଥିଲା । ନିଜେ ଆଦିମ ଅଧିବାସୀ ମାନେ ନିଜ ସଂଗଠନ ଜରିଆରେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଏବଂ ଏଥିରେ ସ୍ଥାନୀୟ ଗୋଷ୍ଠିର ନେତୃତ୍ୱ ମାନଙ୍କର ଭାଗୀଦାରିତା ରହିବା ଦ୍ୱାରା ଗୋଷ୍ଠୀ ସଂଗଠନ ଦୃଢ ହୋଇପାରିଲା । ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ଆଇନ୍ ରେ ଥିବା ଆଦିମ ଅଧିବାସୀ ଅଧରକାର ଗୁଡିକ ବିଷୟରେ ଜାଣିପାରିଲେ, ସେମାନଙ୍କର ପ୍ରଥା ପ୍ରତି ସମ୍ମାନ ବଢିଲା, ଯୁବଗୋଷ୍ଠୀ ଏବଂ ଗୋଷ୍ଠୀ ନେତୃତ୍ୱ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇ ପାରିଲା, କୌଳିକ ପ୍ରଥା ଏବଂ ଆଇନର ବ୍ୟବହାର ପାଇଁ ଅଧିକ ଆଗ୍ରହ ସୃଷ୍ଟି ହୋଇ ପାରିଲା ଏବଂ ସେସବୁ ଉଜ୍ଜିବିତ ହେଲା, ଗୋଷ୍ଠୀ ସ୍ତରୀୟ ପରିଚାଳନା ଏବଂ ବିକାଶ ଯୋଜନାର ସ୍ୱିକୃତି ମିଳିପାରିଲା ଏବଂ ଅଧିକାରୀ ମାନଙ୍କ ସହ ବାସ୍ତବିକତା ସଂପର୍କରେ ଆଲୋଚନା ହୋଇ ପାରିଲା ।

ସମସ୍ତ ଗୋଷ୍ଠୀଗତ ଅଧ୍ୟୟନ ବିବରଣୀ ବା କେସ୍‌ଷ୍ଟଡିରେ ସମ୍ମିଳନୀ ଅନ୍ତର୍ଭୁକ୍ତ ଦେଶ ଗୁଡିକ ଏଥିରେ ଥିବା ଆବଶ୍ୟକତା ପାଇଁ କଣ କରିବା ଆବଶ୍ୟକ ତାହା ମଧ ସଂଯୋଜିତ କରାଯାଇଛି ।

ଉତ୍ସ – ଫରେଷ୍ଟ ପିପୁଲ୍‌ସ ପ୍ରୋଗ୍ରାମ, ୨୦୦୬, ଫରେଷ୍ଟ ପିପୁଲ୍‌ସ, କଷ୍ଟମାରି ୟୁଜ୍ ଆଣ୍ଡ ଷ୍ଟେଟ୍ ଫରେଷ୍ଟସ୍, ଦି କେସ୍ ଅଫ୍ ରିଫର୍ମ, ପେପର୍ ଫର୍ ଆଇ.ଏ.ଏସ୍.ସି.ପି, ବାଲି, ୧୯-୨୩ ଜୁନ୍



**ପ୍ରୟୋଗ – ୩**

ମାନସମନ୍ଥନ ( ୩୦ ମିନିଟ)

୧ – ଏକ ବଡ ଦଳରେ ଅଂଶଗ୍ରହଣକାରୀମାନେ ଏହିସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ମାନସ ମନ୍ଥନ କରିବେ – ସି.ବି.ଡି ର ଜାତୀୟ ଓ ଗ୍ରାମସ୍ତରୀୟ କାର୍ଯ୍ୟକାରୀତା ପାଇଁ ଆଗକୁ କଣ ପ୍ରକଳ୍ପ ବା ଉଦ୍ୟମ ମାନ ଗ୍ରହଣ କରାଯିବା ଦରକାର ।

୨– ତାଲିମଦାତା ଅଂଶଗ୍ରହଣକାରୀମାନେ ଦେଉଥିବା ପରାମର୍ଶ ଗୁଡିକର ତାଲିକା କରିବେ ।

୩ – ତାଲିକାଭୁକ୍ତ ପରାମର୍ଶ ଗୁଡିକ ମଧ୍ୟରୁ ବାଛି ଅଂଶଗ୍ରହଣକାରୀ ମାନେ ଏକ କାର୍ଡରେ ନିମ୍ନମତେ ପୁରଣ କରିବେ

ମୁଁ ଘରକୁ ଫେରିବା ପରେ ସି.ବି.ଡି କାର୍ଯ୍ୟକାରୀତା ପାଇଁ ମୁଁ କଣ କରିବାକୁ ଚାହୁଁଛି ----------।

୪ – ସମସ୍ତ ଅଂଶଗ୍ରହଣକାରୀମାନେ ସେମାନଙ୍କ କାର୍ଡ ଗୁଡିକ ଏକ ପ୍ରଦର୍ଶନୀ ବୋର୍ଡରେ ଲଗାଇବେ ।

# ମଡ୍ୟୁଲ ୨୭

## ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତି

### ଉଦ୍ଦେଶ୍ୟ ସମୂହ

୧. ପର୍ଯାବରଣ ସ୍ଥାୟିତ୍ୱ ଦିଗରେ ଆଦିମ ଅଧିବାସୀ ମାନଙ୍କର କୌଳିକ ସମ୍ବଳ ପରିଚାଳନା ଏବଂ ସ୍ଥାୟୀ ବ୍ୟବହାର ଅଭ୍ୟାସ ଗୁଡିକର ଉପଯୋଗୀତାକୁ ସ୍ୱିକୃତି ଦେବା

୨. ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ କାର୍ଯ୍ୟପନ୍ଥା କଣ ତାହା ବିଷୟରେ ଜାଣିବା ଏବଂ ଏହାର ନୀତି ଏବଂ କାର୍ଯ୍ୟଗତ ନୀୟମାବଳୀ କୁ ବୁଝିବା

୩. ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ କାର୍ଯ୍ୟପନ୍ଥାରେ  ଗୋଷ୍ଠୀ ସମୂହ, ସରକାର ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ପାରିବେଶିକ କାର୍ଯ୍ୟ କିପରି ପରସ୍ପର ସଂପର୍କିତ ହେବ ତାହା ନିର୍ଦ୍ଧାରଣ କରିବା ।

### ତାଲିମ୍ ସାମଗ୍ରୀ

- ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତି - ପାୱାରପଏଣ୍ଟ
- ବିଗିନର୍ସ - ପର୍ଯ୍ୟାବରଣ ପଦ୍ଧତି ପାଇଁ ସହାୟକ ପୁସ୍ତିକା
- ଅନୁଚ୍ଛେଦ ୮ (ଜେ) ଏବଂ ତତ୍‌ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ଷଷ୍ଠ ବୈଠକର ରିପୋର୍ଟ

### ସମୟ

୩ ଘଣ୍ଟା

## କାର୍ଯ୍ୟକ୍ରମ



### ପ୍ରୟୋଗ – ୧

ନିଜର ପର୍ଯାବରଣକୁ ଜାଣନ୍ତୁ ( ୧୦ ମିନିଟ୍ )

୧ – ତାଲିମ ସହାୟକ ପର୍ଯାବରଣର ବିଭିନ୍ନ ଚିତ୍ର  ଯଥା - ଅନ୍ତର୍ଦ୍ଦେଶୀୟ ଜଳ ସଂପଦ, ସାମୁଦ୍ରିକ ଓ ଉପକୂଳ, ଜଙ୍ଗଲ, ଚାରଣ ଭୂମି, ଚାଷଜମି, ମରୁ ବା ଶୁଖା ଅଂଚଳ, ଉପ - ଆର୍ଦ୍ରଭୂମି, ପର୍ବତଶ୍ରେଣୀ ଏବଂ ଦ୍ୱୀପାଞ୍ଚଳ ଆଦିର ଚିତ୍ର ପ୍ରଦର୍ଶନ କରି ଆଲୋଚନା ଆରମ୍ଭ କରିବେ ।

୨ - ଅଂଶ ଗ୍ରହଣ କାରୀ ମାନେ ସେଥିରୁ ନିଜ ଅଂଚଳର ପର୍ଯାବରଣକୁ ଚିହ୍ନଟ କରିବେ ।

୩ - ତାଲିମ ସହାୟକ ଏହାପରେ ପର୍ଯାବରଣ କଣ ଓ ଏହାର ଉପାଦାନ ସବୁ କଣ ତାହା ବର୍ଣ୍ଣନା କରିବେ ।

## ସଂଜ୍ଞା - ପର୍ଯାବରଣ କଣ ?

ଏକ ନିର୍ଦ୍ଦିଷ୍ଟ ପରିବେଶରେ ରହୁଥିବା ଜୀବସତ୍ତା ମାନଙ୍କୁ ନେଇ ପର୍ଯାବରଣ ଗଠିତ ହୋଇଥାଏ । ଉଦାହରଣ ସ୍ୱରୂପ - ଜଙ୍ଗଲ ଏବଂ ପ୍ରବାଳ ଦ୍ୱୀପ ଆଦି , ଏହି ପରିବେଶର ଗଠନ ପ୍ରଣାଳୀ ଜୀବସତ୍ତା ଗୁଡିକୁ ପ୍ରଭାବିତ କରିଥାଏ ।

ପ୍ରକୃତିର ନିର୍ଦ୍ଦେଶରେ ଜୀବସତ୍ତା ଏବଂ ସେମାନଙ୍କ ଚଳଣି ପରିବେଶର ସଂପର୍କକୁ ପର୍ଯ୍ୟାବରଣ କୁହାଯାଏ । ଏସଂପର୍କରେ ଅଧ୍ୟୟନ ଓ ଗବେଷଣା କରିବା ପାଇଁ ବୈଜ୍ଞାନିକ ମାନେ ପର୍ଯାବରଣ ସଂଜ୍ଞା ସ୍ଥିର କରିଛନ୍ତି । ଗ୍ରହର ସମୁଦାୟ ଜୀବ ପରିବେଶର ଶ୍ରେଣୀ ବିଭାଗର ସବୁଠୁ ଉପରେ ଅଛି ଜୀବମଣ୍ଡଳ । ଜୀବମଣ୍ଡଳରେ ଅନେକ ବୃହତ୍ ଜୈବ ଗୋଷ୍ଠୀ ରହିଛନ୍ତି ଯାହାକୁ ବାୟୋମେସ୍ ବା ଜୀବ ଆବାସ କୁହାଯାଏ । ସେଗୁଡିକ ବିଭିନ୍ନ ଉଦ୍ଭିଦ ବହୁଳତା କୁ ନେଇ ଚିହ୍ନଟ ହୋଇଥାନ୍ତି । ଯେପରିକି ତୃଣ-ଭୂମୀ, ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲ ଏବଂ ମରୁଭୂମୀ ଇତ୍ୟାଦି । ଏହି ଜୀବ ଆବାସ ବା ବାୟୋମେସ୍ ଗୁଡିକ ପର୍ଯ୍ୟାବରଣ ସୃଷ୍ଟି କରିଛନ୍ତି । ପର୍ଯ୍ୟାବରଣର ଜୀବନ୍ତ ବା ଜୈବ ବିଭାଗ ଯଥା – ବୃକ୍ଷଲତା, ପଶୁପ୍ରଜାତି, ମାଟିରେ ରହିଥିବା କୀଟାଣୁ ଓ ଜୀବାଣୁ ଆଦିଙ୍କୁ ବଂଶ ବା ଗୋଷ୍ଠୀ କୁହାଯାଏ । ଏହାର ପାରିବେଶିକ ଗଠନ ପ୍ରଣାଳୀ ଯଥା ମାଟିରେ ଥିବା ଖଣିଜ ଇତ୍ୟାଦିକୁ ପରିବେଶ ବା ପ୍ରାକୃତିକ ଆବାସ ସ୍ଥଳୀ କୁହାଯାଏ ।

ପର୍ଯ୍ୟାବରଣର ଉପାଦାନ ଗୁଡିକ ପରସ୍ପର ସହିତ ଏପରି ଛନ୍ଦାଛନ୍ଦି ହୋଇ ରହିଛନ୍ତି ଯେ, ଏହାର ଗୋଟିଏ ଉପାଦାନରେ କୌଣସି ପ୍ରକାର ପରିବର୍ତ୍ତନ ହେଲେ ଏହା ସଂପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ ।

## ପର୍ଯ୍ୟାବରଣ ପରିଚାଳନାରେ ଆଦିମ ଅଧିବାସୀ ପଦ୍ଧତି



### ପ୍ରୟୋଗ – ୨

ଗଳ୍ପ କଥନ କିମ୍ବା କେସ୍‌ଷ୍ଟଡି ଉପସ୍ଥାପନ ( ୩୦ ମିନିଟ୍)

ଅଭିଜ୍ଞତା ଉପସ୍ଥାପନ ମାଧ୍ୟମରେ ପର୍ଯ୍ୟାବରଣ ପରିଚାଳନାରେ ଆଦିମ ଅଧିବାସୀ ପଦ୍ଧତି କୁ ସ୍ୱିକୃତି ଦେବା

୧ – ଜଣେ ସାଧନ ବ୍ୟକ୍ତି ବା ଦୁଇଜଣ ଅଂଶଗ୍ରହଣକାରୀ ପର୍ଯ୍ୟାବରଣ ପରିଚାଳନାରେ ସେମାନଙ୍କର ଆଦିମ ଅଧିବାସୀ ପଦ୍ଧତି ବିଷୟରେ ବା ସେମାନେ ନିଜ ଗୋଷ୍ଠୀରେ ପର୍ଯ୍ୟାବରଣକୁ କିପରି ପରିଚାଳନା କରୁଛନ୍ତି ତାହା ବର୍ଣ୍ଣନା କରିବେ ।

୨ – ଗଳ୍ପ କଥନ ପରେ ଏବଂ କେସ୍‌ଷ୍ଟଡି ଉପସ୍ଥାପନ ପରେ ଅଂଶଗ୍ରହଣକାରୀମାନେ ସାମୁହିକ ଭାବେ ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦେବେ ଏବଂ ତାଲିମ ସହାୟକ ଉତ୍ତର ଗୁଡିକ ଅଲଗା ଅଲଗା କାର୍ଡରେ ଲେଖି ବୋର୍ଡରେ ଭିନ୍ନ ଭିନ୍ନ କୋଠରୀରେ ଲଗାଇବେ ।

ପ୍ରଶ୍ନ - ପର୍ଯ୍ୟାବରଣ ପରିଚାଳନାରେ ଆଦିମ ଅଧିବାସୀ ପଦ୍ଧତିର ଗୁଣ ଗୁଡିକ ସବୁ କଣ ?

( ପବିତ୍ରତମ, ସହାଭାଗୀ ମୂଳକ, ସ୍ଥାୟୀ, ସାମୁହିକ, ସଂରକ୍ଷଣ ମୂଳକ, ପ୍ରଗତିବାଦୀ, ସୃଜନଶୀଳ ଇତ୍ୟାଦି । )

୩ – ତାଲିମ ସହାୟକ ଉତ୍ତର ଗୁଡିକର ସାରାଂଶ ବାହାର କରିବେ ଏବଂ ମୁଖ୍ୟ ବିଷୟ ଗୁଡିକୁ ପରବର୍ତ୍ତୀ ଆଲୋଚନା ସହ ଯୋଡିବେ ।

ବିଷୟଗତ ଆଲୋଚନା ( ୩୦ ମିନିଟ୍)

## ୧ – ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତି କଣ ?

ପର୍ଯ୍ୟାବରଣ ପଦ୍ଧତି ହେଉଛି ଜୈବବିବିଧତା ସମ୍ମିଳନୀର ଏକ ପ୍ରାଥମିକ କାର୍ଯ୍ୟକ୍ରମ ରୂପରେଖା । ଏହା ଜମି, ଜଳ ଏବଂ ଜୈବ ସମ୍ବଳର ପରିଚାଳନାର ଏକ ପଦ୍ଧତି ଯାହାକି ପ୍ରାକୃତିକ ବ୍ୟବସ୍ଥା ସହ ରାଜନୈତିକ, ଅର୍ଥନୀତି, ସାମାଜିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ର ସଂପର୍କ ରଖି ସମଭାବରେ ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରକୁ ବିକଶିତ କରିଥାଏ ।

ଜୈବବିବିଧତା ସମ୍ମିଳନୀ ପର୍ଯ୍ୟାବରଣ ପଦ୍ଧତିର ପାଞ୍ଚଟି ସୋପାନରେ କାର୍ଯ୍ୟକାରୀ କରିବାର ଆଶା ରଖାଯାଇଛି । ସେସବୁ ସୋପାନ ଗୁଡିକ ହେଲା –

ସୋପାନ ୧ – ମୁଖ୍ୟ ଉପଭୋକ୍ତା ଗୋଷ୍ଠୀ ସ୍ଥିର କରିବା, ପର୍ଯ୍ୟାବରଣ ଅଂଚଳ ବାଛିବା ଏବଂ ସେମାନଙ୍କ ମଧରେ ସଂପର୍କର ବିକାଶ କରିବା ।

ସୋପାନ ୨ – ପର୍ଯ୍ୟାବରଣର ଢାଞ୍ଚା ଏବଂ କାର୍ଯ୍ୟକୌଶଳ ଗୁଡିକର ଗୁଣ ସ୍ଥିର କରିବା ଏବଂ ସେଗୁଡିକର ପରିଚାଳନା ଓ ତଦାରଖ ପାଇଁ କୌଶଳ ନିର୍ଦ୍ଧାରଣ କରିବା । ( ପରିଚାଳନାଗତ ଦକ୍ଷତା ବୃଦ୍ଧିକୁ ସମନ୍ୱିତ ଓ ସହାୟତା କରିବା )

ସୋପାନ ୩ – ପର୍ଯ୍ୟାବରଣ ଏବଂ ଏହାର ବାସିନ୍ଦାଙ୍କୁ ପ୍ରଭାବିତ କରୁଥିବା ମୁଖ୍ୟ ସମସ୍ୟା ଗୁଡିକୁ ଚିହ୍ନଟ କରିବା ।

ସୋପାନ ୪ – ପର୍ଯ୍ୟାବରଣର ନିକଟବର୍ତ୍ତୀ ପର୍ଯ୍ୟାବରଣ ଉପରେ ପ୍ରଭାବକୁ ବୁଝିବା

ସୋପାନ ୫ – ନିର୍ଦ୍ଧାରିତ ଦୀର୍ଘ କାଳିନ ଲକ୍ଷ୍ୟ ଏବଂ ସେଠାରେ ପହଞ୍ଚିବା ଏବଂ ତାକୁ ତଦାରଖ କରିବା ପାଇଁ ନମନୀୟ ଉପାୟ ସବୁ ସ୍ଥିର କରିବା ।

## ୨ – ପର୍ଯ୍ୟାବରଣ ପଦ୍ଧତି ପ୍ରୟୋଗରେ ସ୍ମରଣୀୟ ବିଷୟ ଗୁଡିକ

ପର୍ଯ୍ୟାବରଣ ପଦ୍ଧତି ପ୍ରୟୋଗରେ ଅନେକ ସ୍ମରଣୀୟ ବିଷୟ ରହିଛି । ପ୍ରଥମତଃ ଏହି ପଦ୍ଧତି ପ୍ରୟୋଗ ପାଇଁ କେବଳ ଏକପ୍ରକାର ରାସ୍ତା ନାହିଁ । ଦ୍ୱିତୀୟତଃ ବିକାଶ ଓ କାର୍ଯ୍ୟକାରୀତାରେ ସ୍ଥାନୀୟ ଉପଭୋକ୍ତାମାନେ ସଂଶ୍ଲିଷ୍ଟ ହେବା ଉଚିତ । ତୃତୀୟତଃ ଆପଣ ପର୍ଯ୍ୟାବରଣ ପଦ୍ଧତି ପ୍ରୟୋଗ କରୁଥାଇପାରନ୍ତି । ଚତୁର୍ଥତଃ ଜୀବିକା ସଂପର୍କିତ ନୀତିଗୁଡିକ ଆର୍ଥିକ ଲାଭକୁ କେନ୍ଦ୍ରିତ କରୁଥିବା ଆବଶ୍ୟକ । ଶେଷରେ ବିଶେଷ ଭାବେ ପର୍ଯ୍ୟାବରଣ ସଂପର୍କିତ ଜୀବିକା ସୁରକ୍ଷା ସମସ୍ୟା ଗୁଡିକ ମୌଳିକ ସାମଗ୍ରୀ ଏବଂ ସେବା ପ୍ରଦାନ ପାଇଁ ପରିଚାଳିତ ହେବା ଆବଶ୍ୟକ, ଯାହାକି ସାଧାରଣତଃ ବିଚାରକୁ ନିଆଯାଇ ନଥାଏ ।

## ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତିର କାର୍ଯ୍ୟକାରୀ ମାର୍ଗଦର୍ଶିକା

ନିମ୍ନରେ ଜୈବବିବିଧତା ସମ୍ମିଳନୀର ୱେବ୍‌ସାଇଟ୍‌ରୁ ଅଣାଯାଇଥିବା ପର୍ଯ୍ୟାବରଣ ପଦ୍ଧତିର ପ୍ରାଥମିକ ସହାୟକ ପୁସ୍ତିକା

### ୧ – ଉପକ୍ରମ

ପର୍ଯ୍ୟାବରଣ ପଦ୍ଧତି ଏକ କୌଶଳ । ଏହା ଜୈବବିବିଧତା ସମ୍ମିଳନୀର ଉଦ୍ଦେଶ୍ୟର କାର୍ଯ୍ୟକାରୀତା ପଇଁ ଏକ ରୂପରେଖ ପ୍ରଦାନ କରିଥାଏ, ଯେଉଁଥିରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସୁରକ୍ଷିତ ଅଂଚଳ ଏବଂ ପରିବେଶ ସଂପର୍କିତ ନେଟ୍‌ୱାର୍କ ବିଷୟ ଉଲ୍ଲେଖ ଥାଏ । ପର୍ଯ୍ୟାବରଣ ପଦ୍ଧତିର ନୀତି ଗୁଡିକ ବିଭିନ୍ନ ସାମାଜିକ, ଆର୍ଥିକ ଓ ପରିବେଶକୁ ନେଇ ଥିବା ସମସ୍ୟା ଗୁଡିକର ପରିଚାଳନା ପାଇଁ ନମନୀୟ ଭାବେ ବ୍ୟବହାର କରାଯାଇପାରେ । ଅନେକ ବିଭାଗ ଏବଂ ସରକାର ପର୍ଯ୍ୟାବରଣ ପଦ୍ଧତି ସହ ସମନ୍ୱୟ ରଖି, ତାହାକୁ ଆଧାର କରି ବା ଆଂଶିକ ଭାବେ ମିଶାଇ ନିଜର ମାର୍ଗଦର୍ଶିକା ମାନ ପ୍ରସ୍ତୁତ କରିଛନ୍ତି । ( ଦାୟିତ୍ୱପୂର୍ଣ୍ଣ ମାଛଉତ୍ପାଦନ ସଂହିତା, ସ୍ଥାୟୀ ଜଙ୍ଗଲ ପରିଚାଳନା ପଦ୍ଧତି, ଗ୍ରହଣୀୟ ଜଙ୍ଗଲ ପରିଚାଳନା ଇତ୍ୟାଦି )

ପର୍ଯ୍ୟାବରଣ ପଦ୍ଧତିର କାର୍ଯ୍ୟକାରୀତା ପାଇଁ ଅନେକ ବ୍ୟବସ୍ଥା ରହିଛି । ଉଦାହରଣ ସ୍ୱରୁପ ଏହାର ନୀତି ଗୁଡିକ ଜାତୀୟ ଓ ଆଂଚଳିକ ନୀତିରେ ଏବଂ ଯୋଜନା ପ୍ରକ୍ରିୟା ବା ବିଭାଗୀୟ ଯୋଜନାରେ ସ୍ଥାନୀତ କରାଯାଇ ପାରିବ । ଏହାର ନୀତି ଗୁଡିକ ମଧ୍ୟ ସ୍ଥାନୀୟ ଭିତ୍ତିରେ ଛୋଟ ପ୍ରକଳ୍ପ ଗୁଡିକରେ ବ୍ୟବହାର କରାଯାଇ ପାରିବ ।

### ୨ – ପର୍ଯ୍ୟାବରଣ ପଦ୍ଧତିର ବ୍ୟବହାରଗତ ସୋପାନ

**ସମସ୍ୟା ସଂଜ୍ଞାକରଣ**

ପ୍ରଥମ କାର୍ଯ୍ୟ ହେଉଛି ସମସ୍ୟା ଗୁଡିକୁ ବା ସମାଧାନ ହେବାକୁଥିବା ସମସ୍ୟା ଗୁଡିକୁ ଚିହ୍ନଟ କରିବା । ଉଦାହରଣ ସ୍ୱରୂପ – ଏକ ଦ୍ୱୀପରେ ସଂକ୍ରାମକ ବିଦେଶୀ ପ୍ରଜାତି ଗୁଡିକୁ ଆୟତ କରିବା । ଯଦି ସମସ୍ୟାଟି ଅତ୍ୟନ୍ତ ଜଟିଳ ଏବଂ ବଡ ତାହେଲେ ଏହାକୁ ବିଭିନ୍ନ ଛୋଟ ଛୋଟ ସମସ୍ୟାରେ ଭାଗ କରାଯାଇପାରିବ ଯାହା ଫଳରେ ସେଗୁଡିକୁ ସହଜରେ ସମାଧାନ କରାଯାଇ ପାରିବ । (କ) ନିମ୍ନ ସନ୍ତସନ୍ତିଆ ଜମିରେ ଥିବା ସମ୍ବଳ ଗୁଡିକର ମନୋମୁଖି ବ୍ୟବହାର ଯୋଗୁଁ ହେଉଥିବା ପାରିବେଶିକ ଅବକ୍ଷୟ (ଖ) ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟସୁରକ୍ଷା ଓ ସାଂସ୍କୃତିକ ମୂଲ୍ୟବୋଧ ଭଳି ଗୋଷ୍ଠୀଗତ ଆବଶ୍ୟକତା ଗୁଡିକୁ ସମାଧାନ କରିବା ଜରୁରୀ ହୋଇପାରେ ।

ସମସ୍ୟା ଗୁଡିକ ଚିହ୍ନଟ କରିବା ପରେ ଦ୍ୱିତୀୟ ସୋପାନ ହେଲା ସମସ୍ୟା ସମାଧାନ ପାଇଁ ଜଣ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ । ଏକ କାର୍ଯ୍ୟଯୋଜନା ପ୍ରସ୍ତୁତିର ପ୍ରାଥମିକ ସ୍ତର ନିର୍ଣ୍ଣୟ ହିସାବରେ ନିମ୍ନରେ ତାଲିକାଭୁକ୍ତ କାର୍ଯ୍ୟକ୍ରମ ଗୁଡିକ ରେ ନଥିବା ସମସ୍ୟା ଗୁଡିକ ମଧ୍ୟ ସଂଗ୍ରହ କରାଯାଇପାରେ । ଏହି ପ୍ରକ୍ରିୟା ମଧ୍ୟ କାର୍ଯ୍ୟକ୍ରମ ଗ୍ରହଣର ଅଗ୍ରାଧିକରଣ ଦିଗରେ ବ୍ୟବହାର କରାଯାଇପାରେ ।

### ୩ – ଚିହ୍ନିତ ସମସ୍ୟା ଗୁଡିକର ସମାଧାନ ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ

ନିମ୍ନ କାର୍ଯ୍ୟକ୍ରମ ଗୁଡିକ ପର୍ଯ୍ୟାବରଣ ପଦ୍ଧତିର ନୀତିରୁ ଅଣାଯାଇଛି । ପ୍ରତ୍ୟେକ ଘଟଣାରେ ପର୍ଯ୍ୟାବରଣ ପଦ୍ଧତିର ନୀତି ଗୁଡିକ ଏକ ପ୍ରଶ୍ନ ତିଆରି କରେ ଯାହାକି ସମାଧାନ ହେବାକୁ ଥିବା ସମସ୍ୟା ଗୁଡିକ ସଂପର୍କରେ ପଚାରା ଯାଇପାରେ । ଏହି କାର୍ଯ୍ୟକ୍ରମ ଗୁଡିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ତାଲିକା କରାଯାଇ ନାହିଁ, ସେଗୁଡିକ ସମସ୍ୟା ସହ କେଉଁଟି ଅଧିକ ଯୁକ୍ତିଯୁକ୍ତ ସେହି ହିସାବରେ ବ୍ୟବହାର କରାଯିବା ଉଚିତ । କାର୍ଯ୍ୟକ୍ରମରେ ଦିଆଯାଇଥିବା ପ୍ରଶ୍ନ ଗୁଡିକ କିପରି ପଚରାଯିବ ଏବଂ ଏହା ପଛରେ ଥିବା ଯୁକ୍ତିଯୁକ୍ତତା ସଂପର୍କରେ ଅଧିକ ଜାଣିବା ପାଇଁ ଉନ୍ନତ ସହାୟକ ମାର୍ଗଦର୍ଶିକା ବା ଆଡ୍‌ଭାନ୍‌ସଡ ୟୁଜର ଗାଇଡ୍ ବ୍ୟବହାର କରନ୍ତୁ ।

କାର୍ଯ୍ୟ ୧ – ଜମି, ଜଳ ଏବଂ ଜୀବ ସମ୍ବଳର ପରିଚାଳନା ସଂପର୍କିତ ନୀଷ୍ପତ୍ତିଗତ ପ୍ରକ୍ରିୟାରେ ସମାଜର ସମସ୍ତ ସଦସ୍ୟ ମାନଙ୍କୁ ତୁମେ କିପରି ସଂଶ୍ଳିଷ୍ଟ କରିବ ?

କାର୍ଯ୍ୟ ୨ – ସବାତଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପରିଚାଳନା ବ୍ୟବସ୍ଥାକୁ ତୁମେ କିପରି ବିକେନ୍ଦ୍ରୀକରଣ କରିବ ?

କାର୍ଯ୍ୟ ୩ – ନିକଟବର୍ତ୍ତୀ ଏବଂ ଅନ୍ୟ ପର୍ଯ୍ୟାବରଣ ଗୁଡିକୁ ନଜରରେ ରଖି ପରିଚାଳନାଗତ କାର୍ଯ୍ୟ ( ଆବଶ୍ୟକୀୟ ଓ ବାସ୍ତବିକ ) ଗୁଡିକର ପ୍ରଭାବକୁ ତୁମେ କିପରି ସୁନିଶ୍ଚିତ କରିବ ?

କାର୍ଯ୍ୟ ୪ - ଆର୍ଥିକ ଦିଗକୁ କିପରି ବୁଝାଯିବା ଆବଶ୍ୟକ ଯେପରି ଜୈବବିବିଧତାକୁ ପ୍ରଭାବିତ କରୁଥିବା ବଜାର ଭିତ୍ତିକ ବିକୃତ ବର୍ଣ୍ଣନାକୁ କମ୍ କରିହେବ, ଜୈବବିବିଧତା ଏବଂ ଏହାର ସ୍ଥାୟୀ ବ୍ୟବହାର ପାଇଁ ପ୍ରୋତ୍ସାହନାର ବିକାଶ କରିହେବ ଏବଂ ପର୍ଯ୍ୟାବରଣୀୟ ମୂଲ୍ୟ ଏବଂ ଲାଭ ଗୁଡିକର ରପ୍ତାନୀ କରିହେବ ।

କାର୍ଯ୍ୟ ୫ - ପର୍ଯ୍ୟାବରଣ ସେବା ନିର୍ବାହ ପାଇଁ ପର୍ଯ୍ୟାବରଣ ଢାଞ୍ଚା ଏବଂ କାର୍ଯ୍ୟ ନିମନ୍ତେ କେଉଁସବୁ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର ।

କାର୍ଯ୍ୟ ୬ - ପର୍ଯ୍ୟାବରଣ ଗୁଡିକ ସେମାନଙ୍କର କାର୍ଯ୍ୟ ପରିସର ମଧ୍ୟରେ ପରିଚାଳିତ ହେଉଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ କଣ ପଦକ୍ଷେପ ନେବା ଦରକାର ।

କାର୍ଯ୍ୟ ୭ – ସମସ୍ୟା ଗୁଡିକ ଉପଯୁକ୍ତ ସମୟରେ ଏବଂ ସ୍ଥାନ ବିଶେଷରେ ପଦକ୍ଷେପ ନିଆଯିବା ପାଇଁ କଣ ସବୁ ପଦକ୍ଷେପ ନିଆଯିବା ଦରକାର ?

କାର୍ଯ୍ୟ ୮ - ପର୍ଯ୍ୟାବରଣର ସ୍ଥାୟୀ ବ୍ୟବହାର ବିଷୟ ବିବେଚନା ସମୟରେ ସମୟ ସୂଚକ ଏବଂ ତାପରୋଧକ ପ୍ରଭାବକୁ କିପରି ଅଲଗା କରିହେବ ?

କାର୍ଯ୍ୟ ୯ – ଚିହ୍ନିତ ସମସ୍ୟା ଗୁଡିକୁ ସମାଧାନ ପାଇଁ ଗ୍ରହଣୀୟ ପରିଚାଳନା କିପରି ବ୍ୟବହାର କରିହେବ ?

କାର୍ଯ୍ୟ ୧୦ – ସଂରକ୍ଷଣ ଏବଂ ଜୈବବିବିଧତା ବ୍ୟବହାର ମଧ୍ୟରେ ସମନ୍ୱୟ ଏବଂ ଉପଯୁକ୍ତ ସନ୍ତୁଳନ କିପରି ରଖିହେବ ?

କାର୍ଯ୍ୟ ୧୧ – ସମସ୍ତ ଜ୍ଞାନ ଯଥା, ବୈଜ୍ଞାନିକ, ଆଦିମ ଅଧିବାସୀ ଓ ସ୍ଥାନୀୟ ଗୋଷ୍ଠୀ, ସୃଜନ ଏବଂ ପ୍ରଥା ଆଦି ସଂଶ୍ଳିଷ୍ଟ କରାଯାଇଛି ବୋଲି ତୁମେ କିପରି ସୁନିଶ୍ଚିତ କରିବ ?

କାର୍ଯ୍ୟ ୧୨ – ସମାଜର ସମସ୍ତ ବର୍ଗର ଏବଂ ବୈଜ୍ଞାନିକ ଅଧ୍ୟୟନକର୍ତ୍ତା ଆଦି ସମସ୍ତ ଉପଭୋକ୍ତା ଗୋଷ୍ଠୀ ମାନଙ୍କର ସଂଶ୍ଳିଷ୍ଟ ପାଇଁ କିପରି ପଦକ୍ଷେପ ଗ୍ରହଣ କରାଯିବା ଦରକାର ।

ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ପର୍ଯ୍ୟାବରଣ ପଦ୍ଧତି କାର୍ଯ୍ୟକାରୀତା ପାଇଁ ଏକମାତ୍ର ନିର୍ଦ୍ଧାରିତ ମାର୍ଗ ନଥିବାରୁ, ଏହାର ସମସ୍ତ ନୀତି ଗୁଡିକ ଶୁଦ୍ଧଚିନ୍ତାଧାରାରେ ମହତ୍ୱାକାଂକ୍ଷାରେ ସ୍ଥିରିକୃତ ହେବା ଆବଶ୍ୟକ ଏବଂ ଅଲଗା ଅଲଗା ପରିସ୍ଥିତି ଅନୁଯାୟୀ ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

## ସଂଲଗ୍ନ ସମସ୍ୟା

ପର୍ଯ୍ୟାବରଣ ପଦ୍ଧତି କାର୍ଯ୍ୟକାରୀତା ସମୟରେ ଉପର ଚିହ୍ନିତ ବ୍ୟକ୍ତିଗତ କାର୍ଯ୍ୟ ପରିପ୍ରେକ୍ଷୀରେ ସେଥିରେ ଥିବା ସଂଲଗ୍ନ ସମସ୍ୟା ଗୁଡିକୁ ମଧ୍ୟ ବିଚାରକୁ ନିଆଯିବା ଆବଶ୍ୟକ ।

## ଦକ୍ଷତା ବୃଦ୍ଧି ଏବଂ ଅଂଶଗ୍ରହଣ

ସଫଳତା ନିମନ୍ତେ ଗୋଷ୍ଠୀ ଭାଗିଦାରିତା, ଗୋଷ୍ଠୀ ସଂଗଠନ ଗୁଡିକର ସଂପୃକ୍ତି, ସଶକ୍ତିକରଣ ଏବଂ ଅଂଶଗ୍ରହଣ ପାଇଁ ରାଜନୈତିକ ଏବଂ ଆନୁଷ୍ଠାନିକ ଇଚ୍ଛାଶକ୍ତି ଏବଂ ଅନ୍ୟ ଅର୍ଥପ୍ରଦାନକାରୀ ସଂସ୍ଥା ଓ ପ୍ରଯୋଜନା ସଂସ୍ଥା ଗୁଡିକର ପ୍ରତିଶୃତିବଦ୍ଧତା ଅତି ଗୁରୁତ୍ୱପୂର୍ଣ୍ଣ ।

## ତଥ୍ୟ, ଗବେଷଣା ଏବଂ ବିକାଶ

ଏକ ପର୍ଯ୍ୟାବରଣ ପଦ୍ଧତି କାର୍ଯ୍ୟ ପ୍ରକଳ୍ପର ସଫଳ ରୂପାୟନ ପାଇଁ ସମ୍ବଳ, ଜୈବିକ, ସାମାଜିକ ଏବଂ ଆର୍ଥିକ ତଥ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ଜ୍ଞାନରେ ଥିବା ଅଭାବକୁ ପୁରଣ କରିବା ପାଇଁ ଗବେଷଣା ଏବଂ ବିକାଶ ଆବଶ୍ୟକ । ଅଧିକ ସଚ୍ଛ ନୀତିନିର୍ଦ୍ଧାରଣ ଏବଂ ସଶକ୍ତିକରଣ ପାଇଁ ସମସ୍ତ ସହାୟକ ଗୋଷ୍ଠୀକୁ ତଥ୍ୟ ସହଜ ଭାବେ ତୁରନ୍ତ ମିଳିପାରୁଥିବା ଆବଶ୍ୟକ ।

### ତଦାରଖ ଓ ତର୍ଜମା

ପର୍ଯ୍ୟାବରଣ ପଦ୍ଧତି କାର୍ଯ୍ୟକାରୀତାରେ ବ୍ୟବହୃତ ଯେକୌଣସି କାର୍ଯ୍ୟକ୍ରମ ପାଇଁ ତଦାରଖ ଓ ତର୍ଜମା ଅତି ଜରୁରୀ । ଏହାଦ୍ୱାରା ଏକ ଗ୍ରହଣୀୟ ପରିଚାଳନା ଦକ୍ଷତାର ଅଭିବୃଦ୍ଧି ଘଟିଥାଏ ଏବଂ କାର୍ଯ୍ୟଦକ୍ଷତା ଓ ଫଳାଫଳର ରିପୋର୍ଟିଂ ମଧ ଉନ୍ନତୀ ହୋଇଥାଏ ।

### ପ୍ରଶାସନ

କୌଣସି ସମସ୍ୟାରେ ପର୍ଯ୍ୟାବରଣ ପଦ୍ଧତିର ସଫଳ କାର୍ଯ୍ୟକାରୀତା ପାଇଁ ଉତ୍ତମ ପ୍ରଶାସନ ନିତାନ୍ତ ଆବଶ୍ୟକ । ଉତ୍ତମ ପ୍ରଶାସନ ହେଉଛି ସୁସ୍ଥ ପାରିବେଶିକ, ସମ୍ବଳ ଓ ଆର୍ଥିକ ନୀତି ଏବଂ ପ୍ରଶାସନିକ ଅନୁଷ୍ଠାନ, ଯାହାକି ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିପାରୁଥିବ ।

ଦେଖାଦେଉଥିବା ସମସ୍ୟା ଗୁଡିକର ସମାଧାନ ପାଇଁ କେଉଁ କାର୍ଯ୍ୟକ୍ରମ ଗୁଡିକ ଗ୍ରହଣ କରାଯିବା ଉଚିତ ତାହା ଚିହ୍ନଟ ହେବା ଆବଶ୍ୟକ ଏବଂ ତାକୁ ନେଇ ପରିଚାଳନା ଯୋଜନା ପ୍ରସ୍ତୁତ ହେବା ଦରକାର ।

### ୪ - ପରିଚାଳନା ଯୋଜନା ପ୍ରସ୍ତୁତି

ଯୋଜନା ପ୍ରସ୍ତୁତି ପାଇଁ ସେପରି କିଛି ନିର୍ଦ୍ଧାରିତ ରାସ୍ତା ନାହିଁ । ପ୍ରତ୍ୟେକ ପରିସ୍ଥିତି ପରସ୍ପର ଠାରୁ ଭିନ୍ନ । ତେଣୁ ଯାହା ଅଧିନରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେହି ପରିସ୍ଥିତି ଅନୁଯାୟୀ ଯୋଜନାରେ ପରିବର୍ତ୍ତନ ଆଣିବା ଅତି ଗୁରୁତ୍ୱପୂର୍ଣ୍ଣ ।

### ସମସ୍ୟା ଚିହ୍ନଟିକରଣ

ସମସ୍ୟା ଚିହ୍ନଟିକରଣ ଏବଂ ପ୍ରକଳ୍ପ ଯୋଜନା ପ୍ରସ୍ତୁତି, ଏହି ଦୁଇଟି ବିଷୟକୁ ଅଲଗା କରିବା କଷ୍ଟକର । ପର୍ଯ୍ୟାବରଣ ପଦ୍ଧତିର ବ୍ୟବହାର ଗୋଟିଏ ସମସ୍ୟାରୁ ଆରମ୍ଭ କରାଯିବା ଉଚିତ । ସମସ୍ୟା ବା ସମସ୍ୟା ଗୁଡିକର ଚିହ୍ନଟ କରି ଏଥିପାଇଁ ଉପରଲିଖିତ କାର୍ଯ୍ୟ ଗୁଡିକ ସ୍ଥିର କରାଯିବା ଉଚିତ ।

### ଚିଠା ପରିଚାଳନା ଯୋଜନା ପ୍ରସ୍ତୁତି

ଚିଠା ପରିଚାଳନା ଯୋଜନାରେ କାର୍ଯ୍ୟ, ଏଥିରେ କେଉଁମାନେ ସଂପୃକ୍ତ ହେବେ ଏବଂ କାର୍ଯ୍ୟକାରିତାର ଏକ ସମ୍ଭାବ୍ୟ ସମୟସାରଣୀ ଏଥିରେ ରହିବ ।

### ସମୟ

ଏକ ପ୍ରକଳ୍ପ ଆରମ୍ଭ ପାଇଁ ପ୍ରକୃତ ସମୟ ବାଛିବା ମଧ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ପ୍ରକଳ୍ପ ସଫଳତା ପଛରେ ରହିଥିବା ସୁଯୋଗ ଓ ପରିସ୍ଥିତି ଗୁଡିକ ହେଲା –

- ରାଜନୈତିକ ସ୍ଥିରତା
- ନୂଆ ସରକାରୀ ନୀତି ଓ କୌଶଳ
- ସରକାରୀ ବିଭାଗ ଏବଂ ପ୍ରତିଷ୍ଠାନ ଗୁଡିକର ପୁନଃସଂଗଠନ
- ପର୍ଯ୍ୟାବରଣ ସ୍ଥିତାବସ୍ଥା ବଜାୟ ରଖିବା ଏବଂ ପରିଚାଳନା କରିବା ପାଇଁ ବ୍ୟବହୃତ ସମୟକୁ ଅଣଦେଖା କରିବା ଅନୁଚିତ ।
- ସହଯୋଗୀ ଗୋଷ୍ଠୀ ଗୁଡିକୁ ଉପଯୁକ୍ତ ସମୟ ଦେବା ଆବଶ୍ୟକ, ଯାହାଫଳରେ କାର୍ଯ୍ୟକାରିତା ବା ସଫଳତା ହାସଲ ସମୟରେ ସେମାନେ ଯେପରି ବିରକ୍ତ ବା ବିମୁଖ ହେବେନାହିଁ ।

### ମୁଖ୍ୟ ଅଭିନେତା/ଅଭିନେତ୍ରୀ

କେଉଁ ସଂଗଠନ ପ୍ରକଳ୍ପ କାର୍ଯ୍ୟଯୋଜନା ଏବଂ କାର୍ଯ୍ୟକାରୀତାକୁ ନେତୃତ୍ୱ ଦେବ ତାହା ନିର୍ଣ୍ଣୟ କରିବା ଏକ ପ୍ରାଥମିକ କାର୍ଯ୍ୟ । କେବଳ ଗୋଟିଏ ସଂଗଠନ ଉପରେ ବିଶେଷ ନିର୍ଭରଶୀଳ ହେବା ଅନୁଚିତ । ତାହାହେଲେ ସେହି ଅନୁଷ୍ଠାନ ସଫଳତାକୁ ତାର ନିଜସ୍ୱ ବୋଲି ଜାହିର କରିପାରେ । ପ୍ରକଳ୍ପ ଗୁଡିକ ସେତେବେଳେ ସଫଳ ହୋଇଥାଏ ଯେତେବେଳେ ନେତୃତ୍ୱ ନେଉଥିବା ଏକ ପୂର୍ଣ୍ଣ ସମର୍ପିତ ସଂଗଠନ, ଅନ୍ୟ ସଂଗଠନ ଗୁଡିକୁ ସାଥିରେ ନେଇ କାର୍ଯ୍ୟ ହାସଲ କରିଥାଏ ।

### ସହାୟକ ଗୋଷ୍ଠୀ ଗୁଡିକ ସହିତ ସଂଶ୍ଳିଷ୍ଟ ରହିବା

ଯେତେ ଆଗରୁ ସମ୍ଭବ ସହାୟକ ଗୋଷ୍ଠୀ ଗୁଡିକ ସହିତ ସଂଶ୍ଳିଷ୍ଟ ରହିବା ଆବଶ୍ୟକ । ଲୋକମାନେ ପରିଚାଳନା ଯୋଜନାରେ ସହଭାଗୀ ବୋଲି ଭାବିବା ପାଇଁ ପ୍ରାଥମିକ ସ୍ତରରୁ ସେମାନଙ୍କୁ ସଂପୃକ୍ତ କରିବା ଜରୁରୀ । ଏହା ସେମାନଙ୍କର କାର୍ଯ୍ୟ ଉପରେ ପ୍ରଭାବ ପକାଇବ । ସହାୟକ ଗୋଷ୍ଠୀ ଗୁଡିକ ପ୍ରକଳ୍ପ ପ୍ରସ୍ତୁତି ପାଇଁ ନିଜେ ମତାମତ ଏବଂ ପ୍ରତିକ୍ରିୟା ଦେଇ ପାରିବେ ।

### ଲକ୍ଷ୍ୟ ନିର୍ଦ୍ଧାରଣ

ପ୍ରତି ପ୍ରକଳ୍ପର ସ୍ପଷ୍ଟଭାବେ ପ୍ରତିପାଦିତ ହେଉଥିବା ଏବଂ ସହଜରେ ଚିହ୍ନଟ ହୋଇପାରୁଥିବା ଲକ୍ଷ୍ୟ ରହିବା ଦରକାର । ଏହା ସହାୟକ ଗୋଷ୍ଠୀ ଗୁଡିକ ସହ ଆଲୋଚନା କରି ସହମତି ଭିତ୍ତିରେ ହେବା ଆବଶ୍ୟକ । ଯାହାଫଳରେ କୌଣସି ସମସ୍ୟା ସମାଧାନ ବା କାର୍ଯ୍ୟକ୍ରମ ଗ୍ରହଣରେ ସେମାନେ ସହମତ ହେବେ ଏବଂ ବୁଝିପାରିବେ ।

### ପ୍ରକଳ୍ପ ରୂପରେଖ ପ୍ରସ୍ତୁତି

ପ୍ରକଳ୍ପ ଯୋଜନା ପ୍ରସ୍ତୁତିରେ ଏହାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ –

- ଗ୍ରହଣୀୟ ପରିଚାଳନା
- ଦୀର୍ଘସ୍ଥାୟୀ ଉପଯୋଗୀତା

ପ୍ରକଳ୍ପ ସମୟ ଶେଷ ହେବା ପରେ ମଧ୍ୟ ଏହାର ଉଦ୍ଦେଶ୍ୟ ଗୁଡିକ ଚାଲୁରହିବା ଯେକୌଣସି ପ୍ରକଳ୍ପର ଲକ୍ଷ୍ୟ ହେବା ଉଚିତ । ଦୀର୍ଘସ୍ଥାୟୀ ଉପଯୋଗୀତା ପାଇଁ ଆର୍ଥିକ ସ୍ଥିରତା ଏକ ମୁଖ୍ୟ ବିଷୟ ଅଟେ ।

### ସୀମା, ପରିସର ଏବଂ ସମୟ ନିର୍ଦ୍ଧାରଣ

ସୀମା ନିର୍ଦ୍ଧାରଣ ସୀମାବଦ୍ଧତା ସୃଷ୍ଟିକଲେ ମଧ୍ୟ ପର୍ଯ୍ୟାବରଣ ପରିଚାଳନା ପାଇଁ ଏହା ଅତି ଉପାଦେୟ ।

### ପ୍ରକଳ୍ପ କାର୍ଯ୍ୟଯୋଜନା ଉପସ୍ଥାପନ

ମୁଖ୍ୟ କାର୍ଯ୍ୟନିର୍ବାହୀ ଦଳର ପ୍ରଥମ କାର୍ଯ୍ୟ ହେଉଛି ଏକ ପ୍ରକଳ୍ପ କାର୍ଯ୍ୟଯୋଜନା ଉପସ୍ଥାପନ କରିବା । ଏହା ସହଭାଗୀମୂଳକ ଏବଂ ମିଳିତ ଭାବେ ପ୍ରସ୍ତୁତ ହେବା ଆବଶ୍ୟକ । ଏଥିରେ ସମସ୍ୟାର ତର୍ଜମା ଓ ଯୋଜନା ଗୁଡିକୁ ସହାୟକ ହେବା ପାଇଁ ଯୁକ୍ତିଯୁକ୍ତ ଯୋଜନା କୌଶଳ ବା ଲଜିକାଲ୍ ଫ୍ରେମ ୱାର୍କ କୌଶଳରେ ହେବା ଆବଶ୍ୟକ ।

### ପ୍ରକଳ୍ପ ଫଳାଫଳରେ ସଂକଟ ହ୍ରାସ କରିବା

ପ୍ରକଳ୍ପ ପ୍ରତି ଥିବା ସମସ୍ୟା ବା ସଂକଟ ଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ଆବଶ୍ୟକ ।

### ତଦାରଖ ଏବଂ ସମୀକ୍ଷା

ପ୍ରଗତି ସଂପର୍କରେ ଜାଣିବା ପାଇଁ ଏବଂ ପ୍ରକଳ୍ପ ଲକ୍ଷ୍ୟ ହାସଲ ପାଇଁ ଭବିଷ୍ୟତ ପରିଚାଳନାଗତ ପ୍ରକ୍ରିୟା ନିର୍ଦ୍ଧାରଣ ପାଇଁ ତଦାରଖ ବା ମନିଟରିଂ କରାଯିବା ଆବଶ୍ୟକ । କାର୍ଯ୍ୟକ୍ରମ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଗୁଡିକର ତଦାରଖ ନିର୍ଦ୍ଧାରିତ ହେବା ଉଚିତ ନୁହେଁ ବରଂ ଜ୍ଞାନ, ବୁଝାମଣା ଏବଂ ଉତ୍ଥାପିତ ବା ସମାଧାନ ହୋଇଥିବା ସମସ୍ୟା ଗୁଡିକର ପରିବର୍ତ୍ତିତ ପରିସ୍ଥିତିକୁ ଧରି ହେବା ଆବଶ୍ୟକ ।

ପ୍ରକଳ୍ପ କାର୍ଯ୍ୟକାରୀତା

**ପ୍ରାକୃତିକ ସମ୍ବଳ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀତା ମୁଖ୍ୟ ଦିଗ ଗୁଡିକ ହେଲା –**

- ଆବଶ୍ୟକୀୟ ସମୟର ଅବଧି । ପ୍ରାକୃତିକ ଆବାସ ସ୍ଥଳୀ ସଂରକ୍ଷଣ କାର୍ଯ୍ୟକ୍ରମର ଆଖିଦୃଶିଆ ଫଳାଫଳ ପାଇଁ ୧୦ ରୁ ୧୫ ବର୍ଷ ସମୟ ନେଇଥାଏ ।
- ପ୍ରକଳ୍ପ ସଫଳତା ପାଇଁ କର୍ମଚାରୀମାନଙ୍କର ସକ୍ଷମତା ଏବଂ ପ୍ରତିଶୃତିବଦ୍ଧତା ଅତି ଜରୁରୀ
- ସହଯୋଗୀ ଅନୁଷ୍ଠାନ ବା ଆଗ୍ରହୀ ଦଳ ଗୁଡିକୁ ନେଇ ନେଟୱାର୍କ କରିବା, ଯାହା ପ୍ରକଳ୍ପ କାର୍ଯ୍ୟକ୍ରମ କାର୍ଯ୍ୟକାରୀତାକୁ ସୁଦୃଢ କରିବ ।

ପ୍ରକଳ୍ପ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପୁରଣ ପାଇଁ ରାଜନୈତିକ, ଆନୁଷ୍ଠାନିକ ଏବଂ ଗୋଷ୍ଠୀଗତ ସହାୟତା ସୁରକ୍ଷିତ ହେବା ଆବଶ୍ୟକ

ପ୍ରକଳ୍ପ କାର୍ଯ୍ୟକାରୀତା ସାଧାରଣତଃ ଅନେକ ପର୍ଯ୍ୟାୟ ଦେଇ ଗତି କରିଥାଏ । ସେଥିମଧ୍ୟରୁ କେତେକ ପରସ୍ପର ଚଢାଓତରା ହୋଇଯାଏ ଏବଂ ଅଧିକ ପର୍ଯ୍ୟାୟ ସୃଷ୍ଟି କରିପାରେ । ଉଦାହରଣ ସ୍ୱରୂପ –

ପର୍ଯ୍ୟାୟ ୧ –

କ – ପ୍ରକଳ୍ପ ଦଳ ବା ଟିମ୍ ଗଠନ
ଖ – କାର୍ଯ୍ୟଯୋଜନା ଉପସ୍ଥାପନ ଏବଂ ସ୍ଥାନୀୟ ଗୋଷ୍ଠୀ ସହ ଏହାକୁ ଯୋଡିବା
ଗ – ପରାମର୍ଶଦାତା ମଣ୍ଡଳୀ ଗଠନ

ପର୍ଯ୍ୟାୟ ୨ –
କ – ପ୍ରକଳ୍ପ କାର୍ଯ୍ୟକ୍ରମ ନିର୍ଦ୍ଧାରଣ
ଖ – କାର୍ଯ୍ୟାଳୟ ସ୍ତରୀୟ କାର୍ଯ୍ୟ
ଗ – ଦକ୍ଷତା ବୃଦ୍ଧି ବା ସାମର୍ଥ୍ୟ ବିକାଶ
ଘ – ପ୍ରକଳ୍ପ ସମୀକ୍ଷା (ଆବଶ୍ୟକ ସ୍ଥଳେ ତଦାରଖ ଏବଂ ଗବେଷଣା ଆଦି )

ପର୍ଯ୍ୟାୟ – ୩
ସହମତିଭିତ୍ତିକ ଯୋଜନାକୁ କାର୍ଯ୍ୟକାରୀ କରିବା

ପର୍ଯ୍ୟାୟ – ୪
କ – ଚାଲୁରଖିବା ଏବଂ ଆଗାମୀ ଯୋଜନା କରିବା
ଖ – ଭବିଷ୍ୟତ ପ୍ରଚେଷ୍ଟା ପାଇଁ କୌଶଳଗତ ଯୋଜନା



**ପ୍ରୟୋଗ – ୩**

ତୁଳନା ଏବଂ ପ୍ରଭେଦ ( ୩୦ ମିନିଟ )

*ଆଦିମ ଅଧିବାସୀଙ୍କ କୌଳିକ ପ୍ରାକୃତିକ ସମ୍ବଳ ପରିଚାଳନା ସହ ପର୍ଯ୍ୟାବରଣ ପଦ୍ଧତିର ତୁଳନା*

୧ – ଛୋଟ ଦଳରେ ଅଂଶଗ୍ରହଣ କାରୀ ମାନଙ୍କୁ ସି.ବି.ଡି ର ପର୍ଯ୍ୟାବରଣ ପଦ୍ଧତି ଓ ସେମାନଙ୍କ ନିଜସ୍ଵ ଆଦିମ ଅଧିବାସୀ କୌଳିକ ପ୍ରାକୃତିକ ସମ୍ବଳ ପରିଚାଳନା ବ୍ୟବସ୍ଥା ସହ ତୁଳନା କରିବେ । ଯେଉଁଗୁଡ଼ିକରେ ସାଦୃଶ୍ୟତା ଅଛି ସେଥିପାଇଁ ଗୋଟିଏ କାର୍ଡ ଏବଂ ଯେଉଁଗୁଡ଼ିକରେ ଭିନ୍ନତା ଅଛି ସେଗୁଡ଼ିକ ଅନ୍ୟ ଏକ କାର୍ଡରେ ଲେଖିବେ ।

୨ – ଦଳ ଗୁଡ଼ିକ ସେମାନଙ୍କର ଉତ୍ତର ବଡ ଦଳରେ ଉପସ୍ଥାପନ କରିବେ ।

୩ – ତାଲିମ ସହାୟକ କାର୍ଡ ଗୁଡ଼ିକରେ ଥିବା ସାଦୃଶ୍ୟତାକୁ ଗୋଟିଏ ପଟେ ଏବଂ ଭିନ୍ନତାକୁ ଆଉ ଗୋଟିଏ ପଟେ ଲେଖିବେ

୪ – ତାଲିମ ସହାୟକ ଆଦିମ ଅଧିବାସୀଙ୍କ କୌଳିକ ପ୍ରାକୃତିକ ସମ୍ବଳ ପରିଚାଳନା ସହ ପର୍ଯ୍ୟାବରଣ ପଦ୍ଧତିର ଭିତରେ ଥିବା ସାଦୃଶ୍ୟ ଏବଂ ଭିନ୍ନତା ଗୁଡ଼ିକର ମୁଖ୍ୟ ପଏଣ୍ଟ ସବୁକୁ ବୁଝାଇବେ ।

## ୪ - ଆଦିମ ଅଧିବାସୀ ବ୍ୟବସ୍ଥା ଏବଂ ପର୍ଯ୍ୟାବରଣ ପଦ୍ଧତି ମଧ୍ୟରେ ଥିବା ଭିନ୍ନତାର ସମାଧାନ

ଆଦିମ ଅଧିବାସୀ ବ୍ୟବସ୍ଥା ଏବଂ ପର୍ଯ୍ୟାବରଣ ପଦ୍ଧତି ମଧ୍ୟରେ ଥିବା ଭିନ୍ନତାର ସମାଧାନର ଏକ ପନ୍ଥା ହେଲା ସି.ବି.ଡି ରେ ଥିବା ଅନୁଚ୍ଛେଦ ୧୦ (ସି ) ଏବଂ ଅନୁଚ୍ଛେଦ ୮ (ଜେ) । ଏଥିରେ ଉଲ୍ଲେଖ ରହିଛି ଯେ -

ଅନୁଚ୍ଛେଦ ୮ (ଜେ) - ପାରଂପରିକ ଜ୍ଞାନ ( ସ୍ଥିତାବସ୍ଥା ସଂରକ୍ଷଣ)

ଜାତୀୟ ବିଧେୟକ ଅନୁଯାୟୀ, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଥିବା ପାରଂପରିକ ଜୀବନଶୈଳୀର ଜ୍ଞାନ, ସୃଜନ ଏବଂ ଅଭ୍ୟାସକୁ ସମ୍ମାନ, ସଂରକ୍ଷଣ ଏବଂ ପରିଚାଳନା କରିବା ଏବଂ ସେହିସବୁ ଜ୍ଞାନ, ସୃଜନ ଏବଂ ଅଭ୍ୟାସର ଅଧିକାରୀ ମାନଙ୍କ ଅନୁମତି ଏବଂ ସଂପୃକ୍ତିରେ ସେଗୁଡ଼ିକର ବହୁଳ ପ୍ରସାର ନିମନ୍ତେ ପଦକ୍ଷେପ ନେବା, ଏବଂ ସେହିସବୁ ଜ୍ଞାନ, ସୃଜନ ଏବଂ ଅଭ୍ୟାସର ବ୍ୟବହାର ମିଳୁଥିବା ଲାଭର ସମବଣ୍ଟନ ପାଇଁ ଉତ୍ସାହିତ କରିବା ।

ଅନୁଚ୍ଛେଦ ୧୦ – ସ୍ଥାୟୀ ବ୍ୟବହାର

ସମସ୍ତ ସଂପୃକ୍ତ ପକ୍ଷ, ଯଥାସମ୍ଭବ ଏବଂ ଯଥୋଚିତ ଭାବେ କରିବେ –

ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଉଦ୍ଦିଷ୍ଟ ପାରଂପରିକ ସାଂସ୍କୃତିକ ଅଭ୍ୟାସ ଗୁଡ଼ିକ ଆଧାରରେ ଜୈବ ସମ୍ବଳର କୌଳିକ ବ୍ୟବହାରକୁ ସୁରକ୍ଷା ଏବଂ ଉତ୍ସାହିତ କରିବେ ।



**ପ୍ରୟୋଗ – ୪**

ଛୋଟଦଳରେ ଆଲୋଚନା – ଭବିଷ୍ୟତ କାର୍ଯ୍ୟପନ୍ଥା ( ୧ଘଣ୍ଟା)

୧ – ତାଲିମ ସହାୟକ ସି.ବି.ଡି ଅନୁଚ୍ଛେଦ ୮ (ଜେ) ଏବଂ ୧୦ (ସି), ୬ଷ୍ଠ କାର୍ଯ୍ୟକାରୀ ଦଳର ନିଷ୍ପତ୍ତି ଏବଂ ପରାମର୍ଶ ଗୁଡିକ ଲେଖିବେ ଏବଂ ଅଂଶଗ୍ରହଣକାରୀମାନେ ତାହା ପଢିବେ ।

୨ – ଛୋଟଦଳରେ ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ ।

- ତୁମେ ପର୍ଯ୍ୟାବରଣ ପଦ୍ଧତିକୁ କିପରି କାର୍ଯ୍ୟକାରୀ କରିବା ଆରମ୍ଭ କରିବ ?
- ଆଦିମ ଅଧିବାସୀ ସଂଗଠନ ଏବଂ ଗୋଷ୍ଠୀ ଗୁଡିକ କାର୍ଯ୍ୟକାରୀ ଦଳ ୮ (ଜେ)ର ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀ କରିବା ଆରମ୍ଭ କରିବେ ?

୩ - ଦଳ ଗୁଡିକ ନିଜ ଆଲୋଚନାର ଫଳାଫଳ ଉପସ୍ଥାପନ କରିବେ ।

୪ – ତାଲିମ ସହାୟକ ମୁଖ୍ୟ ବିଷୟ ଗୁଡିକୁ ଆଲୋଚନା କରି ଅଧିବେଶନ ସମାପ୍ତ କରିବେ ।

**ଶେଷ ଦ୍ରଷ୍ଟବ୍ୟ –**

କ୍ଲେମେଣ୍ଟ ୨୦୦୬

**ସହାୟକ ତଥ୍ୟ ଉତ୍ସ**

କ୍ଲେମେଣ୍ଟ, ଜୋଏଲ୍ ପି. ୨୦୦୬, ଇକୋସିଷ୍ଟମ୍, ମାଇକ୍ରୋସଫ୍ଟ ଏନ୍‌କାର୍ଟା

# ମଡ୍ୟୁଲ ୨୩

## ଜୈବବିବିଧତା ଏବଂ ସେ ସଂପର୍କିତ ପାରଂପରିକ ଜ୍ଞାନର ସୁରକ୍ଷା

### ଉଦ୍ଦେଶ୍ୟ ସମୂହ

୧. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ଆଦିମ ଅଧିବାସୀ ମାନେ କଣ କରିଛନ୍ତି ତାର ସଫଳ କାହାଣି ଉପସ୍ଥାପନ କରିବା

୨. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ୟୁନେସ୍କୋ, ୟୁ.ଏନ୍.ଡି.ଆର୍.ଆଇ.ପି ଏବଂ ଡବ୍ଲ୍ୟୁ.ଆଇ.ପି.ଓ ଆଦି ଆନ୍ତର୍ଜାତୀୟ ସଂଗଠନ ଗୁଡିକର ଆଇନଗତ ରୂପରେଖ ଏବଂ ସ୍ୱିକୃତି କଣ ରହିଛି ତାହା ବୁଝିବା ।

୩. ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ଆନ୍ତର୍ଜାତୀୟ ନୀୟମ, ଜାତୀୟ ନୀୟମ ଓ କୌଳିକ ନୀୟମ ମଧ୍ୟରେ ଥିବା ସଂପର୍କ ଗୁଡିକୁ ବୁଝିବା ।

୪. ଯେଉଁ ସବୁ ପ୍ରତିକୁଳ ପରିସ୍ଥିତିରେ ପଡି ଆଦିମ ଅଧିବାସୀମାନେ ପାରଂପରିକ ଜ୍ଞାନକୁ ହରାଉଛନ୍ତି ସେସବୁ ଆଲୋଚନା କରି ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ବାସ୍ତବିକ ଉପାୟ ବାହାର କରିବା ।

### ତାଲିମ୍ ସାମଗ୍ରୀ

- ରିପୋର୍ଟ ଅଫ୍ ଦି ସେକ୍ରେଟେରିଏଟ୍ ଅନ୍ ଇଣ୍ଡିଜେନସ୍ ଟ୍ରାଡିସନାଲ ନଲେଜ୍ ଟୁ ଦି ସିକ୍ସଥ ସେସନ ଅଫ୍ ଦି ୟୁ.ଏନ୍.ଏଫ୍.ପି.ଆଇ.ଆଇ.
- ଷ୍ଟଡି ଅନ୍ କମ୍ପ୍ଲିଆନ୍ସ ଇନ୍ ରିଲେସନ ଟୁ ଦି କଷ୍ଟମାରି ଲ ଅଫ୍ ଇଣ୍ଡିଜେନସ ଆଣ୍ଡ ଲୋକାଲ୍ କମ୍ୟୁନିଟିଜ୍, ନେସନାଲ୍ ଲ, ଆକ୍ରସ ଜୁରିସ୍‌ଡିକ୍ସନ ଆଣ୍ଡ ଇଣ୍ଟରନେସନାଲ ଲ
- ରିପୋର୍ଟ ଅଫ୍ ଦି ଇଣ୍ଟରନେସନାଲ ସେମିନାର ଅନ୍ ସିଷ୍ଟମ୍ ଫର୍ ଦି ପ୍ରୋଟେକ୍ସନ୍ ଆଣ୍ଡ କମର୍ସିଆଲାଇଜେସନ ଅଫ୍ ଟ୍ରାଡିସିନାଲ୍ ନଲେଜ
- ତୁନୋଙ୍ଗ ଏଟ୍ ବାଟାସ୍
- ଆୱାର ହାର୍ଭେଷ୍ଟ ଇନ୍ ପେରିଲ୍
- ପ୍ରମୋଟିଙ୍ଗ ଇଣ୍ଡିଜେନସ୍ ନଲେଜ ଫର୍ ଫୁଡ ସିକ୍ୟୁରିଟି
- ଇଣ୍ଡିଜେନସ୍ ପିପୁଲ୍ସ କନସର୍ନ ଅନ୍ ଦି ସି.ବି.ଡି - ପାୱାରପଏଣ୍ଟ

### ସମୟ

୩ ଘଣ୍ଟା

# କାର୍ଯ୍ୟକ୍ରମ



**ପ୍ରୟୋଗ – ୧**

ପ୍ୟାନେଲ ଆଲୋଚନା ( ୩୦ ମିନିଟ)

ପାରଂପରିକ ଆଦିମ ଅଧିବାସୀ ଜ୍ଞାନ ପାଇଁ ବିପଦ ଗୁଡିକ କଣ ଏବଂ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ଆଦିମ ଅଧିବାସୀ ମାନେ କଣ କରୁଛନ୍ତି ?

୧. ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରୁ ସାଧନ ବ୍ୟକ୍ତି ଏବଂ ବକ୍ତା ମାନଙ୍କୁ ନେଇ ଏକ ପ୍ୟାନେଲ୍ ଗଠନ କରାଯିବ ଏବଂ ସେମାନେ ପାରଂପରିକ ଆଦିମ ଅଧିବାସୀ ଜ୍ଞାନ ପାଇଁ ବିପଦ ଗୁଡିକ କଣ ଏବଂ ସେମାନଙ୍କ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ଆଦିମ ଅଧିବାସୀ ମାନେ କଣ କରୁଛନ୍ତି ତାହା ଆଲୋଚନା କରିବେ ।

୨. ନିମ୍ନ ଲିଖିତ କେସ୍‌ଷ୍ଟଡି ଗୁଡିକ ମଧ୍ୟ ଉପସ୍ଥାପନ କରାଯାଇପାରେ

୩. ତାଲିମ ସହାୟକ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ମୁଖ୍ୟ ବିପଦ ଏବଂ ସେଥିପାଇଁ ପ୍ରାବଧାନ ଗୁଡିକ ସଂପର୍କରେ ଉପସ୍ଥାପନ କରିବେ ଏବଂ ଆଲୋଚନାକୁ ପରବର୍ତ୍ତୀ ବିଷୟ ଆଡକୁ ନେବେ ।

## କେସ୍ ଷ୍ଟଡି - ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ କେତେକ ସ୍ଥାନୀୟ ଉଦ୍ୟମ

**ଗୋଷ୍ଠୀ ନୀୟମ**

ଅଂଚଳକୁ ଆସୁଥିବା ପରିଦର୍ଶକ ଏବଂ ବାହାର ଅଂଚଳର ଲୋକମାନେ କୌଳିକ ନୀୟମକୁ ପାଳନ କରିବା ଏବଂ ସ୍ଥାନୀୟ ସଂସ୍କୃତି ପ୍ରତି ସଂବେଦନଶୀଳ ରହିବା ପାଇଁ ଫିଲିପିନ୍‌ସର ସୁଙ୍ଗକୋ, ଲଣ୍ଟାପାନ, ବୁକିଡନୋନ୍‌ର ତାଲାଣ୍ଡିଗ୍ ଆଦିମ ଅଧିବାସୀ ମାନେ ଏକ ନୀୟମ କରିଛନ୍ତି । ପରିଦର୍ଶକ ମାନଙ୍କୁ ସ୍ୱାଗତ କରିବା ଏବଂ ଗୋଷ୍ଠୀ ତରଫରୁ ଗ୍ରହଣ କରାଯିବା ଉପଲକ୍ଷେ ଏକ ଉତ୍ସବ କରାଯାଇଥାଏ । ଏହା ବୟସ୍କ ଏବଂ ମହିଳା ମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ସବୁ ଅଂଶଗ୍ରହଣକାରୀ ୧ ପେସୋ ଲେଖାଏଁ ଦିଅନ୍ତି । ଚାରିଟି କୁକୁଡା ବଳୀ ଦିଆଯାଏ, ପ୍ରାର୍ଥନା ଏବଂ ଦେବତାଙ୍କ ସ୍ତୋସ୍ତ୍ର ପାଠ କରାଯାଏ । ଏହି ନୀୟମ ପାଳନ ଦ୍ୱାରା ପରିଦର୍ଶକ ମାନେ ସଂପୃକ୍ତ ଆଦିବାସୀ ଅଂଚଳରେ ନିଜର ନିରାପତ୍ତା ଏବଂ ସ୍ୱାସ୍ଥ୍ୟଗତ ଭାବେ ସୁରକ୍ଷା ପାଇଥାନ୍ତି ।

ମାଲୟେସିଆର ସାବାହ ଅଂଚଳର ଆଦିବାସୀ ମାନେ ଜୈବବିବିଧତା ଆନୁବଂଶିକ ସମ୍ବଳ କର୍ତ୍ତୃତ୍ୱ ଏବଂ ବ୍ୟବହାର ନିମନ୍ତେ କାଦନ୍‌ଦୁଶାନ୍ ମାନଙ୍କର କୌଳିକ ଆଇନ ଓ ପ୍ରଥା ହିସାବରେ ଆଦତ୍ ନାଁରେ ଏହିଭଳି ଏକ କୌଶଳ ମଧ ବ୍ୟବହାର କରିଥାନ୍ତି ।

ବିଷୟଗତ ଆଲୋଚନା ( ୨ଘଣ୍ଟା)

ଆଦିମ ଅଧିବାସୀ ପାରଂପରିକ ଜ୍ଞାନ କହିଲେ ସାଧାରଣତଃ ବୃକ୍ଷ ପ୍ରଜାତି ବା ପଶୁପକ୍ଷୀ ସଂପର୍କିତ ଜ୍ଞାନ, ପାରଂପରିକ ପ୍ରଥା ଓ ସଂସ୍କୃତି ଏବଂ ସେସବୁର ପ୍ରଚାର ପ୍ରସାରକୁ ବୁଝାଇଥାଏ । ଏଥିରେ ସାଂସ୍କୃତିକ ମୂଲ୍ୟବୋଧର ପରିପ୍ରକାଶ, ବିଶ୍ୱାସ, ପର୍ବପର୍ବାଣୀ ଏବଂ ଗୋଷ୍ଠୀଗତ ନୀୟମ ସହ ଜମି ଓ ପରିବେଶ ପରିଚାଳନା ସଂପର୍କିତ ଜ୍ଞାନ ଆଦି ରହିଛି । ଏହ ବିଶେଷ କରି ଅଲିଖିତ ଭାବରେ ପୁରୁଷ ପୁରୁଷ ଧରି ବାଚନିକ ବା ଲୋକକଥା ହିସାବରେ ଗଡିଆସିଛି ଏବଂ ସେହି ହିସାବରେ ହିଁ ପ୍ରସାରିତ ଏବଂ ସଂରକ୍ଷିତ ହୋଇଛି ।  କେତେକ ଜ୍ଞାନ ଅଧିକ ଧର୍ମଧାରଣା ସମ୍ବଳିତ ଏବଂ ଏହା ଗୁପ୍ତ ଭାବରେ ରଖାଯାଇଥାଏ । ସେଗୁଡିକ ଅଧରକ ସମ୍ବେଦନଶୀଳ ଏବଂ ଗୋଷ୍ଠୀର କେତକ ନିର୍ଦ୍ଦିଷ୍ଟ ତାହା ବ୍ୟବହାର କରିଥାନ୍ତି ।

୧ -  ଭାବନାଗତ ପାରଂପରିକ ଜ୍ଞାନ ଏବଂ ସାଂପ୍ରତିକ ମଣିଷ

ପାରଂପରିକ ଜ୍ଞାନଶବ୍ଦଟି ଯେତେବେଳେ ଏହାର  ସ୍ୱତନ୍ତ୍ର ଲୋକ, ସ୍ଥାନ ଏବଂ ଇତିହାସର ବିସ୍ତୃତ ଆଧାତ୍ମିକ, ସାମାଜିକ, ରାଜନୈତିକ ଏବଂ ଆନୁଷ୍ଠାନିକ ପରିସରରୁ ବାହାରି ଭାବନାଗତ ହିସାବରେ ରହିଯାଏ ସେତେବେଳେ ଏହା ନିଗୁଢ଼ ବୁଝାମଣାରୁ ହ୍ରାସ ପାଇ ପାରଂପରିକ ବ୍ୟବହାର ଓ ବାଜ୍ୟାପ୍ତିକରଣ କରୁଥିବା ପଦପଦବୀ ଓ କ୍ଷମତାର ସ୍ତରକୁ ଚାଲିଆସେ ।

ଆଦିମ ଅଧିବାସୀ ମାନେ କହିଆସୁଛନ୍ତି ଯେ, ପାରଂପରିକ ଜ୍ଞାନର ବିକାଶ ମାର୍ଗ ହେଉଛି ସେମାନଙ୍କ ଅଧିକାର ଗୁଡିକୁ ସ୍ୱିକୃତି ଦେବା ଏବଂ ବିକାଶ ପ୍ରକ୍ରିୟାରେ ସେମାନଙ୍କ ସଶକ୍ତିକରଣ କରିବା । ସେମାନଙ୍କୁ ପ୍ରଭାବିତ କରୁଥିବା ସମସ୍ତ ବିକାଶମୂଳକ, ସଂରକ୍ଷଣ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ପାଇଁ ଥିବା ସେମାନଙ୍କ ଅଧିକାରକୁ  ସାମିଲ କରାଯିବା ଆବଶ୍ୟକ ।

୨ – ଜ୍ଞାନର ରାଜନୀତି

ଲୋକ ବା ସେମାନଙ୍କ ସାମାଜିକ ଏବଂ ରାଜନୈତିକ ବିଷୟକୁ ଛାଡି ଜ୍ଞାନର ଅଣ – ରାଜନୀତିକରଣ ପଦ୍ଧତି ର ଭୟାବହତା ବିଷୟରେ  ଗବେଷକ ମାନେ ସତର୍କ କରାଇ ଦେଇଛନ୍ତି । ଅରୁଣ ଅଗ୍ରୱାଲ୍, ଇଣ୍ଟରନେସନାଲ୍ ସୋସିଆଲ୍ ସାଇନ୍ସ ପତ୍ରିକାରେ ନିଜ ଲେଖା ବିଭାଗୀକରଣର ରାଜନୀତିରେ ଆଦିମ ଅଧିବାସୀ ଜ୍ଞାନର ତଥ୍ୟସଂଗ୍ରହ ବ୍ୟବସ୍ଥାର ପ୍ରକ୍ରିୟାକୁ ପରୀକ୍ଷା କରିଛନ୍ତି ଏବଂ ସେଗୁଡିକର ସତ୍ୟତା, ଉପଯୋଗୀତା, କାଳ୍ପନିକତା, ସାର୍ବଜନୀନତା ଏବଂ ପ୍ରସାର ବ୍ୟବସ୍ଥାକୁ ଆଲୋଚନା କରିଛନ୍ତି ।

ସେ ଦର୍ଶାଇଛନ୍ତି ଯେ, ପାରଂପରିକ ଜ୍ଞାନ ଗୁଡିକର ନଥିକରଣ ବା ଲିଖିତକରଣ ସମୟରେ ଏହାର ସଂପୂର୍ଣ୍ଣତା, କେଉଁ ପରିସ୍ଥିତରେ ବ୍ୟବହୃତ ଏବଂ ଜ୍ଞାନର ବ୍ୟବହାରର ଦିଗ ଗୁଡିକ ବାଦ୍ ପଡିଯିବାର ଆଶଙ୍କା ରହିଛି ଯାହାକି ସଂପୃକ୍ତ ପାରଂପରିକ ଜ୍ଞାନର ପ୍ରକୃତ ଅର୍ଥ ଏବଂ ଉପଯୋଗୀତା ବୁଝିବା ପାଇଁ ଅତି ଜରୁରୀ । ଏହି ଅଭ୍ୟାସ ଆଦିମ ଅଧିବାସୀ ଜ୍ଞାନ ଗୁଡିକୁ ବୈଜ୍ଞାନିକ ପ୍ରଗତି ଓ ବିକାଶ ପାଇଁ ଉପକରଣରେ ରୁପାନ୍ତରିତ କରିଦେଉଛି ।

*ପାରଂପରିକ ଜ୍ଞାନ ଗୁଡିକର ନଥିକରଣ ଏବଂ ବୈଜ୍ଞାନିକିକରଣ ସନ୍ଦେହ ଜନକ ଏବଂ ଦୁର୍ଭାଗ୍ୟର ବିଷୟ । ପ୍ରଥମତଃ କ୍ଷମତାର ହସ୍ତାନ୍ତର ପରି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ କାର୍ଯ୍ୟ ସାଧନ ମାଧମରେ ସମ୍ବଳକୁ ବାହାରକୁ ନେଇ ଯାଉଛନ୍ତି । ଦ୍ୱିତୀୟତଃ ଆଦିମ ଅଧିବାସୀ ଜ୍ଞାନର ଉପଯୁକ୍ତ ବ୍ୟବହାର ପାଇଁ ସେମାନେ ଅଧିକ କ୍ଷମତାଶାଳୀ ଅଭିନେତା ଦେଇପାରନ୍ତି । କ୍ଷମତା ପରିବର୍ତ୍ତନରେ ବିଭିନ୍ନ ସାମାଜିକ ଗୋଷ୍ଠୀ ଗୁଡିକ ମଧରେ ସମନ୍ୱୟ ଭଳି ପ୍ରକୃତ ଉଦ୍ୟମ*

*ଅଭାବରୁ , ମୂଲ୍ୟବାନ ଜ୍ଞାନର ଅଧିକାରୀ ଥିବା ଦୁର୍ବଳ ଗୋଷ୍ଠୀ ଗୁଡିକୁ ନେଇ ଅଧ୍ୟୟନ କରାଯାଇପାରେ । ସେମାନଙ୍କର ଜ୍ଞାନ ଗୁଡିକ ଥରେ ସର୍ବସାଧାରଣ ବ୍ୟବସ୍ଥାକୁ ଆସିଗଲା ପରେ ଏହାକୁ ପ୍ୟାଟେଣ୍ଟ ଓ ବୌଦ୍ଧିକ ସଂପତ୍ତିଗତ ଅଧିକାର ଭଳି ସାଂପ୍ରତିକ ବ୍ୟବସ୍ଥା ମାଧ୍ୟମରେ ବିଶୋଧନ ଏବଂ ଘରୋଇକରଣ କରାଯାଇପାରେ । ଦାରିଦ୍ର୍ୟର ଅସଂଗତ ପରିସ୍ଥିତି ଏବଂ କ୍ଷମତା ଲଢେଇରେ ଗରିବ ଏବଂ ଦୁର୍ବଳ ଗୋଷ୍ଠୀ ଗୁଡିକ ଏହି ବାଜ୍ୟାପ୍ତିକରଣକୁ ପ୍ରତିରୋଧ କରିବାକୁ ସକ୍ଷମ ହେବେ ନାହିଁ ।*

ଆଦିମ ଅଧିବାସୀ ଜ୍ଞାନ ଗୁଡିକ ପ୍ରତି ନିମ୍ନଲିଖିତ କାରଣ ଏବଂ ବିପଦ ଗୁଡିକ ଐତିହାସିକ ଏବଂ ସେ ସମୟର ଔପନିବେଶବାଦ ଏବଂ ଆଦିମ ଅଧିବାସୀ ଓ ସେମାନଙ୍କ ପାରଂପରିକ ଜ୍ଞାନର ଶୋଷଣ । ସେଗୁଡିକ ହେଲା –

- ମାନବିକ ଅଧିକାର ନୀୟମାବଳୀର ପାଳନ ନହେବା
- ଜମି ଓ ପରିବେଶର ଧ୍ୱଂସସାଧନ
- ଔପନିବେଶିକ ଶିକ୍ଷା
- ବ୍ୟବସାୟୀକରଣ ଏବଂ ପର୍ଯ୍ୟଟନ ଦ୍ୱାରା ଅପବ୍ୟବହାର
- ଗବେଷକ ମାନଙ୍କ ଦ୍ୱାରା ବାଜ୍ୟାପ୍ତିକରଣ

ପାରଂପରିକ ଜ୍ଞାନର କ୍ଷୟସାଧନ, ଅପବ୍ୟବହାର ଏବଂ ଅସମ୍ମାନ ଅତି ସାଂଘାତିକ ଏବଂ ଏହାକୁ ଗୋଷ୍ଠୀ, ସରକାର ଏବଂ ଆନ୍ତର୍ଜାତୀୟ ସମୁଦାୟ ଆଦି ସବୁସ୍ତରରେ ନିମ୍ନ ମତେ ପ୍ରତିକାରର ଆବଶ୍ୟକତା ରହିଛି ।

- ସାଂସ୍କୃତିକ ନବୀକରଣ ଏବଂ ପୁନଃ ସତେଜକରଣ
- ଜାତୀୟ ଆଇନଗତ ସ୍ୱିକୃତି ଏବଂ ସୁରକ୍ଷା
- ଉପଯୁକ୍ତ ଆନ୍ତର୍ଜାତୀୟ ନୀୟମାବଳୀ

ଏଥିସହ ଆଧୁନିକ ତଥ୍ୟ, ଯୋଗାଯୋଗ ଏବଂ ଜୈବବିଜ୍ଞାନ ଦ୍ୱାରା ପାରଂପରିକ ଜ୍ଞାନ ପ୍ରତି ଥିବା ବିପଦ ଗୁଡିକୁ ବୁଝିବାର ଆବଶ୍ୟକତା ରହିଛି । ବିଭିନ୍ନ ଆନ୍ତର୍ଜାତୀୟ ସଂଗଠନ ଏବଂ ପ୍ରକ୍ରିୟା ଯଥା – ମାନବିକ ଅଧିକାର, ବାଣିଜ୍ୟ ( ଡବ୍ଲୁ.ଟି.ଓ ଏବଂ ଡବ୍ଲୁ.ଆଇ.ପି.ଓ), ପରିବେଶ ( ସି.ବି.ଡି )ସଂସ୍କୃତି ( ୟୁନେସ୍କୋ) ଖାଦ୍ୟ ଏବଂ କୃଷି ( ଫାଓ) ଇତ୍ୟାଦି ଭିତରେ ଥିବା ନୀତିଗତ ଯୋଗସୂତ୍ର କୁ ବୁଝିବାର ଆବଶ୍ୟକତା ରହିଛି । ଆଦିମ ଅଧିବାସୀ ଜ୍ଞାନ ସୁରକ୍ଷା ଏବଂ ବିକାଶ ପାଇଁ ନୀତିଗତ ଯୋଜନା ଓ କାର୍ଯ୍ୟକାରୀତାର ଆବଶ୍ୟକତା ମଧ୍ୟ ରହିଛି ।

### ୩ – ବିଶ୍ୱସ୍ତରୀୟ ବ୍ୟବସ୍ଥା

ଆଦିମ ଅଧିବାସୀ ମାନେ ସେମାନଙ୍କ ପାରଂପରିକ ଜ୍ଞାନର ଉପଭୋଗ ଓ ସୁରକ୍ଷା କରିବା ଅଧିକାରକୁ ଅନେକ ଆନ୍ତର୍ଜାତୀୟ ବ୍ୟବସ୍ଥାରେ ସ୍ୱିକୃତି ଦିଆଯାଇଛି । ସେଗୁଡିକ ହେଲା –

- ମାନବିକ ଅଧିକାରର ବିଶ୍ୱସ୍ତରୀୟ ଘୋଷଣାପତ୍ରର ଅନୁଚ୍ଛେଦ ୨୭
- ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରର ଆନ୍ତର୍ଜାତୀୟ ସମ୍ମେଳନ, ଅନୁଚ୍ଛେଦ ୧୫, ପାରା ୧ ( ସି)
- ନାଗରୀକ ଏବଂ ରାଜନୈତିକ ଅଧିକାର ସଂପର୍କିତ ଆନ୍ତର୍ଜାତୀୟ ସମ୍ମେଳନ, ଅନୁଚ୍ଛେଦ ୨୭

- ଜୈବବିବିଧତା ସମ୍ମିଳନୀ ଅନୁଚ୍ଛେଦ ୮ (ଜେ)
- ଖାଦ୍ୟ ଓ କୃଷି ପାଇଁ ବୃକ୍ଷ ଆନୁବଂଶିକ ସମ୍ବଳ ଆନ୍ତର୍ଜାତୀୟ ଚୁକ୍ତି
- ସ୍ୱାଧିନ ଦେଶ ଗୁଡିକରେ ଆଦିମ ଅଧିବାସୀ ଏବଂ ଆଦିବାସୀଙ୍କ ସଂପର୍କିତ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ସମ୍ମିଳନୀ ନଂ ୧୬୯, ଅନୁଚ୍ଛେଦ ୧୩, ୧୫ ଓ ୨୩
- ଲିଖନ ଏବଂ କଳା କାର୍ଯ୍ୟ ଗୁଡିକର ସୁରକ୍ଷା ପାଇଁ ବେର୍ଣ୍ଣେ ସମ୍ମିଳନୀ – ୧୯୭୯ର ସଂଶୋଧନ ଅନୁସାରେ
- ବୌଦ୍ଧିକ ସଂପତ୍ତିଗତ ଅଧିକାର ସଂପର୍କିତ ବାଣିଜ୍ୟ ବ୍ୟବସ୍ଥାର ରାଜିନାମା
- ସାଂଘାତିକ ମରୁଡି ଓ ମରୁଭୂମୀକରଣର ସାମ୍ନା କରୁଥିବା ରାଷ୍ଟ୍ର ଗୁଡିକ ବିଶେଷକରି ଆଫ୍ରିକା ଭଳି ଦେଶ ଗୁଡିକରେ ମରୁଭୂମୀକରଣ ପ୍ରତିରୋଧ ପାଇଁ ଜାତିସଂଘ ସମ୍ମିଳନୀର ଅନୁଚ୍ଛେଦ - ୩
- ବେନୀୟମ ନିର୍ଦ୍ଦେଶ ମୂଳକ ବକ୍ତବ୍ୟର ପାରା ୧୨ ( ଡି)
- ସମସ୍ତ ପ୍ରକାର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପାଇଁ ବିଶ୍ୱସ୍ତରୀୟ ସଚେତନତା ନୀତି
- ଏଜେଣ୍ଡା ୨୧ ର ପାରା ୨୬.୧
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପାରଂପରିକ ଔଷଧ କୌଶଳ ୨୦୦୨ - ୨୦୦୩
- ପରିବେଶ ଓ ବିକାଶ ସଂପର୍କିତ ରିଓ ଘୋଷଣାପତ୍ରର ଧାରା ୨୨
- ଆଦିମ ଅଧରବାସୀ ମାନଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ଅନୁଚ୍ଛେଦ ୧୧ ଓ ୩୧

ଉପର ଲିଖିତ ନୀୟମ ଓ ଆନ୍ତର୍ଜାତୀୟ ପ୍ରାବଧାନ ଗୁଡିକ ବ୍ୟତିତ ସୁରକ୍ଷା ନିମନ୍ତେ ଅନେକ ଆଂଚଳିକ ବ୍ୟବସ୍ଥା ମଧ ରହିଛି । ସେଗୁଡିକ ହେଲା –

- ଆମରିକୀୟ ରାଷ୍ଟ୍ର ସଂଗଠନର ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଆମେରିକା ଚିଠା ଘୋଷଣାପତ୍ର
- ଆଫ୍ରିକୀୟ ବୌଦ୍ଧିକ ସଂପତ୍ତିଗତ ସଂଗଠନ ସଂପର୍କିତ ବାଙ୍ଗୁଇ ରାଜିନାମା
- ବିକାଶଶୀଳ ଦେଶ ଗୁଡିକ ପାଇଁ ସତ୍ତ୍ୱାଧିକାର ସଂପର୍କିତ ଟୁନିସ୍ ମଡେଲ୍ ନୀୟମାବଳୀ
- ଲୋକକଥା ଗୁଡିକର ଅବୈଧ ଶୋଷଣ ଏବଂ ଅନ୍ୟାନ୍ୟ ପକ୍ଷପାତ କାର୍ଯ୍ୟରୁ ସୁରକ୍ଷା ନିମନ୍ତେ ଜାତୀୟ ନୀୟମ ପାଇଁ ଉନ୍ନତ ବ୍ୟବସ୍ଥା ଗୁଡିକ ।
- ମାତ୍ତାଟୁଆ ଘୋଷଣାପତ୍ର
- କାରି – ଓକା ଘୋଷଣାପତ୍ର

ଆଦିମ ଅଧିବାସୀ ପାରଂପରିକ ଜ୍ଞାନ ସଂପର୍କିତ ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ  ଜାତୀୟ ସ୍ତରରେ ଅନେକ ନୀତି ନୀୟମ ଏବଂ ଆଇନ ରହିଛି । ପାରଂପରିକ ସାଂସ୍କୃତିକ ଅଭ୍ୟାସ ସଂପର୍କରେ ବିସ୍ତୃତ ଆଇନଗତ ତାଲିକା ବିଶ୍ୱ ବୌଦ୍ଧିକ ସଂପତ୍ତି ସଂଗଠନ ( ୱିପୋ )ର ୱେବ୍‌ସାଇଟ୍‌ରୁ ମିଳିପାରିବ । ଅନେକ କ୍ଷେତ୍ରରେ ଉପଯୋଗୀ ଜମି ଓ ଐତିହ୍ୟ ସଂପର୍କିତ ଆଦିମ ଅଧିବାସୀଙ୍କ ଅଧିକାରକୁ ଭିତ୍ତି ହିସାବରେ ଗ୍ରହଣକରି ଆଦିମ ଅଧରବାସୀ କୌଳିକ ଆଇନକୁ  ଘରୋଇ ନୀୟମ ଗୁଡିକ ସ୍ୱିକୃତି ପ୍ରଦାନ କରିଛନ୍ତି ।

## ୪ – ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା

**ସାଧାରଣ ମାନବ ଅଧିକାର ସୁରକ୍ଷା ଏବଂ ସ୍ୱତନ୍ତ୍ର ଆଦିମ ଅଧିବାସୀ ଅଧିକାର ସମୂହ**

ଆନ୍ତର୍ଜାତୀୟ ଦଲିଲ ଗୁଡିକରେ ବିଭିନ୍ନ ସ୍ତରର ସୁରକ୍ଷାର ବ୍ୟବସ୍ଥା ରହିଛି । ସେଗୁଡିକ ମୁଖ୍ୟତଃ ମାନବିକ ଅଧିକାର ଆଇନ ଦୃଷ୍ଟିକୋଣରୁ ସୁରକ୍ଷା କିମ୍ବା ସ୍ୱତନ୍ତ୍ରଭାବେ ଆଦିମ ଅଧିବାସୀ ପାରଂପରିକ ଜ୍ଞାନର ସୁରକ୍ଷା ବ୍ୟବସ୍ଥା ରହିଛି ।

ଆଦିମ ଅଧିବାସୀ ପାରଂପରିକ ଜ୍ଞାନ ସଂପର୍କିତ ମାନବିକ ଅଧିକାର ଆଧାରିତ ସୁରକ୍ଷାର ଉଦାହରଣ ମାନବିକ ଅଧିକାରର ବିଶ୍ୱ ଘୋଷଣାପତ୍ରର ଅନୁଚ୍ଛେଦ ୨୭ ପାରା ୨ ରେ ରହିଛି । ସେଥିରେ ଦର୍ଶାଯାଇଛି ଯେ, ଯେ ନିଜେ ସୃଷ୍ଟି କରିଥିବା ଯେ କୌଣସି ବୈଜ୍ଞାନିକ, ସାହିତ୍ୟ ବା ଚିତ୍ରକଳାର ନୈତିକ ଓ ବସ୍ତୁଗତ ସ୍ୱାର୍ଥକୁ ସୁରକ୍ଷା ଦେବାର ଅଧିକାର ପ୍ରତ୍ୟେକଙ୍କର ରହିଛି । ଯଦିଓ ଏହି ବ୍ୟବସ୍ଥା ଦ୍ୱାରା ପ୍ରଦତ୍ତ ସୁରକ୍ଷା ସୀମିତ । ଏଥିରେ ଉଲ୍ଲିଖିତ ଲେଖକ ଶବ୍ଦଟିର ସମସ୍ୟାକୁ ବିଚାର କରାଯାଇପାରେ, ଯାହା ସାଧାରଣ ଭାବେ ବୁଝାଇଥାଏ ଯେ, ଏହା ବ୍ୟକ୍ତି କୈନ୍ଦ୍ରିକ ଏବଂ ଗୋଷ୍ଠୀଗତ ବା ସାମୁହିକ ମାଲିକାନା ଏଥିରୁ ବୁଝାପଡେ ନାହିଁ ।

ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ସଂପର୍କିତ ଆନ୍ତର୍ଜାତୀୟ ସମ୍ମେଳନର ଅନୁଚ୍ଛେଦ ୧୫ ପାରା ୧ ରେ ଆଉ ଏକ ବିଷୟ ଉଲ୍ଲେଖ ରହିଛି ଯେ, ପ୍ରତ୍ୟେକଙ୍କର ସାଂସ୍କୃତିକ ଜୀବନରେ ଭାଗନେବାର ଅଧିକାର ରହିଛି ।

ଆଦିମ ଅଧିବାସୀ ମାନଙ୍କ ପାରଂପରିକ ଜ୍ଞାନ ସଂପର୍କିତ ଅଧିକ ସ୍ୱତନ୍ତ୍ର ବ୍ୟବସ୍ଥାର ଉଦାହରଣ ସି.ବି.ଡି ର ଅନୁଚ୍ଛେଦ ୮ (ଜେ)ରେ ରହିଛି । ଅନୁଚ୍ଛେଦ ୮ (ଜେ) ଅନୁଯାୟୀ, ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ନିମନ୍ତେ ଉପଯୋଗୀ ପାରଂପରିକ ଜୀବନଶୈଳୀର କୁ ସୂଚାଉଥିବା, ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ଗୁଡିକର ଜ୍ଞାନ, ସୃଜନ ଏବଂ ଅଭ୍ୟାସ ଗୁଡିକୁ ସମ୍ମାନ ଦେବା, ସଂରକ୍ଷିତ କରିବା ଏବଂ ପରିଚାଳନା କରିବାକୁ ପକ୍ଷ ଗୁଡିକୁ ପରାମର୍ଶ ଦିଆଯାଇଛି । ଯେହେତୁ ଅନୁଚ୍ଛେଦ ୮ (ଜେ) ସିଧାସଳଖ ଆଦିମ ଅଧିବାସୀ ପାରଂପରିକ ଜ୍ଞାନକୁ ଦର୍ଶାଉଛି ଏବଂ ପାରଂପରିକ ଜ୍ଞାନ ଯେଉଁଠି ଜୈବବିବିଧତାର ସଂରକ୍ଷଣ ନିମନ୍ତେ ଉପଯୋଗୀ ହୋଇଥିବ ସେହି ଅବସ୍ଥାକୁ ଦର୍ଶାଉଛି, ତେଣୁ ଏହା ସାମୁଦାୟିକ ଭାବେ ଆଦିମ ଅଧିବାସୀ ମାନଙ୍କ ପାରଂପରିକ ଜ୍ଞାନର ସୁରକ୍ଷା ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇନାହିଁ ବୋଲି ବୁଝାପଡେ ।

ଆଦିମ ଅଧିବାସୀ ପାରଂପରିକ ଜ୍ଞାନର ସୁରକ୍ଷା ସଂପର୍କରେ ଆଦିମ ଅଧିବାସୀଙ୍କ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର ( ୟୁ.ଏନ୍.ଡି.ଆର୍.ଆଇ.ପି)ରେ ଅଧିକ ସ୍ପଷ୍ଟଭାବେ ପ୍ରାବଧାନ ରହିଛି । ଆଦିମ ଅଧିବାସୀ ପାରଂପରିକ ଜ୍ଞାନର ସୁରକ୍ଷା ସଂପର୍କରେ ୟୁ.ଏନ୍.ଡି.ଆର୍.ଆଇ.ପି ଅତି ଦୃଢ ଭାବେ ନିର୍ଦ୍ଦେଶ ଦେଇଛି ।ଏହି ଘୋଷଣାପତ୍ରର ଅନୁଚ୍ଛେଦ ୩୧, ପାରା ୨ ରେ ନିମ୍ନମତେ ଦର୍ଶାଯାଇଛି –

> ଆଦିମ ଅଧିବାସୀ ମାନଙ୍କର ନିଜ ସାଂସ୍କୃତିକ ଐତିହ୍ୟ, ପାରଂପରିକ ଜ୍ଞାନ ଏବଂ ପାରଂପରିକ ସାଂସ୍କତିକ ଅଭ୍ୟାସ, ମାନବ ଏବଂ ଆନୁବଂଶିକ ସମ୍ବଳ, ବିହନ, ଔଷଧ, ଗଛଲତା ସଂପର୍କିତ ଜ୍ଞାନ, କିମ୍ବଦନ୍ତୀ, ସାହିତ୍ୟ, କାରିଗରୀ, କ୍ରିଡା ଓ ପାରଂପରିକ ଖେଳ, ଚିତ୍ରକଳା ଆଦିର ପରିଚାଳନା, ନିୟନ୍ତ୍ରଣ, ସୁରକ୍ଷା ଏବଂ ବିକାଶ କରିବାର ଅଧିକାର ରହିଛି । ଏହିସବୁ ସାଂସ୍କୃତିକ ଐତିହ୍ୟ, ପାରଂପରିକ ଜ୍ଞାନ ଏବଂ ପାରଂପରିକ ସାଂସ୍କତିକ ଅଭ୍ୟାସ ଗୁଡିକ ଉପରେ ପରିଚାଳନା, ନିୟନ୍ତ୍ରଣ, ସୁରକ୍ଷା ଏବଂ ବୌଦ୍ଧିକ ସଂପତ୍ତି ବିକାଶର ଅଧିକାର ରହିଛି ।

ବିଶେଷକରି ଅନୁଚ୍ଛେଦ ୩୧ର ପାରା ୨ ରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଏହିସବୁ ଅଧିକାର ଗୁଡିକର ପ୍ରୟୋଗର ସ୍ୱିକୃତି ଏବଂ ସୁରକ୍ଷା ପାଇଁ ରାଷ୍ଟ୍ର ଗୁଡିକ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ । ଘୋଷଣାପତ୍ରର ଅନୁଚ୍ଛେଦ ୧୧ରେ ସାଂସ୍କୃତିକ ପରଂପରାର ବ୍ୟବହାର ଏବଂ ସତେଜକରଣର ଅଧିକାରକୁ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ର ଗୁଡିକ ଆଦିମ ଅଧିବାସୀ, ସାଂସ୍କୃତିକ, ବୌଦ୍ଧିକ, ଧାର୍ମିକ ଏବଂ ଆଧାତ୍ମିକ ସଂପତ୍ତି ଗୁଡିକୁ ସେମାନଙ୍କ ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି ବିନା ନିଆଯିବା କିମ୍ବା ସେମାନଙ୍କ ନୀୟମ, ପରଂପରା ଓ ପ୍ରଥାକୁ କ୍ଷତି ପହଞ୍ଚାଇବା ଆଦି ଅବୈଧ କାର୍ଯ୍ୟ ରୋକିବା ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରିବେ । ଘୋଷଣାପତ୍ରର ପ୍ରସ୍ତାବନାରେ ମଧ ଆଦିମ ଅଧିବାସୀ ପାରଂପରିକ ଜ୍ଞାନକୁ ସୁରକ୍ଷା ଦେବାନିମନ୍ତେ ସ୍ୱିକୃତି ଦେଇଛି । ଏଥିରେ ଦର୍ଶାଯାଇଛି ଯେ, ପରିବେଶର ସ୍ଥାୟୀ ଏବଂ ସମ ବିକାଶ ଏବଂ ଉପଯୁକ୍ତ ପରିଚାଳନା ରେ ସହାୟତା କରୁଥିବା ଆଦିମ ଅଧିବାସୀ ଜ୍ଞାନ, ସଂସ୍କୃତି, ପାରଂପରିକ ପ୍ରଥା ଗୁଡିକୁ ସମ୍ମାନ ଦିଆଯାଉଛି ।

## ବିସ୍ତୃତ ଏବଂ ସଂକୀର୍ଣ୍ଣ ସୁରକ୍ଷା – ଆଦିମ ଅଧିବାସୀ ଅଧିକାର ଏବଂ ବୌଦ୍ଧିକ ସଂପତ୍ତିଗତ ଅଧିକାର ।

ଆନ୍ତର୍ଜାତୀୟ, ଆଂଚଳିକ ଏବଂ ଜାତୀୟ ଦଲିଲ ଗୁଡିକ ଆଦିମ ଅଧିବାସୀ ପାରଂପରିକ ଜ୍ଞାନକୁ  କିଛି ମାତ୍ରାରେ ସୁରକ୍ଷା ଦେଉଥିଲେ ମଧ ସେଗୁଡିକ ବିସ୍ତୃତ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ।

ବର୍ତ୍ତମାନ ଅନେକ ଜାତିସଂଘ ସଂସ୍ଥା ଏବଂ ଆନ୍ତର୍ଜାତୀୟ ସଂଗଠନ ଏହି ସ୍ୱଳ୍ପ ସୁରକ୍ଷାର ପ୍ରତିକାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।  ସେଥିମଧ୍ୟରେ ୱିପୋ, ଜାତିସଂଘ ବିକାଶ କାର୍ଯ୍ୟକ୍ରମ ( ୟୁ.ଏନ୍.ଡି.ପି), ବାଣିଜ୍ୟ ଏବଂ ବିକାଶ ସଂପର୍କିତ ଜାତିସଂଘ ସମ୍ମିଳନୀ (ୟୁ.ଏନ୍.ସି.ଟି.ଏ.ଡି), ଖାଦ୍ୟ ଓ କୃଷି ସଂଗଠନ ( ଫାଓ), ସି.ବି.ଡି.ର ପକ୍ଷ ମାନଙ୍କ ସମ୍ମିଳନୀ ଏବଂ ଜାତିସଂଘ, ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ ( ୟୁନେସ୍କୋ ) ଅନ୍ୟତମ ।

ବିଶ୍ୱ ବୌଦ୍ଧିକ ସଂପତ୍ତି ସଂଗଠନ ଆଦିମ ଅଧିବାସୀ ପାରଂପରିକ ଜ୍ଞାନୁ ସ୍ୱିକୃତି ଦେବା ଏବଂ ସେଗୁଡିକୁ ଅବୈଧ ବ୍ୟବହାର ଏବଂ ଅପବ୍ୟବହାର ରୁ ସୁରକ୍ଷା ଦେବା ନିମନ୍ତେ ଅଗ୍ରଣୀ ଭୂମିକା ନିର୍ବାହ କରିଛି । ତେବେ ୱିପୋର ପୂର୍ବଖ୍ୟାତ ଭୂମିକା ଦର୍ଶାଉଛି ଯେ, ବୌଦ୍ଧିକ ସଂପତ୍ତି ଆଇନ ବ୍ୟବସ୍ଥା ମଧରେ ଆନ୍ତର୍ଜାତୀୟ ବିତର୍କ ହୋଇଛି ।

ଆନ୍ତର୍ଜାତୀୟ ବୌଦ୍ଧିକ ସଂପତ୍ତି ଆଇନ ସାହିତ୍ୟ, ସଂଗୀତ ନୃତ୍ୟ ଓ କଳା ପରି କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟର ସୃଷ୍ଟିକର୍ତ୍ତାଙ୍କୁ ସୁରକ୍ଷା ପ୍ରଦାନ କରିଥାଏ । ଯଦିଓ ଏହା ସାମୟିକ ବାହୁଲ୍ୟ ମାତ୍ର, ଆନ୍ତର୍ଜାତୀୟ ବୌଦ୍ଧିକ ସଂପତ୍ତି ଆଇନ ଆଦିବାସୀ ଅଧରକାର ଏବଂ ସ୍ୱାର୍ଥ ଗୁଡିକୁ ସୁରକ୍ଷା ଦେବାରେ ବିଫଳ ହୋଇଛି । କାରଣ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀରେ ତିଆରି ହୋଇଥିବା ଆନ୍ତର୍ଜାତୀୟ ବୌଦ୍ଧିକ ସଂପତ୍ତି ଆଇନ ଗୋଷ୍ଠୀଗତ ପୁରୁଷାନୁକ୍ରମିକ ଜ୍ଞାନ ଅପେକ୍ଷା ବ୍ୟକ୍ତିଗତ ଜ୍ଞାନ ଏବଂ ସୃଜନଶୀଳତାକୁ ଅଧିକ ପ୍ରାଧାନ୍ୟ ଦେଉଛି । ଆଦିମ ଅଧିବାସୀ ଜ୍ଞାନ, ଯାହା ଏକ ସ୍ୱତନ୍ତ୍ର ପ୍ରକାରର ଜ୍ଞାନ , ଏହାକୁ ବୌଦ୍ଧିକ ସଂପତ୍ତି ଆଇନରେ ରଖିବାକୁ ଆଇନର ପରିବର୍ତ୍ତନ ଆଣିବା ଚେଷ୍ଟା ଏହି ଢଗଟିରୁ ବୁଝାପଡିବ – "ତୁମେ ଗୋଲ ପାତ୍ରଟି କେବେହେଲେ ଚାରିକୋଣିଆ ଗାତରେ ପୁରାଇ ପାରିବ ନାହିଁ ।"  ଜଣେ ଯେତେ ଚଷ୍ଟୋ କଲେ ମଧ ଏହା କେବେ ସେଥିରେ ମେଳ ଖାଇବ ନାହିଁ । ତେଣୁ ଏହା ପାଇଁ ଏକ ନୂଆ ପ୍ରଥାନୁକୁଳ ପଦ୍ଧତି ଆବଶ୍ୟକ ।

ବୌଦ୍ଧିକ ସଂପତ୍ତିଗତ ଆଇନ୍‌ର ସାଂପ୍ରତିକ ବିତର୍କ ଦ୍ୱାରା ଦୃଷ୍ଟିଆକର୍ଷଣ କରିଥିବା କଥାକୁ ଛାଡିଦେଲେ, ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ହେଉଥିବା ଉଦ୍ୟମ ଅତି ସ୍ୱଳ୍ପ ଏବଂ ସୀମିତ । ଜୈବବିବିଧତାର ସଂରକ୍ଷଣ ବା ଜ୍ଞାନର ସଂରକ୍ଷଣ ବୌଦ୍ଧିକ ସଂପତ୍ତିଗତ ଆଇନ୍‌ର ଉଦ୍ଦେଶ୍ୟ ନୁହେଁ, ବରଂ ସ୍ୱତନ୍ତ୍ର ତଥ୍ୟକୁ ନେଇ ତାର ଚାରିପଟେ ଏକ ବଜାରବ୍ୟବସ୍ଥା ସୃଷ୍ଟି କରିବା, ଏହାକୁ ଚିହ୍ନଟ କରିବା ଏବଂ ସୁରକ୍ଷିତ ତଥ୍ୟକୁ ଅଲଗା ରଖିବା ।

ପାରଂପରିକ ଜ୍ଞାନ ପ୍ରକୃତିଗତ ଭାବେ ଅତି ପବିତ୍ର ହୋଇଥିବାରୁ ଏବଂ ଏକ ନିର୍ଦ୍ଦିଷ୍ଟ ପରିବେଶ ସହ ସଂପର୍କିତ ଥିବାରୁ ଏହାର ସୁରକ୍ଷା କରିବାକୁ ହେଲେ ସମୁଦାୟ ବ୍ୟବସ୍ଥାର ସୁରକ୍ଷା ଆବଶ୍ୟକ । ପାରଂପରିକ ଜ୍ଞାନର ସୁରକ୍ଷା ନିମନ୍ତେ ବୌଦ୍ଧିକ ସଂପତ୍ତି ନୀୟମାବଳୀ ପାଳନ କରିବା ପରିବର୍ତ୍ତେ ଦେଶ ଗୁଡ଼ିକ ଆଦିମ ଅଧିବାସୀ ଅଧିକାର ଗୁଡ଼ିକୁ ପାଳନ ଏବଂ କାର୍ଯ୍ୟକ୍ଷମ କରିବା ଆବଶ୍ୟକ ।

ପାରଂପରିକ ଜ୍ଞାନର ସୁରକ୍ଷା ଏକ ସୀମିତି ସୁରକ୍ଷା ନୁହେଁ ବରଂ ଏକ ସକାରାତ୍ମକ ଏବଂ ବିସ୍ତୃତ ପଦ୍ଧତି । ଏହାର ଅର୍ଥ ହେଲା –

- ଅପବ୍ୟବହାର ଏବଂ ଅବୈଧ ବ୍ୟବହାରରୁ ସୁରକ୍ଷା, ସଂରକ୍ଷଣ ଏବଂ ନବୀକରଣ
- ବାହ୍ୟ ବିପଦରୁ ଜମି ଏବଂ ସମ୍ବଳକୁ ନିରାପଦ ରଖିବା
- ଜୀବିକା ସୁରକ୍ଷାର ପରିଚାଳନା
- ଆଦିମ ଅଧିବାସୀ ଭାଷାର ବ୍ୟବହାର
- ସାଂସ୍କୃତିକ ଗ୍ରହଣୀୟତା ଏବ ଆନ୍ତଃ ସାଂସ୍କୃତିକ ସହେଯାଗ ମାଧମରେ ପୁନଃସତେଜକରଣ
- ଆଦିମ ଅଧିବାସୀ ଅଧିକାର ସଂପର୍କିତ ଆନ୍ତର୍ଜାତୀୟ, ଜାତୀୟ ଏବଂ ସ୍ଥାନୀୟ ବ୍ୟବସ୍ଥାଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ନୀତିଗତ ଓକିଲାତି କରିବା

## ସୁରକ୍ଷା ଏବଂ ଉନ୍ନତୀ ର ଅର୍ଥ

ୟୁନେସ୍କୋର ଶବ୍ଦାଭିଧାନ ଅନୁସାରେ ସୁରକ୍ଷା ହେଉଛି, ସଂରକ୍ଷଣ, ସୁରକ୍ଷିତ ଏବଂ ବୃଦ୍ଧି ପାଇଁ ଗ୍ରହଣ କରାଯାଉଥିବା ବ୍ୟବସ୍ଥା । ତେଣୁ ଏହି ଶବ୍ଦଟିକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇଛି ଯଥା – ବିଶ୍ୱ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ସମ୍ମିଳନୀ ( ୧୯୭୨ ) । ଅସ୍ଥାବର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ସମ୍ମିଳନୀ ( ୨୦୦୩) । ଏହି ପରିପ୍ରେକ୍ଷୀରେ ସୁରକ୍ଷା ଶବ୍ଦର ଅନ୍ତର୍ନିହିତ ଉଦ୍ଦେଶ୍ୟ କୌଣସି ବ୍ୟବସାୟିକ ମନୋଭାବକୁ ସୂଚୀତ କରୁନାହିଁ । ଅପବ୍ୟବହାରକୁ ରୋକିବା ଏବଂ ବୌଦ୍ଧିକ ସଂପତ୍ତି ଅଧିକାରକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ।

ତେବେ ଉନ୍ନତୀ ବା ପ୍ରମୋସନ ଶବ୍ଦଟିକୁ ବ୍ୟବହାର କଲେ ବୁଝା ପଡୁଛି ଯେ, ଜଗତିକରଣର ଦୃତ ବିସ୍ତାର ଯୋଗୁଁ ବିପଦଗ୍ରସ୍ତ ହେଉଥିବା ସାଂସ୍କୃତିକ ପ୍ରକାଶକୁ ଜୀବନ୍ତ ରଖିବାର ଆବଶ୍ୟକତା । ଉନ୍ନତୀ ଶବ୍ଦ ସାଂସ୍କୃତିକ ପ୍ରକାଶର ଚିରସ୍ଥାୟୀ ପୁନରୁତ୍ଥାନ କରାଯିବା ଯେମିତିକି ସେଗୁଡ଼ିକ ଯାଦୁଘର ଭିତରେ ସୀମିତ ହୋଇ ରହିବେ ନାହିଁ । ଏହାଛଡା ଏହାକୁ ଯୁଗ୍ମ ହିସାବରେ ସୁରକ୍ଷା ଏବଂ ଉନ୍ନତୀ ଭାବରେ ଅଭିନ୍ନ ଏବଂ ବିସ୍ତୃତ ହିସାବରେ ବ୍ୟବହାର କରାଯାଇଥାଏ ।


## ୫ – ପାରଂପରିକ ଜ୍ଞାନର ସୁରକ୍ଷା ର ସ୍ତର ଏବଂ ସଂପର୍କ

### ମୂଲ୍ୟବୋଧ ଏବଂ ସୁରକ୍ଷା ବ୍ୟବସ୍ଥାର ଶ୍ରେଣୀବଦ୍ଧତା

ସଂପତ୍ତିଗତ ଅଧିକାର ନୀୟମାବଳୀ ଗୁଡ଼ିକ ମାନବିକ ଅଧିକାର ଏବଂ ଆଦିମ ଅଧିବାସୀ ଅଧିକାର ନୀତି ପ୍ରତି ବିଶେଷଭାବେ ସହାୟକ ଥିବାବେଳେ ସେଗୁଡ଼ିକ ବିକାଶ ପ୍ରକ୍ରିୟାରେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ବୌଦ୍ଧିକ ସଂପତ୍ତିଗତ ନିତି ଏବଂ ଆଇନ ସେହିସବୁ ନୀତି ଗୁଡ଼ିକ ପ୍ରତି ଯେପରି କୌଣସି ପକ୍ଷପାନ ନକରିବ ତାହା ସୁନିଶ୍ଚିତ କରିବା ଆବଶ୍ୟକ ।

ସାଂପ୍ରତିକ ବୌଦ୍ଧିକ ସଂପତ୍ତିଗତ ଆଇନରେ ସାଧାରଣ ପରିବର୍ତ୍ତନ ପାରଂପରିକ ଜ୍ଞାନ, ସମ୍ବଳର ସୁରକ୍ଷା ବା ସର୍ବୋତ୍ତମ ନୀତି ପ୍ରସ୍ତୁତିରେ କୌଣସି ସହାୟକ ହେବ ନାହିଁ ।

ଗୋଟିଏ ହେଲା ଆନ୍ତର୍ଜାତୀୟ ମାନବିକ ଅଧିକାର, ସାଂସ୍କୃତିକ ଅଧିକାର ଏବଂ ଆଦିମ ଅଧିବାସୀ ଅଧିକାର ନୀୟମାବଳୀ ( ମାନବିକ ଅଧିକାର କମିଶନ, ୟୁନେସ୍କୋ ଆଦି ) ଏବଂ ଅନ୍ୟଟି ହେଲା ପାରଂପରିକ ଜ୍ଞାନ ଓ ସ୍ବାସ୍ଥ୍ୟ ବିକାଶ ପାଇଁ ପାରଂପରିକ ସମ୍ବଳର ବିସ୍ତୃତ ବିତରଣ ଏବଂ ବ୍ୟବହାର ନିମନ୍ତେ କରାଯାଇଥିବା ନୀୟମାବଳୀ ( ସି.ବି.ଡି, ଡବ୍ଲୁ.ଟି.ଓ, ଓ୍ୱିପୋ ଇତ୍ୟାଦି ) ଏହି ଦୁଇଟି ନୀୟମାବଳୀର ମିଶ୍ରଣ ହେବାର ରାସ୍ତା ନିର୍ଣ୍ଣୟ କରାଯିବା ଆବଶ୍ୟକ ।




## ୬ – କୌଳିକ ନୀୟମ, ଜାତୀୟ ବିଧେୟକ ଏବଂ ଆନ୍ତର୍ଜାତୀୟ ସ୍ତର ମଧ୍ୟରେ ଆନ୍ତଃସମ୍ପର୍କ

**କେସ୍‌ଷ୍ଟଡି - ପାରଂପରିକ ଜ୍ଞାନର ସୁରକ୍ଷା ଏବଂ ଉନ୍ନତୀ – ସ୍ଥାନୀୟ ଗୋଷ୍ଠୀରୁ ଆନ୍ତର୍ଜାତୀୟ ଦୃଶ୍ୟପଟ୍ଟକୁ ଯାତ୍ରା**

ଫିଲିପିନ୍‌ସର କୋର୍ଡିଲେରା ଅଂଚଳରେ ୧୦ଲକ୍ଷରୁ ଅଧିକ ଲୋକ ବସବାସ କରନ୍ତି । ଏହା ଏକ ଜନବହୁଳ ପାର୍ବତ୍ୟାଞ୍ଚଳ । ଏହି ଅଂଚଳରେ ୧୦ ବିଭିନ୍ନ ଆଦିମ ଅଧିବାସୀ ବା ଆଦିମ ଭାଷା ଗୋଷ୍ଠୀର ଲୋକ ଏଠାରେ ରହନ୍ତି । ଅଧିକାଂଶ ଲୋକ ସୋପାନ ପ୍ରଣାଳୀ ଧାନଚାଷ ସହ ପାରିବାରିକ ଜଙ୍ଗଲ, ଗୋଷ୍ଠୀ ଜଙ୍ଗଲ, ସ୍ୱିଡେନ ପ୍ରଣାଳୀ ଚାଷ, ହସ୍ତଶିଳ୍ପ ଏବଂ ଶିକାର ଆଦିରେ ଜୀବିକା ନିର୍ବାହ କରିଥାନ୍ତି ।

କୋର୍ଡିଲେରା ଅଂଚଳର ଧାନଚାଷ ଜମିଗୁଡିକ ଅତି ଉତ୍ପାଦନ କ୍ଷମ କାରଣ ସେଗୁଡିକ ସମୁଦ୍ରପତ୍ତନ ଠାରୁ ୧୫୦୦ ମିଟର ଉଚ୍ଚତା ଏବଂ ୭୦ ଡିଗ୍ରି ପର୍ଯ୍ୟନ୍ତ ତୀଖ ଢାଲୁ ଅଂଚଳରେ ଅବସ୍ଥିତ । ବନ୍ଧ, ମୁହାଣ, ପାଣି ମାହାରା ଏବଂ ବାଉଁଶ ନଳ ଆଦି ବ୍ୟବସ୍ଥାରେ  ଜମି ଗୁଡିକୁ ପର୍ଯ୍ୟାପ୍ତ ପାଣି ମିଳିଥାଏ । ଏଠାରେ ହେଉଥିବା ବିଶ୍ୱ ପ୍ରସିଦ୍ଧ ଇଫୁଗାଓ ସୋପାନ ପ୍ରଣାଳୀ ଧାନଚାଷ ପ୍ରାୟ ୨୦୦୦ ବର୍ଷ ତଳର ପୁରୁଣା,  ଏହି ପ୍ରଣାଳୀ ଏବେସୁଦ୍ଧା ଚାଲୁ ରହିଛି ଏବଂ ଇଫୁଗାଓ ଚାଷୀମାନେ ଏହାକୁ ବଂଚାଇ ରଖିଛନ୍ତି ।

୧୯୭୩ ମସିହାରେ ତତ୍କାଳିନ ରାଷ୍ଟ୍ରପତି ମାର୍କୋସ ଅଧ୍ୟାଦେଶ ବଳରେ ବାନାଉଏ ସୋପାନ କ୍ଷେତ ଗୁଡ଼ିକୁ ଜାତୀୟ ସ୍ମାରକୀ ହିସାବରେ ଘୋଷଣା କରିଥିଲେ । ୧୯୯୫ ମସିହାରେ ଇଫୁଗାଓର ୫ଟି ସୋପାନ ଚାଷ ଅଂଚଳ ୟୁନେସ୍କୋର ବିଶ୍ୱ ଐତିହ୍ୟ ତାଲିକାରେ "ଜୀବନ୍ତ ସାଂସ୍କୃତିକ ଦୃଶ୍ୟପଟ୍ଟ" ହିସାବରେ ସ୍ଥାନ ପାଇଲା ( ମୟୋୟାଓ, ହୁଙ୍ଗଦୁଆନ୍, କିଆଙ୍ଗାନ୍, ବନାଉଏ ) । ୧୯୯୬ ମସିହାରେ ଆମେରିକାନ୍ ସୋସାଇଟି ଅଫ୍ ସିଭିଲ୍ ଇଞ୍ଜିନିୟର୍ସ ଏହି ସୋପାନ ଧାନଚାଷକୁ ମୃତ୍ତିକା ଓ ଜଳ ସଂରକ୍ଷଣ କୌଶଳର ବିଶ୍ୱର ଏକ ସର୍ବୋତ୍କୃଷ୍ଟ ଉଦାହରଣ ଭାବେ ବିବେଚନା କରାଯାଇଛି ।

ସେହିସବୁ ଅଂଚଳରେ ଇଫୁଗାଓ ଆଦିମ ଅଧିବାସୀ ମାନଙ୍କର ଏକ ପାରଂପରିକ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ମଧ୍ୟ ରହିଛି ଯାହାକୁ ମୁୟୋଙ୍ଗ ବୋଲି କୁହାଯାଇଥାଏ । ଏହା ହେଉଛି ପରିବାର ମାଲିକାନାରେ ଥିବା ଜଙ୍ଗଲ ବା ତୋଟା । ଇଫୁଗାଓ ମାନେ ପ୍ରତି ତୋଟା କୁ ମୁୟୋଙ୍ଗ ବୋଲି କହିଥାନ୍ତି । ଏହା ବ୍ୟକ୍ତିଗତା ମାଲିକାନାରେ ଥାଏ ଏବଂ ବଂଶ ବା ସଂପର୍କ ଥିବା ପରିବାର ଗୁଡ଼ିକ ଦ୍ୱାରା ଏହାର ଦାୟିତ୍ୱ ନିଆଯାଇଥାଏ । କାରଣ ମୁୟୋଙ୍ଗ ହେଉଛି ଉଭୟ ଜଳବିଭାଜିକା ଏବଂ ଜାଳେଣୀ ଓ କାଠ ଯୋଗାଇବାର ଉତ୍ସ । ଏହାର ପରିଚାଳନା ପାଇଁ ନୂଆ ନୂଆ ବୃକ୍ଷରୋପଣ ମଧ୍ୟ କରାଯାଇ ଥାଏ । ଗୋଟିଏ ଭଲ ମୁୟୋଙ୍ଗରେ କେତେକ ପ୍ରାଥମିକ ଜଙ୍ଗଲ ଅପେକ୍ଷା ଅଧିକ ପ୍ରଜାତିର ବୃକ୍ଷଲତା ରହିଥାଏ । ଅତି ଛୋଟ ଅଂଚଳ ନହୋଇଥିଲେ ମୁୟୋଙ୍ଗରେ ୨୦୦ରୁ ଅଧିକ ପ୍ରଜାତିର ବୃକ୍ଷଲତା ରହିଥାଏ ।

ଫିଲିପିନ୍ସର ଇଫୁଗାଓ ଓ ବାନାଉଏର ଏହି ସୋପାନ ପ୍ରଣାଳୀ ଧାନଚାଷ , ପରିବାର ଜଙ୍ଗଲ ଘଟଣାରେ କୌଳିକ ନୀୟମ, ଜାତୀୟ ନୀୟମାବଳୀ ଏବଂ ଆନ୍ତର୍ଜାତୀୟ ସ୍ୱିକୃତି ଆଦି ରହିଥିବା ଆମେ ଦେଖିବାକୁ ପାଉ ।

ସୋପାନ ଚାଷ ଅଂଚଳ ଗୁଡ଼ିକୁ ସାଂସ୍କୃତିକ ଐତିହ୍ୟ ହିସାବରେ ଚିହ୍ନିତ କରାଯିବା ଦ୍ୱାରା ଏସବୁ ପାଇଁ କେତେକ ଆବଶ୍ୟକତା ଅନୁଭୂତ ହୋଇଛି । ଗୋଷ୍ଠୀରେ ଏହାକୁ ସ୍ଥିର ଏବଂ ସୀମାବଦ୍ଧ ହିସାବରେ ଦେଖାଯାଇ ଆସୁଥିବା ବେଳେ ଏସବୁକୁ ସାଂସ୍କୃତିକ ଐତିହ୍ୟ ହିସାବରେ ପରିପୋଷଣ କରାଯାଇଛି । ସେସବୁର ତିଆରିରେ ଥିବା ସୀମାବଦ୍ଧତା ଏବଂ ଫସଲ ନିର୍ଣ୍ଣୟ କୁ ଦୃଷ୍ଟି ଦିଆଯାଇଛି । ତେବେ ଏସବୁକୁ ପାରଂପରିକ ପରିଚାଳନାର ପ୍ରଚଳିତ ସ୍ଥାୟିତ୍ୱ ସହ ସାଲିସ କରାଯାଇଛି ।

ତେବେ ଏହି ଦୃଷ୍ଟି ଆକର୍ଷଣ ଯୋଗୁଁ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆସିଛି ଏବଂ ପର୍ଯ୍ୟଟନର ବିକାଶ ହୋଇଛି । ତେବେ ପର୍ଯ୍ୟଟନର ବିକାଶ ବୃଦ୍ଧି ପାଉଥିବାରୁ ଜଙ୍ଗଲ ଉପରେ ଚାପସୃଷ୍ଟିକାରୀ କାଠ ନିର୍ମିତ ହସ୍ତଶିଳ୍ପର ପ୍ରସାର ହୋଇଛି, ଅର୍ଥ ଉପାର୍ଜନକାରୀ ଫସଲ ଚାଷର ବୃଦ୍ଧି ଘଟିଛି ଏବଂ ପର୍ଯ୍ୟଟକ ମାନଙ୍କ ପାଇଁ ହୋଟେଲ୍, ଅଟ୍ଟାଳିକା ଆଦିର ନିର୍ମାଣ ପ୍ରାସାର ଘଟିଛି ।

ଏହି ଅଟ୍ଟାଳିକା ନିର୍ମାଣ ପାରଂପରିକ ଜ୍ଞାନ ଏବଂ ୟୁନେସ୍କୋ ତାଲିକାଭୁକ୍ତ ଐତିହ୍ୟ ସ୍ଥଳିର ମୂଲ୍ୟବୋଧ ଭିତ୍ତିକ ଜମି ବ୍ୟବହାର ପ୍ରଣାଳୀ ମଧ୍ୟରେ ପାର୍ଥ୍ୟକ୍ୟ ଦର୍ଶାଉଛି । ଏହି ଅଟ୍ଟାଳିକା ଗୁଡ଼ିକ ସୋପାନ ଚାଷର ଅଂଚଳର ଉପର ମୁଣ୍ଡରେ ଥିବା ମୁୟୋଙ୍ଗ ପର୍ବତ ଶ୍ରେଣୀର ପଥରରେ ତିଆରି ହୋଇଛି । ଅତୀତର ସ୍ଥାୟୀ ଜମି ପରିଚାଳନା ପ୍ରଣାଳୀ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏବଂ ଜଳଉତ୍ସ ଓ ମୃତ୍ତିକା ସଂରକ୍ଷଣରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଉପରମୁଣ୍ଡର ଜଙ୍ଗଲ ଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ, ଐତିହ୍ୟ ସ୍ଥଳୀର କଳ୍ପନା କେବଳ ସୋପାନ ଅଂଚଳ କୁ ଅନ୍ୟ ଅଂଚଳଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ସୁରକ୍ଷିତ ଅଂଚଳ ହିସାବରେ ଦର୍ଶାଯାଉଛି ।

ଏଥିସହ ଫିଲିପିନ୍ସ ସରକାର କେବଳ ସ୍ଥାନୀୟ ପାରଂପରିକ ଜଙ୍ଗଲ ସଂପର୍କିତ ଜ୍ଞାନକୁ ସ୍ୱିକୃତି ଦେବା ପାଇଁ ଏକ ନୀତି ପ୍ରଚଳନ କରିଛନ୍ତି । ପରିବେଶ ଏବଂ ପ୍ରାକୃତିକ ସଂପଦ ବିଭାଗ ଏହାର ନିର୍ଦ୍ଦେଶନାମା ୯୬-୦୨, ୧୯୯୬ ମସିହାରେ ଇଫୁଗାଓ ଅଂଚଳରେ ମୟୋଙ୍ଗ ସମ୍ବଳ ଅନୁମତି ( ଏମ୍.ଆର୍.ପି) ନାମକ ଏକ ମଧ୍ୟବର୍ତ୍ତୀକାଳିନ ନୀୟମାବଳୀ ଜାରି କରିଛନ୍ତି । ଏହି ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, କୋର୍ଡିଲେରାର ଆଦିମ ଅଧିବାସୀ ମାନେ ନିଜର ଜୀବିକା, ଜୈବବିବିଧତା ସଂରକ୍ଷଣ ନିମନ୍ତେ ମୁୟୋଙ୍ଗକୁ ସୁରକ୍ଷା ଦେବାରେ ଗ୍ରହଣ କରିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା କୁ ଏବଂ ପାର୍ବତ୍ୟାଂଚଳରେ ଧ୍ୱଂସକାରକ ମାନବିକ ଅନୁପ୍ରବେଶ ବିରୋଧରେ ପ୍ରତିରୋଧକ ଅଂଚଳ ହିସାବରେ ପରିବେଶ ଏବଂ ପ୍ରାକୃତିକ ସଂପଦ ବିଭାଗ ସ୍ୱିକୃତି ପ୍ରଦାନ କରୁଛି ।

ପରିବେଶ ଏବଂ ପ୍ରାକୃତିକ ସଂପଦ ବିଭାଗର ସ୍ମାରକ ପତ୍ରରେ ମୟୋଙ୍ଗ ସମ୍ବଳ ଅନୁମତି ( ଏମ୍.ଆର୍.ପି) ବ୍ୟବସ୍ଥା କରିଛନ୍ତି, ଯାହାକି ଶିକ୍ଷିତ ବ୍ୟକ୍ତି ମାନଙ୍କ ନିମନ୍ତେ ସମ୍ବଳ ଆହରଣ ଏବଂ ପ୍ରଦାନର ସୁଯୋଗ ପ୍ରଦାନ କରୁଛି । ଏଥିରେ ମୟୋଙ୍ଗ ସମ୍ବଳ ଅନୁମତି ( ଏମ୍.ଆର୍.ପି)ର କେତେକ ଆବଶ୍ୟକତା ଉଲ୍ଲେଖ କରାଯାଇଛି, ଯଥା ମୁୟୋଙ୍ଗର ଅବସ୍ଥିତି ଏବଂ ଆକାର, ଲଗାଯାଇଥିବା ଗଛର ସଂଖ୍ୟା, ଜୀବିକା ପାଇଁ ଆବେଦନକାରୀ ଆବଶ୍ୟକ କରୁଥିବା ସାମଗ୍ରୀର ପରିମାଣ ଏବଂ ଗତ ୨୦ ବର୍ଷଧରି ପାରଂପରିକ ମୁୟୋଙ୍ଗ ର ପରିଚାଳନା ପାଇଁ ଆବେଦନକାରୀ କରିଥିବା କାର୍ଯ୍ୟର ଏକ ପ୍ରମାଣପତ୍ର । ଏହି ନିର୍ଦ୍ଦେଶନାମା ମୟୋଙ୍ଗ ସମ୍ବଳ ଅନୁମତି ( ଏମ୍.ଆର୍.ପି) ପ୍ରାପ୍ତ ଲୋକମାନଙ୍କ ଉପରେ ଅମଳ ବା ଗଛକାଟିବା, ପ୍ରକ୍ରିୟାକରଣ, ପରିବହନ, ସଂରକ୍ଷଣ ଏବଂ ତଦାରଖ ଆଦିରେ କଠୋର ସର୍ତ୍ତ ମାନ ରଖାଯାଇଛି ।

ମୁୟୋଙ୍ଗର ସ୍ୱିକୃତିକୁ ନେଇ ପରସ୍ପର ବିରୋଧି ମତମାନ ଆସିବାରେ ଲାଗିଛି । ପରିବେଶ ଏବଂ ପ୍ରାକୃତିକ ସଂପଦ ବିଭାଗର ନୀତି ମୁୟୋଙ୍ଗକୁ ଏକ ସ୍ଥାୟୀ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ହିସାବରେ ଗ୍ରହଣ କରିଛି । ଅନ୍ୟପକ୍ଷରେ ମୟୋଙ୍ଗ ସମ୍ବଳ ଅନୁମତି ( ଏମ୍.ଆର୍.ପି) ମାଧ୍ୟମରେ ମୁୟୋଙ୍ଗର ପ୍ରଚଳିତ ବ୍ୟବସ୍ଥା ଉପରେ କଟକଣା ଜାରି କରି ପାରିବାରିକ ଜଙ୍ଗଲ ମାଲିକ ମାନଙ୍କର ଆବଶ୍ୟକତା ଗୁଡିକୁ କାଢି ନିଆଯାଇଛି । ସେମାନଙ୍କୁ ନିର୍ଦ୍ଦେଶନାମା ୯୬-୦୨ର ସର୍ତ୍ତଗୁଡିକୁ ମାନି ମୟୋଙ୍ଗ ସମ୍ବଳ ଅନୁମତି ପ୍ରାପ୍ତ ହେବାକୁ କୁହାଯାଇଛି ।

ଏହି ଘଟଣାରେ କେତେକ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ – ଏହି ଅନୁଭୂତିରୁ କଣ ଶିକ୍ଷା ମିଳିଲା, ପାରଂପରିକ ଜ୍ଞାନର ସୁରକ୍ଷା ଓ ଉନ୍ନତୀ ପାଇଁ ଥିବା କୌଳିକ ନୀୟମ, ଜାତୀୟ ବିଧେୟକ, ଆନ୍ତର୍ଜାତୀୟ ସ୍ୱିକୃତି ମଧ୍ୟରେ ଯୁକ୍ତିଯୁକ୍ତ ଭୂମିକା ଏବଂ ସଂପର୍କ ସବୁ କଣ ?

ଏଥିସହ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବିଚାରକୁ ନେବାର ଆବଶ୍ୟକତା ରହିଛି । ଯଥା –

- ଜମିଜମା ସୁରକ୍ଷାର ଅଭାବ
- ବନ୍ଧ, ଖଣି, ବଜାର ଉଦ୍ୟାନ, ଲୋକଙ୍କ ଅର୍ଥନୈତିକ ଉନ୍ନତୀ ପାଇଁ ପର୍ଯ୍ୟଟନ ଏବଂ ଭୁ ଦୃଶ୍ୟ ଆଦିଭଳି ସରକାରୀ ବିକାଶ ପ୍ରକଳ୍ପ ଗୁଡିକ ।
- ମୌଳିକ ସେବା ପାଇବା ପାଇଁ ସାମଗ୍ରୀଗତ ଦାରିଦ୍ର୍ୟ
- ସାମାଜିକ ସେବାର ଅଭାବ, ଯାହା ଲୋକମାନଙ୍କୁ ସହରାଂଚଳକୁ ଦାଦନ ଚାଲିଯିବାକୁ ବାଧ କରୁଛି ।
- ଆଦିମ ଅଧିବାସୀ ମାନଙ୍କ ସ୍ୱିକୃତି ଏବଂ ଆଦିମ ଅଧିବାସୀ ଅଧିକାର ଆଇନର କାର୍ଯ୍ୟକାରୀତା

ଶେଷରେ ପାରଂପରିକ ଜ୍ଞାନର ସୁରକ୍ଷା ପାଇଁ କେତେକ ମୌଳିକ ପରାମର୍ଶ ଏବଂ ସୁପାରିଶ –

- ପାରଂପରିକ ଜ୍ଞାନର ମୁଖ୍ୟ ସୁରକ୍ଷା ବ୍ୟବସ୍ଥା ହେଲା କୌଳିକ ନୀୟମ
- ଆଦିମ ଅଧିବାସୀ ମାନଙ୍କର ସେମାନଙ୍କର ଜ୍ଞାନ ଓ ସମ୍ବଳ ଉପରେ ଅଧିକାର ରହିଛି । ସେଗୁଡିକ ଜାତୀୟ ବା ଆନ୍ତର୍ଜାତୀୟ ତରଳ ଜ୍ଞାନ ପାତ୍ର ନୁହେଁ ବରଂ ସେସବୁ କୌଳିକ ନୀୟମ ଏବଂ ବିଶ୍ୱତତ୍ତ୍ୱର ବନ୍ଧନ ।
- ଆଦିମ ଅଧିବାସୀ ମାନଙ୍କ ଭିତରେ ପାରସ୍ପରିକ ଭାଗବଣ୍ଟନର ପରଂପରା ରହିଛି ଏବଂ ସ୍ଥାୟୀ ବିକାଶରେ ସମସ୍ତେ ସହଭାଗୀ ହେବାକୁ ଆଗ୍ରହୀ । କିନ୍ତୁ ତାହା ପାଇବାକୁ ହେଲେ ସେମାନଙ୍କ ପ୍ରତି ସମ୍ମାନ, ଆନୁଗତ୍ୟ, ଆଦାନପ୍ରଦାନ ଏବଂ ଆସ୍ଥା ଆବଶ୍ୟକ ।
- ପାରଂପରିକ ଜ୍ଞାନର ବ୍ୟବହାର ସମୟରେ ସାଂସ୍କୃତିକ ସମୁଦାୟ ବା ସାଧାରଣ ପରିସରର ସୀମିତତାକୁ ସ୍ୱିକୃତି ଦେବାର ଆବଶ୍ୟକତା ରହିଛି ଏବଂ ଆନ୍ତର୍ଜାତୀୟ ନିୟମାବଳୀ ପ୍ରସ୍ତୁତି ସମୟରେ ସାଂପ୍ରତିକ ବୌଦ୍ଧିକ ସଂପତ୍ତିଗତ ଅଧିକାର ଆଇନ ଏବଂ ପାରଂପରିକ କୌଳିକ ଆଇନର ମଧରେ ଥିବା ପାର୍ଥକ୍ୟକୁ ସମାଧାନ କରାଯିବା ଆବଶ୍ୟକ ।



**ପ୍ରୟୋଗ – ୨**

*ଦଳଗତ ଆଲୋଚନା ( ୩୦ ମିନିଟ)*

*ପାରଂପରିକ ଜ୍ଞାନର ସୁରକ୍ଷା ଏବଂ ଉନ୍ନତୀ ପାଇଁ ବାସ୍ତବିକ ରାସ୍ତା*

*୧ – ଅଂଶଗ୍ରହଣକାରୀ ମାନଙ୍କୁ ଛୋଟ ଛୋଟ ଦଳରେ ଭାଗ କରି ଦିଆଯାଉ । ଆଦିମ ଅଧିବାସୀ ପାରଂପରିକ ଜ୍ଞାନର ସୁରକ୍ଷା ଏବଂ ଉନ୍ନତୀ ପାଇଁ ସେମାନେ ଜାଣିଥିବା ବା ସେମାନଙ୍କ ଗୋଷ୍ଠୀରେ ବା ସଂଗଠନରେ ବ୍ୟବହୃତ ହେଉଥିବା ବାସ୍ତବିକ ରାସ୍ତା ସଂପର୍କରେ ସେମାନେ ଆଲୋଚନା କରନ୍ତୁ ।*

*୨ – ଆଲୋଚନା ପରେ ଦଳ ସେମାନଙ୍କର ନିର୍ଯ୍ୟାସକୁ ବଡ ଦଳରେ ଉପସ୍ଥାପନ କରିବେ ।*

*୩ – ତାଲିମ ସହାୟକ ଆଦିମ ଅଧିବାସୀ ପାରଂପରିକ ଜ୍ଞାନର ସୁରକ୍ଷା ଏବଂ ଉନ୍ନତୀ ପାଇଁ ସେମାନେ ବ୍ୟବହାର କରୁଥିବା ବାସ୍ତବିକ ରାସ୍ତା ସଂପର୍କରେ ଆଲୋଚନା ସାରାଂଶକୁ ଉପସ୍ଥାପନ କରିବେ, ଏକାକୁ ପୂର୍ବ ଆଲୋଚନା ସହ ଯୋଡିବେ ଏବଂ ଅଧିବେଶନ ସମାପ୍ତ କରିବେ ।*

# ମଡ୍ୟୁଲ ୨୪ ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା

## ଉଦ୍ଦେଶ୍ୟ ସମୂହ

୧. ଜୈବବିବିଧତା ସନ୍ମିଳନୀ ର ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ( ସି.ଇ.ପି.ଏ )ର ବିସ୍ତୃତ ରୂପରେଖ ସଂପର୍କରେ ଅବଗତ ହେବା
୨. ଆଇ.ଆଇ.ଏଫ୍.ବି ଯୋଗାଯୋଗ, ଶିକ୍ଷା ଏବଂ ଜନ ସଚେତନତା ( ସି.ଇ.ପି.ଏ )ରେ କି ପ୍ରକାର କାର୍ଯ୍ୟମାନ କରିଥାଏ ତାହା ଶିଖିବା
୩. ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ଏବଂ ଆନ୍ତର୍ଜାତୀୟ ଜୈବବିବିଧତା ଦଶନ୍ଧି ବିଷୟରେ ସଚେତନତା ସୃଷ୍ଟି
୪. କେତେକ ବାସ୍ତବ ଶିକ୍ଷଣ ଶୈଳୀ, ପରାମର୍ଶ ଏବଂ କାର୍ଯ୍ୟକୁ ଉପସ୍ଥାପନ କରିବା

## ତାଲିମ୍ ସାମଗ୍ରୀ

- ଜୈବବିବିଧତା ସନ୍ମିଳନୀ ର ଅଷ୍ଟମ ବୈଠକରେ ଅଂଶଗ୍ରହଣକାରୀ ମାନଙ୍କ ନିଷ୍ପତ୍ତି ସବୁ
- ଜୈବବିବିଧତା ସନ୍ମିଳନୀ ଆଧାରିତ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟକ୍ରମ - ପାୱାରପଏଣ୍ଟ
- ପରିଚ୍ଛେଦ ୧୩ ( ଜନିଶିକ୍ଷା ଓ ସଚେତନତା ) ରେ ଜୈବବିବିଧତା ସନ୍ମିଳନୀର ଅଂଶଗ୍ରହଣକାରୀଙ୍କ ନିଷ୍ପତ୍ତି ଏବଂ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟଭୁକ୍ତ ଦଳ
- ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ କାର୍ଯ୍ୟକାରୀ କରିବା କାର୍ଯ୍ୟକ୍ରମ ସମୂହ
- ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ ସ୍ୱାଗତ କରିବା

## ସମୟ

୩ ଘଣ୍ଟା

## ବିଷୟଗତ ଆଲୋଚନା – ୩ ଘଣ୍ଟା

### ୧ - ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ

ଜାତିସଂଘର ସାଧାରଣ ପରିଷଦରେ ଗୃହୀତ ପ୍ରସ୍ତାବ ୬୧/୨୦୩ ଅନୁଯାୟୀ, ୨୦୧୦ ମସିହାକୁ ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ଭାବେ ଘୋଷଣା କରାଯାଇଛି । ଜୈବବିବିଧତା ସନ୍ମିଳନୀର ସଭ୍ୟଭୁକ୍ତ ଦେଶ ଏବଂ ୨୦୦୨ ମସିହାରେ ଜୋହାନ୍ସବର୍ଗ ଠାରେ ଅନୁଷ୍ଠିତ ସ୍ଥାୟୀ ବିକାଶ ସଂପର୍କିତ ବିଶ୍ୱ ସନ୍ମିଳନୀରେ ରାଷ୍ଟ୍ରମୁଖ୍ୟ ଓ ସରକାର ଗୁଡିକ ଦ୍ୱାରା ଗ୍ରହଣ କରାଯାଇଥିବା ୨୦୧୦ ଜୈବବିବିଧତା ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ଏହି ବର୍ଷକୁ ଚିହ୍ନିତ କରାଯାଇଛି ।

ମାନବ ଜାତି ପାଇଁ ଜୈବବିବିଧତାର ମହତ୍ୱ ସଂପର୍କରେ ଜନସଚେତନତା ଏବଂ ରାଜନୈତିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପାଳନ କରାଯାଉଛି । ଏହି ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ପାଳନ ଅବସରରେ ସନ୍ମିଳନୀର ଲକ୍ଷ୍ୟ ଓ

ଶତାବ୍ଦୀର ବିକାଶ ଲକ୍ଷ୍ୟ କିପରି ପୁରଣ ହେବ ସେ ସଂପର୍କରେ ବିଶ୍ୱବ୍ୟାପି ଆଲୋଚନା କରିବା ଏବଂ ୨୦୧୦ ମସିହା ଲକ୍ଷ୍ୟ ହାସଲର ସଫଳତାକୁ ପାଳନ କରିବା ଏହାର ଉଦ୍ଦେଶ୍ୟ । ଏହି ଆଲୋଚନା ଗୁଡିକର ସମାହାରରେ ବିଶ୍ୱ ସମୁଦାୟ ନିକଟରେ ଏକ ପ୍ରତିବଦ୍ଧତା ସୃଷ୍ଟିହେବ ଏବଂ ଏହା ଲକ୍ଷ୍ୟକୁ ୨୦୧୦ ପରବର୍ତ୍ତୀ ସମୟକୁ ନେଇଯିବା ପାଇଁ ବଳ ଯୋଗାଇବ ବୋଲି ଏହାର ଉଦ୍ଦେଶ୍ୟ ରହିଛି ।

୨୦୧୦ ମସିହା ଜୈବବିବିଧତା ଲକ୍ଷ୍ୟ

ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରତିକାର ହିସାବରେ ଏବଂ ପୃଥିବୀରେ ଥିବା ସମସ୍ତ ଜୀବଙ୍କ ମଙ୍ଗଳ ନିମନ୍ତେ ୨୦୧୦ ମସିହା ସୁଦ୍ଧା ଜାତୀୟ, ଆଂଚଳିକ ଓ ଆନ୍ତର୍ଜାତୀୟ ସ୍ତରରେ ସାଂପ୍ରତିକ ଜୈବବିବିଧତା ଅବକ୍ଷୟର ଗୁରୁତ୍ୱପୂର୍ଣ୍ଣ ହ୍ରାସ ଲକ୍ଷ୍ୟ ହାସଲ ।

ସମ୍ମିଳନୀର ଯୋଗାଯୋଗ, ଶିକ୍ଷା, ଏବଂ ଜନସଚେତନତା କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଂଶ ରୂପେ ଏବଂ ଅନୁଚ୍ଛେଦ ୧୩ର ଲକ୍ଷ୍ୟ ହାସଲ ନିମନ୍ତେ ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ପାଳନ ହେଉଛି । ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ହେଉଛି ସଭ୍ୟଭୁକ୍ତ ରାଷ୍ଟ୍ର ଗୁଡିକ ପାଇଁ ସି.ବି.ଡି ର ଜାତୀୟ କାର୍ଯ୍ୟକାରୀତାକୁ ସମସ୍ତଙ୍କୁ ଅବଗତ କରିବାର ଏକ ସୁଯୋଗ ଏବଂ ଜୈବବିବିଧତା ନିଷ୍ପତ୍ତି ଗୁଡିକୁ ଶିକ୍ଷାରେ ସଂପୃକ୍ତ କରି ସାର୍ବଜନୀନ କରିବା ଓ ଗୁରୁତ୍ୱପୂର୍ଣ୍ଣଆର୍ଥିକ କ୍ଷେତ୍ରର କାର୍ଯ୍ୟସହ ସାମିଲ କରିବା ର ଏକ ସୁଯୋଗ ।

ପୃଥିବୀରେ ଜୀବସତ୍ତାର ସ୍ଥାୟିତ୍ୱ ପାଇଁ ଜୈବବିବିଧତା ଗ୍ରହଣ କରିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ବୁଝାମଣାକୁ ବୃଦ୍ଧି କରିବା ନିମନ୍ତେ ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ପାଳନ ଏକ ସୁବର୍ଣ୍ଣ ସୁଯୋଗ ।

ମୁଖ୍ୟ ଲକ୍ଷ୍ୟ ସମୂହ

- ଜୈବବିବିଧତା ନିମନ୍ତେ ଥିବା ବିପଦ ଓ ଜୈବବିବିଧତାର ସଂରକ୍ଷଣ ର ଗୁରୁତ୍ୱ ସଂପର୍କରେ ଜନସଚେତନତା ବୃଦ୍ଧି ।
- ସରକାର ଓ ଗୋଷ୍ଠୀ ଗୁଡିକ ଦ୍ୱାରା ଗ୍ରହଣ କରାଯାଇଥିବା ଜୈବବିବିଧତା ସୁରକ୍ଷା ଉଦ୍ୟମ ଗୁଡିକ ସଂପର୍କରେ ସଚେତନତା ସୃଷ୍ଟି ।
- ଜୈବବିବିଧତା ପ୍ରତି ଥିବା ବିପଦ ଗୁଡିକ ହ୍ରାସ ନିମନ୍ତେ ସୃଜନଶୀଳ ସମାଧାନପନ୍ଥା କାର୍ଯ୍ୟକାରୀ କରିବା
- ଜୈବବିବିଧତା କ୍ଷୟ ରୋକିବା ପାଇଁ ବ୍ୟକ୍ତି, ଅନୁଷ୍ଠାନ ଏବଂ ସରକାରଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ ଦିଗରେ ଉତ୍ସାହିତ କରିବା ।
- ୨୦୧୦ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ ପାଇଁ ସହାୟକ ଗୋଷ୍ଠୀ ଗୁଡିକ ଭିତରେ ଆଲୋଚନାକୁ ଉତ୍ସାହିତ କରିବା

## ୨ – ସମ୍ମିଳନୀର ଯୋଗାଯୋଗ, ଶିକ୍ଷା, ଏବଂ ଜନସଚେତନତା କାର୍ଯ୍ୟକ୍ରମ କୌଶଳ

ଜୈବବିବିଧତା କଣ ଏବଂ ଏହାପ୍ରତି ଆମେ ସଚେତନ ହେବା କାହିଁକି ? ଆମ ପୃଥିବୀର ଜୈବବିବିଧତାକୁ ଆମେ କିପରି ବ୍ୟବହାର କରିବା ଉଚିତ ଯାହାଫଳରେ ତାହା ଆଗାମୀ ବଂଶଧର ମାନଙ୍କ ପାଇଁ ମଧ୍ୟ ଭଲଭାବେ ଉପଲବ୍ଧ ହୋଇପାରିବ ? ଜୀବନର ପାରଂସ୍ପରିକ ସଂଯୋଗ ଓ ନୀର୍ଭରଶୀଳତାକୁ ସଂରକ୍ଷିତ କରିବା ପାଇଁ ସି.ବି.ଡି କଣ କରିଥାଏ ? ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ଉଦ୍ଦେଶ୍ୟ ପୁରଣ ଏବଂ ଆନୁବଂଶିକ ସମ୍ବଳର ବ୍ୟବହାରରୁ ମିଳୁଥିବା ଲାଭର ସମବଣ୍ଟନନିମନ୍ତେ ସମ୍ମିଳନୀର କାର୍ଯ୍ୟକ୍ରମ ସବୁ କଣ ?

ସି.ବି.ଡି ର କାର୍ଯ୍ୟକାରୀତା ପାଇଁ ସଭ୍ୟରାଷ୍ଟ୍ର, ଶିକ୍ଷକ/ ସାଧନ ବ୍ୟକ୍ତି ଓ ନାଗରୀକ ସମାଜ ଆଦି ବିଭିନ୍ନ ପ୍ରକାର ଗୋଷ୍ଠୀଙ୍କର ସହାୟତା ନିମନ୍ତେ ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ସଂପର୍କିତ ସି.ବି.ଡି ର କାର୍ଯ୍ୟକ୍ରମ ହେଉଛି ଉପରୋକ୍ତ ପ୍ରଶ୍ନ ଗୁଡିକର ଉତ୍ତର।

ସମ୍ମିଳନୀର ଅନୁଚ୍ଛେଦ ୧୩ ରୁ ସୃଷ୍ଟ ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ( ସେପା) ସଂପର୍କିତ ସି.ବି.ଡି ର କାର୍ଯ୍ୟକ୍ରମ ହେଉଛି –

- ସମ୍ମିଳନୀର ବୈଜ୍ଞାନିକ ଏବଂ ଯାନ୍ତ୍ରିକ କାର୍ଯ୍ୟଗୁଡିକୁ ବିଭିନ୍ନ ଗୋଷ୍ଠୀ ସହଜରେ ବୁଝିପାରିବା ଭଳି ଜଣାଇବା।
- ସମ୍ମିଳନୀର ସମସ୍ତ ସଭ୍ୟଭୁକ୍ତ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥାରେ ଜୈବବିବିଧତାକୁ ସାମିଲ କରିବା।
- ଆମ ଜୀବନରେ ଜୈବବିବିଧତାର ଗୁରୁତ୍ୱ ଏବଂ ଏହାର ଅନ୍ତର୍ନିହିତ ମୂଲ୍ୟବୋଧ ସଂପର୍କରେ ଜନସଚେତନତା ସୃଷ୍ଟି।

ଶିକ୍ଷା ଏବଂ ଜନସଚେତନତା ସଂପର୍କରେ ସି.ବି.ଡି ର ଅନୁଚ୍ଛେଦ ୧୩

*ସଂପୃକ୍ତ ପକ୍ଷ ଗୁଡିକ –*

କ – ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ବୁଝିବା ପାଇଁ ଉତ୍ସାହିତ କରିବା ଓ ଆବଶ୍ୟକୀୟ ବ୍ୟବସ୍ଥାର ବିକାଶ କରିବା, ସେଗୁଡିକର ପ୍ରଚାର ଗଣମାଧ୍ୟ ଜରିଆରେ କରିବା ଏବଂ ଶିକ୍ଷା କାର୍ଯ୍ୟକ୍ରମରେ ସେହି ବିଷୟ ଗୁଡିକୁ ସାମିଲ କରିବା।

ଖ – ଜୈବବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ନିମନ୍ତେ ଶିକ୍ଷା ଓ ଜନସଚେତନତା କାର୍ଯ୍ୟକ୍ରମର ବିକାଶ ପାଇଁ ଅନ୍ୟ ରାଷ୍ଟ୍ର ଏବଂ ଆନ୍ତର୍ଜାତୀୟ ସଂଗଠନ ଗୁଡିକ ସହ ସହଯୋଗ କରିବା।

## ୩ – ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ରଗୁଡିକର ବୈଠକରେ ଅନୁଚ୍ଛେଦ ୧୩କୁ ଗ୍ରହଣ

### ପୃଷ୍ଠଭୂମି ଏବଂ ସ୍ଥିତି

ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ରଗୁଡିକ ସେମାନଙ୍କର ଚତୁର୍ଥ ବୈଠକରେ ଅନୁଚ୍ଛେଦ ୧୩କୁ ପ୍ରଥମଥର ପାଇଁ ବିଚାରକୁ ନେଲେ। ସେଥିରେ ନିଷ୍ପତ୍ତି ନିଆଗଲା ଯେ, ଜନଶିକ୍ଷା ଓ ଜନସଚେତନତା ବିଷୟ ସମ୍ମିଳନୀ କାର୍ଯ୍ୟକ୍ରମର ସମସ୍ତ ବିଭାଗ ଏବଂ ତାତ୍ତ୍ୱିକ ଦିଗସହ ସଂଯୋଜିତ ହେବ ଏବଂ ଏକ ଅଭିନ୍ନ ଅଂଶ ହିସାବରେ ରହିବ।

ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ରଗୁଡିକର ଚତୁର୍ଥ ବୈଠକରେ ଜୈବବିବିଧତା ଶିକ୍ଷା, ପ୍ରଶିକ୍ଷଣ ଏବଂ ଜନସଚେତନତାର ଏକ ବିଶ୍ୱବ୍ୟାପି ପ୍ରସାର ନିମନ୍ତେ ୟୁନେସ୍କୋକୁ ନିମନ୍ତ୍ରଣ କଲା ଏବଂ ଏହି କାର୍ଯ୍ୟକ୍ରମର କାର୍ଯ୍ୟପରିବେଶକୁ ଅନୁଧ୍ୟାନ କରି ଏହାର ପ୍ରଗତି ସଂପର୍କରେ ରିପୋର୍ଟ ଦେବାକୁ କାର୍ଯ୍ୟନିର୍ବାହୀ ସଂପାଦକଙ୍କୁ ଅନୁରୋଧ କରାଗଲା । ପ୍ରସ୍ତାବିତ ଜୈବବିବିଧତା ଶିକ୍ଷା, ପ୍ରଶିକ୍ଷଣ ଏବଂ ଜନସଚେତନତାର ଏକ ବିଶ୍ୱବ୍ୟାପି ପ୍ରସାର କାର୍ଯ୍ୟକ୍ରମର ପ୍ରାଥମିକ କାର୍ଯ୍ୟଗୁଡିକୁ ଚିହ୍ନଟ କରିବା ପାଇଁ ଏକ ବିଶେଷଜ୍ଞ ମାନଙ୍କ ଦଳର ବୈଠକ ଡାକିବାକୁ  ସମ୍ମିଳନୀଭୁକ୍ତ ରାଷ୍ଟ୍ର ଗୁଡିକର ପଞ୍ଚମ ବୈଠକରେ ୟୁନେସ୍କୋ ଓ କାର୍ଯ୍ୟନିର୍ବାହୀ ସଂପାଦକଙ୍କୁ ଅନୁରୋଧ କରାଗଲା ।

ପକ୍ଷଭୁକ୍ତ ରାଷ୍ଟ୍ରମାନଙ୍କ ୬ଷ୍ଠ ବୈଠକରେ ଜୈବବିବିଧତା ଶିକ୍ଷା, ପ୍ରଶିକ୍ଷଣ ଏବଂ ଜନସଚେତନତା ସଂପର୍କିତ ନିଷ୍ପତ୍ତି ୬ଷ୍ଠ/୧୯ ଗୃହିତ ହେଲା ଏବଂ ଏଥିରେ ସି.ଇ.ପି.ଏ ର ବିଶ୍ୱବ୍ୟାପି ଉଦ୍ୟମ ସଂପର୍କିତ ତଥ୍ୟମାନ ରହିଲା । ଏହି ନିଷ୍ପତ୍ତିର କ୍ରୋଡପତ୍ରରେ ମଧ୍ୟ ବିଶ୍ୱବ୍ୟାପି ଉଦ୍ୟମ ସଂପର୍କିତ କାର୍ଯ୍ୟକ୍ରମ ଉପାଦାନ ଗୁଡିକ ରହିଲା ।

ସମ୍ମିଳନୀର ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ( ସେପା) କାର୍ଯ୍ୟକ୍ରମ

**କାର୍ଯ୍ୟକ୍ରମ ଉପାଦାନ - ୧**

ଏକ ବିଶ୍ୱବ୍ୟାପି ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ନିମନ୍ତେ, ନୂଆ ତଥ୍ୟ କୌଶଳ ଏବଂ ପାରଂପରିକ ଯୋଗାଯୋଗ ପଦ୍ଧତିରେ ନେଟ୍‌ୱାର୍କ ଗୁଡିକର ସଂଯୋଜନା ଏବଂ ପ୍ରୋତ୍ସାହନା ।

**କାର୍ଯ୍ୟକ୍ରମ ଉପାଦାନ - ୨**

ଜ୍ଞାନ ଏବଂ କର୍ମକୁଶଳତାର ଆଦାନପ୍ରଦାନ - ବିଶେଷଜ୍ଞ ମାନଙ୍କ ମଧ୍ୟରେ ଜ୍ଞାନ ଏବଂ କର୍ମକୁଶଳତାର ଆଦାନପ୍ରଦାନ ମାଧ୍ୟମରେ ସେପାର ବିକାଶ ଓ ସୃଜନକୁ ବୃଦ୍ଧି କରିବା ।

**କାର୍ଯ୍ୟକ୍ରମ ଉପାଦାନ - ୩**

ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ନିମନ୍ତେ ଦକ୍ଷତାବୃଦ୍ଧି – ଜୈବବିବିଧତାକୁ ଅନ୍ୟ ବିଭାଗ ଗୁଡିକୁ ମୂଲ୍ୟଯୁକ୍ତ ବିନିମୟ କରିବା ଏବଂ ଅନ୍ୟ ବିଭାଗ ଗୁଡିକର କାର୍ଯ୍ୟରେ ଜୈବବିବିଧତାକୁ ସାମିଲ କରିବା ନିମନ୍ତେ ପକ୍ଷଭୁକ୍ତ ଦେଶ ଗୁଡିକର ସାମର୍ଥ୍ୟ ବୃଦ୍ଧି କରିବା ।

ଦୁଇବର୍ଷ ପାଇଁ 'ସେପା'ର କାର୍ଯ୍ୟକ୍ରମ କାର୍ଯ୍ୟକାରୀତାକୁ ସହାୟତା କରିବା ନିମନ୍ତେ ସମ୍ମିଳନୀ ଅନ୍ତର୍ଭୁକ୍ତ ରାଷ୍ଟ୍ର ଗୁଡିକର ୮ମ ବୈଠକରେ ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ତାଲିକାକୁ ଗୃହିତ କରାଗଲା । ଏହି ତାଲିକାରେ ୧୦ଟି ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟକ୍ରମ ରହିଛି ।

- 'ସେପା'ର କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକାରୀତା ପ୍ରଣାଳୀ ବା ପ୍ରକ୍ରିୟାର ପ୍ରସ୍ତୁତି
- ଜୈବବିବିଧତା ସଂପର୍କିତ ଜ୍ଞାନ ଏବଂ ସଚେତନତା ଗ୍ରହଣ କରିବା ଏବଂ ଯୋଗାଯୋଗ  ସାମର୍ଥ୍ୟ ଆକଳନ କରିବା ।

- ମୁଖ୍ୟ ବାର୍ତ୍ତା ଗୁଡିକର ପ୍ରସ୍ତୁତି
- ଗଣମାଧମ ସଂପର୍କ କୌଶଳର କାର୍ଯ୍ୟକାରୀତା କରିବା
- 'ସେପା'ର କାର୍ଯ୍ୟକ୍ରମ ପଦ୍ଧତିର ବିଷୟରେ କର୍ମଶାଳାର ଆୟୋଜନ
- ବିଶ୍ୱସ୍ତରୀୟ ନେଟୱାର୍କ ପାଇଁ ଭିତ୍ତିଭୂମୀ ଏବଂ ସହାୟତା ବ୍ୟବସ୍ଥାର ବିକାଶ
- ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ
- ବୈଜ୍ଞାନିକ, ବୈଷୟିକ ଏବଂ ଯାନ୍ତ୍ରିକ ପରାମର୍ଶ ପାଇଁ ସହାୟକ ମଣ୍ଡଳୀ ( ଏସ୍.ବି.ଏସ୍.ଟି.ଟି.ଏ ) ଏବଂ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ବୈଠକର ବିବରଣୀ ପ୍ରସ୍ତୁତ କରିବା
- ଜୈବବିବିଧତା ସଂପର୍କିତ ଆନୁଷ୍ଠାନିକ ଏବଂ ଅଣ ଆନୁଷ୍ଠାନିକ ଶିକ୍ଷାକୁ ମଜଭୁତ କରିବା

## ପକ୍ଷଭୂକ୍ତ ଦେଶ ଗୁଡିକ ପାଇଁ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍‌ର ମାର୍ଗଦର୍ଶନ

କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ ( ସି.ଓ.ପି ) ପକ୍ଷଭୂକ୍ତ ଦେଶ ଗୁଡିକୁ ସେମାନଙ୍କ ଜାତୀୟ ପଦ୍ଧତି ଏବଂ କାର୍ଯ୍ୟଯୋଜନା ପ୍ରସ୍ତୁତି ସମୟରେ ଅନୁଚ୍ଛେଦ ୧୩ରେ ଥିବା ବିଷୟ ଗୁଡିକୁ ବିଶେଷ ଭାବେ ସ୍ଥାନୀତ କରିବା ପାଇଁ କହିଛନ୍ତି ।

- ବେସରକାରୀ ସଂଗଠନ ଏବଂ ଅନ୍ୟାନ୍ୟ ଉପଯୋଗୀ ଅନୁଷ୍ଠାନ ମାଧମରେ ଜୈବବିବିଧତା ସଂପର୍କିତ ଶିକ୍ଷାର ବିକାଶ
- ଶିକ୍ଷା ଓ ଯୋଗାଯୋଗ ଉପକରଣର ବ୍ୟବହାର ପାଇଁ ସମ୍ବଳ ଯୋଗାଇଦେବା
- ପଦ୍ଧତି ନିର୍ଦ୍ଧାରଣ, ଯୋଜନା, କାର୍ଯ୍ୟକାରୀତା ଓ ସମୀକ୍ଷା ଆଦି ପ୍ରତି ସ୍ତରରେ ଶିକ୍ଷା ଓ ଯୋଗାଯୋଗ ଉପକରଣର କୌଶଳଗତ ବ୍ୟବହାର ପାଇଁ ଆବଶ୍ୟକୀୟ ସମ୍ବଳ ଯୋଗାଇଦେବା
- ଜୈବବିବିଧତା ଉଦ୍‌ବିଗ୍ନତା ଗୁଡିକୁ ଶିକ୍ଷା ପଦ୍ଧତିରେ ସନ୍ନିବେଶିତ କରିବା
- ଜୈବବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରରେ ସହାୟକ ଗୋଷ୍ଠୀ ମାନଙ୍କ ସଂପୃକ୍ତିକୁ ପ୍ରୋତ୍ସାହିତ କରୁଥିବା ଦଳ ଗୁଡିକର ଉପଯୋଗୀ ଉଦ୍ୟମ ଗୁଡିକୁ ସହାୟତା ଦେବା । ( ନିଷ୍ପତ୍ତି ୪ର୍ଥ/୧୦,ଖ, ପାରା ୧ )

ଜୈବବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାରର ଗୁରୁତ୍ୱ ଏବଂ ଉପଯୁକ୍ତ ପଦ୍ଧତି ସଂପର୍କରେ ଜନଶିକ୍ଷା ଓ ଜନସଚେତନତା ପାଇଁ ଗଣମାଧମର ବ୍ୟବହାର କରିବା ପାଇଁ ପକ୍ଷଭୂକ୍ତ ଦେଶ ଗୁଡିକୁ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ ( ସି.ଓ.ପି ) ଉତ୍ସାହିତ କରିଛି । ଆବଶ୍ୟକସ୍ଥଳେ ସମ୍ମିଳନୀର ବ୍ୟବସ୍ଥା ଗୁଡିକୁ ସ୍ଥାନୀୟ ଭାଷାରେ ଅନୁବାଦ ଏବଂ ରେଖାଙ୍କନ କରାଯିବା ମଧ ଆବଶ୍ୟକ । ( ନିଷ୍ପତ୍ତି ୪ର୍ଥ/୧୦,ଖ, ପାରା ୩ ଓ ୪ )

ଅନୁଚ୍ଛେଦ ୮ (ଜେ) ଏବଂ ତତ୍ ସଂପର୍କିତ ବ୍ୟବସ୍ଥା ଗୁଡିକ ସଂପର୍କରେ ଦେଶ ଗୁଡିକ ଇଣ୍ଟରନେଟ ସହ ସମ୍ବାଦପତ୍ର, ରେଡିଓ ଓ ସମ୍ବାଦ ଏବଂ ସ୍ଥାନୀୟ ଭାଷାରେ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରସାରିତ କରିବାକୁ ବାଧ କରୁଛି । ( ନିଷ୍ପତ୍ତି ୫ମ/୧୬,ଖ, ପାରା ୧୨, ଇ)

ଅନୁଚ୍ଛେଦ ୮ (ଜେ) ୬୪/୧୦, ପାରା ୧୬ ରେ ଥିବା ସୁପାରିଶ ଗୁଡିକୁ ସମସ୍ତଙ୍କୁ ଅବଗତି କରିବା ନିମନ୍ତେ, ଆଦିମ ଅଧିବାସୀ, ସ୍ଥାନୀୟ ଗୋଷ୍ଠୀ ଏବଂ ସାଧାରଣ ଲୋକ ମାନଙ୍କ ମଧ୍ୟରେ ପ୍ରସାରିତ ହେବା ପାଇଁ ସରକାର ଶିକ୍ଷା ଓ ସଚେତନତା ସହ ଯୋଗାଯୋଗ କୌଶଳର ବିକାଶ କରିବାକୁ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକୁ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ ( ସି.ଓ.ପି ) ମଧ୍ୟ ଅନୁରୋଧ କରିଛି ।

## ୪ – ସି.ବି.ଡି କାର୍ଯ୍ୟକ୍ରମ ଅଧାରିତ 'ସେପା'ର ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍‌ର ( ଆଇ.ଆଇ.ଏଫ୍.ବି ) କାର୍ଯ୍ୟକ୍ରମ

**ସମ୍ମିଳନୀର ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା ( ସେପା) କାର୍ଯ୍ୟକ୍ରମର ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ତାଲିକା**

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ ୧ -**

- 'ସେପା'ର କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକାରୀତା ପଦ୍ଧତି ବା ପ୍ରକ୍ରିୟା ତିଆରି
- ଆଇ.ଆଇ.ଏଫ୍.ବି ପ୍ରସ୍ତାବିତ କାର୍ଯ୍ୟକ୍ରମ
- 'ସେପା' ସଂପର୍କିତ ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳକୁ ଦୃଢ଼ କରିବା

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ -୨**

- ଜୈବବିବିଧତା ସଂପର୍କିତ ଜ୍ଞାନ ଏବଂ ସଚେତନତା ଗୁଡିକର ଆହରଣ ଏବଂ ଯୋଗାଯୋଗ ପାଇଁ ସାମର୍ଥ୍ୟର ନିର୍ଦ୍ଧାରଣ କରିବା
- ଆଦିମ ଅଧିବାସୀ ମାନଙ୍କ ସଚେତନତା ଏବଂ ବୁଝାମଣା ସଂପର୍କରେ ତଥ୍ୟ ହାସଲ ପାଇଁ 'ସେପା' ସଂପର୍କିତ ଆଇ.ଆଇ.ଏଫ୍.ବି କାର୍ଯ୍ୟକାରୀ ଦଳ ଦ୍ୱାରା ସର୍ଭେ ।( ସ୍ଥାନୀୟ ଓ ଜାତୀୟ)
- ସ୍ଥାନୀୟ, ଜାତୀୟ, ଆଂଚଳିକ ଏବଂ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟଯୋଜନା ପାଇଁ ଉପଯୁକ୍ତ ଲକ୍ଷ୍ୟସ୍ଥଳ ନିର୍ଦ୍ଧାରଣ
- ଆବଶ୍ୟକତା ଜାଣିବା ପାଇଁ ପ୍ରଶ୍ନ ପ୍ରସ୍ତୁତି ଏବଂ ବଛା ବଛା ଲୋକମାନଙ୍କର ଦଳଗତ ଆଲୋଚନା

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ -୩ ମୁଖ୍ୟ ବାର୍ତ୍ତା ଗୁଡିକର ପ୍ରସ୍ତୁତି**

- ଆଇ.ଆଇ.ଏଫ୍.ବି ପ୍ରସ୍ତାବିତ ମୁଖ୍ୟ ବାର୍ତ୍ତା ଗୁଡିକ
- ଜୈବବିବିଧତା ସଂରକ୍ଷଣ ଓ ସ୍ଥାୟୀ ବ୍ୟବହାର ଏବଂ ସ୍ଥାୟୀ ବିକାଶରେ ଆଦିମ ଅଧିବାସୀ ମାନଙ୍କର ପ୍ରଧାନ ଏବଂ ଗରୁତ୍ୱପୂର୍ଣ୍ଣ ଭୂମିକା ।
- ଯଦି ସରକାର ଗୁଡିକ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତରିକ ଭାବେ ଚିନ୍ତିତ ତାହେଲେ ସେମାନେ ଆଦିମ ଅଧିବାସୀ ମାନଙ୍କର ଜମି, ଅଂଚଳ ଏବଂ ସମ୍ବଳ ଉପରେ ଅଧିକାର, ସେମାନଙ୍କ ଆତ୍ମନିଷ୍ପତ୍ତି ଏବଂ ଜୈବବିବିଧତା ଓ ସମ୍ବଳର କୌଳିକ ପରିଚାଳନା ପଦ୍ଧତିକୁ ସମ୍ମାନ ଓ ସିକୃତି ଦେବା ଆବଶ୍ୟକ ।
- 'ସେପା' କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ସମସ୍ତ ଦଳ ଏବଂ ଅଞ୍ଚଳ ଗୁଡିକରେ ମୁଖ୍ୟ ବାର୍ତ୍ତା ଗୁଡିକୁ ପ୍ରସାରିତ କରିବା ଏବଂ ବଣ୍ଟନ କରିବା

- ଜଳବାୟୁ ପରିବର୍ତ୍ତନ ସଂପର୍କିତ ବାର୍ତ୍ତାକୁ ସଂଲଗ୍ନ କରିବା
- 'ସେପା' କାର୍ଯ୍ୟକ୍ରମ ଗ୍ରହଣ କରିଥିବା ଦଳ ଏବଂ ଅଞ୍ଚଳ ଗୁଡିକରେ ମୁଖ୍ୟ ବାର୍ତ୍ତା ଗୁଡିକୁ ପ୍ରସାରିତ ଏବଂ ବଣ୍ଟନ କରିବା

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ -୪, ଗଣମାଧମ ସଂପର୍କ କୌଶଳର କାର୍ଯ୍ୟକାରୀତା**

- ସ୍ଥାନୀୟ ପରିବେଶରେ ବିଭିନ୍ନ ଗଣମାଧମର ବ୍ୟବହାରିକତା ସଂପର୍କରେ ଭଲ ଭାବେ ସଚେତନ ହେବା
- ସ୍ଥାନୀୟ ଏବଂ ଆଂଚଳିକ ଖବରକାଗଜ ଗୁଡିକରେ ସଂପାଦକୀୟ ଲେଖିବା ଏବଂ ଯଦି ସମ୍ଭବ ହୁଏ ସି.ବି.ଡି ସଂପର୍କିତ ଏକ ସ୍ୱତନ୍ତ୍ର ପୃଷ୍ଠା ସଂଯୋଜିତ କରିବା
- ଗଣମାଧମରେ ଆଲୋଚନା, ବିତର୍କ ଆଦି ବ୍ୟବସ୍ଥା କରିବା
- ଟିଭିରେ ସି.ବି.ଡି ସଂପର୍କିତ ନାଟକ, ଭିଡିଓ, ସିନେମା ଏବଂ ଜନ ସଚେତନତା ବିଜ୍ଞାପନ ଆଦିର ପ୍ରସାରଣ ବ୍ୟବସ୍ଥା କରିବା
- ସଂଗୀତକାର ମାନଙ୍କୁ ନେଇ ସି.ବି.ଡି ସଂପର୍କିତ ସଂଗୀତ ପ୍ରସ୍ତୁତ କରିବା
- ପୋଷ୍ଟର ଆଦି ତିଆରି କରିବା
- ଗଳ୍ପ କଥନ ଏବଂ ଢଗଢମାଳୀ, ଲୋକଗୀତ ଆଦି ଭଳି ଆଦିମ ଅଧିବାସୀ ଯୋଗାଯୋଗ ପଦ୍ଧତିର ଅନୁସରଣ କରିବା।

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ -୫, 'ସେପା' ପଦ୍ଧତିର ବିକାଶ ଏବଂ କାର୍ଯ୍ୟକାରୀତା ପାଇଁ ଉପକରଣ ଟୁଲ୍ କିଟ୍ ପ୍ରସ୍ତୁତି**

- ଆଦିମ ଅଧିବାସୀ ଓ ସି.ବି.ଡି ସଂପର୍କିତ ଶିକ୍ଷା ଉପକରଣ ବହୁଳ ବିତରଣ ଏବଂ ବ୍ୟବହାର
- ସାଂପ୍ରତିକ ସି.ବି.ଡି ସଂପର୍କିତ ସାମଗ୍ରୀ ଗୁଡିକର ବ୍ୟବହାର
- ବିଭିନ୍ନ ଭାଷାରେ ଥିବା ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍ର ( ଆଇ.ଆଇ.ଏଫ୍.ବି )ର ବକ୍ତବ୍ୟ ଗୁଡିକର ସଂଗ୍ରହ

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ - ୬, 'ସେପା' ପଦ୍ଧତିର କାର୍ଯ୍ୟକାରିତା ପାଇଁ କର୍ମଶାଳାର ଆୟୋଜନ**

- ସ୍ଥାନୀୟ, ଜାତୀୟ, ଆଂଚଳିକ ଏବଂ ଆନ୍ତର୍ଜାତୀୟ ସ୍ତରରେ ଅଧିକ ତାଲିମଦାତା ସୃଷ୍ଟି ପାଇଁ କର୍ମଶାଳାର ଆୟୋଜନ।

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ - ୭, ବିଶ୍ୱସ୍ତରୀୟ ନେଟୱାର୍କ ପାଇଁ ଭିତ୍ତିଭୂମି ଏବଂ ସହାୟତାର ବିକାଶ**

- ଆଇ.ଆଇ.ଏଫ୍.ବି ୱେବସାଇଟ୍ ର ବ୍ୟବହାର ଓ ପରିଚାଳନା <http://iifb.indigenousportal.com>.
- ଆଇ.ଆଇ.ଏଫ୍.ବି ୱେବସାଇଟ୍ ସହ ଅନୁଷ୍ଠାନର ୱେବସାଇଟ୍ର ଯୋଗସୂତ୍ର ସ୍ଥାପନ
- ନେଟୱାର୍କର ସଂଯୋଜନା

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ - ୮, ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ**

- ଆଦିମ ଅଧିବାସୀ ଏବଂ ଜୈବବିବିଧତା କୈନ୍ଦ୍ରିକ ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ ସହାୟତା ନିମନ୍ତେ ଆଦିମ ଅଧିବାସୀ ସମସ୍ୟା ସଂପର୍କିତ ଜାତିସଂଘ ସ୍ଥାୟୀ ଫୋରମ୍-୨ ର ଆୟୋଜନ
- ଜତୀୟ ତଥ୍ୟକେନ୍ଦ୍ର ଗୁଡିକ ସହ କାର୍ଯ୍ୟକରିବା ଏବଂ ଜାତୀୟ ଜୈବବିବିଧତା ଦିବସ ପାଳନ ପାଇଁ ଚେଷ୍ଟା କରିବା
- ବିଶ୍ୱ ଆଦିମ ଅଧିବାସୀ ଆନ୍ତର୍ଜାତୀୟ ଦିବସ ( ଅଗଷ୍ଟ ୯ ) ପାଳନ

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ - ୯, ବୈଜ୍ଞାନିକ, ବୈଷୟିକ ଏବଂ ଯାନ୍ତ୍ରିକ ପରାମର୍ଶ ପାଇଁ ସହାୟକ ମଣ୍ଡଳୀ ( ଏସ୍.ବି.ଏସ୍.ଟି.ଟି.ଏ ) ଏବଂ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ବୈଠକ (ସି.ଓ.ପି )ର ବିବରଣୀ ପ୍ରସ୍ତୁତ କରିବା**

- ଏହି ବୈଠକ ଗୁଡିକରେ ଏବଂ ଆଦିମ ଅଧିବାସୀଙ୍କ ସଂପର୍କିତ ଅନ୍ୟ ବୈଠକ ଗୁଡିକରେ ଆଦିମ ଅଧିବାସୀ ମାନଙ୍କ ଅଂଶଗ୍ରହଣକୁ ମଜଭୁତ କରିବା
- 'ସେପା' ଉତ୍ସବରେ ଅଂଶଗ୍ରହଣ କରିବା
- ସହଯୋଗୀ କାର୍ଯ୍ୟକ୍ରମ ଆୟୋଜନ କରିବା ।
- ଆଇ.ଆଇ.ଏଫ୍.ବି ଏବଂ ତେବ୍‌ତେବା ଦ୍ୱାରା ବିକଶିତ ଆଦିମ ଅଧିବାସୀ ଏବଂ ସି.ବି.ଡିରେ ଶୀକ୍ଷଣ ସାମଗ୍ରୀ ଗୁଡିକର ବ୍ୟବହାର

**ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ - ୧୦, ଜୈବବିବିଧତା ସଂପର୍କରେ ଆନୁଷ୍ଠାନିକ ଏବଂ ଅଣଆନୁଷ୍ଠାନିକ ଶିକ୍ଷାର ଦୃଢୀକରଣ**

- ସମସ୍ତ ଶିକ୍ଷା ସ୍ତରରେ ବିଶେଷକରି ପ୍ରାଥମିକ ଶିକ୍ଷା ସ୍ତରରେ ପାଠ୍ୟକ୍ରମରେ ଏହାକୁ ସାମିଲ କରିବା ପାଇଁ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଉତ୍ସାହିତ କରିବା ।
- ଶିକ୍ଷକ ଏବଂ ବିଦ୍ୟାଳୟ ସ୍ତରରେ ପ୍ରସାରଣ କରିବା
- ଶିକ୍ଷଣ ସାମଗ୍ରୀ ଏବଂ ବ୍ରୋଚର ପ୍ରସ୍ତୁତବିଦ୍ୟାଳୟ ଗୁଡିକର ପରିଚାଳନା ବ୍ୟବସ୍ଥା ଏବଂ ବୟସ୍କ ମାନଙ୍କ ବୈଠକ ଆଦିରେ ଏହାକୁ ମିଶାଇବା
- ୟୁ.ଏନ୍.ଡି.ଆର୍.ଆଇ.ପି ଏବଂ ସି.ବି.ଡି ସଂପର୍କିତ କାର୍ଯ୍ୟକ୍ରମ ଏବଂ ସମାବେଶର ଦାୟିତ୍ୱ
- ସ୍ଥାନୀୟ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟ ଗୁଡିକ କାର୍ଯ୍ୟସୂଚୀ ପ୍ରସ୍ତୁତି

**ଶେଷ ଦ୍ରଷ୍ଟବ୍ୟ**

ସି.ବି.ଡି ୱେବ୍‌ସାଇଟ୍ <www.cbd.int>.



## ତାଲିମ୍ ସାମଗ୍ରୀ

- ପଦ୍ଧତି ପ୍ରସ୍ତୁତି ପାଇଁ ତାଲିମ ସାମଗ୍ରୀର ରୂପରେଖ ତିଆରି
- ଫିଲ୍ମ – ଫେଭର.ଫାଇବର୍
- ଟେମାଟେଆ ସମସ୍ୟା ଆଧାରିତ ମଡ୍ୟୁଲ, ଗ୍ଲୋବାଲ ବାୟୋଡାଇଭରସିଟି ଆଉଟ୍‌ଲୁକ୍, ସି.ବି.ଡି ର ସମସ୍ତ ବହି, ବିଶ୍ୱ ସଂରକ୍ଷଣ ସଂଗଠନ ( ଆଇ.ୟୁ.ସି.ଏନ୍ )ର ପଶୁପାଳନ ଓ ଜଙ୍ଗଲ ଆଦି ସଂପର୍କିତ ପୁସ୍ତକ
- ଟେମାଟେଆ ଜୈବବିବିଧତା ସଂପର୍କିତ ସମ୍ମିଳନୀ ଗୁଡିକରର ସଙ୍ଗତିପୂର୍ଣ୍ଣ କାର୍ଯ୍ୟକାରୀତା ନିମନ୍ତେ ସମସ୍ୟା ଆଧାରିତ ମଡ୍ୟୁଲ
- ଗ୍ଲୋବାଲ ବାୟୋଡାଇଭରସିଟି ଆଉଟ୍‌ଲୁକ୍ – ୨
- ପଶୁପାଳନ
- ଶୁଷ୍କାଞ୍ଚଳ ଏବଂ ପଶୁପାଳନ
- ପାଷ୍ଟୋରାଲିଜମ୍, ନେଚର କଂଜରଭେସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ - ଏ ଗୁଡ୍ ପ୍ରାକ୍ଟିସ୍ ଗାଇଡ୍

## ଉପକ୍ରମ

ଜୈବବିବିଧତା ସଂରକ୍ଷଣ ସଂପର୍କରେ ଆଦିମ ଅଧିବାସୀ ମାନଙ୍କ ଦକ୍ଷତାବୃଦ୍ଧି ନିମନ୍ତେ ତେବ୍‌ତେବାର ଦୁଇବର୍ଷିଆ ପ୍ରକଳ୍ପ ମଧ୍ୟରେ ଅନେକ ଶିକ୍ଷଣ ସାମଗ୍ରୀ ଏବଂ କୌଶଳର ଗ୍ରହଣ କରାଯାଇଥିଲା ଯାହାକି ତାଲିମ ଅଂଶଗ୍ରହଣକାରୀ ମାନଙ୍କ ପାଇଁ ଅତି ଏପଯୋଗୀ ସାବ୍ୟସ୍ତ ହୋଇଥିଲା । ସେହିସବୁ ସାମଗ୍ରୀ ଗୁଡିକରେ ପୋଷ୍ଟର ଏବଂ ମାନସିକ ସଂଯୋଗ ଚିତ୍ର ବା ମାଇଣ୍ଡ ମ୍ୟାପ୍ ମଧ୍ୟ ଥିଲା । ଏହି ଦୁଇଟି କୌଶଳ ଜୈବ ସମ୍ବଳର ସଂରକ୍ଷଣ, ସ୍ଥାୟୀ ବ୍ୟବହାର ଏବଂ ସମବଣ୍ଟନରେ ଆଦିମ ଅଧିବାସୀ ମାନେ ସମ୍ମୁଖିନ ହେଉଥିବା ସମସ୍ୟା ଓ ଅସୁବିଧା ଗୁଡିକୁ ବୁଝିବାରେ ଏବଂ ଉପସ୍ଥାପିତ କରିବାରେ ବିଶେଷ ସହାୟକ ହୋଇଥିଲା ।

ପ୍ରଫେସର ରେମୁଣ୍ଡୋ ରୋଭିଲୋସ୍ ଙ୍କର ଲିଖନଶୈଳୀ ସଂପର୍କିତ ମଡ୍ୟୁଲ ଆଦିମ ଅଧିବାସୀ ଶିକ୍ଷକ ମାନଙ୍କ କର୍ମଶାଳାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହିସାବରେ ବ୍ୟବହୃତ ହୋଇଥିଲା, ଯାହାକି ୨୦୦୬ ମାର୍ଚ୍ଚ ରେ ବ୍ରାଜିଲର କୁରିସିବା ଠାରେ ଅନୁଷ୍ଠିତ ସମ୍ମିଳନୀର ଅଷ୍ଟମ ଅଧିବେଶନ ସମୟରେ ତେବ୍‌ତେବା ପକ୍ଷରୁ କରାଯଅଇଥିଲା ।

ପୋଷ୍ଟର ଉପସ୍ଥାପନା, ମାନସିକ ସଂଯୋଗ ଚିତ୍ର ଏବଂ ମଡ୍ୟୁଲ ପ୍ରସ୍ତୁତି ର ବ୍ୟବହାର ସଂପର୍କିତ ନିମ୍ନ ମାର୍ଗଦର୍ଶନ ଶିକ୍ଷକ ମାନଙ୍କୁ ନିଜ ଅଂଚଳରେ ଯୋଗାଯୋଗ, ଶୀକ୍ଷା ଓ ଜନସଚେତନତା ଦିଗରେ ବିଶେଷ ସହାୟକ ହେବ ।

ଏସବୁ ସହିତ ଏଥିରେ ଅନେକ ଦରକାରୀ ଶିକ୍ଷଣ ସାମଗ୍ରୀ ଓ କୌଶଳ ଯଥା ଦଳଗତ ଆଲୋଚନା, କେସ୍‌ଷ୍ଟଡି, ପୂର୍ବାପର ଆଲୋଚନା ଏବଂ ସମୀକ୍ଷା ଅଧିବେଶନ ଇତ୍ୟାଦି ରହିଛି । ଏସୁଥିରୁ କେତେକ ମଡ୍ୟୁଲ୍ ତାଲିମ ମଡ୍ୟୁଲ୍ ହିସାବରେ ବ୍ୟବହାର କରାଯାଇଥିଲା ।

**୧ – ପୋଷ୍ଟର ଉପସ୍ଥାପନା – ସ୍ଥାନୀୟ ସମସ୍ୟାକୁ ଜାତୀୟ ପରିସ୍ଥିତି ଏବଂ ସି.ବି.ଡି ର ଉଦ୍ଦେଶ୍ୟ ସହ ସଂଯୋଗ କରିବା ।**

**ମୂଖ୍ୟ ଆଭିମୂଖ୍ୟ –** ସାଂସ୍କୃତିକ ଏବଂ ଜୈବବିବିଧତା ସଂପର୍କିତ ସ୍ଥାନୀୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସମସ୍ୟା ଏବଂ ପ୍ରାଧାନ୍ୟ ଗୁଡିକର ଆନ୍ତଃସମ୍ପର୍କକୁ ଏକ କାଗଜରେ ଚିତ୍ର ଏବଂ ବିସ୍ତୃତ ବିବରଣୀ ହିସାବରେ ପୋଷ୍ଟର ଦର୍ଶାଇଥାଏ ।

**କାର୍ଯ୍ୟକ୍ରମର ଉଦ୍ଦେଶ୍ୟ**

ଅଂଶଗ୍ରହଣକାରୀ ମାନଙ୍କର ନିଜସ୍ୱ ଅଭିଜ୍ଞତା ଓ ପାରଂପରିକ ଜ୍ଞାନର ବୁଝାମଣା ଏବଂ ଜୈବବିବିଧତାର ପାରଂପରିକ ବ୍ୟବହାର ଓ ପରିଚାଳନାକୁ ଦୃଢ ବିବେଚିତ କରିବା ।

ସି.ବି.ଡିର ଉଦ୍ଦେଶ୍ୟ ଗୁଡିକୁ ସ୍ଥାନୀୟ ଓ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ।

**ସୋପାନ ସମୂହ**

୧ – ଜୈବବିବିଧତାର ସଂରକ୍ଷଣ, ସ୍ଥାୟୀ ବ୍ୟବହାର ଏବଂ କର୍ତ୍ତୃତ୍ୱ ଓ ଲାଭାଂଶ ବଣ୍ଟନ ଦିଗରେ ନିଜ ଅଭିଜ୍ଞତା ଏବଂ ବୁଝାମଣାକୁ ଆଲୋଚନା କରିବା ପାଇଁ ଅଂଶଗ୍ରହଣକାରୀ ମାନେ ଛୋଟ ଛୋଟ ଦଳରେ ଭାଗ ହୋଇଯିବେ । ସେମାନେ ଏହି ବିଷୟ ଗୁଡିକ ଉପରେ ଆଲୋଚନା କରିବେ – ଉପଯୋଗୀ ସରକାରୀ ନୀତି, ଆଇନ୍, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଆଦି ସଂପର୍କରେ । ଏହି ପ୍ରାଥମିକ ଅଧିବେଶନରେ ସି.ବି.ଡି ବା ଜୈବବିବିଧତା ସଂପର୍କରେ ତତ୍‌କ୍ଷଣାତ୍ ଆଲୋଚନା କରିବାର କୌଣସି ଅବଶ୍ୟକତା ନାହିଁ । ଅଧିବେଶନ ଶେଷରେ ସ୍ଥାନୀୟ ଓ ଜାତୀୟ ସ୍ତରରେ ସମ୍ମିଳନୀର ଉଦ୍ଦେଶ୍ୟ ଦୁଡିକୁ ଆଲୋଚନା କରାଯାଇପାରିବ ।

୨ – ନିମ୍ନ ମତେ ରେଖାଚିତ୍ର ବ୍ୟବହାର ଏବଂ ଅଂଶଗ୍ରହଣକାରୀ ମାନେ ପୋଷ୍ଟର ଆଙ୍କି ପାରିବେ ।

ଆଦିମ ଅଧିବାସୀ ମାନଙ୍କର ଅଧିକାର ଏବଂ ପାରଂପରିକ ଜ୍ଞାନ ରୂପରେଖ ମଧ୍ୟରେ ନିଜ ଗୋଷ୍ଠି ଏବଂ ଲୋକମାନଙ୍କ ନିମନ୍ତେ ମୂଖ୍ୟ ସମସ୍ୟା ଏବଂ ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ ଗୁଡିକୁ ଆଲୋଚନା କରନ୍ତୁ ।

- ପ୍ରାକୃତିକ ସଂପଦର ସଂରକ୍ଷଣ ( ଜୈବବିବିଧତା )
- ପ୍ରାକୃତିକ ପରିବେଶର ସ୍ଥାୟୀ ବ୍ୟବହାର ( ଜୈବବିବିଧତା )
- ପ୍ରାକୃତିକ ସଂପଦ ଉପରେ କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ

ସାଂପ୍ରତିକ ଏବଂ ପ୍ରସ୍ତାବିତ ସରକାରୀ ନୀତି ନୀୟମ, ବିଧେୟକ, କାର୍ଯ୍ୟକ୍ରମ ବା ଏ ସଂପର୍କିତ ଉପଯୋଗୀ ପ୍ରକଳ୍ପ ଗୁଡିକ

୩ – ପ୍ରତି କର୍ମଶାଳାରେ ଛୋଟ ଦଳ ଗୁଡିକ ସେମାନଙ୍କ ପୋଷ୍ଟର ଉପସ୍ଥାପନ କରନ୍ତି ଏବଂ ଅନ୍ୟ ଅଂଶଗ୍ରହଣକାରୀ ମାନେ ସେମାନଙ୍କୁ ପ୍ରଶ୍ନ ପଚାରି ପାରନ୍ତି । ସମୟର ସଦୁପଯୋଗ ପାଇଁ ଅନ୍ୟ ଅଂଶଗ୍ରହଣାକାରୀମାନେ ସେମାନଙ୍କ ପ୍ରଶ୍ନ ବା ମତାମତ ଗୁଡିକୁ ଛୋଟ ଛୋଟ କାଗଜରେ ଲେଖି ପାରନ୍ତି ଏବଂ ଉପସ୍ଥାପନା ପରେ ସେଗୁଡିକ ପୋଷ୍ଟର ସହିତ ସଂଲଗ୍ନ କରିପାରନ୍ତି ଯାହାକି ଏକାଠି କରାଯାଇ ପରବର୍ତ୍ତୀ ଅଧିବେଶନରେ ଉତ୍ତର ଦିଆଯାଇପାରେ ।

୪ – କର୍ମଶାଳାର ଏକ ମୁଖ୍ୟ ସମ୍ବଳ ଏବଂ ଆଲୋଚନା ସାମଗ୍ରୀ ହିସାବରେ ବ୍ୟବହୃତ ହୋଇ ପାରିଥିବାରୁ ତାଲିମଦାତା ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କ ପୋଷ୍ଟର ପାଇଁ ଧନ୍ୟବାଦ ଦେବେ । ତାଲିମଦାତା ସମ୍ମିଳନୀ ସଂପର୍କିତ ବିଭିନ୍ନ ମୁଖ୍ୟ ସମସ୍ୟାଗୁଡିକ ସଂପର୍କରେ ସେମାନଙ୍କର ବୁଝାମଣାକୁ ଦୃଢ଼ କରିବେ ଯେପରିକି ସେମାନଙ୍କର ଉପସ୍ଥାପନା ସ୍ଥାନୀୟ ଏବଂ ଜାତୀୟ ପରିପ୍ରେକ୍ଷୀରେ ସି.ବି.ଡି ର ଉଦ୍ଦେଶ୍ୟକୁ କେନ୍ଦ୍ରିତ କରିବ ।

## ୨ – ପାରଂପରିକ ଜ୍ଞାନର ମାନସିକ ସଂଯୋଗ ଚିତ୍ର ( ମାଇଣ୍ଡ ମ୍ୟାପିଙ୍ଗ୍ )

| | |
|---|---|
| ମୁଖ୍ୟ ଆଭିମୁଖ୍ୟ | ଅଂଶଗ୍ରହଣକାରୀ ମାନଙ୍କୁ ଦଳଗତ ଭାବରେ ପାରଂପରିକ ଜ୍ଞାନ ସଂପର୍କିତ ସେମାନଙ୍କ ଆଭିମୁଖ୍ୟକୁ ଏକତ୍ର କରିବା ନିମନ୍ତେ ମାନସିକ ସଂଯୋଗ ଚିତ୍ର ଏକ ଫଳପ୍ରଦ ଶିକ୍ଷଣ ପଦ୍ଧତି । |
| ଉଦ୍ଦେଶ୍ୟ | ପାରଂପରିକ ଜ୍ଞାନ ସଂପର୍କିତ ତଥ୍ୟର ଚିନ୍ତାକରିବା, ବୁଝାଇବା ଏବଂ ଉପସ୍ଥାପନା କରିବା ନିମନ୍ତେ ଅଂଶଗ୍ରହଣକାରୀ ମାନେ ରେଖାଚିତ୍ର ବା ମାନସିକ ସଂଯୋଗଚିତ୍ରର ବ୍ୟବହାର କରିବେ । ଅଂଶଗ୍ରହଣକାରୀମାନେ ପାରଂପରିକ ଜ୍ଞାନର ବିସ୍ତୃତ ଆଭିମୁଖ୍ୟ ସହିତ ବିଶେଷ ପରିଚିତ ହେବେ, ସେମାନଙ୍କ ଦେଶରେ ବା ଗୋଷ୍ଠୀରେ ଏହାକୁ କିପରି ବୁଝାଯାଉଛି, ପାରଂପରିକ ଜ୍ଞାନ ସହିତ ଯୋଡି ହୋଇ ରହିଥିବା ବିଭିନ୍ନ ଦିଗ ଗୁଡିକୁ ବୁଝିବେ । |
| ପୂର୍ବ ପ୍ରସ୍ତୁତି | ତାଲିମଦାତାମାନେ ଏକ ମାନସିକ ସଂଯୋଗଚିତ୍ର ଦେଖାଇ ସେ ସଂପର୍କରେ ପୂର୍ବ ଧାରଣା ଦେବା ଆବଶ୍ୟକ । ସେମାନେ ମଧ୍ୟ ଅଂଶଗ୍ରହଣକାରୀ ମାନଙ୍କର ଭାଷା ଦୁର୍ବଳତା ବା ଦଳରେ ସକ୍ରିୟ ଭାବେ କାର୍ଯ୍ୟକରିବାର ପ୍ରତିବଂଧକ ଭଳି ଶିକ୍ଷାଗତ ପ୍ରତିବଂଧକ ଗୁଡିକୁ ଭଲଭାବେ ବୁଝିଥିବେ ଏବଂ ଆଗରୁ ସେଗୁଡିକୁ ଦୂରକରିବା ନିମନ୍ତେ ଚେଷ୍ଟା କରିବେ । |
| ପ୍ରକ୍ରିୟା | ଅଂଶଗ୍ରହଣକାରୀମାନଙ୍କୁ ଦେଶ ବା ଗୋଷ୍ଠୀ ହିସାବରେ ଛୋଟ ଛୋଟ ଦଳରେ ଭାଗ କରି ଦିଅନ୍ତୁ । ଏକ ବଡ ଫର୍ଦ୍ଦ କାଗଜରେ ମଝିରେ ପାରଂପରିକ ଜ୍ଞାନ ଲେଖି ସଂଯୋଗ ଚିତ୍ର ଆରମ୍ଭ କରାଯିବ । ସେସଂପର୍କରେ ଆସୁଥିବା ମୁଖ୍ୟ ବିଷୟ ଏବଂ ଦୃଷ୍ଟିଭଙ୍ଗୀ ଗୁଡିକ ଲେଖାଯାଇ ପାରଂପରିକ ଜ୍ଞାନ ଲେଖାଯାଇଥିବା ମଝିରୁ ରେଖାଦ୍ୱାରା ତାକୁ ସଂଯୋଜିତ କରାଯିବ । ଯଦି କିଛି ନୂଆ ଧାରଣା ଆସେ ତାହା ପୂର୍ବ ଦୃଷ୍ଟିଭଙ୍ଗୀର ସଂପ୍ରସାରଣ କି ନାହିଁ ତାହା ପରଖି ନିଅନ୍ତୁ , ଯଦି ସଂପ୍ରସାରଣ ତାହେଲେ ସେହି ରେଖାକୁ ଲମାନ୍ତୁ ।  ଯଦି ତାହା ଏକ ଭିନ୍ନ ଧାରଣା ତାହେଲେ ତା ପାଇଁ ମଝିରୁ ନୂଆ ରେଖା ସଂଯୋଗ କରନ୍ତୁ । ସଂଯୋଗ ଗୁଡିକୁ ଲକ୍ଷ୍ୟ କରନ୍ତୁ, ରେଖା ଶେଷକୁ ଆସିଥିବା ତଥ୍ୟ ଗୁଡିକ ମଧ୍ୟରେ ପରସ୍ପର ସଂପର୍କ ନିଶ୍ଚୟ ପରିଲକ୍ଷିତ ହେବ । ଏକାଭଳି ଥିବା ବିଷୟ ଗୁଡିକୁ ଅକ୍ଷର, ସଂଖ୍ୟା |

| | |
|---|---|
| | ବା ରେଖା ସଂଯୋଗ କରି ସଂପର୍କ ଗୁଡିକୁ ଦେଖାଯାଇ ପାରିବ । ମାନସିକ ସଂଯୋଗ ଚିତ୍ରକୁ ଯଦି ଆଲୋଚନା ବା ଯୋଜନା ପାଇଁ ବ୍ୟବହାର କାରାଯାଏ ତାହେଲେ ମଝିରୁ ବା କେନ୍ଦ୍ରରୁ ଟଣା ହୋଇଥିବା ଗାର ଗୁଡିକୁ ସଂଖ୍ୟାରେ ସଜାଇ ଏହାର ବିଭିନ୍ନ ବିଭାଗ ହିସାବରେ ଆଲୋଚନା କରାଯାଇ ପାରେ । |
| ସମାପ୍ତିକରଣ | ସମସ୍ତ ଅଂଶଗ୍ରହଣକାରୀ ଦଳ ପାରଂପରିକ ଜ୍ଞାନର ସଂଜ୍ଞାକରଣ ଏବଂ ମାନସିକ ସଂଯୋଗ ଚିତ୍ରରେ ଦର୍ଶାଇଥିବା ବିଷୟ ଗୁଡିକ ସଂପର୍କରେ ସେମାନଙ୍କ କାର୍ଯ୍ୟକୁ ବଡ ଦଳରେ ଉପସ୍ଥାପନ କରିବେ । ଅଂଶଗ୍ରହଣକାରୀ ମାନଙ୍କ ସଂଖ୍ୟାକୁ ଧରି ଆଲୋଚନା ପାଇଁ କିଛି ସମୟ ଦିଆଯାଇପାରେ । ଅଂଶଗ୍ରହଣକାରୀ ମାନେ ପାରଂପରିକ ଜ୍ଞାନ ସଂପର୍କିତ ବିପଦ ଏବଂ ସେସବୁର ସୁରକ୍ଷା ପାଇଁ ଆବଶ୍ୟକୀୟ ସୁପାରିଶ ଗୁଡିକ ସଂପର୍କିତ ସେମାନଙ୍କର ପରବର୍ତ୍ତୀ ଆଲୋଚନା ବା ଅନୁଶୀଳନକୁ ମାନସିକ ସଂଯୋଗ ଚିତ୍ର ବା ସାଧାରଣ ରେଖା ଚିତ୍ର ମାଧମରେ ପରିପ୍ରକାଶ କରିପାରନ୍ତି । |
| ସମ୍ବଳ | ଆବଶ୍ୟକୀୟ ଉପକରଣ<br>ରଂଗୀନ ମାର୍କର ବା ପେନ୍, ବଡ ଧଳା କାଗଜ, ଅତିରିକ୍ତ ବ୍ୟବହାର ପାଇଁ ସାଦା କାଗଜ ଏବଂ ସହାୟକ ସମ୍ବଳ ସଂପର୍କିତ ସିଡି । |


## ମାନସିକ ସଂଯୋଗ ଚିତ୍ର ବା ମାଇଣ୍ଡ ମ୍ୟାପିଙ୍ଗ କଣ ?

ପ୍ରାକୃତିକ ସଂପଦର ଆହରଣ ମାନସିକ ସ୍ତରରେ ଚେତନା ଓ ସାଦର ପାରସ୍ପରିକ ସଂପର୍କକୁ ବୁଝାଇଥାଏ ବା ମାନସିକ ଚିତ୍ର ସୃଷ୍ଟି କରେ । ମାନସିକ ଚିତ୍ର ହେଉଛି ଚିନ୍ତା ଗୁଡିକର ଚିତ୍ର ଉପସ୍ଥାପନା ଏବଂ ସେଗୁଡିକ ପରସ୍ପର କିପରି ସଂଯୋଜିତ । ଏହାହିଁ ମାନସିକ ସଂଯୋଗ ଚିତ୍ର ବା ମାଇଣ୍ଡ ମ୍ୟାପିଙ୍ଗ । ମାନସିକ ସଂଯୋଗ ଚିତ୍ର ପ୍ରସ୍ତୁତିରେ ମନ ଏକତ୍ରିତ ଚିନ୍ତା ବା ବିଷୟ ଗୁଡିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ମାନସିକ ସଂଯୋଗ ଚିତ୍ରର ସୃଜନ ପ୍ରକ୍ରିୟାରେ ବିଷୟ ଗୁଡିକ ହିଁ ବିଭିନ୍ନ ଅର୍ଥକୁ ଦର୍ଶାଇଥାନ୍ତି ।

ମାନସିକ ସଂଯୋଗ ଚିତ୍ର ପ୍ରସ୍ତୁତି - ମାନସିକ ସଂଯୋଗ ଚିତ୍ର ପ୍ରସ୍ତୁତି ଶିକ୍ଷା ହେଉଛି ସଂପର୍କକୁ ସୂଚାଇବା ନିମନ୍ତେ ଏକତ୍ରିତ ଚିନ୍ତା ବା ବିଷୟ ଗୁଡିକର ବ୍ୟବହାର ଦ୍ଵାରା ସୃଜନଶୀଳ ପ୍ରକ୍ରିୟା । ପାରଂପରିକ ଜ୍ଞାନ ପରିପ୍ରେକ୍ଷିରେ ସଂପର୍କ ଗୁଡିକୁ ବୁଝିବା ଏବଂ ନୂଆ ଚିନ୍ତା ବାହାର କରିବା ପାଇଁ ଚନ୍ତାଶକ୍ତିକୁ ବ୍ୟବହାର କରିବା ଦିଗରେ ମାନସିକ ସଂଯୋଗ ଚିତ୍ର ଏକ ସୁନ୍ଦର ଉପାୟ ।

ମାନସିକ ସଂଯୋଗ ଚିତ୍ର ହେଉଛି ଏକ ରେଖା ଚିତ୍ର । ଏହା କିଛି ଭାବନା ବା ତଥ୍ୟର ଏକତ୍ରୀକରଣ । ମସ୍ତିଷ୍କ ଚିତ୍ର ଭଳି ମାନସିକ ସଂଯୋଗ ଚିତ୍ରର ମଧ୍ୟ ଏକ କେନ୍ଦ୍ର ସ୍ଥଳ ରହିଛି । ଏହା ଗୋଟିଏ ଛବି ବା ଏକ ଶବ୍ଦ ହୋଇପାରେ । ଏହା ହେଉଛି ବିଷୟର କେନ୍ଦ୍ର ଏବଂ ମ୍ୟାପ୍‌ର ମୁଖ୍ୟ ବିଷୟକୁ ପ୍ରତିନିଧିତ୍ଵ କରିଥାଏ । ଏହାପରେ ଏହି ବିଷୟ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଗୁଡିକ କେନ୍ଦ୍ର ସହ ସଂଯୋଗ କରାଯାଏ । ମୁଖ୍ୟ ବିଷୟର ଅନେକ ଛୋଟ ଶାଖା ମଧ୍ୟ ଆସିବ । ସବୁ ଶାଖା ଗୁଡିକ ଏକ ସଂଯୋଗ ଢାଞ୍ଚା ଭିତରେ ରହିବ ।

ମସ୍ତିଷ୍କ ସାଧାରଣତଃ ପରସ୍ପର ସଂପର୍କିତ । ଯେ କୌଣସି ଚିନ୍ତାର ମସ୍ତିଷ୍କରେ ହଜାର ହଜାର ଯୋଗସୂତ୍ର ଥାଏ । ମାନସିକ ସଂଯୋଗ ଚିତ୍ର ସଂପର୍କ ଏବଂ ଯୋଗସୂତ୍ର ଗୁଡିକୁ ମନେରଖିଥାଏ ଏବଂ ଦୃଢ଼ କରିଥାଏ ।



## ୩ – ତାଲିମ ସାମଗ୍ରୀ ବା ମଡ୍ୟୁଲ ଲିଖନ

ନିମ୍ନରେ ତାଲିମ ସାମଗ୍ରୀ ବା ମଡ୍ୟୁଲ ଲିଖନର ପ୍ରକ୍ରିୟା ସଂପର୍କରେ ସୂଚନା ଦିଆଯାଇଛି ।

**ମଡ୍ୟୁଲ ର ଅଂଶ**

୧) ଉପକ୍ରମ

୨) ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୩) ସାମଗ୍ରୀ

୪) ସମୟ

୫) ପ୍ରକ୍ରିୟା/ କାର୍ଯ୍ୟକ୍ରମ

୬) ଆଲୋଚନା

୭) ସମୀକ୍ଷା/ ତର୍ଜମା

୮) ସିଦ୍ଧାନ୍ତ ବା ସମାପ୍ତି

୯) ସ୍ୱତନ୍ତ୍ର ଶବ୍ଦାବଳୀ ବା ତାଲିକା

୧୦) ସହାୟକ ତଥ୍ୟ

**ଉପକ୍ରମ**

ଉପକ୍ରମ ମାଧମରେ ଅଂଶଗ୍ରହଣକାରୀ ମାନଙ୍କୁ ବିଷୟକୁ ସ୍ୱାଗତ କରାଯାଇଥାଏ । ବିଷୟର ପରିସର ସଂପର୍କରେ ସୂଚନା ଦିଆଯାଇଥାଏ ଏବଂ ସେମାନେ ଏଥିରୁ ପ୍ରଶିକ୍ଷକ କଣ ହାସଲ କରିବାକୁ ଆଶା ରଖିଛନ୍ତି ତାହାର କିଞ୍ଚିତ ସୂଚନା ଦିଆଯାଇଥାଏ ।

ଏହି ଅଧିବେଶନକୁ ତୁମେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସଂକ୍ଷିପ୍ତ ରଖିବାକୁ ଚେଷ୍ଟା କରିବ ।

**ଲକ୍ଷ୍ୟ**

ଲକ୍ଷ୍ୟ ହେଉଛି, ତୁମେ କଣ କରିବାକୁ ଚାହୁଁଛ ତାକୁ ବୁଝାଇବାର ଏକ ବ୍ୟାପକ ବକ୍ତବ୍ୟ । ତାହା ସାଧାରଣ ହୋଇପାରେ ଏବଂ ତୁମର ଛାତ୍ରମାନଙ୍କୁ ବିଷୟର ପରିସର, ଅନ୍ୟ ବିଷୟ ବା ପାଠ୍ୟକ୍ରମ ସହ ଏହାର ସଂପର୍କ କୁ ବୁଝିବାରେ ଏକ ସମ୍ୟକ ଧାରଣା ଦେବ ।

ଉଦାହରଣ – ଏହି ବିଷୟର ଶେଷ ବେଳକୁ ଶିକ୍ଷାର୍ଥୀ ମାନେ -

- ଅର୍ଥନୈତିକ ତର୍ଜମା ଏବଂ ବିଝିପାରିବା ଦକ୍ଷତା ହାସଲ କରିଥିବେ
- ଅତୀତ ସଂପର୍କରେ ଅର୍ଥପୂର୍ଣ୍ଣ ପ୍ରଶ୍ନ ପଚାରିବା ଏବଂ ଏବଂ ନିଜର ସ୍ମରଣରୁ ସେସବୁର ଉତ୍ତର ଦେଇ ପାରିବାର ଦକ୍ଷତାର ବିକାଶ ହେବ
- ବିଭିନ୍ନ ଆଇନ ଅନୁଷ୍ଠାନ ଏବଂ ସେସବୁର ସାମାଜିକ, ଆର୍ଥିକ ଓ ରାଜନୈତିକ ରୂପକୁ ବୁଝି ପାରିବା ।
- ନୂଆ ସମସ୍ୟା ଗୁଡିକର ସଂପର୍କରେ ସୃଜନାତ୍ମକ ଏବଂ ସ୍ୱାଧିନ ଭାବେ ଭାବିବାର ଦକ୍ଷତାର ବିକାଶ ଏବଂ ସେମାନଙ୍କର ସମସ୍ୟା ସମାଧାନ ପାଇଁ ନିଜସ୍ୱ ସାମର୍ଥ୍ୟର ପ୍ରକୃତ ଆକଳନ ହେବା ।
- ଆଇନ ଗୁଡିକର ସଂସ୍କାର ପାଇଁ ଦୃଢ ଇଚ୍ଛାଶକ୍ତିର ଜାଗ୍ରତ

**ଉଦ୍ଦେଶ୍ୟ –**

ଅଂଶଗ୍ରହଣକାରୀମାନେ କଣ ଶିଖିବାକୁ ଚାହୁଁଛନ୍ତି ତାହା ସ୍ୱଷ୍ଟ ଏବଂ ନିର୍ଦ୍ଧିଷ୍ଟ ଭାବେ ବକ୍ତବ୍ୟ ରଖନ୍ତୁ । ଶିକ୍ଷାର୍ଥୀ ବିଭିନ୍ନ ସାମଗ୍ରୀ ଗୁଡିକୁ କାର୍ଯ୍ୟରେ ଲଗାଇ କଣ ଶିଖିବା, ନିଜେ କରି ଦେଖାଇବା ବା ବୁଝି ପାରିବା ଉଚିତ ତାହା ଏହି ବକ୍ତବ୍ୟ ଗୁଡିକ ସୂଚୀତ କରିବ । ସୂଚୀଭୂକ୍ତ ବିଷୟର ଅନୁକରଣରେ ପାଠ୍ୟକ୍ରମ ପ୍ରସ୍ତୁତି ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ହିସାବରେ ତୁମେ ସ୍ୱଷ୍ଟଭାବେ ଉପସ୍ଥାପିତ କରିଥିବା ଉଦ୍ଦେଶ୍ୟ ସହାୟକ ହେବ ଏବଂ ଉପଯୁକ୍ତ ଆକଳନ ପାଇଁ ଯୋଜନାରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ସେମାନେ କଣ ଶିକ୍ଷାକରନ୍ତୁ ବୋଲି ଆମେ ଚାହୁଁଛେ ତାହା ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱଷ୍ଟଭାବେ ସୂଚୀତ କରିବା ଆବଶ୍ୟକ ଏବଂ ସେମାନଙ୍କୁ ନିର୍ଦ୍ଧିଷ୍ଟ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ସହାୟତା କରିବା ଦରକାର ।

ଉଦାହରଣ - ଏହି ବିଷୟରେ ଶେଷ ବେଳକୁ ଶିକ୍ଷାର୍ଥୀ ମାନେ ନିମ୍ନ ଦିଗରେ ସକ୍ଷମତା ହାସଲ କରିଥିବେ –

- ଫିଲିପିନ୍ସ ଆଦିମ ଅଧିବାସୀ ଅଧରକାର ଆଇନ - ୧୯୯୭କୁ ବିସ୍ତୃତ ଆଲୋଚନା କରି ପ୍ରଶାସନରେ ଆଦିମ ଅଧିବାସୀ ମାନଙ୍କର ଭୂମିକା ସଂପର୍କରେ ବୁଝିବା ଏବଂ ସ୍ୱିକୃତ କରିବା ।
- ଆଦିମ ଅଧିବାସୀ ଗୋଷ୍ଠି ମଧରେ ବହୁଦେଶୀୟ ଖଣିଖୋଳାରେ ଖର୍ଚ୍ଚ ଓ ଲାଭକୁ ରେଖଅଚିତ୍ର ଏବଂ ଗାଣିତିକ ପଦ୍ଧତିରେ ବୁଝିବା ।
- ଆଦିମ ଅଧିବାସୀ ମାନଙ୍କ ଖାଦ୍ୟ ସୁରକ୍ଷା ସଂପର୍କରେ ଥିବା ନୀୟମାବଳୀ ଗୁଡିକୁ ପ୍ରଶଂସା କରିବା ।
- ଆଦିମ ଅଧିବାସୀ ମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ହେଉଥିବା ପଛରେ ଥିବା ଐତିହାସିକ ମୂଳତତ୍ତ୍ୱକୁ ବୁଝିବା
- ବିଭିନ୍ନ ଆଦିମ ଅଧିବାସୀ ଗୋଷୀ ଗୁଡିକର ସାଂପ୍ରତିକ ଅଭ୍ୟାସରେ ସମ୍ମିଳନୀର ଅନୁଚ୍ଛେଦ ୮ (ଜେ)କୁ ବ୍ୟାଖ୍ୟା କରିବା ।

**ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ଲେଖିବା**

ଯେ କୌଣସି ଉଦ୍ଦେଶ୍ୟରେ କ୍ରିୟାପଦ ଟି ହେଉଛି ମୁଖ୍ୟ ଶବ୍ଦ । ଏହା ଶିକ୍ଷାର ଫଳାଫଳ ହିସାବରେ କଣ କରିବାକୁ ହେବ ତାହା ବୁଝାଇଥାଏ । ଏହା ଉଦ୍ଦେଶ୍ୟ ଗୁଡିକୁ ଯେଉଁ ପରିସ୍ଥିତିରେ ସଫଳତା ହାସଲ କରିହେବ ଏବଂ ଯେଉଁ ଭଳି ସାମର୍ଥ୍ୟ ଏଥିପାଇଁ ଆବଶ୍ୟକ ସେ ସଂପର୍କରେ ଅଧିକ ସ୍ପଷ୍ଟ ଭାବେ ଶିକ୍ଷା କରିବାକୁ ସହଜ କରାଏ । ତେଣୁ ଉଦ୍ଦେଶ୍ୟରେ ନିମ୍ନ ତିନୋଟି ଉପାଦାନ ରହିଥାଏ –

- ଏକ ଆଚରଣଗତ ପଦ - ଶୀକ୍ଷାର୍ଥୀ କଣ କରିବା ଆବଶ୍ୟକ ସେ ସଂପର୍କରେ ଏକ କ୍ରିୟାପବ
- ଏକ ପରିସ୍ଥିତି – ଯେଉଁ ପରିବେଶରେ କାର୍ଯ୍ୟକରାଯିବ ସେ ସଂପର୍କରେ ସୂଚନା
- ଏକ ମାନ ବା ସ୍ତର – ଯେଉଁ ସାମର୍ଥ୍ୟର ଆବଶ୍ୟକତା ରହିଛି ତାର ବର୍ଣ୍ଣନା

**ଉଦ୍ଦେଶ୍ୟ ଗୁଡିକର ବିଶେଷ ଭାଷା**

- ବୋଧଶକ୍ତି ( ଜ୍ଞାନ, ଚିନ୍ତା )
- ଭାବପ୍ରକାଶ ( ମନୋଭାବ, ଅନୁଭବ ଶକ୍ତି )
- ମାନସିକ କାର୍ଯ୍ୟଶକ୍ତି ( ବାସ୍ତବ ଦକ୍ଷତା )

ଉଦ୍ଦେଶ୍ୟ ଲେଖିବା ବେଳେ ବୋଧଶକ୍ତିର ଏହି ଛଅଟି ସ୍ତର ପ୍ରତି ମଧ ବିଶେଷ ଧାନ ଦେବାକୁ ପଡିବ – ଜ୍ଞାନ, ବୁଝିବା ଶକ୍ତି, କାର୍ଯ୍ୟଶକ୍ତି, ତର୍ଜମା, ସଂଯୋଗ, ସମୀକ୍ଷା

**ସୂଚୀପତ୍ର**

- ନିଜର ମୁଖ୍ୟ କେନ୍ଦ୍ରିତ ବିଷୟକୁ ସ୍ପଷ୍ଟ କରନ୍ତୁ ।
- ନିଜର ମୁଖ୍ୟ କେନ୍ଦ୍ରିତ ବିଷୟକୁ ବିଷୟ ଏବଂ ସୂଚୀ ଆନୁଯାୟୀ ଠିକ୍ ଓ ଯଥାଯଥ ଭାବରେ ରଖନ୍ତୁ
- ନିଜର ମୁଖ୍ୟ କେନ୍ଦ୍ରିତ ବିଷୟକୁ ଦୃଢ କରିବା ପାଇଁ ବିଭିନ୍ନ ଘଟଣା ଏବଂ ଯଥୋଚିତ ପ୍ରମାଣ ପୂର୍ବକ ଉପସ୍ଥାପନ କରନ୍ତୁ ।
- ନିଜ ଦାବୀ ବା ବିଷୟର ପ୍ରମାଣ ସହ ଉପସ୍ଥାପନ କରନ୍ତୁ ।

**ଶିକ୍ଷଣ ଉଦ୍ଦେଶ୍ୟ ଗୁଡିକର ଆକଳନ ସହ ସାମଞ୍ଜସ୍ୟ ସ୍ଥାପନ କରିବା**

- ଆକଳନ କୌଶଳ ଗୁଡିକୁ ଉଦ୍ଦେଶ୍ୟ ସହ ସାମଞ୍ଜସ୍ୟ ସ୍ଥାପନ କରିବା ଅତି ଗୁରୁତ୍ୱପୂର୍ଣ୍ଣ । ଉଦ୍ଦେଶ୍ୟ ଓ ଆକଳନ ମଧ୍ୟରେ ଅସାମଞ୍ଜସ୍ୟ ଯୋଗୁଁ ପାଠ୍ୟକ୍ରମ ଗୁଡିକ ଠିକ୍ ଭାବେ ଆଲୋଚିତ ହୋଇପାରେନାହିଁ ।
- ବିଷୟ ଏବଂ ପାଠ୍ୟର ଉଦ୍ଦେଶ୍ୟ ସହ ଆକଳନର ଅସାମଞ୍ଜସ୍ୟତା ଯୋଗୁଁ ତାଲିମ ଗ୍ରହଣକାରୀ ମାନେ ଶିକ୍ଷଣ ପ୍ରକ୍ରିୟାରେ ବିଶେଷ ଜଡିତ ହୋଇ ପାରନ୍ତି ନାହିଁ ।
- ସମାଞ୍ଜସ୍ୟ ବା ଶ୍ରେଣୀବଦ୍ଧତା ପାଇଁ ଯୋଜନା କରିବା ଦ୍ୱାରା ଉଦ୍ଦେଶ୍ୟର ସଫଳତା ହାସଲ ପାଇଁ ଉପଯୁକ୍ତ ଶିକ୍ଷଣ କାର୍ଯ୍ୟକ୍ରମ ବାଛିବାରେ ସହାୟକ ହୋଇଥାଏ ।

**ସିଦ୍ଧାନ୍ତ -**

- ବିଷୟସୂଚୀର ପ୍ରାମାଣିକତା ଅନୁଯାୟୀ ସିଦ୍ଧାନ୍ତ ଆସୁଥିବା ଆବଶ୍ୟକ ।
- ସିଦ୍ଧାନ୍ତରେ ସର୍ତ୍ତ ବା ସୀମାବଦ୍ଧତା ରଖାଯାଇବା ଆବଶ୍ୟକ
- ସିଦ୍ଧାନ୍ତ ସବୁବେଳେ ବିଷୟ ଅନୁସାରେ ହେବା ଉଚିତ ।

**ସହାୟକ ତଥ୍ୟଉସ୍**

- ପ୍ରବନ୍ଧରେ ସହାୟକ ତଥ୍ୟ ଉସ୍ ଗୁଡିକ ଉଲ୍ଲେଖ ରହିବା ଆବଶ୍ୟକ ।
- ସହାୟକ ତଥ୍ୟଉସ୍ ଗୁଡିକ ଅପରିବର୍ତ୍ତନୀୟ ବା ସଂଗତିପୂର୍ଣ୍ଣ ହେବା ଆବଶ୍ୟକ ।



**ପ୍ରୟୋଗ – ୧**

*ଶିକ୍ଷଣ ପ୍ରଦାନରେ ପ୍ରାୟୋଗିକ ପ୍ରକ୍ରିୟା ( ୪୦ ମିନିଟ୍)*

୧) ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ପ୍ରାୟୋଗିକ ପ୍ରକ୍ରିୟା ହିସାବରେ ଆଲୋଚନା ପାଇଁ କିଛି ଅଂଶଗ୍ରହଣକାରୀଙ୍କୁ ଏକ ସ୍ୱତନ୍ତ୍ର ବିଷୟ ବାଛିବାକୁ କୁହନ୍ତୁ ।

୨) ଅଂଶଗ୍ରହଣକାରୀମାନେ ସେହି ବିଷୟ ପାଇଁ ଏକ ମଡ୍ୟୁଲ ତିଆରି କରିବେ ବା ସେହି ବିଷୟରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଶିକ୍ଷଣ କାର୍ଯ୍ୟକ୍ରମ କରିବେ ।

୩) ସେହି ପ୍ରସ୍ତୁତ ମଡ୍ୟୁଲ ବା କାର୍ଯ୍ୟକ୍ରମକୁ ନେଇ ଏକ ପ୍ରାୟୋଗିକ ଅଧିବେଶନ ସଂଯୋଜନା କରନ୍ତୁ ।

୪) ତାଲିମ ସହାୟକ ସେହି ମଡ୍ୟୁଲ ଆଲୋଚନା କଲାବେଳେ ଅନ୍ୟ ଅଂଶଗ୍ରହଣକାରୀ ଓ ସହାୟକ ମାନେ ମଡ୍ୟୁଲ ସଂପର୍କରେ ନିଜର ମତ ବା ସମାଲୋଚନା କରିପାରିବେ ।

୫) ତାଲିମ ସହାୟକ ସେପା ସଂପର୍କିତ ପୁରା ବିଷୟର ସାରାଂଶ ଉପସ୍ଥାପନ କରି ଅଧିବେଶନ ସମାପ୍ତ କରିବେ ।

**ଶେଷ ଦ୍ରଷ୍ଟବ୍ୟ –**

ଡିନ୍ ଅଫ୍ ଦି କଲେଜ ଅଫ୍ ସୋସିଆଲ୍ ସାଇନ୍ସେସ୍, ୟୁନିଭରସିଟି ଅଫ୍ ଫିଲିପିନ୍ସ, ବାଗୁଇଓ

ଡଃ. ରେମୁଣ୍ଡୋ ରୋଭିଲୋସ୍‌ଙ୍କ ଦ୍ୱାରା ପ୍ରସ୍ତୁତ । ଆଦିମ ଅଧିବାସୀ ପ୍ରଶିକ୍ଷକ ମାନଙ୍କ ପାଇଁ ସେ ପ୍ରସ୍ତୁତ କରିଥିବା ମଡ୍ୟୁଲ ଉପସ୍ଥାପନ କରିଥିଲେ ।

# ଶବ୍ଦାବଳୀ

| | | |
|---|---|---|
| ABS | Access and Benefit Sharing | କର୍ତ୍ତୃତ୍ୱ ଏବଂ ଲାଭାଂଶରେ ଭାଗୀଦାରିତା |
| AFOLU | Agriculture, Forestry and Other Land Use | କୃଷି, ଜଙ୍ଗଲ ଏବଂ ଅନ୍ୟାନ୍ୟ ଜମି ବ୍ୟବହାର |
| AIA | Advance Information Agreement | ଅଗ୍ରୀମ ତଥ୍ୟ ରାଜିନାମା |
| AIWN | Asian Indigenous Women's Network | ଏସିଆ ଆଦିମ ଅଧିବାସୀ ମହିଳା ନେଟୱାର୍କ |
| AIWO | African Indigenous Women's Organisation | ଆଫ୍ରିକା ଆଦିମ ଅଧିବାସୀ ମହିଳା ସଂଗଠନ |
| AMAN | Aliansi Masyarakat Adat Nusantara | ଆଲିୟାନ୍‌ସି ମସ୍ୟାରକାତ ଆଦତ ନୁସାନ୍ତରା |
| CBD | Convention on Biological Diversity | ଜୈବବିବିଧତା ସମ୍ମିଳନୀ |
| CCA | Cultural Conservation Act | ସାଂସ୍କୃତିକ ସଂରକ୍ଷଣ ଆଇନ |
| CDM | Clean Development Mechanism | ନିର୍ମଳ ବିକାଶ ପଦ୍ଧତି |
| CEPA | Communication, Education and Public Awareness | ଯୋଗାଯୋଗ, ଶିକ୍ଷା ଏବଂ ଜନସଚେତନତା |
| CERs | Certified Emissions Reductions | ନିର୍ଗମନ ହ୍ରାସ ପ୍ରମାଣପତ୍ର |
| CHM | Clearing House Mechanism | କ୍ଲିୟରିଂ ହାଉସ୍ ମେକାନିଜିମ୍ |
| CIHR | Conservation Initiative on Human Rights | ମାନବିକ ଅଧିକାର ସଂପର୍କିତ ସଂରକ୍ଷଣ ଉଦ୍ୟମ |
| CITES | Convention on International Trade in Endangered Species | ଲୁପ୍ତପ୍ରାୟ ପ୍ରଜାତି ଗୁଡିକର ଆନ୍ତର୍ଜାତୀୟ ବାଣିଜ୍ୟ ସଂପର୍କିତ ସମ୍ମିଳନୀ |
| COP | Conference of the Parties | ପକ୍ଷଭୁକ୍ତ ଦେଶ ଗୁଡିକର ବୈଠକ |
| CSD | Commission on Sustainable Development | ସ୍ଥାୟୀ ବିକାଶ କମିଶନ |
| DENR | Department of Environment and Natural Resources | ପରିବେଶ ଏବଂ ପ୍ରାକୃତିକ ସଂବଳ ବିଭାଗ |
| ECOSOC | Economic and Social Council | ଅର୍ଥନୈତିକ ଏବଂ ସାମାଜିକ ପରିଷଦ |
| EPA | Environmental Protection Agency | ପରିବେଶ ସୁରକ୍ଷା ଏଜେନ୍ସି |
| EU | European Union | ୟୁରୋପୀୟ ସମୁଦାୟ |
| FCPF | Forest Carbon Partnership Facility | ଜଙ୍ଗଲ ଅଙ୍ଗାରକ ଭାଗୀଦାରି ସୁଯୋଗ |
| FPIC | Free, Prior and Informed Consent | ମୁକ୍ତ ଆଗୁଆ ଜ୍ଞାତସାର ଅନୁମତି |

| | | |
|---|---|---|
| FPP | Forest Peoples Programme | ଜଙ୍ଗଲ ଅଧିବାସୀ କାର୍ଯ୍ୟକ୍ରମ |
| GBO | Global Biodiversity Outlook | ବିଶ୍ୱ ଜୈବବିବିଧତା ଦୃଷ୍ଟିକୋଣ |
| GE | Genetic Engineering | ଜିନ୍ ସଂପର୍କିତ ବୈଜ୍ଞାନିକ ପ୍ରୟୋଗ |
| GEF | Global Environment Facility | ବିଶ୍ୱ ପରିବେଶ ସହାୟତା |
| GHG | greenhouse gas | ସବୁଜ ଗୃହ ଗ୍ୟାସ |
| GMO | genetically modified organisms | ଜିନ୍ ପରିବର୍ତ୍ତିତ ଜୀବସତ୍ତା |
| GURTs | Genetic Use Restriction Technologies | ଜିନ୍ ବ୍ୟବହୃତ ପ୍ରତିବନ୍ଧ ବୈଷୟିକ କୌଶଳ |
| IAIPTF | International Alliance of Indigenous and Tribal Peoples of Tropical Forests | ଗ୍ରୀଷ୍ମ ମଣ୍ଡଳୀୟ ଜଙ୍ଗଲ ଆଦିମ ଅଧିବାସୀ ଏବଂ ଆଦିବାସୀ ଆନ୍ତର୍ଜାତୀୟ ମେଣ୍ଟ |
| ICCAs | Indigenous and Community Conserved Areas | ଆଦିମ ଅଧିବାସୀ ଏବଂ ଗୋଷ୍ଠୀ ସଂରକ୍ଷିତ ଅଂଚଳ |
| IEN | Indigenous Environmental Network | ଆଦିମ ଅଧିବାସୀ ପରିବେଶ ନେଟୱାର୍କ |
| IIFB | International Indigenous Forum on Biodiversity | ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍ |
| IIPFCC | International Indigenous Peoples Forum on Climate Change | ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଫୋରମ୍ |
| IITC | International Indian Treaty Council | ଆନ୍ତର୍ଜାତୀ ଭାରତୀୟ ଚୁକ୍ତି ପରିଷଦ |
| IK | Indigenous Knowledge | ଆଦିମ ଅଧିବାସୀ ଜ୍ଞାନ |
| ILCs | indigenous and local communities | ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ |
| ILO | International Labor Organization | ଆନ୍ତର୍ଜାତୀୟ ଶ୍ରମ ସଂଗଠନ |
| INBRAPI | Instituto Indígena Brasileiro para Propriedade Intelectual | ଇନ୍‌ଷ୍ଟିଟ୍ୟୁଟୋ ଇଣ୍ଡିଜେନାବ୍ରଅସିଲେଇରୋ ପାରା ପ୍ରୋପ୍ରିଏଡାଡେ ଇଣ୍ଟେଲେକ୍‌ଚୁଆଲ୍ |
| IPCB | Indigenous Peoples Council on Biocolonialism | ଜୈବଉପନିବେଶବାଦ ସଂପର୍କିତ ଆଦିମ ଅଧିବାସୀ ପରିଷଦ |
| IPCCC | Indigenous Peoples Coordinating Committee on Conservation | ସଂରକ୍ଷଣ ସଂପର୍କିତ ଆଦିମ ଅଧିବାସୀ ସଂଯୋଜନା କମିଟି |
| IPR | Intellectual Property Rights | ବୌଦ୍ଧିକ ସଂପତ୍ତିଗତ ଅଧିକାର |
| IPRA | Indigenous Peoples Rights Act | ଆଦିମ ଅଧିବାସୀ ଅଧିକାର ଆଇନ |
| IUCN | World Conservation Union | ବିଶ୍ୱ ସଂରକ୍ଷଣ ସମୁଦାୟ |
| IWBN | Indigenous Women's Biodiversity Network | ଆଦିମ ଅଧିବାସୀ ମହିଳା ଜୈବବିବିଧତା ନେଟୱାର୍କ |

| | | |
|---|---|---|
| IWGIA | International Work Group for Indigenous Affairs | ଆଦିମ ଅଧିବାସୀ କାର୍ଯ୍ୟ ସଂପର୍କିତ ଆନ୍ତର୍ଜାତୀୟ କାର୍ଯ୍ୟଦଳ |
| IYB | International Year of Biodiversity | ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷ |
| JI | Joint Implementation | ମିଳିତ କାର୍ଯ୍ୟକାରୀତା |
| KP | Kyoto Protocol | କ୍ୟୋଟୋ ପ୍ରୋଟୋକଲ୍ |
| LULUCF | Land Use and Land Use Change and Forests | ଜମି ବ୍ୟବହାର ଏବଂ ଜମି ବ୍ୟବହାର ଓ ଜଙ୍ଗଲ |
| MEAs | Multilateral Environmental Agreements | ବହୁପକ୍ଷିୟ ପାରିବେଶୀକ ଚୁକ୍ତି |
| MRDC | Montañosa Research and Development Center | ମୋଣ୍ଟାନୋସା ଗବେଷଣା ଏବଂ ବିକାଶ କେନ୍ଦ୍ର |
| MRP | Muyong Resources Permit | ମୁୟୋଙ୍ଗ ସମ୍ବଳ ଅନୁମତି |
| NAMAs | National Adaptation and Mitigation Action | ଜାତୀୟ ଗ୍ରହଣ ଏବଂ ପ୍ରତିକାର କାର୍ଯ୍ୟକ୍ରମ |
| NAPAs | National Adaptation Programmes of Action | ଜାତୀୟ ଗ୍ରହଣ ଏବଂ କାର୍ଯ୍ୟକ୍ରମ |
| NBSAP | National Biodiversity Strategy and Action Plans | ଜାତୀୟ ଜୈବବିବିଧତା କୌଶଳ ଏବଂ କାର୍ଯ୍ୟଯୋଜନା |
| NCIV | Netherlands Centre for Indigenous Peoples | ନେଦରଲାଣ୍ଡ ଆଦିମ ଅଧିବାସୀ କେନ୍ଦ୍ର |
| NFP | National Focal Point | ଜାତୀୟ ସଂଯୋଜନା କେନ୍ଦ୍ର |
| NGOs | Non Government Organizations | ବେସରକାରୀ ଅନୁଷ୍ଠାନ ସମୂହ |
| PAs | Protected Areas | ସୁରକ୍ଷିତ ଅଂଚଳ |
| PACOS | Partner of Community Organization | ଗୋଷ୍ଠୀ ସଂଗଠନର ଭାଗୀଦାର |
| PIC | Prior Informed Consent | ଆଗୁଆ ଜ୍ଞାତସାର ଅନୁମତି |
| POPs | persistent organic pollutants | ଜୀବନ୍ତ ଜୈବ ପ୍ରଦୂଷକ |
| PoW | Program of Work | ବିଧିବଦ୍ଧ କାର୍ଯ୍ୟକ୍ରମ |
| PoWPA | Program of Work on Protected Areas | ସୁରକ୍ଷିତ ଅଂଚଳରେ ବିଧିବଦ୍ଧ କାର୍ଯ୍ୟକ୍ରମ |
| RAIPON | Russian Association of Indigenous Peoples of the North | ରୁଷିୟ ଉତ୍ତରାଞ୍ଚଳ ଆଦିମ ଅଧିବାସୀ ସଂଗଠନ |
| REDD | Reducing Emissions from Deforestation and Forest | ଜଙ୍ଗଲ ଧ୍ୱଂସ ଜଙ୍ଗଲ ଅବକ୍ଷୟ ଜନିତ ନିର୍ଗମନ ହ୍ରାସ |

| | | |
|---|---|---|
| | Degradation | |
| SBSTTA | Subsidiary Body on Scientific, Technical and Technological Advice | ବୈଜ୍ଞାନିକ, ଯାନ୍ତ୍ରିକ ଏବଂ ବୈଷୟିକ ଅତିରିକ୍ତ ପରାମର୍ଶ ମଣ୍ଡଳୀ |
| TEK | traditional ecological knowledge | ପାରଂପରିକ ପାରିବେଶିକ ଜ୍ଞାନ |
| TK | traditional knowledge | ପାରଂପରିକ ଜ୍ଞାନ |
| TWN | Third World Network | ତୃତୀୟ ବିଶ୍ୱ ନେଟୱାର୍କ |
| UN | United Nations | ଜାତିସଂଘ |
| UNCCD | United Nations Convention to Combat Desertification | ମରୁଭୂମୀକରଣ ପ୍ରତିକାର ପାଇଁ ଜାତିସଂଘ ସମ୍ମିଳନୀ |
| UNCED | United Nations Conference on Environment and Development | ପରିବେଶ ଏବଂ ବିକାଶ ସଂପର୍କିତ ଜାତିସଂଘ ସମ୍ମିଳନୀ |
| UNCHE | United Nations Conference on the Human Environment | ମାନବିକ ପରିବେଶ ସଂପର୍କିତ ଜାତିସଂଘ ସମ୍ମିଳନୀ |
| UNCLOS | United Nations Convention on the Law of the Sea | ସାମୁଦ୍ରିକ ନୀୟମ ସଂପର୍କିତ ଜାତିସଂଘ ସମ୍ମିଳନୀ |
| UNCTAD | United Nations Conference on Trade and Development | ବାଣିଜ୍ୟ ଏବଂ ବିକାଶ ସଂପର୍କିତ ଜାତିସଂଘ ସମ୍ମିଳନୀ |
| UNESCO | United Nations Educational, Scientific and Cultural Organization | ଜାତିସଂଘ ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ |
| UNDRIP | United Nations Declaration on the Rights of Indigenous Peoples | ଆଦିମ ଅଧିବାସୀ ଅଧିକାର ସଂପର୍କିତ ଜାତିସଂଘ ଘୋଷଣାପତ୍ର |
| UNEP | United Nations Environment Programme | ଜାତିସଂଘ ପରିବେଶ କାର୍ଯ୍ୟକ୍ରମ |
| UNFAO | United Nations Food and Agriculture Organization | ଜାତିସଂଘ କୃଷି ଓ ଖାଦ୍ୟ ସଂଗଠନ |
| UNFCCC | United Nations Framework Convention on Climate Change | ଜଳବାୟୁ ପରିବର୍ତ୍ତନ ସଂପର୍କିତ ଜାତିସଂଘ ରୂପରେଖ ପ୍ରସ୍ତୁତି ସମ୍ମିଳନୀ |
| UNFF | United Nations Forum on Forests | ଜାତିସଂଘ ଜଙ୍ଗଲ ଫୋରମ୍ |
| UNPFII | UN Permanent Forum on Indigenous Issues | ଆଦିମ ଅଧିବାସୀଙ୍କ ସମସ୍ୟା ସଂପର୍କିତ ଜାତିସଂଘ ସ୍ଥାୟୀ ଫୋରମ୍ |

| | | |
|---|---|---|
| UNRISD | United Nations Research Institute on Social Development | ସାମାଜିକ ବିକାଶ ସଂପର୍କିତ ଜାତିସଂଘ ଗବେଷଣା ପ୍ରତିଷ୍ଠାନ |
| WGIP | Working Group on Indigenous Populations | ଆଦିମ ଅଧିବାସୀ ଲୋକସଂଖ୍ୟା ସଂପର୍କିତ କାର୍ଯ୍ୟଦଳ |
| WGRI | Working Group to Review Implementation | କାର୍ଯ୍ୟକାରୀତା ସମୀକ୍ଷା କାର୍ଯ୍ୟକାରୀ ଦଳ |
| WIPO | World Intellectual Property Organization | ବିଶ୍ୱ ବୌଦ୍ଧିକ ସଂପତ୍ତି ସଂଗଠନ |
| WSSD | World Summit on Sustainable Development | ସ୍ଥାୟୀ ବିକାଶ ସଂପର୍କିତ ବିଶ୍ୱ ସମ୍ମିଳନୀ |
| WTO | World Trade Organization | ବିଶ୍ୱ ବାଣିଜ୍ୟ ସଂଗଠନ |
| WWF | World Wide Fund | ୱାର୍ଲଡ୍ ୱାଇଡ୍ ଫଣ୍ଡ |
| WWW | World Wide Web | ୱାର୍ଲଡ୍ ୱାଇଡ୍ ୱେବ୍ |

# ସହାୟକ ତଥ୍ୟ ଉତ୍ସ ଗୁଡିକର ତାଲିକା

ଅନେକ ସହାୟକ ତଥ୍ୟ ଉତ୍ସ ଦିଆଯାଇଥିବା ସିଡିରୁ ମିଳିପାରିବ । ଅନ୍ୟଗୁଡିକ ନିର୍ଦ୍ଧିଷ୍ଟ ଓ୍ୱେବ୍‌ସାଇଟ୍‌ରୁ ମିଳିପାରିବ

**ମଡ୍ୟୁଲ୍ – ୧**

- ଇଣ୍ଡିଜେନସ ପିପୁଲ୍ ଆଣ୍ଡ ପଲ୍‌ଟିକାଲ ଏଡ୍‌ଭୋକେସି - ପାଓ୍ୱାରପଏଣ୍ଟ
- ସଷ୍ଟେନ୍‌ବୁଲ୍ ଡେଭଲପ୍‌ମେଣ୍ଟ, ଆଇ.ଡବ୍ଲୁ.ଜି.ଆଇ.ଏ ପତ୍ରିକା (୪) ୨୦୦୧
- ଇଣ୍ଡିଜେନସ ପିପୁଲ୍‌ସ ଆଣ୍ଡ ଦି ଓ୍ୱାର୍ଲଡ ସମ୍ମିଟ ଅନ୍ ସଷ୍ଟେନ୍‌ବୁଲ୍ ଡେଭଲପ୍‌ମେଣ୍ଟ, ତାମାୟୋ ଆନ୍, ଲୋରେଟୋ, ୨୦୦୩, ବାଗୁଇଓ ସିଟି, ତେବ୍‌ତେବା ଫାଉଣ୍ଡେସନ୍
- ଓ୍ୱି ଇଣ୍ଡିଜେନସ ପିପୁଲ୍ – ଏ କମ୍ପାଇଲେସନ ଅଫ୍ ଇଣ୍ଡିଜେନସ ପିପୁଲ୍‌ସ ଡିକ୍ଲାରେସନ, ୨୦୦୪, ବାଗୁଇଓ ସିଟି, ତେବ୍‌ତେବା ଫାଉଣ୍ଡେସନ୍

**ମଡ୍ୟୁଲ – ୨**

- ଓଲ୍‌ଧାମ୍ ପଲ୍, ନେଗୋସିଏଟିଙ୍ଗ୍ ବାଇଓଡାଇଭରସିଟି – ଏ ଫିଲ୍‌ଡ ଗାଇଡ୍ ଟୁ ଦି କନ୍‌ଭେନ୍‌ସନ୍ ଅନ୍ ବାଇଓଲୋଜିକାଲ୍ ଡାଇଭରସିଟି - ପାଓ୍ୱାରପଏଣ୍ଟ
- ଜୈବ ବିବିଧତା ସମ୍ମିଳନୀରେ ଆଦିମ ଅଧିବାସୀ ମାନଙ୍କର ଅଂଶ ଗ୍ରହଣ ଏବଂ ପ୍ରାରମ୍ଭରୁ ମିଳିଥିବା ସମ୍ମତି, ରିପୋର୍ଟ ଅନ୍ ଦି ଥାର୍ଡ ଆଇ.ଆଇ.ଏଫ୍.ବି ( ବ୍ରାଟିସ୍ଲାଭା, ସ୍ଲୋଭାକିଆ, ୪ – ୬ ମେ ୧୯୯୮ ) ଆଣ୍ଡ ସି.ଓ.ପି ଅଫ୍ ସି.ବି.ଡି ( ୪-୫ ମେ ୧୯୯୮)
- ଜୈବ ନିରାପତ୍ତା ସଂକ୍ରାନ୍ତିୟ କାର୍ଟାଗେନା ସର୍ତ୍ତାବଳୀର କାର୍ଯ୍ୟକାରୀତା ପାଇଁ ବିକାଶଶୀଳ ରାଷ୍ଟ୍ର ଗୁଡିକରେ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ, ଲିମ୍.ଲି.ଲିନ୍, http://www.biosafety-info.net/article.php?aid=8.

**ମଡ୍ୟୁଲ୍ – ୩**

- ଓଲ୍‌ଧାମ୍ ପଲ୍ "ନେଗୋସିଏଟିଙ୍ଗ୍ ବାଇଓଡାଇଭର୍‌ସିଟି ଏ ଫିଲ୍‌ଡ ଗାଇଡ୍ ଟୁ ଦି କନ୍‌ଭେନ୍‌ସନ ଅନ୍ ବାଇଓଲୋଜିକାଲ୍ ଡାଇଭର୍‌ସିଟି" - ପାଓ୍ୱାର୍ ପଏଣ୍ଟ
- ଇଣ୍ଟରନେସନାଲ୍ ଆଲିଆନ୍‌ସ ଅଫ୍ ଦି ଇଣ୍ଡିଜେନସ୍ ପିପୁଲ୍‌ସ ଅଫ୍ ଦି ଟ୍ରପିକାଲ୍ ଫରେଷ୍ଟ୍‌ସ, "ଦି ବାଇଓଡାଇଭର୍‌ସିଟି କନ୍‌ଭେନ୍‌ସନ୍ - ଦି କନ୍‌ସର୍ନ ଅଫ୍ ଇଣ୍ଡିଜେନସ୍ ପିପୁଲ୍‌ସ"
- ଆଦିମ ଅଧିବାସୀ ମାନଙ୍କ ଅଧିକାର ସଂପର୍କରେ ଜାତିସଂଘର ଘୋଷଣାପତ୍ର

**ମଡ୍ୟୁଲ୍ – ୪**

- ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ - ପାଓ୍ୱାରପଏଣ୍ଟ
- www.indigenousportal.com ରୁ ସଂଗୃହିତ ଫଟୋଚିତ୍ର

- ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବ ବିବିଧତା ଫୋରମ୍ ବକ୍ତବ୍ୟର କିଛି ନମୂନା

## ମଡ୍ୟୁଲ୍ – ୫

- ସ୍କଟ ଜନ୍, ଜୈବବିବିଧତା ସମ୍ମିଳନୀ ଏବଂ ପାରଂପରିକ ଜ୍ଞାନ - ପାୱାର ପଏଣ୍ଟ ଉପସ୍ଥାପନା
- ଭାଲ୍ୟୁ ଇଣ୍ଡିଜେନସ୍ ନଲେଜ, ୨୦୧୦, ବାଗୁଇଓ ସିଟି, ତେବ୍‌ତେବା ଫାଉଣ୍ଡେସନ୍
- ପଞ୍ଚମା ପତ୍ରିକା, ମେ ୧, ୨୦୦୭, ମେ ୨୦୦୮, ମେ – ସେପ୍ଟେମ୍ବର ୨୦୦୯, ଏପ୍ରିଲ୍ – ସେପ୍ଟେମ୍ବର ୨୦୧୦

## ମଡ୍ୟୁଲ୍ – ୬

- ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଏସବୁର ବ୍ୟବହାର ଯୋଗୁଁ ହେଉଥିବା ଲାଭରେ ସୁସ୍ଥ ଓ ସମାନ ଭାଗିଦାରିତା - ପାୱାରପଏଣ୍ଟ ଉପସ୍ଥାପନା
- ଜୈବବିବିଧତା ସମ୍ମିଳନୀ ( ସମସ୍ତ ସଂଯୋଜିତ ତଥ୍ୟ ସହ), ୧୯୯୨, ଜୁନ୍ ୫ ତାରିଖ ରିଓ ଡି ଜେନେରିଓ ରେ ସଂପାଦିତ, http://www.cbd.int/doc/legal/cbdun-en.pdf.
- ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ଉପରେ କର୍ତ୍ତୃତ୍ୱ ଏବଂ ଏସବୁର ବ୍ୟବହାର ଯୋଗୁଁ ହେଉଥିବା ଲାଭରେ ସୁସ୍ଥ ଓ ସମାନ ଭାଗିଦାରିତା ସଂପର୍କିତ ବନ୍ ଗାଇଡଲାଇନ୍, ୨୦୦୨, ଜୈବବିବିଧତା ସମ୍ମିଳନୀ ସଚ୍ଚିବାଳୟ
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ପ୍ରଣାଳୀ ପ୍ରସ୍ତୁତି ପାଇଁ ସି.ବି.ଡି କୁ ଦିଆଯାଇଥିବା ନିର୍ଦ୍ଦେଶ ସଂପର୍କିତ ସମ୍ମିଳନୀର ୯୨୬ ତମ ନିଷ୍ପତ୍ତି, ଜୈବବିବିଧତା ସମ୍ମିଳନୀ ପକ୍ଷଭୁକ୍ତ ରାଷ୍ଟ୍ର ଗୁଡିକର ବୈଠକ ୭ମ ବୈଠକ, (UNEP/CBD/COP/DEC/VII/19) ୯ – ୨୦ ଫେବୃଆରୀ ୨୦୦୪, କୁଆଲାଲମ୍ପୁର, ମାଲୟେସିଆ, http://www.cbd.int/doc/decisions/cop-07/cop-07-dec-19-en.doc.
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ସପ୍ତମ ବୈଠକର ରିପୋର୍ଟ, (UNEP/CBD/WG-ABS/7/8).Paris, 2-8 April 2009. http://www.cbd.int/doc/meetings/abs/abswg-07/official/abswg-07-08-en.doc.
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ଅଷ୍ଟମ ବୈଠକର ରିପୋର୍ଟ, (UNEP/CBD/WG-ABS/8/8)."Montreal , 9-15 November 2009. http://www.cbd.int/doc/meetings/abs/abswg-08/official/abswg-08-08-en.doc.
- ସଂଜ୍ଞା, କାର୍ଯ୍ୟକାଳ, କାର୍ଯ୍ୟଗତ ସଂଜ୍ଞା ଏବଂ ଆଞ୍ଚଳିକ ପ୍ରୟୋଗ ପ୍ରଣାଳୀର ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ, (UNEP/CBD/WG-ABS/7/2). 2 -5 December 2008, Windhoek, Namibia. http://www.cbd.int/doc/meetings/abs/absgtle-01/official/absgtle-01-abswg-07-02-en.doc.
- କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଆନ୍ତର୍ଜାତୀୟ ପ୍ରଣାଳୀ ପ୍ରସ୍ତୁତି ପାଇଁ ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ,(UNEP/CBD/WG-ABS/7/3)." Tokyo, 27 - 30 January 2009. http://www.cbd.int/doc/meetings/abs/abswg-07/official/abswg-07-03-en.doc.
- ଆନୁବଂଶିକ ସମ୍ବଳ(ଜେନେଟିକ୍ ରିସୋର୍ସେସ୍) ସଂପର୍କିତ ପାରଂପରିକ ଜ୍ଞାନ ନିମନ୍ତେ ଗଠିତ ଆଇନ ଏବଂ ବୈଷୟିକ ବିଶେଷଜ୍ଞ କମିଟିର ବୈଠକ ବିବରଣୀ, UNEP/CBD/WG-ABS/8/2). 16 -19 June 2009

Hyderabad, India. http://www.cbd.int/doc/meetings/abs/abswg-08/official/abswg-08-02-en.doc.

- ପୃଥିବୀର ଜୀବନର ସ୍ଥାୟିତ୍ୱ – ଜୈବବିବିଧତା ସମ୍ମିଳନୀ (ସି.ବି.ଡି) କିପରି ପ୍ରକୃତି ଏବଂ ମାନବିକ ଚଳଣୀର ବିକାଶ କରୁଛି, http://www.cbd.int/iyb/doc/prints/cbd-sustain-en.pdf.
- ଆର୍ଥ ନେଗୋସିଏସନ୍ ବୁଲେଟିନ

**ମଡ୍ୟୁଲ୍ – ୭**

- ଆଦିମ ଅଧିବାସୀ ଏବଂ ଜୈବବିବିଧତା ସମ୍ମିଳନୀ – ସିରିଜ୍ ନଂ – ୬, ଏସୀୟ ଆଦିମ ଅଧିବାସୀ ମହିଳା ଏବଂ ଜୈବବିବିଧତା ସମ୍ମିଳନୀ, ୨୦୦୮
- ୨୦୦୪, ଫେବୃଆରୀ ୯ରେ ମାଲୟେସିଆର କୁଆଲାଲମ୍ପୁର ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଆଦିମ ଅଧିବାସୀ ଜୈବବିବିଧତା ଫୋରମ୍ ପକ୍ଷ ମାନଙ୍କର ୭ମ ଅଧିବେଶନର ପ୍ରାରମ୍ଭ ବାର୍ତ୍ତା
- ବିବିଧତା ଭିନ୍ନତା ଆଣେ – ଜୈବବିବିଧତା ସମ୍ମଳନୀ କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତା ନିଶ୍ଚିତତା ପାଇଁ କାର୍ଯ୍ୟକ୍ରମ, ଭିଲ୍ଲାଲୋବସ୍ ଗୁଇସେଲା ରୋଡ୍ରିଗୁଏଜ୍ ମୋଣ୍ଟେସେରା ବ୍ଲାଙ୍କୋଲୋବୋ ଓ ଫ୍ରାନ୍ସିସ୍କୋ ଆଜୋଫେଇଫା କାସ୍ତାଣ୍ଟେ, ବିଶ୍ୱ ସଂରକ୍ଷଣ ସଂଘ - ଆଇ.ସି.ୟୁ.ଏନ୍

**ମଡ୍ୟୁଲ୍ – ୮**

- ହାୱାଇର ଜୈବବିବିଧତା ସୁରକ୍ଷା କର - ପାୱାର ପଏଣ୍ଟ
- ହାରି, ଡେବ୍ରା,ଷ୍ଟେଫାନିଏ ହୋୱାର୍ଡ, ବ୍ରେଟ୍ ଲି ସେଲ୍‌ଟନ୍, ଇଣ୍ଡିଜେନସ୍ ପିପୁଲ, ଜିନ୍‌ସ ଆଣ୍ଡ ଜେନେଟିକ୍‌ସ – ହ୍ୱାଟ ଇଣ୍ଡିଜେନସ୍ ପିପୁଲ୍ ସୁଡ୍ ନୋ ଏବାଉଟ୍ ବାୟୋକୋଲୋନିଆଲିଜିମ୍ – ଏ ପ୍ରାଇମର୍ ଆଣ୍ଡ ରିସୋର୍ସ ଗାଇଡ୍, ଇଣ୍ଡିଜେନସ୍ ପିପୁଲ୍‌ସ କାଉନ୍‌ସିଲ୍ ଅନ୍ ବାୟୋକଲୋନିଆଲିଜମ୍, http://www.mindfully.org/GE/Indigenous-People-Biocolonialism.htm.
- ଜୈବନିରାପତ୍ତା ଆକଳନ ଉପକରଣ, www.genok.com.
- କୋର୍ସ ଅନ୍ ଜି.ଏମ.ଓ ସ୍ ଆଣ୍ଡ ଇମ୍ପ୍ଲିମେଣ୍ଟିଙ୍ଗ ଦି କାର୍ଟାଜେନା ପ୍ରୋଟୋକଲ୍, www.genok.com.
- ଜୈବ ନିରାପତ୍ତା ସଂପର୍କରେ କାର୍ଟାଜେନା ପ୍ରୋଟୋକଲ୍‌ର କାର୍ଯ୍ୟକାରୀତା ରେ ସହାୟତା ପାଇଁ ବିକାଶଶୀଳ ରାଷ୍ଟ୍ର ଗୁଡିକରେ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ।, ଲିମ୍ ଲି ଲିନ୍, http://www.biosafety-info.net/article.php?aid=8.

**ମଡ୍ୟୁଲ୍ – ୯**

- ଜଳବାୟୁ ପରିବର୍ତ୍ତନ ଏବଂ ଆଦିମ ଅଧିବାସୀ ମାର୍ଗଦର୍ଶିକ. ଟାଉଲି-କୋର୍‌ପୁଜ୍, ଭିକ୍ଟୋରିଆ, ୨୦୦୮, ବାଗୁଇଓ ସିଟି, ତେବ୍‌ତେବା ଫାଉଣ୍ଡେସନ୍

- ଆଦିମ ଅଧିବାସୀ, ଜୈବବିବିଧତା ଏବଂ ଜଳବାୟୁ ପରିବର୍ତ୍ତନ - ପାୱାରପଏଣ୍ଟ ଉପସ୍ଥାପନା
- ଲାଇଫ୍ ମୋଜାଇକ୍ ଆଣ୍ଡ ତେବ୍‌ତେବା, ଚଳଚ୍ଚିତ୍ର – ଫେଭର୍ /ଫାଇବର୍
- ବିକାଶଶୀଳ ଦେଶଗୁଡିକରେ ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନଷ୍ଟ ଜନିତ ନିର୍ଗମନ ହ୍ରାସ କରିବା ( ଆର୍.ଇ.ଡି.ଡି) - ଆଦିମ ଅଧିବାସୀଙ୍କ ପାଇଁ ମାର୍ଗଦର୍ଶିକା, ୟୁନାଇଟେଡ୍ ନେସନ୍‌ସ ୟୁନିଭରସିଟି, ବାର୍‌ନେସ୍‌ଲି, ଇଙ୍ଗ୍ଲିଡ୍, ୨୦୦୮
- ଜଳବାୟୁ ପରିବର୍ତ୍ତନ ସଂପର୍କିତ ଆଇ.ଆଇ.ପି.ଏଫ୍.ସି.ସି ନୀୟମାବଳୀ, ୨୦୦୯ ସେପ୍ଟେମ୍ବର ୨୬-୨୭ରେ ଥାଇଲାଣ୍ଡର ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଆଇ.ଆଇ.ପି.ଏଫ୍.ସି.ସି ବୈଠକରେ ଆଲୋଚିତ ଓ ଗୃହିତ
- ଜନ୍ ହେନ୍‌ରିକ୍‌ସନ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ତର ମେରୁ, କ୍ଷୁଦ୍ର ଦ୍ୱୀପପୁଞ୍ଜ ବହୁଳ ଦେଶ ଏବଂ ସମୁଦ୍ରପତ୍ତନରୁ ଉଚ୍ଚରେ ଥିବା ଦେଶ ଗୁଡିକର ଅଧିକ ଅସୁରକ୍ଷିତ ଥିବା ଆଦିମ ଅଧିବାସୀ ଏବଂ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ବିବରଣୀ, କାରଣ ଓ ନିରାକରଣକୁ ପ୍ରାଧାନ୍ୟ ଦେଇ ପ୍ରସ୍ତୁତ ବିବରଣୀ, ୨୦୦୭ ଅକ୍ଟୋବର ୧୫ ରୁ ୧୭ ପର୍ଯ୍ୟନ୍ତ ମଣ୍ଟ୍ରିଲ୍ ଠାରେ ଅନୁଷ୍ଠିତ ଜୈବବିବିଧତା ସମ୍ମିଳନୀର ଅନୁଚ୍ଛେଦ ୮ (ଜେ) ଏବଂ ସଂପର୍କିତ ବ୍ୟବସ୍ଥା ୫ମ ଅଧିବେଶନର ମୁକ୍ତ ଅସ୍ଥାୟୀ କାର୍ଯ୍ୟକାରୀ ଦଳ ନିକଟରେ ଉପସ୍ଥାପିତ ରିପୋର୍ଟ ।
- ଆଙ୍କୋରେଜ୍ ଘୋଷଣାପତ୍ର, ୨୦୦୯ ଏପ୍ରିଲ୍ ୨୪ ତାରିଖରେ ଆଲାସ୍କାର ଆଙ୍କୋରେଜ୍ ଠାରେ ଅନୁଷ୍ଠିତ ଆଦିମ ଅଧିବାସୀ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମ୍ମିଳନୀରେ ଅଂଶଗ୍ରହଣକାରୀ ମାନଙ୍କର ଦ୍ୱାରା ସହମତି ।

**ମଡ୍ୟୁଲ୍ – ୧୦**

- ଭି.ଆଇ.ଡିସ୍ ଭେରେନିଙ୍ଗିଙ୍ଗ ଭନ୍ ଇନ୍‌ହିମ୍‌ସଡୋର୍ପସୁଫ୍‌ଡେନ୍ ଇନ୍ ସୁରିନେମ୍ ( ଆସୋସିଏସନ୍ ଅଫ୍ ଇଣ୍ଡିଜେନସ୍ ଭିଲେଜ୍ ଲିଡର୍‌ସ ଇନ୍ ସୁରିନେମ୍ ), ୨୦୦୯, ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍‌ସ ରାଇଟ୍‌ସ ଇନ୍ କନ୍‌ଜର୍‌ଭସନ୍ ଇନ୍ ସୁରିନେମ୍ – ଏ ରିଭିଉ, *ଏଫ୍.ପି.ପି. ସିରିଜ୍ ଅନ୍ ଫରେଷ୍ଟ ପିପୁଲ୍ସ ଆଣ୍ଡ ପ୍ରୋଟେକ୍ଟେଡ୍ ଏରିଆଜ୍*
- ଆସୋସିଏସନ୍ ଓକାନି, ୨୦୦୯, ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍‌ସ ରାଇଟ୍‌ସ ଇନ୍ କନ୍‌ଜର୍‌ଭସନ୍ – ରିଭ୍ୟୁଇଙ୍ଗ୍ ଆଣ୍ଡ୍ ପ୍ରମୋଟିଙ୍ଗ୍ ପ୍ରୋଗ୍ରେସ୍ ଇନ୍ କାମେରୁନ୍, *ଏଫ୍.ପି.ପି. ସିରିଜ୍ ଅନ୍ ଫରେଷ୍ଟ ପିପୁଲ୍ସ ଆଣ୍ଡ ପ୍ରୋଟେକ୍ଟେଡ୍ ଏରିଆଜ୍*
- ଫରେଷ୍ଟ ପିପୁଲ୍ସ ପ୍ରୋଗ୍ରାମ୍, ୨୦୦୯, ସିକିଓରିଙ୍ଗ୍ ଇଣ୍ଡିଜେନସ ପିପୁଲ୍‌ସ ରାଇଟ୍‌ସ ଇନ୍ କନ୍‌ଜର୍‌ଭସନ୍ – ରିଭ୍ୟୁ ଅଫ୍ ପଲିସି ଆଣ୍ଡ ଇମ୍ପ୍ଲିମେଣ୍ଟେସନ୍ ଇନ୍ ଦି ଜାଙ୍ଗା-ସାଙ୍ଘା ପ୍ରୋଟେକ୍ଟେଡ୍ ଏରିଆ କମ୍ପ୍ଲେକ୍ସ, *ଏଫ୍.ପି.ପି. ସିରିଜ୍ ଅନ୍ ଫରେଷ୍ଟ ପିପୁଲ୍ସ ଆଣ୍ଡ ପ୍ରୋଟେକ୍ଟେଡ୍ ଏରିଆଜ୍*
- ମାର୍କୁସ୍ କୋଲ୍‌ଚେଷ୍ଟର୍, ମାଉରିଜିଓ ଫାର୍‌ହାନ୍ ଫେରାରୀ, ଜନ୍ ନେଲ୍‌ସନ୍, କ୍ରିସ୍ କିଡ୍, ପେନିନାହା ଜାନିଙ୍କା, ମେସେ ଭେନାଣ୍ଟ, ଲେନ୍ ରେଗ୍‌ପାଲା, ଗ୍ରେସ୍ ଟି ବାଲାୱାଗ୍, ବୋରୋମେଓ ମୋଟିନ୍, ବାନି ଲାସିମ୍‌ବାଙ୍ଗ, କଞ୍ଜରଭେସନ୍ ଆଣ୍ଡ ଇଣ୍ଡିଜେନସ୍ ପିପୁଲ୍ - ଆସେସିଙ୍ଗ ଦି ପ୍ରୋଗ୍ରେସ ସିନ୍‌ସ ଡର୍ବାନ୍, *ଏଫ୍.ପି.ପି. ସିରିଜ୍ ଅନ୍ ଫରେଷ୍ଟ ପିପୁଲ୍ସ ଆଣ୍ଡ ପ୍ରୋଟେକ୍ଟେଡ୍ ଏରିଆଜ୍*
- ଫରେଷ୍ଟ ପିପୁଲ୍ସ ପ୍ରୋଗ୍ରାମ୍, ଆଇ.ସି.ୟୁ.ଏନ୍ ରିଜୋଲୁସନ୍‌ସ ଆଣ୍ଡ ରେକମେଣ୍ଡେସନ୍ ଅନ୍ ଇଣ୍ଡିଜେନସ୍ ପିପୁଲ୍ – ଏ କମ୍ପାରେଟିଭ ଟେବୁଲ

- ଆଇ.ସି.ୟୁ.ଏନ୍  କମିଶନ୍ ଅନ୍ ଏନ୍‌ଭରେନ୍‌ମେଣ୍ଟ, ଇକୋନୋମିକ୍ସ ଆଣ୍ଡ ସୋସିଆଲ୍ ପଲିସି,  କଞ୍ଜରଭେସନ ଆଣ୍ଡ ହ୍ୟୁମାନ ରାଇଟ୍‌ସ, ଉନ୍ ପଲିସି ମ୍ୟାଟର୍‌ସ, ଇସ୍ୟୁ ୧୫, ଜୁଲାଇ ୨୦୦୭
- ମାର୍କ୍ୟୁସ୍ କୋଲ୍‌ଚେଷ୍ଟର, ୨୦୦୩, ସାଲ୍‌ଭେଜିଙ୍ଗ ନେଚର - ଇଣ୍ଡିଜେନସ୍ ପିପୁଲ୍, ପ୍ରୋଟେକ୍ଟେଡ୍ ଏରିଆଜ୍ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ୍, ଇଂଲଣ୍ଡ, ଡବ୍ଲ୍ୟୁ.ଆର୍.ଏମ୍ ଆଣ୍ଡ ଏଫ୍.ପି.ପି
- ଗାଇଡ୍‌ଲାଇନ୍ ଫର୍ ଆପ୍ଲାଇଙ୍ଗ ପ୍ରୋଟେକ୍ଟେଡ୍ ଏରିଆଜ୍ ମ୍ୟାନେଜ୍‌ମେଣ୍ଟ କାଟେଗୋରିଜ୍, ଡୁଡ୍‌ଲେ, ନାଇଜେଲ୍, ସୁଇଜରଲାଣ୍ଡ, ଆଇ.ୟୁ.ସି.ଏନ୍


**ମଡ୍ୟୁଲ୍ – ୧୧**


- ସି.ବି.ଡି କାର୍ଯ୍ୟକାରୀତାର ସମୀକ୍ଷା - ପାୱାରପଏଣ୍ଟ, (UNEP/CBD/COP8/4/Rev 1)
- ନେସନାଲ୍ ବାୟୋଡାଇଭରସିଟି ଷ୍ଟ୍ରାଟେଜିସ୍ ଆଣ୍ଡ ଆକ୍ସନ ପ୍ଲାନ୍ (ଏନ୍.ବି.ଏସ.ଏ.ପି), http://www.cbd.int/nbsap/.
- ଫିଲିପିନ୍‌ସ ପଦ୍ଧତି ଏବଂ କାର୍ଯ୍ୟକ୍ରମ, http:// www.psdn.org.ph/nbsap/page9.html.
- ରିପବ୍ଲିକ୍ ଅଫ୍ ଫିଲିପିନ୍‌ସ, ଆସେସିଙ୍ଗ ପ୍ରୋଗ୍ରେସ୍ ଟୁୱାର୍ଡସ ଦି ୨୦୧୦ ବାୟୋଡାଇଭରସିଟି ଟାର୍ଗେଟ - ଦି ଫୋର୍ଥ ନେସନାଲ ରିପୋର୍ଟ ଟୁ ଦି ସି.ବି.ଡି, ୨୦୦୯, http://www.cbd.int/doc/world/ph/ph-nr-04-en.pdf.
- ଫରେଷ୍ଟ ପିପୁଲ୍‌ସ ପ୍ରୋଗ୍ରାମ୍, ୨୦୦୯, ପ୍ରୋଟେକ୍ଟିଙ୍ଗ ଆଣ୍ଡ ଏନ୍‌କରେଜିଙ୍ଗ ଟ୍ରାଡିସିନାଲ୍ ସଷ୍ଟେନେବୁଲ୍ ୟୁଜ୍ ଇନ୍ କାମେରୁନ୍ – କ୍ଷୁମାରି ୟୁଜ୍ ଅଫ୍ ବାୟୋଲୋଜିକାଲ୍ ରିସୋର୍ସେସ ବାଇ ଲୋକାଲ୍ ଆଣ୍ଡ ଇଣ୍ଡିଜେନସ୍ ପିପୁଲ୍‌ସ ଇନ୍ ୱେଷ୍ଟର୍ଣ୍ଣ ଜା ରିଜର୍ଭ, କାମେରୁନ୍, http://www.forestpeoples.org/documents/africa/cameroon_trad_use_aug05_eng.pdf.
- ଫରେଷ୍ଟ ପିପୁଲ୍‌ସ ପ୍ରୋଗ୍ରାମ୍, ୨୦୧୦, କଷ୍ଟମାରୀ ସଷ୍ଟେନେବୁଲ୍ ୟୁଜ୍ ଅଫ୍ ବାୟୋଡାଇଭର୍‌ସିଟି ବାଇ ଇଣ୍ଡିଜେନସ୍ ପିପୁଲ ଆଣ୍ଡ ଲୋକାଲ୍ କମ୍ୟୁନିଟି – ଏକଜାମ୍ପିଲ୍‌ସ, ଚାଲେଞ୍ଜେସ୍ ଆଣ୍ଡ ରେକମେଣ୍ଡେସନ୍‌ସ ରିଲେଟିଙ୍ଗ ଟୁ ସି.ବି.ଡି, ଆର୍ଟିକିଲ୍ ୧୦ (ସି), ୱାର୍କିଂ ଡ୍ରାଫ୍ଟ ଅଫ୍ ଏ ସିନ୍ଥେସିସ ପେପର୍ ବେସ୍‌ଡ ଅନ୍ କେସ୍‌ଷ୍ଟଡିଜ୍ ଫ୍ରମ ବାଂଲାଦେଶ, କାମେରୁନ୍, ଗୁଏନା, ସୁରୁନେମ୍, ଆଣ୍ଡ ଥାଇଲାଣ୍ଡ, http://www.forestpeoples.org/documents/conservation/10c_synthesis_draft_apr10_eng.pdf.


**ମଡ୍ୟୁଲ୍ – ୧୨**


- ଜୈବବିବିଧତା ସମ୍ମିଳନୀର ପର୍ଯ୍ୟାବରଣ ପଦ୍ଧତି - ପାୱାରପଏଣ୍ଟ
- ବିଗିନର୍‌ସ - ପର୍ଯ୍ୟାବରଣ ପଦ୍ଧତି ପାଇଁ ସହାୟକ ପୁସ୍ତିକା, http://www.cbd.int/doc/programmes/cro-cut/eco/eco-guide-be-en.pdf
- ଅନୁଚ୍ଛେଦ ୮ (ଜେ) ଏବଂ ତତ୍‌ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ଷଷ୍ଠ ବୈଠକର ରିପୋର୍ଟ, (UNEP/CBD/COP/10/2)." 2 - 6 November 2009, Montreal,Canada. http://www.cbd.int/doc/meetings/cop/cop-10/official/cop-10-02-en.doc.

## ମଡ୍ୟୁଲ୍ – ୧୩


- ରିପୋର୍ଟ ଅଫ୍ ଦି ସେକ୍ରେଟେରିଏଟ୍ ଅନ୍ ଇଣ୍ଡିଜେନସ୍ ଟ୍ରାଡିସନାଲ ନଲେଜ୍ ଟୁ ଦି ସିକ୍ସଥ ସେସନ ଅଫ୍ ଦି ପରମାନେଣ୍ଟ ଫୋରମ୍ ଅଫ୍ ଇଣ୍ଡିଜେନ୍ ଇସ୍ୟୁ, ନ୍ୟୁୟର୍କ, ୧୪-୨୫ ମେ ୨୦୦୭
- ଷ୍ଟଡି ଅନ୍ କମ୍ପ୍ଲିଆନ୍ସ ଇନ୍ ରିଲେସନ ଟୁ ଦି କଷ୍ଟମାରି ଲ ଅଫ୍ ଇଣ୍ଡିଜେନସ ଆଣ୍ଡ ଲୋକାଲ୍ କମ୍ୟୁନିଟିଜ୍, ନେସନାଲ୍ ଲ, ଆକ୍ରସ ଜୁରିସ୍‌ଡିକ୍ସନ ଆଣ୍ଡ ଇଣ୍ଟରନେସନାଲ ଲ, କର୍ତ୍ତୃତ୍ୱ ଏବଂ ଲାଭାଂଶ ବଣ୍ଟନ ସଂପର୍କିତ ଅସ୍ଥାୟୀ ମୁକ୍ତ କାର୍ଯ୍ୟକାରୀ ଦଳର ୭ମ ବୈଠକ ନିମନ୍ତେ ପ୍ରସ୍ତୁତ , ପ୍ୟାରିସ୍, ୨-୮ ଅପ୍ରେଲ୍, ୨୦୦୯
- ରିପୋର୍ଟ ଅଫ୍ ଦି ଇଣ୍ଟରନେସନାଲ ସେମିନାର ଅନ୍ ସିଷ୍ଟମ୍ ଫର୍ ଦି ପ୍ରୋଟେକ୍ସନ୍ ଆଣ୍ଡ କମର୍ସିଆଲାଇଜେସନ ଅଫ୍ ଟ୍ରାଡିସିନାଲ୍ ନଲେଜ, ନୂଆଦିଲ୍ଲୀ, ୩-୫ ଅପ୍ରେଲ ୨୦୦୨, http://www.unctad.org/trade_env/test1/meetings/delhi/Report.New%20Delhi.final.doc.
- ଡୁନୋଙ୍ଗ ଏଟ୍ ବାଟାସ୍, ପାରଂପରିକ ଜ୍ଞାନ ଏବଂ କୌଳିକ ନୀୟମର ଡକ୍ୟୁମେଣ୍ଟେସନ୍, ୨୦୧୦, ବାଗୁଇଓ ସିଟି, ଟେବ୍‌ଟେବା ଫାଉଣ୍ଡେସନ୍
- ଟାମାୟୋ, ଆନ୍ ଲୋରେଟୋ ଆଣ୍ଡ ମାଉରାଇସ୍ ମାଲାନେସ୍, ଆୱାର ହାର୍ଭେଷ୍ଟ ଇନ୍ ପେରିଲ୍, ଏ ସୋର୍ସବୁକ୍ ଅନ୍ ଇଣ୍ଡିଜେନସ୍ ପିପୁଲ୍ସ ଫୁଡ ସିକ୍ୟୁରିଟି, କେଜୋନ୍ ସିଟି, ଇ.ଇ.ଡି ଫିଲିପିନ୍ସ ପାର୍ଟନର୍ସ ଟାସ୍କଫୋର୍ସ ଫର୍ ଇଣ୍ଡିଜେନସ୍ ପିପୁଲ୍ସ ରାଇଟ୍ସ
- ପ୍ରମୋଟିଙ୍ଗ ଇଣ୍ଡିଜେନସ୍ ନଲେଜ ଫର୍ ଫୁଡ ସିକ୍ୟୁରିଟି, ଟାମାୟୋ, ଆନ୍ ଲୋରେଟୋ ଆଣ୍ଡ ମାଲୋଉ ଡେମେଟିଲୋ, ୨୦୦୯, ଇ.ଇ.ଡି ଫିଲିପିନ୍ସ ପାର୍ଟନର୍ସ ଟାସ୍କଫୋର୍ସ ଫର୍ ଇଣ୍ଡିଜେନସ୍ ପିପୁଲ୍ସ ରାଇଟ୍ସ
- ଇଣ୍ଡିଜେନସ୍ ପିପୁଲ୍ସ କନସର୍ନ ଅନ୍ ଦି ସି.ବି.ଡି - ପାୱାରପଏଣ୍ଟ, କାରିନୋ, ଜୋଜି


## ମଡ୍ୟୁଲ୍ – ୧୪


- ଜୈବବିବିଧତା ସମ୍ମେଳନ ର ଅଷ୍ଟମ ବୈଠକରେ ଅଂଶଗ୍ରହଣକାରୀ ମାନଙ୍କ ନିଷ୍ପତ୍ତି ସବୁ, (UNEP/CBD/COP/DEC/VIII/6). Curitiba, Brazil,arch 2006. http://www.cbd.int/decisions/?id=11018.
- ଜୈବବିବିଧତା ସମ୍ମେଳନ ଆଧାରିତ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟକ୍ରମ - ପାୱାରପଏଣ୍ଟ
- ପରିଚ୍ଛେଦ ୧୩ ( ଜନଶିକ୍ଷା ଓ ସଚେତନତା ) ରେ ଜୈବବିବିଧତା ସମ୍ମେଳନର ଅଂଶଗ୍ରହଣକାରୀଙ୍କ ନିଷ୍ପତ୍ତି ଏବଂ ସି.ଇ.ପି.ଏ ସଂପର୍କିତ ଆଇ.ଆଇ.ଏଫ୍.ବି ର କାର୍ଯ୍ୟଭୁକ୍ତ ଦଳ, ୨୦୦୯, ବାଗୁଇଓ ସିଟି, ଟେବ୍‌ଟେବା ଫାଉଣ୍ଡେସନ୍
- ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ କାର୍ଯ୍ୟକାରୀ କରିବା କାର୍ଯ୍ୟକ୍ରମ ସମୂହ, ଜୈବବିବିଧତା ସମ୍ମିଳନୀ ସଚିବାଳୟ, http://www.cbd.int/iyb/doc/iyb-implementation-planen.pdf.
- ଆନ୍ତର୍ଜାତୀୟ ଜୈବବିବିଧତା ବର୍ଷକୁ ସ୍ୱାଗତ କରିବା, ଜୈବବିବିଧତା ସମ୍ମିଳନୀ ସଚିବାଳୟ, http://www.cbd.int/2010/about/.

**ଅଧ୍ୟାୟ – (ଘ), ଶିକ୍ଷଣ ସାମଗ୍ରୀ ଏବଂ ପଦ୍ଧତି**

- ରୋଭିଲୋସ୍ ରେମୁଣ୍ଡୋ - ଆଉଟ୍ ଲାଇନ୍ ଅଫ୍ ଏ ଟ୍ରେନିଂ ମ୍ୟାଟେରିଆଲ୍ ଅଣ୍ ମଡ୍ୟୁଲ୍ ମେକିଂ, ୨୦୦୬ ବ୍ରାଜିଲ୍ ର କ୍ୟୁରିସିବା ଆଦିମ ଅଧିବାସୀ ପ୍ରଶିକ୍ଷକ ମାନଙ୍କ କର୍ମଶାଳାରେ ପ୍ରଦର୍ଶିତ ପାୱାରପଏଣ୍ଟ ।
- ଲାଇଫ୍ ମୋଜାଇକ୍ ଆଣ୍ଡ ଡେବ୍‌ଟେବା, ଫିଲ୍ମ – ଫେଭର.ଫାଇବର୍
- ଟେମାଟେଆ ସମସ୍ୟା ଆଧାରିତ ମଡ୍ୟୁଲ, ଗ୍ଲୋବାଲ ବାୟୋଡାଇଭରସିଟି ଆଉଟ୍‌ଲୁକ୍, ସି.ବି.ଡି ର ସମସ୍ତ ବହି, ବିଶ୍ୱ ସଂରକ୍ଷଣ ସଂଗଠନ ( ଆଇ.ୟୁ.ସି.ଏନ୍ )ର ପଶୁପାଳନ ଓ ଜଙ୍ଗଲ ଆଦି ସଂପର୍କିତ ପୁସ୍ତକ
- ଟେମାଟେଆ ଜୈବବିବିଧତା ସଂପର୍କିତ ସମ୍ମିଳନୀ ଗୁଡିକରର ସଙ୍ଗତିପୂର୍ଣ୍ଣ କାର୍ଯ୍ୟକାରୀତା ନିମନ୍ତେ ସମସ୍ୟା ଆଧାରିତ ମଡ୍ୟୁଲ, http://www.tematea.org/?q=node/960.
- ଗ୍ଲୋବାଲ ବାୟୋଡାଇଭରସିଟି ଆଉଟ୍‌ଲୁକ୍ – ୨, ଜୈବବିବିଧତା ସମ୍ମିଳନୀ ସଚିବାଳୟ, ୨୦୦୬, ମଣ୍ଟ୍ରିଲ୍, http://www.cbd.int/doc/gbo/gbo2/cbd-gbo2-en.pdf.
- ପଶୁପାଳନ, http://www.iucn.org/wisp/pastoralist_portal/pastoralism/.
- ଶୁଷ୍କାଞ୍ଚଳ ଏବଂ ପଶୁପାଳନ, http://www.iucn.org/wisp/pastoralist_portal/drylands_and_pastoralism/.
- ପାଷ୍ଟୋରାଲିଜମ୍, ନେଚର କଂଜରଭେସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ - ଏ ଗୁଡ୍ ପ୍ରାକ୍ଟିସ୍ ଗାଇଡ୍, ଜୈବବିବିଧତା ସମ୍ମିଳନୀ ସଚିବାଳୟ,୨୦୧୦, ମଣ୍ଟ୍ରିଲ୍